ବିରହୋର୍



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ବିରହୋର



ମୂଳ ଙ୍ଗରାଜୀ
ଅଖିଳ ବିହାରୀ ଓତା
ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ପ୍ରସ୍ତାବନା



ବିର୍‌ହୋର୍‌ମାନେ ଯାଯାବର, ନିରାଡ଼ମ୍ବର, ଈଶ୍ୱର ଭୟାଳୁ ଓ ସ୍ୱଳ୍ପଜ୍ଞାତ ପ୍ରାଚୀନତମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ । ଏମାନେ ଗୋଷ୍ଠୀ ଜୀବନଯାପନ କରନ୍ତି । ସେମାନେ ଅର୍ଦ୍ଧ ଭ୍ରମଣଶୀଳ, ଆଦିମ ଓ ଶିକାରଜୀବୀ ଅଟନ୍ତି । ସେମାନଙ୍କ ଜୀବନ ଧାରା ଓ ଶୈଳୀ ଜଙ୍ଗଲ ପରିବେଶରେ ଆଦି ମାନବର ଚଳଣି ସଂପର୍କରେ ସୂଚନା ଦିଏ । ବିର୍‌ହୋର୍‌ ଦୁଇଟି ସ୍ୱତନ୍ତ୍ର ଶବ୍ଦର ମିଶ୍ରିତ ରୂପ । ବିର୍‌ ଅର୍ଥ ଜଙ୍ଗଲ । ହୋର୍‌(ହଲ୍‌ / ହଡ୍‌) ଅର୍ଥ ମାନବ । ଏହି କାରଣରୁ ସେମାନେ ନିଜକୁ ଜଙ୍ଗଲୀ ମଣିଷ କୁହନ୍ତି । ବସତି ଭେଦରେ ବିର୍‌ହୋର୍‌ ଜନଜାତି ମଧ୍ୟରେ ଦୁଇଟି ସାମାଜିକ ଗୋଷ୍ଠୀ ଦେଖାଯାଏ । ଗୋଟିଏ ଜାଘି ବା ସ୍ଥାୟୀ ବସତି ଗୋଷ୍ଠୀ । ଅନ୍ୟଟି ଉଥ୍‌ଲୁ ବା ଭ୍ରମଣଶୀଳ ଗୋଷ୍ଠୀ ।

ବିର୍‌ହୋର୍‌ ମାନେ ମୁଣ୍ଡା, ସାନ୍ତାଳ, ହୋ ଓ ଭୂମିଜଙ୍କ ପରି ମୂଳ ଉତ୍ସରୁ ଉଦ୍‌ଭୂତ । ସୂର୍ଯ୍ୟ ସେମାନଙ୍କ ପାଇଁ ଆଦିମୂଳ । ସେମାନେ ସୂର୍ଯ୍ୟଙ୍କର ବଂଶଧର । ଏମାନଙ୍କର କଥିତ ଭାଷା ଅଷ୍ଟ୍ରୋ-ଏସିଆଟିକ୍‌ ଭାଷା ପରିବାରର ଏକ ଉପଭାଷା । ସାନ୍ତାଳୀ ଓ ହୋ ଭାଷା ସହିତ ସମନ୍ୱାନ୍ୱିତ । ଏମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ଭାଷା ସହିତ ଅଭ୍ୟସ୍ତ ।










୨୦୦୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ଏହି ସଂଖ୍ୟାନ୍ୟୂନ ଗୋଷ୍ଠୀର ସମୁଦାୟ ସଂଖ୍ୟା ୭୦୨ । ଏମାନଙ୍କ ମଧ୍ୟରୁ ୩୪୦ଜଣ ମହିଳା ଓ ୩୬୨ ଜଣ ପୁରୁଷ । ୧୯୯୧ରୁ ୨୦୦୧ ମଧ୍ୟରେ ଏହି ଗୋଷ୍ଠୀର ଜନସଂଖ୍ୟା ବୃଦ୍ଧି ହାର ନିମ୍ନମୁଖୀ (୧୪.୯୧ ପ୍ରତିଶତ) ଲିଙ୍ଗ ଭେଦରେ ପ୍ରତି ହଜାର ପୁରୁଷରେ ୯୩୯ ଜଣ ନାରୀ । ସେମାନଙ୍କ ମଧ୍ୟରେ ସାକ୍ଷରତା ହାର ଶତକଡ଼ା ୨୩.୨୦ । ପୁରୁଷ ସାକ୍ଷରତା ହାର ୨୯.୯୭% ଓ ମହିଳା ସାକ୍ଷରତା ହାର ୧୬.୨୪% ।


ଶାରୀରିକ ଗଢ଼ଣରେ ବିର୍‌ହୋର୍‌ମାନେ ଗେଡା । ସେମାନଙ୍କ ଦେହର ରଙ୍ଗ କଳା । ଲମ୍ବାଳିଆ ମୁଣ୍ଡ, ଓସାରିଆ ଚେପ୍‌ଟା ନାକ, ମୋଟା ଓଠ, କୁଞ୍ଚୁ କୁଞ୍ଚୁଆ ବାଳ, ଢିଲା ବାହୁ ଓ ଧନୁ ପରି ସାମାନ୍ୟ ବଙ୍କା ଗୋଡ । ବିର୍‌ହୋର୍‌ମାନେ ବଣରୁ ମାଙ୍କଡ଼ ଧରିବାରେ ସିଦ୍ଧହସ୍ତ । ଭିନ୍ନତଃ ସେମାନଙ୍କୁ ମାଙ୍କଡ଼ିଆ ବା ମାଙ୍କିଡ଼ି ମଧ୍ୟ କହିଥାନ୍ତି । ମାଙ୍କିଡ଼ିଆ, ମାଙ୍କିଡ଼ି ଓ ବିର୍‌ହୋର୍‌ ତିନୋଟି ଯାକ ନାମ ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ଏହି ତିନିଗୋଷ୍ଠୀର ସଂସ୍କୃତି ଚଳଣି ଏକାପ୍ରକାରର । ତିନି ଭିନ୍ନ ନାମ ଥାଇ ଏକ ଗୋଷ୍ଠୀଭୁକ୍ତ ଏହି ଶିକାରୀଗୋଷ୍ଠୀ ମୁଣ୍ଡା ଗୋଷ୍ଠୀର ଭାଷା କହିବା ସହିତ ପରସ୍ପର ବୈବାହିକ ସଂପର୍କ ସ୍ଥାପନ କରି ସମାନ ସାଂସ୍କୃତିକ ଜୀବନଚର୍ଯ୍ୟା ଭିତରେ ଚଳନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିର୍‌ହୋର୍‌ମାନଙ୍କ ଲକ୍ଷଣକୁ ବିଶ୍ଳର କରି ସେମାନଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେଇଛନ୍ତି । ବିଶେଷ କରି ସେମାନଙ୍କ ଠାରେ ପରିଦୃଷ୍ଟ ଅବିକଶିତ ଓ ପ୍ରାଚୀନ ଜୀବନଶୈଳୀରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସେମାନଙ୍କୁ ସ୍ୱତନ୍ତ୍ର ସହାୟତା ଦେବାପାଇଁ ଆଦିମ ଆଦିବାସୀ ଗୋଷ୍ଠୀ ଭାବରେ ଚିହ୍ନିତ କରାଯାଇଛି ।

ଗତାନୁଗତିକ ବେଶଭୂଷାରେ ସାନ୍ତାଳ, ହୋ ଓ କୋହ୍ଲ ଜନଜାତିଙ୍କ ପୋଷାକ ଶୈଳୀକୁ ସେମାନେ ଆପଣେଇ ନେଇଛନ୍ତି । ବିର୍‌ହୋର୍‌ ପୁରୁଷଙ୍କର ପରିଧେୟ ହେଉଛି ଅଣଓସାରିଆ ଧୋତି ଓ ଗାମୁଛା । ମହିଳାମାନେ ତନ୍ତବୁଣା ଶାଢ଼ି ପିନ୍ଧନ୍ତି । ସ୍ଥାନୀୟ ତନ୍ତୀ ଦ୍ୱାରା ପ୍ରସ୍ତୁତ ତନ୍ତବୁଣା ଛକପକା ରଙ୍ଗୀନ ବସ୍ତ୍ର ବ୍ୟବହାର କରନ୍ତି । ଆଜିକାଲି ବିର୍‌ହୋର୍‌ ପୁରୁଷ ପ୍ୟାଣ୍ଟ, ସାର୍ଟ ଓ ଗଞ୍ଜି ପିନ୍ଧୁଛନ୍ତି । ସେହିପରି ମହିଳାମାନେ ସାୟା ଓ ବ୍ଲାଉଜ ବ୍ୟବହାର କରୁଛନ୍ତି । ମହିଳାମାନେ ସେମାନଙ୍କ ଶରୀରକୁ ସୁନ୍ଦର ଭାବରେ ସଜେଇବା ପାଇଁ ଚିତା କୁଟାନ୍ତି ।










ମହିଳାମାନେ ସାଧାରଣତଃ ଅଳ୍ପ ଅଳଙ୍କାରରେ ନିଜ ଶରୀରକୁ ମଣ୍ଡନ କରିଥାନ୍ତି । ସେମାନେ ଟଙ୍କାମାଳ ଚୁଡ଼ି, କାଚମାଳି ଓ ଶସ୍ତା ଧାତୁ ନିର୍ମିତ ଅଳଙ୍କାର ପିନ୍ଧନ୍ତି । ବିଶେଷ କରି ପୂଜା ପରବ ଓ ଧର୍ମ ଉତ୍ସବ ପାଳନ କରାଯାଉଥିବା ସମୟରେ ଏପରି ସାଜସଜ୍ଜା ହୋଇଥିବାର ଦେଖାଯାଏ ।


























ଭ୍ରାମ୍ୟମାଣ ବସତି :



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଛୋଟନାଗପୁର ମାଳଭୂମି ବିର୍‌ହୋର୍‌ମାନଙ୍କର ମୂଳ ବସତି ରୂପେ ପରିଗଣିତ । ସେଠାରୁ ସେମାନେ ଓଡ଼ିଶାର ବିଭିନ୍ନ ଅଂଚଳକୁ ପ୍ରସାରିତ ହୋଇ ପାହାଡ଼, ପର୍ବତ ଓ ଜଙ୍ଗଲ ପରିବେଷ୍ଟିତ ଅଂଚଳରେ ଅସ୍ଥାୟୀ ବସତି ସ୍ଥାପନ କରି ବସବାସ କରୁଛନ୍ତି । ଏବେ ବିର୍‌ହୋର୍‌ମାନେ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଓଡ଼ିଶାରେ ଦେଖାଯାଆନ୍ତି । ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଏମାନେ ବଣ ଜଙ୍ଗଲରେ ଚଲାଫେରା କରନ୍ତି । ଅସ୍ଥାୟୀ ପତ୍ର କୁଡ଼ିଆରେ ରହନ୍ତି । ଏହି ପତ୍ରକୁଡ଼ିଆକୁ ସେମାନେ କୁମ୍ବା କୁହନ୍ତି ।




ସେମାନେ ଛୋଟ ଛୋଟ ଦଳ ଗଠନ କରନ୍ତି । ପ୍ରତି ଦଳରେ ୮ରୁ ୧୫ଟି ପରିବାର ଥାଆନ୍ତି । ପରସ୍ପର ଭିତରେ ଜ୍ଞାତି କୁଟୁମ୍ବର ସଂପର୍କ ଥାଏ । ସେମାନଙ୍କର ଜୀବନ ଯାତ୍ରା ନିର୍ବାହ ପାଇଁ ପୁଷ୍ଟ ଶିଆଳୀ ଲତା ଅନ୍ୱେଷଣ ତଥା ମାଙ୍କଡ଼ ଶିକାର ଲକ୍ଷ୍ୟରେ ବାରମ୍ବାର ନିଜର ରହଣୀ ସ୍ଥଳ ପରିବର୍ତ୍ତନ କରିଥାନ୍ତି । ସ୍ଥାନାନ୍ତରଣ ସମୟରେ ସେମାନେ ରୋଗୀ, ବୃଦ୍ଧ, ଭିନ୍ନକ୍ଷମ, ପଶୁ, ପକ୍ଷୀ ଓ ବ୍ୟବହାର କରୁଥିବା ସମସ୍ତ ଘରକରଣା ଆସବାବପତ୍ରଗୁଡ଼ିକୁ ନୂତନ ବସତି ସ୍ଥଳକୁ ନେଇ ଯାଆନ୍ତି ।










ବିର୍‌ହୋର୍‌ମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଓଡ଼ିଶାର ଅନୁଗୁଳ, ବାଲେଶ୍ୱର, ଦେଓଗଡ଼, ଢେଙ୍କାନାଳ, ଯାଜପୁର, କେଉଁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଯାଆନ୍ତି । କେବେ କେବେ ସେମାନେ ବଣ ପାହାଡ଼ ଓ ରାଜ୍ୟ ସୀମା ଅତିକ୍ରମ କରି ପଡୋଶୀ ରାଜ୍ୟକୁ ଚ୍ଲିଯାଆନ୍ତି । ଖାଦ୍ୟ ସଂଗ୍ରହ, ଦଉଡି ତିଆରି କରିବା ପାଇଁ ଶିଆଳୀ ଲତା ସଂଗ୍ରହ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥାଏ । ଏହାବ୍ୟତୀତ ବିବାହ ନିମନ୍ତେ ଜୀବନସାଥୀ ଖୋଜିବା ମଧ୍ୟ ଅନ୍ୟତମ ଲକ୍ଷ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ ସେମାନେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରୁ ପଶ୍ଚିମବଙ୍ଗର ହଜାରୀବାଗ ଜିଲ୍ଲାକୁ ଓ ଝାଡଖଣ୍ଡ ରାଜ୍ୟର ଟାଟା ନଗର ଅଞ୍ଚଳକୁ ଚ୍ଲିଯାଇ ଦୁଇ ତିନି ବର୍ଷ ପରେ ପୁଣି ଫେରିଆସନ୍ତି ।

ବିର୍‌ହୋର୍‌ମାନେ ଗ୍ରାମ ସୀମାରେ ଥିବା ଜଙ୍ଗଲ ସନ୍ନିକଟ ଅଞ୍ଚଳ ଅଥବା ହାଟ ବଜାର ସୁବିଧା ଥିବା ଅଞ୍ଚଳରେ ନିଜର ଟାଣ୍ଡା ବସାଇବାକୁ ଅଧିକ ପସନ୍ଦ କରନ୍ତି । ବଜାର ନିକଟବର୍ତ୍ତୀ ଅଞ୍ଚଳରେ ବାସ କରିବାଦ୍ୱାରା ସେମାନଙ୍କୁ ଶିଆଳୀ ଲତାର ଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବାକୁ ସୁବିଧା ହୁଏ । ସେମାନେ ଯେଉଁଠି ସେଇଠି ଟାଣ୍ଡା ନ ବସାଇ ପ୍ରଥମେ ଉତ୍ତମ ଅନୁକୂଳ ପରିବେଶ ଥିବା ସୁନ୍ଦର ବାସୋପଯୋଗୀ ଜାଗାଟିଏ ବାଛନ୍ତି । ସାମାଜିକ ପରଂପରା ଅନୁଯାୟୀ ସେଠାରେ ଧାର୍ମିକ ପୂଜା କର୍ମ ସଂପାଦନ କରି କୁମ୍ବା ତିଆରି କରନ୍ତି । ଗୋଟିଏ ଟାଣ୍ଡାରେ ପ୍ରାୟତଃ ୧୦ ବା ୧୨ଟି ପରିବାରର କୁମ୍ବା ନିର୍ମିତ ହୋଇଥାଏ । ଏଥିରେ ପ୍ରାୟ ୫୦ ପାଖାପାଖି ଲୋକ ବାସ କରିବାର ଦେଖାଯାଏ । ପ୍ରତି ପରିବାର ସେମାନଙ୍କ ନିଜର କୁମ୍ବା (ପତ୍ର କୁଡ଼ିଆ) ତିଆରି କରିଥାନ୍ତି । ଏହାବ୍ୟତୀତ ପୂର୍ବପୁରୁଷଙ୍କ ଆତ୍ମାଙ୍କ ରହଣୀସ୍ଥଳ ଭାବରେ ଛୋଟ କୁମ୍ବାଟିଏ ଥାଏ । ଅବିବାହିତ ଯୁବକମାନେ ଡୁଗୁଲାରେ ଓ ଅବିବାହିତା ଯୁବତୀମାନେ କୁଡି ଅଡାରେ ରାତ୍ରି ଯାପନ କରନ୍ତି ।










ବର୍ଷାଋତୁ ତୁଳନାରେ ଗ୍ରୀଷ୍ମ ଓ ଶୀତ ଋତୁରେ ବିର୍‌ହୋର୍‌ମାନେ ସେମାନଙ୍କର ବସତିସ୍ଥାନପରିବର୍ତ୍ତନ କରନ୍ତି । ମୌସୁମୀ ସମୟରେ ସେମାନେ ନିଜର ବସତିସ୍ଥଳ ବାରମ୍ବାର ନ ବଦଳାଇ ମାସାଧିକ କାଳ କୃଷିଗ୍ରାମ ଅଥବା ସାପ୍ତାହିକ ବଜାରସ୍ଥଳୀ ସନ୍ନିକଟରେ ରହିଯାଆନ୍ତି । ଜଙ୍ଗଲରୁ ମିଳୁଥିବା ଖାଦ୍ୟୋପଯୋଗୀ ପଦାର୍ଥ ଓ ଦଉଡି ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ କଞ୍ଚାମାଲ ସଂଗ୍ରହ ଲକ୍ଷ୍ୟରେ ବାରମ୍ବାର ନିଜର ବସତିସ୍ଥଳ ପରିବର୍ତ୍ତନ କରିବାରେ ସେମାନେ ଅଭ୍ୟସ୍ତ ହୋଇଯାଆନ୍ତି । ଏହି ସମୟରେ ସେମାନେ ଜଙ୍ଗଲ ସଂପଦ ସଂଗ୍ରହରେ ମନୋନିବେଶ ନ କରି ସ୍ଥାନୀୟ କୃଷକମାନଙ୍କ କ୍ଷେତରେ ଦିନ ମଜୁରିଆ ଭାବରେ କୃଷି କର୍ମରେ ମଧ୍ୟ ନିୟୋଜିତ ହୁଅନ୍ତି ।













ଜଙ୍ଗଲ ଜାତ ଦ୍ରବ୍ୟର ସୁଲଭତା ଅଭାବରୁ ବିର୍‌ହୋର୍‌ମାନେ ସେମାନଙ୍କର ଟାଣ୍ଡା ଥରକୁ ଥର ପରିବର୍ତ୍ତନ କରନ୍ତି । ସେମାନେ ବାସ କରୁଥିବା ଅଞ୍ଚଳରେ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟର ଗ୍ରହିଦା କମିଲେ ନିଜର ବସତିସ୍ଥଳ ବଦଳାଇ ଆଉ ଏକ ନୂତନ ସ୍ଥାନର ସନ୍ଧାନରେ ବାହାରି ପଡନ୍ତି । ଟାଣ୍ଡା ବାସିନ୍ଦାଙ୍କ ଅକାଳମୃତ୍ୟୁ, ଅଥବା ଅଳ୍ପ ବୟସରେ କାହାର ମୃତ୍ୟୁ ଘଟିଲେ ସେ ସ୍ଥାନର ଅଶୁଭତାକୁ ବିଗ୍‌ରକୁ ନେଇ ବିଶ୍ୱାସକୁ ଆଧାରରେ ନିଜର ବସତି ସ୍ଥଳ ବଦଳାଇ ଦିଅନ୍ତି । ବିବାହ ସଂପର୍କକୁ କେନ୍ଦ୍ର କରି ବିବାଦ ଉପୁଜିଲେ ଅଥବା ଅନ୍ୟ ଏକ ଟାଣ୍ଡାରେ ନିଜର କୌଣସି ଆତ୍ମୀୟଙ୍କର ଧାର୍ମିକ ପୂଜା ଆଦି ଅନୁଷ୍ଠାନରେ ଯୋଗ ଦେବା ଉଦ୍ଦେଶ୍ୟରେ ସେମାନେ ମଧ୍ୟ ନିଜର ସ୍ଥାନ ପରିବର୍ତ୍ତନ କରିଥାନ୍ତି ।





କୁମ୍ଭା

ବିର୍‌ହୋର୍‌ମାନଙ୍କ ପତ୍ରକୁଡ଼ିଆକୁ କୁମ୍ଭା କୁହାଯାଏ । ଏହା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଓ ଆକାର ଗମ୍ବୁଜପରି । ଶୁଖିଲା ଗଛ ଡାଳରେ କୁମ୍ଭା ପାଇଁ ଛାଞ୍ଚଟିଏ ତିଆରି କରି ତା'ର ଉପରିଭାଗକୁ ଶାଳପତ୍ର ଦ୍ୱାରା ଆବୃତ କରି ସରୁ ଶିଆଳୀ ଲତାରେ ଗୁନ୍ଥି ଦିଆଯାଏ ଯେପରି କୁମ୍ଭାଟି ବାସୋପଯୋଗୀ ହେବ । ଗୋଟିଏ କୁମ୍ଭାର ଉଚ୍ଚତା ୫ ଫୁଟ ପାଖାପାଖି । ପ୍ରବେଶ ଦ୍ୱାରକୁ ତିନିଫୁଟ ଦୈର୍ଘ୍ୟ ଓ ତିନି ଫୁଟ ପ୍ରସ୍ଥ ବିଶିଷ୍ଟ ସରୁ ସରୁ ବତାରେ ଗୋଟିଏ ଡାଟି ତିଆରି କରି ବନ୍ଦ କରାଯାଏ ।

କୁମ୍ଭା ବାହ୍ୟ ପରିଧି ଚତୁଃପାର୍ଶ୍ୱକୁ ମାଟିର ଆଡିବନ୍ଧ ଦେଇ ଉଚ୍ଚ କରାଯାଏ । ଏହାଦ୍ୱାରା କୁମ୍ଭା ଭିତରକୁ ବାହାରର ପାଣି ଅଥବା ସରୀସୃପାଦି ପ୍ରବେଶ କରିପାରନ୍ତି ନାହିଁ । ଦୁଇ ତିନି ଘଣ୍ଟା ଭିତରେ ବିର୍‌ହୋର୍‌ ଗୋଟିଏ ନୂତନ କୁମ୍ଭା ନିର୍ମାଣ କାର୍ଯ୍ୟ ସାରିଥାନ୍ତି । କୁମ୍ଭା ଭିତରୁ ସୂର୍ଯ୍ୟ କିରଣକୁ ନିରୀକ୍ଷଣ କରି ଆବଶ୍ୟକ ସ୍ଥଳେ ଥରକୁ ଥର ମରାମତି କରିବାକୁ ପଡେ । କୁମ୍ଭାର ପତ୍ର ଛପରକୁ ଏପରି ମରାମତି କରାଯାଏ ଯେପରି ତାହା ଶୀତ ଋତୁରେ ଉଷ୍ମ, ଗ୍ରୀଷ୍ମ ଋତୁରେ ଥଣ୍ଡା ଓ ମୌସୁମୀ ପରିବାହିତ ବର୍ଷା ଋତୁରେ ଜଳ ନିରୋଧୀ ହୋଇଥାଏ ।




କୁମ୍ଭା ମଣିଷ ଓ ଗୃହପାଳିତ ପଶୁପକ୍ଷୀମାନଙ୍କୁ ଆଶ୍ରୟ ଦିଏ । ବର୍ଷା ସମୟରେ କୁମ୍ଭାର କେନ୍ଦ୍ରସ୍ଥଳକୁ ରୋଷେଇ କରିବା କାର୍ଯ୍ୟରେ ବ୍ୟବହାର କରାଯାଏ । ଗର୍ଭବତୀ ମହିଳାଙ୍କ ନିମନ୍ତେ ଗର୍ଭ ପରବର୍ତ୍ତୀ ସମୟରେ ମା ଓ ଶିଶୁର ଯତ୍ନ ଓ ରହଣୀ ନିମନ୍ତେ ଏକ ସ୍ୱତନ୍ତ୍ର କୁମ୍ଭା ତିଆରି କରାଯାଏ । ସେଠାରେ ମା' ଓ ନବଜାତ ଶିଶୁର ଯତ୍ନ ନେବା ସହିତ ଖାଦ୍ୟ ପରଷା ଯାଏ । ଏହାବ୍ୟତୀତ କୁମ୍ଭାରେ ଅଳ୍ପ ଲୁଗାପଟା, ଘରୋଇ ଆସବାବପତ୍ର, ଦଉଡି ବଳିବା ନିମନ୍ତେ ଆବଶ୍ୟକ ହେଉଥିବା କାଠ ଓ ଲୁହାର ଅଳ୍ପ କିଛି ଉପକରଣ ରହିଥାଏ । ବିର୍‌ହୋର୍‌ମାନେ କୁମ୍ଭା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରନ୍ତି ।








ବଂଶ ମୁଖିଆଙ୍କ କୁମ୍ଭା ପଛକୁ ପ୍ରତି ଟାଣ୍ଡାରେ ପୂର୍ବପୁରୁଷ ଦେବଦେବୀଙ୍କ ପୂଜା ବିଧାନ ନିମନ୍ତେ ପତ୍ରରେ ତିଆରି ଏକ ସ୍ୱତନ୍ତ୍ର ପୂଜାସ୍ଥଳୀ ଥାଏ । ଏହାକୁ ଆଲ୍‌ବୋଙ୍ଗା କହନ୍ତି । ସେମାନଙ୍କର ଦୃଢ଼ବିଶ୍ୱାସ ଯେ ସେମାନଙ୍କ ସହିତ ମୃତଲୋକର ଆତ୍ମା ମଧ୍ୟ ଅବସ୍ଥାନ କରେ । ସେମାନେ ଗୋଟିଏ ଟାଣ୍ଡା ଛାଡ଼ିବା ସମୟରେ କୁମ୍ଭାଗୁଡ଼ିକୁ ଭାଙ୍ଗି ଦେଇ କୁମ୍ଭା ପଛପଟେ ଗାତଟିଏ କରିଦିଅନ୍ତି ଓ ନୂତନ ସ୍ଥାନ ସନ୍ଧାନରେ ବାହାରି ପଡ଼ନ୍ତି ।




ବିର୍‌ହୋର୍‌ମାନେ ସେମାନଙ୍କ ଟାଣ୍ଡା ବସତି ସ୍ଥଳ ବଦଳାଇବା ସମୟରେ ଟାଣ୍ଡାରେ ଥିବା ସମସ୍ତ ପରିବାର ଏକତ୍ରିତ ହୋଇ ନୂତନ ଟାଣ୍ଡାସ୍ଥଳୀକୁ ଯାତ୍ରା କରନ୍ତି । ଜଣେ ଗ୍ରହିଁଲେ ତା'ର ମୂଳ ଟାଣ୍ଡା ବଦଳାଇ ଆଉ ଏକ ନୂତନ ଟାଣ୍ଡାର ସଦସ୍ୟ ହୋଇପାରେ । ମାତ୍ର ପୁନର୍ବାର ମୂଳ ଟାଣ୍ଡାକୁ ଫେରିବା ନିମନ୍ତେ ତା'ର ଅଧିକାର ଓ ସ୍ୱତନ୍ତ୍ରତା ରହିଥାଏ । ଜଣେ ମୂଳ ଟାଣ୍ଡାକୁ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କଲେ ତାକୁ ପୁରୁଣା ଟାଣ୍ଡାର ସଦସ୍ୟମାନେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦେଇ ସ୍ୱାଗତ କରନ୍ତି । ନବାଗତ ଜଣକ ଟାଣ୍ଡା ମୁଖିଆ ଓ ଅନ୍ୟ ସଦସ୍ୟଙ୍କୁ ମଦ୍ୟପାନରେ ଆପ୍ୟାୟିତ କରି ନୂତନ ସଦସ୍ୟ ଭାବରେ ନିଜର ନାମ ପୁନଃ ପଞ୍ଜୀକୃତ କରନ୍ତି ।









ଜୀବନ ଓ ଜୀବିକା




ବଣ ଜଙ୍ଗଲରୁ ସଂଗୃହୀତ ଶିଆଳୀ ଛାଲିରୁ ଦଉଡ଼ି ପ୍ରସ୍ତୁତ କରିବା ବିର୍‌ହୋର୍‌ମାନଙ୍କ ଜୀବନ ଯାତ୍ରାର ପ୍ରଧାନ ଅବଲମ୍ବନ ଅଟେ । ସେମାନେ ମୁଖ୍ୟତଃ ଶିଆଳୀ ଲତା ସଂଗ୍ରହ ନିମନ୍ତେ ଜଙ୍ଗଲକୁ ଯାଆନ୍ତି । ଶିଆଳୀ ଲତା ସଂଗ୍ରହ ସମୟରେ ଜଙ୍ଗଲରୁ ମିଳୁଥିବା କେତେକ ଆବଶ୍ୟକ ଲଘୁ ବନଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରନ୍ତି ।

























ବିର୍‌ହୋର୍ ସଂପ୍ରଦାୟର ଅର୍ଥନୀତିର ପ୍ରମୁଖ ଦିଗ ହେଉଛି ସେମାନଙ୍କ ଦଉଡି ପ୍ରସ୍ତୁତ କରିବାର ନିଆରା କଳା ଓ କୌଶଳ । ସେମାନେ ପରିପୁଷ୍ଟ ଶିଆଳୀ ଲତାକୁ ଛେଚି ପାରଂପରିକ ପଦ୍ଧତିରେ ପଗ୍ଧଣ କରି ଦଉଡି ବଳିବା ନିମନ୍ତେ ଉପଯୋଗୀ କରିବାରେ ଦକ୍ଷତା ହାସଲ କରିଥାନ୍ତି । ଏଥିରୁ ସରୁ ସରୁ ସୂତା ବାହାର କରି ସେଥିରେ ଦଉଡି, ଶିକା, ଥଳିଆ, ଟୋପା, ଆଦି ସରଞ୍ଜାମ ତିଆରି କରନ୍ତି । ଆଜିକାଲି କେତେକ ବିର୍‌ହୋର୍ ସରୁ ଶିଆଳୀ ଲତାର ସୂତା, ଝୋଟ ଓ ପ୍ଲାଷ୍ଟିକ ସହାୟତାରେ ସୁନ୍ଦର ସୁନ୍ଦର କଳାତ୍ମକ ହାତ-ଥଳିଆ ତିଆରି କରୁଛନ୍ତି । ଏହି ସୂକ୍ଷ୍ମ କାରିଗରୀ ହସ୍ତକଳା ନିମନ୍ତେ ସେମାନେ ଟାଙ୍ଗୀ, ଛୁରୀ, ବାଉଁଶ, ଠେଙ୍ଗା ଓ ଛୋଟ ଛୁରୀ ଆକୃତିର ବାଉଁଶ ଅଥବା କାଠ ପାତିଆ ବ୍ୟବହାର କରନ୍ତି । ମହିଳାମାନେ ଘରୋଇ ବ୍ୟବହାର ନିମନ୍ତେ ଖଜୁରୀ ପତ୍ର ଦ୍ୱାରା ମସିଣା ପଟି ତିଆରି କରନ୍ତି ।














ସେମାନେ ସାପ୍ତାହିକ ହାଟ ବଜାରରେ ଦଉଡ଼ି ବିକ୍ରିକରି ନିଜର ଦୈନନ୍ଦିନ ଗୁରୁରାଣ ମେଣ୍ଟାନ୍ତି । ଅନ୍ୟ ପକ୍ଷରେ ବଜାରରେ ସାଙ୍ଗ ସାଥୀମାନଙ୍କ ସହିତ











ଭେଟଘାଟ ହୁଏ । ଆଳାପ ଆଲୋଚନା ଓ ଭାବର ଆଦାନପ୍ରଦାନ ହୁଏ । ବଜାରସ୍ଥଳୀରେ ଅବିବାହିତ ଯୁବକ ଯୁବତୀମାନେ ଅନ୍ୟ ଟାଣ୍ଡାରେ ରହୁଥିବା ସେମାନଙ୍କ ପ୍ରେମିକ ପ୍ରେମିକାମାନଙ୍କ ସହିତ ମିଳାମିଶା ଓ କଥୋପକଥନର ସୁଯୋଗ ପାଆନ୍ତି । ବେଳେବେଳେ ସେମାନେ ଗାଁ ଦାଣ୍ଡରେ ବୁଲି ଦଉଡି ଓ ଟାପ ଆଦି ବିକ୍ରି କରି ତା ବଦଳରେ ଗୁଉଳ, ମୁଢ଼ି ଆଦି ପାଇଥାନ୍ତି ।












ଜଙ୍ଗଲରୁ ସେମାନେ ଅବାଧରେ ଆବଶ୍ୟକୀୟ ଶିଆଳୀ ଲତା ଓ ଅନ୍ୟାନ୍ୟ କଞ୍ଚାମାଲ ସହଜରେ ପାଇଯାଆନ୍ତି । ଦଉଡ଼ି ବଳିବା କଳାରେ ସେମାନେ ଅନନ୍ୟ କୌଶଳର ଅଧିକାରୀ ଅଟନ୍ତି । ଦଉଡି ବିକ୍ରିକରିବା ପାଇଁ ସେମାନେ ବଜାରର ସହାୟତା ନିଅନ୍ତି । ବର୍ଷତମାମ ସେମାନେ ଜଙ୍ଗଲ ଓ ବଜାର ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ନିର୍ବାହ କରନ୍ତି ।











ବିର୍‌ହୋର୍‌ମାନେ ମାଙ୍କଡ଼ ଧରିବା କଳାରେ ବିଶେଷ ନିପୁଣ ଅଟନ୍ତି । ମାଙ୍କଡ ଧରିବା ପାଇଁ ସେମାନେ ଶିଆଳୀ ତନ୍ତୁରେ ପ୍ରସ୍ତୁତ ଜାଲ ବ୍ୟବହାର କରନ୍ତି ।








ଶିଆଳୀ ଲତାଦି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା ଲକ୍ଷ୍ୟରେ ସେମାନେ ବେଳେବେଳେ ଜଙ୍ଗଲରେ ପତ୍ରଘର କରି ସେଥିରେ ଏକାଦିକ୍ରମେ ତିନି ଚାରି ଦିନ ରହିଯାଆନ୍ତି । ପରେ ସେମାନେ ଟାଣ୍ଡାକୁ ଫେରି ଦଉଡି ତିଆରି କରନ୍ତି । ଶାଳ ଓ ଅନ୍ୟାନ୍ୟ ଗଛରୁ ରେଶମ ଖୋସା ସଂଗ୍ରହ କରି ତାହାକୁ ବଜାରରେ ବିକ୍ରିକରି ସେଥିରୁ ମଧ୍ୟ କିଛି ଅର୍ଥ ଉପାର୍ଜନ କରୁଥିବାର ଦେଖାଯାଏ ।














ବିର୍‌ହୋର୍‌ମାନେ ଛେଳି, କୁକୁଡ଼ା ଓ କୁକୁର ପରି କେତେକ ଗୃହପାଳିତ ପଶୁର ପାଳନ ପୋଷଣ କରନ୍ତି । ସେମାନେ ପାଳିତ ପଶୁର ମାଂସ ଖାଆନ୍ତି । ବଜାରରେ ସେମାନଙ୍କୁ ବିକ୍ରିକରି ଅର୍ଥ ଉପାର୍ଜନ କରନ୍ତି । କୃଷକ ଗୋଷ୍ଠୀ ସହିତ ଏମାନଙ୍କ ଭାବବିନିମୟ ଓ ସାଂସ୍କୃତିକ ସହଯୋଗ ରହିବା ଫଳରେ ଏମାନେ ତଳି ତିଆରି, ତଳିରୁଆ ଓ ଅନ୍ୟାନ୍ୟ କୃଷିକାର୍ଯ୍ୟ କଲେଣି । ଗ୍ରୀଷ୍ମ ଋତୁରେ ସ୍ଥାନୀୟ ଲୋକେ ବିର୍‌ହୋର୍‌ମାନଙ୍କୁ ମୂଲ ଦେଇ ଗ୍ରୀଷ୍ମ କାମରେ ଲଗାଇଥାନ୍ତି ।












ଖାଦ୍ୟପେୟ

ଭାତ ବିର୍‌ହୋର୍‌ମାନଙ୍କର ମୁଖ୍ୟ ଖାଦ୍ୟ । ଦଉଡି ଓ ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ ବିକ୍ରିବଟା କରି ଯେଉଁ ଅର୍ଥ ମିଳେ ସେଥିରେ ସେମାନେ ସାପ୍ତାହିକ ବଜାରରୁ ଦୈନନ୍ଦିନ ଚଳଣି ପାଇଁ ସାତଦିନିଆ ସଉଦା କିଣିଦିଅନ୍ତି । ଫସଲ ଅମଳ ସମୟରେ ସେମାନେ ହାଟ ବଜାରରୁ ମକା ଓ ବାଜରା କିଣି ଘରେ ରଖନ୍ତି । ଆବଶ୍ୟକ ବେଳେ ଭାତ ସହିତ ମକା ଓ ବାଜରାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି । ନିଜ ବ୍ୟବହାର ପାଇଁ ସେମାନେ ବିଭିନ୍ନ ପ୍ରକାର ଶାକ ସବ୍‌ଜି, ଛତୁ, କେନ୍ଦୁ, ତାଳ, ଆମ୍ବ ଆଦି ଫଳ ସଂଗ୍ରହ କରନ୍ତି । ସେମାନେ ମଧ୍ୟ ଖାଦ୍ୟୋପଯୋଗୀ କନ୍ଦା, ମୂଳ ଆଦି ଖୋଳନ୍ତି ଓ ମହୁ ସଂଗ୍ରହ କରନ୍ତି । ଏସବୁକୁ ସେମାନେ ଖାଦ୍ୟଭାବେ ଗ୍ରହଣ କରନ୍ତି । ପର୍ବପର୍ବାଣି ସମୟରେ ସେମାନେ ପିଠାପଣା ଓ ଅନ୍ୟାନ୍ୟ ରୁଚିକର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରନ୍ତି । ପର୍ବପର୍ବାଣି ଓ ଉତ୍ସବ ସମୟରେ ଆମିଷ ମୁଖ୍ୟ ଖାଦ୍ୟରୂପେ ପରିଗଣିତ ହୁଏ ।







ବିର୍‌ହୋର୍‌ମାନେ ହାଣ୍ଡିଆ ପ୍ରିୟ । ବେଳେବେଳେ ସେମାନେ ନିଶାଯୁକ୍ତ ପାନୀୟ ସେବନ କରନ୍ତି । ଘରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହାଣ୍ଡିଆ ସେମାନଙ୍କର ସବୁଠୁ ଅଧିକ ପ୍ରିୟ ପାନୀୟ । ସାପ୍ତାହିକ ବଜାରରୁ ମଦ କିଣି ସେମାନେ ପିଅନ୍ତି । ବିର୍‌ହୋର୍‌ ପୁରୁଷମାନେ ଧୂଆଁ ଟାଣନ୍ତି । ଦୁଇଜଣ ବିର୍‌ହୋର୍‌ ଦୁଇଟି କାଠିକୁ ତଳେ ଘଷି ନିଆଁ ବାହାର କରନ୍ତି । ପୁରୁଷ ଓ ମହିଳାମାନେ ଧୂଆଁପତ୍ର (ଭାଙ୍ଗ) ପାଟିରେ ପକାଇ କଳରେ ଜାକନ୍ତି ।












ହାତଭଙ୍ଗା ଖଟଣି ସହିତ ସ୍ୱଳ୍ପ ଆୟର ଜୀବନ ଯାତ୍ରାରେ ବିରଡ଼ହୋର୍ ଅଭ୍ୟସ୍ତ । "ଦାଣ୍ଡରୁ ଆସିଲେ ହାଣ୍ଡିରେ ପଡେ" ପରି ତାଙ୍କ ନିଅଣ୍ଟିଆ ଜୀବନ । ହେଲେ ମଧ୍ୟ ସେମାନେ ପର୍ବପର୍ବାଣିରେ, ହାଟ ବଜାରରେ ଖୁସିମିଜାଜ୍‌ର ଦେଖାଯାଆନ୍ତି । ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟକର ପୁଷ୍ଟିକର ଖାଦ୍ୟ ପାଇବା ଏକ ସମସ୍ୟା । ସମନ୍ୱିତ ଶିଶୁ ବିକାଶ ଯୋଜନାରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଆହାର ସାମଗ୍ରୀ ବିରଡ଼ହୋର୍‌ମାନଙ୍କ ଅସ୍ଥାୟୀ ବାସସ୍ଥଳୀରେ ପହଞ୍ଚିପାରେନାହିଁ । ସ୍ୱାସ୍ଥ୍ୟ ଓ ପରିମଳ ଅଭାବରୁ ପିଲାମାନଙ୍କଠାରେ ବିଭିନ୍ନ ଚର୍ମରୋଗ ଦେଖାଯାଏ । ଖାଦ୍ୟାଭାବ ଓ ଅପୁଷ୍ଟି କାରଣରୁ ବହୁ ପିଲାଙ୍କ ଠାରେ ପେଟଫୁଲା ବେମାରୀ ଦେଖାଯାଏ ।

















ସାମାଜିକ ଜୀବନ

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଏକ ଅବିଚ୍ଛିନ୍ନ ଧାରା ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ଜନ୍ମ ପରେ ଜୀବନ ଶୈଶବ, ତାରୁଣ୍ୟ, ଯୌବନ, ବିବାହ, ପାରିବାରିକ ଜୀବନ, ବାର୍ଦ୍ଧକ୍ୟ କ୍ରମ ଦେଇ ଗତିଶୀଳ ହୁଏ । ଜୀବନର ପରିଣତି ମୃତ୍ୟୁରେ ଅନ୍ତ ହୁଏ ।



ଗର୍ଭବତୀ ମହିଳାମାନଙ୍କ ପାଇଁ କେତେକ ସାମାଜିକ କଟକଣା ରହିଥାଏ । କଠିନ ପରିଶ୍ରମ ଓ ଭାରିକାମ କରିବାକୁ ବାରଣ କରାଯାଏ । ରୋଷେଇ କରିବାକୁ ହୁଏ ନାହିଁ । ଗର୍ଭବତୀ ମହିଳାମାନେ ଶବ ସଂସ୍ପର୍ଶରେ ଆସନ୍ତି ନାହିଁ ଓ ଶବକୁ ଛୁଅଁନ୍ତି ନାହିଁ । ସେମାନେ ଏହି ସମୟରେ ପୂଜାପୀଠକୁ ଯାଆନ୍ତି ନାହିଁ । ପୂଜାରେ ଅର୍ପିତ ମାଂସ ମଦ୍ୟ ସେମାନେ ଖାଆନ୍ତି ନାହିଁ । ବାହାରକୁ ଗଲାବେଳେ ଅନ୍ୟମାନଙ୍କ ଦୁଷ୍ଟ ନଜରଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଶରୀରକୁ ବସ୍ତ୍ର ଦ୍ୱାରା ଆବୃତ କରିଥାନ୍ତି ।



ଗର୍ଭବତୀ ମହିଳାଙ୍କ ପ୍ରସବ କର୍ମ ସଂପାଦନ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର କୁନ୍ଧା ତିଆରି ହୋଇଥାଏ । ପ୍ରସବ ସମୟରେ ଜଣେ ପାରଂପରିକ ଅଭିଜ୍ଞା ଧାଇ'ମା ସାହାଯ୍ୟ କରେ । ଶିଶୁ ଜନ୍ମ ପରେ ସଂପୂର୍ଣ୍ଣ ଟାଣ୍ଡାଟି ସାତଦିନ ପର୍ଯ୍ୟନ୍ତ ଅଶୁଚି ସ୍ଥଳ ଭାବରେ ବିବେଚିତ ହୁଏ । ଶିଶୁଟି ଜନ୍ମ ହୋଇଥିବା ଘରେ ଏକୋଇଶ ଦିନ ଯାଏ ଅଶୌଚ ପାଳନ ହୁଏ । ଘରେ ପିଲାଟିଏ ଜନ୍ମ ହେଲେ ବିର୍‌ହୋର୍‌ମାନେ ବହୁତ ଖୁସି ହୁଅନ୍ତି । ପୁଅ ହେଉ ବା ଝିଅ ହେଉ; ବିରହୋର୍ ସମାଜରେ ସମସ୍ତେ ସମାନ ।
















ବିର୍‌ହୋର୍ ସମାଜରେ ଏକ ବିବାହ ଓ ବହୁ ବିବାହ ପ୍ରଥା ପ୍ରଚଳିତ । ବିର୍‌ହୋର୍‌ମାନଙ୍କ ଜୀବନରେ ବିବାହ ଏକ ଆନନ୍ଦମୟ ଉତ୍ସବ । ଚଉଦରୁ ଅଠର ବୟସ୍କା ଯୁବତୀ ଓ କୋଡ଼ିଏ ପଚିଶି ବର୍ଷ ବୟସ୍କ ଯୁବକଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ବିବାହ ପୂର୍ବ ସମୟରେ ବିର୍‌ହୋର୍ ତରୁଣ ଓ ତରୁଣୀମାନେ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୁବାଆବାସରେ ବିତାଇଥାନ୍ତି । ସେଠାରେ ସେମାନେ ବୟୋଜ୍ୟେଷ୍ଠ ସଦସ୍ୟ ସଦସ୍ୟାମାନଙ୍କ ଠାରୁ ଆବଶ୍ୟକୀୟ "ଜୀବନ ଜୀଇଁବାର କଳା" ଶିଖିଥାନ୍ତି । ଗୋଟିଏ ଟାଣ୍ଡାରେ ବହୁ ବଂଶର ସଦସ୍ୟ ଏକାଠି ବାସ କରୁଥିଲେ ସେମାନଙ୍କ ମଧ୍ୟରେ ବୈବାହିକ ସଂପର୍କ ସ୍ଥାପିତ ହୁଏ । ଦୁଇଭାଇ ଅନ୍ୟବଂଶ ଦୁଇ ଭଉଣୀ ସହିତ ବିବାହ କରିବାର ପ୍ରଥାର ପ୍ରଚଳନ ରହିଛି । ଏତଦ୍‌ବ୍ୟତୀତ ବିଧବା ବିବାହ ପ୍ରଥା ମଧ୍ୟ ବହୁଳ ଭାବରେ ପ୍ରଚଳିତ ଅଟେ । ପ୍ରସ୍ତାବିତ ବିବାହ ସାଧାରଣତଃ ଏକ ବହୁ ପ୍ରଚଳିତ ପ୍ରଥା । ଏଥିରେ ଜଣେ ମଧ୍ୟସ୍ଥି ରହେ । ଉଦୁଲିଆ ବିବାହ, ବଦଳ କନ୍ୟା ବିବାହ ଓ ସେବାପ୍ରାପ୍ତ ବିବାହ ପରି ପଦ୍ଧତିକୁ ମଧ୍ୟ ସାମାଜିକ ସ୍ୱୀକୃତି ମିଳେ । ବିର୍‌ହୋର୍‌ମାନଙ୍କ ମଧ୍ୟରେ ଦ୍ୱିବିବାହ ପ୍ରଥା ଚଳେ ନାହିଁ । ଅପର ବିବାହ ଅପରାଧ ବୋଲି ପରିଗଣିତ ହୁଏ ।

ନିୟମିତ ଓ ପ୍ରସ୍ତାବିତ ବିବାହରେ ବରପକ୍ଷରୁ କନ୍ୟାପିତାଙ୍କୁ କନ୍ୟାମୂଲ ଦେବାକୁ ହୁଏ । ସାଧାରଣତଃ କନ୍ୟାମୂଲ ଆକାରରେ କିଛି ଟଙ୍କା ଓ ତିନିଖଣ୍ଡ ଲୁଗା ଦେବାକୁ ପଡେ । ବିର୍‌ହୋର୍ ସମାଜ ଛାଡପତ୍ରକୁ ସ୍ୱୀକୃତି ଦିଏ । ଜଣେ ପୁରୁଷର ସ୍ତ୍ରୀ ମରିଗଲେ ଅଥବା ସ୍ତ୍ରୀର ପୁରୁଷ ମରିଗଲେ ଉଭୟେ ପୁନଃବିବାହ କରି ପୁନର୍ବାର ନୂଆ ସଂସାର ଗଢନ୍ତି । ମୋଟ ଉପରେ ବିଧବା, ପରିତ୍ୟକ୍ତା ଓ ମୃତଦାର (ଯାହାର ସ୍ତ୍ରୀ ମୃତ) ସମସ୍ତେ ପୁନର୍ବିବାହ କରିପାରନ୍ତି ।













ବିବାହ ଉତ୍ସବ ପାଇଁ କୌଣସି ନିର୍ଦ୍ଦିଷ୍ଟ ମାସ ରଖାଯାଇ ନାହିଁ । ସାଧାରଣତଃ ମୌସୁମୀ ପରେ ପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୁଏ । ଏତେବେଳକୁ ଲୋକଙ୍କ ହାତରେ ଖର୍ଚ୍ଚ କରିବା ପାଇଁ କିଛି ଟଙ୍କା ପଇସା ଥାଏ । ବିନା ଅସୁବିଧାରେ ବିବାହ ଉତ୍ସବରେ ଯୋଗ ଦେଇଥିବା ବନ୍ଧୁବାନ୍ଧବ ଓ ଅତିଥିମାନଙ୍କ ଚର୍ଚ୍ଚା କରିହୁଏ । ବିବାହ ଦିବସରେ ବର ତା'ର ବନ୍ଧୁବାନ୍ଧବ, ସଂପର୍କୀୟ ଜ୍ଞାତି ପରିଜନ, ତଥା ଟାଣ୍ଡାର ପରିବାର ସଦସ୍ୟଗଣଙ୍କ ଗହଣରେ ଜାଜଜମକରେ ଟାଣ୍ଡା ଅଭିମୁଖେ ଯାତ୍ରା କରେ । ବରପକ୍ଷ କନ୍ୟାଘରେ ପହଞ୍ଚିଲେ କନ୍ୟାଘର ପକ୍ଷରୁ ବରପକ୍ଷଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଏ ।

ବଧୂ (କନ୍ୟା)ର କପାଳରେ ସିନ୍ଦୂର ଦେଇ ବର ବିବାହ ଉତ୍ସବକୁ ମଧୁର କରେ । ଏହି ସମୟରେ ଉପସ୍ଥିତ ପୁଅଝିଅମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ଓ ସଂଗୀତର ମହୋଲ୍ଲାସ ଭିତରେ ନିଜକୁ ହଜେଇ ଦିଅନ୍ତି । ତ୍ରମ ବାଜା, ବଂଶୀ ଓ ଅନ୍ୟାନ୍ୟ ବାଜା ବାଜୁଥାଏ । ବିବାହ ଉତ୍ସବ ସଂପନ୍ନ ହେବା ପରେ ବର ଓ ବରଯାତ୍ରୀ ଦଳ କନ୍ୟାକୁ ସାଥୀରେ ନେଇ ପୁଅର ଟାଣ୍ଡା (ପତ୍ର କୁଡ଼ିଆ)କୁ ଫେରିଆସନ୍ତି । ବିବାହ ଉତ୍ସବରେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବରପିତା ଭୂରି ଭୋଜନରେ ଆପ୍ୟାୟିତ କରନ୍ତି ।



ବିର୍‌ହୋର୍‌ମାନଙ୍କର ଛୋଟ ପରିବାର । ବାପା, ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ସେମାନଙ୍କ ପରିବାର ଗଠିତ । କେତେକ କ୍ଷେତ୍ରରେ ବିପତ୍ନୀକ ବାପା ଅଥବା ବିଧବା ମା ବିବାହିତ ପୁଅ ପରିବାରରେ ରହୁଥିବାର ଦେଖାଯାଏ । ବିର୍‌ହୋର୍ ଗୋଷ୍ଠୀ ମଧ୍ୟରେ ବହୁ ବଂଶ ଧାରା ରହିଛି । ସେସବୁ ହେଲା ସିନ୍‌ଖିଲ୍, ହେନ୍ତ୍ରମ୍, ନାତାପୁରିଆ, ମାଲିହି, ସିକ୍‌ରିଆ ଇତ୍ୟାଦି । ବଂଶ ବିବାହ କାର୍ଯ୍ୟର ସୁପରିଗ୍ଭଳନା କରେ ଓ ଅବୈଧ ସଂପର୍କକୁ ବାରଣ କରେ ।











ବିର୍‌ହୋର୍ ପରିବାରରେ ପୁରୁଷ ଓ ସ୍ତ୍ରୀଙ୍କ ସମାନ ଅଧିକାର ଥାଏ । ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଅପେକ୍ଷାକୃତ କଷ୍ଟସାଧ୍ୟ କାର୍ଯ୍ୟ କରନ୍ତି । ମହିଳାମାନେ ହାଲୁକା କାର୍ଯ୍ୟ ଯଥା ଦଉଡି ବଳିବା, ଶିଶୁପାଳିବା, ଘରୋଇ କାମଧନ୍ଦା କରିବା, ପରିବାର ସଦସ୍ୟଙ୍କୁ ଖାଦ୍ୟ ପରଷିବା ଆଦିର କାର୍ଯ୍ୟ କରନ୍ତି । ବାପା ମାଆଙ୍କୁ କାମରେ ସାହାଯ୍ୟ କରି ପିଲାମାନେ ଆବଶ୍ୟକ କର୍ମକୌଶଳ ଶିଖନ୍ତି । ପୁଅ ଝିଅମାନେ ଉତ୍ତମ ବ୍ୟବହାର ଓ ସାମାଜିକ ଆଚରଣର ବନ୍ଧନୀ ଭିତରେ ରହି ସାମାଜିକ ମର୍ଯ୍ୟାଦା ଲଙ୍ଘନ କରନ୍ତି ନାହିଁ । ବିର୍‌ହୋର୍‌ମାନେ ବୟସ୍କ ବୃଦ୍ଧ ବୃଦ୍ଧାମାନଙ୍କର ସେବା ଶୁଶ୍ରୂଷା ଓ ଯତ୍ନ ନିଅନ୍ତି । ସାମର୍ଥ୍ୟଥିବା ବୃଦ୍ଧ ବୃଦ୍ଧା ନିଜର ସାମର୍ଥ୍ୟ ମୁତାବକ କାମଧନ୍ଦା କରି ପାରିବାରିକ ଆୟ ଓ ଅର୍ଥନୀତିରେ ନିଜର ସହଭାଗିତା ଯୋଡ଼ନ୍ତି । ଏହାଦ୍ୱାରା ସେମାନେ କାହା ଉପରେ ବୋଝ ହୋଇ ନଥାନ୍ତି ।

ଜଣେ ବିର୍‌ହୋର୍ ମୃତ୍ୟୁବରଣ କଲେ ପରିବାର ସଦସ୍ୟମାନେ ନିଜର ଜ୍ଞାତି କୁଟୁମ୍ବଙ୍କୁ ଓ ଅନ୍ୟ ଟାଣ୍ଡାରେ ବାସ କରୁଥିବା ସଂପର୍କୀୟଙ୍କୁ ଏହି ଖବର ଜଣାଇ ଦିଅନ୍ତି । ଅକାଳ ମୃତ୍ୟୁ ଅଥବା ଅଳ୍ପ ବୟସରେ କାହାର ମୃତ୍ୟୁ ଘଟିଲେ ଏହି ଅପମୃତ୍ୟୁ ଭୂତ ପ୍ରେତାଦି ବା କୌଣସି ଅପଶକ୍ତି ଅଥବା ଗୁଣିଆର ଅପକର୍ମ ବୋଲି ବିଶ୍ୱାସ କରାଯାଏ । ସାଧାରଣତଃ ଗୋଟିଏ ଲମ୍ବ ଗାତରେ ଶବ ମୁଣ୍ଡକୁ ଦକ୍ଷିଣ ପଶ୍ଚିମ ଦିଗକୁ ରଖି ମାଟି ଘୋଡେଇ ପୋତି ଦିଆଯାଏ । ଦଶଦିନ କାଳ ମୃତ ଅଶୌଚ କର୍ମ ପାଳିତ ହୁଏ । ଦଶମ ଦିବସରେ ଦେହୁରୀ, ପୂଜକ ପରିବାର, ଜ୍ଞାତି କୁଟୁମ୍ବ ସଦସ୍ୟ ଓ ଟାଣ୍ଡା ଅଂଚଳରେ ଗୋବର ମିଶ୍ରିତ ଜଳ ସିଞ୍ଚନ କରେ । ସେଦିନ ସନ୍ଧ୍ୟାରେ ଟାଣ୍ଡାର ସମସ୍ତ ସଦସ୍ୟ, ଜ୍ଞାତି, କୁଟୁମ୍ବ ଓ ନିମନ୍ତ୍ରିତ ଅତିଥିମାନଙ୍କ ନିମନ୍ତେ ଏକ ଭୋଜନର ଆୟୋଜନ କରାଯାଇଥାଏ । ମୃତଲୋକ ପରିବାରରେ ପୁନର୍ବାର ଜନ୍ମନିଏ ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ଶିଶୁଟିଏ ଜନ୍ମ ହେବା ପରେ ପରିବାରରେ ଅନୁଷ୍ଠିତ ପୂଜାବିଧି ଅବସରରେ ପୂଜକ ଦେହୁରୀ ଏହା ଘୋଷଣା କରିଥାଏ ।






ଗୁଣି ଗାରେଡ଼ି ଓ ଧର୍ମୀୟ ଜୀବନଧାରା

ବିର୍‌ହୋର୍‌ମାନେ ପ୍ରକୃତି ବିଶ୍ୱାସୀ । ପ୍ରକୃତିକୁ କେନ୍ଦ୍ର କରି ସେମାନଙ୍କ ପୂଜା ଓ ବିଶ୍ୱାସ ପରିଚ୍ଛଳିତ ହୁଏ । ସେମାନେ ଦେବାଦେବୀଙ୍କୁ ଦୁଇ ପର୍ଯ୍ୟାୟଭୁକ୍ତ କରନ୍ତି । ଉତ୍ତମ ଗୁଣ ସଂପନ୍ନ ଦେବଦେବୀଗଣ ସୁଖ ସମୃଦ୍ଧି ଓ ପ୍ରଗତିରେ ସହାୟକ ହୋଇଥିବାବେଳେ ନକାରାତ୍ମକ ଅପଦେବତାଗଣ ବା ଦୁଷ୍ଟଶକ୍ତି ବିଭିନ୍ନ ପ୍ରକାର ଅସୁବିଧା, ରୋଗ ଓ ମୃତ୍ୟୁର କାରଣ ହୋଇଥାନ୍ତି । ଘଞ୍ଚ ଜଙ୍ଗଲରେ ସେମାନଙ୍କର ଦୁଇ ପ୍ରମୁଖ ଦେବତା ଲୋଗୋବୀର ଓ ବୁଢ଼ୀମାଇ ବାସ କରନ୍ତି ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ସେମାନେ ଜଙ୍ଗଲକୁ ଶ୍ରଦ୍ଧା ଓ ଭକ୍ତିରେ ପୂଜା କରନ୍ତି । ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା, ଶିକାରରେ ସଫଳତା ହାସଲ କରିବା ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରାଚୁର୍ଯ୍ୟ ତଥା ସୁଲଭତା ନିମନ୍ତେ ସେମାନେ ଜଙ୍ଗଲ ପୂଜା କରିଥାନ୍ତି । ପ୍ରତିବର୍ଷ ସେମାନେ ବାର୍ଷିକ ଶିକାର ପର୍ବ ପାଳନ କରନ୍ତି । ଏହି ପର୍ବକୁ ସେମାନେ ଦିସୁମ ସେଣ୍ଡା କହନ୍ତି । ଜଙ୍ଗଲ ଦେବତାର ପୂଜା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।



ଅନ୍ୟ ଗୋଷ୍ଠୀଭୁକ୍ତ ଜନଜାତିଙ୍କ ପରି ଏମାନେ ନୂଆ ଫଳଖିଆ ପର୍ବ ପାଳନ୍ତି । ନୂଆ ଆମ୍ବ ଓ ନୂଆ ମହୁଲ ଫୁଲ ଖାଇବା ପୂର୍ବରୁ ଦେବାଦେବୀଙ୍କୁ ପହିଲି ଫଳ, ଫୁଲ ଅର୍ପଣ କରାଯାଏ । ଏଥି ସହିତ ସେମାନେ ସବୁବେଳେ ସେମାନଙ୍କର ପୂର୍ବପୁରୁଷମାନଙ୍କୁ ପୂଜା କରିଥାନ୍ତି । ପ୍ରତି ପର୍ବପର୍ବାଣୀରେ ଦେବଦେବୀଙ୍କୁ ପୂଜା କରାଯାଇ ଭୋଗ ନୈବେଦ୍ୟ ଅର୍ପଣ ଓ ପ୍ରାର୍ଥନା କରାଯାଏ । ରତୁମତୀ ମହିଳାମାନେ ସେମାନଙ୍କ ବିଶ୍ରାମ ସମୟରେ ପୂଜାପୀଠ ସ୍ପର୍ଶ କରନ୍ତି ନାହିଁ । ପରିବାର ତଥା ନିଜ ବଂଶର ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧି ଓ ସୌଭାଗ୍ୟ ନିମନ୍ତେ ସେମାନେ ନିୟମିତ ଭାବରେ ପୂର୍ବପୁରୁଷଙ୍କୁ ପୂଜା ଆରାଧନା କରନ୍ତି ।










ପ୍ରତି ବିବାହ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ପୁରୋହିତ ଭାବରେ କାର୍ଯ୍ୟ ସଂପାଦନ କରୁଥିବା ଦିଶାରୀ ଭକ୍ତି ଆବେଶରେ ଝୁମି ଝୁମି ନବ ବିବାହିତ ଦଂପତୀଙ୍କର ଭବିଷ୍ୟତ ଭାଗ୍ୟ ଓ ଦୁର୍ଭାଗ୍ୟ ବିଷୟରେ ସୂଚନା ଦିଏ । ଦୁର୍ଭାଗ୍ୟର କୌଣସି ସୂଚନା ମିଳିଲେ ସେ ପ୍ରତିକାରର ଉପାୟ ବତାନ୍ତି । ପରିବାରର ସୁରକ୍ଷା ଓ ସମୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଏ । ଟାଣ୍ଡାର ଦେହୁରୀ ସାମାଜିକ ପ୍ରଥା ଅନୁଯାୟୀ ପାରଂପରିକ ଭାବରେ ରୋଗର ଉପଶମ ପାଇଁ ଚିକିତ୍ସକ କାମ କରେ । ଆବଶ୍ୟକ ସ୍ଥଳେ ଦେହୁରୀ ରୋଗର କାରଣ ଓ ଅପଶକ୍ତିର କୁନଜର ଅଥବା ଅପମୃତ୍ୟୁର ନିଦାନ ନିର୍ଣ୍ଣୟ କରିବା ସହିତ ପ୍ରତୀକାରର ଉପାୟ ବତାଇଦିଏ । ଏହାଦ୍ୱାରା କୌଣସି ଅଘଟଣ ବା ଦୁର୍ଭାଗ୍ୟକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନିଆଯାଏ । ଠିକ୍ ସେହିପରି ବିରହୋର୍‌ମାନେ ଅନ୍ୟ ସମୟରେ ରୋଗର ଉପଶମ ପାଇଁ ଦେହୁରୀର ପରାମର୍ଶରେ ଚେରମୂଳୀ ଔଷଧ ସେବନ କରିଥାନ୍ତି । ବେଳେବେଳେ ଦେହୁରୀ ସାପ୍ତାହିକ ହାଟ ବଜାରରେ ଚେରମୂଳୀ ଔଷଧ ବିକ୍ରି କରୁଥିବାର ଦେଖାଯାଏ । ଜଣେ ପାରଂପରିକ ଚିକିତ୍ସକ ହିସାବରେ ଦିଶାରୀର ବେଶ୍ ସୁନାମ ଥାଏ । ଲୋକମାନେ ଦିଶାରୀକୁ ବିଶ୍ୱାସ କରି ରୋଗ ଉପଶମ ନିମନ୍ତେ ସେ ଦେଉଥିବା ଔଷଧକୁ ସେବନ କରନ୍ତି ଓ ତା' ଚିକିତ୍ସାରେ ରହନ୍ତି । ବେଳେବେଳେ ବାହାର ଲୋକମାନେ ମଧ୍ୟ ଦିଶାରୀର ଚିକିତ୍ସା ବିଦ୍ୟାର ସହାୟତା ନେଇଥାନ୍ତି ।













ଟାଣ୍ଡା ପରିଷଦ

ବିରହୋର୍‌ମାନଙ୍କ ପ୍ରତି ଟାଣ୍ଡା ଗୋଟିଏ ଗୋଟିଏ ସ୍ୱୟଂ ଶାସିତ ସାମାଜିକ ଓ ରାଜନୈତିକ ଅନୁଷ୍ଠାନ । ଉତ୍ତମ ତଥା ନ୍ୟାୟିକ ଶାସନ ପ୍ରଦାନ କରିବା ପାଇଁ ଟାଣ୍ଡା ପରିଷଦ ସାମାଜିକ ସୁରକ୍ଷାର ଏକ ରକ୍ଷା କବଚ ପରି କାମ କରେ । ସାମାଜିକ ମୁଖ୍ୟ ପଦବୀଧାରୀ ବ୍ୟକ୍ତିଙ୍କୁ ନାଇକ ବା ନାୟକ କୁହାଯାଏ । ସେହିପରି ଧାର୍ମିକ ମୁଖ୍ୟଙ୍କୁ ଦେହୁରୀ କୁହନ୍ତି । ନାୟକ, ଦେହୁରୀ ସମେତ ଗୋଟିଏ ଟାଣ୍ଡା ସହ ସଂଶ୍ଳିଷ୍ଟ ପ୍ରତି ପରିବାରର ମୁଖ୍ୟ ସଦସ୍ୟଙ୍କୁ ନେଇ ଟାଣ୍ଡା ପରିଷଦ ଗଠିତ । 'ନାୟକ' ଟାଣ୍ଡା ପରିଷଦର ପାରଂପରିକ ମୁଖ୍ୟ କାର୍ଯ୍ୟନିର୍ବାହୀ । ଏହି ପଦବୀଟି ବଂଶାନୁକ୍ରମିକ । ବେଳେବେଳେ ଟାଣ୍ଡର ମୁଖ୍ୟ 'ନାୟକ' ମଧ୍ୟ ଦେହୁରୀ କରୁଥିବା ପୂଜାବିଧି ସଂପାଦନ କରିଥାନ୍ତି । ସେବା ପାଇଁ ସେ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ତାଙ୍କୁ ଖାଦ୍ୟ ଓ ପାନୀୟ ଦିଆଯାଏ । ପୂଜାରେ ଅର୍ପିତ ମାଂସ ପ୍ରସାଦର ପ୍ରମୁଖ ଅଂଶ ତାଙ୍କର ପ୍ରାପ୍ୟ । ଟାଣ୍ଡାର ସମସ୍ତ ସଦସ୍ୟ ତାଙ୍କୁ ସମ୍ମାନ ଦିଅନ୍ତି । ନାୟକ ଟାଣ୍ଡାରେ ପାରଂପରିକ ଆଇନ ଶୃଙ୍ଖଳା ରକ୍ଷା କରନ୍ତି । ସଦସ୍ୟମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତି । ଟାଣ୍ଡା ପରିଷଦରେ ଅର୍ଥନୈତିକ, ସାମାଜିକ ଓ ଧାର୍ମିକ ବିଷୟ ଉପରେ ବିସ୍ତର ବିମର୍ଶ କରାଯାଏ । ସାମାନ୍ୟ ଦୋଷ ହୋଇଥିଲେ ଲଘୁଦଣ୍ଡ ବିଧାନର ବ୍ୟବସ୍ଥା କରାଯାଏ । ଗୁରୁତର ଓ ଗର୍ହିତ ସାମାଜିକ ଅପରାଧ ମାମଲାରେ ଅପରାଧୀକୁ କଠିନ ଦଣ୍ଡ ଭୋଗିବାକୁ ପଡ଼େ । ତାକୁ ସାମାଜିକ ବାସନ୍ଦ କରାଯାଏ । କଠିନ ଦଣ୍ଡ ବ୍ୟବସ୍ଥା 'ଚିନ୍ଦଲ' ବା 'ବେଗନ' ନାମରେ ଅଭିହିତ । କୌଣସି ବ୍ୟକ୍ତିର ଦେହରେ ଘା' ହୋଇ ପୂଜପାଣିରେ କୀଟ ସାଲୁବାଲୁ ହେଲେ ଏହା ଅପକର୍ମର ପରିଣାମ ବୋଲି ବିସ୍ତର କରାଯାଏ । ସେହି ଅପକର୍ମା ପାପୀ ଲୋକଠାରୁ ଅନ୍ୟମାନେ ଦୂରରେ ରହନ୍ତି । ତାକୁ ସାମାଜିକ ବାସନ୍ଦ କରାଯାଏ । ପ୍ରତିକାରଯୁକ୍ତ ପୂଜା ପରେ ଆରୋଗ୍ୟ ଲାଭ କଲା ପରେ ସେ ଟାଣ୍ଡା ସଦସ୍ୟଙ୍କୁ ଭୋଜନରେ ଆପ୍ୟାୟିତ କରେ ।









ପ୍ରଦର୍ଶନ କଳା



ବିର୍‌ହୋର୍‌ମାନେ ବାଦ୍ୟ, ସଙ୍ଗୀତ ଓ ନୃତ୍ୟପ୍ରିୟ । ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବାର ସୁନ୍ଦର ଓ ଚିତ୍ତାକର୍ଷକ କୌଶଳ ସେମାନଙ୍କ କଳା ନୈପୁଣ୍ୟକୁ ପ୍ରମାଣ କରେ । ପର୍ବପର୍ବାଣି ପାଳନ ସମୟରେ ସାରାରାତି ବାଜା ବାଜୁଥାଏ । ହୋ, କୋହ୍ଲ, ମୁଣ୍ଡା, ସାନ୍ତାଳ ଜନଜାତିଙ୍କ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ଶୈଳୀ ସହିତ ବିର୍‌ହୋର୍‌ ମାନଙ୍କର ସଙ୍ଗୀତ, ବାଦ୍ୟ ଓ ନୃତ୍ୟର ସାମଞ୍ଜସ୍ୟ ଦେଖାଯାଏ । ପ୍ରତି ନୃତ୍ୟ ପରିବେଷଣ ସମୟରେ ଦଙ୍ଗ ସେରେଞ୍ଜ, ଲାଖ୍‌ରୀ ସେରେଞ୍ଜ ଓ ମୁତ୍‌କାର ସେରେଞ୍ଜ ପରି ଗୀତ ଗାନ କରାଯାଏ । ଦଙ୍ଗ, ଲାଖ୍‌ଣେ ଓ ମୁତ୍‌କାର ନୃତ୍ୟ ସାଧାରଣତଃ ବିବାହ ସମୟରେ ପରିବେଷିତ ହୁଏ । ସଂପ୍ରତି ହିନ୍ଦୀ ଅନୁକ୍ରମରେ ସଂଯୋଜିତ ସଙ୍ଗୀତ ପରିବେଷଣ ବିର୍‌ହୋର୍‌ ସାଙ୍ଗିତିକ ଜଗତକୁ ଆଚ୍ଛାଦିତ କରିବାରେ ଲାଗିଛି । ଧାର୍ମିକ ପର୍ବପର୍ବାଣି ଓ ଉତ୍ସବ ସମୂହରେ ଭକ୍ତି ସଙ୍ଗୀତ ଗାନ କରାଯାଏ ।

ପାରଂପରିକ ଭାବରେ ସେମାନେ ପରିବେଷଣ କରୁଥିବା ନୃତ୍ୟଗୁଡ଼ିକ ମଧ୍ୟରେ ଦଙ୍ଗ. ଲାଗ୍‌ଣେ, ମୁତ୍‌କାର, ଯାଦୁର୍‌ ଓ କରମ୍‌ ନୃତ୍ୟ ପ୍ରଧାନ । ଯାଦୁର୍‌ ନୃତ୍ୟ ପରିବେଷର ସମୟରେ ଗେନା ବାଦ୍ୟ ଓ କରମ୍‌ ନୃତ୍ୟ ପରିବେଷଣ ସମୟରେ ଖେମ୍‌ଟା, ଝୁମର୍‌ ଓ ହଂସଦା ବାଦ୍ୟ ବାଜେ ।

ନୃତ୍ୟ ଓ ସଙ୍ଗୀତ ପରିବେଷଣ ପାଇଁ ସେମାନେ ବିବିଧ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । ସେସବୁ ମଧ୍ୟରେ ଢୋଲକ, ମାଦଳ, ଟମକ / ନାଗରା ତିରିଓ ବା ବାଉଁଶ ତିଆରି ବଂଶୀ ପ୍ରଧାନ । ବଂଶୀରେ ୩, ୫, ବା ୭ଟି ରନ୍ଧ୍ର ଥାଏ । ଗୋଟିଏ ରନ୍ଧ୍ରରେ ଓଠ ସହାୟତାରେ ବାୟୁ ସଂଘ୍ଟଳିତ କରି ଅନ୍ୟ ରନ୍ଧ୍ରଗୁଡ଼ିରେ ଆଙ୍ଗୁଠି ସଂଘ୍ଟଳନ ଦ୍ୱାରା ନିର୍ଗତ ମଧୁର ସ୍ୱର ଶ୍ରୋତାର ଶରୀର ଓ ମନରେ ନବପୁଲକ ସଂଘ୍ଟର କରେ । କେନ୍ଦେରା ବଜାଇବା ପାଇଁ ଧନୁ ଆକୃତିର ଅନ୍ୟ ଏକ ତନ୍ତୁ ଯୁକ୍ତ ସାମଗ୍ରୀରେ କେତୋଟି ଗିନି ଓ ଘୁଙ୍ଗୁର ଲାଗିଥାଏ । ଗୋଟିଏ ସରୁ ଉପରେ ଅନ୍ୟ ଏକ ସଂଘ୍ଟଳିତ ହୋଇ କୋମଳ ସ୍ୱରର ଏକ ମଧୁର ରାଗିଣୀ ଫୁଟିଉଠେ ।

ଜନ୍ମ, ବିବାହ, ଭୋଜିଭାତ, ପର୍ବପର୍ବାଣି ସହିତ ନୃତ୍ୟ ଯୋଡି ହୋଇଥାଏ । ବିର୍‌ହୋର୍‌ ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି । ବାଦ୍ୟର ତାଳେ ତାଳେ ମହିଳାମାନେ ନାଚି ଉଠନ୍ତି ।


ବିର୍‌ହୋର୍‌ମାନେ ଗୋଷ୍ଠୀନୃତ୍ୟ ପରିବେଷଣ କରନ୍ତି । ବାଳକ, ବାଳିକା, ଯୁବକ, ଯୁବତୀ, ବୁଢ଼ା, ବୁଢ଼ୀ ସମସ୍ତେ ଏଥିରେ ଅଂଶଗ୍ରହଣ କରନ୍ତି । ନୃତ୍ୟ ପରିବେଷଣ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ନଥାଏ । ନୃତ୍ୟରେ ଅଂଶଗ୍ରହଣ କରୁଥିବା ମହିଳାମାନେ କୌଣସି ସ୍ୱତନ୍ତ୍ର ନୃତ୍ୟ-ପୋଷାକ ପିନ୍ଧନ୍ତି ନାହିଁ । ବିର୍‌ହୋର୍‌ମାନଙ୍କ ନୃତ୍ୟ ପରିବେଷଣର ଶୈଳୀ ଏବେ ମଧ୍ୟ ଅବସର ବିନୋଦନର ଉତ୍ସ ହୋଇ ରହିଛି ।







ପ୍ରସ୍ତାବନା

ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଠାରେ ୧୯୮୭ ମସିହାରେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ବିର୍‌ହୋର୍ / ମାଙ୍କଡ଼ିଆମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଆଣିବା ଲକ୍ଷ୍ୟରେ "ପାହାଡ଼ୀ ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା" ନାମରେ ଏକ ଅଣୁ-ପ୍ରକଳ୍ପ (Micro-Project) ଆରମ୍ଭ ହେଲା । ଯଶୀପୁର ବ୍ଲକର ଦୁର୍‌ଦୁରା ଓ କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ଗାଁର ୬୦ଟି ବିର୍‌ହୋର୍ ପରିବାରର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଅଣୁ-ପ୍ରକଳ୍ପ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ମିଳିତ ସହଯୋଗରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି । "ସ୍ୱୟଂ ସହାୟକ ଗୋଷ୍ଠୀ" ଗଠନ କରାଯାଇ ସାମାଜିକ ସଚେତନତା ବଢାଇବା ସହିତ ସାମାଜିକ ଓ ଅର୍ଥନୈତିକ ପ୍ରଗତିର ଦ୍ୱାର ଉନ୍ମୁକ୍ତ ରଖାଯାଇଛି । ଅଣୁ-ପ୍ରକଳ୍ପ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ପ୍ରାୟୋଜିତ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ବିର୍‌ହୋର୍‌ମାନେ ଆବଶ୍ୟକ ସହଯୋଗ କରୁଛନ୍ତି । ସରକାରୀ ଓ ବେସରକାରୀ ସଂସ୍ଥା ସମୂହର ମଧ୍ୟସ୍ଥତା ସଫଳ ସାବ୍ୟସ୍ତ ହୋଇଛି । ଏହାର ପ୍ରଭାବରେ ଅନେକ ବିର୍‌ହୋର୍ ଦାରିଦ୍ର୍ୟର ସୀମାରେଖା ଉପରକୁ ଉଠିଛନ୍ତି । ସଚେତନଶୀଳ ବିର୍‌ହୋର୍‌ମାନେ କ୍ରମଶଃ ସାକ୍ଷର ହେବା ସହିତ ଶିକ୍ଷାର ଗୁରୁତ୍ୱ ହୃଦୟଙ୍ଗମ କରି ସେମାନଙ୍କ ପିଲାମାନଙ୍କୁ ସ୍କୁଲକୁ ପଠାଇଲେଣି । ନୂଆ ନୂଆ ବ୍ୟବସାୟରେ ହାତ ଦେଲେଣି । କେତେକ ବିର୍‌ହୋର୍ ଟ୍ରାକ୍ଟର ଚାଳକ ଭାବରେ କାମ କରୁଛନ୍ତି । ଭ୍ରମଣଶୀଳ ଯାଯାବରୀ ଜୀବନଧାରାକୁ ଛାଡି ସେମାନେ ଏବେ ସ୍ଥାୟୀଭାବରେ ବସବାସ କରିବା ଶିଖିଲେଣି ।














ବିର୍‌ହୋର୍‌ମାନଙ୍କ ଉନ୍ନୟନ ନିମନ୍ତେ ଉଦ୍ଦିଷ୍ଟ ଅଣୁ-ପ୍ରକଳ୍ପ (Micro-Project)ର ସୀମା ବାହାରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଆହୁରି ୨୦୯ ବିର୍‌ହୋର୍‌ ପରିବାର ରହୁଛନ୍ତି । ସରକାରଙ୍କ ଠାରୁ ମିଳୁଥିବା ସାହାଯ୍ୟ ସହଯୋଗ ପ୍ରତି ସେମାନେ ସଚେତନ ଅଛନ୍ତି । ଜୀବନଜୀବିକା କ୍ଷେତ୍ରରେ ସେମାନଙ୍କ ଆବଶ୍ୟକତାକୁ ଭିତ୍ତି କରି ଯେତିକି ସହାୟତା ସେମାନଙ୍କ ନିକଟରେ ପହଞ୍ଚିବା କଥା ବାସ୍ତବ କ୍ଷେତ୍ରରେ ତାହା ହୁଏ ନାହିଁ । ତଥାପି ବାଲେଶ୍ୱର ଓ ମୟୂରଭଂଜ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ କେତେକ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିର୍‌ହୋର୍‌ମାନଙ୍କ ସାମାଜିକ ଚଳଣି ଓ ସ୍ଥିତାବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଆବଶ୍ୟକ ସହଯୋଗ କରୁଛନ୍ତି । ବାସଗୃହ, ପୁଷ୍ଟିକର ଖାଦ୍ୟ ଓ ଶିକ୍ଷା ପରି ମୌଳିକ ଆବଶ୍ୟକତାର ପରିପୂରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରାଯାଉଛି । ଏ ଦିଗରେ ମୟୂରଭଞ୍ଜ ଜିଲ୍ଲାର ସ୍ୱେଚ୍ଛାସେବୀ ସଂସ୍ଥା "ଅନ୍ୱେଷଣ"ର ପ୍ରଚେଷ୍ଟା ବେଶ୍‌ ପ୍ରଶଂସନୀୟ ।

ବିର୍‌ହୋର୍‌ ଜନଜାତିଙ୍କ ପାଇଁ ଖାଦ୍ୟ ନିରାପତ୍ତାର ବ୍ୟବସ୍ଥା କରି ସେମାନଙ୍କୁ ସୁସ୍ଥ ରଖିବା ସହିତ ମୃତ୍ୟୁହାର କମାଇବା ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଅନ୍ୱେଷଣ"ର ସହାୟତାରେ ଓଉପଦା ବ୍ଲକର କୁସୁଡ଼ିହା ଗାଁରେ ଗୋଟିଏ "ଶସ୍ୟଭଣ୍ଡାର" କରାଯାଇଛି । ଗୃହ ନିର୍ମାଣ ପାଇଁ "ଅନ୍ୱେଷଣ" ସଂସ୍ଥା ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦେଇଛି । ବିର୍‌ହୋର୍‌ମାନେ ଶ୍ରମଦାନ କରି "ଶସ୍ୟଗୋଦାମ" ତୋଳିଛନ୍ତି । ତିରୋଟ ସମୟରେ ଲୋକମାନେ ଶସ୍ୟଗୋଦାମରୁ ଶସ୍ୟ ପାଇବାର ବ୍ୟବସ୍ଥା ରହିଛି । ଶସ୍ୟଗୋଦାମରେ ଖାଦ୍ୟଶସ୍ୟ ଗଚ୍ଛିତ ରହିବା ସହିତ ଏଠାରେ ପ୍ରାକ୍‌-ପ୍ରାଥମିକ ଶିକ୍ଷା, ଦଉଡ଼ିବଳା ସରଞ୍ଜାମ ଓ କଞ୍ଚାମାଲ ଆଦି ରଖିବାର ସୁବିଧା ରହିଛି । ବର୍ଷା ସମୟରେ ଏଠାରେ ସାମୟିକ ଆଶ୍ରୟ ନେବାର ବନ୍ଦୋବସ୍ତ ମଧ୍ୟ କରାଯାଇଛି । ମୋଟ ଉପରେ ଶସ୍ୟ ଗୋଦାମ (Grain Bank) ର ବହୁମୁଖୀ ଉପଯୋଗ










ଦ୍ୱାରା ବିର୍‌ହୋର୍‌ମାନେ ଢେର୍ ଉପକୃତ ହେଉଛନ୍ତି । ବେଳେବେଳେ ଏହା ମଧ୍ୟ "ଯୁବାଆବାସସ୍ଥଳୀ" ଭାବରେ ବ୍ୟବହୃତ ହୁଏ । କର୍ମ କୌଶଳ ଓ ଦକ୍ଷତା ବୃଦ୍ଧି ପାଇଁ ଏଠାରେ ବିର୍‌ହୋର୍‌ମାନଙ୍କୁ ପ୍ରଶିକ୍ଷିତ କରାଯାଏ । ସେମାନେ ଏହି କେନ୍ଦ୍ରର ହସ୍ତଗ୍ଧଳିତ ଯନ୍ତ୍ର ସାହାଯ୍ୟରେ ସବାଇଘାସରୁ ଦଉଡି ପ୍ରସ୍ତୁତ କରିବାର କଳା ଓ କୌଶଳ ଶିଖି ପାରିଛନ୍ତି ।

ପୁଷ୍ଟିକର ଖାଦ୍ୟର ଅଭାବକୁ ମୁକାବିଲା କରିବା ଓ ମେଣ୍ଟାଇବା ପାଇଁ ଘର ପଛପଟ "ବାଡ଼ି ବଗିଚା"ରେ ପନିପରିବା ଗ୍ଧଷ କରିବା ପାଇଁ ସହାୟତା ଦିଆଯାଉଛି । ଅମୃତଭଣ୍ଡା, କଦଳୀ, ସଜନାଛୁଇଁ ଆଦି ଫଳ ଗଛ, ଲଙ୍କା, କଖାରୁ, ପୋଇ, ମୂଳା ଆଦି ପନିପରିବା, ପାଳଙ୍ଗ, ମେଥି ଆଦି ଶାଗ ମଞ୍ଜି ବିର୍‌ହଲ୍ ମାନଙ୍କୁ ବଣ୍ଟାଯାଉଛି । ଏ ଦିଗରେ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି । ଫଳତଃ ପନିପରିବା ଗ୍ଧଷ କରି ସେମାନେ ପୁଷ୍ଟିକର ଖାଦ୍ୟ ପାଉଛନ୍ତି । ବଳକା ପନିପରିବା, ଶାଗ, ଫଳ ଆଦିକୁ ବଜାରରେ ବିକ୍ରିବଟା କରି କିଛି ଅର୍ଥ ଉପାର୍ଜନ କରୁଛନ୍ତି ।

ସ୍ଥାନୀୟ କୃଷକ ଓ କୃଷି ସଂସ୍କୃତି ସହିତ ସଂପର୍କ ଓ ଭାବର ଆଦାନ ପ୍ରଦାନ ହେବା ଫଳରେ ବିର୍‌ହୋର୍‌ମାନେ ଧାନଗ୍ଧଷର କୌଶଳ ଶିଖିଲେଣି । ଏବେ ସେମାନଙ୍କ ମଧ୍ୟରୁ କେତେକ ଭାଗରେ ଧାନଗ୍ଧଷ ଆରମ୍ଭ କଲେଣି । ବିର୍‌ହୋର୍‌ମାନେ ଏବେ ଭାଗଗ୍ଧଷୀ ଭାବରେ ଧାନ ଫସଲ କରୁଛନ୍ତି ।

ଉନ୍ନୟନମୂଳକ ସହାୟତା ବଳରେ ବିର୍‌ହୋର୍‌ମାନେ ପୂର୍ବପରି ଏବେ ଆଉ ଅନ୍ୟ ଲୋକମାନଙ୍କ ଅର୍ଥନୈତିକ ଶୋଷଣର ଶିକାର ହେଉନାହାଁନ୍ତି । ସଠିକ୍ ମାପ, ଓଜନ ଓ ଦାମ୍ ବିନିମୟରେ ଲୋକମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବଳକା ଦ୍ରବ୍ୟକୁ ଶସ୍ୟଗୋଦାମରେ ବିକ୍ରିକରି ଉପଯୁକ୍ତ ମୂଲ୍ୟ ପାଉଛନ୍ତି । ଏହା ମଧ୍ୟ ସେମାନଙ୍କୁ ଦଉଡି ପ୍ରସ୍ତୁତ କରିବା କାର୍ଯ୍ୟରେ ସହାୟତା ପ୍ରଦାନ କରୁଛି ।



ବିର୍‌ହୋର୍‌ମାନଙ୍କୁ ବିଭିନ୍ନ ପ୍ରତିଷେଧମୂଳକ ଟୀକା ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ପୁଷ୍ଟିକର ଖାଦ୍ୟଯୋଗାଣ ଆଦି ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାନ କରାଯାଉଛି । ଆଗକାଳରେ ଲୋକମାନେ ଗର୍ଭବତୀ ମହିଳା ନବଜାତ ଶିଶୁର ଡାକ୍ତରୀ ଚିକିତ୍ସାକୁ ପସନ୍ଦ କରୁନଥିଲେ । ଏବେ ସ୍ୱାସ୍ଥ୍ୟ ଓ ପୁଷ୍ଟିମୂଳକ ଯୋଜନାକୁ ଆନନ୍ଦରେ ଗ୍ରହଣ କରୁଛନ୍ତି । ଅଧିକାଂଶ ବିର୍‌ହୋର୍ ପୁଅ-ଝିଅ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଗ୍ଧଳିତ ଆବାସିକ ସେବାଶ୍ରମରେ ନାମ ଲେଖାଇ ମୁକ୍ତ ଆନୁଷ୍ଠାନିକ ଶିକ୍ଷାର ସୁଯୋଗ ନେଉଛନ୍ତି ।



ବାୟା ମାଙ୍କଡ଼ିଆ ବିର୍‌ହୋର୍ ଟାଣ୍ଡାର ପ୍ରଥମ ମାଟ୍ରିକ ପାଶ୍ ଛାତ୍ର । ତାଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ଦିଆଯାଉଛି । ଭବିଷ୍ୟତରେ ସେ ଜଣେ ଶିକ୍ଷକ ହେବାର ସ୍ୱପ୍ନ ରଖିଛନ୍ତି ।






ପାଠପଢ଼ି ଶିକ୍ଷିତ ହୋଇ ଶିକ୍ଷକତା କରିବା ସହିତ ନିଜ ଭାଇ ଭଉଣୀଙ୍କୁ ଓ ନିଜ ଗୋଷ୍ଠୀର ଲୋକମାନଙ୍କୁ ପାଠ ପଢ଼ାଇ ଶିକ୍ଷିତ ଓ ସାମର୍ଥ କରିବା ତାଙ୍କର ଲକ୍ଷ୍ୟ ।



ବିର୍‌ହୋର୍‌ମାନଙ୍କ କୁମ୍ବା ପତ୍ର କୁଡ଼ିଆର ପାରଂପରିକ ନିର୍ମାଣ କୌଶଳରେ ପରିବର୍ତ୍ତନ ହୋଇଛି । ଆଗରୁ ଗୋଲାକାର କୁମ୍ବ କରୁଥିଲେ । ଏବେ ଆୟତାକାର କୁମ୍ବା କରୁଛନ୍ତି । ଆଗେ ପତ୍ରରେ ଛପର ହେଉଥିଲା । ଏବେ ଛଣରେ ଛପର ହେଉଛି । ଛପର ପରି ଘରର କାନ୍ଥ ନିର୍ମାଣ ଶୈଳୀ ମଧ୍ୟ ବଦଳିଛି । ସେମାନେ ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଧର୍ମୀୟ ଜୀବନ ଦ୍ୱାରା ବିର୍‌ହୋର୍‌ମାନେ କ୍ରମଶଃ ପ୍ରଭାବିତ ହେଲେଣି । ଧୀରେ ଧୀରେ ସେମାନଙ୍କ ଜୀବନଶୈଳୀ ସହିତ ନିଜ ଜୀବନଶୈଳୀକୁ ମିଶାଇବାକୁ ଚେଷ୍ଟା ଚଳାଇଛନ୍ତି । ପାରଂପରିକ ବ୍ୟବସ୍ଥାରେ ପୁଷ୍ଟ ଜନଜାତି ଏବେ କୃଷି ଜନଜାତିକୁ ରୂପାନ୍ତରିତ ହେବାକୁ ଯାଉଛି ।

ବିର୍‌ହୋର୍‌ମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମୂହ ଦ୍ୱାରା କାର୍ଯ୍ୟକାରୀ ବିବିଧ ବିକାଶମୂଳକ ସହାୟତା ସତ୍ତ୍ୱେ ଏବେ ମଧ୍ୟ ଅଧିକାଂଶ ବିର୍‌ହୋର୍‌ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ସେମାନଙ୍କୁ ଦିଆଯାଉଥିବା ସାହାଯ୍ୟ ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିପାରିନାହିଁ । ଅର୍ଦ୍ଧ ଭ୍ରମଣଶୀଳ ବିର୍‌ହୋର୍‌ମାନଙ୍କ ସାମାଜିକ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମୂହର ମିଳିତ ସହଯୋଗ ଆବଶ୍ୟକ । ଏହାଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ।









ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ






ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଓଡ଼ିଶା





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର, ଓଡ଼ିଶା

୨୦୧୨



ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ



ବଣ୍ଠା



ମୂଳ ଙ୍ଗରାଙ୍ଗୀ :
ଅଖିଳ ବିହାରୀ ଓଡା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓଡା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ଉପକ୍ରମଣିକା :

ପୂର୍ବଘାଟ ପର୍ବତମାଳା ଅନ୍ତର୍ଭୁକ୍ତ ମାଲକାନଗିରି ଜିଲ୍ଲାର ପୂର୍ବ ପଟକୁ ପ୍ରଲମ୍ବିତ ଜଣ୍ଡାକାମ୍ବେରୁ ଉଚ୍ଚ ପର୍ବତଶ୍ରେଣୀର ଅଭ୍ୟନ୍ତର ପ୍ରଦେଶରେ ସାହସୀ ଓ ସୌମ୍ୟଦର୍ଶୀ ବଣ୍ଡାମାନଙ୍କର ବସତି । ସୁଉଚ୍ଚ ପର୍ବତମାଳା ସେମାନଙ୍କର ପ୍ରିୟ ବାସ ସ୍ଥାନ । ମାଛକୁଣ୍ଡ ନଦୀର ଉତ୍ତର ପଶ୍ଚିମ ଦିଗରେ ଅବସ୍ଥିତ ବନ୍ଧୁର ଓ ସୁଉଚ୍ଚ ମାଳଭୂମି ଭିତରେ ବଣ୍ଡାମାନେ ସୀମିତ । ଏମାନେ ବସବାସ କରୁଥିବା ପାହାଡ଼ ଏମାନଙ୍କ ନାମ ଅନୁସାରେ ବଣ୍ଡାପାହାଡ଼ ।






ପ୍ରକୃତି କୋଳରେ ବିଷ୍ଣୁବ ମଣ୍ଡଳୀୟ ଘଞ୍ଚ ଜଙ୍ଗଲ, ଗଡାଣି ପାହାଡ଼, ଜଙ୍ଗଲ ସଂପଦଓ ପଶୁସଂପଦାରେ ସମୃଦ୍ଧ ଆରଣ୍ୟକ ଭୂଖଣ୍ଡରେ ସମୁଦ୍ର ପଉନ ଠାରୁ ପ୍ରାୟ ୩୦୦୦ ଫୁଟ ଉଚ୍ଚରେ ବଣ୍ଡାମାନେ ବାସ କରିଆସୁଛନ୍ତି ।




ପରିଚିତି

ପଡ଼ୋଶୀମାନେ ସେମାନଙ୍କୁ 'ବଣ୍ଡା' କୁହନ୍ତି । ସେମାନେ ନିଜକୁ କୁହନ୍ତି ରେମୋ । ରେମୋ ଅର୍ଥ ମଣିଷ । ସେମାନଙ୍କର ଜୀବନଶୈଳୀ ଓ ବ୍ୟକ୍ତିଗତ ଚେହେରାର ସ୍ୱତନ୍ତ୍ରତା ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା ବୋଲି ଚିହ୍ନାଇ ଦିଏ । ବଣ୍ଡା ପୁରୁଷ ଅଣଓସାରିଆ ଲମ୍ବା କପଡ଼ାକୁ ପିନ୍ଧନ୍ତି । ମହିଳାମାନଙ୍କର ପରିଧାନ ସାମଗ୍ରୀ ବେଶ୍ ବିଚିତ୍ର ।

କିମ୍ବଦନ୍ତୀ ସମ୍ବଳିତ କାହାଣୀ ବା ଜନଶ୍ରୁତି ଅଧାରରେ ବଣ୍ଡା ମହିଳା ଅଣ୍ଟାଠାରୁ ଉପରକୁ କୌଣସି ବସ୍ତ୍ର ପିନ୍ଧେ ନାହିଁ । ପିତ୍ତଳ ଓ କାଚ ଦ୍ୱାରା ନିର୍ମିତ ଗଳାମାଳି, ହାର, ପିତ୍ତଳ ଓ ରସ ନିର୍ମିତ ବୃତ୍ତାକାର ଓଜନିଆ ଅଳଂକାର ଶରୀରର ଉପର ଅନାବୃତ ଅଂଶକୁ ଆଚ୍ଛାଦିତ କରେ । ଛାତି ସଂପୂର୍ଣ୍ଣ ଆବୃତ ହୋଇ ରୁହେ । ଲମ୍ବ ଓ ରଙ୍ଗୀନ୍ ମାଳିଗୁଡ଼ିକ ନାଭିଠାରୁ ଆହୁରି ତଳକୁ ଓହଳି ସଂପୂର୍ଣ୍ଣ ଶରୀରକୁ ଢାଙ୍କି ରଖିଥାଏ ।








ବଣ୍ଡା ମହିଳା ଅଞ୍ଚାରେ ପ୍ରାୟତଃ ଫୁଟେ ଚଉଡ଼ା ଓ ୩ ଫୁଟ / ୪ ଫୁଟ ଚଉଡାର ମୋଟା, ରଙ୍ଗୀନ କପଡ଼ାକୁ ପିନ୍ଧାବସ୍ତ୍ର ଭାବରେ ବ୍ୟବହାର କରେ । ଏହାକୁ ସେମାନେ ନାଡ଼ୀ ବା ରିଙ୍ଗା କୁହନ୍ତି । ଏହି ରିଙ୍ଗା ଅଞ୍ଚା ଚାରିପଟେ ଗୁଡ଼ା ଯାଇଥିବା ସୂତା(ତୁମିଆ) ସହିତ ସଂଯୁକ୍ତ ହୁଏ । ଶରୀରର ନିମ୍ନାଂଗକୁ ଏହା କିଛି ପରିମାଣରେ ଆବୃତ କରେ । ବ୍ୟବହୃତ ରିଙ୍ଗା ସ୍ୱନିର୍ମିତ ତନ୍ତ ଦ୍ୱାରା ତିଆରି କରାଯାଏ । ପ୍ରାକୃତିକ କେରଙ୍ଗ ତନ୍ତୁରେ ରଙ୍ଗ ଦେଇ ଅବସର ସମୟରେ ରିଙ୍ଗା ବୁଣା ଯାଇଥାଏ ।



ସ୍ୱତନ୍ତ୍ର ଓ ସୁଦୃଶ୍ୟ ବେଶଭୂଷାର ଢଙ୍ଗ ଓ ପାରଂପରିକ ସାଜସଜ୍ଜାର ମଣ୍ଡନରେ ବଣ୍ଡା ମହିଳା ଦେଖିବାକୁ ବେଶ୍ ସୁନ୍ଦର ତଥା ଆକର୍ଷଣୀୟ ମନେହୁଏ । ସେମାନଙ୍କର ପାରଂପରିକ ପୋଷାକ ପରିଚ୍ଛଦଓ ପରିଧେୟ ସାମଗ୍ରୀ ମଧ୍ୟରେ ରଙ୍ଗୀନ୍ ମାଳିରେ ଗୁନ୍ଥା ହୋଇଥିବା ଲମ୍ବାଳିଆ ମାଳ, ଟଙ୍କା ଓ କଉଡ଼ିର ମାଳ ତଥା ଲମ୍ବିତ ମସ୍ତକରେ ଗୁଡ଼ା ଯାଇଥିବା ରଙ୍ଗୀନ ମାଳ ଆଦି ପ୍ରଧାନ । ମାଳିଗୁଡ଼ିକ ବେକଠାରୁ ନାଭି ପର୍ଯ୍ୟନ୍ତ ଶରୀରର ଉପର ଅଂଶକୁ ସଂପୂର୍ଣ୍ଣ ଭାବରେ ଆବୃତ କରି ରଖିଥାଏ । ଏହା ବ୍ୟତୀତ ସେମାନେ ଆଲୁମିନିୟମରେ ତିଆରି ଖଗଳା, କାନ ଓ ନାକ ରିଙ୍ଗ୍ ହାତ ମୁଦି, ଚୁଡ଼ି, ବଳା ଆଦି ଅଳଂକାର ପିନ୍ଧନ୍ତି । ସେମାନେ ଘାସ ଓ ମାଳି ଦ୍ୱାରା ତିଆରି ହେଡ୍ ବ୍ୟାଣ୍ଡ୍ ବ୍ୟବହାର କରନ୍ତି ମୁଣ୍ଡରୁ ବାଳକାଟି ନେଇ ସେମାନେ ରଙ୍ଗୀନ ମାଳିରେ ଯେପରି ମସ୍ତକ ମଣ୍ଡନ କରିଥାନ୍ତି ତାହା ବେଶ୍ ଆକର୍ଷଣୀୟ ହୋଇଥାଏ ।









ବସତି




ସୁନ୍ଦର ପ୍ରାକୃତିକ ପରିବେଷ୍ଟନୀ ଭିତରେ ବଣ୍ଡାବସତି ଗୁଡ଼ିକ ପାହାଡ଼ର ଶୀର୍ଷଦେଶ ଓ ପାହାଡ଼ ଗଡ଼ାଣିରେ ଗଡ଼ି ଉଠିଥାଏ । ପାହାଡ଼ୀ ରାସ୍ତା ଅତ୍ୟନ୍ତ ଅଙ୍କାବଙ୍କା ଓ ସର୍ପିଳ ହୋଇଥିବାରୁ ବଣ୍ଡା ଅଂଚଳକୁ ପ୍ରବେଶ କରିବା କଷ୍ଟସାଧ୍ୟ ହୋଇଥାଏ ।


ବଣ୍ଡା ଗାଁଗୁଡ଼ିକ ବଡ଼ ଓ ସାନ ହୋଇଥାଏ । ବଡ଼ ଗାଁ ଗୁଡ଼ିକ ଛୋଟ ଛୋଟ ପଡ଼ାରେ ବିଭକ୍ତ ହୋଇଥାଏ । ଗାଁ ଭିତରେ ନିର୍ଦ୍ଦିଷ୍ଟ ରାସ୍ତା ନଥାଏ । ଘରଗୁଡ଼ିକ ଲଗାଲଗି ହେଲେ ମଧ୍ୟ ଏଠି ସେଠି ହୋଇ ନିର୍ମିତ








ହୋଇଥାଏ । ଗାଁ ଭିତରେ ସମସ୍ତଙ୍କ ସୁବିଧା ହେଲାଭଳି ଏକ ପ୍ରଶସ୍ତ ଜାଗାରେ ଗାଁର ସଭାମଣ୍ଡପ ରହିଥାଏ । ଏହାକୁ "ସିନ୍ଦି ବୋର" କୁହାଯାଏ । ଗାଁର ଶେଷମୁଣ୍ଡରେ ଅଥବା ମଝିରେ ଅବିବାହିତ ବଣ୍ଡା ଝିଅମାନଙ୍କ ଯାଇଁ ଯୁବାଘର ବା ସେଲାନି ଡିଙ୍ଗୋ ଥାଏ ।











ଗାଁର ପ୍ରବେଶ ପଥରେ ଗ୍ରାମ ଦେବତୀ(ହୁଣ୍ଡି)ଙ୍କ ଆସ୍ଥାନ । ବଣ୍ଡା ଅଞ୍ଚଳର ମୁଖ୍ୟ ଗାଁ ମୁଦୁଲିପଡ଼ା ଗାଁର ବରଗଛ ସନ୍ନିର ଥିବା ବଡ଼ ଖଣ୍ଡାଟି ସୃଷ୍ଟିକର୍ତ୍ତା ଓ ସର୍ବଶ୍ରେଷ୍ଠ ଦେବତା "ପାଟଖଣ୍ଡା" ମହାପ୍ରଭୁଙ୍କର ସନ୍ତକ ଭାବରେ ପୂଜାପାନ୍ତି । ଗାଁକୁ ଲାଗି ରହିଥିବା ଚିରସ୍ରୋତା ପାହାଡୀ ଝରଣାର ଜଳକୁ ସମସ୍ତେ ବ୍ୟବହାର କରନ୍ତି । ଗାଁର ଅନତିଦୂରରେ ଗ୍ରାମ୍ୟ ଶ୍ମଶାନ ।










ଗୃହ ନିର୍ମାଣ

ଚାଳ ଛପର ହୋଇଥିବା ଛୋଟ କୁଡ଼ିଆଟି ବଣ୍ଡାର ରହିବା ଘର । କାନ୍ଥଗୁଡ଼ିକ ବାଉଁଶ ଚାଞ୍ଚରାରେ ତିଆରି । ତାହା ମାଟି ଓ ଗୋବରରେ ଲିପା ହୋଇଥାଏ ।






ରଙ୍ଗମାଟିରେ କାନ୍ଥକୁ ଚିତ୍ରିତ କରାଯାଏ । "ପିରି" ନାମକ ଏକ ପ୍ରକାର ବଣ୍ୟଘାସ ଦ୍ୱାରା ଘରକୁ ଛପର କରାଯାଏ । ବର୍ତ୍ତମାନ 'ପିରି' ବଦଳରେ କେତେକ ଲୋକ ଟାଇଲ, ଟିଣ ଓ ଆଜବେଷ୍ଟସ ଘର ତିଆରି କରୁଛନ୍ତି ।








ଘରର ସମ୍ମୁଖରେ ଅଥବା ଚତୁପାର୍ଶ୍ୱରେ ପ୍ରଶସ୍ତ ବାରଣ୍ଡା । ଶୋଇବା ଓ ଅବସର ଉଦ୍ଦେଶ୍ୟରେ ଏହା ବ୍ୟବହୃତ ହୁଏ । ଏହା ଖୋଲାଥାଏ କିମ୍ବା ମାଟି କାନ୍ଥ ଦ୍ୱାରା ନିବୁଜ ହୋଇଥାଏ । ଚଉକାଠକୁ କାରୁକାର୍ଯ୍ୟ ବିମଣ୍ଡିତ କରି ଘରର ପ୍ରବେଶ ପଥକୁ ଆକର୍ଷଣୀୟ କରିବା ସହିତ କାନ୍ଥରେ ରଙ୍ଗ ଦିଆଯାଇଥାଏ ।





ବଣ୍ଡାମାନେ ଭିତର ଘରକୁ ପୃଥକ ଭାବରେ ବଣ୍ଟୁଆରା କରି ଶୋଇବା ଘର ସହ ରୋଷେଇ ଘର ଓ ଭଣ୍ଡାର ଘର ଭାବରେ ବ୍ୟବହାର କରନ୍ତି । ଘରେ ଅତି ଦରକାରରେ ଆସୁଥିବା ଯତ୍‌ସାମାନ୍ୟ ଘରକରଣା ଜିନିଷ ରହିଥାଏ । ଧନୁ, ତୀର, କେତୋଟି ମାଟିପାତ୍ର, ଓ କୃଷି ଉପକରଣ ମଧ୍ୟ ଥାଏ ।









ଘରକୁ ଲାଗି ଅଥବା ଘରଠାରୁ ଅନତି ଦୂରରେ ଗାଈ, ବଳଦ, ମଇଁଷି, ଛେଳି, କୁକୁଡା ଆଦି ଗୃହପାଳିତ ପଶୁଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଚାଳଘର ନିର୍ମାଣ କରାଯାଇଥାଏ ।





କେତେକ ବଣ୍ଡାଘର ବାଉଁଶ ଫାଳ ବା ବତା ଦ୍ୱାରା ବାଡ଼ବନ୍ଦୀ ହୋଇଥାଏ । ଘର ପଛପଟେ ଅଥବା ସଂନିକଟ ସ୍ଥାନରେ ବାଡ଼ ବଗିଚା କରାଯାଇଥାଏ । ଏଠାରେ ପଣସ, ଆମ୍ବ, ପିକୁଳି, ଲେମ୍ବୁ ଆଦି ଫଳନ୍ତି ବୃକ୍ଷ ସହିତ ଋତୁକାଳୀନ ପନିପରିବା ମଧ୍ୟ ଲଗାଯାଏ । ବଗିଚାଟି ବାଉଁଶ ବତାର ବାଡ଼ ଦ୍ୱାରା ଆବଦ୍ଧ ହୋଇଥାଏ ।










ଜୀବନଧାରା

ବଣ୍ଡାମାନେ ବାସ କରୁଥିବା ଉଚ୍ଚଭୂମିର ଜଳବାୟୁ ଗ୍ରୀଷ୍ମଋତୁରେ ମଧ୍ୟ ନାତିଶୀତୋଷ୍ଣ ଥାଏ । ଜୀବନ ଜୀଇଁବା ପାଇଁ ବଣ୍ଡାମାନେ ସକାଳୁ ଉଠି ସେମାନଙ୍କ ଦୈନନ୍ଦିନ କାମରେ ଲାଗିପଡନ୍ତି । ସକାଳ କାମ ଶେଷ କରିବା ପାଇଁ ସେମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠନ୍ତି । ପରେ ପରେ ଜୀବିକା କ୍ଷେତ୍ରକୁ ଯାଇ କଠିନ ପରିଶ୍ରମ କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି ।






କଠିନ ପରିଶ୍ରମୀ ବଣ୍ଡା ମହିଳାମାନେ ଘରର ବିବିଧ କାର୍ଯ୍ୟ କରିବା ପାଇଁ ପୁରୁଷମାନଙ୍କ ଠାରୁ ସଅଳ ଉଠନ୍ତି । ପ୍ରକୃତରେ ବଣ୍ଡା ସମାଜର ମେରୁଦଣ୍ଡ ହିସାବରେ ପରିବାର ପରିଚାଳନାରେ ମହିଳାମାନଙ୍କର ପ୍ରମୁଖ ଓ ଗଠନମୂଳକ ଭୂମିକା ରହିଛି ।












ବଣ୍ଡାମହିଳାମାନେ ପାରିବାରିକ କାର୍ଯ୍ୟବୋଝର ଅଧିକାଂଶ ଅଂଶ ନିଜେ ସମ୍ଭାଳି ଥାନ୍ତି । ଏତଦ୍‌ବ୍ୟତୀତ ଶିଶୁଯତ୍ନ, ଘର ପରିଷ୍କାର ପରିଚ୍ଛନ୍ନ, ଲିପାପୋଛା, ଗୃହପାଳିତ ପଶୁଙ୍କ ଯତ୍ନ ନେବା, ଗୁହାଳ ପୋଛିବା, ଲୁଗାପଟା, ଓ ବାସନକୁସନ ଆଦି ସଫା କରିବା, ପାଣି ଆଣିବା, ଜାଳେଣି କାଠ ସଂଗ୍ରହ କରିବା, ଖାଦ୍ୟ ପ୍ରସ୍ତୁତ କରିବା ଓ ପରଷିବା, ରିଙ୍ଗା ବୁଣିବା, ଝାଡୁ ଓ ପତ୍ରଦନା ତିଆରି କରିବା, ଜିନିଷପତ୍ରର କିଣାବିକା ଓ ବଦଳ ପାଇଁ ସାପ୍ତାହିକ ହାଟକୁ ଯିବା ଆଦି ଗୁରୁତ୍ୱପୂର୍ଣ୍ଣ କାମ ମଧ୍ୟ କରନ୍ତି । ଏହି କାରଣରୁ ବଣ୍ଡାସମାଜ ମହିଳାମାନଙ୍କୁ ସମ୍ମାନ ଦିଏ ।












ନିତିଦିନିଆ ଘରୋଇ କାମ ସାରିଲା ପରେ ବଣ୍ଡା ପୁରୁଷ, ମହିଳା ଓ ପିଲାମାନେ ସାଙ୍ଗରେ ମଧ୍ୟାହ୍ନ ଭୋଜନ ଧରି କାର୍ଯ୍ୟକ୍ଷେତ୍ରକୁ ବାହାରି ପଡନ୍ତି ।







ବଂଧୁର, ରୁକ୍ଷ ଓ ଶୁଷ୍କ ଅଂଚଳ ବ୍ୟତୀତ ପାଣି ସୁବିଧା ଥିବା ସ୍ଥାନରେ ଝୋଲାଚାଷ କରିବା ସହିତ ସେମାନେ ପୋଡୁଚାଷ (ଡଙ୍ଗର ଚାଷ) କରି ଜୀବିକା ନିର୍ବାହ କରନ୍ତି । କାମ କଲାବେଳେ କାର୍ଯ୍ୟକ୍ଷେତ୍ରରେ ଘରୁ ଆଣିଥିବା ମଧ୍ୟାହ୍ନ ଭୋଜନ ଖାଆନ୍ତି । ବେଳେବେଳେ ସେମାନେ ନିଜ ନିଜର କର୍ମକ୍ଷେତ୍ରରେ ଖାଦ୍ୟ ପ୍ରସ୍ତୁତ କରି ଖାଇବାର ଦେଖାଯାଏ । ଅପରାହ୍ନରେ ସେମାନେ ଘରକୁ ଫେରି ଆସନ୍ତି ।
















ତାଜା ସଲପ ରସ ପ୍ରତି ବଣ୍ଡା ପୁରୁଷମାନଙ୍କର ଆସକ୍ତି ରହିଥାଏ । ସେମାନେ ସଲପ ଗଛରେ ଚଢ଼ି ରସ ସଂଗ୍ରହ କରନ୍ତି । ଏହା ଏକ ନିଶାଯୁକ୍ତ ପାନୀୟ । କ୍ଷଣକୋପି ବଣ୍ଡା ପୁରୁଷର ପ୍ରକୃତି । ସେମାନେ ଅଭିଜ୍ଞ ଧନୁର୍ଦ୍ଧର । ବାହାରକୁ ଯିବାବେଳେ ଧନୁ, ତୀର, ଛୁରୀ, ଟାଙ୍ଗି ଆଦି ଅସ୍ତ୍ର ସାଙ୍ଗରେ ନେଇଥାନ୍ତି । ନିଶାଗ୍ରସ୍ତ ଅବସ୍ଥାରେ ସେମାନେ ଅତ୍ୟନ୍ତ ଉଗ୍ର ଓ ଭୟଙ୍କର ହୋଇ ନରହତ୍ୟା ଭଳି ଅପରାଧ ମଧ୍ୟ କରିଥିବାର ଦେଖାଯାଏ ।









କର୍ମକ୍ଷେତ୍ରରୁ ଫେରିବା ପରେ ବଣ୍ଡା ମହିଳାମାନେ ନିତିଦିନିଆ ଘରକାମରେ ଲାଗିପଡନ୍ତି । ପିଲାମାନଙ୍କର ଯତ୍ନ ନିଅନ୍ତି । ସାନ୍ଧ୍ୟ ଭୋଜନ ପ୍ରସ୍ତୁତ କରିବା ନିମନ୍ତେ କାଳେଣୀ କାଠ ସଂଗ୍ରହ କରନ୍ତି । ଉଷାରୁ ଗୋଧୂଳି ଯାଏ ବଣ୍ଡା ମହିଳା ସେମାନଙ୍କ କାମରେ ଲାଗିଥାନ୍ତି । ଅବସର ସମୟରେ ସେମାନେ ଏକତ୍ରିତ ହୋଇ ଗପସପ କରିଥାନ୍ତି ।






ପୁରୁଷ, ମହିଳା ଓ ପିଲାମାନେ ନିଜ ନିଜ ସାମର୍ଥ୍ୟ ମୁତାବକ କାର୍ଯ୍ୟ ସମ୍ପାଦନ କରନ୍ତି । ପିଲାମାନେ ଓ ବୁଢ଼ାବୁଢ଼ୀମାନେ ମଧ୍ୟ କିଛି କାମ ନ କରି ଖାଲିଟାରେ ବସି ରୁହନ୍ତି ନାହିଁ । ଦଶ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ବାପା ମାଆଙ୍କୁ ଘରକାମ ଓ ବାହାର କାମରେ ସାହାଯ୍ୟ କରନ୍ତି । ବାପା ମାଆଙ୍କର ଅନୁପସ୍ଥିତିରେ ପିଲାମାନେ ସେମାନଙ୍କର ସାନ ଭାଇ ଭଉଣୀମାନଙ୍କର ଯତ୍ନ ନିଅନ୍ତି ।










ଶୀତ ଋତୁରେ ସୂର୍ଯ୍ୟାସ୍ତ ପରେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକମାନେ ରାସ୍ତାରେ ନିଆଁଜାଳି ଚାରିପଟେ ବସି ଦୁଃଖସୁଖ ହୋଇଥାନ୍ତି ।





ପର୍ବପର୍ବାଣି ସମୟରେ ଅଥବା ଅବସର ସମୟରେ ଚାକଚକ୍ୟ ଓ ସୁଦୃଶ୍ୟ ଅଳଂକାର ଶୋଭିତ ପାରଂପରିକ ବେଶପୋଷାକ ପିନ୍ଧି ଯୁବକ ଯୁବତୀମାନେ ଆନନ୍ଦ ମନରେ ନାଚି କରନ୍ତି । ବେଳେବେଳେ ସେମାନଙ୍କ ନୃତ୍ୟ ଦିନରାତି ଲାଗିରୁହେ । ଅନ୍ୟମାନେ ଅନତି ଦୂରରୁ ସେମାନଙ୍କ ନୃତ୍ୟକୁ ଅନୁଭବ କରନ୍ତି ।








ଜୀବନ ଓ ଜୀବିକା



ଜୀବନ ଜୀଇଁବା ପାଇଁ ବଣ୍ଡାମାନେ ବନ୍ଧୁର, କର୍କଶ ଓ ଶୁଷ୍କ ବସତି ଅଂଚଳରେ ହାଡ଼ଭଙ୍ଗା ପରିଶ୍ରମ କରନ୍ତି । ସାଧାରଣତଃ ବଣ୍ଡାମାନେ କୃଷିଜୀବୀ । ସେମାନେ ବ୍ୟାପକ ଅଂଚଳରେ ପୋଡୁଚାଷ କରନ୍ତି । ଏଥିରୁ ସେମାନେ ଖାଦ୍ୟଶସ୍ୟ, ଡାଲି ଓ ତୈଳବୀଜ ଜାତୀୟ ଫସଲ ଯଥା କାଙ୍ଗୁ, ସୁଆଁ, ଜନା, ବିରି, ମକା ଅଳସି ଆଦି ଉତ୍ପାଦନ କରନ୍ତି । ଜଳସେଚନର ସୁବିଧା ଥିବା କ୍ରମାବନତ ପାହାଡ଼ୀ ସମତଳ ଜମିରେ ତଳିରୁଆ ପଦ୍ଧତିରେ ଧାନଚାଷ କରାଯାଏ ।

ବଣ୍ଡାମାନଙ୍କ ବସତି ଅଂଚଳରେ ଡଙ୍ଗର ଚାଷ ଓ ସାଧାରଣ ଚାଷର ଏକ ସୁନ୍ଦର ସମନ୍ୱୟ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଥାଏ । ଚାରା ରୋପଣ ; ତଳିରୁଆ, ଏକ-ଫସଲୀ ଓ ବହୁ-ଫସଲୀ କୃଷିର ମିଶ୍ରିତ ନିଆରା ଡଙ୍ଗ ସ୍ପଷ୍ଟ ବାରି ହୋଇପଡ଼େ ।







ବାଡ଼ି ବଗିଚାରେ ସେମାନେ ମକା, ଧୂଆଁପତ୍ର, ଫଳ ଓ ପନିପରିବା ଚାଷ କରନ୍ତି ।

କୃଷି ବ୍ୟତୀତ ପଶୁପାଳନ ଓ ଋତୁକାଳୀନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ସେମାନଙ୍କୁ ଅତିରିକ୍ତ ଜୀବିକା ଭାବରେ ଜୀବନଧାରଣରେ ଆବଶ୍ୟକୀୟ ସହାୟତା ଯୋଗାଇଥାଏ ।


ବଣ୍ଡାମାନେ ପାହାଡ଼ୀ ଅଂଚଳରୁ ମୁଣ୍ଡିଗୁଡ଼ା, କୁଡୁମୁଲୁଗୁମା, ଗୋବିନ୍ଦପାଲି, ମାଥିଲି, ଲମତାପୁଟ, ଖଇରପୁଟ, ପଣସପୁଟ, ଅନ୍‌କାଡେଲି ଆଦି ସମତଳ ଅଂଚଳରେ ବସୁଥିବା ସାପ୍ତାହିକ ହାଟକୁ ଆସନ୍ତି । ଏଠାରେ ସେମାନେ ବାହାର ଦୁନିଆ ସଂସ୍ପର୍ଶରେ ଆସନ୍ତି ।

ବଳକା କୃଷି ଉତ୍ପାଦିତ ଦ୍ରବ୍ୟ, ଲଘୁ ବନଜାତ ଦ୍ରବ୍ୟ ଓ ଝାଡୁ ଆଦିକୁ ସେମାନେ ସାପ୍ତାହିକ ହାଟରେ ବିକ୍ରି କରନ୍ତି ଅଥବା ଅଦଳ ବଦଳ ମଧ୍ୟ କରନ୍ତି । ବଜାର ସମ୍ବନ୍ଧୀୟ ନେଣଦେଣ କାରବାର ମୁଖ୍ୟତଃ ମହିଳାମାନଙ୍କ ଦ୍ୱାରା ହୋଇଥାଏ । ଏହା ବ୍ୟତୀତ ସେମାନେ ନିକଟ ଓ ଦୂର ଗାଁରୁ ଆସିଥିବା ବଂଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ହାଟରେ ଭେଟି ଉଲ୍ଲସିତ ହେବା ସହ ଖାଇବା ଦୋକାନର ଖାଦ୍ୟସାମଗ୍ରୀ ଓ ମିଠା ଆଦି କିଣି ଖାଇବାରେ ସଉକ ରଖନ୍ତି । ଏସବୁ ବଜାର ଦିନବେଳା ବସେ । ଅପରାହ୍ନରେ ସେମାନେ ସେମାନଙ୍କର ଗୃହାଭିମୁଖୀ ହୋଇଥାନ୍ତି ।



















ଗୁଣି ଗାରେଡି ଓ ଧର୍ମ




ବଣ୍ଡାମାନେ ବହୁ ଦେବଦେବୀଙ୍କୁ ପୂଜା କରନ୍ତି । ବହୁ ଦେବତା ଓ ଆତ୍ମାଙ୍କର ଉପସ୍ଥିତିକୁ ସେମାନେ ବିଶ୍ୱାସ କରନ୍ତି । ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ପାଟଖଣ୍ଡା ମହାପ୍ରଭୁ । ମାଟି ମା ଓ ଗ୍ରାମଦେବୀ ହୁଣ୍ଡି ଅଥବା ବୁରସୁଙ୍ଗ, ଝରଣାର ଦେବୀ କାପୁରବୁଆଁ, ଗୁହାଳର ଦେବୀ ଧରତନି, ବନଦେବୀ ଉଗା ଓ ରେନୁଙ୍ଗବୋର, ଆମ୍ବ ଗଛରେ ଥିବା ଆତ୍ମା ଡୋଲିଆଙ୍ଗ୍, ସମତଳ ନିମ୍ନଭୂମିରେ କରାଯାଇଥିବା ଧାନକ୍ଷେତର ଆତ୍ମା- କାଳିଆ ରାଣୀ, ଡ୍ରମ୍ ବାଜାର ଆତ୍ମା ଭିଣ୍ଡିଂଗ ସାଗରକୁ ସେମାନେ ପୂଜା କରନ୍ତି ।













ପର୍ବପର୍ବାଣି ଓ ଅନ୍ୟ ଦିନଗୁଡ଼ିକରେ ଗାଁର ଧର୍ମମୁଖ୍ୟ ସିସା ଅଥବା ପୂଜାରୀ ଦେବଦେବୀମାନଙ୍କ ପୂଜାବିଧି ସଂପନ୍ନ କରେ ।





ଏହା ବ୍ୟତୀତ ଅନେକ ଦୁଷ୍ଟ ଓ ଅନିଷ୍ଟକାରୀ ଆତ୍ମା ରହିଥାନ୍ତି । ସେମାନେ ଖୁସି ମିଞ୍ଜାସରେ ରହିବା ପାଇଁ ଧାର୍ମିକ ପୂଜା ଓ ବଳି ଚାହାଁନ୍ତି । ଗୁରୁମାଇ ସମନ ମନ୍ତ୍ରିତ ଚାଉଳ ସାହାଯ୍ୟରେ ରୋଗ ଓ ଅନ୍ୟାନ୍ୟ ଅସୁବିଧାର ନିଦାନ ନିର୍ଣ୍ଣୟ କରେ । ଏଥିପାଇଁ ସମନ ଅଚେତ ହେଲାଭଳି ନିଦୁଆ ଅବସ୍ଥାରେ ରହି ସେହି ଆତ୍ମା ସହ ସଂପର୍କ ଯୋଡ଼େ ଓ ପୂଜାଦି କର୍ମ କରିବା ସହିତ ବଳି ଦେଇ ଦୁଷ୍ଟ ଆତ୍ମାକୁ ସନ୍ତୁଷ୍ଟ କରେ ।



ସାମାଜିକ ନିୟନ୍ତ୍ରଣ

ବଣ୍ଡା ଗ୍ରାମଗୁଡ଼ିକ ପାରଂପରିକ ଭାବରେ ସ୍ୱୟଂଶାସିତ। ସମାଜର ସୁପରିଚାଳନା ନିମନ୍ତେ ଗୋଟିଏ କାର୍ଯ୍ୟପାଳିକା ମଣ୍ଡଳ ଥାଏ । ଗାଁର ମୁଖ୍ୟଙ୍କୁ ବଣ୍ଡାମାନେ ନାୟକ/ ନାଏକ କୁହନ୍ତି । ଚାଲାନ୍ ଗ୍ରାମସଭାର ଆୟୋଜନ କରେ । ବାରିକ୍ ଗାଁର ବାର୍ତ୍ତାବହ ଭାବରେ କାମ କରେ । ବାରିକ ଡମ୍ବ ଜାତିର ହୋଇଥାଏ ।





ଜ୍ଞାନୀ, ଅଭିଜ୍ଞ ଓ ବୟୋଜ୍ୟଷ୍ଠ ବ୍ୟକ୍ତି ଗାଁର ମୁଖିଆ ହୋଇଥାନ୍ତି । ସିନ୍ଦିବୋରରେ ଅନୁଷ୍ଠିତ ଗ୍ରାମସଭାରେ ସେ ସଭାପତିତ୍ୱ କରନ୍ତି । ସେଠାରେ ସେ ଗ୍ରାମ୍ୟ ବିବାଦର ମିମାଂସା କରି ଲୋକମାନଙ୍କୁ ରାୟ ଶୁଣାନ୍ତି । ସାମାଜିକ ପ୍ରଥା ଓ ପରଂପରାକୁ ବିରୋଧ କରୁଥିବା ଘଟଣାଗୁଡ଼ିକ ଗ୍ରାମସଭାରେ ବିଚାର ହୁଏ । ଘଟଣାର ଗୁରୁତ୍ୱକୁ ଆଧାର କରି ଦୋଷୀ ପ୍ରତି ଦଣ୍ଡବିଧାନ କରାଯାଏ ।



ନୃତ୍ୟ ପରଂପରା

ଗୋଟିଏ ପଟେ ବଣ୍ଡାମାନେ ଯେତିକି ଉଗ୍ର ଓ ଭୟଙ୍କର ଜଣାପଡନ୍ତି ଆରପଟେ ସେମାନଙ୍କ ଜୀବନ ସେତିକି ଶାନ୍ତ-ସରଳ, ନମନୀୟ ଓ ସୌନ୍ଦର୍ଯ୍ୟ ବିମଣ୍ଡିତ ହୋଇଥାଏ । ଏହା ସେମାନଙ୍କ ପରଂପରିକ ସଂଗୀତ ଓ ନୃତ୍ୟକଳା ଭିତରେ ପ୍ରକାଶିତ ହୋଇଥାଏ ।





ବଣ୍ଡା କିଶୋର କିଶୋରୀମାନେ ଯୁବାଆବାସସ୍ଥଳୀର ସଦସ୍ୟ ହୋଇଥାନ୍ତି । ପର୍ବପର୍ବାଣି ଓ ବିଭିନ୍ନ ଦିନରେ ସେମାନଙ୍କର ନୃତ୍ୟ ଆସର ଅନୁଷ୍ଠିତ ହୁଏ । ଆଡ଼ମ୍ବରପୂର୍ଣ୍ଣ ପୋଷାକ ପିନ୍ଧି, ବିଭିନ୍ନ ଉଜ୍ଜ୍ୱଳ ଅଳଂକାରରେ ସୁ-ଶୋଭିତ ହୋଇ ସେମାନେ ସୁନ୍ଦର ନୃତ୍ୟ ପରିବେଷଣ କରନ୍ତି । ବଣ୍ଡା ଯୁବକମାନେ ବାଦ୍ୟଯନ୍ତ୍ର ବଜାଉଥିବା ସମୟରେ ଯୁବତୀମାନେ ହାତରେ ଗୋଛା ଗୋଛା ମୟୂର ପୁଚ୍ଛ ଧରି ବାଦ୍ୟର ତାଳେ ତାଳେ ନାଚିଉଠନ୍ତି ।







ପରିବର୍ତ୍ତିତ ଦୃଶ୍ୟପଟ



ଅପହଞ୍ଚ ପାର୍ବତ୍ୟାଞ୍ଚଳରେ ବଣ୍ଡା ଆଉ ଏବେ ନିସଂଗ ହୋଇନାହାନ୍ତି । ସେମାନଙ୍କ ଅଂଚଳକୁ ବିକାଶର ମାର୍ଗ ପ୍ରବେଶ କରିଛି । ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଆଦିମ ଜନଜାତିଙ୍କ ମଧରେ ବଣ୍ଡା ଅନ୍ୟତମ ବୋଲି ଚିହ୍ନିତ ହୋଇଛି । ବଣ୍ଡା





ଉନ୍ନୟନ ସଂସ୍ଥା ନାମରେ ମୁଦୁଲିପଡ଼ା ଠାରେ ଓଡ଼ିଶାର ପ୍ରଥମ ଅଣୁପ୍ରକଳ୍ପ କାର୍ଯ୍ୟ କରୁଛି । ସର୍ବାଙ୍ଗୀନ ବିକାଶ କଳ୍ପେ ପ୍ରମୁଖ ବଣ୍ଡା ବସତି ଅଂଚଳ ମୁଦୁଲିପଡ଼ାରେ ଏହି ଅଣୁ ପ୍ରକଳ୍ପ ଯୋଜନା ସେମାନଙ୍କ ପାରଂପରିକ ଜୀବନଶୈଳୀରେ ଫଳପ୍ରଦପରିବର୍ତ୍ତନ ଆଣିଦେଇଛି ।

ଦୁର୍ଗମ ଅଂଚଳରୁ ମୁଖ୍ୟସହରକୁ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ସଂଯୋଗୀକରଣ, ଗୃହନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ସର୍ବୋପରି ଜୀବିକା ନିର୍ବାହର ଶୈଳୀରେ ଆବଶ୍ୟକୀୟ ପରିବର୍ତ୍ତନ ହୋଇଛି । ଶିକ୍ଷା ପ୍ରସାରକୁ ଅଗ୍ରାଧିକାର ଦିଆଯାଇଛି ।








ମୁଦୁଲିପଡ଼ାଠାରେ ବାଳକ ଓ ବାଳିକାମାନଙ୍କ ଶିକ୍ଷା ନିମନ୍ତେ ଆବାସିକ ବିଦ୍ୟାଳୟ ଖୋଲାଯାଇଛି ।

କ୍ରମୋନ୍ନତଶୀଳ ବଣ୍ଡାମାନେ ଗହମ, ଅଧିକ ଅମଳକ୍ଷମ ଧାନ, ଡାଲିଜାତୀୟ ଫସଲ, ଆଳୁ ଓ ଅନ୍ୟାନ୍ୟ ପନିପରିବା ଚାଷ ଆରମ୍ଭ କଲେଣି । ବର୍ତ୍ତମାନ ସେମାନେ ଉନ୍ନୟନ ପଥ ନେଇ ଗତି କରୁଛନ୍ତି । ଉନ୍ନୟନର ମାଧ୍ୟମରେ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗକୁ





ଉପଯୋଗ କରି ଆଧୁନିକତାକୁ ଗ୍ରହଣ କରିବେ ନା ସେମାନଙ୍କର ପାରଂପରିକ ସାମାଜିକ-ସାଂସ୍କୃତିକ ପରିଚିତିକୁ ଅକ୍ଷୁଣ୍ଣ ରଖିବେ, ଏ ନିଷ୍ପତ୍ତି ସେମାନଙ୍କ ହାତରେ ।







ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାସ୍ପଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିକଳ୍ପନା କରାଯାଉଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରୁଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଚୁକ୍‌ଟିଆ ଭୁଞ୍ଜିଆ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ଚୁକ୍‌ଟିଆ ଭୁଞ୍ଜିଆ



ମୂଳ ଇଂରାଜୀ :

ଅଖିଳ ବିହାରୀ ଓତା


ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ :

ଅଖିଳ ବିହାରୀ ଓତା


ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍



ପରିଚିତି

ଭୂଞ୍ଜିଆ ଓଡ଼ିଶାର ଏକ ସ୍ୱଳ୍ପଜ୍ଞାତ ଏବଂ ସଂଖ୍ୟାନ୍ୟୂନ ଜନଜାତି ଗୋଷ୍ଠୀ । 'ଭୂମ୍' ଶବ୍ଦରୁ ଭୂଞ୍ଜିଆ ଶବ୍ଦର ଉତ୍ପତ୍ତି । 'ଭୂମ୍' କହିଲେ ଭୂମି ବା ମାଟି । ଏଇ ମାଟିର ସନ୍ତାନମାନେ ହେଲେ ଭୂଞ୍ଜିଆ । ବାଇଗା ଏବଂ ଛତିଶଗଡ଼ି ମିଶ୍ରିତ ବୋଲିରେ ଏମାନେ କଥାବାର୍ତ୍ତା କରନ୍ତି । ଏହି ଜନଜାତି ବୁକ୍‌ଟିଆ ଭୂଞ୍ଜିଆ ଓ ଚିନ୍ଦା ଭୂଞ୍ଜିଆ ଭେଦରେ ଦ୍ୱିବିଧ । ବୁକଟିଆ ଭୂଞ୍ଜିଆ ଆଦିମ ଜନଜାତିର ପ୍ରତିନିଧିତ୍ୱ କରୁଥିବା ବେଳେ ଚିନ୍ଦା ଭୂଞ୍ଜିଆମାନେ ହଲବା ଓ ଗଣ୍ଡ ବଂଶୀୟ ମନେ ହୁଅନ୍ତି । ନୂଆପଡ଼ା ଜିଲ୍ଲାର ସଦର ମହକୁମା ଠାରୁ ପ୍ରାୟ ୭୦ କି.ମି. ଦୂରରେ ଅବସ୍ଥିତ ସୁନାବେଡ଼ା ଉପତ୍ୟକାର ପ୍ରାକୃତିକ ପରିବେଶ ଏମାନଙ୍କର ନିଜର ପ୍ରିୟ ବାସସ୍ଥଳୀ । ବୁକ୍‌ଟିଆ ଭୂଞ୍ଜିଆମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସୁନାବେଡ଼ାଠାରେ "ବୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା" ନାମରେ ଏକ "ଅଣୁ ପ୍ରକଳ୍ପ" କାର୍ଯ୍ୟରତ । ୨୦୦୭ ମସିହା ସର୍ଭେ ଅନୁଯାୟୀ ଏହି ଅଣୁ ପ୍ରକଳ୍ପ ଅଞ୍ଚଳରେ ୧୧୨୪ ଜଣ ପୁରୁଷ ଓ ୧୧୪୫ ଜଣ ମହିଳା (ମୋଟ ୨୨୬୯) ବାସ କରୁଥିଲେ । ୨୦୦୧ରୁ ୨୦୦୭ ମଧ୍ୟରେ ଏମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ଶତକଡ଼ା ୩.୯୬ ଭାଗ । ପ୍ରତି ହଜାରେ ପୁରୁଷରେ ମହିଳାମାନଙ୍କର ସଂଖ୍ୟା ୧୦୧୮ । ସାକ୍ଷରତା ହାର ୧୮.୭୭ । ପୁରୁଷ ସାକ୍ଷରତା ହାର ୨୮.୫୫ ଥିବାବେଳେ ମହିଳା ସାକ୍ଷରତା ହାର ୯,୧୭ ରହିଛି ।











ବୁକୁଟିଆ ଭୂଞ୍ଜିଆମାନଙ୍କର ସ୍ୱତନ୍ତ୍ର ଓ ପବିତ୍ର ରୋଷେଇଶାଳ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ପରିଚିତିର ଅନନ୍ୟ ନମୁନା । ଏହି ରୋଷେଇଶାଳ ଅନ୍ୟ ଘରଗୁଡ଼ିକଠାରୁ ସ୍ୱଳ୍ପ ବ୍ୟବଧାନରେ ଅବସ୍ଥିତ । ରୋଷେଇଶାଳ, ବାହାର ଲୋକ ଏପରିକି ବିବାହିତା ଝିଅଙ୍କ ନିମନ୍ତେ ନିଷିଦ୍ଧାଞ୍ଚଳ । ଏହି ପବିତ୍ର ଗୃହକୁ ଅନ୍ୟମାନେ ଛୁଇଁବା ମନା । ଯଦି କେହି କେବେ ଏହି ରୋଷଇଶାଳକୁ ଅଜାଣତରେ ବି ଛୁଇଁ ଦିଏ ତେବେ ଏହାକୁ ନିଆଁ ଲଗେଇ ପୋଡ଼ି ଦେଇ ଭାଙ୍ଗି ଦିଆଯାଏ । ନୂଆଘର ନିର୍ମାଣ ହେବା ପର୍ଯ୍ୟନ୍ତ ଅନ୍ୟ ଗୋଟିଏ ଖୋଲା ସ୍ଥାନକୁ ଆବଦ୍ଧ କରି ସେଠାରେ ରୋଷେଇ କାର୍ଯ୍ୟ କରାଯାଏ । ରୋଷେଇ ଘରକୁ ସାଧାରଣତଃ ନାଲି ରଙ୍ଗରେ ଲିପା ଯାଉଥିବାରୁ ଏହାକୁ ଲାଲ୍ ବଙ୍ଗଳା ମଧ୍ୟ କୁହନ୍ତି ।














ବସତି




ବୁକ୍‌ଟିଆ ଭୂଞ୍ଜିଆମାନେ ବସତିସ୍ଥଳ ବିଶେଷରେ କେଉଁଠି ୮ରୁ ୧୦ ଘର ତ ଆଉ କେଉଁଠି ୫୦ରୁ ୬୦ ଘର । ଗାଁକୁ ଦୁଷ୍ଟ ଆତ୍ମାଙ୍କଠାରୁ ସୁରକ୍ଷା ଦେବା ପାଇଁ ଗ୍ରାମ ସୀମାରେ ବହୁ ଦେବଦେବୀଙ୍କ ପ୍ରତିଷ୍ଠା ଓ ପୂଜା ପରଂପରା ରହିଛି । ବୁକ୍‌ଟିଆ ଭୂଞ୍ଜିଆମାନଙ୍କର ଗୃହନିର୍ମାଣ ଶୈଳୀରେ ସ୍ୱାତନ୍ତ୍ର୍ୟ ରହିଛି । ଦୁଇ ବା ତତୋଧିକ ପରିବାର ପ୍ରଶସ୍ତ ଓ ମୁକ୍ତ ସ୍ଥାନକୁ ଘର ତିଆରି କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ବୋଲି ବିଗ୍ଧର କରନ୍ତି । ସାଧାରଣତଃ ଗୋଟିଏ ଭୂଞ୍ଜିଆ ଘରର ଦୁଇଟି ବଖରା ଥାଏ । ବଡ ବଖରାଟିକୁ ଶୟନ ତଥା ଭଣ୍ଡାର ଘର ଭାବରେ ବ୍ୟବହାର କରାଯାଏ । ଏହି ଦୁଇ ବଖୁରିଆ ଘରର ସମ୍ମୁଖରେ ଅଳ୍ପ ବ୍ୟବଧାନରେ ଲାଲ୍ ବଙ୍ଗଳା ବା ରୋଷେଇ ଘର ନିର୍ମିତ ହୁଏ ।



ବୁକ୍‌ଟିଆ ଭୂଞ୍ଜିଆମାନଙ୍କର ଘର ମାଟି ନିର୍ମିତ । ଜଙ୍ଗଲରୁ ମିଳୁଥିବା ଲମ୍ବ ବଣୁଆ ଘାସ ଦ୍ୱାରା ଘରର ଛପର କରାଯାଏ । ବାସ ଓ ରୋଷଘରକୁ ଛାଡି ଅନ୍ୟ ଘରର ଦ୍ୱାର ବନ୍ଧରେ କବାଟ ଲାଗେ ନାହିଁ । ଘରର ଚଟାଣକୁ ଗାଈ ଗୋବର ବା ନାଲି ମାଟିରେ ଲିପାଯାଏ । ଘର କାନ୍ଥକୁ ଲିପିବାରେ ଧଳା ଓ ନାଲିମାଟି ବ୍ୟବହାର କରାଯାଏ । ଘରର କାନ୍ଥକୁ ସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ବିଭିନ୍ନ ପ୍ରକାର ଫୁଲ ଓ ପଶୁପକ୍ଷୀ ଚିତ୍ର ଅଙ୍କିତ ହୋଇଥାଏ ।










ବାସସ୍ଥଳୀ


ରୁକ୍‌ଟିଆ ଭୂଞ୍ଜିଆମାନେ ସୁନାବେଡ଼ା ଉପତ୍ୟକାର ଗତିବେଡ଼ା ପାର୍ବତ୍ୟଞ୍ଚଳର ବର୍ଣ୍ଣିଳ ଓ ସବୁଜ ପ୍ରାକୃତିକ ପରିବେଶ ମଧ୍ୟରେ ବସବାସ କରୁଛନ୍ତି । ସୁନାବେଡ଼ା ଅଞ୍ଚଳ ପୂର୍ବତନ ଖଡିଆଳ ଜମିଦାରୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବର୍ତ୍ତମାନ ଏହା ନୂଆପଡ଼ା ଜିଲ୍ଲା ଅନ୍ତର୍ଭୁକ୍ତ ହୋଇଛି । ସମୁଦ୍ର ପତ୍ତନଠାରୁ ଏହି ଉପତ୍ୟାକାର ଉଚ୍ଚତା ହାରାହାରି ୩୦୦୦ ଫୁଟ ଉଚ୍ଚ । ଭେଲା- ଗାଁ ନିକଟରେ ସୁନ୍ଦର ନଦୀକୁ ଡେଇଁ ଦୀର୍ଘ ୩୫ କି.ମି. ରାସ୍ତା ବହୁ ପର୍ବତ ଶ୍ରେଣୀ ଓ ପାହାଡ଼ି ଝରଣା ଅତିକ୍ରମ କରି ସୁନାବେଡାକୁ ନୂଆପଡ଼ା ଜିଲ୍ଲାର ସଦର ମହକୁମା, ଭବାନୀପାଟଣା,





ନୂଆପଡ଼ା ରାଜ୍ୟ ରାଜପଥରେ ବ୍ଲକ ସହ ସଂଯୋଜିତ କରିଛି । ଏହା ବ୍ୟତୀତ ସୁନାବେଡା ଠାରୁ ଅନେକ ପାଦଚଲା ପାହାଡି ରାସ୍ତା ଓ ଶଗଡ ପଥ ବହୁ ସ୍ଥାନକୁ ପ୍ରସାରିତ ହୋଇ ବିପଣନ ତଥା ତୀର୍ଥ ସ୍ଥାନ ପରିଦର୍ଶନ ନିମନ୍ତେ ସଂଯୋଜିତ ହୋଇଛି । ସୁନାବେଡ଼ାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ସୁଦୃଶ୍ୟ ଓ ମନୋରମ । ଏହା ଏକ ବଣ୍ୟଜନ୍ତୁ ପରିବେଶିଷ୍ଟ ଅଭୟାରଣ୍ୟ ଏବଂ ଅନେକ ପ୍ରାକୃତିକ ଝରଣା (Water fall) ପରିଶୋଭିତ । ଏହା ବ୍ୟତୀତ ଦୁଇଗୋଟି ଉଷ୍ଣ ପ୍ରସବଣ (Sulphurous Hot Spings) ପରିଦର୍ଶକମାନଙ୍କୁ ଆକୃଷ୍ଟ କରେ । ଏହି ଜଙ୍ଗଲରେ ବାଘ, ବଣ ମଇଁଷି, ଭାଲୁ, ଚିତା, ହରିଣ, ହେଟା ଆଦି ବଣ୍ୟଜନ୍ତୁ ରହିଛନ୍ତି । ଏହାଛଡ଼ା ବଣି, ବୁଲବୁଲ୍, ଘୁଣ୍ଟୁରୀ, ଶୁଆ, ବଣକୁକୁଡ଼ା, ଆଦି ପକ୍ଷୀଙ୍କ ନିର୍ଭୟ ବାସସ୍ଥଳୀ । ଗୋଖର, ଅଜଗର, ଚିତି ପ୍ରଭୃତି ସରୀସୃପ ମଧ୍ୟ ଏଠାରେ ଅନେକ ସମୟରେ ଦୃଷ୍ଟିକୁ ଆସିଥାନ୍ତି ।






ଏହି ଅଞ୍ଚଳ ଉତ୍ତରାଞ୍ଚଳୀୟ ପର୍ଣ୍ଣମୋଚୀ ଅରଣ୍ୟ ଅନ୍ତର୍ଭୁକ୍ତ । ଏହି ଅରଣ୍ୟରେ ମୁଖ୍ୟତଃ ଶାଳ, ମହୁଲ, ଶାଗୁଆନ, ପିଆଶାଳ, ସାହାଜ, ଧରୁଆ, ଶିଶୁ, କେନ୍ଦୁ, ହରିଡା ଆଦି ବୃକ୍ଷରାଜି ଦେଖାଯାଏ। ମହୁଲ, ଶାଳମଞ୍ଜି, ଶିମିଳି ତୁଳା, କାଠ, ବାଉଁଶ, କେନ୍ଦୁପତ୍ର, ଶିଆଳୀ ପତ୍ର, ଝରକୋଳି, ରିଠା ଆଦି ବନଜାତ ଦ୍ରବ୍ୟ ଏଠାରେ ଉପଲବ୍ଧ ହୁଏ । କେତେକ ବନଜାତ ବୃକ୍ଷର ଫୁଲ, ଫଳ, ମୂଳ ଓ ଚେରକୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ।

ବୁକ୍‌ଟିଆ ଭୂଞ୍ଜିଆମାନଙ୍କର ଘରକରଣା ଜିନିଷ ମଧ୍ୟରେ ମାଟି ନିର୍ମିତ ପାତ୍ର (ମାଠିଆ), ଚକି (ଘୋରଣୀ), ଶିଳ, ଶିଳପୁଆ, ରୋଷେଇ ବାସନ, ଛତା, ମସିଣା ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ । ବୁକ୍‌ଟିଆମାନେ ଏକାଧାରରେ


















ଶିକାରୀ, କୃଷିଜୀବି ତଥା ବନଜାତ ସାମଗ୍ରୀ ସଂଗ୍ରହକାରୀ । ସେମାନେ ଶିକାର ଉପକରଣ ଓ କୃଷି ଉପକରଣ ସହ ମାଛ ଧରିବା ପାଇଁ ଝପ (Chapa), ମାଟି ଖୋଳିବା ପାଇଁ ଶାବଳ, ଶସ୍ୟ କାଟିବା ଦା (Sickles) ବା ହଁସିଆ (Hansia), କାଠ ହଣା କୁରାଢ଼ୀ (Tangia) ବ୍ୟବହାର କରନ୍ତି । ଜଙ୍ଗଲଜାତ ଦ୍ରବ୍ୟ ଓ ଖାଦ୍ୟ ଦ୍ରବ୍ୟକୁ ସାଇତି ରଖିବା ନିମନ୍ତେ ବିଭିନ୍ନ ପାତ୍ର, ଝୁଡ଼ି ବା ଥଳିଆ ବ୍ୟବହାର କରନ୍ତି ।











ଖାଦ୍ୟ ଓ ପାନୀୟ


ଭାତ ରୁଟିଆ ଭୂଞ୍ଜିଆମାନଙ୍କର ମୁଖ୍ୟ ଖାଦ୍ୟ । ସେମାନେ ପ୍ରାୟତଃ ଅରୁଆ ଗ୍ଭଳ ବ୍ୟବହାର କରନ୍ତି । ମକା, ବାଜରା ଓ ଅନ୍ୟ କେତେକ ଡାଲି ଜାତୀୟ ଶସ୍ୟକୁ ମଧ୍ୟ ଖାଦ୍ୟରୂପେ ଗ୍ରହଣ କରନ୍ତି । କନ୍ଦମୂଳ, କଖାରୁ, ଅମୃତଭଣ୍ଡା, ବାଇଗଣ ଆଦି ପନିପରିବା, ସୋରିଷ ଏବଂ ଅନ୍ୟାନ୍ୟ ତୈଳବୀଜ ମହୁଲ ଫୁଲ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓ ପୃଷ୍ଟିକର ବ୍ୟଞ୍ଜନ ସେମାନଙ୍କର ଅତି ପ୍ରୀୟ ଖାଦ୍ୟ । ମହୁଲ ଫୁଲକୁ ଶୁଖାଇ ଭାଜି ଜେଲି ପ୍ରାୟ କରି ଭବିଷ୍ୟତ ବ୍ୟବହାର ନିମନ୍ତେ ସାଇତି ରଖନ୍ତି । ପୁରୁଷ ଓ ମହିଳା ଉଭୟେ ଆମିଷାଶି । ଗୃହପାଳିତ ପଶୁ ମାଂସ ସେମାନେ କ୍ୱଚିତ୍ ଖାଆନ୍ତି । ମହିଳାମାନେ ସାଧାରଣତଃ କୁକୁଡ଼ା ମାଂସ ଖାଆନ୍ତି ନାହିଁ । ଗର୍ଭବତୀ ମହିଳାମାନେ ଦେବଦେବୀ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଥିବା ପଶୁପକ୍ଷୀଙ୍କ ମାଂସକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି ନାହିଁ।



ପୁରୁଷ ଓ ମହିଳା ଉଭୟ ଗ୍ଭ' ପିଇଥାନ୍ତି । ତମାଖୁ ଗୁଣ୍ଡ (ଖଇନି) ଭୂଞ୍ଜିଆ ପୁରୁଷମାନଙ୍କର ଅତି ପ୍ରିୟ ନିଶାଦ୍ରବ୍ୟ । ପୁରୁଷମାନେ ମଧ୍ୟ ବିଡି ଓ ସିଗାରେଟ୍ ବ୍ୟବହାର କରିଥାନ୍ତି । ଜଙ୍ଗଲରୁ ସଂଗ୍ରହ କରୁଥିବା ଫୁଲ, ଫଳ, ମୂଳ ସେମାନଙ୍କ ଖାଦ୍ୟର ଆବଶ୍ୟକତାକୁ କେତେ ପରିମାଣରେ ପୂରଣ କରିଥାଏ । ବାଉଁଶ କରଡ଼ି ସେମାନଙ୍କର ଅନ୍ୟତମ ପ୍ରିୟ ଖାଦ୍ୟ । ବୟସ୍କମାନେ ସାଧାରଣତଃ ଦିନକୁ ଦୁଇଥର ଖାଆନ୍ତି, ମଧ୍ୟାହ୍ନରେ ଓ ଆଉ ଥରେ ସୂର୍ଯ୍ୟ ଅସ୍ତ ହେବାର ଠିକ୍ ପରେ ପରେ । ଶିଶୁମାନେ ସେମାନଙ୍କ ଆବଶ୍ୟକତାକୁ ନେଇ ଏକାଧିକ ଥର ଖାଦ୍ୟ ଖାଇଥାନ୍ତି । ପିଲାମାନଙ୍କ ଖାଦ୍ୟ ଖାଇବାରେ କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ ।










ଜୀବନ ଶୈଳୀ







ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ଜୀବନ ଶୈଳୀ ବଡ ସୁନ୍ଦର । ସେମାନଙ୍କର ଅର୍ଥନୈତିକ ଜୀବନ, ଜୀବନଧାରଣ ଉପଯୋଗୀ ହୋଇଥାଏ । କୃଷି ସେମାନଙ୍କର ମୁଖ୍ୟ ଉପଜୀବ୍ୟ । ସେମାନେ ଉଭୟେ ତଳିଆ ଜମି ଗ୍ଭଷ ଓ ପୋଡୁଗ୍ଭଷ କରନ୍ତି । ଭୂଞ୍ଜିଆମାନେ ପୋଡୁଗ୍ଭଷକୁ "ବେୱାର" କହିଥାନ୍ତି । ବେୱାର ଗ୍ଭଷରେ ସେମାନେ ସହଭାଗୀ ଶ୍ରମଦାନ କରନ୍ତି । ସ୍ୱେଚ୍ଛାସେବୀ ଶ୍ରମିକ ଦଳ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ଶ୍ରମଦାନ ଦିବସରେ ମିଳିତ ଭୋଜିର ଆୟୋଜନ ହୁଏ । ପୋଡୁଗ୍ଭଷ ପାଇଁ ପ୍ରସ୍ତୁତ କ୍ଷେତରେ ବିବିଧ ଶସ୍ୟ ଯଥା, ରାଗି, ସୁଆଁ, ଆଦି ଗ୍ଭଷ କରାଯାଏ । ଏହାଛଡ଼ା ବିରି, କାନ୍ଦୁଲ, ଝୁଡ଼ଙ୍ଗ, ବାଜରା, ଜହ୍ନା, କାକୁଡ଼ି ଓ ସୋରିଷ ମଧ୍ୟ ବାରି ବଗିଗ୍ଭରେ ଗ୍ଭଷ କରିଥାନ୍ତି । ନିମ୍ନ ସମତଳ ଓ ତଳିଆ ଜମିରେ ବୁଣା ଓ ତଳିବୁଆ ପଦ୍ଧତିରେ ଧାନଗ୍ଭଷ କରାଯାଏ । ଚୁକ୍‌ଟିଆ ଭୁଞ୍ଜିଆ ଗାଁର ଆପାତତଃ ଦଶ ବର୍ଷର ସମସ୍ତ ଝିଅଙ୍କୁ ଏକା ସାଙ୍ଗରେ ପ୍ରାଗ୍ କୈଶୋର ରୀତି ସଂସ୍କାର "କଣାବରା" କରାଯାଏ । ଅପେକ୍ଷାକୃତ କମ ବୟସର ଝିଅଟିଏ କଣାବରା ହେଉଥିବା ଝିଅର ମୁଣ୍ଡରେ ଖଜୁରୀ ପତ୍ରର ଟୋପି ଲଗାଇ ଦିଏ ଏବଂ ସେମାନଙ୍କୁ ପବିତ୍ର ଗାଧୁଆ ନିମନ୍ତେ ନିକଟବର୍ତ୍ତୀ ନଦୀକୁ ନିଆଯାଏ । ଏହାପରେ ସମସ୍ତ ଝିଅ ଗାଁକୁ ଫେରିଆସି ଭୂଇଁରେ ପୋତା ହୋଇଥିବା ଏକ ତୀରକୁ ସାତଥର ପ୍ରଦକ୍ଷିଣା କରିସାରିବା ପରେ ପରିବାର ଓ ବନ୍ଧୁଙ୍କ ପାଇଁ ଭୋଜି ଆୟୋଜନ କରାଯାଇଥାଏ ।











“କଣାବରା” ହେବା ପର୍ଯ୍ୟନ୍ତ କୌଣସି ଝିଅ ବାହା ହୋଇପାରିବେ ନାହିଁ। କଣାବରା ଉପରାନ୍ତ ସେ ଯୁବତୀ ବିବେଚିତ ହୁଏ ଏବଂ ସମସ୍ତ ନୀତି ନିୟମ ମାନି ଚଳେ। ଶଗଡ଼, ଲଙ୍ଗଳ ତଥା ଗୃଷ୍ଠ କାର୍ଯ୍ୟରେ ବଳଦଏବଂ ମଇଁଷିଙ୍କ ସାହାଯ୍ୟ ନିଆଯାଇଥାଏ। କେତେକ ପ୍ରଗତିଶୀଳ ଭୂଞିଆ ଗୃଷ୍ଠୀ ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରି ନଳକୂପ ଯୋଜନାରେ ସହାୟତା ପାଇ ଆଖୁ ଓ ପନିପରିବା ଯଥା; କଦଳୀ, ଟମାଟୋ, କୋବି ଓ ଲଙ୍କା ଆଦି ଗୃଷ୍ଠ କରି ଉପକୃତ ହୋଇଛନ୍ତି।କୃଷି ବ୍ୟତୀତ ସେମାନେ ଶିକାର, ପଶୁପାଳନ, ମାଛ ଧରିବା, ମକୁରୀ ଲାଗିବା ଆଦି କର୍ମରେ ନିୟୋଜିତ ହୋଇ ନିଜର ଜୀବନ - ଜୀବିକା ନିର୍ବାହ କରିଥାନ୍ତି। ସେମାନେ ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି, କୁକୁର, ପାରା ଓ ଶୁଆ ଆଦି ପାଳନ କରିଥାନ୍ତି। ଚୁକୁଟିଆମାନେ ଶୁଆକୁ କଥା କହିବା ପାଇ ପାଳିଥିବା ବେଳେ ପୂଜାରେ ବଳି ଦେବା ନିମନ୍ତେ ଛେଳି, କୁକୁଡ଼ା ପାଳିଥାନ୍ତି। ତେବେ ଛେଳି, କୁକୁଡ଼ା ବିକ୍ରୀକରି ନିଜର ଆବଶ୍ୟକ ଗୁଜୁରାଣ ମେଣ୍ଟାଇଥାନ୍ତି।














ଚୁକ୍‌ଟିଆମାନେ ମାଛ ଧରିବାରେ ଅଭ୍ୟସ୍ତ । ସେମାନେ ସାମୟିକ ଭାବରେ ମାଛ ଧରିଥାନ୍ତି । ଝରଣା ଓ ପୋଖରୀ ବନ୍ଧରୁ ଥାପା, ସିଙ୍ଗା ତଥା ଧନୁ ଓ ତୀର ବ୍ୟବହାର କରି ମାଛ ଧରନ୍ତି । ବେଳେବେଳେ ସେମାନେ ମାଛ ଧରିବା ପାଇଁ ଏକ ପ୍ରକାର ନିଶା ଦ୍ରବ୍ୟ କେଉକନ୍ଦା ବ୍ୟବହାର କରିଥାନ୍ତି । କେଉକନ୍ଦା ପ୍ରଭାବରେ ମାଛ ସଜ୍ଞାହୀନ ହୋଇଯାଏ । ଅଚେତ୍ ଅବସ୍ଥାରେ ଥିବା ମାଛକୁ ଧରିବା ସହଜ ହୁଏ । ଶେଉଳ, ବମ୍ଫା, ମାଗୁର, ଚିଙ୍ଗୁଡ଼ି, ରୋହି ଆଦି ମାଛ ଧରି ନିଜେ ଖାଇବା ସହ ଆବଶ୍ୟକ ସ୍ଥଳେ ବିକ୍ରିବଟା କରିଥାନ୍ତି ।


ସେମାନେ ଜଙ୍ଗଲରୁ କାଠ ସଂଗ୍ରହ କରି ମୁଣ୍ଡରେ ବୋହି ଆଣନ୍ତି । ବଣରୁ ମଧ୍ୟ ଏକ ପ୍ରକାର ଜଙ୍ଗଲଘାସ ସଂଗ୍ରହ କରି ଝାଡୁ ତିଆରି କରି ନିଜ ବ୍ୟବହାର ଉପରାନ୍ତ ବେଳେ ବେଳେ ବିକ୍ରୟ କରିଥାନ୍ତି ।

ଚୁକ୍‌ଟିଆମାନେ ଜଙ୍ଗଲରୁ ବାଉଁଶ ସଂଗ୍ରହ କରିଥାନ୍ତି । ତାକୁ କାଟି ସରୁ ପତଳା ପାତ ତିଆରି କରି ସିଙ୍ଗା, ମାଛ ଧରା ଉପକରଣ, ଝୁଡ଼ି, ଟୋକେଇ ତିଆରି କରିଥାନ୍ତି । ଏହାଛଡ଼ା ଘର ବ୍ୟବହାର ଓ ବାଡ ପାଇଁ ବାଉଁଶକୁ ବ୍ୟବହାର କରିଥାନ୍ତି ।











ସାମାଜିକ ଜୀବନ



ସାମାଜିକ ସ୍ତରରେ ଚୁକ୍‌ଟିଆ ଭୂଞ୍ଜିଆମାନେ ଦୁଇ ଗୋଷ୍ଠୀରେ ବିଭକ୍ତ । ତାହା ହେଲା ନେତାମ୍ ଓ ମଡ଼କାମ୍ । ପିତୃବଂଶୀୟ ଗୋଷ୍ଠୀ ନେତାମ୍ ମାତୃବଂଶୀ ଗୋଷ୍ଠୀ ମଡ଼କାମ୍ ନାମରେ ପରିଚିତ । ପ୍ରତ୍ୟେକ ଦଳ କେତେଗୁଡ଼ିଏ ବରଗ୍‌ରେ ବିଭକ୍ତ । ପ୍ରତି ବରଗ୍‌ର ସ୍ୱତନ୍ତ୍ର ପଦବୀ ରହିଛି । ପ୍ରତ୍ୟେକ ପଦବୀ ନିର୍ଦ୍ଦିଷ୍ଟ ଦେବଦେବୀଙ୍କ ପୂଜା ଆରାଧନା କର୍ମ ସଂପାଦନ ନିମନ୍ତେ ରହିଛି । ନେତାମ୍ ଗୋଷ୍ଠୀ ଦଶଗୋଟି ବରଗରେ ବିଭକ୍ତ । ସେହିପରି ମଡ଼କାମ୍ ଗୋଷ୍ଠୀ ନଅଗୋଟି ବର୍ଗରେ ବିଭାଜିତ । ରକ୍ତଗତ ସଂପର୍କ ଥାଇ ଗୋଟିଏ ବରଗ୍ କେତେଗୁଡ଼ିଏ ପରିବାରରେ ବିଭକ୍ତ । ନିୟମତଃ ଗୋଷ୍ଠୀ ଓ ବରଗ ଏକ ଅନୁବଂଶୀୟ ହୋଇଥିବାରୁ ଗୋଷ୍ଠୀ ବାହାରେ ବିବାହ ପ୍ରଥା ପ୍ରଚଳିତ ।

ଭୂଞ୍ଜିଆ ସମାଜରେ ପରିବାର ସବୁଠାରୁ ଛୋଟ ସାମାଜିକ ଏକକ । ଅବିବାହିତ ପୁଅ-ଝିଅ ଓ ପିତାମାତାଙ୍କୁ ନେଇ ଏକ ପରିବାର । ପରିବାରର ଆକାର ସ୍ଥଳ ବିଶେଷରେ ୩ରୁ ୧୦ ବା ତତୋଧିକ ସଦସ୍ୟ ବିଶିଷ୍ଟ । ପୁଅ ବାହାହେଲା ପରେ ବାପା ମାଆଙ୍କ ଠାରୁ ଅଲଗା ହୋଇ ସେହି ଗାଁରେ ସ୍ୱତନ୍ତ୍ର ଘର ତିଆରି କରି ରୁହେ । ଝିଅ ବିବାହ କଲା ପରେ ବାପ ଘର ଛାଡି ସ୍ୱାମୀ ଘରେ ରହିବାର ପରଂପରା ରହିଛି । ଅବିବାହିତ ପୁତ୍ର - କନ୍ୟାମାନେ ବିବାହ ବଂଧନରେ ଆବଦ୍ଧ ହେବା ପର୍ଯ୍ୟନ୍ତ ପିତାମାତାଙ୍କ ସହିତ ବସବାସ କରନ୍ତି । କୌଣସି କାରଣବଶତଃ ଯଦି ପିତାମାତାଙ୍କର ମୃତ୍ୟୁ ହୁଏ ତେବେ ଅବିବାହିତ ପୁତ୍ର-କନ୍ୟା ବିବାହିତ ଭାଇ ପାଖରେ ବିବାହ କଲା ପର୍ଯ୍ୟନ୍ତ ରହନ୍ତି । ବୟୋଜ୍ୟେଷ୍ଠ ପୁରୁଷକୁ ପରିବାରର ମୁଖ୍ୟ ଭାବରେ ବିଗ୍ଧର କରାଯାଏ । ତେଣୁ ଗୋଟିଏ ଭୂଞ୍ଜିଆ ପରିବାର ପିତୃପ୍ରଧାନ, ପୁରୁଷ ପ୍ରଧାନ, ପିତୃ ବଂଶୀୟ ହୋଇଥାଏ ।









ବିବାହ


ରଜପ୍ରାପ୍ତି ହେବାମାତ୍ରେ କନ୍ୟାକୁ ଗୋଟିଏ କୋଠରୀରେ ଏକ ସପ୍ତାହ ପର୍ଯ୍ୟନ୍ତ ରଖାଯାଏ । ସପ୍ତମ ଦିନ ହଳଦୀ ଓ ମହୁଲ ତେଲ ଲଗାଇ ନଦୀରେ ସ୍ନାନ କରାଯାଏ । ସ୍ନାନସାରି ମାମୁଁ ଘରକୁ ଯାଏ । ମାମୁଁ ଘର ରୋଷଶାଳାରେ ନୂଆଚୂଳିରେ ପିତ୍ତଳ କଂସା ପାତ୍ରରେ ରୋଷେଇ କରେ । "ଜଣାବରା" ପରି ବିବାହ ପୂର୍ବରୁ ଏହି ସାମାଜିକବିଧି ନିରାପତ୍ତା ଓ ଅର୍ଥନୈତିକ ଦୃଷ୍ଟିରୁ କରାଯାଏ । ବିବାହ ପୂର୍ବରୁ ଅନୈତିକ ସଂପର୍କ ଚୁକ୍‌ଟିଆ ଭୂଞ୍ଜିଆ ସମାଜରେ ନିଷିଦ୍ଧ । ଚୁକ୍‌ଟିଆ ଭୂଞ୍ଜିଆମାନେ ନିଜ ବଂଶ ବାହାରେ ବିବାହ କରନ୍ତି । ଜଣେ ତା'ର ପିଉସୀ ଝିଅକୁ ବିବାହ କରିପାରେ ବା ମାମୁଁ ଝିଅକୁ ବିବାହ କରିପାରେ । ସ୍ୱ-ଜାତି ବିବାହ ଏକ ସାଧାରଣ ସାମାଜିକ ବିଧାନ । ଏହା ବ୍ୟତୀତ ବଦଳ ବିବାହ, ଝିକା ବିବାହ, ବିଧବା ବିବାହ ଓ ଶାଳୀ ବିବାହ ପରଂପରା ଚୁକ୍‌ଟିଆ ସମାଜରେ କେଉଁକାଳରୁ ଚଳି ଆସୁଛି ।



ଚୁକ୍‌ଟିଆମାନଙ୍କର ବିବାହ ବିଧାନ ଅତି ସରଳ ଓ ନିରାଡ଼ମ୍ବର । ବିବାହରେ ବେଶୀ ଖର୍ଚ୍ଚ କରିବାକୁ ପଡ଼େନାହିଁ । ବିବାହ କାର୍ଯ୍ୟ ଝିଅର ବାପ ଘରେ ହୁଏ । ବିବାହ ପରଂପରା ଅନୁସାରେ ବରକନ୍ୟା ଗୋଟିଏ ପବିତ୍ର ଖୁଣ୍ଟିର ଗୁରିକଡ଼ରେ ବୁଲନ୍ତି । ଜାତି ପୁରୋହିତ (ଦିନ୍‌ଓ୍ୱାରି) ଏହି ବିବାହ କାର୍ଯ୍ୟ ପରିଗ୍ଭଳନା କରେ । ଚୁକ୍‌ଟିଆ ଭୂଞ୍ଜିଆ ଓ ଚିନ୍ଦା ଭୂଞ୍ଜିଆଙ୍କ ମଧ୍ୟରେ ବିବାହ ବିଧି ବେଳାରେ ଦୁଧ-ପାଣି ପର୍ବ ପାଳିତ ହୁଏ । ମାତୃଳ ବଂଶର କେହି ଜଣେ ଦୁଧରେ କନ୍ୟାର ମୁହଁ ଧୋଇଦିଏ । ଏହା ପରେ ସେ ବରପକ୍ଷର ଜଣେ








ସଦସ୍ୟା ଭାବରେ ପରିଗଣିତ ହୁଏ । ଚୁକ୍‌ଟିଆ ପରିବାରରେ ଯୌତୁକ ପ୍ରଥା ନାହିଁ । ବିବାହ ପରେ ବର-କନ୍ୟା ମଧ୍ୟରେ ମନାନ୍ତର - ମତାନ୍ତର ହେଲେ ସ୍ୱ-ଇଚ୍ଛାରେ ଜଣେ ଆଉ ଜଣକୁ ଛାଡପତ୍ର ଦେବାର ପରଂପରା ରହିଛି ।

ଚୁକ୍‌ଟିଆ ଭୂଞ୍ଜିଆ ସମାଜରେ ମହିଳାମାନେ ଗର୍ଭବତୀ ହେଲେ ପୂର୍ବପୁରୁଷମାନଙ୍କର ପୁନଃ ଜନ୍ମ ହେଉଥିବାର ବିଶ୍ୱାସ କରନ୍ତି । ଏହି ସମୟରେ ମହିଳାମାନଙ୍କୁ ଭାରି କାମ କରିବାକୁ ବାରଣ କରାଯାଏ । ଗର୍ଭବତୀ









ମହିଳମାନେ ମଧ୍ୟ ଶ୍ମଶାନଭୂମିକୁ ଯାଆନ୍ତି ନାହିଁ । ନିଜ ବଂଶର ଜଣେ ବରିଷ୍ଠ ମହିଳା ସନ୍ତାନ ପ୍ରସବ କାର୍ଯ୍ୟ ତୁଲାଇଥାଏ । ଜନ୍ମିତ ଶିଶୁର ନାଭି ନାଡକୁ ଧାରୁଆ ତୀର ମୁନରେ ଛେଦନ କରି ଜନ୍ମ ସଂସ୍କାର କରାଯାଇଥାଏ ।






ଧାର୍ମିକ ଜୀବନ

ବୁକ୍‌ଟିଆ ଭୂଞ୍ଜିଆମାନେ ବହୁ ଦେବଦେବୀଙ୍କୁ ପୂଜା କରନ୍ତି । ସୁନାଦେଇ ସେମାନଙ୍କର ମୁଖ୍ୟ ଆରାଧ୍ୟ ଦେବୀ । ସୁନାବେଡା ଗାଁର ଗୋଟିଏ ପୂଜାମଣ୍ଡପରେ ଦେବୀ ଅଧିଷ୍ଠିତା । ସୁନାଦେଇ ଦେବୀଙ୍କ ପୂଜା ଆରାଧନାର ତିନୋଟି ପ୍ରମୁଖ ପୂଜକ ହେଲେ - ପୂଜାରୀ, ଛତ୍ରିଆ ଓ କତ୍‌ରିଆ । ସୁନାଦେଇଙ୍କ ପୂଜା ବିଧାନରେ ପୂଜାରୀ ମୁଖ୍ୟ । ପୂଜାରୀ ମା' ସୁନାଦେଇଙ୍କୁ ପୂଜା ନୈବେଦ୍ୟ ଅର୍ପଣ କରି ପ୍ରାର୍ଥନା କରେ ।






ଦେବୀଙ୍କ ପୂଜା ସମୟରେ ଛତ୍ରିଆ ଛତା ବା ଛତ୍ରୀ ଧାରଣ କରେ । "କତରିଆ" ବଳି ପକାଏ । ସୁନାବେଡ଼ା ଅଞ୍ଚଳର ୮୪ ଗୋଟି ଗାଁର ଭୂଞ୍ଜିଆମାନେ ଆଶ୍ୱିନ ମାସରେ ପଡୁଥିବା ସୁନାଦେଇ ଦେବୀଙ୍କ ପ୍ରଧାନ ପୂଜା 'ଦଶହରା' ସମୟରେ ଏକତ୍ରିତ ହୁଅନ୍ତି । ଦେବୀଙ୍କ ପାଖରେ ବଳି ପଡେ । ଗାଁ ଏବଂ ଗ୍ରାମବାସୀଙ୍କ ମଙ୍ଗଳ ନିମନ୍ତେ ଦେବୀ ଆଶୀର୍ବାଦପ୍ରଦାନ କରନ୍ତି । ଭଲ ଫସଲ ଉତ୍ପାଦନ ନିମନ୍ତେ ଓ ବନ୍ଧ୍ୟାନାରୀ ସନ୍ତାନ ସମ୍ଭବା ହେବା ନିମନ୍ତେ ଦେବୀ ସୁନାଦେଇ ମଧ୍ୟ ଶୁଭ ଆଶୀର୍ବାଦଦିଅନ୍ତି ।


ଏତଦ୍‌ବ୍ୟତୀତ ଆହୁରି ଅନେକ ଦେବଦେବୀଙ୍କୁ ବରଗ ଭେଦରେ ଭୂଞ୍ଜିଆମାନେ ପୂଜା ଆରାଧନା କରନ୍ତି । ବାରଗେ, ମାଟିହାରମାନେ (ମାଇଟି) ମାଟି ଦେବୀଙ୍କୁ ଆଶ୍ୱିନ ମାସରେ ବତକ, କୁକୁଡ଼ା, ଘୁଘୁରି, ବଳି ଦେଇ ସନ୍ତୁଷ୍ଟ କରି ଉତ୍ତମ ଉତ୍ପାଦନ କାମନା କରନ୍ତି । "ବଡ଼ମାଟି" ବିବିଧ ରୋଗ ନିରାକରଣ ବିଶେଷତଃ ବସନ୍ତ ରୋଗ ନିରାକରଣ ଏବଂ ବିଭିନ୍ନ ବିଷଧର ଓ ହିଂସ୍ରଜନ୍ତୁଙ୍କ କବଳରୁ ରକ୍ଷା କରିବା ନିମନ୍ତେ ପୌଷ ମାସରେ ବଳି ଦେଇ ଦେବୀଙ୍କ ପୂଜା କରନ୍ତି । ଅନେକ ହିନ୍ଦୁ ଦେବଦେବୀଙ୍କୁ ମଧ୍ୟ ବୁକ୍‌ଟିଆ ଭୂଞ୍ଜିଆମାନେ ପୂଜା କରନ୍ତି ।







ଯାନିଯାତ୍ରା, ପର୍ବପର୍ବାଣି



ବୁକ୍‌ଟିଆ ଭୂଞିଆମାନେ ବର୍ଷକୁ ତିନୋଟି ମୁଖ୍ୟ ପର୍ବ ପାଳନ କରନ୍ତି । ସେଗୁଡ଼ିକ ହେଲା ଦଶହରା, ବିହନମନ୍ତୁରା ପର୍ବ ଓ ମହୁଲ ସଂଗ୍ରହ ପର୍ବ । ଏହା ସେମାନଙ୍କର ଜୀବନ-ଜୀବିକା ଓ ସାମାଜିକ ନିରାପତ୍ତା ସହ ସଂପୃକ୍ତ । ଅକ୍‌ଟୋବର ଓ ନଭେମ୍ବର ମାସରେ ଦଶହରା ପର୍ବ ପାଳନ ଅବସରରେ ଦୀର୍ଘ ୧୫ ଦିନ ବ୍ୟାପୀ ମା' ସୁନାଦେଈଙ୍କ ପୂଜାପୀଠରେ ବଡ ଆଡମ୍ବର ସହକାରେ ବୁକ୍‌ଟିଆମାନେ ପୂଜାକାର୍ଯ୍ୟ ସଂପାଦନ କରନ୍ତି । ପୂଜାର ଶେଷଦିନ ପାଖଆଖ ଗାଁର ବହୁ ପୁରୁଷ ଓ ମହିଳା ସୁନାବେଡା ଗାଁକୁ ବହୁ ପୂଜା ଦେଖିବାକୁ ଆସନ୍ତି । କେଉଁ କାଳରୁ ସେଠାରେ ଥିବା ଏକ ପୁରୁଣା ପବିତ୍ର ବରଗଛ ପାଖରେ ଦେବଦେବ ମହାଦେବ ପୂଜା ପାଇ ଆସୁଛନ୍ତି । ପଥର ଉପରେ ଦଣ୍ଡାୟମାନ ହୋଇଥିବା ପ୍ରାଚୀନ ବରଗଛଟିର ବେଶୀ ଚେର ନାହିଁ । ଅଳ୍ପ ଚେରରେ ପଥର ଉପରେ ବରଗଛଟି ସୁଦୃଢ଼ ଭାବେ ଦଣ୍ଡାୟମାନ ଏହାହିଁ ତାହାର ପବିତ୍ରତା ଓ ଅଲୌକିକତା ।

ଏହି ପ୍ରାଚୀନ ବରଗଛ ମୂଳେ ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ ସୁନାବେଡା ଅଞ୍ଚଳରେ ବହୁ ଲୋକ ଏକତ୍ରିତ ହୋଇ ବିହନମନ୍ତୁରା ପର୍ବରେ ଭାଗ ନେଇଥାନ୍ତି । ଗ୍ରାମର ଛତ୍ରିଆ ପରିବାର ଏଥିନିମନ୍ତେ ୫ କି.ଗ୍ରା. ବିହନ ଦିଅନ୍ତି । ଏହି ବିହନକୁ ବିଧି ମୁତାବକ ମା' ସୁନାଦେଈଙ୍କ ନିକଟରେ ପୂଜା କରିସାରିବା ପରେ ପୂଜାରେ ଅଂଶ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଏହି ମଂଜିକୁ ଡାହିଗୁଷ ବା ପୋତୁଗୁଷରେ ପ୍ରଥମେ ବ୍ୟବହାର କରିବାର ବିଧି ରହିଛି ।



ସୁନାବେଡ଼ାର ଶୋଷେଙ୍ଗାରେ ବୁଢ଼ାରଜା ଓ ଭୀମା ଦେବତା ପୂଜା ପାଉଛନ୍ତି । ସେହି ସ୍ଥାନ ମହୁଲ ଗଛରେ ପରିପୂର୍ଣ୍ଣ । ପ୍ରତିବର୍ଷ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ମହୁଲ ସଂଗ୍ରହ ପର୍ବ ପାଳିତ ହୁଏ । ମାଝି ଓ ଛତ୍ରିଆମାନେ ପୂଜା ଆରାଧନାରେ ସକ୍ରିୟ ଭାଗ ନିଅନ୍ତି । ଉତ୍ତମମାନର ମହୁଲ ଉତ୍ପାଦନ ନିମନ୍ତେ ଦେବତାଙ୍କୁ ପୂଜା ଓ ପ୍ରାର୍ଥନା କରାଯାଏ । ପର୍ବପାଳନ ପରେ ସେହି ମହୁଲ ଗଛ ନିକଟରେ ପତ୍ରକୁଟୀର ନିର୍ମାଣ କରି ମହୁଲ ସଂଗ୍ରହ ଲକ୍ଷ୍ୟରେ ସାମୟିକ ଭାବରେ ବୁକ୍‌ଟିଆ ଭୂଞିଆମାନେ ବସବାସ କରିବାର ଦେଖାଯାଏ । ବିହନବୁଣା ପର୍ବ ପରି ଏହା ମଧ୍ୟ ଏକ କୃଷିଭିତ୍ତିକ ସାମାଜିକ ପର୍ବ । କୃଷିଭିତ୍ତିକ






ପର୍ବପାଳନ ସମାଜର ଆର୍ଥିକ ସ୍ୱଚ୍ଛଳତାକୁ ତ୍ୱରାନ୍ୱିତ କରିବା ସହିତ ଲୋକମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ, ଉତ୍ତମ ବୁଝାମଣା ଓ ପବିତ୍ର ବାତାବରଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

ନୃତ୍ୟ, ସଙ୍ଗୀତ ଓ ବାଦ୍ୟ ଭିତରେ ନିଜକୁ ହଜେଇ ଦେଇ ବୁଜ୍‌ଟିଆ ଭୂଞ୍ଜିଆ ମହିଳାମାନେ ପର୍ବପର୍ବାଣିରୁ ଯେଉଁ ପବିତ୍ର ଆନନ୍ଦ ଅନୁଭବ କରନ୍ତି ତାହା ବାସ୍ତବିକ ଅନନ୍ୟ । ଭୂଞ୍ଜିଆ ସମାଜର ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳିଗଲାଣି । ସେମାନଙ୍କର ପାରଂପରିକ ସଂସ୍କୃତିର ସଂରକ୍ଷଣ ତଥା ଉନ୍ନୟନ ଦିଗରେ ବହୁ ଯୋଜନାମାନ ପ୍ରଣୀତ ହୋଇଛି ।

ବୁଜ୍‌ଟିଆମାନଙ୍କ ନିମନ୍ତେ ସାପ୍ତାହିକ ହାଟରେ ଆୟୋଜିତ କୁକୁଡା ଖେଳ ଆନନ୍ଦ ଉପଭୋଗ କରିବାର ଏକ ପ୍ରମୁଖ ମାଧ୍ୟମ ହୋଇଛି ଏକ ବିରାଟ ଜନସମାଗମ ଏହି ଖେଳକୁ ସଂଦର୍ଶନ ପୂର୍ବକ ଆନନ୍ଦ ଅନୁଭବ କରିଥାନ୍ତି ।














ରାଜନୈତିକ ଧାରା




ଭୂଞ୍ଜିଆମାନଙ୍କ ରାଜନୈତିକ ସଙ୍ଗଠନ ଗ୍ରାମ ପରିଷଦ ଓ ଆନ୍ତଃଗ୍ରାମ ପରିଷଦଭେଦରେ ଦ୍ୱିବିଧ । ପ୍ରତି ଭୂଞ୍ଜିଆ ଗ୍ରାମରେ ଏକ ସ୍ୱୟ ଶାସିତ ସାମାଜିକ ଓ ରାଜନୈତିକ ସଙ୍ଗଠନ ରହିଛି । ଏହି ସଙ୍ଗଠନରେ 'ଭାଇ-ଭାଇ' ସଂପର୍କରେ ସଭ୍ୟମାନେ ଆବଦ୍ଧ । ପୂଜାରୀ, ଛତ୍ରିଆ ଓ କତରିଆମାନେ ସବୁ ଭଲ ମନ୍ଦ ବୁଝାସୁଝା କରନ୍ତି । ଗ୍ରାମ ପରିଷଦସଭାକୁ ମହିଳାମାନେ ଆସନ୍ତି ନାହିଁ । ମାତ୍ର ଆବଶ୍ୟକସ୍ଥଳେ କୌଣସି ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟଦେବା ନିମନ୍ତେ ମହିଳାମାନଙ୍କୁ ଡକାଯାଏ । ଗ୍ରାମ ପରିଷଦରେ ଗ୍ରାମ ବିବାଦର ବିଚାର ହୁଏ । ଏହା ଏକ ଗ୍ରାମଭିତ୍ତିକ ସାମାଜିକ ବିଚାର ମଞ୍ଚ । ଏହି ବିଚାର ମଞ୍ଚର ନିଷ୍ପତ୍ତିକୁ ସମ୍ମାନଦେବା ବାଧତାମୂଳକ । ଆନ୍ତଃଗ୍ରାମ ପରିଷଦର ମୁଖ୍ୟ କୁଡ଼ହା(Kurha) ନାମରେ ପରିଚିତ । ମକଦ୍ଦମ ଏକ ଉଚ୍ଚପଦବୀ । ପୂର୍ବେ ୮୪ ଗୋଟି ଭୂଞ୍ଜିଆ ଗ୍ରାମର ପଦପ୍ରଯୁକ୍ତ କୁଡ଼ହା ହିସାବରେ ମକଦ୍ଦମ କାର୍ଯ୍ୟ କରୁଥିଲେ । ସଂପ୍ରତି ଆଦିବାସୀମାନଙ୍କ ରାଜନୈତିକ ସଙ୍ଗଠନରେ ପରିବର୍ତ୍ତନ ଆସିଛି । ଯେଉଁ ଘଟଣାର ନିଷ୍ପତ୍ତି ଗ୍ରାମ ପରିଷଦରେ ହୋଇପାରେ ନାହିଁ, ତାହା ଆନ୍ତଃ ଗ୍ରାମପରିଷଦକୁ ପଠାଯାଏ । ଆନ୍ତଃଗ୍ରାମ ପରିଷଦର ବିଚାରକୁ ସମସ୍ତେ ମାନ୍ୟ କରନ୍ତି । ବର୍ତ୍ତମାନ ଗ୍ରାମ ପରିଷଦ, ଆନ୍ତଃଗ୍ରାମ୍ୟ ପରିଷଦଓ ପ୍ରଚଳିତ ସାମାଜିକ ନ୍ୟାୟିକ ବିଚାରଳୟ (Court) ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ସବୁପ୍ରକାର ବିଚାରଧାରା ଜାରି ରହିଛି ।






ପଞ୍ଚାୟତରାଜ ବ୍ୟବସ୍ଥାର ଅନୁବର୍ତ୍ତନ ଉପରାନ୍ତ ମଧ୍ୟ ଉଭୟ ପ୍ରଥାର ପ୍ରଚଳନ ସୁସମନ୍ୱୟରେ ଚାଲିଛି ତଥାପି ନିର୍ବାଚିତ ପ୍ରତିନିଧିଙ୍କ (ମହିଳା ପ୍ରତିନିଧିଙ୍କ ସମେତ) କର୍ତ୍ତୃତ୍ୱ କ୍ରମଶଃ ପରିଲକ୍ଷିତ ହୋଇଛି ଏବଂ ପାରମ୍ପରିକ ବିଧିର ବ୍ୟବସ୍ଥା କ୍ରମ ବିଲୁପ୍ତ ହେବାରେ ଲାଗିଛି ।







ପରିବର୍ତ୍ତନ



ପରିବର୍ତ୍ତନ ସବୁବେଳେ ସ୍ୱାଗତ ଯୋଗ୍ୟ । ସମୟ ସ୍ରୋତରେ ଚୁକ୍‌ଟିଆ ଭୂଞ୍ଜିଆମାନଙ୍କର ସାମାଜିକ ଜୀବନରେ ବହୁତ ପରିବର୍ତ୍ତନ ସଙ୍ଗଠିତ ହୋଇଛି । ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ଆର୍ଥିକ ସହାୟତା କ୍ରମେ ଓଡ଼ିଶା ସରକାରଙ୍କ ଦ୍ୱାର ଗଠିତ ଚୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା, ଚୁକ୍‌ଟିଆମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ପ୍ରତିଶୃତିବଦ୍ଧ ହୋଇ ବହୁବିଧ ଯୋଜନାର ସଫଳ ରୂପାୟନ କରି ଭୂଞ୍ଜିଆ ସମାଜର ସର୍ବବିଧ ଉନ୍ନତି ସାଧନ କରିଛି । ତଥାପି ଆଦିମ ଚୁକ୍‌ଟିଆମାନେ ମୁଖ୍ୟ ସାମାଜିକ ସ୍ରୋତରେ ସାମିଲ ହୋଇପାରି ନାହାଁନ୍ତି । ଚୁକ୍‌ଟିଆମାନଙ୍କର ମୁଖ୍ୟ ବାସସ୍ଥଳୀ ସୁନାବେଡାକୁ ଗମନାଗମନର ସୁବିଧା କରାଯାଇଛି । ପୂର୍ବ ଜମିଦାରୀ ଅମଳର ଜୀବନ ଓ ସାଂପ୍ରତିକ ଜୀବନଧାରା ମଧ୍ୟରେ ବେଶ୍ ଫରକ ଆସିଛି । ସୁନାବେଡାରେ ଅଳ୍ପ କେତେ ଘର ଗଣ୍ଡ ଓ ପହରିଆ ବାସ କରୁଛନ୍ତି । ପହରିଆମାନେ କମାର ଜାତିର । ପରବର୍ତ୍ତୀ ସମୟରେ ଗ୍ଭଷୀ ଶ୍ରେଣୀର କୁଲତାମାନେ ସୁନାବେଡା ଅଞ୍ଚଳକୁ ଯାଇ ବସବାସ କରୁଛନ୍ତି । କୁଲତାମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଚୁକ୍‌ଟିଆମାନେ ଆଧୁନିକ କୃଷିପ୍ରଣାଳୀକୁ ଆପଣେଇନେବା ସହ ଶୈକ୍ଷିକ ବିକାଶ ନିମନ୍ତେ ମାନସିକତାରେ ଢେର ପରିବର୍ତ୍ତନ ଆଣିଛନ୍ତି । ଚୁକ୍‌ଟିଆ ଭୂଞ୍ଜିଆ ଉନ୍ନୟନ ସଂସ୍ଥା ମଧ୍ୟ ଚୁକ୍‌ଟିଆମାନଙ୍କର ଶୈକ୍ଷିକ ବିକାଶ ନିମନ୍ତେ ଅଗ୍ରାଧିକାର ଦେଇଛି । ସୁନାବେଡ଼ାରେ ଏକ ଆବାସିକ ଆଶ୍ରମ ବିଦ୍ୟାଳୟ ରହିଛି । ସାଲିପଡାଠାରେ ଏକ ଆବାସିକ ବିଦ୍ୟାଳୟ ଖୋଲାଯାଇ ସେଥିରେ ମାଟ୍ରିକ୍ ପାଶ କରିଥିବା ଚୁକ୍‌ଟିଆମାନଙ୍କୁ ଚୁକ୍ତିଭିତ୍ତିକ ଶିକ୍ଷକ ଭାବରେ ନିଯୁକ୍ତି ଦିଆଯାଇଛି । ଚୁକ୍‌ଟିଆ ସମାଜରେ ଶିକ୍ଷା ସଚେତନତା ବଢ଼ିବା ଫଳରେ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କର ଉପସ୍ଥାନ ସଂଖ୍ୟାରେ ମଧ୍ୟ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇଛି।











ସଂରକ୍ଷଣ ଓ ସଂସ୍କୃତି ବିକାଶ (CCD) ଯୋଜନାରେ ଗଭୀର କୂପ ଖୋଳାଯାଇ ବୁକ୍‌ଟିଆମାନଙ୍କର ଶୁଷ୍ଳ ଜମିକୁ ଜଳଯୋଗାଣର ବ୍ୟବସ୍ଥା କରିବା ସହିତ ଶ୍ରମ ଦିବସ ତଥା ଆର୍ଥିକ ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇଛି । ବିଜ୍ଞାନଭିତ୍ତିକ କୃଷି ନିମନ୍ତେ ପ୍ରେରଣା ଦେବା ସହିତ ଜଳସେଚନ; କୂପ ଖନନ; ବନ୍ଧ ନିର୍ମାଣ; ଓ ଆବଶ୍ୟକ କୃଷି ଯନ୍ତ୍ରପାତି ଯୋଗାଣ ନିମନ୍ତେ ସବୁପ୍ରକାର ପଦକ୍ଷେପ ନିଆଯାଇଛି । ସରକାରୀ ସହାୟତା ପାଇବା ଫଳରେ ବୁକ୍‌ଟିଆ ସମାଜର ସାମାଜିକ ବିକାଶ ସାଧିତ ହୋଇଛି ।












ଉଦ୍ୟାନ କୃଷି ଯୋଜନାରେ ରୁକ୍‌ଟିଆମାନଙ୍କୁ ଆବଶ୍ୟକ ସରକାରୀ ସହାୟତା ଓ ପ୍ରଶିକ୍ଷଣ ଦିଆଯାଇଛି । ଏହା ଦ୍ୱାରା ବିବିଧ ପନିପରିବା, ଅମୃତଭଣ୍ଡା, କଦଳୀ ଆଦି ଗ୍ରୁଷ କରି ସେମାନେ ଲାଭବାନ୍ ହେଉଛନ୍ତି । ବିଭିନ୍ନ ପ୍ରକାର ଫଳ ଓ ଆଖୁଗ୍ରୁଷ ପରି ଅର୍ଥକାରୀ ଫସଲ କରିବା ଦ୍ୱାରା ସେମାନଙ୍କ ଆର୍ଥିକ ଅବସ୍ଥାରେ କ୍ରମଶଃ ସ୍ୱଚ୍ଛଳତା ପରିଲକ୍ଷିତ ହେଉଛି ।





ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସ୍ୱତନ୍ତ୍ର ଗୋଷ୍ଠୀଗତ ପ୍ରଶିକ୍ଷଣ ଦିଆଯାଇ ସମୁଦାୟ ଗୋଷ୍ଠୀର ଆର୍ଥିକ ବିକାଶ ନିମନ୍ତେ ଚେଷ୍ଟା ଅଦ୍ୟାହତ ରହିଛି । ଗୋଷ୍ଠୀଗତ ଭାବରେ ଛେଳି ଓ ମେଣ୍ଢା ପାଳନ କରିବା ଦ୍ୱାରା ଆର୍ଥିକ ବିକାଶ ସହାୟକ ହେଉଛି ।

ପାରଂପରିକ ବିଶ୍ୱାସରେ ପରିବର୍ତ୍ତନ ଆସିବା ଫଳରେ ବୁକ୍‌ଟିଆମାନେ କ୍ରମଶଃ ଟାଇଲ ଛପର ଘର ନିର୍ମାଣ ଆରମ୍ଭ କଲେଣି । ଏହି ଟାଇଲ ଛପର ଘର ହିଁ ବୁକ୍‌ଟିଆ ସମାଜର ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଏକ ପ୍ରମୁଖ ଚିତ୍ର ।


ରାଜନୈତିକ ସଚେତନତା ବୃଦ୍ଧି ପାଇବା ଦ୍ୱାରା ଗ୍ରାମସଭା ଗଠନ କରିବା, ସରପଞ୍ଚ, ୱାର୍ଡ ସଭ୍ୟ ହେବା ନିମନ୍ତେ ଉତ୍ସୁକତା ବଢ଼ିଲାଣି । ସୁନବେଡ଼ା ଅଞ୍ଚଳ ସଂପ୍ରତି "ବନ୍ୟ ପ୍ରାଣୀଉଦ୍ୟାନ" ଭାବରେ ଘୋଷିତ ହେବାଦ୍ୱାରା ଉକ୍ତ ଅଞ୍ଚଳକୁ ଲଘୁବନଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ଜାରି କରାଯାଇଛି ।








ବଟବୃକ୍ଷ ତଳେ ପ୍ରତିଷ୍ଠିତ ଶଙ୍କରଜୀ ଲିଙ୍ଗାଦେଓଙ୍କ ମନ୍ଦିର ଏବଂ ସୁନାଦେଈଙ୍କ ମନ୍ଦିର ଏବଂ ମହୁଲ ଫୁଲ ସଂଗ୍ରହ ପରି ଦୀର୍ଘ ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ତାଙ୍କ ପାରଂପରିକତାକୁ ସୂଚୀତ କରୁଛି ଏବଂ ବିକାଶ ସତ୍ତ୍ୱେ ପରଂପରା ପ୍ରିୟ ଏହା ପ୍ରମାଣିତ ହେଉଛି।





ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଗ୍ଭଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

ବିଶ୍ୱର କୁମାର ନାୟକ

ସଦସ୍ୟ ସଚିବ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଓଡ଼ିଶାର ଆଦିବାସୀ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ଡଙ୍ଗରିଆ କନ୍ଧ



ମୂଳ ଇଂରାଜୀ

ଅଖିଳ ବିହାରୀ ଓତା

ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ

ଅଖିଳ ବିହାରୀ ଓତା

ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍

ଉପକ୍ରମ



ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ କନ୍ଧ ଜନଜାତି ସଂଖ୍ୟାଗରିଷ୍ଠ ଓ ବୃହତ୍ତମ । ଏହି ଜନଜାତିର ଏକ ଉପଗୋଷ୍ଠୀ ହେଲେ ଡଙ୍ଗରିଆ କନ୍ଧ । ଏମାନେ ଆଦିମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ । ମେରିଆପର୍ବ, ଉଦ୍ୟାନକୃଷି, ସ୍ୱତନ୍ତ୍ର 'କୁଭି' ଭାଷା, ବହୁବର୍ଣ୍ଣୀ ଆଭୂଗଣ, ବେଶପୋଷାକ, ମୌଳିକ ଜୀବନଶୈଳୀ ସେମାନଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରେ ।

ଉଚ୍ଚ ପାହାଡ ବା ଡଙ୍ଗରରେ ବସବାସ କରୁଥିବାରୁ ପଡୋଶୀମାନେ ସେମାନଙ୍କୁ ଡଙ୍ଗରିଆ କହିଥାନ୍ତି । ସେମାନେ ନିଜକୁ (ଡଙ୍ଗରାନ୍ କୁଆଁ) ବା (ଡ୍ରିଲି କୁଆଁ) ବୋଲି ପରିଚୟ ଦେଇଥାନ୍ତି ।

ଡଙ୍ଗରିଆ ପୁରୁଷ ଓ ମହିଳାମାନଙ୍କର ସଜେଇହେବା ଢଙ୍ଗ ଅନ୍ୟମାନଙ୍କ ଠାରୁ ଅଲଗା । ପାରଂପରିକ ବେଶ ପୋଷାକରେ ସୁସଜ୍ଜିତ ସେମାନଙ୍କର ଚେହେରା ବଡ ଆକର୍ଷଣୀୟ ।

ଡଙ୍ଗରିଆ ପୁରୁଷମାନେ ୧୫ ରୁ ୧୬ଫୁଟ ଲମ୍ବ ଓ ଫୁଟିକିଆ ଓସାରର କପଡାକୁ(କଡ଼ି) ଏପରି ବାଗରେ ପିନ୍ଧନ୍ତି ଯେପରି କି କପଡ଼ା ଆଗକୁ ଓ ପଛକୁ ଝୁଲି ରୁହେ । ଏହି କପଡ଼ାକୁ ସେମାନେ 'ଡ୍ରିଲି' କୁହନ୍ତି । ବୟସ୍କମାନେ ୩ ଫୁଟ ଲମ୍ବ ଓ ଦେଢ଼ ଫୁଟ ଓସାରର ଏକ ଛୋଟିଆ କପଡ଼ା (ଗନ୍ଦା କପଡ଼ା) ବ୍ୟବହାର କରିଥାନ୍ତି । ଅବସ୍ଥା ସଂପନ୍ନ ଲୋକେ ସାର୍ଟ ପିନ୍ଧିବା ଦେଖାଯାଇଥାଏ।

ଡଙ୍ଗରିଆ ମହିଳାମାନେ ପିନ୍ଧିବା ପାଇଁ ଦୁଇଖଣ୍ଡ କପଡ଼ା ବ୍ୟବହାର କରନ୍ତି । ପ୍ରତିଖଣ୍ଡ ୩-୪ ଫୁଟ ଲମ୍ବ ଓ ଦେଢଫୁଟ ଚଉଡାର ହୋଇଥାଏ । ପ୍ରଥମ ଖଣ୍ଡ କପଡ଼ାକୁ ଅଣ୍ଟା ଚାରିପଟେ ଗୁଡ଼ାଇ ଦେଇ ସମ୍ମୁଖ ଭାଗରେ ଗୋଟିଏ ଗଣ୍ଠି ପକାଇବାକୁ ହୁଏ । ଦ୍ୱିତୀୟ ଖଣ୍ଡଟି ଆପ୍ରନ୍ ପରି ଶରୀରର ଉପର ଅଂଶକୁ ଆବୃତ କରେ । ଅନ୍ୟ କନ୍ଧଗୋଷ୍ଠୀ ଠାରୁ ନିଜକୁ ସ୍ୱତନ୍ତ୍ର ବୋଲି ପ୍ରମାଣିତ କରିବା ପାଇଁ ଡଙ୍ଗରିଆ ପୁରୁଷମାନେ ମୁଣ୍ଡରେ ଲମ୍ବବାଳ ରଖନ୍ତି । ସେହି ଲମ୍ବବାଳକୁ ସୁନ୍ଦର ଭାବରେ କୁଣ୍ଡାଇ ମହିଳାମାନଙ୍କ ପରି ଖୋଷା ବାନ୍ଧିଥାନ୍ତି ।











ପୁରୁଷ ଓ ମହିଳାମାନଙ୍କ ମୁଣ୍ଡର ବାଳ ଗଣ୍ଠିରେ ଗୋଟିଏ କାଠ ପାନିଆଁ(କୋକୁଆ) ଖୋସା ଯାଇଥାଏ । ଏହା ମୁଣ୍ଡକୁ ସୁନ୍ଦର ଦେଖାଯିବା ସହିତ ବାଳକୁ ଅଡୁଆ ହେବାକୁ ନ ଦେଇ ଶକ୍ତ ଭାବରେ ଧରିରଖେ । ଗୋଟିଏ ଛୋଟ ଛୁରୀ(ପିପଲି)କୁ ମୁଣ୍ଡ ଅଳଂକାର ଭାବରେ ବ୍ୟବହାର କରନ୍ତି । ପିପଲିର ଧାତୁନିର୍ମିତ ବେଣ୍ଟରେ ଛୋଟ ଛୋଟ ରଙ୍ଗୀନ୍ ପେଣ୍ଡୁ ସୂତାରେ ଝୁଲୁଥାଏ । ମହିଳାଙ୍କ ଖୋସାକୁ ଏହା ସୁନ୍ଦର ଦିଶେ । ଯେତେବେଳେ କେଶ କାଟିବା ଆବଶ୍ୟକ ହୁଏ ସେତେବେଳେ ଏହି ପିପଲି କାମରେ ଲାଗେ ।

ଡଙ୍ଗରିଆ କନ୍ଧ ପୁରୁଷ ଓ ମହିଳାମାନଙ୍କ କେଶବିନ୍ୟାସ ଶୈଳୀର ଢଙ୍ଗ ନିଆରା । ବିଭିନ୍ନ ପ୍ରକାର ଓ ଆକୃତିର ମୁଣ୍ଡକଣ୍ଟା ଓ ଚାପୁଆଣୀ ସେମାନଙ୍କ ସୌନ୍ଦର୍ଯ୍ୟକୁ ବହୁଗୁଣରେ ବଢ଼ାଇ ଦିଏ ।

ବିଭିନ୍ନ ପ୍ରକାର ଅଳଂକାର ବ୍ୟବହାର କରି ଡଙ୍ଗରିଆ ପୁରୁଷ ଓ ମହିଳାମାନେ ନିଜର ଶାରୀରିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରିଥାନ୍ତି ।


ପୁରୁଷ ଓ ମହିଳା ଉଭୟେ କାନ ଓ ନାକରେ ବଳା ବ୍ୟବହାର କରନ୍ତି । ନାକନୋଥକୁ ମୁର୍ମା କହୁନ୍ତି । ଏହା ସହ ପିତ୍ତଳ ନିର୍ମିତ ମୂନିଆ କଣ୍ଠା, କୁଲଟି ମଧ୍ୟ ନାଇଥାନ୍ତି । ଆଲୁମିନିୟମ୍‌ର ଗଳାହାର ଓ ମୁଦ୍ରାମାଳି ଅଥବା ପଇସା ଗୁନ୍ଥାଯାଇଥିବା ହାର କେକୋଡିଆ ବ୍ୟବହାର କରନ୍ତି । ହାତ ଆଙ୍ଗୁଠିରେ ଏକାଧିକ ମୁଦି ପିନ୍ଧନ୍ତି । ଏହା ସହିତ ମହିଳାମାନେ ଗୋଡ଼ମୁଦି, ହାତବଳା, ଚୁଡ଼ି, ଆଦି ଅଳଂକାର ବ୍ୟବହାର କରନ୍ତି ।













ବାସସ୍ଥଳୀ



ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ମୁନିଗୁଡ଼ା, କଲ୍ୟାଣସିଂପୁର ଓ ବିଷମ କଟକ ବ୍ଲକର ବିସ୍ତୃତ ଅଂଚଳରେ ଥିବା ନିୟମଗିରି ପାହାଡ଼ ଡଙ୍ଗରିଆ କନ୍ଧମାନଙ୍କର ବସତିସ୍ଥଳ । ଘଞ୍ଚ ସବୁଜ ପ୍ରାକୃତିକ ପରିବେଶ ଦ୍ୱାରା ପରିବେଷ୍ଟିତ ନିୟମଗିରି ପାହାଡ଼ର ଶୋଭା ସଂପଦଅନନ୍ୟ । ଏହା ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ । ରାୟଗଡ଼ା ଓ ଗୁଣୁପୁର ଉପଖଣ୍ଡର ସୀମାନ୍ତ ଇଲାକାରେ ୧୦୦୦ଫୁଟ ଓ ତହିଁରୁ ଅଧିକ ଉଚ୍ଚତା ବିଶିଷ୍ଟ ପାହାଡ଼ ଆକାଶକୁ ମୁଣ୍ଡଟେକିଛି । ସବୁଠୁ ଉଚ୍ଚ ପାହାଡ଼ର ଉଚ୍ଚତା ସମୁଦ୍ରପତ୍ତନ ଠାରୁ ୪୯୭୦ ଫୁଟ ।

ଡଙ୍ଗରିଆ କନ୍ଧ ପ୍ରକୃତି ଓ ପ୍ରାକୃତିକ ପରିବେଶକୁ ଭଲପାଏ । ଏହି କାରଣରୁ ଆଧୁନିକ ସହରୀ ସଭ୍ୟତାର କୋଳାହଳମୟ ବାତାବରଣରେ ବସବାସ ନ କରି ସେ ନିୟମଗିରିର ମନୋରମ ପ୍ରାକୃତିକ ପରିବେଶକୁ ନିଜର ବସତିସ୍ଥଳ ରୂପେ ବାଛି ନେଇଛି । ବସତିସ୍ଥଳର ବାୟୁମଣ୍ଡଳ ଅତ୍ୟନ୍ତ ଶାନ୍ତ ଓ କମନୀୟ । ଉଦ୍ୟାନକୃଷି ନିମନ୍ତେ ସେଠାକାର ମାଟି ଓ ପରିବେଶ ଅତି ଅନୁକୂଳ ।



ନିୟମଗିରି ପାହାଡ଼ର ସବୁଜ ପ୍ରକୃତି । ଚାରିଆଡ଼େ ପଣସ ବୃକ୍ଷର ଶୋଭା । ତା' ଭିତରେ କଦଳୀ, କମଳା



ଓ ସପୁରୀ ଭର୍ତ୍ତି ଫଳ ବଗିଚା । ପାହାଡ଼ ଗଡ଼ାଣିରେ ପଣସ ଗଛ । ପାହାଡ଼ର ପାଦଦେଶ ଠାରୁ ଶୀର୍ଷସ୍ଥଳ ପର୍ଯ୍ୟନ୍ତ ବ୍ୟାପକ ଅଂଚଳରେ ପୋଡୁଚାଷ । ପ୍ରକାରାନ୍ତରେ କୁରାଡ଼ୀ ଦ୍ୱାରା ଅବିଚାରିତ ଭାବରେ ଧ୍ୱଂସ ସାଧନ ପୂର୍ବକ ଡାଙ୍ଗରିଆ କନ୍ଧ ସମଗ୍ର ଅଂଚଳକୁ ସବୁଜିମା ମୁକ୍ତ କରି ଚାଲିଛନ୍ତି ।

ବାସସ୍ଥଳୀ



ଡଙ୍ଗରିଆ କନ୍ଧ ଗାଁ ଗୁଡ଼ିକ ସାଧାରଣତଃ ପାହାଡ଼ ଶୀର୍ଷ; ପାହାଡ଼ ଗଡ଼ାଣି ଓ ନିମ୍ନସ୍ଥ ଘଞ୍ଚ ଜଙ୍ଗଲ ଅଂଚଳରେ ବସିଥାଏ । ପୋଡୁଚାଷ କରିବା ନିମନ୍ତେ ଯେଉଁଠି ପ୍ରଶସ୍ତ ଅଂଚଳ ଉପଲବ୍ଧ ହୁଏ ଓ ସବୁଦିନିଆ ଜଳଉତ୍ସର ସୁବିଧା ଥାଏ ସେପରି ଅଂଚଳକୁ ଡଙ୍ଗରିଆମାନେ ନିଜର ବସତି ସ୍ଥଳ ଭାବରେ ବାଛିଥାନ୍ତି ।



ଗାଁର ପ୍ରବେଶ ପଥରେ ଆମ୍ବ ଓ ପଣସ ଗଛର ଗହଳି । ପାଖରେ ଗୋଟିଏ ଛୋଟ ଚାଳିଆ ଘର । ସେଇଠି ପୂଜା ପାଆନ୍ତି ଗ୍ରାମଦେବତା "ଯାତ୍ରାକୁଡ଼ି ପେନୁ" । ଯାତ୍ରାକୁଡି ପେନୁଙ୍କ ଚାଳିଆ ଘରର କାନ୍ଥରେ ଜ୍ୟାମିତିକ ଆକୃତିର ଅନେକ ରଙ୍ଗୀନ୍ ଚିତ୍ର ଅଙ୍କା ଯାଇଥାଏ । ଏହା ଲୋକମାନଙ୍କୁ କୁ-ଦୃଷ୍ଟିରୁ ସୁରକ୍ଷା ଦିଏ



ଗାଁ ମଝିରେ ଚାଳଛପର କୁଡ଼ିରେ ପ୍ରଧାନ ଦେବୀ ମାଟି ମାଁ ଧରଣୀ ପେନୁଙ୍କ ଆସ୍ଥାନ । କୁଡିକୁ ଲାଗି ସୁନ୍ଦର କାଠ ଖୋଦେଇ ହୋଇ ସାଥୀ ଜାଙ୍କଡ ବା କୋଟେବାଲି ପେନୁଙ୍କ ଆସ୍ଥାନ ।

ଗାଁର ଶେଷମୁଣ୍ଡଟି ପ୍ରାୟତଃ ପାହାଡ଼ି ଝରଣାକୁ ବୁଜିଁଥାଏ । ସେଇଠି ଥାଏ ଡଙ୍ଗରିଆ







ଯୁବତୀମାନଙ୍କ ଯୁବାଘର ବା ଧାଙ୍ଗଡ଼ିଶାଳ । ଏହାକୁ ସେମାନେ ଡାସାହାଡା ବା ହାଡାଶାଳ କହିଥାନ୍ତି ।


ପାରିବାରିକ ଓ ସାଂସାରିକ ଗୃହ ପ୍ରବେଶ ପୂର୍ବରୁ ଅବିବାହିତା କନ୍ୟାମାନଙ୍କ ନିମନ୍ତେ ଏହି ଧାଙ୍ଗଡିଶାଳ ଜୀବନଶିକ୍ଷା କେନ୍ଦ୍ରର



କାମ କରେ । ସାଂସାରିକ ଜୀବନର ସମ୍ମୁଖୀନ ହେବା ନିମନ୍ତେ ଏଠାରେ ଜୀବନକୌଶଳ ଜାଣିହୁଏ । ଡଙ୍ଗରିଆ ଯୁବକମାନଙ୍କ ଦ୍ୱାରା ଏହା ତିଆରି ହୋଇଥାଏ । ଅବିବାହିତା କନ୍ୟାମାନେ ଏହାର ରକ୍ଷଣାବେକ୍ଷଣ କରନ୍ତି ।

ଗୃହନିର୍ମାଣ

ଡଙ୍ଗରିଆମାନଙ୍କ ବାସଗୃହ ଭୂମିଠାରୁ ମାତ୍ର ୨-୩ ଫୁଟ ଉଚ୍ଚ । ନୂଆଣିଆ ଚାଳ ଛପର ଘର । ଘରର ମୂଳଦୁଆ ଆୟତକ୍ଷେତ୍ର ପରି । ଘର ଭିତରେ ଗୋଟିଏ ବଡ଼ ଓ ଗୋଟିଏ ସାନ କୋଠରୀ । ସାନ କୋଠରୀଟିକୁ ଝାପା କୁହନ୍ତି । ଏହି ଝାପା ଘରଟି ବଡ଼ କୋଠରୀର ପଛପଟକୁ ଥାଏ । ଘରର ଆଗ ଓ ପଛ ଦୁଇ ପଟରେ ବାରଣ୍ଡା ରହିଥାଏ ।










ମୁଖ୍ୟଘରଟି ଶୋଇବା ଓ ଖାଇବା ଘର ଭାବରେ ବ୍ୟବହୃତ ହୁଏ । କେବେକେବେ ଘର ଭିତରେ ଗୋଟିଏ ଭାଡି ତିଆରି କରାଯାଇଥାଏ । ସେହି ଭାଡ଼ିରେ ଖାଦ୍ୟଶସ୍ୟ ଓ ଅନ୍ୟାନ୍ୟ ଜିନିଷପତ୍ର ସାଇତି କରି ରଖାଯାଏ ।



ମୁଖ୍ୟ ଘରେ ଗୋଟିଏ ଛୋଟ କାନ୍ଥ ଦିଆଯାଇଥାଏ । କାନ୍ଥ ଆରପଟକୁ ରୋଷେଇ ଘର ଭାବରେ ବ୍ୟବହାର କରାଯାଏ । ବାହାର ଲୋକ ରୋଷେଇ ଘର ଭିତରକୁ ଦେଖିପାରନ୍ତି ନାହିଁ ।

ଘରକୁ ଲାଗି ଗୃହପାଳିତ ପଶୁଙ୍କ ପାଇଁ ହାଡାଶାଳ(ଗୁହାଳ) ରହିଥାଏ । କାଠଖୁଣ୍ଟରେ ଗୋରୁ ବନ୍ଧାଯାଏ ।





ଖାଦ୍ୟପେୟ

ଡଙ୍ଗରିଆମାନେ ତିନିଓଳି ଖାଇଥାନ୍ତି । ମକା, ବାଜରା, ମାଣ୍ଡିଆ, କାନ୍ଦୁଲ, ଝୁଡଙ୍ଗ ଯେଉଁ ଋତୁରେ ଯାହା ମିଳେ ତାହାକୁ ଖାଦ୍ୟ ରୂପେ ଗ୍ରହଣ କରନ୍ତି । ଜଙ୍ଗଲରୁ ସଂଗ୍ରହ କରୁଥିବା ବିଭିନ୍ନ ପ୍ରକାର ଫଳମୂଳ, ଶାଗ ସବ୍‌ଜି, ରାଣୀକନ୍ଦା, ଲଙ୍ଗଳା କନ୍ଦା ଓ ଛତୁ ଆଦିକୁ ରୋଷେଇ କରି ଖାଆନ୍ତି ।





ସେମାନେ ମାଛ, କୁକୁଡା, ମଇଁଷି ମାଂସ, ଗୋ ମାଂସ ଆଦି ପ୍ରସ୍ତୁତ କରି ଖାଆନ୍ତି । ସନ୍ଧ୍ୟାବେଳର ଖାଦ୍ୟ ସହିତ ପ୍ରାୟତଃ ଶୁଖୁଆ ପୋଡ଼ା ଖାଇଥାନ୍ତି ।

ମଦପାନ କରିବା ସେମାନଙ୍କର ପାରଂପରିକ ଅଭ୍ୟାସ । ମହୁଲୀ ମଦ(ଇରୁପି କାଲୁ) ଓ ସଲପ ରସ(ମାଦା କାଲୁ) ଭାରି ପ୍ରିୟ ପାନୀୟ । ଏହା ବ୍ୟତୀତ ସେମାନେ କଦଳୀ କାଲୁ ଓ ଗୁଡ଼କାଲୁ ମଧ୍ୟ ପିଅନ୍ତି ।

ମଦଏକ ସାଧାରଣ ପାନୀୟ ନୁହେଁ । ଏଥିରେ ଅନେକ ଔଷଧୀୟ ଗୁଣ ରହିଛି । ସେମାନେ ମଦକୁ ଔଷଧ ହିସାବରେ ବ୍ୟବହାର କରିବା ସହିତ ନିଜର ପୂର୍ବପୁରୁଷ ଓ ପୂର୍ବଜ ଦେବଦେବୀମାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଭକ୍ତି ସହକାରେ ଅର୍ପଣ କରନ୍ତି । ପର୍ବପର୍ବାଣି ଓ ଆହୁରି ଅନେକ ସାମାଜିକ ଘଟଣା ପ୍ରବାହରେ ମଦର ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ ମନେହୁଏ । ଏହା ସେମାନଙ୍କର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବିବେଚିତ ।



ଡଙ୍ଗରିଆ ମାନେ ଅନେକ ନିଶାଦ୍ରବ୍ୟ ବ୍ୟବହାର କରନ୍ତି । ସେସବୁ ମଧ୍ୟରୁ(କରା), ଧୂଙ୍ଗିଆ (କୁଣ୍ଡେଲୀ) ଓ ଚୁଙ୍ଗା ପ୍ରଧାନ । କଂଚା ତମାଖୁ ପତ୍ର ଓ ପାଉଁଶ ଗୁଣ୍ଡରୁ କରା ପ୍ରସ୍ତୁତ ହୁଏ । କରା ଓ ଧୂଙ୍ଗିଆକୁ ଚୋବେଇ ଖିଆଯାଏ ।

ଜୀବିକା ଓ ଅର୍ଥନୀତି



ଦିନଚର୍ଯ୍ୟା :

ଡଙ୍ଗରିଆ କନ୍ଧମାନେ ଭାରି ସଅଳ ଉଠନ୍ତି । ସେମାନେ ବିଛଣା ଛାଡି ଗ୍ରାମଦେବତୀଙ୍କ ପୀଠ(କୁଡି) ରେ ଏକାଠି ହୋଇ ପିକାଟାଣି ଗପସପ କରନ୍ତି । କୁକୁଡାର ପହିଲି ଡାକ ଶୁଭେ । ନିରଳସ ଡଙ୍ଗରିଆମାନେ ନିଜର ଡଙ୍ଗର ଭୂମିକୁ କାମ କରିବାପାଇଁ ବାହାରି ପଡନ୍ତି । ମଧ୍ୟାହ୍ନ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟବ୍ୟସ୍ତ ରହନ୍ତି । ମଝିରେ ଅଳ୍ପ ସମୟର ବିରତି । ଏତିକି ବେଳେ ମଧ୍ୟାହ୍ନ ଭୋଜନ ସହିତ କିଛି ମହୁଲୀ ଅଥବା ସଲପ ରସ ଦିଆଯାଏ । କିଛି ସମୟ ବିଶ୍ରାମ ନେବା ପରେ ପୁଣି କାମରେ ଲାଗିପଡିଛନ୍ତି । ପରିବାରର ସମସ୍ତ ସଦସ୍ୟ କର୍ମକ୍ଷେତ୍ରରେ ଏକାଠି ଖାଆନ୍ତି ଓ ଏକାଠି କାମ କରନ୍ତି । ପୁରୁଷ ଓ ମହିଳା ସମସ୍ତେ ସବୁପ୍ରକାର କାମ କରନ୍ତି। ସେମାନଙ୍କ ଭିତରେ ଲିଙ୍ଗଭିତ୍ତିକ କର୍ମ ବିଭାଜନ ନାହିଁ ।

ଅପରାହ୍ନ ୪ଟା ବେଳକୁ ସେମାନେ ନିଜର ଫଳ ବଗିଚାକୁ ବୁଲି ଯାଆନ୍ତି । ପାଚିଲା ଫଳ ସଂଗ୍ରହ କରନ୍ତି । ନିଜ ଖାଇବା ଛଡ଼ା ଫଳକୁ ବଜାରରେ ବିକ୍ରି କରନ୍ତି । ପରିବାରର ବୟୋଜ୍ୟେଷ୍ଠ ସଦସ୍ୟମାନେ ଆଳସ୍ୟରେ ସମୟ ନ କାଟି ହାଲୁକା କାମମାନ କରନ୍ତି । ୭ବର୍ଷରୁ ଅଧିକ ବୟସର ପିଲାମାନେ ପିତାମାତାମାନଙ୍କୁ ଘରକାମ ଓ ଜମିବାଡି କାମରେ ସାହାଯ୍ୟ କରନ୍ତି ।



ପୋଡୁଚାଷ: ସାଧାରଣ କୃଷିକାର୍ଯ୍ୟ ନିମନ୍ତେ ଆର୍ଦ୍ର ଓ ସମତଳ ଭୂମିର ଅଭାବ ଯୋଗୁ ଡଙ୍ଗରିଆ ମାନେ ଜୀବିକା ନିର୍ମାହ ନିମନ୍ତେ ପୋଡୁଚାଷ କରନ୍ତି । ସେମାନେ ବିଭିନ୍ନ ଫଳମୂଳ, କନ୍ଦା, ପନିପରିବା ଓ ଶସ୍ୟବୀଜ ଉତ୍ପାଦନ କରନ୍ତି । ଗୋଟିଏ ହାଡୁରେ ସେମାନେ ୩-୪ ବର୍ଷ ଧରି ଚାଷ କରନ୍ତି । ମୃତ୍ତିକା ଅନୁର୍ବର ହେଲେ ଅନ୍ୟତ୍ର ଚାଷକରି ସେହି ଜମିକୁ ପୁନଃ ଉତ୍ପାଦନକ୍ଷମ କରିବା ନିମନ୍ତେ ୪ବର୍ଷ ବା ୫ ବର୍ଷ ଫସଲ ନ କରି ଖାଲି ପଡିଆ ପକାଇ ଦିଅନ୍ତି ।



ଉଦ୍ୟାନ କୃଷି: ଡଙ୍ଗରିଆମାନେ ଦକ୍ଷ ଉଦ୍ୟାନବିତ୍ । ଉପଯୋଗୀ ଜଳବାୟୁ ସେମାନଙ୍କୁ ଆମ୍ବ, ପଣସ, କଦଳୀ, ସପୁରୀ ଲେମ୍ବୁ, କମଳା ଓ ହଳଦୀ ଚାଷ କରିବାର ସୁଯୋଗ ଦେଇଥାଏ । ପାହାଡ଼ର ପାଦଦେଶ ଠାରୁ ଶୀର୍ଷସ୍ଥାନ ପର୍ଯ୍ୟନ୍ତ ବିଭିନ୍ନ ଫସଲ କରାଯାଏ । ବାସସ୍ଥଳୀକୁ ଲାଗି ଆମ୍ବ, ପଣସ, ତଥା ବିନ୍, ବାଇଗଣ, ଲଙ୍କା, କଖାରୁ ଆଦି





ପନିପରିବା ଚାଷ କରନ୍ତି । ପାରଂପରିକ ଭାବରେ ଜଣେ ଡଙ୍ଗରିଆ କନ୍ଧ ତାର ନିଜ ଜମି ବ୍ୟତୀତ ଯେ କୌଣସି ସ୍ଥାନରେ ଫଳଗଛ ଲଗାଇବାରେ ଆଇନଗତ ବାଧା ନଥାଏ । ସେହି ଗଛରେ ଫଳ ଧରିଲେ ଗଛ ଲଗାଇଥିବା ବ୍ୟକ୍ତି ଫଳର ଅଧିକାରୀ ହୁଏ । ପ୍ରକୃତରେ ନିୟମଗିରିର ପ୍ରାକୃତିକ ପରିବେଶ ଫଳଚାଷ ନିମନ୍ତେ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି । ଜଳ ନିଷ୍କାସନ ତଥା ଯୋଗାଣ ନିମନ୍ତେ ଉପଯୁକ୍ତ ନାଳ ବ୍ୟବସ୍ଥା ଓ ଦୀର୍ଘ ସମୟ ଅଥବା ମାସ ମାସ ବ୍ୟାପୀ ନିମ୍ନ ତାପମାତ୍ରା ଫଳଚାଷ ପାଇଁ ଅନୁକୂଳ ହୋଇଥାଏ । ସେମାନେ ପ୍ରଚୁର ଫଳ ଉତ୍ପାଦନ କଲେ ମଧ୍ୟ ମଧ୍ୟସ୍ଥି ବ୍ୟବସାୟୀର ଶୋଷଣ ଯୋଗୁ ଖୁବ୍ କମ୍ ରୋଜଗାର କରନ୍ତି । ଅତ୍ୟାଧୁନିକ ଜ୍ଞାନକୌଶଳର ବିନା ସହାୟତାରେ ମଣିଷ କିପରି ନିଜର ସାମର୍ଥ୍ୟ, ଦକ୍ଷତା ଓ କର୍ମନିପୁଣତାକୁ ଆଧାର କରି ବନ୍ଧୁର ଉପତ୍ୟକାକୁ ଉର୍ବର ଓ ଉତ୍ପାଦନକ୍ଷମ କରାଏ ତାହା ସେମାନେ ପ୍ରମାଣ କରିଦେଇଛନ୍ତି ।

ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ: ଜଙ୍ଗଲ ଉପରେ ନିର୍ଭର କରି ବଂଚିରହିବା ପାଇଁ ଡଙ୍ଗରିଆମାନେ ସେମାନଙ୍କ ପାରଂପରିକ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି । ଋତୁକାଳୀନ ଫଳ ସଂଗ୍ରହ କରିବା ସେମାନଙ୍କ ଅର୍ଥନୈତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଛି । ବିଭିନ୍ନ ଋତୁରେ ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ଫଳମୂଳ, ପନିପରିବା, କନ୍ଦା, ଓ ଛତୁ ଆଦି ଖାଦ୍ୟାଭାବର ଶୂନ୍ୟତାକୁ ପୂରଣ କରେ । ସେମାନେ ଜଙ୍ଗଲରୁ ଖାଦ୍ୟପଦାର୍ଥ ସଂଗ୍ରହ କରିବା ସହିତ ଜାଳେଣୀ କାଠ, କାଠଗଣ୍ଡି ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ନିଜ ଖର୍ଚ୍ଚ ଭରଣା ନିମନ୍ତେ ସଂଗ୍ରହ କରନ୍ତି । ପୁରୁଷ ଓ ମହିଳା ଉଭୟେ ଏହି କାମରେ ଅଂଶଗ୍ରହଣ କରନ୍ତି ।

ପଶୁପାଳନ : ଡଙ୍ଗରିଆ କନ୍ଧମାନେ ମଇଁଷି (କଡ଼ା) ଓ ଗାଈ (କଡି) ଛେଳି (ଆଡା) ମେଣ୍ଢା, ଘୁଷୁରୀ (ପାଜି) କୁକୁର (ନିଉଡି) କୁକୁଡା (କୟ) ପାରା (ପାରୁଆ) ଆଦି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ପଶୁପକ୍ଷୀର ମାଂସ ଖାଇବା, ସେଗୁଡ଼ିକୁ ବକ୍ରି କରି ସେହି ଅର୍ଥରେ





ଘରଖର୍ଚ୍ଚ ମେଣ୍ଟାଇବା ଓ ପର୍ବପର୍ବାଣି ପୂଜା ଆଦିରେ ଦେବାଦେବୀଙ୍କ ପାଖରେ ବଳିଦେବା ପରି ବହୁମୁଖୀ କାର୍ଯ୍ୟ, ପାଳିତ ପଶୁପକ୍ଷୀ ଦ୍ୱାରା ହୋଇଥାଏ । ଗାଈ ଓ ମଇଁଷି ଠାରୁ ସେମାନେ କ୍ଷୀର ଦୁହଁନ୍ତି ନାହିଁ । ସେମାନଙ୍କର ବିଶ୍ୱାସ ଯେ ଗାଈ ଓ ମଇଁଷିର କ୍ଷୀର କେବଳ ଜନ୍ମିତ ବାଛୁରୀ ନିମନ୍ତେ ଉଦ୍ଦିଷ୍ଟ । ଗୃହପାଳିତ ପଶୁଗୁଡ଼ିକ ପାଇଁ ସେମାନେ ସ୍ୱତନ୍ତ୍ର ଗୁହାଳ ଘର କରିଥାନ୍ତି ।



ଦିନ ମଜୁରି : ନିୟମଗିରି ପର୍ବତମାଳାର ଉତ୍ତର ଦାୟାଦଭାବରେ ଡଙ୍ଗରିଆ କନ୍ଧମାନେ କାହାର ଅଧୀନରେ ମଜୁରୀ ଖଟିବାକୁ ପସନ୍ଦ କରନ୍ତି ନାହିଁ । ସେମାନଙ୍କ ବିଚାରରେ ଏହା ହୀନବୃତ୍ତି । ଶ୍ରମ ବଦଳ ଅଥବା ସ୍ୱଳ୍ପମୂଲ୍ୟରେ ସେମାନେ ନିଜ ଗୋଷ୍ଠୀ ଭିତରେ କାମ କରିବାକୁ ଭଲ ପାଆନ୍ତି । ସେମାନେ କୌଣସି ନିର୍ଦ୍ଦିଷ୍ଟ ଶ୍ରମମୂଲ୍ୟ ଦାବୀ କରନ୍ତି ନାହିଁ । ସେମାନଙ୍କ ମଧ୍ୟରେ ସାହୁକାର-ଶ୍ରମିକ ଏପରି ଭେଦଭାବର ଧାରଣା ନାହିଁ । କେହି କାହାକୁ ଉଚ୍ଚ ବା ନିମ୍ନ ଭାବନ୍ତି ନାହିଁ । ଜଣେ ଅନ୍ୟକୁ ସମାନ ବୋଲି ବିଚାର କରେ । କାମ ବଦଳରେ କାମ ଅଦ୍ୟାବଧି ଡଙ୍ଗରିଆ ସମାଜରେ ପ୍ରଚଳିତ । ବୟସ, ଲିଙ୍ଗ ଭେଦରେ ପାରଂପରିକ ଶ୍ରମ ସମବାୟ ପଦ୍ଧତି ଅଦ୍ୟାବଧି ଡଙ୍ଗରିଆ ସମାଜରେ ପ୍ରଚଳିତ ରହିଛି ।



ବାଣିଜ୍ୟ ଓ ବଦଳ ନୀତି : ଡଙ୍ଗରିଆମାନେ ପ୍ରଚୁର ଫଳ ଉତ୍ପାଦନ ସତ୍ତ୍ୱେ ଅଧିକ ଅର୍ଥ ଉପାର୍ଜନ ନିମନ୍ତେ ନିକଟସ୍ଥ ହାଟ ବଜାରକୁ ଫଳ ବିକ୍ରି କରିବାକୁ ପ୍ରାୟତଃ ନିଅନ୍ତି ନାହିଁ । ସାପ୍ତାହିକ ହାଟକୁ ମହିଳାମାନେ ଫଳ ଝୁଡି ମୁଣ୍ଡେଇ ବିକ୍ରି କରିବା ପାଇଁ ଯାଆନ୍ତି । ନିଜର ଅଭାବ ମେଣ୍ଟାଇବା ପାଇଁ ସେମାନେ ପଡ଼ୋଶୀ ଡଙ୍ଗମାନଙ୍କ ଠାରୁ ଋଣ କରିଥାନ୍ତି । ଉତ୍ପାଦିତ ଦ୍ରବ୍ୟର ପ୍ରମୁଖ ଅଂଶ ଡଙ୍ଗମାନଙ୍କୁ ବିକ୍ରି କରି ଋଣ ପରିଶୋଧ କରନ୍ତି । ଅର୍ଥନୈତିକ କାରବାରରେ ସେମାନେ ପାରଙ୍ଗମ ନୁହନ୍ତି । ଜିନିଷ ବିକ୍ରିବଟା କରି ଅର୍ଥନୈତିକ ଲାଭ ଉଠାଇବାର ଅଭିଜ୍ଞତା ନଥିବାରୁ ନୀତିହୀନ ଠକ ବ୍ୟବସାୟୀ, ଋଣଦାତା, ଚାଷୀ ଓ ବ୍ୟବସାୟୀ ମଧ୍ୟରେ ଯୋଗସୂତ୍ର ରକ୍ଷା କରୁଥିବା ମଧ୍ୟସ୍ଥିମାନେ ସବୁବେଳେ ସେମାନଙ୍କୁ ଶୋଷଣ କରୁଛନ୍ତି ।





ସାମାଜିକ ଜୀବନ



ପରିବାର : ପିତାମାତା ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ଡଙ୍ଗରିଆଙ୍କ ପରିବାର । ମୁଖ୍ୟତଃ ଏହା ଏକକ ପରିବାର, ଏକପତ୍ନୀକ ଓ ପିତୃକୈନ୍ଦ୍ରିକ । ଗୋଟିଏ ପରିବାରରେ ଜନ୍ମିତ ପୁତ୍ର ବଡ଼ ହୋଇ ବାହାସାହା ହେଲା ପରେ ତା'ର ସ୍ତ୍ରୀ ପିଲାଙ୍କୁ ନେଇ ସେ ଗଢ଼େ ତାର ଭିନ୍ନ ସଂସାର । ନିଜ ଘର ନିଜେ ତିଆରି କରେ ।





ଡଙ୍ଗରିଆ ପରିବାରରେ ଏକକ ଅର୍ଥନୀତି ବ୍ୟବସ୍ଥା ରହିଛି । ପ୍ରତି ସମର୍ଥ ପୁରୁଷ, ମହିଳା ଓ ୮ ବର୍ଷରୁ ଊର୍ଦ୍ଧ୍ୱ ବାଳକ ବାଳିକାମାନେ କର୍ମକ୍ଷେତ୍ରରେ ମିଳିତ ହୋଇ ଯେ ଯାହାର ସାଧ୍ୟମତେ ପରିଶ୍ରମ କରନ୍ତି । ହଳ କରିବା, ଗଛ କାଟିବା ଅଥବା ଘାଡ଼ ଖୋଳିବା ପରି କଠିନ କାର୍ଯ୍ୟକୁ ପୁରୁଷମାନେ କରିଥାନ୍ତି ।

ମହିଳାମାନେ ସେମାନଙ୍କ ଧରାବନ୍ଧା ଘରୋଇ କାର୍ଯ୍ୟକୁ ବାଦ୍‌ଦେଲେ କ୍ଷେତରୁ ଅନାବନା ଗଛ, ଲଟା, ଜଙ୍ଗାବୁଦା ଆଦି କାଟି ପରିଷ୍କାର କରନ୍ତି । କ୍ଷେତରେ ବିହନ ପକାନ୍ତି । ଘାସ ବାଛନ୍ତି । କ୍ଷେତରୁ ଫସଲ କାଟନ୍ତି ।

ଘରକାମ ହେଉ କିବା ବାହାର କାମ, କଠିନ ପରିଶ୍ରମ କରୁଥିବା ଡଙ୍ଗରିଆ ମହିଳାମାନେ





ପୁରୁଷମାନଙ୍କ ଠାରୁ ଅଧିକ କାମ କରନ୍ତି । ଡଙ୍ଗରିଆ କନ୍ଧଙ୍କ ପାରିବାରିକ ଜୀବନ ଶାନ୍ତିପୂର୍ଣ୍ଣ । ଜୀବନର ପ୍ରତି ପଦକ୍ଷେପରେ ଜଣେ ଆଉ ଜଣକୁ ସାହାଯ୍ୟ କରେ । ସେମାନେ ଏକାଠି କାମ କରନ୍ତି ଓ ପରସ୍ପରକୁ ସମ୍ମାନ ଦିଅନ୍ତି । ପ୍ରତେକ ସାମାଜିକ ଓ ଅର୍ଥନୈତିକ ଘଟଣାରେ ସ୍ୱାମୀ ସ୍ତ୍ରୀର ପରାମର୍ଶ ବା ଉପଦେଶ ଦରକାର କରେ । ମହିଳାଙ୍କ ମତାମତକୁ ସମ୍ମାନ ଦିଆଯାଏ । ବୟୋଜ୍ୟେଷ୍ଠମାନଙ୍କୁ ପୂଜ୍ୟବୋଲି ବିଚାର କରାଯାଏ । ପୁତ୍ରକନ୍ୟା ମାନେ ପିତାମାତାଙ୍କ କଥା ମାନନ୍ତି ।

ବିବାହ : ଡଙ୍ଗରିଆମାନେ ପିଲାଛୁଆଙ୍କ ମା ବାପା ହୋଇ ସୁଖରେ ଘର ସଂସାର କରି ବୈବାହିକ ବନ୍ଧନରେ ବାନ୍ଧି ହେବାକୁ ଭଲ ପାଆନ୍ତି । ବିବାହ ପରବର୍ତ୍ତୀ କାଳରେ ଜଣକୁ ସମାଜର ପୂର୍ଣ୍ଣାଙ୍ଗ ସଦସ୍ୟ ଭାବରେ ବିଚାର କରାଯାଏ । ବଢ଼ିଲା ପୁଅ ଝିଅଙ୍କର ମୁକ୍ତ ସ୍ୱାଧୀନତା ଥାଏ ।







ସେମାନଙ୍କ ସ୍ୱାଧୀନ ଜୀବନ ଚର୍ଯ୍ୟାରେ କେହି ଅଙ୍କୁଶ ଲଗାନ୍ତି ନାହିଁ । ସେମାନେ ଏକାଠି ମିଳାମିଶା କରନ୍ତି । ଗପସପ, ଆଳାପ ଆଲୋଚନା, ହସଖୁସି, ଥଟ୍ଟା ମଜା, ହୁଅନ୍ତି । ନିଜ ନିଜ ଭିତରେ ଭଲ ଭଲ ଜିନିଷର ଦିଆନିଆ ହୁଏ । ଏମିତି ହେଉ ହେଉ ତା ଭିତରେ ମନ ଦିଆନିଆ ବି ହୋଇଯାଏ । ଗୋଟିଏ ସମାନ ବଂଶର ପୁଅଝିଅ ପରସ୍ପର ଭାଇଭଉଣୀ ବୋଲି ବିଚାର କରାଯାଏ । ନିଜ ବଂଶ ଭିତରେ ବିବାହ ସଂପର୍କ ସେମାନଙ୍କ ପାଇଁ ନିଷିଦ୍ଧ । ଡଙ୍ଗରିଅମାନେ ଯୁବାବିବାହ ଅଥବା ପ୍ରସ୍ତାବ ବିବାହକୁ ଅଧିକ ପସନ୍ଦ କରନ୍ତି । ଭଲ କନ୍ୟାଟିଏ ପାଇବା ପାଇଁ କନ୍ୟାଧନ ପ୍ରଦାନ ଏକ ପ୍ରଚଳିତ ପ୍ରଥା । ଅଧିକ କନ୍ୟାଧନ ଦାବୀହେଲେ ତାହା ଜାତିସଭାରେ ଆଲୋଚନା ହୁଏ ।



ଗର୍ଭଧାରଣ ଏବଂ ଶିଶୁଜନ୍ମ : ବିବାହ ଜଲାପରେ ଜଙ୍ଗଲିଆ ଯୁବତୀ ମା ହେବାକୁ ମନ ବଳାଏ । ଗର୍ଭଧାରଣକୁ ସ୍ୱାଗତ କରେ । ପୂର୍ବପୁରୁଷ ମାନେ ପରିବାରରେ ପୁଣି ଜନ୍ମ ନେଇଥିବାର ବିଶ୍ୱାସ ସେମାନଙ୍କର ରହିଛି । ଗର୍ଭଧାରଣର ଶେଷମାସରେ ପୂର୍ବପୁରୁଷ ଓ ଦେବଦେବୀଙ୍କ





ଉଦ୍ଦେଶ୍ୟରେ ବଳି ଅର୍ପଣ କରାଯାଏ । ଶିଶୁଟିଏ ଜନ୍ମ ହେବା ପୂର୍ବରୁ ବନ୍ଧୁବାନ୍ଧବ ସାଙ୍ଗସାଥୀ ଓ ଫସର୍ଗୀୟମାନଙ୍କୁ ଖୋଜି ଦିଆଯାଏ । ସ୍ୱାମୀ ଗୃହରେ ଜଣେ ଧାଇ ମା'ର ସହାୟତାରେ ପ୍ରସବ କାର୍ଯ୍ୟ ସମ୍ପାଦିତ ହୁଏ । ପ୍ରସବ କାଳରେ କିଛି ଅସୁବିଧା ହେଲେ ଗାଁ ସାରା ସହଯୋଗ କରନ୍ତି । ପୁଅ ପ୍ରସବ ନିମନ୍ତେ ପୂଜା ଉପଚାର ପାଇଁ ଋଣ କରାଯାଏ । ଅଶୌଚ ଅଥବା ସୁତିକିଆ ୨୧ ଦିନ ପର୍ଯ୍ୟନ୍ତ ରୁହେ ।

ନାଁ ଦିଆ (ମିଲା-ଦାରୁ) ଜାନ ଓ ନାଜ ଘୋଡ଼ା (ଜି-ଜା-ପାତଜିଜାମୁ) : ଜନ୍ମିତ ଶିଶୁ ପ୍ରାୟ ମାସକର ହୋଇଗଲେ ଚା'ର ନାଁ ଦିଆ ପର୍ବ ଅନୁଷ୍ଠିତ ହୁଏ । ଏହାକୁ ମିଲା-ଦାରୁ କୁହନ୍ତି । ଏଥିରେ ମାଟିପୁଂ, ଅଲାକୁ ନିମନ୍ତ୍ରଣ କରାଯାଏ । ପୁଅ ହେଲ ଅଥବା ଝିଅ, ଉଭୟଙ୍କର ନାଜ-ଜାନ ଘୋଡ଼ାଯାଏ । ପିଲାକୁ ଛଅମାସ ହେଲେ ନାଜ-ଜାନ ଘୋଡ଼ା ବିଦ୍ୟାରେ ପାରଦର୍ଶିତା ଥିବା ଜଣେ ମହିଳାକୁ ଡକାଯାଏ । ସେ ଜାନ





ନୋଳିରେ ଜଙ୍କା ସାହାଯ୍ୟରେ ଚାରୋଟି ସ୍ଥାନରେ ଜଣାଜରେ । ଘୋଡିସାରିବା ପରେ ସେହି ଜଣାରେ ଚାରୋଟି ନିମକାଠି ପୂରାଯାଏ । ଜଣାସ୍ଥାନରୁ ବହୁଥିବା ରକ୍ତକୁ ବନ୍ଦ କରିବା ପାଇଁ ସେଠାରେ ଜଡ଼ା ତେଲ ଅଥବା ବଟା ହଳଦୀକୁ ଉଷୁମ କରି ଲଗାଇ ଦିଆଯାଏ ।

ଝିଅଟିଏ ବଡ଼ ହୋଇ ପ୍ରଥମ ଘରଯୋଇ ହେଲେ ଚାସା କୋଠରୀରେ ତାକୁ ପାଚଦିନ ଅଲଗା ରହିବାକୁ ହୁଏ । ସପ୍ତମ ଦିନ ଜଣେ ବେଲୁଣୀକୁ ଡକାଯାଏ । ଘାଣ୍ଟୁପେନୁ ହୁମାକୁ ଆବାହନ କରି ଝିଅ ଦେହରେ ପ୍ରବେଶି ଥିବା ଆତ୍ମା ଫେରିଯିବା ନିମନ୍ତେ ବେଲୁଣୀ ଘରଣା ନିକଟରେ ପୂଜା କରେ । ସେହି ଆତ୍ମାକୁ ଶାନ୍ତି କରିବା ପାଇଁ ଗୋଟିଏ କୁକୁଡା ଚିଆଁ କରି ଦିଆଯାଏ । ଏହା ପରେ ଝିଅଟି ତେଲ ହଳଦୀ ଲଗାଇ ସ୍ନାନ କରିବା ସହିତ ଅଶୌଚ ପୂରଣ ହୋଇଥାଏ ।



ସାଧାରଣ ଘର ଠାରୁ ଭିନ୍ନ ଜଣାଯାଏ । ଡଙ୍ଗରିଆ ଯୁବକଯୁବତୀ ଦଳ ଏକାଠି ଏହି ଘର ତିଆରି କରନ୍ତି ଓ ଏହାର ରକ୍ଷଣାବେକ୍ଷଣ କରନ୍ତି ।

ଡା ସା ହାଡା ବା ଆଡାସ ବେଟା(ଯୁବାଘର): ଡଙ୍ଗରିଆ ପୁଅ ଝିଅ ବା ବାଳକ ବାଳିକାମାନେ ବଡ଼ ହେଲେ ସେମାନଙ୍କର ପାରଂପରିକ ଯୁବା ଆବାସସ୍ଥଳ ବୋଲି କୁହନ୍ତି ତା'ର ଜଣେ ଜଣେ ସଦସ୍ୟ ପାଲଟି ଯାଆନ୍ତି । ଯୁବଆବାସରେ ପ୍ରବେଶ ଜୀବନର ଏକ ନୂଆ ଅଧ୍ୟାୟ ଖୋଲିଦିଏ । ଏହି ଯୁବାଆବାସସ୍ଥଳୀକୁ ସେମାନେ (ଡା-ସା-ହାଡା) (ଡା-ସା-ସିକା) ଧାଙ୍ଗଡିଶାଳା କୁହନ୍ତି । ଧାଙ୍ଗଡମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଯୁବାଘର ନ ଥାଏ । ସେମାନେ ଛୋଟ ଛୋଟ ଦଳ ହୋଇ କାହାରି କାହାରି ବାରଣ୍ଡାରେ ଶୋଇପଡନ୍ତି । ଏହି ଶୋଇବା ସ୍ଥଳକୁ ଧାଙ୍ଗୋଡ଼ା ଡୁକି କୁହାଯାଏ ।

ଏହି ଯୁବାଆବାସସ୍ଥଳୀ ଗାଁର ଶେଷମୁଣ୍ଡରେ ଥିବା ଘରର ପଛପଟକୁ ରହିଥାଏ । ଖୁବ୍ ପାଖରେ ଥାଏ ପାହାଡ଼ି ଝରଣା । ଯୁବାଘରର ଚିତ୍ରିତ କାନ୍ଥ ଯୋଗୁଁ ଏହା ଅନ୍ୟାନ୍ୟ





ଏଇଠି ଅବିବାହିତା ଯୁବତୀମାନେ ରାତି ବିତାନ୍ତି । ଖୋଲା ସ୍ଥାନରେ ନୃତ୍ୟ-ଗୀତର ଆସର ଜମେ । ଅବିବାହିତ ଯୁବକ ଯୁବତୀମାନେ ସ୍ୱାଧୀନ ଭାବରେ ପରସ୍ପର ସହ ଭେଟାଭେଟି ହୁଅନ୍ତି । ସେମାନଙ୍କ ଭିତରେ ମୁକ୍ତ ଓ ଅବାଧ ମିଳାମିଶା ହୁଏ । ଥଟ୍ଟା ପରିହାସ ଚାଲେ । ସାଙ୍ଗସାଥୀ ବନ୍ଧାବନ୍ଧି ହୁଏ । ପରସ୍ପରକୁ ଭଲ ପାଇବାର ଏକ ବଢ଼ିଆ ବାତାବରଣ ମିଳିଯାଏ । ଏହି ବାତାବରଣରେ ସେମାନେ ନିଜର ଜୀବନସାଥୀ ବାଛନ୍ତି । ବେଳେବେଳେ ବିବାହିତ ଯୁବକମାନେ ଏଥିରେ ଯୋଗଦିଅନ୍ତି ହେଲେ ବିବାହିତା ମହିଳାମାନଙ୍କ ନିମନ୍ତେ ଏହା ଏକ ନିଷିଦ୍ଧାଞ୍ଚଳ ।

ବିବାହ କ୍ଷେତ୍ରରେ ନିଜ ବଂଶ ପରମ୍ପରା ତଥା ସାମାଜିକ ନିୟମ ପ୍ରତି ଧ୍ୟାନ ଦିଆଯାଏ । ଗୋଟିଏ ବଂଶର ଯୁବକ ସେହି ବଂଶର ଯୁବତୀ ନିକଟକୁ ଯାଏନାହିଁ । କେବଳ ଅନ୍ୟବଂଶର ଯୁବକ ଅଥବା ଅନ୍ୟ ଗାଁର ଯୁବକମାନେ ରାତିରେ ଧାଙ୍ଗିଡ଼ୀଶାଳାକୁ ବୁଲି ଆସିବାର ଦେଖାଯାଏ । ଧାଙ୍ଗିଡ଼ୀଶାଳାକୁ ରାତିରେ ବୁଲି ଆସୁଥିବା ଯୁବକମାନେ ରାତି ପାହିବା ପୂର୍ବରୁ ବାହୁଡ଼ି ଯାଆନ୍ତି ନିଜ ନିଜ ଗାଁକୁ ।

ଏହି ଧାଙ୍ଗିଡ଼ୀଶାଳ ମଧ୍ୟ ଏକ ତାଲିମ କେନ୍ଦ୍ରଭଳି କାମ କରେ । ଏଠି ସାନମାନେ ବଡ଼ମାନଙ୍କ ଠାରୁ ବୁଝିଦ୍ୱାରା କରାଯାଇଥିବା ହସ୍ତକର୍ମ କ୍ରମେ ପାରଂପରିକ ବାଦ୍ୟଯନ୍ତ୍ର ବଜାଇବାର କଳା, ଜୀବନ ଜୀଇଁବାର କୌଶଳ, ନିଜର ସଂସ୍କୃତି, ସାମାଜିକ ମୂଲ୍ୟବୋଧ, ପ୍ରଥା, ପରଂପରା, ଅର୍ଥନୈତିକ ଦୃଷ୍ଟିକୋଣ, ଲୋକକଥା ଓ ଅନ୍ୟାନ୍ୟ ହସ୍ତକଳା ଶିକ୍ଷା ଲାଭ କରିଥାନ୍ତି ।

ଧାଙ୍ଗଡୀ ଶାଳରେ କାର୍ଯ୍ୟ କରୁଥିବା ଯୁବକ ଯୁବତୀମାନେ ଗୋଟିଏ ଶ୍ରମ ସମବାୟର ସଦସ୍ୟ ହୋଇଥାନ୍ତି । କୌଣସି ସ୍ୱତନ୍ତ୍ର କାର୍ଯ୍ୟ ନିମନ୍ତେ ଗ୍ରାମବାସୀମାନଙ୍କ ଦ୍ୱାରା ସେମାନଙ୍କ ସେବା ଲୋଡ଼ା ଯାଇଥାଏ । ମିଳିତ ଉଦ୍ୟୋଗରୁ ସଂଗୃହୀତ ଅର୍ଥ ଏକ ସାଧାରଣ ପାଣ୍ଠିରେ ରୁହେ । ଗୋଷ୍ଠୀର ସାଧାରଣ ଭୋଜିରେ ଏହି ଅର୍ଥକୁ ବିନିଯୋଗ କରାଯାଏ । ଏକାଠି କାମ କରିବା ଦ୍ୱାରା ସେମାନେ ଗୋଷ୍ଠୀଜୀବନର କୌଶଳ ଶିଖନ୍ତି । ଏହା ସେମାନଙ୍କୁ ଜୀବନ ଓ ଜୀବିକାନିର୍ବାହ କ୍ଷେତ୍ରରେ ଢେର୍ ସହାୟତା ଦିଏ ।



ମୃତ୍ୟୁ ସଂସ୍କାର : ଶ୍ରେଷ୍ଠ ଦେବୀ ଧରଣୀ ପେନୁ ଯିଏ ଏ ପୃଥିବୀକୁ ତିଆରି କରିଛି ସେ ଜନ୍ମ ଓ ମୃତ୍ୟୁ ନିର୍ଦ୍ଧାରଣ କରିଥାଏ ବୋଲି ଡଙ୍ଗରିଆମାନେ ବିଶ୍ୱାସ କରନ୍ତି । ଦେବାଦେବୀ ମାନଙ୍କର କୋପ, କୁ-ଦୃଷ୍ଟି, ଗୁଣି ଗାରେଡି ପ୍ରୟୋଗ, ଦୁଷ୍ଟ ଆତ୍ମାର ଦୃଷ୍ଟି ଅଥବା କୌଣସି ଅଶୁଭ ସଙ୍କେତ ମୃତ୍ୟୁର କାରଣ ହୋଇଥାଏ । ଅକାଳରେ କେହି ରୋଗାକ୍ରାନ୍ତ ହେଲେ ଅଥବା



ଜୀବନ-ମରଣ ସମସ୍ୟାରେ ପଡିଲେ ଡଙ୍ଗରିଆମାନେ ସ୍ଥାନୀୟ ଚେରମୂଳୀ ଔଷଧର ପ୍ରୟୋଗ କରିବା ସହିତ ପୂଜାବିଧି କରି ଜୀବନ ବଂଚାଇବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖନ୍ତି ।

ମୃତ ଲୋକର ଶବକୁ ପୋତି ଦିଆଯାଏ । ମୃତ୍ୟୁ ଜନିତ ଅଶୌଚ କେବଳ ଦୁଇଦିନ ପାଇଁ ପାଳନ କରାଯାଏ । ମୃତ୍ୟୁର ଦ୍ୱିତୀୟ ଦିନରେ ଜାନି ଦ୍ୱାରା ଏକ ପୂଜାର ଆୟୋଜନ କରାଯାଏ । ଏହାକୁ (କରଜା-କି-ମାନାମୁ) କୁହାଯାଏ । ଏହି ପୂଜାବିଧି ପୂର୍ବପୁରୁଷ ମାନଙ୍କ ଆତ୍ମା ନିମନ୍ତେ ଉଦ୍ଦିଷ୍ଟ ଘରଦୁଆ ଓ କନ୍ଧଦୁୟା ଦେବୀ ନିକଟରେ ହୁଏ । ଏହି ପୂଜା ବିଧି ଜାନିଦ୍ୱାରା ସଂପାଦିତ ହେବା ପରେ ଘରୁ ବିଦାୟ ନେଇ ଥିବା ଆତ୍ମା ପୂର୍ବ ପୁରୁଷମାନଙ୍କ ଗହଣରେ ମିଶି ପାରିବାର ଯୋଗ୍ୟତା ହାସଲ କରି ମିଶିଯାଏ ଓ ନିଜ ପରିବାର ସଦସ୍ୟମାନଙ୍କୁ ନିରାଶ କରେ ନାହିଁ । ଏହି ପୂଜା ବିଧି ସଂପାଦିତ ହେବା ସମୟରେ ବଂଧୁବାନ୍ଧବ, ସଂପର୍କୀୟ ସାଙ୍ଗସାଥୀ, ପଡ଼ୋଶୀଙ୍କୁ ଭୋଜି ଦିଆଯାଏ । ନିଜର ଜ୍ଞାତି କୁଟୁମ୍ବ ଓ ଗ୍ରାମବାସୀମାନଙ୍କୁ ମଧ୍ୟ ଗୋଟିଏ ଭୋଜି ଦେବାକୁ ହୋଇଥାଏ ।



ଧର୍ମ ଧାରଣା



ଡଙ୍ଗରିଆମାନେ ବହୁପ୍ରକାର ଆଧିଭୌତିକ ଶକ୍ତିରେ ବିଶ୍ୱାସ କରନ୍ତି । ଦୈନନ୍ଦିନ ଜୀବନଧାରାର ବିବିଧ କାର୍ଯ୍ୟାବଳୀକୁ ନିୟନ୍ତ୍ରିତ କରିଥାନ୍ତି । ସେମାନଙ୍କର ଈଶ୍ୱର, ଦେବଦେବୀ ତଥା ଶୁଭଙ୍କରୀ ଓ ଅନିଷ୍ଟକାରୀ ଆତ୍ମା ସମୂହର ସମଷ୍ଟି । ପୃଥିବୀ ମାତା ଡଙ୍ଗରିଆ ମାନଙ୍କର ସର୍ବୋତ୍ତମ ଦେବୀ । ସେମାନେ ପୃଥିବୀମାତାଙ୍କୁ ଧରଣୀପେନୁ ଅଥବା ଝାଙ୍କର ପେନୁ ବୋଲି କହିଥାନ୍ତି । ଡଙ୍ଗରିଆମାନଙ୍କ ଗାଁ



ଧରଣୀପେନୁଙ୍କ ସହିତ କୋଟେବାଲୀପେନୁ ମଧ୍ୟ ପୂଜା ପାଆନ୍ତି ।

ଦାଣ୍ଡରେ ଗୋଟିଏ କୁଡିଆ ଘରେ ତିନୋଟି ପଥରକୁ ଝାଙ୍କର ଦେବୀ ଭାବରେ ପୂଜା କରାଯାଏ । ଦେବୀଙ୍କ ନିମନ୍ତେ ନିର୍ମିତ ଘରକୁ ସେମାନେ 'କୁଡ଼ି' କୁହନ୍ତି । କୁଡ଼ିର ପଛପଟେ କୋଟେବାଲି ପେନୁଙ୍କ ପାଇଁ ଗୋଟିଏ ବଡ଼ (ସଳଖ ଖୁଣ୍ଟି) ସହିତ ଛକିପକା କାଠଖୁଣ୍ଟ ରହିଥାଏ । ଏହି କୋଟେବାଲିପେନୁ ଗ୍ରାମବାସୀଙ୍କୁ ସମସ୍ତ ଅଘଟଣରୁ ରକ୍ଷାକରିବା ସହିତ ସବୁପ୍ରକାର ସୁରକ୍ଷା ଦେଇଥାନ୍ତି ।



ଗ୍ରାମଦେବୀ :

ଯାତ୍ରାକୁଡି ପେନୁ : ଗ୍ରାମ ସୀମାର ବାହାରେ ଯାତ୍ରାକୁଡି ପେନୁଙ୍କ ପୂଜାସ୍ଥଳୀ ଏକ ଖାଲୁଆ ଜାଗାରେ ରହିଥାଏ । ସେ ଗ୍ରାମବାସୀଙ୍କର ସୁରକ୍ଷା ଦାୟିତ୍ୱ ନିର୍ବାହ କରନ୍ତି । ସେ କାହାକୁ କ୍ଷମା ଦିଅନ୍ତି ନାହିଁ । ଯାତ୍ରାକୁଡି ପେନୁ ସାଧାରଣତଃ କ୍ରୋଧୀ ସ୍ୱଭାବର ହୋଇଥାନ୍ତି । ସେ ଅସନ୍ତୁଷ୍ଟ ହେଲେ ଦୈବୀ ଦୁର୍ବିପାକ ଘଟେ । ତାଙ୍କୁ ସନ୍ତୁଷ୍ଟି ସକାଶେ ତାଙ୍କ ପାଖରେ ବଳି ଦିଆଯାଏ ।

ଠାକରାଣୀ ପେନୁ : ଠାକରାଣୀ ପେନୁ ଜଣେ ପ୍ରମୁଖ ଦେବୀ ଏବଂ ଗ୍ରାମର ଏକ ପାର୍ଶ୍ୱରେ ତାଙ୍କ ଅବସ୍ଥାନ । ଯାବତୀୟ ଡିଆଁ ରୋଗ, ଦୁର୍ଘଟଣା, ବସନ୍ତ ତଥା ହଇଜା ଏବଂ ପଶୁଧନର ରୋଗକାରକ ହିସାବରେ ତାଙ୍କ ପ୍ରସିଦ୍ଧି ରହିଛି । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗୋଷ୍ଠିସ୍ତରରେ ପାଣ୍ଟୁ ଲେଞ୍ଜୁ (ନଭେମ୍ବର)ମାସରେ ବଳି ଓ ନୈବଦ୍ୟ ଦେଇ ସନ୍ତୁଷ୍ଟ କରାଯାଏ । ଯିଏ ରୋଗରେ ପଡ଼ିଥାଏ ସେ ବ୍ୟକ୍ତିଗତ ସ୍ତରରେ ବିବିଧ ପୂଜାନୈବେଦ୍ୟ ଅର୍ପଣ କରି ସନ୍ତୁଷ୍ଟି ବିଧାନ କରିଥାଏ ।



ହୀରାପେନୁ ଜଣେ ଦେବୀ । ସେ ଠାକରାଣୀ ପେନୁଙ୍କ ପାର୍ଶ୍ୱଦେବୀ । ଠାକରାଣୀ ପେନୁଙ୍କ ସହିତ ସେ ମଧ୍ୟ ପୂଜା ପାଆନ୍ତି । ତାଙ୍କୁ ଅଣଦେଖା କଲେ ସେ କୁପିତ ହୋଇ ପିଲାମାନଙ୍କୁ ହଇରାଣ ହରକତ କରନ୍ତି ।

ନିୟମରାଜା ପେନୁ : ନିୟମରାଜା ପେନୁ ଜଣେ ପୁରୁଷ ଦେବତା । ନିୟମରାଜାଙ୍କୁ ଖଣ୍ଡା ପ୍ରତୀକରେ ପୂଜା କରାଯାଏ । ଦଶହରା ଓ କୁରା ପରବ ଅବସରରେ ଏହି ନିୟମ ରାଜାଙ୍କୁ ପୂଜା କରିବାର ପରଂପରା ରହିଛି । ଅକାଳ ମୃତ୍ୟୁ ଓ ଧକ୍କାରୁ ସେ ଲୋକମାନଙ୍କୁ ସୁରକ୍ଷା ଦିଅନ୍ତି ।

ଲାହିପେନୁ / ଡଙ୍ଗରପେନୁ : ଡଙ୍ଗରପେନୁ ଜଣେ ପୁରୁଷ ଦେବତା । ସେ ଶମନୀଆଣୀଙ୍କ ଦ୍ୱାରା ପୂଜା ପାଆନ୍ତି । ଏହି ପୂଜା ଏପ୍ରିଲ ମେ' ମାସ (ବୈଶାଖ ଲେଞ୍ଜୁ) ରେ ହୋଇଥାଏ । ଏହାପରେ ଡଙ୍ଗର ବୃକ୍ଷ ଓ ଗୁଳ୍ମ ଶୂନ୍ୟ ହେଲାପରି ଜଣାଯାଏ । ଲାଡାପେନୁ : ଡଙ୍ଗରିଆ ମାନେ ଜଙ୍ଗଲ ଦେବତାଙ୍କୁ ଲାଡାପେନୁ କୁହନ୍ତି । ଏହି ଲାଡାପେନୁ ଜଙ୍ଗଲର ପ୍ରବେଶ ପଥରେ ଗୋଟିଏ ବରଗଛ ତଳେ ପୂଜା ପାଆନ୍ତି । ସେ ଲାହିପେନୁଙ୍କ ସହିତ ପୂଜା ପାଆନ୍ତି । ଜାନି ଦ୍ୱାରା ଏହି ପୂଜା ବିଧି ମେ ମାସରେ (ସାବୁଆ) ସଂପାଦିତ ହୁଏ । ଗୋଷ୍ଠୀ ଶିକାରରେ ଯିବାର ଅବ୍ୟବହିତ ପୂର୍ବରୁ ଏହି ପୂଜା କରାଯାଏ । ଏହାଦ୍ୱାରା ଦେବୀ ହିଂସ୍ର ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ଗୋଷ୍ଠୀ ସଦସ୍ୟମାନଙ୍କୁ ରକ୍ଷା କରିବା ସହିତ ଶିକାର କାର୍ଯ୍ୟରେ ସଫଳତା ଦେଇଥାନ୍ତି ।



ତୁମା : ଡଙ୍ଗରିଆମାନଙ୍କ ଶୋଇବା ଘରେ ଗୋଟିଏ କାଠଖୁଣ୍ଟ (ଚୂଳୀମୁଣ୍ଡା) ଥାଏ । ଏଠାରେ ପୂର୍ବପୁରୁଷଙ୍କ ଆତ୍ମା ଅବସ୍ଥାନ କରନ୍ତି । ପୂର୍ବପୁରୁଷଙ୍କ ଆତ୍ମାଙ୍କୁ ପୂଜା କରି ସନ୍ତୁଷ୍ଟ କରାଯାଏ । ସେ ଅସନ୍ତୁଷ୍ଟ ହେଲେ ଭୟଙ୍କର ପରିସ୍ଥିତି ଉପୁଜାନ୍ତି ।

ଲାଇପେନୁ : ମହିଳା ତୁମା ବେକୁଣୀ ଦ୍ୱାରା ଲାଇପେନୁଙ୍କୁ ସେପ୍ଟେମ୍ବର ମାସ (ହେଲା ଲେଞ୍ଜୁ)ରେ ପୂଜା କରାଯାଏ । ଉପଯୁକ୍ତ ପୂଜାରେ ସେ ସନ୍ତୁଷ୍ଟ ହେଲେ ଘରର ଉନ୍ନତି ହୁଏ । ସମୃଦ୍ଧି ବଢ଼େ ।

ସୀତାପେନୁ : ସୀତାପେନୁ ଜଣେ ଦେବୀ । ଶୋଇବା ଘରର ପଶ୍ଚିମ କୋଣରେ ଟଙ୍ଗା ଯାଇଥିବା ଗୋଟିଏ ଶୁଖିଲା ଲାଉତୁମ୍ବା ତାଙ୍କର ପ୍ରତୀକ । ସେଥିରେ କିଛି ମଞ୍ଜି ଥାଏ । ସୀତାପେନୁ ହେଉଛନ୍ତି ଲକ୍ଷ୍ମୀଦେବୀ । ସେ ଧନର ଓ ପ୍ରାଚୁର୍ଯ୍ୟର ଦେବୀ । ସବୁ ଫସଲ ଉତ୍ପାଦନ ସରିବା ପରେ ଡିସେମ୍ବର (ପୁଷ) ମାସରେ ଘରର ସ୍ତ୍ରୀ ଲୋକମାନେ ଲକ୍ଷ୍ମୀ ଠାକୁରାଣୀ ସୀତାପେନୁଙ୍କୁ ପୂଜା କରନ୍ତି । ଏହା ଦ୍ୱାରା ଘରର ଶିରୀସଂପଦବଢ଼େ ।



ଦାଣ୍ଡାପେନୁ : ଦାଣ୍ଡାପେନୁ ମଧ୍ୟ ଜଣେ ଦେବୀ । ଶୋଇବା ଘରେ ଆଉ ଗୋଟିଏ ଛୋଟ କାଷ୍ଠରେ ସେ ପୂଜା ପାଆନ୍ତି । ସେ ଶସ୍ୟ ଭଣ୍ଡାରର ଦେବୀ । ଡଙ୍ଗରିଆମାନେ ଶସ୍ୟ ସଂରକ୍ଷଣ କରୁଥିବା ସ୍ଥାନକୁ 'ଡୁଲି' କହନ୍ତି । ସେପ୍ଟେମ୍ବର (ଦେଲା-ଲେଞ୍ଜୁ) ମାସରେ ଦାଣ୍ଡପେନୁ ଦେବୀଙ୍କୁ ପୂଜା କରାଯାଏ । ଏହି ମାସରେ ପୂଜା କରି ଡୁଲିକୁ ଲିପାପୋଛା କରାଯାଏ । ଉତ୍ପାଦିତ କୋଶଲା ମାଣ୍ଡିଆକୁ ଡୁଲିରେ ରଖାଯାଏ ।

ଛତର ପେନୁ : ଏହି ଛତର ପେନୁ ଗୋଟିଏ ପୁରୁଷ ଆତ୍ମା । ମେରିଆ ପର୍ବ ପାଳନ କରାଯାଉଥିବା ସମୟରେ ବେକୁଣୀ ଦ୍ୱାରା ଗୃହ ମଧ୍ୟରେ ରହିଥିବା ଅନ୍ୟତମ ଖୁଣ୍ଟ (ମୁଣ୍ଡା)କୁ ପୂଜା କରାଯାଏ । ସେ ବହୁତ ଅନିଷ୍ଟ କାରୀ । ପୂଜା ଉପଚାରରେ ଠିକ୍ ଭାବରେ ଶାନ୍ତି ନ ହେଲେ ସେ ରୋଗ ଆଣନ୍ତି । ରୋଗର ପ୍ରାଦୁର୍ଭାବ ବଢ଼ିଯାଏ । ତାଙ୍କୁ ଖୁସି କରିବା ନିମନ୍ତେ ଗୋଟିଏ ମଇଁଷି ବଳି ଦେବାକୁ ହୁଏ ।

ଭଇରୋ ପେନୁ - ଭଇରୋ ପେନୁ ଅନିଷ୍ଟକାରୀ ପୁରୁଷ ଆତ୍ମା । ଠିକ୍ ଭାବରେ ତୃପ୍ତ ନ ହେଲେ ସେ ପରିବାରରେ ଆକସ୍ମିକ ମୃତ୍ୟୁର କାରଣ ହୁଅନ୍ତି । ମେରିଆ ପର୍ବ ପାଳନ କରାଯାଉଥିବା ସମୟରେ ତାଙ୍କୁ ଗାଈ ବଳି ଦିଆଯାଏ । ଶୋଇବା ଘରେ ଥିବା ଗୋଟିଏ କାଠ ଖୁଣ୍ଟରେ ସେ ଅବସ୍ଥାନ କରନ୍ତି ।

ପୂର୍ବପୁରୁଷର ଏହି ଆତ୍ମାଗୁଡ଼ିକୁ ମେରିଆ ପର୍ବ ପାଳନ କରାଯାଉଥିବା ବେଳେ ଜାନି ଦ୍ୱାରା ପୂଜା କରାଯାଏ । ପ୍ରତି ଆତ୍ମା ପାଇଁ ସ୍ୱତନ୍ତ୍ର ଭାବରେ ନିର୍ଦ୍ଧାରିତ ସ୍ଥାନରେ ଅରୁଆ ଚାଉଳ ରଖାଯାଏ । ସେହି ଚାଉଳ ଉପରେ କୁକୁଡା ରକ୍ତ ଛିଞ୍ଚି ଦିଆଯାଏ । ଏହା ଦ୍ୱାରା ସେହି ଆତ୍ମା ସନ୍ତୁଷ୍ଟ ହୋଇଥାନ୍ତି । ସେମାନେ ସନ୍ତୁଷ୍ଟ ହେଲେ ଘରର ସଦସ୍ୟମାନଙ୍କୁ ନାନା ପ୍ରକାର ଅସୁବିଧାରୁ ରକ୍ଷା କରନ୍ତି ।

ଦୁଷ୍ଟ ଡୁମା : ଡଙ୍ଗରିଆ କନ୍ଧମାନେ କେତେକ ଦୁଷ୍ଟ ଆତ୍ମାକୁ ବିଶ୍ୱାସ କରନ୍ତି । ସେମାନେ ହେଲେ ମେଲି-ପେନୁ, ସୁକାପେନୁ ଓ ବୁଡୁ ବିଭିନ୍ନ ପ୍ରକାର ରୋଗ ଉପୁଜାଇ ଏମାନେ ଉଦ୍ଦେଶ୍ୟମୂଳକ ଭାବରେ ଲୋକମାନଙ୍କର କ୍ଷତିସାଧନ କରନ୍ତି । ଅସ୍ୱାଭାବିକ ଓ ଅକାଳରେ ମୃତ୍ୟୁବରଣ କରିଥିବା ଦୁଷ୍ଟ ପ୍ରକୃତିର ଲୋକମାନେ ଭୂତ(ମହନା) ହୋଇ ଲୋକମାନଙ୍କୁ ହଇରାଣ କରନ୍ତି । ଏଠି ସେଠି ବୁଲନ୍ତି । ମୁଖ୍ୟତଃ ସେମାନେ ଶ୍ମଶାନଭୂମି ଓ ପରିତ୍ୟକ୍ତ ସ୍ଥାନରେ ରହିଥାନ୍ତି । ସେମାନେ ସହଜରେ ସନ୍ତୁଷ୍ଟ ହୁଅନ୍ତି ନାହିଁ । କେବଳ ଅଭିଜ୍ଞ ବେକୁଣୀ ଦ୍ୱାରା ସେମାନଙ୍କର ପ୍ରକୋପ ହ୍ରାସ ହୋଇଥାଏ ।



ଧର୍ମୀୟ କର୍ମକର୍ତ୍ତା : ଡଙ୍ଗରିଆ ମାନଙ୍କର ବହୁବିଧ ଧର୍ମୀୟ କର୍ମକର୍ତ୍ତା ରହିଅଛି । ସାଧାରଣ ମଣିଷ ଓ ଅତି ପ୍ରାକୃତିକ ଶକ୍ତି ମଧ୍ୟରେ ସମନ୍ୱୟ ସ୍ଥାପନ କଲାଭଳି କେତେକ ସ୍ୱତନ୍ତ୍ର ବିଶେଷଜ୍ଞ ରହିଥାନ୍ତି । ଏହି ବିଶେଷଜ୍ଞ ମଣ୍ଡଳୀ ଲୋକମାନଙ୍କ ତରଫରୁ ଜନ-କଲ୍ୟାଣ ନିମନ୍ତେ ଆବଶ୍ୟକ ପୂଜା କରିଥାନ୍ତି ।

ଗାଁର ଧାର୍ମିକ ମୁଖ୍ୟକୁ ଜାନୀ କୁହନ୍ତି । ଏହି ପଦବୀଟି ବଂଶାନୁକ୍ରମିକ । ଗାଁର ପ୍ରତି ପର୍ବପର୍ବାଣିରେ ତା'ର ପ୍ରମୁଖ ଭୂମିକା ଥାଏ । ପୂଜାରେ ଅର୍ପଣ କରାଯାଇଥିବା ବଳିରୁ ଜାନି ଏକ ସ୍ୱତନ୍ତ୍ର ଅଂଶ ପାଏ ।

ଲାମ୍ବା : ମେରିଆ ପର୍ବ ପାଳନ ଅବସରରେ ନିସିକା ମୁଠାର ଜାନି ଦ୍ୱାରା ଧାର୍ମିକ ପୂଜା ବିଧାନ ଆଦି କ୍ରିୟାକର୍ମ ସଂପାଦିତ ହୁଏ ।



ଚାନ୍-ଜାନୀ ହେଉଛି ମୁଖ୍ୟ ଜାନୀଙ୍କର ଜଣେ ସହକାରୀ । ପୂଜା ସମୟରେ ସେ ପଶୁପକ୍ଷୀମାନଙ୍କୁ ବଳି ପକାନ୍ତି । ପୂଜାସାମଗ୍ରୀ ଯୋଗାଡ଼ କରନ୍ତି । ଜାନୀଙ୍କ ସହିତ ପୂଜା-ବିଧାନରେ ଅଂଶଗ୍ରହଣ କରନ୍ତି ।

ପୂଜାରୀ: ମେରିଆ ପୂଜାରେ ପୂଜାରୀଙ୍କର ସ୍ୱତନ୍ତ୍ର ଭୂମିକା ରହିଥାଏ । ନିଶାର୍ଦ୍ଧରେ ସମସ୍ତଙ୍କ ଅଗୋଚରରେ ପୂଜାରୀ ଜଙ୍ଗଲରୁ ବାଉଁଶ ସଂଗ୍ରହ କରେ । ସେହି ବାଉଁଶରେ ଛତା ତିଆରି କରେ । ପୂଜାରୀ ଦ୍ୱାରା ଅତ୍ୟନ୍ତ ପବିତ୍ର ଭାବରେ ପ୍ରସ୍ତୁତ ହୋଇଥିବା ଛତା, ମେରିଆ ପୂଜା ଅବସରରେ ବ୍ୟବହାର କରାଯାଏ । ଏହାଦ୍ୱାରା ଅପଶକ୍ତି ସମୂହର କୁ-ଦୃଷ୍ଟି ନଷ୍ଟ ହୋଇଯାଏ । ପୂଜାରୀ ପ୍ରଥମେ ବଳି ନିମନ୍ତେ ଉଦ୍ଦିଷ୍ଟ ଥିବା ମେରିଆର ମୁଣ୍ଡରେ ଆଘାତ ଦେବା ପରେ ଅନ୍ୟମାନେ ବିଭିନ୍ନ ସ୍ଥାନକୁ ଆଘାତ ଦେଇଥାନ୍ତି । ଅନ୍ୟାନ୍ୟ ଧାର୍ମିକ ପର୍ବପର୍ବାଣିରେ ସେ ଜାନୀ ଓ ଚାନ୍-ଜାନୀଙ୍କ ସହ କାମ କରନ୍ତି ।

ବେକୁ / ବେକୁଣୀ : ଗୁଣି ଗାରେଡି ମନ୍ତ୍ରତନ୍ତ୍ରର ବିଶେଷଜ୍ଞ ବେକୁଣୀ । ମନ୍ତ୍ର ବଳରେ ବେକୁଣୀ ଅନ୍ୟ ଆତ୍ମା ସହିତ ଯୋଗାଯୋଗ ସ୍ଥାପନ କରିପାରେ । ଯେଉଁ ଦୁଷ୍ଟ ଆତ୍ମାଗୁଡ଼ିକ ସାଧାରଣ ମଣିଷକୁ ନାନା ଭାବରେ ହଇରାଣ କରନ୍ତି ବେକୁଣୀ ସେମାନଙ୍କୁ ତା'ର ପାରଂପରିକ ମନ୍ତ୍ର ଶକ୍ତି ବଳରେ ନିଜ ଅଧୀନକୁ ଆଣିପାରେ । ବେକୁଣୀ ଯେଉଁ ସମୟରେ ଅନ୍ୟ ଆତ୍ମାସହ ଯୋଗାଯୋଗ ସ୍ଥାପନ କରେ ସେହି ସମୟରେ ସେ ଅଚେତ ହୋଇଯାଏ । ପରେ ଚେତା ଆସେ । ବେକୁଣୀ ଉଠେ । ପୁରୁଷ ଓ ମହିଳା ଉଭୟେ ଏହି ଗୁଣି ଗାରେଡି ବିଦ୍ୟାରେ ଦକ୍ଷତା ହାସଲ କରିଥିବାର ଦେଖାଯାଏ ।

ଦିଶାରୀ : ଚେରମୂଳୀ ଔଷଧ ଓ ଅନ୍ୟାନ୍ୟ ବନଜାତ ଭେଷଜ ଜ୍ଞାନରେ ଦିଶାରୀର ବେଶ୍ ପାରଦର୍ଶିତା ଥାଏ । ସେ ମଧ୍ୟ ଅଦ୍ଭୁତ ଯାଦୁକରୀ ଶକ୍ତିର ଅଧିକାରୀ । ସେ ଭବିଷ୍ୟତ କଥା ଜାଣିପାରେ । ଲୋକମାନେ ଦିଶାରୀକୁ ବିଶ୍ୱାସ କରନ୍ତି ।





ପର୍ବ ପଞ୍ଜିକା

କ୍ର. ସଂ.	ପର୍ବର ନାମ	ପାଳନ ତିଥି	ଉଦ୍ଦେଶ୍ୟ	ବଳି	ଦେବଦେବୀ	ପୂଜକ	ଗୋଷ୍ଠୀଗତ /ବ୍ୟକ୍ତିଗତ
୧.	ଘଣ୍ଟ ପରବ	(ବୈଶାଖ) ସାରୁଆ ଏପ୍ରିଲ୍-ମେ	ମାନସିକ ପୂରଣ ଅର୍ଥନୀତିକ ଉନ୍ନତି	ମେଣ୍ଢା-୧ ମଦ-୮୦-୯୦ ଠାକରାଣୀ, ବୋତଲ	ସୀତା, ହୀରା ବେଜୁଣୀ ଯାତ୍ରାକୁଡ଼ି		ଗୋଷ୍ଠୀପର୍ବ
୨	ସାଲଙ୍ଗୀ	ଜ୍ୟେଷ୍ଠ ଜେଟ୍ ମେ -ଜୁନ୍	ଗୋ ଙ୍ଗପଦ ସୁରକ୍ଷା	କୁକୁଡା-୨ ପାରା-୧ ମଦ-୫ ବୋତଲ	ପୂର୍ବପୁରୁଷ	ପରିବାରମୁଖ୍ୟ	ବ୍ୟକ୍ତି ପର୍ବ
୩	ମାଣ୍ଡିଆରାଣୀ	ଶ୍ରାବଣ ଶାବନ ଜୁଲାଇ ଅଗଷ୍ଟ	ଉତ୍ପାଦନ ବୃଦ୍ଧି ମାଣ୍ଡିଆ, ରାଗି	ମଇଁଷି-୧ କୁକୁଡା-୧ ମଦ-୧୧୦ ବୋତଲ	କୋଟିଆଣାନ	ଜାନୀ ବେଜୁଣୀ	ଗୋଷ୍ଠୀପର୍ବ ଓ ବ୍ୟକ୍ତିପର୍ବ
୪	ଧାନ ନୂଆଖାଇ	ଭାଦ୍ର ଭାଦ	ଝାଙ୍କଡ଼କୁ ପ୍ରଥମ ଭାତ ଅର୍ପଣ	କୁକୁଡା-୧ ପାରା-୧ ଘୁଷୁରୀ-୧ ନୂଆ ଗୁଉଳ	ଝାଙ୍କଡ	ଜାନୀ	ଗୋଷ୍ଠୀପର୍ବ
୫	ପିଡିବା	ଅଗଷ୍ଟ ସେପ୍ଟେମ୍ବର ଅଶିନ ଦଶହରା	ଜଡା ମଞ୍ଜି ଉତ୍ପାଦନ ବୃଦ୍ଧି	ମଇଁଷି-୧ କୁକୁଡ଼ା - ୩ ପାରା-୧	ଯାତ୍ରାକୁଡ଼ି	ଜାନୀ ବେଜୁଣୀ	ଗୋଷ୍ଠୀପର୍ବ
୬	ପୁନାପାଡି	କାର୍ତ୍ତିକ ଦିୱାଳି ନଭେମ୍ବର/ଡିସେମ୍ବର	କାନ୍ଦୁଲ ଆଦି ନୂଆଖିଆ	ମଇଁଷି-୧ ପାରା-୧ କୁକୁଡା-୧	ଯାତ୍ରାକୁଡ଼ି	ବେଜୁଣୀ	ଗୋଷ୍ଠୀପର୍ବ
୭	ଜଙ୍ଗର ପୂଜା	ମାର୍ଗଶିର ପାଣ୍ଡୁ	ଅଧିକ ଫସଲ ଅମଳ	ଘୁଷୁରୀ-୧ କୁକୁଡା-୧	ହାରୁ ପେନୁ	ବେଜୁଣୀ	ବ୍ୟକ୍ତିପର୍ବ
୮	ମେରିଆ ପୂଜା	ମାଘ ମାଘେ	ଗ୍ରାମ ସମୃଦ୍ଧି	ମଇଁଷି-୧ କୁକୁଡା-୧ ଛେଳି-୫	ଝାଙ୍କଡ଼	ଲାୟା, ଜାନୀ ବେଜୁଣୀ ପୂଜାରୀ	ଗୋଷ୍ଠୀପର୍ବ
୯	ବିହନ ପୂଜା	ଚୈତ୍ର ସେତାର ମାର୍ଚ୍ଚ/ଏପ୍ରିଲ୍	ବିହନବୁଣା ଆରମ୍ଭ ପୂର୍ବରୁ	କୁକୁଡା-୧ ପାରା-୧	ଧରଣୀପେନୁ ସୀତାପେନୁ ହାରୁ ପେନୁ	ଜାନୀ ବେଜୁଣୀ	ବ୍ୟକ୍ତିପର୍ବ
	ସାଉଙ୍ଗୀ ରାଜା						

ମେରିଆ ପର୍ବ

ମେରିଆ ପର୍ବ ଶ୍ରେଷ୍ଠ ଓ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହା ଡଙ୍ଗରିଆ ମାନଙ୍କର ଗୋଷ୍ଠୀପର୍ବ । ସେମାନେ ବସବାସ କରୁଥିବା ଗୋଟିଏ ମୁଠାର ଯେ କୌଣସି ଗୋଟିଏ ଗାଁରେ ସବୁଗାଁର ଡଙ୍ଗରିଆମାନେ ଏକତ୍ରିତ ହୋଇ ଏହି ଗୋଷ୍ଠୀପର୍ବକୁ ବେଶ୍ ଆନନ୍ଦ ଉତ୍ସାହରେ ପାଳନ କରୁଥିବାର ଦେଖାଯାଏ । ଜାନୁଆରୀ ଫେବୃଆରୀ ମାସରେ ଏହି ପର୍ବ ଦୀର୍ଘ ଆଠଦିନ ବ୍ୟାପୀ ପାଳିତ ହୁଏ । ଅନ୍ୟ ମୁଠାର ଲୋକମାନେ ମଧ୍ୟ ଏଥିରେ




ଅଂଶଗ୍ରହଣ କରନ୍ତି । ଧରଣୀପେନୁଙ୍କ ଉଦ୍ଦେଶ୍ୟରେ ଏହି ପର୍ବଟି ସମର୍ପିତ । "ଧରଣୀପେନୁ"ଙ୍କ ପାର୍ଶ୍ୱ ଦେବଦେବୀ ଅନ୍ୟାନ୍ୟ ଦେବଦେବୀ ଓ ଡୁମାଙ୍କୁ ମଧ୍ୟ ଏହି ଗୋଷ୍ଠୀ ପର୍ବରେ ପୂଜା ଉପାସନା କରାଯାଏ । ଏହି ପର୍ବରେ ବହୁତ ଖର୍ଚ୍ଚ କରିବାକୁ ପଡ଼େ । ଯେଉଁ ବର୍ଷ ଭଲ ଫସଲ ଉତ୍ପାଦନ ନ ହୁଏ ସେହିବର୍ଷ ମେରିଆ ପର୍ବ ପାଳନ କରା ନ ଯାଇ ତା ପରବର୍ଷକୁ ସ୍ଥଗିତ ରଖାଯାଏ ।



ମେରିଆ ସର୍ବବୃହତ ଗୋଷ୍ଠୀପର୍ବ ହୋଇଥିବାରୁ ଅତି କମ୍‌ରେ ମାସେ ପୂର୍ବରୁ ଏଥି ନିମନ୍ତେ ଜିନିଷ ପତ୍ର ଯୋଗାଡ଼ ଓ ଅନ୍ୟାନ୍ୟ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ପର୍ବ ପାଳନ ଶେଷ ହେବା ପର୍ଯ୍ୟନ୍ତ ଲୋକମାନେ ସାଧାରଣ କାର୍ଯ୍ୟରୁ ବିରତ ରହିଥାନ୍ତି । ଉତ୍ସାହର ସହିତ ପର୍ବର ଆଗମନକୁ ଅପେକ୍ଷା କରିଥାନ୍ତି ।



ପର୍ବ ପାଳନର ୪ ଦିନ ଆଗରୁ ପୂଜାରୀ ଜଙ୍ଗଲକୁ ଯାଇ ଅନ୍ୟମାନଙ୍କ ଅଗୋଚରରେ ଗୋଟିଏ ବାଉଁଶ ଆଣେ । ବାଉଁଶକୁ ଶକ୍ତ କରିବା ନିମନ୍ତେ ଝରଣାଜଳରେ ଦୁଇଦିନ ବୁଡ଼ାଇ ରଖାଯାଏ । ଏହି ବାଉଁଶରେ ମେରିଆ ଛତା ବା (ଛତ୍ରୀ) ପୂଜାରୀ ଦ୍ୱାରା ନିର୍ମିତ ହୁଏ । ପର୍ବର ଦିନକ ପୂର୍ବରୁ ଖଣ୍ଡେ ରଙ୍ଗୀନ୍ କପଡ଼ା ଓ ରଙ୍ଗୀନ୍ ଦର୍ପଣ ବାଉଁଶ ସହ ସଂଯୋଜିତ କରି ଝାଙ୍କଡ଼ ଦେବୀଙ୍କ ସମ୍ମୁଖରେ ରଖାଯାଏ ।



ଚାରିଦିନ ପୂର୍ବରୁ ବନ୍ଧୁ ବାନ୍ଧବ ଓ ଅତିଥି ମାନେ ଯିଏ ଯାହାର ସଂପର୍କୀୟଙ୍କ ଘରେ ପହଞ୍ଚି ଯାଆନ୍ତି । ଆସିଲାବେଳେ ସେମାନେ ସାଥିରେ ଧାନ, କେତେବୋତଲ ମଦ, ପୂଜାରେ ବଳି ଦେବା ପାଇଁ, ଛେଳି, ମେଣ୍ଢା, କୁକୁଡା ଆଦି ଆଣିଥାନ୍ତି । ଗାଁ ତରଫରୁ ବିଶ୍ ମାଝୀ ଏ ସବୁକୁ ପୂଜାରେ ବ୍ୟବହାର କରିବା ନିମନ୍ତେ ସଂଗ୍ରହ କରି ରଖେ ।

ନିର୍ଦ୍ଧାରିତ ଦିନରେ ପର୍ବ ପାଳନ କରାଯାଏ । ଜାନୀ, ଇଚନ୍ ଜାନୀ ଓ ପୂଜାରୀ, ଲାମ୍ବାକୁ ସାହାଯ୍ୟ କରନ୍ତି । ପର୍ବ ପାଳନ ନିମନ୍ତେ ଶୁକ୍ରବାରକୁ ଏକ ପବିତ୍ର ଦିନ ଭାବରେ ଗଣନା କରାଯାଏ ଓ ଏହିଦିନ ପର୍ବର ଶୁଭାରମ୍ଭ ହୁଏ ।

ପ୍ରଥମ ଦିବସ : ପର୍ବର ପ୍ରଥମ ଦିନରେ ଗାଁଟି ଉତ୍ସବ ମୁଖର ହୋଇଉଠେ । ଲାମ୍ବା, ଜାନୀ, ପୂଜାରୀ, ଦିଶାରୀ ଓ ଗୋଷ୍ଠୀ ସଦସ୍ୟମାନେ ବାଜା ବଜାଇ ଗୋଟିଏ ବରଗଛ ପାଖକୁ ଯାଆନ୍ତି । ସେଠାରୁ ମେରିଆ ପର୍ବ ନିମନ୍ତେ ପୂର୍ବରୁ ରଖାଯାଇଥିବା ଆବଶ୍ୟକ ଆସବାବପତ୍ର



ଆଣନ୍ତି । ସେଠାରୁ ଫେରିବା ପରେ ଲାମ୍ବା ସମସ୍ତ ଜିନିଷପତ୍ରକୁ କୁଡିରେ ରଖନ୍ତି । ସେଦିନ ଲାମ୍ବା ଅନ୍ୟ ଜାନୀମାନଙ୍କ ସହିତ ମିଶି ରାତିସାରା ମନ୍ତ୍ର ଉଚ୍ଚାରଣ କରି ଦେବଦେବୀ ଓ ଆତ୍ମାଗଣଙ୍କୁ ପୂଜା ସ୍ଥଳକୁ ବିଜେ କରିବା ନିମନ୍ତେ ନିମନ୍ତ୍ରଣ ଜଣାନ୍ତି ।



ଦ୍ୱିତୀୟ ଦିବସ : ଦ୍ୱିତୀୟ ଦିନ ସକାଳେ ବେଜୁଣୀ ଝାଙ୍କଡ଼ ନିକଟରେ ପହଞ୍ଚି ଗୋଷ୍ଠୀସଦସ୍ୟ ମାନଙ୍କ ସହିତ ସେଠାକୁ ନିମନ୍ତ୍ରିତ ଦେବଦେବୀଙ୍କ ସନ୍ତୋଷ ବିଧାନ ଉଦ୍ଦେଶ୍ୟରେ ନୃତ୍ୟ ଆରମ୍ଭ କରି ଦିଅନ୍ତି । ସେହି ସମୟରେ ଲାମ୍ବା ଓ ଜାନୀ ବିଶ୍ରାମ ନିଅନ୍ତି । ନାଚି ନାଚି ପାଟ ବେଜୁଣୀ ସଜ୍ଞାହୀନ ହୋଇଯାଏ । ଏତିକିବେଳେ ନୃତ୍ୟ ଗହଳି ଭିତରକୁ ଲାମ୍ବା ପ୍ରବେଶ କରେ । ସେଠାରେ ଅନେକ ଆତ୍ମାଙ୍କ ଉପସ୍ଥିତି ସଂପର୍କରେ ଲାମ୍ବା ଜାଣିପାରେ । ପର୍ବକୁ ନିମନ୍ତ୍ରିତ ସମସ୍ତ ଅତିଥିଙ୍କୁ ସନ୍ଧ୍ୟାରେ ଭୋଜିଭାତ ଦେଇ ଆପ୍ୟାୟିତ କରାଯାଏ । ଭୋଜି ଆସର ଶେଷ ହେବା ପରେ ଆରମ୍ଭ ହୁଏ ମେରିଆ ପର୍ବର ତୃତୀୟ ଅଭିଯାନ । ଲାମ୍ବା, ଇଚନ୍ ଜାନି ଓ ପାଟବେଜୁଣୀ ମିଳିତ ଭାବରେ ଧରଣୀପେନୁଙ୍କ ପୂଜା ଆରାଧନାରେ ନିମଗ୍ନ ହୋଇଯାଆନ୍ତି । ପୂଜାଦି କ୍ରିୟା କର୍ମ ଆଗେଇ ଚାଲେ । ପ୍ରାୟ ନିଶାର୍ଦ୍ଧ ସମୟରେ ତିନିଜଣ ଅବିବାହିତ କୁମାରୀ କନ୍ୟା ପୂଜାରୀ ଘରୁ ତିନୋଟି ପିତଳ ଗରା ଆଣି ସିଧା ପାଣି ଆଣିବାକୁ ଝରଣାକୁ ଯାଆନ୍ତି । ତିନି କନ୍ୟା ତିନିଗରା ପାଣି ନେଇ ଫେରିବା ବେଳେ ଆଦୌ ପଛକୁ ଚାହାଁନ୍ତି ନାହିଁ ।

ସେମାନେ ମେରିଆ (ବଡ଼ ମଇଁଷି) ନିକଟକୁ ଆସନ୍ତି । ମଇଁଷିଟି ଗୋଟିଏ ବଡ଼ କାଠ ଖୁମ୍ଭରେ ବନ୍ଧା ହୋଇଥାଏ । ସେମାନେ ମଇଁଷି ଉପରେ ପାଣି ଢାଳି ତାକୁ ଗାଧୋଇ ଦିଅନ୍ତି । ଏହି ସ୍ନାନ ଦ୍ୱାରା ମଇଁଷି ପବିତ୍ର ହୋଇ ଦେବବଳି ନିମନ୍ତେ ଯୋଗ୍ୟ ହୋଇଯାଏ । ତାପରେ ସେମାନେ ଲାମ୍ବା ଠାରୁ ପୋଡ଼ୋ-କାଣ୍ଡି (ଲୌହ ଶିକୁଳି) ନିଅନ୍ତି । ମେରିଆର ଚାରି ଗୋଡ଼କୁ ଭଲ ଭାବରେ ବାନ୍ଧି ଦିଆଯାଏ । ସମସ୍ତ ଗୋଷ୍ଠୀ ସଦସ୍ୟ ଝାଙ୍କଡ ନିକଟକୁ ଯାଆନ୍ତି । ନିଜ ନିଜ ପାଖରେ ଥିବା ଟାଙ୍ଗି ଓ ଛୁରୀ ଦ୍ୱାରା ମେରିଆକୁ ଆଘାତ କରିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତି । ଉଚ୍ଚ ଶବ୍ଦରେ ବାଦ୍ୟକାର ମାନେ ଡ୍ରମ୍‌ବାଜା ବଜାଉଥାନ୍ତି । ତା ସହିତ ଅନ୍ୟାନ୍ୟ ବାଦ୍ୟମଧ୍ୟ ବାଜୁଥାଏ । ଏହି ସମୟରେ ଲାମ୍ବା ଓ ପାଟବେଜୁଣୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଉଠେ । ସେମାନେ ସେଠାକୁ ନିମନ୍ତ୍ରିତ ଦେବଦେବୀ, ଆତ୍ମା ଆଦିଙ୍କ ସହିତ ଯୋଗାଯୋଗ ସ୍ଥାପନ କରିବାକୁ ଯାଇ ନିଜେ ନିଜେ ହଜି ଯାଆନ୍ତି ଏକ ଭିନ୍ନ ଆବେଶରେ । ଚେତା ହଜିଯାଏ । କିଛି ସମୟ ପରେ ସେମାନଙ୍କ ଚେତା ଫେରେ । ମେରିଆ ବଳି ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୁଏ ।

ତୃତୀୟ ଦିବସ : ରାତି ପାହି ପାହି ଆସୁଥାଏ । ଉଷାକାଳର ପୂର୍ବବେଳ । ଗୋଷ୍ଠୀ ସଦସ୍ୟମାନେ ଲାମ୍ବା ଓ ଜାନୀଙ୍କ ପରିଚାଳନାରେ ରୋଷଣି କରି ଗ୍ରାମ ସୀମାନ୍ତକୁ ଯାଆନ୍ତି । ଦିଶାରୀ, ପାଟବେଜୁଣୀ ଓ ଇଚାନ୍ ଜାନୀ ପିତଳ ଗରାରେ ପାଣି ଧରିଥାନ୍ତି । ପୂଜାରୀ ରୋଷଣି ଆଗରେ ଛତା ଧରି ଚାଲିଥାଏ । ଏହାଦ୍ୱାରା ଅପଶକ୍ତିଙ୍କ ନଜରରୁ ସୁରକ୍ଷା ମିଳେ । ବାଦ୍ୟର ତାଳେ ତାଳେ ନୃତ୍ୟର ତାଳ ମିଶୁଥାଏ । ବେଜୁଣୀ ଅବିରତ ଭାବରେ ନାଚି ବଜାଇ ଉତ୍‌ଫୁଲ୍ଲ ହୋଇ ଉଠିବାର ଦେଖାଯାଏ । ନାଚି ନାଚି ଜଣେ ଆଉ ଜଣକ ଉପରେ ପଡି ଯାଉଥାଏ । ମେରିଆ ବନ୍ଧା ଯାଇଥିବା ଦଉଡ଼ିକୁ ଧରିବା ପାଇଁ କେହି କେହି ଠେଲାପେଲା ହେଉଥାନ୍ତି । ଯାହାର ଯେଉଁ ମାନସିକ ଥାଏ ସେ ସେହି ପ୍ରକାରେ ତାର ବଳିଦ୍ରବ୍ୟକୁ ସେଠାକୁ ଆଣିଥାଏ । ଠିକ୍ ସକାଳ ହେଉ ହେଉ ପୂଜାରୀ ପ୍ରଥମେ ମେରିଆକୁ ଆଘାତ କରେ ।





ଏହା ମେରିଆବଳିର ଅୟମାରମ୍ଭ । ତା' ପରେ ଅନ୍ୟମାନେ ଯିଏ ଯେମିତି ପାରିଲା ନିଜ ନିଜ ଟାଙ୍ଗି ଓ କ୍ଷୁରୀରେ ମେରିଆକୁ ହାଣି ଚାଲନ୍ତି । ସେତିକିବେଳର ଦୃଶ୍ୟ ଅତି ନାରକୀୟ ଓ ବୀଭତ୍ସ । ମେରିଆର ଅନ୍ତବୁକୁଳା ବାହାରି ପଡ଼େ । ଚାରିଆଡ଼େ ରକ୍ତ ଖେଳେଇ ହୋଇଯାଏ । କେହି କେହି ମେରିଆର ଅନ୍ତନାଡିକୁ ଉନ୍ମତ ହୋଇ ଦେହରେ ଗୁଡ଼େଇ ଦିଅନ୍ତି । ମନେହୁଏ ସତେ ଯେପରି ସେମାନେ ପ୍ରତିଶୋଧ ପରାୟଣ ହୋଇ ପଡିଛନ୍ତି । ମେରିଆକୁ ହାଣିବା ସମୟରେ ଯେତେ ଅଧିକ କଷ୍ଟ ଦିଆଯିବ ଧରଣୀ ପେନୁ ସେତେ ଅଧିକ ସନ୍ତୁଷ୍ଟ ହେବେ । ଏହିପରି ଏକ ବିଶ୍ୱାସ ଦ୍ୱାରା ଡଙ୍ଗରିଆ କନ୍ଧମାନେ ପ୍ରଭାବିତ ହୋଇଥାନ୍ତି ।

ଏହାପରେ ମେରିଆ (ମଇଁଷି)ର ମୁଣ୍ଡକୁ ରୋଷଣି କରି ଅଣାଯାଏ । ଏହି କାର୍ଯ୍ୟ ମୁଠା ବଂଶ ସଦସ୍ୟଙ୍କୁ ବାଦ୍‌ଦେଇ ଆଉ ଜଣେ ବାହାରଲୋକ (ପାଦ୍ରିଆ) ଦ୍ୱାରା କରାଯାଏ । ମୁଠାବଂଶ ସଦସ୍ୟ ମାନେ ଏହାକୁ ଛୁଅଁନ୍ତି ନାହିଁ । ଝାଙ୍କଡ଼ ରେ ପହଂଚିବା ପରେ ଲାମ୍ବା ଭୂମିରେ ଗୋଟିଏ ବଡ଼ ବର୍ଗକ୍ଷେତ୍ରରେ ଚିତ୍ର ଆଙ୍କିଦିଏ । ଏହି ବର୍ଗକ୍ଷେତ୍ର ଭିତରେ ମେରିଆର ମୁଣ୍ଡ ରଖାଯାଏ । ଲାମ୍ବା ମେରିଆ ମୁଣ୍ଡରେ ସିନ୍ଦୂର ଲଗାଇଦିଏ । ପାଞ୍ଚ ଲାଉତୁମ୍ବା ଭର୍ତ୍ତି ମଦଢାଳିଦିଏ । ଶେଷରେ ଲାମ୍ବାମେରିଆର ମୁଣ୍ଡକୁ ଭକ୍ତି ସହକାରେ ଧରଣୀ ପେନୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରେ ।


ଚତୁର୍ଥ ଦିବସ : ସାମାଜିକ ପ୍ରଥା ଅନୁଯାୟୀ ପାଦ୍ରିଆମାନେ ଲାମ୍ବା ନିକଟକୁ ଯାଇ ପୂର୍ବଦିନ ପାଳିତ ମେରିଆ ପର୍ବରେ ବଦ୍ଧ ମେରିଆର କିଛି ଅଂଶ ମାଗନ୍ତି । କଥା କଟା କଟି, ହସ ଖୁସି ଥଟ୍ଟା ମଜା ଚାଲେ । ଲାମ୍ବା ରାଜି ହୋଇଯାଏ । ପାଦ୍ରିଆମାନେ ମାଂସ ଭାତ ପ୍ରସ୍ତୁତ କରି ଗ୍ରାମବାସୀଙ୍କୁ ଖୁଆନ୍ତି । ପରବର୍ତ୍ତୀ ଦୁଇ ଦିନ ପୁଅ ଓ ଝିଅଙ୍କ ସମବେତ ନୃତ୍ୟ ସଙ୍ଗୀତ ମେରିଆ ପର୍ବର ଅନ୍ତିମ ପର୍ଯ୍ୟାୟକୁ ଏକ ଭିନ୍ନ ଚମକ ଆଣିଦିଏ । ଆନନ୍ଦ ଉଲ୍ଲାସର ପ୍ରଶସ୍ତ ପରିବେଶରେ ଧରଣୀପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଡଙ୍ଗରିଆ ମାନଙ୍କ ମିଳିତ ପ୍ରୟାସ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ମେରିଆ ପର୍ବର ଅନ୍ତିମ ଦିବସରେ ନିଜେ ଲାମ୍ବା ଗୋଟିଏ ଛେଳି ମାରନ୍ତି । ମାଂସ ଓ ଭାତ ପ୍ରସ୍ତୁତ କରି ଧରଣୀପେନୁଙ୍କୁ ଅର୍ପଣ କରନ୍ତି । ଏହି ପୂଜାନୈବେଦ୍ୟକୁ ଲାମ୍ବାପେକୁ କୁହନ୍ତି । ଶେଷରେ ଲାମ୍ବା ଏହି ପୂଜା ନୈବେଦ୍ୟକୁ ସମସ୍ତଙ୍କ ଭିତରେ ବାଣ୍ଟି ଦିଅନ୍ତି । ସମସ୍ତ ମୁଠା ପରିବାର ଏହି ପୂଜା ନୈବେଦ୍ୟ ପାଇଥାନ୍ତି । ସନ୍ଧ୍ୟା ନଇଁଆସେ । ଡଙ୍ଗରିଆ ପୁଅଝିଅ ପର୍ବ ପାଳନ ଅବସରରେ ଆୟୋଜିତ ନୃତ୍ୟ ଗୀତରେ ପରସ୍ପରକୁ ଯେଉଁ ଥଟ୍ଟା ପରିହାସ କରିଥାଆନ୍ତି ସେଥି ନିମନ୍ତେ କ୍ଷମା ମାଗନ୍ତି । ଏଥିପାଇଁ ସେମାନେ ଭାତ ଅଦଳ ବଦଳ କରିଥାନ୍ତି । ଯୁବକମାନେ ଯୁବତୀମାନଙ୍କୁ ଥଟ୍ଟା ପରିହାସ କରିଥିବାରୁ ସେମାନଙ୍କ ପିତାମାତାଙ୍କୁ ମଦବୋତଲ ଦେବା ସହିତ ହାତଧରି କ୍ଷମା ପ୍ରାର୍ଥନା କରନ୍ତି ।





କଳା ଅବବୋଧ



ପ୍ରକୃତି କୋଳରେ ଡଙ୍ଗରିଆ କନ୍ଧର ଜନ୍ମ ଓ ଜୀବନ । ପ୍ରକୃତି ସହିତ ସେ ସତେ ଯେମିତି ଏକ ଓ ଅଭିନ୍ନ । ସେମାନଙ୍କର ବାହ୍ୟଜୀବନ ଓ ଅନ୍ତର୍ଜୀବନ ପ୍ରକୃତି ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ପ୍ରକୃତିର ମନୋରମ ଓ ସୁନ୍ଦର ରୂପଡଙ୍ଗରିଆଙ୍କ ଭିତରେ ସୁନ୍ଦର ପଣିଆର ଏକ କଳାତ୍ମକ ସ୍ୱରୂପକୁ ସବୁବେଳେ ଉଜ୍ଜୀବିତ କରି ରଖିଥାଏ । ପ୍ରକୃତି ଦ୍ୱାରା ଅନୁପ୍ରେରିତ ହୋଇ ସେମାନଙ୍କର ଅନ୍ତର୍ନିହିତ କଳା ଅବବୋଧ କ୍ରମଶଃ ବିକଶିତ ହୁଏ ।





ଡଙ୍ଗରିଆମାନେ ସୌନ୍ଦର୍ଯ୍ୟ ପିପାସୁ । ସେମାନଙ୍କ ଜୀବନଶୈଳୀ ଭିତରେ ସୌନ୍ଦର୍ଯ୍ୟବୋଧର ପ୍ରତିବେଦନ ପ୍ରତିଫଳିତ ହେଉଥାଏ । ଏହି କଳାତ୍ମକ ଅବବୋଧ ସେମାନଙ୍କର ପୋଷାକ ପତ୍ର, ଅଳଂକାର, ନୃତ୍ୟ, ବାଦ୍ୟ ସେମାନଙ୍କ ଜୀବନଶୈଳୀରେ ପ୍ରତିଫଳିତ ହୁଏ ।

ସେମାନଙ୍କର ଯୁବାଆବାସସ୍ଥଳୀ ଏକ ବିଦ୍ୟାମନ୍ଦିର ପରି ମନେହୁଏ । ଏଠାରେ ଯୁବକ ଓ ଯୁବତୀମାନେ ଶିକ୍ଷାଲାଭ କରନ୍ତି । ଏହା ଏକ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର । ନୃତ୍ୟ ଓ ବାଦ୍ୟର ତାଳ, ଛନ୍ଦ, ଲୟ ଆଦି ଶିଖିବାର ସୁଯୋଗ ଏଠିମିଳେ । ନିଜଠାରୁ ବୟସ୍କ ଯୁବକ ଓ









ଯୁବତୀମାନଙ୍କ ପାଖରୁ ବିଭିନ୍ନ କଳାକୌଶଳ ଶିଖିହୁଏ । ସେମାନଙ୍କର ପାରଂପରିକ କଳା ଓ ସାଂସ୍କୃତିକ ବିଭବକୁ ସଂରକ୍ଷିତ କରି ରଖିବା ନିମନ୍ତେ ଏହି ଯୁବାଘର ଏକ ପ୍ରମୁଖ କେନ୍ଦ୍ରର ଭୂମିକା ତୁଲାଏ । ଏହି କ୍ରମରେ ପ୍ରାଚୀନ ଓ ପାରଂପରିକ କଳା ଗୋଟିଏ ପିଢ଼ୀରୁ ଆଉ ଗୋଟିଏ ପିଢ଼ୀକୁ ଧୀରେ ଧୀରେ ପ୍ରସାରିତ ହୋଇ ନିଜର ସ୍ଥିତି ବଜାୟ ରଖିବା ସହିତ ସଂରକ୍ଷିତ ହୁଏ ।

ଡଙ୍ଗରିଆ ଝିଅମାନେ ସୁନ୍ଦର ସୂଚୀକର୍ମ କରାଯାଇଥିବା ରଙ୍ଗୀନ ଚାଦର ବୁଣି ନିଜର କଳା ପ୍ରତିଭାର ପରିଚୟ ଦେଇଥାନ୍ତି । ଏହାକୁ କପଡ଼ା ଗନ୍ଦା କୁହନ୍ତି । ଏଥିପାଇଁ ମୁଖ୍ୟତଃ ନାଲି, ହଳଦୀ ଓ ସବୁଜ ରଙ୍ଗର ସୂତା ବ୍ୟବହାର କରାଯାଏ ।





ପ୍ରବୀଣମାନଙ୍କ ଠାରୁ ନବୀନମାନେ ସୂଚୀକର୍ମ ଶିଖନ୍ତି । ସେଠାରେ ମଧ୍ୟ ନିଜର ପାରଂପରିକ ବାଦ୍ୟ ବଜାଇବା କୌଶଳ ଶିଖିଥାନ୍ତି । ପ୍ରତି ପର୍ବପର୍ବାଣି ଓ ଉତ୍ସବମାନଙ୍କରେ ଡଙ୍ଗରିଆ ପୁରୁଷ ଓ ମହିଳା ଗୀତ ଗାଇ ନାଚନ୍ତି । ପୁରୁଷମାନେ ଢ଼ାପ ବଜାଉଥିବା ବେଳେ ମହିଳାମାନେ ପରସ୍ପର ପଛପଟେ ହାତ ଛନ୍ଦାଛନ୍ଦି ହୋଇ ନାଚନ୍ତି । ନୃତ୍ୟ କଲା ସମୟରେ ସେମାନେ ସେମାନଙ୍କର ପାରଂପରିକ ପୋଷାକ ଓ ଅଳଂକାର ଆଦି ପିନ୍ଧିଥାନ୍ତି । ବୟୋଜ୍ୟେଷ୍ଠଙ୍କ ଆଗରେ ଯୁବତୀ ସ୍ତ୍ରୀମାନେ ନାଚନ୍ତି ନାହିଁ । ସେମାନଙ୍କର ନୃତ୍ୟ ଓ ସଙ୍ଗୀତ ମଧ୍ୟରେ ପ୍ରେମ ଓ ଭକ୍ତିର ପ୍ରତିଫଳନ ହେଉଥାଏ । ସେମାନଙ୍କର ନୃତ୍ୟ ଓ ସଂଗୀତ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଜୀବନର ଅଭିଲିପି ବୋଲି ମନେହୁଏ ।







ସାମାଜିକ ବିଧିବିଧାନ

ଡଙ୍ଗରିଆମାନଙ୍କ ମଧ୍ୟରେ କେତେକ ଗାଁ ମୁଖିଆ ଥାନ୍ତି । ପ୍ରତି ମୁଖିଆଙ୍କ ଦାୟିତ୍ୱ ସ୍ୱତନ୍ତ୍ର । ସେହି ମୁଖିଆମାନେ ଗାଁର ସମସ୍ତ ଦାୟିତ୍ୱ ବହନ କରନ୍ତି । ଗାଁର ପ୍ରତ୍ୟେକ ସାମାଜିକ ଅନୁଷ୍ଠାନ ଓ କାର୍ଯ୍ୟଧାରାରେ ସେମାନଙ୍କର ପ୍ରମୁଖ ଅଂଶ ଥାଏ । ଗୋଷ୍ଠୀ ସଦସ୍ୟମାନେ ମୁଖିଆମାନଙ୍କୁ ସମ୍ମାନ ଦିଅନ୍ତି । ମୁଖିଆମାନେ ଅନ୍ୟମାନଙ୍କୁ ପ୍ରଭାବିତ କରନ୍ତି ।



ଗାଁର ସାମାଜିକ ଓ ଧାର୍ମିକ ମୁଖ୍ୟ ହିସାବରେ ଜାନୀ ପରିଚିତ । ସେ ମଧ୍ୟ ଗ୍ରାମପରିଷଦର ମୁଖ୍ୟ । ଗ୍ରାମ ପରିଷଦର ସଭାରେ ଜାନି ସଭାପତିତ୍ୱ କରନ୍ତି ।

ଜାନି ସାମାଜିକ ପ୍ରଥା, ପରଂପରା ଓ ନିୟମର ରକ୍ଷକ । ପ୍ରତି ଗୁରୁତ୍ୱପୂର୍ଣ୍ଣ ଘଟଣା ଜାନିଙ୍କ ନଜରକୁ ଆସେ । ଆବଶ୍ୟକ ସ୍ଥଳେ ଜାନି ନିଜର ମତାମତ ଦିଅନ୍ତି । ଘଟଣାର ଗୁରୁତ୍ୱ ଅନୁସାରେ ଦରକାର ପଡିଲେ ଗ୍ରାମସଭା ଡକାଯାଇ ଏହାର ନିଷ୍ପତ୍ତି ନିଆଯାଏ । ଅଥବା ଜାନୀ ନିଜେ ଘଟଣାର ସମାଧାନ କରିଦେଇଥାନ୍ତି । ଯଦି ଜାନୀଙ୍କ ଗାଁର କେହି ଜଣେ କୌଣସି ଘଟଣାରେ ଅନ୍ୟ ଗାଁର ମୁଖିଆଙ୍କ ସହିତ ଆଲୋଚନା କରି ଘଟଣାର ବିଚାର କରି ପକ୍ଷ ପ୍ରତିପକ୍ଷଙ୍କୁ ଉପଯୁକ୍ତ ନ୍ୟାୟ ଦେବା ନିମନ୍ତେ ବିହିତ ପଦକ୍ଷେପ ନିଅନ୍ତି । ଜାନୀ ଗାଁର ଯାବତୀୟ ପୂଜାପର୍ବ, ଉତ୍ସବ, ଭୋଜିଭାତ ଆଦି ନିମନ୍ତେ ଅନ୍ୟାନ୍ୟ ମୁଖିଆ ଓ ବରିଷ୍ଠ ଗୋଷ୍ଠୀସଦସ୍ୟ ମାନଙ୍କ ସହିତ ପରାମର୍ଶ କରି ସର୍ବସମ୍ମତି କ୍ରମେ ଦିନବାର ଠିକ୍ କରନ୍ତି । ଜାନୀ 'ଧରଣୀପେନୁ'ଙ୍କ ପୂଜା କରନ୍ତି । ଜାନୀ ପଦବାଟି ବଂଶାନୁକ୍ରମିକ ହୋଇଥାଏ । ଜାନୀ ତା'ର ସେବା ବଦଳରେ ଗ୍ରାମବାସୀଙ୍କଠାରୁ କୌଣସି ପାଉଣା ଦାବୀ କରେ ନାହିଁ । ମାତ୍ର ଗୋଷ୍ଠୀ ସଦସ୍ୟମାନେ ଗୋଷ୍ଠୀଶିକାର ହେଉ ଅଥବା ଗୋଷ୍ଠୀପର୍ବ ହେଉ ସବୁଥିରେ ଜାନୀଙ୍କୁ ସମ୍ମାନ ସ୍ୱରୂପ ପୂଜାରେ ବଳି ଦିଆଯାଇଥିବା ପଶୁର ମୁଣ୍ଡ ସହିତ ଏକ ବଡ଼



ଭାଗ ଦେଇଥାନ୍ତି । ଜାନୀ ପଦବୀର ସ୍ୱତନ୍ତ୍ର ମହତ୍ତ୍ୱ ଓ ସମ୍ମାନ ରହିଛି ।

ଜାନୀଙ୍କ ପରେ ବିଶି ମାଝିଙ୍କ ସ୍ଥାନ । ବିଶି ମାଝି ଗାଁର ରାଜସ୍ୱ ସଂଗ୍ରହ କରନ୍ତି । ସେ ଗ୍ରାମ କୋଷାଗାରର ପରିଚାଳକ । ଗାଁରେ ବସବାସ କରୁଥିବା ପ୍ରତି ପରିବାରରୁ ବିଶିମାଝୀ ଜମି ଓ ଜଙ୍ଗଲ ରାଜସ୍ୱ ସଂଗ୍ରହ କରିବା ସହିତ ଗ୍ରାମ ପରିଷଦର ବିଚାରରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଠାରୁ ନିର୍ଦ୍ଧାରିତ ଜୋରିମାନା ମଧ୍ୟ ଆଦାୟ କରନ୍ତି । ଜାନୀଙ୍କ ଅନୁପସ୍ଥିତିରେ ବିଶି ମାଝୀ ଗ୍ରାମ ପରିଷଦସଭାରେ ସଭାପତିତ୍ୱ କରନ୍ତି । ସେ ଜାନୀଙ୍କ ସହିତ ପରାମର୍ଶ କରି ଭୋଜିଭାତ ଓ ପର୍ବପର୍ବାଣି ପାଳନ କରିବା ନିମନ୍ତେ ଆବଶ୍ୟକୀୟ ଚାନ୍ଦା ପରିମାଣ ଠିକ୍ କରନ୍ତି । ପ୍ରତି ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସେ ଜାନୀଙ୍କୁ ସାହାଯ୍ୟ କରନ୍ତି । ଜାନୀଙ୍କ ପରି ସେ ମଧ୍ୟ ଲୋକମାନଙ୍କଠାରୁ କୌଣସି ପାରିଶ୍ରମିକ ଅଥବା ପାଉଣା ପାଆନ୍ତି ନାହିଁ ।

ବାରିକ ଗାଁ ବାର୍ତ୍ତାବହ ହିସାବରେ କାମ କରେ । ସେ ଡମ୍ବ ଗୋଷ୍ଠୀର । ଜନ୍ମ ମୃତ୍ୟୁ ଆଦି ଗୁରୁତ୍ୱପୂର୍ଣ୍ଣ ଘଟଣାର ବିବରଣୀ ସେ ଗାଁ ସାରା ପହଞ୍ଚାଏ । ସେ ଗାଁ ସଭାକୁ ମୁଖିଆ ଓ ଅନ୍ୟ ସଦସ୍ୟମାନଙ୍କୁ ଡକାଡକି କରିବା କାମ କରିଥାଏ । ଗାଁ ମୁଖିଆଙ୍କ ସୂଚନା ଓ ଆଦେଶ ଅନୁସାରେ ଗ୍ରାମବାସୀଙ୍କ ଠାରୁ ଟଙ୍କା ଓ ଶସ୍ୟଆଦି ସଂଗ୍ରହ କରେ । ଗାଁ ପ୍ରତି ସଭାରେ ତା'ର ଉପସ୍ଥିତି ଅପରିହାର୍ଯ୍ୟ ମନେହୁଏ । ବିଷମ

କଟକରେ ଜମି ଓ ଜଙ୍ଗଲ ରାଜସ୍ୱ ଦାଖଲ କରିବାକୁ ଯିବା ସମୟରେ ସେ ଲୋକମାନଙ୍କ ସହିତ ଯାଏ । ଓଡ଼ିଆ ଭାଷା ଜାଣିଥିବା ଉଚ୍ଚ ଜାତିର ବ୍ୟକ୍ତି ବାରିକ ହିସାବରେ କାମ କରେ । ସେ ଗ୍ରାମବାସୀ ଓ ବାହାରଲୋକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରେ । ଗ୍ରାମବାସୀଙ୍କ ନିମନ୍ତେ ଋଣ ଯୋଗାଡ଼ କରିଦିଏ । ପ୍ରତି ଉତ୍ପାଦର ଉପଯୁକ୍ତ ଦର ନିର୍ଦ୍ଧାରଣ କରେ । ନିର୍ଦ୍ଧାରିତ ଦର ଅନୁଯାୟୀ ଉତ୍ପାଦନର ବିକାକିଣା ହୁଏ । ସେ କନ୍ୟାସୁନାର ପରିମାଣ ଠିକ୍ କରେ । କନ୍ୟା ଝିକା ଗାଁର ଯୁବକ କେଉଁ ଝିଅକୁ ଭଲ ପାଇ ଜବରଦସ୍ତ ବିବାହ କରିବାକୁ ଚାହିଁଲେ ବାରିକ ତାଙ୍କୁ ସାହାଯ୍ୟ କରେ । ସେ ଜାନୀ ଓ ବିଶି ମାଝିଙ୍କ ସହିତ ପରାମର୍ଶ କରି ଅପରାଧ ବିଷୟରେ ପୋଲିସକୁ ଖବର ଦିଏ ।



ଫସଲ ଅମଳ ସମୟରେ ବାରିକ ଗାଁର ପ୍ରତିଘରୁ ୫କିଲୋ ମାଣ୍ଡିଆ, ରାଶି ଅଥବା କୋଶଳା ପାଏ । ଏହା ବ୍ୟତୀତ ପ୍ରତି ଘରୁ ସେ ଦୈନିକ ରନ୍ଧାଖାଦ୍ୟ ସଂଗ୍ରହ କରେ ।

ପାରଂପରିକ ଗ୍ରାମସଭା : ପ୍ରତି ପରିବାରର ମୁଖ୍ୟ ଓ ଗାଁ ମୁଖିଆଙ୍କୁ ନେଇ ଗ୍ରାମ ପରିଷଦବା ଗ୍ରାମସଭା ଗଠିତ । ଜାନୀଙ୍କ ଦ୍ୱାରା ଗ୍ରାମସଭା ବସେ । ଏ ବିଷୟରେ ବାରିକ ସମସ୍ତଙ୍କୁ ସୂଚନା ଦିଅନ୍ତି । ଗ୍ରାମସଭାରେ ସାମାଜିକ ପ୍ରଥା ଓ ସମୂହକଲ୍ୟାଣ ସଂପର୍କରେ ଆଲୋଚନା ହୁଏ । ବାରିକ ସଭାରେ ଆଲୋଚନା ହେବାକୁ ଥିବା ବିଷୟ ସଂପର୍କରେ ସୂଚନା ପ୍ରଦାନ କରେ । ଉପସ୍ଥିତ ସଦସ୍ୟମାନେ ଖୋଲାଖୋଲି ସେ ବିଷୟରେ ସଭାରେ ଆଲୋଚନା କରନ୍ତି । ଦୋଷୀକୁ ତା ନିଜ ବିଷୟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିବା ନିମନ୍ତେ ସୁଯୋଗ ଦିଆଯାଏ । ଗ୍ରାମସଭା, ବାରିକ ଅଥବା ଅନ୍ୟ କୌଣସି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଦୋଷୀ ସଂପର୍କରେ ପୁନର୍ବାର ଅନୁସନ୍ଧାନ କରିବା ନିମନ୍ତେ ନିର୍ଦ୍ଦେଶ ଜାରି କରନ୍ତି । ସମସ୍ତଙ୍କ ସହମତି କ୍ରମେ ନିଷ୍ପତ୍ତି ନିଆଯାଏ । ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ବିବାଦ, ସାମାଜିକ ନିୟମ ଭଙ୍ଗ, ମଦ୍ୟପାନ କରି ଗଣ୍ଡଗୋଳ କରିବା, ପାରିବାରିକ ସଂପତ୍ତି ଭାଗବଣ୍ଟା, ହକ୍ ଉତ୍ତରାଧିକାର ପାଇବା, ଅବୈଧ ପ୍ରେମବ୍ୟାପାର ଆଦି ଘଟଣା ସବୁର ବିଚାର କରାଯାଏ । ବିଚାରରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଜୋରିମାନା ହୁଏ । ଏହି ଜୋରିମାନା, ଅର୍ଥ ଅଥବା ଅନ୍ୟଦ୍ରବ୍ୟ (ମଦ) ମଧ୍ୟ ହୋଇପାରେ।

ସାଂପ୍ରତିକ ନେତୃତ୍ୱ ବ୍ୟବସ୍ଥାରେ ବର୍ତ୍ତମାନ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଚାଲିଛି । ଏହି ବ୍ୟବସ୍ଥାରେ ୱାର୍ଡମେମ୍ବର, ସରପଞ୍ଚ, ବ୍ଲକ ଓ ଜିଲ୍ଲା ପରିଷଦଚେୟାରମ୍ୟାନ୍ ନିର୍ବାଚିତ ହେଉଛନ୍ତି । ସେମାନେ ଲୋକମାନଙ୍କର ମୁଖପାତ୍ର ହିସାବରେ କାମ କରୁଛନ୍ତି । ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମୂହର ତଦାରଖ କରୁଛନ୍ତି । ନିର୍ବାଚିତ ପ୍ରତିନିଧିମାନେ ସାଧାରଣ ଜନତା ଓ ସରକାର ଅଥବା ଅନ୍ୟାନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରୁଛନ୍ତି ।

ଏହି ପଦବୀ ନିମନ୍ତେ ଯୋଗ୍ୟ ଲୋକମାନଙ୍କୁ ନିର୍ବାଚିତ କରାଯାଉଛି । ଆବଶ୍ୟକ ସ୍ଥଳେ ଉପଯୁକ୍ତ ନିଷ୍ପତ୍ତି ଗ୍ରହଣ କରିବା ସହିତ ସେମାନେ ଜନସାଧାରଣଙ୍କୁ ପ୍ରଭାବିତ କରୁଛନ୍ତି ।



ମୁଠା ସଙ୍ଗଠନ : ମୁଠା ଡଙ୍ଗରିଆମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ରାଜନୈତିକ ସଙ୍ଗଠନ । ଏହା ଏକ ସାମାଜିକ ତଥା ପ୍ରଶାସନିକ ଏକକ । ଗ୍ରାମପୁଞ୍ଜକୁ ନେଇ ଗୋଟିଏ ମୁଠା ଗଠିତ ହୁଏ । ମୁଠାର ମୁଖ୍ୟଙ୍କୁ ମଣ୍ଡଳ କୁହନ୍ତି । ସମଗ୍ର ଡଙ୍ଗରିଆ ଅଂଚଳ ୨୧ ଗୋଟି ମୁଠାରେ ବିଭକ୍ତ । ପୂର୍ବରୁ ପ୍ରଚଳିତ ସାମନ୍ତବାଦଜାଞ୍ଚାରେ ମୁଠା ସଙ୍ଗଠନ ଗଠିତ ।

ପରିବର୍ତ୍ତିତ ରୂପରେଖ

ଡଙ୍ଗରିଆମାନେ କୁହନ୍ତି "ଆମେ ପରଜା ଲୋଗୁଁ" (ପରଜା ଲୋକ) ଆମେ ଆମ ଡଙ୍ଗର ଚାଷରେ ଖୁସି । ବାହାର ଲୋକ (ପାଦାଦେଶିଆ)ଙ୍କୁ ଆମେ ଭଲ ପାଉନା । ସେମାନଙ୍କର ଏହି ପ୍ରକାର ଧାରଣା ଯୋଗୁଁ ସେମାନେ ବାହାର ଦୁନିଆଁ ଠାରୁ ଅଲଗା ହୋଇ ପାହାଡ଼ ପର୍ବତ ପରିବେଷ୍ଟିତ ଅଗମ୍ୟ ଅଂଚଳରେ ଜୀବନଯାପନ କରୁଛନ୍ତି । ଶହ ଶହ ବର୍ଷ ଧରି ସେମାନଙ୍କ ସଂସ୍କୃତି ଓ ସାଂସ୍କୃତିକ ପରିଚିତିକୁ ଅକ୍ଷୁଣ୍ଣ ରଖିଛନ୍ତି ।



ଉନବିଂଶ ଶତକର ଶେଷଭାଗରେ ବ୍ରିଟିଶ ରାଜତ୍ୱ କାଳରେ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହେବା ସମୟରେ କନ୍ଧ ରାଜ୍ୟ ଆଂଶିକ ବିଚ୍ଛିନ୍ନାଞ୍ଚଳ ହିସାବରେ ଘୋଷିତ ହୋଇଥିଲା ।



ଦେଶ ସ୍ୱାଧୀନ ହେବା ପରେ ଆଦିବାସୀ ଉନ୍ନୟନ ନିମନ୍ତେ ସ୍ୱତନ୍ତ୍ର ଆଇନ ପ୍ରଣୟନ ହେଲା । ଡଙ୍ଗରିଆ କନ୍ଧ ଅଂଚଳରେ ଗୋଷ୍ଠୀ ଉନ୍ନୟନ ଉପଖଣ୍ଡ ସ୍ଥାପିତ ହେବା ଉପରାନ୍ତ ୧୯୬୪ରେ ସୁଲଭ ମୂଲ୍ୟ ଦୋକାନ ଯୋଜନା ଡଙ୍ଗରିଆ କନ୍ଧମାନେ ବସବାସ କରୁଥିବା ଅଂଚଳରେ ପ୍ରଚଳନ ହେବା ଫଳରେ ଜିନିଷ ବିକାକିଣାରେ ସେମାନେ ଉପକୃତ ହେଲେ । ଗମନାଗମନ ଓ ପରିବହନ ନିମନ୍ତେ ସୁବିଧା ହେବାରୁ ଡଙ୍ଗରିଆମାନେ ବାହାର ଦୁନିଆ ସହିତ ଯୋଗାଯୋଗ କରିବାର ସୁବିଧା ପାଇଲେ ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଯେତେବେଳେ ଆଦିବାସୀ ଉପଯୋଜନା ଅଂଚଳ ନିର୍ଦ୍ଧାରିତ ହେଲା ସେତେବେଳେ ଡଙ୍ଗରିଆ କନ୍ଧମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣପୁର ଓ ରାୟଗଡ଼ାଠାରେ ପ୍ରତିଷ୍ଠିତ ହେଲା । ଏହା ବ୍ୟତୀତ ରାୟଗଡ଼ା ଜିଲ୍ଲାର ଚାଟିକୋଣା ଓ ପାରଶାଲି ଠାରେ ଦୁଇଗୋଟି ଅଣୁ ପ୍ରକଳ୍ପ ଡଙ୍ଗରିଆ କନ୍ଧ ଜନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି ।



ଯୋଜନାବଦ୍ଧ ଉନ୍ନୟନ ଓ ଆଧୁନିକତାର ପ୍ରଭାବ ସେମାନଙ୍କ ଜୀବନ ଶୈଳୀରେ ସ୍ପଷ୍ଟ ପ୍ରତିଫଳିତ । ଅନ୍ୟ ପକ୍ଷରେ ସେମାନଙ୍କର ପାରଂପରିକ ଯୁବାଆବାସସ୍ଥଳ ଏବଂ ଜାତି ସଙ୍ଗଠନ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି ।

ଡଙ୍ଗରିଆମାନେ ପରିବର୍ତ୍ତନର ଦ୍ୱାର ଦେଶରେ ଉପନୀତ ହୋଇଛନ୍ତି । ତଥାପି ଡଙ୍ଗରିଆମାନେ ସେମାନଙ୍କ ପ୍ରାଚୀନ ପ୍ରଥା, ପରଂପରା, ବିଶ୍ୱାସ ଓ ମୂଲ୍ୟବୋଧକୁ ନେଇ ତିଷ୍ଠି ରହିଛନ୍ତି ।

ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଗ୍ଭଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

ସଦସ୍ୟ ସଚିବ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଡିଡାୟୀ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ଅଗ୍ରଲେଖ


ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)

କମିଶନର ତଥା ଶାସନ ସଚିବ

ଡିଡାୟୀ




ମୂଳ ଇଂରାଜୀ :
ପ୍ରଫେସର (ଡଃ) କୃଷ୍ଣ କୁମାର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓଡା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ଉପକ୍ରମ



ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ ଡିଡ଼ାୟୀ ଅନ୍ୟତମ । ଡିଡ଼ାୟୀମାନଙ୍କ ଜୀବନ ଧାରଣର ଶୈଳୀ ଅତ୍ୟନ୍ତ ସରଳ ଏବଂ ଏମାନେ ସଂଖ୍ୟାନ୍ୟୁନ ଗୋଷ୍ଠୀ। ଭାରତ ସରକାରଙ୍କର ବ୍ୟବସ୍ଥାପନା ଅନୁସାରେ ଏମାନେ ଆଦିମ ଜନଜାତି ଶ୍ରେଣୀ ଅନ୍ତଭୁକ୍ତ । କେଉଁ ପ୍ରାଚୀନ କାଳରୁ ଏମାନେ ଦକ୍ଷିଣ ଓଡ଼ିଶାର ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଦୁର୍ଗମ ଅଞ୍ଚଳରେ ବସବାସ କରି ଆସୁଛନ୍ତି । ବିଷମ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଏମାନେ ବସବାସ କରୁଥିବାରୁ ଏମାନଙ୍କ ସଂସ୍କୃତି ଅନେକ ପ୍ରତିକୂଳ ବ୍ୟବସ୍ଥା ଦେଇ ଗତି କରିଆସିଛି ।

ଡିଡ଼ାୟୀମାନେ ପ୍ରୋଟୋ - ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ । ଏମାନଙ୍କର ଭାଷା ଅଷ୍ଟ୍ରୋ - ଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ଦକ୍ଷିଣ ମୁଣ୍ଡା ଶ୍ରେଣୀର୍ଭୁକ୍ତ । ଓଡ଼ିଶା ବ୍ୟତୀତ ଭାରତ ବର୍ଷର ଅନ୍ୟ କେଉଁ ରାଜ୍ୟରେ ଡିଡ଼ାୟୀମାନଙ୍କୁ ଦେଖିବାକୁ ମିଳେ ନାହିଁ ।




ସେମାନଙ୍କର ମୁଖ୍ୟ ବାସସ୍ଥଳୀ ଦକ୍ଷିଣ ଓଡ଼ିଶା । ପୂର୍ବଘାଟ ପର୍ବତମାଳା ସହ ଡିଡ଼ାୟୀର ଜୀବନ ଜଡ଼ିତ । ପାହାଡ଼, ପର୍ବତ ଓ ବଣ୍ୟ ଝରଣାର ସୁରମ୍ୟ ପ୍ରକୃତି ଭିତରେ ଡିଡାୟୀର ସଂଗ୍ରାମଶୀଳ ଜୀବନ ଯେତିକି ଶାନ୍ତ- ସରଳ ସେତିକି ଉଗ୍ର - ମଧୁର । ତା'ର ଅମାୟିକ - ନିଷ୍କପଟ - ନିରାଡମ୍ବର ଜୀବନ ଅନ୍ୟମାନଙ୍କ ଅନୁକରଣୀୟ । ଏମାନେ ନିଜକୁ "ଗ୍ତାରେ" ନାମରେ ପରିଚିତ ହୋଇଥାନ୍ତି ।



ପରିଚିତି

ପ୍ରସିଦ୍ଧ ସମାଜ ବିଜ୍ଞାନୀ ଏଲୱିନ (Elwin - ୧୯୫୪) ଙ୍କ ମତରେ ଡିଡାୟୀମାନେ ବଣୁଆ ଜନଜାତି । ୧୯୬୧ ର ଜନଗଣନା ରିପୋର୍ଟରେ ଡିଡାୟୀମାନଙ୍କୁ ଏକ କ୍ଷୁଦ୍ର ଜନଜାତି ଗୋଷ୍ଠୀଭାବରେ ଗଣନା କରାଯାଇଛି । ହେମେନ୍‌ଡର୍ଫ Haimendorf (୧୯୪୫) ଙ୍କ ମତରେ ଡିଡାୟୀମାନେ ଆଦିମ, ଅର୍ଦ୍ଧସଭ୍ୟ ଓ ପୋଡୁ ଚାଷୀ । ଅନ୍ୟାନ୍ୟ ଜନଜାତି ମାନଙ୍କ ସଂଖ୍ୟା ତୁଳନାରେ ଓଡ଼ିଶାରେ ଡିଡ଼ାୟୀ ଗୋଷ୍ଠୀର ସଂଖ୍ୟା ବହୁତ କମ୍ । ଆର୍ଥିକ ଦୃଷ୍ଟିରୁ ଏମାନେ ଦୁର୍ବଳ । ଖୁବ୍ କମ୍ ପର୍ବ ପର୍ବାଣି ଭିତରେ ଡିଡ଼ାୟୀର ସାମଜିକ ଜୀବନ ସୀମିତ । ସଂରଚନା ଓ ସରଳ ସଂସ୍କୃତି ଦୃଷ୍ଟିରୁ ସ୍ୱଗୋଷ୍ଠୀ କେନ୍ଦ୍ରିକ ।

ଡିଡ଼ାୟୀ ମାନଙ୍କ ଚାଲି ଚଳଣୀ ଭାଷା ପୋଷାକ ଖାଦ୍ୟ ରୁଚି ସବୁଥିରେ ଏକ ନିଆରା ପଣ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ । ମୋଟ ଉପରେ କହିବାକୁ ଗଲେ ଡିଡ଼ାୟୀ ନିଜେହିଁ ନିଜର ପରିଚୟ । ଡିଡ଼ାୟୀ ଆଉ କାହା ପରି ନୁହେଁ । ଆଉ କେହି ଡିଡ଼ାୟୀ ପରି ନୁହଁନ୍ତି । ଡିଡ଼ାୟୀର ଧର୍ମ; ସଂସ୍କୃତି; ପରଂପରା ସବୁଥିରେ ବାରି ହୋଇପଡେ ଏକ ଅଲଗା ଛାପ ।







ପରିପାର୍ଶ୍ୱ



ରମଣୀୟ ପ୍ରାକୃତିକ ପରିବେଶ ଭିତରେ ଡିଡ଼ାୟୀର ଜୀବନ ଗତିଶୀଳ । ଓଡ଼ିଶାର ମାଳକାନଗିରି ଜିଲ୍ଲାରେ ସଂଖ୍ୟାଧିକ ଡିଡ଼ାୟୀ ଜନଜାତି ଦେଖାଯାଆନ୍ତି । ପୂର୍ବଘାଟ ପର୍ବତମାଳାର ପଶ୍ଚିମ ଅଂଶ କଣ୍ଡାକାମ୍ବେରୁ ଡିଡ଼ାୟୀ ମାନଙ୍କ ବାସସ୍ଥଳୀ । ମାଛକୁଣ୍ଡ ନଦୀବନ୍ଧ ଯୋଜନା ନିକଟବର୍ତ୍ତୀ ଶାଳ, ପିଆଶାଳ ଓ ଶାଗୁଆନ ଆଦି ଜଙ୍ଗଲ ବୃକ୍ଷ ସହିତ ବିଭିନ୍ନ ଜାତିର ବାଉଁଶ ଓ ବଣୁଆ ଘାସ ଏହି ପର୍ବତ ଉପତ୍ୟକାରେ ପରିପୂର୍ଣ୍ଣ । ବାୟୁମଣ୍ଡଳ ଉଷ୍ମ ଓ ଆର୍ଦ୍ର । ବାଘ, ଭାଲୁ, ଚିତା, ହରିଣ, ସମ୍ବର ଓ ବିଭିନ୍ନ ପ୍ରକାର ମାଙ୍କଡ ଏଠାରେ ଦେଖାଯାଆନ୍ତି । ବନ୍ଧୁର ଶିଳାଖଣ୍ଡ ପରିବ୍ୟାପ୍ତ ଉଚ୍ଚଗଡାଣି ସହିତ; ପାର୍ବତ୍ୟ ଝରଣା ଓ ନଦୀ ଉପତ୍ୟକା ଯୋଗୁ ଡିଡ଼ାୟୀମାନେ ବାସ କରୁଥିବା ଅଂଚଳକୁ ସହଜରେ ଯାଇହୁଏ ନାହିଁ । ସାଧାରଣ ଜନବସତି ଠାରୁ



ଡିଡ଼ାୟୀର ବସତି ଅଂଚଳ ଦୂର ଓ ଅଗମ୍ୟ । ସ୍ଥଳ ବିଶେଷରେ କେତେକ ଡିଡ଼ାୟୀ ଗ୍ରାମ ସମୁଦ୍ର ପତ୍ତନ ଠାରୁ ୨୦୦୦ - ୩୫୦୦ ଫୁଟ ଉଚ୍ଚରେ ଅବସ୍ଥିତ । ସମତଳ ଅଂଚଳ ତୁଳନାରେ ପର୍ବତ ଉପରେ କମ୍ ଡିଡ଼ାୟୀ ବାସ କରନ୍ତି ।


ମାଲକାଗିରିର ବାୟାପଡା ଏକ ଡିଡାୟୀ ଗାଁ । ଏହି ଗାଁ ଟି ୩୫୦୦ ଫୁଟ ପାହାଡ ଉପରେ ଅବସ୍ଥିତ । ପାହାଡ ପାଦଦେଶରେ ବସବାସ କରୁଥିବା ଡିଡାୟୀ ଜନଜାତିମାନେ ଏବେ ସାଧାରଣ କୃଷି କରୁଛନ୍ତି । ପାହାଡ, ସମତଳ ଓ ଜଳ ବିଭାଜିତ ଅଂଚଳରେ ଡିଡାୟୀ ଜନବସତି ଗଢି ଉଠିଛି । ଡିଡ଼ାୟୀର ବସତି ପରିବେଶ ଭୌଗୋଳିକ ଦୃଷ୍ଟି କୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଠି ମଣିଷର ଭୌତିକ ଜୀବନ ଓ ଭୌତିକ ସଂସ୍କୃତି ଭିତରେ ସମନ୍ୱୟ ଦେଖିବାକୁ ମିଳେ ।

ବଣ୍ଡା, ଗଦବା ଓ ପରଜା ପ୍ରଭୃତି ଜନଜାତି ମାନଙ୍କ ସହିତ ଡିଡାୟୀ ମିଳିମିଶି ଚଳେ । ଡିଡ଼ାୟୀ ମଧ୍ୟ ଅନୁସୂଚିତ ଜାତି ଓ ଅନ୍ୟାନ୍ୟ ବର୍ଗର ସଂସ୍ପର୍ଶରେ ଆସେ । ନିଜ ପଡୋଶୀ ମାନଙ୍କ ସହିତ ଡିଡ଼ାୟୀର ସଂପର୍କ ଓ ବୁଝାମଣା ଉତ୍ତମ । ଡିଡ଼ାୟୀ ଜନଜାତିମାନେ ହଠାତ୍ ନିଜ ସଂସ୍କୃତି ଠାରୁ ଦୂରେଇ ଯାଆନ୍ତି ନାହିଁ । ନିଜ ସଂସ୍କୃତିକୁ ନିବିଡ ଭାବରେ ଭଲ ପାଉଥିବା ଡିଡାୟୀ, ବଦଳୁଥିବା ସମୟ ସହ ତାଳ ଦେଇ କ୍ରମଶଃ ନିଜେ ବଦଳୁଛି । ଏହା ଫଳରେ ଡିଡ଼ାୟୀର ସମାଜ ଓ ସଂସ୍କୃତି ମଧ୍ୟ ନୂଆରୂପ ନେଉଛି । ମୁଖ୍ୟ ସାମାଜିକ ସ୍ରୋତରେ ନିଜକୁ ମିଶାଇବା ପାଇଁ ଡିଡ଼ାୟୀ ଆଶା କରୁଛି । ଡିଡାୟୀର ଆଶା ଓ ଆକାଙ୍କ୍ଷା ଭିତରେ ପ୍ରାଚୀନ ଓ ନବୀନ ସଂସ୍କୃତିର ସୁସମନ୍ୱୟ ସଂଗଠିତ ହେବାରେ ଲାଗିଛି ।






ବସତି ଓ ଗୃହ



ଡିଡାୟୀର ବସତି ପରିବେଶ ଅନୁକୂଳ । ପାହାଡ ଅଂଚଳରେ ବାସ କରୁଥିବା ଡିଡାୟୀମାନଙ୍କ ଘର ସମତଳରେ ବାସ କରୁଥିବା ଘର ଠାରୁ ଭିନ୍ନ । ପୁନଶ୍ଚ ଜଳ ବିଭାଜିତ ଅଂଚଳର ଘର ଆଉଟିକେ ନିଆରା । ବାସଗୃହ ନିର୍ମାଣ ଶୈଳୀରେ ସେମିତି କିଛି ଧରାବନ୍ଧା ନିୟମ ନାହିଁ । ନିଜ ଚଳିବା ସୁବିଧା ମୁତାବକ ଏଠି ସେଠି ଯିଏ ଯେଉଁଠି ଘର କଲା ସେଥିରେ କିଛି ବାରଣ ନାହିଁ । ଏହି କାରଣରୁ ଡିଡାୟୀର ଘର ଧାଡ଼ିକିଆ ନହୋଇ ବିକ୍ଷିପ୍ତ ହୋଇଥାଏ ।


ସାଧାରଣତଃ ଡିଡାୟୀ ଘର ତଳ, ଭୂମିଠାରୁ ଫୁଟେ ଦୁଇଫୁଟ ଉଚ୍ଚ । ମାଟିର ମୂଳଦୁଆ ପ୍ରାୟ ୧୩.୫ ଫୁଟ ଲମ୍ବ ଓ ୧୦.୫ ଫୁଟ ଓସାର । ମୋଟା ମୋଟି ଭାବରେ ବାସସ୍ଥାନର ଆକାର ଆୟତକ୍ଷେତ୍ର ପରି । ଘରର ବାହାର ପଟ କାନ୍ଥ ମାଟି କାଦୁଅରେ ତିଆରି । ଘର ମଝିରେ ମୋଟା ଖୁଣ୍ଟରୁ ଚାରିଆଡକୁ ଶେଣୀ । କାଠ ଶେଣୀରୁ ବାଉଁଶର ଲମ୍ବ ରୁଅ । ଉପର ଚାଳ ଛପର । ପ୍ରାୟତଃ ଏକ ବଖୁରିଆ ଘର । ଘରଟି ଦୁଇ ଭାଗରେ ବିଭକ୍ତ । ଗୋଟିଏ ଭାଗରେ ସ୍ୱାମୀ ସ୍ତ୍ରୀଙ୍କ ବାସ ଘର । ଅନ୍ୟଭାଗଟି ଭଣ୍ଡାର ଓ ରୋଷେଇ ଘର ଭାବରେ ବ୍ୟବହୃତ । ଘରର ସମ୍ମୁଖ ଭାଗରେ ଲମ୍ବ ବାରଣ୍ଡା । ସେଇ ବାରଣ୍ଡାରେ ଅବିବାହିତ ପୁତ୍ର କନ୍ୟାମାନେ







ଶୁଆ ବସା କରନ୍ତି । ଘର ମଧ୍ୟକୁ ପ୍ରବେଶ ଓ ପ୍ରସ୍ଥାନ ପଥ ଗୋଟିଏ । ବାରଣ୍ଡାକୁ ବହୁ ରୂପରେ ବ୍ୟବହାର କରାଯାଏ । ଏଇଠି ପିଲାମାନେ ଖେଳିବା ପାଇଁ ଦୋଳିଥାଏ । ବଟାବଟି ପାଇଁ କାଠ ଘୋରଣା । ଘର ଭିତରେ ରହେ ଘରକରଣା ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ । ରୋଷେଇ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ।

ଘରର ଚଟାଣ ଓ କାନ୍ଥ ଥରକୁଥର ଗୋବର ଓ ନାଲି ମାଟିରେ ଲିପା ପୋଛା ହୁଏ । ଘର ବାହାରେ ଗୋରୁଗାଈ, ଛେଳି, ଘୁଷୁରି ମାନଙ୍କ ପାଇଁ ଅଲଗା ଘର । ମାତ୍ର ଅଗଣା ଗୋଟିଏ । ଏକ ପ୍ରକାର ଜଙ୍ଗଲୀ ଘାସ ଦ୍ୱାରା ଘରକୁ















ଛପର କରାଯାଏ । ଘରଟିଏ କରିବା ପୂର୍ବରୁ, ଘର ତୋଳା ସମୟରେ ଓ ଘର ସଂପୂର୍ଣ୍ଣ ହେବା ପରେ ପୂଜା କରିବାର ବିଧି ରହିଛି ।

ଡିଡ଼ାୟୀମାନଙ୍କ ପ୍ରାଚୀନ ଗୃହନିର୍ମାଣ କଳା ଓ ଶୈଳୀରେ ପରିବର୍ତ୍ତନ ଆସିଲାଣି । ସରକାରୀ ଇନ୍ଦିରା ଆବାସ ଯୋଜନାରେ ଇଟା, ସିମେଣ୍ଟ, ଗୋଡି ଆଦିର ବ୍ୟବହାରରେ ଛାତଘର ତିଆରି ହେଲାଣି















ଡିଡାୟୀ ଜନ ସଂଖ୍ୟା ସାରଣୀ

ଜନଗଣନା ବର୍ଷ	ମୋଟ	ପୁରୁଷ	ମହିଳା	ଲିଂଗ ଅନୁପାତ
୧୯୪୧	୧୬୬୧			
୧୯୫୧	ଘ.ଇ.			
୧୯୬୧	୧୯୭୮	୯୬୨	୧୦୧୬	୧୦୫୬
୧୯୭୧	୨୧୬୪	୧୧୩୧	୧୦୩୩	୯୧୩
୧୯୮୧	୧୯୭୮	୯୬୮	୧୦୧୦	୧୦୪୩
୧୯୯୧	୫୪୭୧	୨୬୯୪	୨୭୭୭	୧୦୩୧
୨୦୦୧	୭୩୭୧	୩୫୧୬	୩୮୫୫	୧୦୯୬
୨୦୦୭*	୬୫୪୫	୩୦୬୪	୩୪୮୧	୧୧୩୬

(* ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସର୍ଭେ ରିପୋର୍ଟ)


୨୦୦୭ ମସିହାରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଣୁ ଯୋଜନା ଅଂଚଳରେ କରିଥିବା ଜନ ଗଣନା ଭିତ୍ତିରେ ଡିଡାୟୀ ସାକ୍ଷରତା ହାର - ୭.୩୬ ରହିଛି । ତନ୍ମଧ୍ୟରୁ ପୁରୁଷ ୧୨.୩୪ ଥିବାବେଳେ ମହିଳା ହାର ୨.୯୯ ଦର୍ଶାଯାଇଛି । ସେ ଯାହହେଉ ଡିଡାୟୀ ସାକ୍ଷରତା ହାର ଖୁବ୍ ନ୍ୟୂନ ଏବଂ ମହିଳା ସାକ୍ଷରତା ହାର ଆହୁରି ଉଦ୍‌ବେଗ ଜନକ ଭାବରେ କମ୍ । ପ୍ରାୟତଃ ଡିଡାୟୀ ଗ୍ରାମ ଗୁଡିକରେ କେବଳ ଡିଡାୟୀ ବସତି ଦେଖାଯାଏ । ଅବଶ୍ୟ କେତେକ ଗ୍ରାମରେ ବହୁ ଗୋଷ୍ଠୀ ଯଥା - ଡମ, କମାରଙ୍କର ବସତି ଲକ୍ଷ୍ୟ କରାଯାଏ ।

ଡିଡ଼ାୟୀ ସାକ୍ଷରତା ସାରଣୀ

୧୯୬୧ ରୁ ୨୦୦୧ ମଧ୍ୟରେ ଡିଡାୟୀ ସମାଜର ସାକ୍ଷରତା ହାର

୧୯୬୧ ରେ ନିରକ୍ଷରତା ହାର ଥିଲା ୯୭.୨୭ । ତନ୍ମଧ୍ୟରୁ ପୁରୁଷ : ୯୫.୨୨ ମହିଳା : ୯୯.୨୧

୨୦୦୧ ରେ ଏହି ନିକ୍ଷରତା ହାର ୮୬.୩୮ ହେଲା ତନ୍ମଧ୍ୟରୁ ପୁରୁଷ : ୭୯.୬୭ ମହିଳା :୯୪.୦୭




ସାମାଜିକ ଜୀବନ

ଡିଡାୟୀ ମାନଙ୍କର ସାମାଜିକ ସଙ୍ଗଠନ ରହିଛି । ପରିବର୍ତ୍ତିତ ଜୀବନଶୈଳୀରୁ ସେମାନଙ୍କର ଇତିହାସ ସମ୍ବନ୍ଧରେ ସମ୍ୟକ୍ ସୂଚନା ମିଳେ । ସେମାନଙ୍କ ଭିତରେ ଦୁଇ ଗୋଷ୍ଠୀ ଦେଖାଯାଏ । ଗୋଟିଏ ରକ୍ତ ସଂପର୍କୀୟ ଜ୍ଞାତି କୁଟୁମ୍ବ ଗୋଷ୍ଠୀ ଓ ଅପରଟି ମାତୁଳ ବଂଶୀୟ ବନ୍ଧୁଗୋଷ୍ଠୀ । ସବୁ ବଂଶର ଗୋତ୍ର ଥାଏ । ପ୍ରତିଗୋତ୍ରରେ କେତେ ଗୁଡିଏ ବଂଶ ରହିଥାଏ । ଭାରତୀୟ ନୃ-ତାତ୍ତ୍ୱିକ ସର୍ବେକ୍ଷଣ (୧୯୭୦) ସଂସ୍ଥାର ରିପୋର୍ଟ ଆଧାରରେ ଡିଡାୟୀ ମାନଙ୍କର ୫ ପ୍ରକାର ଗୋତ୍ର ରହିଛି । ସେଗୁଡିକ ହେଲା - Nkoo (ନ୍‌କୋ) ବାଘ, ଗବକ୍ଷବ (ମାଲା) ସାପ, ଏଭର (ଗ୍‌ବେ) ଭାଲୁ, Mosali (ମୋସାଲି) କୁମ୍ଭୀର ଓ ଏବସ (ଗଇ) କଇଁଛ । ଗୋଟିଏ ବଂଶର ଗୋଷ୍ଠୀକୁ ସେମାନେ Gta (ଗ୍‌ତା) କହନ୍ତି । ଗୋଟିଏ ଗ୍‌ତାର ସ୍ୱତନ୍ତ୍ର ଗୋତ୍ର ଥାଏ । ଗୋତ୍ର, ବୃକ୍ଷ ବା ଅନ୍ୟ କୌଣସି ବସ୍ତୁ ନ ହୋଇ ଜୀବଭିତ୍ତିକ ହୋଇଥାଏ । ନିଜ ଗୋତ୍ରର ଜୀବକୁ ସେମାନେ ମାରନ୍ତି ନାହିଁ ଅଥବା କୌଣସି କ୍ଷତି ସାଧନ କରନ୍ତି ନାହିଁ । ପ୍ରତି ଗୋତ୍ରର ସ୍ୱତନ୍ତ୍ର ସ୍ଥିତି ରହିଥିଲେ ମଧ୍ୟ ବଂଶାନୁକ୍ରମ ପୂର୍ବ ପୁରୁଷ ମାନଙ୍କର ସଠିକ ଆକଳନ ଏବେ ଏକ ଦୁରୂହ ବ୍ୟାପାର । ସେମାନେ ନିଜ ଗୋଷ୍ଠି ବାହାରେ ବିବାହ କରନ୍ତି । ପିତୃବଂଶ ମଧ୍ୟରେ ଅନ୍ତଃବିବାହ ସଂପର୍କର ପ୍ରଚଳନ ଡିଡାୟୀ ସମାଜରେ ନାହିଁ । ଦୁଇ ବା ତତୋଧିକ ବଂଶ ମଧ୍ୟରେ ଉତ୍ତମ ସଂପର୍କ ରହିଥାଏ । ବୈବାହିକ ସଂପର୍କ ବ୍ୟତୀତ ପିଲାଜନ୍ମ, ଝିଅ ଘର ଯୋଗ୍ୟ ହେବା, ମୃତ୍ୟୁବିଧି ପାଳନ କରିବା ଆଦି ସାମାଜିକ କ୍ରିୟାକର୍ମଗୁଡିକରେ ବଂଶର ସଦସ୍ୟମାନେ ଅଂଶଗ୍ରହଣ କରିଥାନ୍ତି । ଡିଡାୟୀ ମାନଙ୍କର ପରିବାର ଛୋଟ । ବୟୋଜ୍ୟେଷ୍ଠ ପୁରୁଷ ସଦସ୍ୟ ପରିବାରର ମୁଖ୍ୟ ହୋଇଥାନ୍ତି । ସେ ସମସ୍ତ ପ୍ରକାର ନିଷ୍ପତ୍ତି ନିଅନ୍ତି । ବିବାହ ପରେ ପୁଅ ତା'ର ସ୍ତ୍ରୀ ସହିତ ଅଲଗା ଘର ତିଆରି କରି ରୁହେ । ସେମାନେ ସାଧାରଣତଃ ଏକ ପତ୍ନୀ ଗ୍ରହଣ କରନ୍ତି । ସ୍ଥଳବିଶେଷରେ କେହି କେହି ବହୁପତ୍ନୀ ଗ୍ରହଣ କରିଥିବାର ଦେଖାଯାଏ । ବାପା,ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ଗଠିତ କ୍ଷୁଦ୍ର ପରିବାର ସମୂହ ପାହାଡି ଇଲାକାରେ ବସବାସ କଲାବେଳେ, ବଡ ପରିବାର ଗୁଡିକ ଅପେକ୍ଷାକୃତ ସମତଳ ଅଂଚଳରେ ବସବାସ କରୁଥିବାର ଦେଖାଯାଏ । ସମସ୍ତେ ସାମାଜିକ ଓ ଅର୍ଥନୈତିକ ଅଧିକାର ଉପଭୋଗ କରନ୍ତି । ଶାନ୍ତିପ୍ରିୟ ଡିଡ଼ାୟୀମାନେ ନିଜ ନିଜ ଭିତରେ ଉତ୍ତମ ସଂପର୍କ ଓ ବୁଝାମଣା ରଖିଥାନ୍ତି । ପ୍ରସ୍ତାବ ବିବାହ, ଉଦୁଲିଆ ବିବାହ ଓ ଗେରିଆ ବିବାହ ପ୍ରଥା ସେମାନଙ୍କ ମଧ୍ୟରେ ପ୍ରଚଳିତ । ସେମାନଙ୍କ ମଧ୍ୟରେ ବିଧବା ବିବାହ ପ୍ରଥା ରହିଛି । ସାମାଜିକ ଉତ୍ତରାଧିକାର ସ୍ଥଳେ ଜ୍ଞାତି କୁଟୁମ୍ବ ବିଚାରକୁ ଗୁରୁତ୍ୱ ଦିଆଯାଏ ।



ଆଭୂଷଣ

ବର୍ତ୍ତମାନ କାଳରେ ଡିଡାୟୀମାନଙ୍କ ପରିଧାନ ରୁଚି ବଦଳିଲାଣି । ସପ୍ତାହିକ ହାଟରୁ ସୂତା ଲୁଗା, ଜାମା ପଟା, ପୋଷାକ ପତ୍ର ଆଦି କିଣି ଉଭୟ ପୁରୁଷ ଓ ମହିଳା ମାନେ ବ୍ୟବହାର କରୁଛନ୍ତି । ଡିଡାୟୀ ମହିଳାମାନେ ମୁଖ୍ୟତଃ ଧଳା ଓ ନାଲି ରଂଗର ଶାଢ଼ୀ ସହିତ ବ୍ଲାଉଜ ପିନ୍ଧନ୍ତି । ପୁରୁଷମାନେ ଟ୍ରାଉଜର, ହାପ୍ ସାର୍ଟ, ଫୁଲସାର୍ଟ, ଗଞ୍ଜି ଆଦି ପିନ୍ଧୁଛନ୍ତି । ପର୍ବପର୍ବାଣି ବେଳେ ପୁରୁଷ ମାନେ ଧୋତି ପିନ୍ଧନ୍ତି । ଉଭୟେ ପୁରୁଷ ଓ ମହିଳା ପର୍ବପର୍ବାଣି ଗୁଡିକରେ ରଙ୍ଗିନ୍ ପୋଷାକ ପତ୍ର ପିନ୍ଧିବାକୁ ଅଧିକ ପସନ୍ଦ କରିଥାନ୍ତି ।



ଡିଡାୟୀ ମହିଳାମାନେ ବେକରେ ଆଲୁମିନିୟମ୍, ପିତଳ ଓ ରୂପାର ହାର ପିନ୍ଧନ୍ତି । ତାର ସାହାଯ୍ୟରେ ତହିଁରେ ରଙ୍ଗିନ୍ ପଦକ ମାନ ଶୋଭା ପାଉଥାଏ । ଏହା ବ୍ୟତୀତ ସେମାନେ ଆଲୁମିନିୟମ ବଳା, ପିତଳ କାନଫୁଲ, ନାକଫୁଲ; ମଧ ପିନ୍ଧନ୍ତି । ହାତରେ ରୂପା ତିଆରି ଚୁଡି ବ୍ୟବହାର କରନ୍ତି ।

ପୋଷାକ ପତ୍ର ପିନ୍ଧି ଓ ଅଳଂକାରରେ ସଜେଇ ହୋଇ ନିଜକୁ ସୁନ୍ଦର ଭାବରେ ଉପସ୍ଥାପନ କରିବାରେ ଡିଡାୟୀ ରମଣୀ ବେଶ୍ ଯତ୍ନଶୀଳା । ପରିଷ୍କାର ପରିଚ୍ଛନ୍ନତା ପ୍ରତି ସେମାନେ ସୁବେଳେ ଧ୍ୟାନ ଦିଅନ୍ତି । ମୁଣ୍ଡକୁ ସୁନ୍ଦର ଭାବରେ କୁଣ୍ଡାଇ ଆକର୍ଷଣୀୟ କୁଡା ପାରନ୍ତି ।


ପୁରୁଷମାନେ ଦାଢୀ ଖିଅର ହୁଅନ୍ତି । ବାଳ ବଢିଗଲେ ବାଳ କାଟନ୍ତି । ନିଜକୁ ସଜେଇବା ପାଇଁ ପର୍ବପର୍ବାଣିରେ ରଙ୍ଗିନ୍ ଫୁଲ ଓ ପର ବ୍ୟବହାର କରନ୍ତି ।



ଅର୍ଥନୀତି ଓ ଜ୍ଞାନ କୌଶଳ

ଘଞ୍ଚ ପାହାଡ ପର୍ବତ ଭିତରେ ବାସ କରୁଥିବାରୁ ଡିଡ଼ାୟୀ ମାନେ ଚାଷ କରିବା ପାଇଁ ବହୁତ କମ୍ ଚାଷୋପଯୋଗୀ ଜମି ପାଆନ୍ତି । ବୟସ ଓ ଲିଙ୍ଗ ଭେଦରେ କିଏ କେଉଁ କାମ କରିବ ତାହା ଠିକ୍ କରାଯାଏ । ଦାରିଦ୍ର୍ୟ, ନିରକ୍ଷରତା ଓ କାମଧନ୍ଦା ନ ପାଇବା କାରଣରୁ ସୁସ୍ଥ ନିରାମୟ ଜୀବନଯାପନ କରିବା କଠିନ ହୋଇପଡ଼େ । ସାମାଜିକ ବିଶ୍ୱାସ ଓ ଚିରାଚରିତ ପୁରୁଣା ଅଭ୍ୟାସରୁ ଡିଡାୟୀମାନେ ଅଦ୍ୟାବଧି ମୁକ୍ତ ହୋଇ ପାରିନାହାଁନ୍ତି ।

ଶିକାର, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ, ପୋଡୁଚାଷ, ସାଧରଣ ଚାଷ, ପଶୁପାଳନ, ଫଳ ଚାରା ରୋପଣ, ବାଡ଼ି ବଗିଚା ଆଦି କାମ ଧନ୍ଦା କରି ଡିଡାୟୀମାନେ ଦୁଇ ପଇସା ରୋଜଗାର କରନ୍ତି । ନିଜର ବାସଗୃହ ତିଆରି କରିବାପାଇଁ ଜଙ୍ଗଲରୁ ଆବଶ୍ୟକ କାଠ ଓ ଅନ୍ୟାନ୍ୟ ଉପକରଣମାନ ସଂଗ୍ରହ କରନ୍ତି । ଏହା ବ୍ୟତୀତ ସେମାନେ ଜଙ୍ଗଲରୁ ନିଜେ ଚଳିବା ପାଇଁ ପତ୍ର, ଫୁଲ, ଫଳ, ମୂଳ, ଛତୁ, ମହୁ ଆଦି ସଂଗ୍ରହ କରନ୍ତି । ଧନୁ ତୀର ସାହାଯ୍ୟରେ ହରିଣ, ସମ୍ବର, ଠକୁଆ, ଗୁଣ୍ଡୁଚି ମୂଷା, ବଣ ବିରାଡି, ଘୁଷୁରି, ବିଭିନ୍ନ ପକ୍ଷୀ ଆଦି ଶିକାର କରନ୍ତି । ସରକାରୀ କଟକଣା କାରଣରୁ ବର୍ତ୍ତମାନ ଆଉ ଶିକାର କରି ହେଉନାହିଁ । ଡିଡାୟୀମାନେ ମଧ୍ୟ ବସବାସ କରୁଥିବା ଅଂଚଳରେ ପ୍ରବାହିତ ଚିରସ୍ରୋତା ନଦୀ ଓ ଝରଣାରୁ ମାଛ ଧରନ୍ତି । ଏବେ ବାଲିମେଳା ଜଳ ଭଣ୍ଡାରରୁ ମାଛ ଧରି ବେଶ୍ ଉପକୃତ ହେଉଛନ୍ତି । ମାଛ ଧରିବା ପାଇଁ ସେମାନେ ଦେଶୀ ଡଙ୍ଗା, ହାତ ତିଆରି ଜାଲ ଓ ବିଭିନ୍ନ ପ୍ରକାର ହାତ ତିଆରି ମାଛଧରା ଯନ୍ତ୍ର ବ୍ୟବହାର କରୁଛନ୍ତି ।



ଗଡ଼ାଣିଆ ପାହାଡରେ ଡିଡାୟୀମାନେ ପୋଡୁଚାଷ କରନ୍ତି । ଏହାକୁ ସେମାନେ 'ବ୍ରି' କୁହନ୍ତି । ପୋଡୁଚାଷ ଦ୍ୱାରା ମୃତ୍ତିକା କ୍ଷୟ ହୁଏ ଓ ଉର୍ବରତା ହ୍ରାସ ପାଏ । ପରିବେଶର ସନ୍ତୁଳନ ବାଧା ପ୍ରାପ୍ତ ହୁଏ । ଠିକ୍ ସମୟରେ ବର୍ଷା ହୁଏ ନାହିଁ । ଏତେ ସବୁ ସତ୍ତ୍ୱେ ଡିଡାୟୀମାନେ ପୋଡୁଚାଷରୁ ଅଦ୍ୟାବଧି ବିରତ ହୋଇ ନାହାଁନ୍ତି । ଏହାର ମୁଖ୍ୟ କରଣ ହେଉଛି ସେମାନଙ୍କ ନିମନ୍ତେ ଜୀବନ ଧାରଣର ଅନ୍ୟ ବିକଳ୍ପ ନାହିଁ ।

ପାହାଡ ଗଡାଣିରେ ପୋଡୁଚାଷ କରି ଜୀବନ ଜୀବିକା ନିର୍ବାହ କରିବା ଏବେ ମଧ୍ୟ ଡିଡ଼ାୟୀମାନଙ୍କ ଜୀବନର ଏକ ବିଶେଷ ଅଙ୍ଗ ହୋଇ ରହିଛି । ଗୋଟିଏ ନିର୍ଦ୍ଦିଷ୍ଟ ଜମିକୁ








ସେମାନେ ଏକାଦିକ୍ରମେ ୩ ବା ୪ ବର୍ଷ ଧରି ଚାଷ କରନ୍ତି । ଜମିର ଉର୍ବରତା ହ୍ରାସ ପାଇଲେ ଚାଷକାର୍ଯ୍ୟ ବନ୍ଦ କରନ୍ତି । ୧୨ ବା ୧୫ ବର୍ଷପରେ ଜମି କ୍ରମଶଃ ଉର୍ବର ହୋଇ ଆସିଲେ ସେହି ଜମିରେ ପୁନଶ୍ଚ ଚାଷ କରାଯାଏ । ଗ୍ରାମ ସୀମାକୁ ଲାଗିଥିବା ପାହାଡ ପୋଡୁଚାଷ କରିବା ପାଇଁ ଉପଯୁକ୍ତ କ୍ଷେତ୍ର । ପୋଡୁଚାଷର କେତେକ ପର୍ଯ୍ୟାୟ ରହିଛି । ସେଗୁଡିକ ହେଲା -

(୧) ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ୍ର ଚୟନ (୨) ଚାଷ ନିମନ୍ତେ ନିର୍ବାଚିତ କ୍ଷେତ୍ରରୁ ଗଛ, ବୁଦା ଆଦି କାଟି ତାହାକୁ ସଫା କରିବା (୩) କ୍ଷେତ୍ରକୁ ସଫା କଲାବେଳେ ଗଛ, ଡାଳ ପତ୍ର, ଘାସ ଆଦି ଶୁଖିଗଲେ ସେଥିରେ ନିଆଁ ଲଗାଇବା ।

(୪) ଜମି ସାରା ପୋଡା ପାଉଁଶକୁ ବିଛେଇ ଦେବା (୫) ଜମିଟିକୁ ବାଡବନ୍ଦି କରିବା (୬) କୋଡିବା, ଖୁସେଇବା ।

(୭) ବିହନ ବୁଣିବା (୮) ଘାସ ବାଛିବା (୯) ଫସଲ କାଟିବା (୧୦) ଅମଳ କରିବା କାଠ ଓ ବାଉଁଶ ଦଣ୍ଡକୁ ଫସଲ ଅମଳ କଲାବେଳେ ବ୍ୟବହାର କରାଯାଏ ।




ଡିଡାୟୀମାନେ ପୋଡୁଚାଷ ବ୍ୟତୀତ ସାଧାରଣ କୃଷି କରିଥାନ୍ତି । ଏଥିରେ ହଳ ଲଙ୍ଗଳର ବ୍ୟବହାର ହୁଏ । ପୋଡୁଚାଷ ତୁଳନାରେ ସାଧାରଣ କୃଷିରୁ ଅଧିକ ଫସଲ ମିଳେ । ମୌସୁମୀ ବର୍ଷା ଆରମ୍ଭ ପରେ ପରେ ଚାଷ କାମ ଆରମ୍ଭ ହୁଏ । ସମତଳ ଜମି ସାଧାରଣ






କୃଷି ନିମନ୍ତେ ଉପଯୁକ୍ତ । ଏହି ଜମିରେ ମୁଖ୍ୟତଃ ଧାନ ଚାଷ ହୁଏ । ବର୍ତ୍ତମାନ କୃଷକମାନେ ସାଧାରଣ କୃଷିକ୍ଷେତ୍ରରୁ ଅଧିକ ଫସଲ ଉତ୍ପାଦନ କରିବା ନିମନ୍ତେ ରାସାୟନିକ ସାର ପ୍ରୟୋଗ କରୁଛନ୍ତି । ଆଗରୁ କୃଷିକ୍ଷେତ୍ରରେ ଗୋବର ବ୍ୟବହାର କରାଯାଉଥିଲା । ଜମିକୁ ହଳ କରିସାରିବା ପରେ ମଇ ବା କାଠ ନିର୍ମିତ ଲମ୍ବ କୃଷିଉପକରଣ ସାହାଯ୍ୟରେ କ୍ଷେତ୍ରର ମାଟିକୁ ସମତଳ କରାଯାଏ ।

ଦୂର ଅତୀତରେ ଡିଡାୟୀମାନେ କେବଳ କୁକୁର ଓ ଘୁଷୁରି ଗୃହପାଳିତ ପଶୁ ହିସାବରେ ପାଳନ କରୁଥିଲେ । ବର୍ତ୍ତମାନ ସେମାନେ ଗାଈ, ମଇଁଷି, ବଳଦ, ଛେଳି, ମେଣ୍ଢା ଆଦି ପାଳନ କରୁଥିବାର ଦେଖାଯାଉଛି । ସେମାନେ ଗାଈକୁ ଦୁହଁନ୍ତି ନାହିଁ । ବଳଦମାନଙ୍କୁ ହଳ କରିବାରେ ବ୍ୟବହାର କରନ୍ତି ଓ ଆବଶ୍ୟକ ସ୍ଥଳେ ଝିଅ ବାହାହେଲାବେଳେ କନ୍ୟାସୁନା ହିସାବରେ ଦିଅନ୍ତି । ୨୦୦୧-୦୨ ମସିହାର ଆକଳନ ଅନୁସାରେ ସେମାନଙ୍କ ବାର୍ଷିକ ଆୟର ଶତକଡା ୧୧.୮୩ ଭାଗ ପଶୁଧନରୁ ପାଇଥାନ୍ତି । ସେମାନଙ୍କର ବାର୍ଷିକ ହାରାହାରି ଘର ପିଛା ଆୟ ୧୨୫୦ ଟଙ୍କା । ଉପାର୍ଜନ କରିବା ଓ ପର୍ବପର୍ବାଣିରେ ବଳିଦେବା ଲକ୍ଷ୍ୟରେ ଡିଡାୟୀମାନେ କୁକୁଡା ପାଳନ କରୁଛନ୍ତି ।



ଡିଡାୟୀମାନେ ବସବାସ କରୁଥିବା ଅଂଚଳରେ ବିଭିନ୍ନ ସରକାରୀ ଯୋଜନାମାନ ପ୍ରଣୟନ ହେବାରେ ଲାଗିଛି । ପ୍ରଣୀତ ଯୋଜନାର ସୁବିଧା ନେବା ପାଇଁ ସେମାନେ ଆଗଭର ହେଉଛନ୍ତି । ଉଦ୍ୟାନ କୃଷି ସହିତ ଅନ୍ୟାନ୍ୟ କୃଷିପ୍ରତି ସେମାନେ ଏବେ ଧ୍ୟାନ ଦେଲେଣି । ଋତୁକାଳୀନ ପନିପରିବା ଚାଷ କରୁଛନ୍ତି । ଅମୃତଭଣ୍ଡା, କଦଳୀ, ଧୂଆଁପତ୍ର ଆଦି ଚାଷ









କରିବା ସହିତ ବାଡି ବଗିଚାରେ ଆମ୍ବ, ପଣସ ଓ ତେନ୍ତୁଳି ଗଛ ମଧ୍ୟ ଲଗାଉଛନ୍ତି ।


ଯେଉଁମାନେ ଭୂମିହୀନ ସେମାନେ ଦିନ ମଜୁରିଆ ଭାବରେ କାମ କରୁଛନ୍ତି । ଗୃହ ନିର୍ମାଣ ; ରାସ୍ତାକାମ ଇତ୍ୟାଦି କରି କିଛି ପଇସା ରୋଜଗାର କରୁଛନ୍ତି ।

ଡିଡାୟୀମାନେ ବସବାସ କରୁଥିବା ଅଂଚଳରେ ଚାଷୋପଯୋଗୀ ଜମିର ଅଭାବ ଏମାନଙ୍କ ଅର୍ଥନୈତିକ ପ୍ରଗତିର ବାଧକ । ଏବେ ମଧ୍ୟ ସେମାନଙ୍କ ମଧ୍ୟରେ ବିନିମୟ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ସେମାନେ ଭାତ ; ବିଭିନ୍ନ କନ୍ଦା, ସବୁଜ ପନିପରିବା, ବାଉଁଶ କରଡି ଗଜା, ଶାଗ, ଇତ୍ୟାଦି ଖାଇଥାନ୍ତି । ମାତ୍ର ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନ ମାନଙ୍କରେ ମାଛ, ମାଂସ ଖାଆନ୍ତି । ଖାଦ୍ୟକୁ ସ୍ୱାଦ୍ୱିଷ୍ଟ କରିବା ନିମନ୍ତେ ଲୁଣ, ଲଙ୍କା ଓ ବିଭିନ୍ନ ପ୍ରକାର ମସଲା ବ୍ୟବହାର କରନ୍ତି । ମଦ୍ୟ ହିସାବରେ ସେମାନେ ସଲପ ରସ ପାନ କରନ୍ତି । ବର୍ତ୍ତମାନ ଯୁବକମାନେ ଚା ଓ କଫି ପାନ କରିବା ଦେଖାଯାଉଛି ।



ରାଜନୈତିକ ଜୀବନ

ଡିଡାୟୀ ମାନଙ୍କର ତ୍ରି-ସ୍ତରୀୟ ବା ତିନି ଥାକିଆ ରାଜନୈତିକ ସଙ୍ଗଠନ (Political organisation) ରହିଛି । ସେଗୁଡିକ ହେଲା - (୧) କେନ୍ଦ୍ରୀୟ ସଙ୍ଗଠନ (୨) ଆଞ୍ଚଳିକ ସଙ୍ଗଠନ (୩) ଗ୍ରାମ ସଙ୍ଗଠନ । କୁତୁମୁଲୁଗୁମାଠରେ କେନ୍ଦ୍ରୀୟ ସଙ୍ଗଠନର ମୁଖ୍ୟ ଦପ୍ତର ଥିଲା । ବର୍ତ୍ତମାନ ଏହା ଅକାମୀ ହୋଇପଡିଛି । ଏହାର ଆଉ କୌଣସି ଗୁରୁତ୍ୱ ନାହିଁ । ସେହିପରି କେତେକ ଗ୍ରାମକୁ ନେଇ ଗଢିଉଠିଥିବା ସ୍ଥାନୀୟ ସଙ୍ଗଠନର ସେତେଟା ପ୍ରାଧାନ୍ୟ ନଥିଲେ ମଧ୍ୟ ପୋଡୁଚାଷ, ଜଙ୍ଗଲ ପରିଚାଳନାକୁ କାର୍ଯ୍ୟକାରୀ ହେଉଛି । ଡିଡାୟୀମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ମୁଖ୍ୟତଃ ଗ୍ରାମ ସଙ୍ଗଠନ ଦ୍ୱାରା ନିୟନ୍ତ୍ରିତ । ପ୍ରତି ଡିଡାୟୀ ଗ୍ରାମ ସ୍ୱୟଂ ଶାସିତ ଓ ଆତ୍ମନିର୍ଭରଶୀଳ । ସକଳ ସାମାଜିକ, ଆର୍ଥିକ ଓ ଧାର୍ମିକ କାର୍ଯ୍ୟ ଧାରା ଗ୍ରାମ ପରିଷଦଦ୍ୱାରା ପରିଚାଳିତ । ଗ୍ରାମ ମୁଖ୍ୟଙ୍କୁ ନାୟକ କୁହାଯାଏ । ଚାଲଣ ଓ ବାରିକ ସବୁକାମରେ ନାୟକଙ୍କୁ ସାହାଯ୍ୟ, ସହଯୋଗ କରନ୍ତି । ପ୍ରତି ଘରର ମୁଖିଆ ବ୍ୟକ୍ତି ଗ୍ରାମ ପରିଷଦର ସଦସ୍ୟ ରୁହନ୍ତି । ନାୟକ, ଧର୍ମୀୟ ମୁଖ୍ୟ, ପଲାସୀ ଓ ଅନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହ ପରାମର୍ଶ ତଥା ବିଚାର ବିମର୍ଶ କରି ବିଭିନ୍ନ ଘଟଣାବଳୀର ଉପଯୁକ୍ତ ନିଷ୍ପତ୍ତି କରନ୍ତି ।



ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ ଫଳରେ ପାରଂପରିକ ପ୍ରାଚୀନ ସାମାଜିକ ଶାସନ ବ୍ୟବସ୍ଥା କ୍ରମଶଃ ଭୁଷୁଡି ପଡିବାରେ ଲାଗିଛି । ପଞ୍ଚାୟତିରାଜ ବ୍ୟବସ୍ଥାରେ ୱାର୍ଡ ମେୟର, ସରପଞ୍ଚ, ସମିତି ସଭ୍ୟ; ଜିଲ୍ଲା ପରିଷଦସଭ୍ୟ, ପଞ୍ଚାୟତ ସମିତି ଚେୟାରମ୍ୟାନ ଆଦି ପଦବୀ ନିମନ୍ତେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେଉଛି। ନିର୍ବାଚିତ ପ୍ରତିନିଧିମାନେ ସରକାରୀ ଆଇନ କାନୁନ୍ ମୁତାବକ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରୁଛନ୍ତି । ଗୋଷ୍ଠୀ ଉନ୍ନୟନ କାର୍ଯ୍ୟରେ ପାରଂପରିକ ମୁଖ୍ୟ ଓ ନିର୍ବାଚିତ ପ୍ରତିନିଧି ମାନଙ୍କ ମତାମତ ଉପରେ ଗୁରୁତ୍ୱ ଆରୋପ କରି ବିକାଶମୁଖୀ କାର୍ଯ୍ୟଧାରା ପରିଚାଳିତ ହେଉଛି ।



ପ୍ରକୃତି ଉପାସନା

ଡିଡ଼ାୟୀ ଜୀବନଧାରା ସହିତ ଧର୍ମ ବିଶ୍ୱାସ ଓ ପ୍ରକୃତି ପୂଜା ଜଡିତ । ଐଶ୍ୱରିକ ଶକ୍ତି ଉପରେ ସେମାନଙ୍କର ଗଭୀର ଆତ୍ମବିଶ୍ୱାସ । ସେମାନେ ପାପକୁ ଘୃଣା କରନ୍ତି । ଡିଡାୟୀ ଧର୍ମ ଧାରଣାରେ ଭୌତିକ ଓ ଆଧିଭୌତିକ ଦୁଇଗୋଟି ସତ୍ତା । ଧର୍ମ ଧାରଣା ସେମାନଙ୍କ ଗୋଷ୍ଠୀ ଏକତା ରଖିବାରେ ସାହାଯ୍ୟ କରେ । ନୈତିକ ମୂଲ୍ୟବୋଧ ଭିତରେ ସାମାଜିକ ଓ ବ୍ୟାବହାରିକ ଆବଶ୍ୟକତାର ପରିପୂରଣ ସହିତ ପବିତ୍ର ଜୀବନବୋଧର ସଂଧାନ ଦିଏ । ଦୁଃଖ, ଦୁର୍ଦ୍ଦଶା, ବାଧା, ବଂଧନ ଓ ଜଂଜାଳଗ୍ରସ୍ତ ଜ୍ୱାଳାମୟ ଜୀବନକୁ ଅତିକ୍ରମ କରି ବଂଚି ରହିବା ନିମନ୍ତେ ଅହରହ ସଂଗ୍ରାମ କରିବା ସହିତ ସରଳ ବିଶ୍ୱାସୀ ଡିଡ଼ାୟୀମାନେ ନିଜକୁ ସର୍ବଶକ୍ତିମାନ ଅଦୃଷ୍ଟ ପାଖରେ ସମର୍ପି ଦିଅନ୍ତି । ଧର୍ମ ମାଧ୍ୟମରେ ସେମାନେ ସାମାଜିକ ସଂହତି ରଖନ୍ତି । ନିଜର କର୍ମମୟ ଜୀବନରେ ସାମାଜିକ ନିୟମାବଳୀର ଅନୁପାଳନ ସହିତ ସୁଖ ଓ ଶାନ୍ତି ପାଇଥାନ୍ତି । ଧର୍ମ ଓ ଗୁଣିଗାରେଡି ବିଦ୍ୟା ଦୁଇଟି ବିପରୀତ ମୁଖୀ ଚିନ୍ତାଧାରା ହେଲେ ମଧ୍ୟ ଡିଡ଼ାୟୀ ମାନେ ଉଭୟରେ ବିଶ୍ୱାସ କରନ୍ତି । ଧର୍ମରେ ସରଳ ବିଶ୍ୱାସ ଓ ଆତ୍ମସମର୍ପଣର ଭାବ ଥିବା ବେଳେ ଗୁଣିଗାରେଡି ବିଦ୍ୟାରେ ବାଧବାଧକତା ଥାଏ । ଅଜଣା ଓ ଅଦୃଷ୍ଟ ଶକ୍ତି ଆଧାରରେ ଧର୍ମ ଓ ଗୁଣିଗାରେଡିରେ ଥିବା ପାରଂପରିକ ବିଶ୍ୱାସବୋଧ ସାଂସ୍କୃତିକ ଚେତନାକୁ ନିୟନ୍ତ୍ରିତ କରେ ।





ଡିଡାୟୀ ମାନେ ବହୁଦେବ ବିଶ୍ୱାସୀ । ସେମାନଙ୍କ ଧର୍ମ ଧାରଣା ଓ ବିଶ୍ୱାସ ଭିତରେ ଉଭୟ ଉପକାରୀ ଓ ଅପକାରୀ ଶକ୍ତି ଅନ୍ତର୍ଭୁକ୍ତ । ମଣିଷର ଉତ୍ପତ୍ତି ଓ ବିକାଶ ମୁଖୀ ଅନୁଶୀଳନ ଧାରାହିଁ ଡିଡାୟୀର ଧର୍ମ । ମାଟି ମା ଉପରେ ସେମାନଙ୍କର ଅଗାଧ ବିଶ୍ୱାସ । ଭାରତୀୟ ନୃ-ତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ତାଲିକା ମୁତାବକ ସେମାନଙ୍କର ଆଠ ଯୋଡି ଦେବଦେବୀ ରହିଛନ୍ତି । ସେମାନେ ହେଲେ - ବଡ଼ଭୈରୋ ଓ ନାନାଗ୍ରୀ, ବାଙ୍ଗୁର ଓ ରସକୁର୍‌କୁ, ଗୋଆ ଓ ସେଣ୍ଡିଆ, ରାଉ ଓ ଅକ୍‌ସିଆ, ଗୋଣ୍ଡ ଓ ସୁନୀ, ଠାକରାନ୍ ଓ ବୁଢୀମାତା, ଜାନୀମାତା ଓ ରେକାପାଇଡୁ, ବକ୍ ଓ ପା । ଡିଡାୟୀ ମାନଙ୍କ ଧାର୍ମିକ ମୁଖ୍ୟଙ୍କୁ 'ପଲାସୀ' କୁହନ୍ତି । ବିଭିନ୍ନ ପର୍ବପର୍ବାଣି ଓ ଧର୍ମ କାର୍ଯ୍ୟରେ ପଲାସୀକୁ ଯେଉଁମାନେ ସାହାଯ୍ୟ କରନ୍ତି ସେମାନେ ହେଲେ କିତଙ୍ଗ୍ ପୂଜାରୀ, ଡୋଏକନ୍‌ଗ୍ରୋ, ସିହ୍‌ଦା ମରେ, ଡୁୟାରେ, ଘରୱାରେ, ଗେଡ଼ିଆରେ ଇତ୍ୟାଦି । ଡିଡାୟୀମାନେ ବର୍ଷସାରା ନାନାପ୍ରକାର ପର୍ବପର୍ବାଣି ପାଳନ କରନ୍ତି । ସେମାନେ ପାଳନ କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣି ହେଲା - ଲେଣ୍ଡି ପାଣ୍ଡେ, ଘିଆ ପାଣ୍ଡେ, ସିବଲୟ ହିଆ, କୁଗୁଲ୍‌ବାର୍ ହିଆ, ଚିଆନ୍‌ଗେଇ ହିଆ, ଦୋ ଆସେ ହିଆ, ଗୋଏସେଣ୍ଡିଆ ହିଆ, ସିଙ୍ଗୁଟି ହିଆ, ରାସ୍‌କୁର୍‌କୁ ହିଆ, ଦଶରା ହିଆ, ଭୈରୋ ପୂଜା, ରୋକଡିଆ ହିଆ, ଓସାର୍କେ ପାଣ୍ଡେ ଇତ୍ୟାଦି । ଦେବଦେବୀଙ୍କୁ ପୂଜା କରିବା ସମୟରେ ସେମାନେ ଯେତେବେଳେ ମନ୍ତ୍ର ଉଚ୍ଚାରଣ କରନ୍ତି ସେତେବେଳେ ମା'ପ୍ରୁ ବୋଲି କହିଥାନ୍ତି । ଏହି ମା'ପ୍ରୁ ଶବ୍‌ଦଟି ମହାପ୍ରଭୁ ଶବ୍‌ଦର ରୂପାନ୍ତରିତ ରୂପ ଓ ଉଚ୍ଚାରଣ । ସେମାନଙ୍କର ପୂଜା ଓ ବଳିଉତ୍ସବର ପାଳନ ବିଧି ପର୍ବପର୍ବାଣି ଭେଦରେ ସ୍ୱତନ୍ତ୍ର ।

ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ଫଳରେ ଡିଡ଼ାୟୀ ସମାଜରେ ବହୁ ପୂର୍ବରୁ ପ୍ରଚଳିତ ଗୁଣିଗାରେଡ଼ି ଓ ଯାଦୁ ବିଦ୍ୟାର ଗୁରୁତ୍ୱ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । କୌଣସି ଅପଶକ୍ତିର କୁନଜରକୁ ଏଡାଇବା, ରୋଗ ଚିକିତ୍ସା, ବନ୍ଧ୍ୟାଦୋଷ ଦୂର କରିବା, ସାପ କାମୁଡା, ବିଷ ହରଣ କରିବା ଆଦି ନିମନ୍ତେ ସେମାନେ ଗୁଣି ଗାରେଡ଼ି, ମନ୍ତ୍ର ତନ୍ତ୍ର ଓ ଯାଦୁବିଦ୍ୟାର ସହାୟତା ନିଅନ୍ତି । ଏସବୁ ପୂଜାବିଧି ସଂପାଦନ କଲାବେଳେ କ୍ଷୀର, ଚାଉଳ, ଗୁଡ, କଦଳୀ, ନଡିଆ, ଧୂପକାଠି, ଫୁଲ ଇତ୍ୟାଦି ଦରକାର ହୁଏ । କୁକୁଡା, ଛେଳି, ଘୁଷୁରି ଆଦି ବଳି ପକାଯାଏ । ବଳିରକ୍ତକୁ ଚାଉଳ ଉପରେ ପକାଇ ଦେବତାଙ୍କୁ ଅର୍ପଣ କରାଯାଏ । ଏହା ଦ୍ୱାରା ଦେବତା ସନ୍ତୁଷ୍ଟ ହୋଇଥାନ୍ତି । ପାରଂପରିକ ଭାବରେ ସେମାନଙ୍କର ଗୁଣିବିଦ୍ୟା ଓ ଡାହାଣୀ ବିଶ୍ୱାସ ଥିଲା । ସମୟ ବଦଳି ଯାଉଛି । ଗୁଣି ଗାରେଡ଼ି ଓ ଯାଦୁବିଦ୍ୟା ଉପରେ ଆସ୍ଥା କମିଛି । ଗୁଣିଗାରେଡ଼ିକୁ ଛାଡ଼ିଦେଲେ ଡିଡାୟୀ ମାନଙ୍କର ପାରଂପରିକ ପ୍ରାଚୀନ ଫଳପ୍ରଦଚିକିତ୍ସା ପଦ୍ଧତିକୁ ଅନ୍ୟମାନେ ପ୍ରଶଂସା କରୁଛନ୍ତି ।





ଜଗତ୍ ଦୃଷ୍ଟି ଓ ମୂଲ୍ୟବୋଧ



ସୀମିତ ଜଗତ୍ ଦୃଷ୍ଟି ସତ୍ତ୍ୱେ ଡିଡାୟୀମାନେ ସେମାନଙ୍କର ଅନ୍ତଃସ୍ଥିତି ଓ ବାହ୍ୟ ଜଗତ ସହିତ ସୁଚାରୁ ରୂପେ ଯୋଗାଯୋଗ ରଖିଛନ୍ତି । ମଣିଷ, ପ୍ରକୃତି, ପ୍ରାକୃତିକ ଶକ୍ତି, ଆଧିଭୌତିକ ଶକ୍ତି, ସୌର ଜଗତ ଓ ବହୁ ଦେବଦେବୀ ଆଦିକୁ ସେମାନେ ନିଜ ଦୃଷ୍ଟିକୋଣରୁ ପରଖିଛନ୍ତି । ମାନବ ଜାତିର ବିକାଶ ପ୍ରକ୍ରିୟା, ସୃଷ୍ଟିର ରହସ୍ୟବୋଧ, ବଂଶ, ଜାତି, ଗୋତ୍ର ଆଦିର କିମ୍ବଦନ୍ତୀ ଓ କଥନିକା ଭିତରେ ସେମାନଙ୍କର ନିଜସ୍ୱ ମୌଳିକ ଜ୍ଞାନ ଓ ଗାରିମା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ । ନିଜ ଗୋଷ୍ଠୀର ସାମାଜିକ ଓ ଧାର୍ମିକ ମାନଦଣ୍ଡ ଅନୁଯାୟୀ ସେମାନେ ଭଲ ଓ ମନ୍ଦ ମଧ୍ୟରେ ପ୍ରଭେଦନିର୍ଣ୍ଣୟ କରିଥାନ୍ତି । କର୍ମଫଳ ଉପରେ ସେମାନେ ଗଭୀର ବିଶ୍ୱାସ କରନ୍ତି । ମନ୍ଦ କର୍ମ କଲେ ଦୈବୀଦଣ୍ଡ ଭୋଗିବାକୁ ପଡେ ବୋଲି ସେମାନଙ୍କର ଦୃଢ ଧାରଣା ରହିଛି । ମୃତ୍ୟୁ ପରେ ପୁନର୍ଜନ୍ମ ହୁଏ କି ନାହିଁ ଏ ବିଷୟରେ ସେମାନଙ୍କର ନିର୍ଦ୍ଦିଷ୍ଟ ଧାରଣା ନାହିଁ ।

ଡିଡାୟୀମାନେ ଅତ୍ୟନ୍ତ ଶାନ୍ତ, ସରଳ, ନମ୍ର ଓ ବିନୟୀ ସ୍ୱଭାବ ବିଶିଷ୍ଟ । ସେମାନେ ଅତିଥି ପରାୟଣ । କେହି ବାହାରର ଅତିଥି ସେମାନଙ୍କ ଗାଁକୁ ଆସିଲେ ସେମାନେ ଉପଯୁକ୍ତ ଯତ୍ନ ନେବାରେ ତ୍ରୁଟି କରନ୍ତି ନାହିଁ । ଗାଁର ସାମଜିକ ମୁଖ୍ୟ ଓ ଧାର୍ମିକ ମୁଖ୍ୟଙ୍କୁ ଉଚ୍ଚ ସମ୍ମାନ ଦିଅନ୍ତି । ଡିଡାୟୀର ଦୁନିଆଁ ଓ ତା'ର ଜୀବନଶୈଳୀ ସ୍ୱତନ୍ତ୍ର ଆଦର୍ଶ, ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତିନିଧିତ୍ୱ କରେ । ଏହା ଗୋଟିଏ ଗୋଷ୍ଠୀର ସାମୂହିକ ଓ ସାଂସ୍କୃତିକ ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ଅଟେ । ଡିଡାୟୀ ଲୋକ ସାହିତ୍ୟ ଲୋକକଳା ଓ ବିଦ୍ୟାର ସ୍ୱାତନ୍ତ୍ର୍ୟ ରହିଛି । ମଣିଷ - ମଣିଷ, ମଣିଷ - ପ୍ରକୃତି, ମଣିଷ - ପ୍ରାକୃତିକ ଉପାଦାନ ଭିତିରେ ନିହିତ ସତ୍ତା ଓ ସଂପର୍କର ସୂକ୍ଷ୍ମ ଚେତନା ଡିଡାୟୀର ନିଜସ୍ୱ ଚିନ୍ତାଧାରା । ସାଧାରଣ କୃଷି ହେଉ ଅଥବା ଡଙ୍ଗର ଚାଷ ହେଉ, ଜଣେ କୃଷକ ଭାବରେ ଡିଡାୟୀର ଯେଉଁ ପାରଂପରିକ ଜ୍ଞାନକୌଶଳ ଓ ଅଭିଜ୍ଞତା ତାହା ବାସ୍ତବିକ୍ ପ୍ରଶଂସନୀୟ । କୃଷି ପରିଚାଳନା ଓ ଉତ୍ପାଦନ ସବୁଥିରେ ତା'ର ପାରଦର୍ଶିତା ପ୍ରତିଫଳିତ । ଅଝଟ ଛୋଟ ଶିଶୁମାନଙ୍କୁ ବୁଝେଇବା ପାଇଁ ଗାନ କରାଯାଉଥିବା "ନାନାବାୟା ଗୀତ" ଭିତରେ ଡିଡାୟୀ ମାନଙ୍କ ସରଳ ଭାବମୟ ପୃଥିବୀ ନାନା ଛନ୍ଦରେ ଅନୁରଣିତ



ହୋଇଉଠେ । ଜ୍ଞାତି କୁଟୁମ୍ବଙ୍କ ଭିତରେ ଥିବା ସଂପର୍କ, ଜନ୍ମ, ବିବାହ, ମୃତ୍ୟୁ, ପର୍ବପର୍ବାଣି ଆଦି ଧାର୍ମିକ କ୍ରିୟାକର୍ମ ଭିତରେ ସେମାନଙ୍କ ଜୀବନାଦର୍ଶ ଫୁଟିଉଠେ ।

ଉପରୋକ୍ତ ଘଟଣା ସମୂହ ସେମାନଙ୍କ ସାଂସ୍କୃତିକ ଅଭିଜ୍ଞତାର ଅବିଚ୍ଛେଦ୍ୟ ଅଂଶ । ଏଥିରୁ ସେମାନଙ୍କ ଜଗତ୍ ଦୃଷ୍ଟିର ବ୍ୟାପକତା ଜଣାଯାଏ । ସେମାନେ ମହାଆଡମ୍ବରରେ ଅନେକ ପର୍ବପର୍ବାଣି ପାଳନ ସହ ବାଦ୍ୟ ଓ ଲୋଗଗୀତର ଝଂକାର ମେଲନ୍ତି । ବିବାହ ବିଧିର ପ୍ରତି ସ୍ତରରେ ସେମାନେ ବିଭିନ୍ନ ଘଟଣା ସହିତ ମେଳ ଖୁଆଇ ଉପଯୁକ୍ତ ସଙ୍ଗୀତ ପରିବେଷଣ କରନ୍ତି । ସେମାନଙ୍କର ଏହି ସଙ୍ଗୀତକଳା ଅନନ୍ୟ । ବ୍ୟକ୍ତିଗତ ଭାବରେ ତଥା ଦଳଗତ ଭାବରେ ଏହି ସଙ୍ଗୀତ ଗାନ କରାଯାଇଥାଏ । ସଙ୍ଗୀତର ଆବେଦନ ଯେତିକି ଆମୋଦଦାୟୀ ସେତିକି ହୃଦୟସ୍ପର୍ଶୀ । ପରିସ୍ଥିତକୁ ନେଇ ସଙ୍ଗୀତର ବିଷୟ ବସ୍ତୁ ନିର୍ଦ୍ଧାରିତ ହୋଇଥାଏ । ଦୁଇ ତରୁଣ ତରୁଣୀଙ୍କ ମଧ୍ୟରେ ମନ ଦିଆନିଆ ଭାବପୀରତିର ସଙ୍ଗୀତ ଭିତରେ ଥାଏ ପ୍ରେମର କୋମଳ ମଧୁର ସ୍ପର୍ଶ । ମୃତକ ଉଦ୍ଦେଶ୍ୟରେ କରାଯାଉଥିବା ଅନ୍ତ୍ୟେଷ୍ଟିକ୍ରିୟାରେ ଶୋକ ଓ ଶାନ୍ତରସର ସ୍ଫୁରଣ ଘଟିଥାଏ ।

ଡିଡାୟୀ ମାନଙ୍କ ସାମାଜିକ ଜୀବନ ସରଳ ଓ ସୁନ୍ଦର । ବୈଷୟିକ ଅର୍ଥନୀତି ଓ ସାମାଜିକ ସଙ୍ଗଠନ ଉପରେ ଥାଏ ଏକ ବାସ୍ତବବାଦୀ ସାମାଜିକ ଆଦର୍ଶବୋଧ । ସେମାନେ ଅନୁଭବୀ ଯେ ଜୀବନଟା ଆନନ୍ଦ ଓ ବିଷାଦ, ଉତ୍‌ଥାନ ଓ ପତନର ଏକ ରଙ୍ଗମଞ୍ଚ । ଏଥିପାଇଁ ଜୀବନ ସହିତ ସେମାନଙ୍କର ଥାଏ ଏକ ସୂକ୍ଷ୍ମ ଅଥଚ ସହଜ ବୁଝାମଣା । ଏହାର ଫଳଶ୍ରୁତି ସ୍ୱରୂପ ସେମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟାବଳୀରେ ଦ୍ୱନ୍ଦ୍ୱ ଅପେକ୍ଷା ସହଯୋଗ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ଗାଁର ସାମାଜିକ ଓ ଧାର୍ମିକ ମୁଖ୍ୟ ଅଥବା ବୟୋଜ୍ୟେଷ୍ଠ ଲୋକମାନଙ୍କୁ ସେମାନେ ଉପଯୁକ୍ତ ସମ୍ମାନ ଦିଅନ୍ତି । ସବୁପ୍ରକାର ବାଧାବିଘ୍ନକୁ ଅତିକ୍ରମ କରିବା ପାଇଁ ସେମାନେ ସର୍ବଶକ୍ତିମାନ୍ ଅଦୃଷ୍ଟ ପ୍ରକୃତି, ଅଥବା ପ୍ରାକୃତିକ ଉପାଦାନ ସମୂହ ପାଖରେ ନିଜକୁ ସମର୍ପି ଦିଅନ୍ତି । ସୁଖ, ସମୃଦ୍ଧି ଓ ଦୀର୍ଘସ୍ଥାୟୀ ଉତ୍ତମ ଜୀବନ ବିତାଇବା ଲକ୍ଷ୍ୟରେ ସେମାନେ ଦେବଦେବୀମାନଙ୍କୁ ବିଭିନ୍ନ ପର୍ବପର୍ବାଣି ପାଳନ ମାଧ୍ୟମରେ ସନ୍ତୁଷ୍ଟ କରିବାକୁ ଚାହାଁନ୍ତି ।

ଡିଡାୟୀ ସମାଜର ନିଜସ୍ୱ ମୌଳିକ ମୂଲ୍ୟବୋଧ ରହିଛି । ସେମାନଙ୍କର ଜୀବନଶୈଳୀ ଓ ସାଂସ୍କୃତିକ ଚେତନାକୁ ଅନୁଧ୍ୟାନ କଲେ ଏହା ଜଣାପଡେ । ଲିଙ୍ଗ ଓ ବୟସ ଅଥବା ଅବସ୍ଥା ଭେଦରେ ଏହି ମୂଲ୍ୟବୋଧରେ ତାରତମ୍ୟ ପରିଲକ୍ଷିତ ହୁଏ । କ୍ରମଶଃ ମୂଲ୍ୟବୋଧରେ ପରିବର୍ତ୍ତନ ଆସେ । ସେମାନଙ୍କ ସାମାଜିକ ଆଇନ, ପ୍ରଥା, ପରଂପରା, ସଂସ୍କୃତି ଓ ଗୋଷ୍ଠୀ ମର୍ଯ୍ୟାଦାକୁ ସଂରକ୍ଷଣ କରିବା ଆବଶ୍ୟକ ।



ସାଂସ୍କୃତିକ ମହତ୍ତ୍ୱୀୟତା

କିମ୍ବଦନ୍ତୀ, ଲୋକକଥା, ଲୋକଗୀତ, ଲୋକନୀତି, ପ୍ରବାଦ, ପ୍ରହେଳିକା ଆଦିକୁ ଆଧାର କରି ଡିଡ଼ାୟୀମାନଙ୍କର ସମୃଦ୍ଧ ମୌଖିକ ଭାଷା ସାହିତ୍ୟର ଭଣ୍ଡାର ରହିଛି । ସେମାନଙ୍କର ଭାବାବେଶ ସମବେତ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଅଭିବ୍ୟକ୍ତି ଲାଭକରେ । ଜନ୍ମ, ବିବାହ, ମୃତ୍ୟୁ ଓ ପର୍ବପର୍ବାଣି ଆଦି ପାଳନ କରାଯାଉଥିବା ବେଳେ ସେମାନେ ପରିବେଶ ଓ ପରିସ୍ଥିତିକୁ ନେଇ ବିଭିନ୍ନ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରନ୍ତି । ଏସବୁରେ ସୁଖ ଓ ଦୁଃଖର ଅଭିବ୍ୟକ୍ତି ଥାଏ । ପୁରୁଷ ଓ ମହିଳା ମାନେ ଯୁଗ୍ମ ନୃତ୍ୟ ପରିବେଷଣ କରିଥାନ୍ତି । ମହିଳାମାନେ ମଧ୍ୟ ସ୍ୱତନ୍ତ୍ର ଭାବରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ଗୋଷ୍ଠୀ ଏକତା ଓ ସଂହତିକୁ ବଜାୟ ରଖେ । ନୃତ୍ୟ ଓ ସଙ୍ଗୀତ ପରିବେଷଣ କାଳରେ ଅଙ୍ଗ ଚାଳନା ଶୈଳୀ, ଛଟକ, ବାଦ୍ୟର ତାଳ ସହିତ ସଙ୍ଗୀତର ମଧୁର ଓ ଲାଳିତ୍ୟପୂର୍ଣ୍ଣ ସ୍ୱର ସଂଯୋଜନା ସେମାନଙ୍କ ନୃତ୍ୟକୁ ସୁନ୍ଦର, ଜୀବନ୍ତ ଓ ଆକର୍ଷଣୀୟ କରେ । ସଙ୍ଗୀତ ଓ ନୃତ୍ୟ ସବୁଥିରେ ପ୍ରକୃତି ଓ ପ୍ରାକୃତିକ ଉପାଦାନ ସମୂହ ସହିତ ସେମାନଙ୍କ ଅନ୍ତରଙ୍ଗ ସଂପର୍କର ପରିଭାଷା ପ୍ରତିଫଳିତ ହୁଏ ।



ଉନ୍ନୟନ


ଡିଡାୟୀମାନେ ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତିଙ୍କ ମଧ୍ୟରୁ ଅନ୍ୟତମ । ସେମାନଙ୍କର ଜନସଂଖ୍ୟା ଆପାତତଃ ସ୍ଥିର ରହିଛି । ସାକ୍ଷରତା ହାର ବହୁତ କମ୍ । କେନ୍ଦ୍ର ସରକାର ଏହି ଗୋଷ୍ଠୀର ସର୍ବାଙ୍ଗୀନ ଉନ୍ନତି ଲକ୍ଷ୍ୟରେ ଅଣୁପ୍ରକଳ୍ପ ଜରିଆରେ ଶତ ପ୍ରତିଶତ ସହାୟତା ପ୍ରଦାନ କରୁଛନ୍ତି । ମାଲକାନଗିରି ଜିଲ୍ଲାର କୁଡୁମୁଲୁଗୁମାଠାରେ ୧୯୮୬ ମସିହା ଅଗଷ୍ଟ ମାସରେ "ଡିଡ଼ାୟୀ ଉନ୍ନୟନ ସଂସ୍ଥା" ନାମରେ ଗୋଟିଏ ଅଣୁ-ପ୍ରକଳ୍ପ (Micro - Project) ଗଢା ଯାଇଛି । କୃଷି, ଉଦ୍ୟାନ କୃଷି, ଜଳସେଚନ, ପାନୀୟ ଜଳଯୋଗାଣ, ଗମନା ଗମନ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ବିବିଧ କ୍ଷେତ୍ରରେ ବହୁମୁଖୀ ଉନ୍ନୟନ ମୂଳକ ଯୋଜନା ସବୁ ରୂପାୟନ କରାଯାଇଛି । ଡିଡ଼ାୟୀ ଉନ୍ନୟନ ସଂସ୍ଥାର ଭୌଗୋଳିକ ପରିସୀମା ୨୫୦ ବର୍ଗ କିଲୋମିଟର । ଏହି ସଂସ୍ଥାର କାର୍ଯ୍ୟ ପରିସର ୨ ଟି ବ୍ଲକ ଅନ୍ତର୍ଭୁକ୍ତ ୪ ଟି ଗ୍ରାମପଞ୍ଚାୟତର ୩୭ଟି ଗାଁ କୁ ନେଇ ପରିଚାଳିତ । ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱରା ୨୦୦୭ ମସିହାରେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ଡିଡ଼ାୟୀମାନଙ୍କ ପ୍ରକଳ୍ପ ଅଞ୍ଚଳର ଲୋକସଂଖ୍ୟା ୬୫୪୫ ଥିଲା । ତନ୍ମଧ୍ୟରୁ ୩୦୬୪ ଜଣ ପୁରୁଷ ଓ ୩୪୮୧ ଜଣ ମହିଳା । ସେମାନଙ୍କ ଲିଙ୍ଗ ଅନୁପାତ ହାର ୧୧୩୬ । ଏହି ସମୟରେ ସେମାନଙ୍କ ସମୁଦାୟ ସାକ୍ଷରତା ହାର ଥିଲା ୭.୩୬% । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୧୨.୩୪ଶତକଡା ହୋଇଥିବା ସ୍ଥଳେ ମହିଳା ସାକ୍ଷରତା ହାର ୨.୯୯ ଶତକଡା ଥିଲା । ମହିଳା ସାକ୍ଷରତା ହାର ଅତିମାତ୍ରାରେ କମ୍ ।







ଡିଡାୟୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଆଦିବାସୀ ଉପଯୋଜନା), ଏବଂ ସଂରକ୍ଷଣ ବନାମ ବିକାଶ ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଉପଲବ୍ଧ ହେଉଛି । ୨୦୦୭ -୦୮ ବର୍ଷରେ ସଂରକ୍ଷଣ ବନାମ ବିକାଶ ଯୋଜନାରେ ୩୧.୩୮ ଲକ୍ଷ ଟଙ୍କା ଓ ଆଦିବାସୀ ଉପଯୋଜନା ନିମନ୍ତେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ରେ ୩୮.୪୭ ଲକ୍ଷ ଟଙ୍କାର ଖର୍ଚ୍ଚ ଆକଳନ ହୋଇଥିଲା । ସଂରକ୍ଷଣ ବନାମ ବିକାଶ ଯୋଜନାରେ ବିଦ୍ୟାଳୟ ଓ ତା'ର ପରିପାର୍ଶ୍ୱ ଗୋଷ୍ଠୀଗୃହ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୃହ ନିର୍ମାଣର ଲକ୍ଷ୍ୟ ରଖାଯାଇଥିଲା । ଅନ୍ୟପକ୍ଷରେ ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ଅର୍ଥରେ ପାନୀୟ ଜଳ ଯୋଗାଣ, ପାଇପ ଯୋଗେ କୃଷି କ୍ଷେତ୍ରକୁ ଜଳ ସେଚନର ବନ୍ଦୋବସ୍ତ, କୃଷି ଉପଯୋଗୀ ଜମିର ଉନ୍ନୟନ ଓ କଦଳୀ ଚାଷ ଆଦି କରାଯାଇଥିଲା ।



ଡିଡାୟୀ ଉନ୍ନୟନ ପରିକଳ୍ପନା ଏକ ଅଭିନବ ଓ ବାସ୍ତବ ଯୋଜନା । ସେମାନେ ସେମାନଙ୍କର ଚିରାଚରିତ ପରଂପରା ଓ ସଂସ୍କୃତିକୁ ସଂରକ୍ଷଣ କରିବା ସହିତ ଯୋଜନାବଦ୍ଧ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସୁବିଧା ନେଉଛନ୍ତି । ସେମାନଙ୍କର ବାସସ୍ଥଳୀ, ପାରିପାଶ୍ୱିକ ଭୌଗୋଳିକ ବାତାବରଣ ଆଦି ସାଧାରଣ ଚଳଣୀ ପାଇଁ ଅନୁକୂଳ ନୁହେଁ । ତଥାପି ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ସେମାନେ ଜୀବନ ଯାତ୍ରା ନିର୍ବାହରେ ଅଭ୍ୟସ୍ତ । ସେମାନେ ବହୁ ମୌଳିକ ଜ୍ଞାନକୌଶଳର ଅଧିକାରୀ । ସଂପ୍ରତି ସେମାନଙ୍କୁ ବିଜ୍ଞାନସମ୍ମତ ବୈଷୟିକ କୌଶଳ ଶିଖାଇବାର ବେଳ ଆସିଛି । ଡିଡାୟୀ ସମାଜରେ ପୁରୁଷ ମାନଙ୍କର ପ୍ରାଧାନ୍ୟ ସତ୍ତ୍ୱେ ମହିଳା ମାନଙ୍କର ଉଲ୍ଲେଖନୀୟ ଭୂମିକା ରହିଛି । ମହିଳା ମାନେ ସେମାନଙ୍କ କର୍ତ୍ତବ୍ୟ ପରାୟଣତା, ସାଧୁତା ଓ କର୍ମନିଷ୍ଠାକୁ ଜୀବନର ପ୍ରତି ପଦକ୍ଷେପରେ ସଫଳତାର ସହିତ ପ୍ରତିପାଦିତ କରିପାରିଛନ୍ତି । ଘରକାମ ହେଉ ବା ବାହାର କାମ, ସବୁଥିରେ ଡିଡାୟୀ ମହିଳାମାନଙ୍କର ସାମର୍ଥ୍ୟ ରହିଛି । ସେମାନେ ପରିଶ୍ରମୀ ଓ ପାରଙ୍ଗମ । ପାରିବାରିକ ଆୟ ଓ ପ୍ରତିପୋଷଣରେ ମହିଳା



ମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଅବଦାନ ରହିଛି । ନିରକ୍ଷରତା ସତ୍ତ୍ୱେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ଉପକୃତ ହେଉଛନ୍ତି । ମାନବ ସମ୍ବଳର ଆଶାନୁରୂପ ବିକାଶରେ ସହାୟକ ହେଉଛନ୍ତି । ବିକାଶ ପ୍ରକ୍ରିୟାକୁ ଆଦରି ଉନ୍ନୟନ ମୂଳକ ଯୋଜନାରେ ଉତ୍ସାହର ସହିତ ସାମିଲ ହେବା ସହିତ ଉନ୍ନୟନ ପଥରେ କ୍ରମଶଃ ଅଗ୍ରସର ହେଉଥିବାର ଦେଖାଯାଉଛି ।

ଡିଡାୟୀ ମାନେ ଅତି ସରଳ । ସେମାନେ ଅଳ୍ପରେ ସନ୍ତୁଷ୍ଟ ହୁଅନ୍ତି । ନିଜର ଜୀବିକା ନିର୍ବାହ ଉପରେ ସେମାନେ ସାଧାରଣତଃ ପ୍ରାଧାନ୍ୟ ଦିଅନ୍ତି । ଏବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଡିଡାୟୀ ମହିଳା ମାନଙ୍କର ସାମାଜିକ ଦକ୍ଷତା ବୃଦ୍ଧି ହେବା ସହିତ ସଂଚୟ କରିବାର ସ୍ୱାଭାବିକ ପ୍ରବୃତ୍ତି ବଢିବାରେ ଲାଗିଛି । ଦିନକୁ ଦିନ ସେମାନଙ୍କ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉଛି । ପ୍ରାଚୀନ ଚିକିତ୍ସା ପଦ୍ଧତି ପ୍ରତି ଯଦିଓ ସେମାନଙ୍କର ବିଶ୍ୱାସ ଏବେ ବି ଅଟୁଟ ରହିଛି ତଥାପି ଅପରିହାର୍ଯ୍ୟ କ୍ଷେତ୍ରରେ ସେମାନେ ଆଧୁନିକ ଡାକ୍ତରୀ ଔଷଧ ବ୍ୟବହାର କରୁଛନ୍ତି । ସେମାନେ ପୋଡୁଚାଷର ହାନିକାରକ ଦିଗ ଓ ଦୃଷ୍ଟିକୋଣ ପ୍ରତି ସଚେତନ ହୋଇ କ୍ରମାବନତ ପାହାଡ ଗଡ଼ାଣିରେ ସ୍ଥାୟୀ କୃଷି କରୁଛନ୍ତି । ଏହା ଦ୍ୱାରା ସେମାନେ ଲାଭବାନ ହେଉଛନ୍ତି । ଅନ୍ୟପକ୍ଷରେ ପୋଡୁଚାଷ ନ କରିବା ଦ୍ୱାରା ଯେଉଁ ଜଙ୍ଗଲ ସଂପଦମାନ ସଂଗ୍ରହ କରିହେବ ତାହାକୁ ବଜାରରେ ବିକ୍ରି କରି ସେଥିରୁ ମଧ୍ୟ ବେଶ୍ ଦୁଇ ପଇସା କମେଇ ହେବ ବୋଲି ସେମାନେ ଆଶା ରଖିଛନ୍ତି । ଅଦ୍ୟାବଧି ପ୍ରାଥମିକ ଶିକ୍ଷା ସ୍ତରରେ ସମସ୍ତ ଶିଶୁଙ୍କ ନାମ ପଞ୍ଜୀକୃତ ହୋଇପାରିନାହିଁ । ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଇ ପାଠ ପଢାଇବାର ଆଗ୍ରହ କ୍ରମଶଃ ବୃଦ୍ଧି ପାଉଛି । ଜଳ ଅମଳ ପ୍ରକଳ୍ପ, ମାଛ ଯାଆଁଳ ବନ୍ଧ, ଉଠା ଜଳସେଚନ ଆଦି ଉନ୍ନୟନ ମୂଳକ କାର୍ଯ୍ୟଧାରା ପ୍ରତି ସେମାନଙ୍କର ଆଗ୍ରହ ବଢୁଥିବାର ଲକ୍ଷ୍ୟ କରାଯାଉଛି । ମାଛଚାଷ, ଗୋ-ପାଳନ ଓ ଅର୍ଥକାରୀ ଫସଲ ଉତ୍ପାଦନରେ ସେମାନଙ୍କର ଆଗ୍ରହ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନ୍ତର୍ଭୁକ୍ତ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ଦ୍ୱାରା ବହୁ ଗ୍ରାମବାସୀ ଉପକୃତ ହେଉଛନ୍ତି ।

ସେମାନଙ୍କ ଆବଶ୍ୟକତାକୁ ଅନୁଭବ କରି ଯେପରି ଯୋଜନା ହେବା କଥା ସେପରି ଯୋଜନା ଅଦ୍ୟାବଧି ହୋଇପାରିନାହିଁ । ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ପ୍ରୟୋଗରେ ଆବଶ୍ୟକ ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବର ଅଭାବ ରହିଛି । ଅନ୍ୟପକ୍ଷରେ ଉନ୍ନୟନ ନିମନ୍ତେ ପ୍ରଣୀତ ଯୋଜନା ଗୁଡିକ ଲୋକାଭିମୁଖୀ ହେବା ସହିତ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଥିବା ଅବଶ୍ୟକ । ଏପରି ହେଲେ ସେମାନଙ୍କର ପ୍ରଗତିର ମାର୍ଗ ପ୍ରଶସ୍ତ ହେବ ।



ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ଫଟୋ ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି



ଜୁଆଙ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ



ଜୁଆଙ୍ଗ



ମୂଳ ଇଂରାଜୀ :

ଅଖିଳ ବିହାରୀ ଓଡା

ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :


ଅଖିଳ ବିହାରୀ ଓଡା

ପରମାନନ୍ଦ ପଟେଲ

ପ୍ରଦୀପ୍ତ କୁମାର ସାମଲ୍



ବାସସ୍ଥଳୀ





କିମ୍ବଦନ୍ତୀ ଅନୁସାରେ କୁଆଙ୍ଗମାନଙ୍କର ମୂଳମାଟି କେଉଁଝର । ସେମାନେ ପ୍ରଥମେ କେଉଁଝରର "କୁଆଙ୍ଗ ପୀଢ଼"ରେ ବସବାସ କରୁଥିଲେ । ସମୟକ୍ରମେ କୁଆଙ୍ଗମାନେ ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଲେ । ବର୍ତ୍ତମାନ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ କୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଛନ୍ତି । କେଉଁଝର କୁଆଙ୍ଗ ପୀଢର କୁଆଙ୍ଗ ମାନଙ୍କୁ ଥାନିଆ କୁହାଯାଉଥିବା ବେଳେ ସେଠାରୁ ସ୍ଥାନାନ୍ତରିତ ଅଥବା ବିସ୍ତାରିତ ହୋଇ ଅନୁଗୁଳ ଅଥବା ଢେଙ୍କାନାଳ ଜିଲ୍ଲାରେ ବାସ କରୁଥିବା କୁଆଙ୍ଗମାନଙ୍କୁ ଭାଗୁଡ଼ିଆ କୁହାଯାଏ । ଭାଗୁଡ଼ିଆ ଶବ୍ଦର ଅର୍ଥ ପଳାତକ । କୁଆଙ୍ଗମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । "କୁଆଙ୍ଗ ପୀଢ"ରେ ବସବାସ କରୁଥିବାକୁଆଙ୍ଗମାନଙ୍କର ଜୀବନ ଓ ଜୀବିକାର ପ୍ରମୁଖ ମାଧ୍ୟମ ହେଲା ପୋଡୁଚାଷ ।

କୁଆଙ୍ଗ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ହେଉଛି "ମଣ୍ଡଘର", କୁଆଙ୍ଗ ଭାଷାରେ ଏହାକୁ ମଜାଙ୍ଗ କୁହନ୍ତି । ଏହି ମଣ୍ଡଘର ବା ମଜାଙ୍ଗ ବହୁ ପ୍ରାଚୀନ ଅନୁଷ୍ଠାନ । ଏହାସହିତ କୁଆଙ୍ଗ ମାନଙ୍କର ଜୀବନ ଓ ସଂସ୍କୃତି ଜଡ଼ିତ । କୁଆଙ୍ଗ ମାନଙ୍କର ବାସସ୍ଥଳୀ କେବଳ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅନ୍ୟ ବର୍ଗ ବା ଜାତିର ଲୋକମାନେ କୁଆଙ୍ଗ ବସତିଠାରୁ କିଛି ଦୂରରେ ଅଥବା କିଛି ବାଟ ଛାଡ଼ି ଅନ୍ୟଏକ ସ୍ୱତନ୍ତ୍ର ଗାଁରେ ବସବାସ କରୁଥିବାର ଦେଖାଯାଏ । ଗଉଡ଼, ତେଲି, ଖଣ୍ଡାୟତ, ପାଣ ଓ ଅନ୍ୟଜାତିର ଲୋକମାନେ କୁଆଙ୍ଗମାନଙ୍କ ଠାରୁ ଦୂରରେ ରୁହନ୍ତି । ସମୟ ଯେତେ ବଦଳିଲେ ମଧ୍ୟ ଅଦ୍ୟାବଧି ଆଦିମ ଜନଜାତି ଗୋଷ୍ଠୀର କୁଆଙ୍ଗମାନେ ସେମାନଙ୍କ ପ୍ରାଚୀନ ସଂସ୍କୃତି; ପରମ୍ପରା, ସାମାଜିକ ମୂଲ୍ୟବୋଧ, କଳାକୌଶଳ ଆଦିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ପାରି ନାହାଁନ୍ତି । କ୍ଷୀର ବ୍ୟବସାୟ କରୁଥିବା ଗଉଡ଼ ଗୋଷ୍ଠୀର ଲୋକମାନଙ୍କ ସହିତ କୁଆଙ୍ଗ ମାନଙ୍କର ଅଧିକ ସୁ-ସମ୍ପର୍କ ଥିବାର ଜଣାଯାଏ । କୁଆଙ୍ଗମାନେ ପାଉଡ଼ିଭୂୟାଁ ଜନଜାତିର ଲୋକମାନଙ୍କୁ ବଡ଼ଭାଇ ପରି ମାନନ୍ତି ଓ ସମ୍ମାନ ଦିଅନ୍ତି ।



ଗଉଡ଼ ଓ କୁଆଙ୍ଗ ମାନଙ୍କ ମଧ୍ୟରେ ସମ୍ପର୍କ ରହିଛି । ଉଭୟଙ୍କ ମଧ୍ୟରେ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଭାବ - ବିନିମୟ ହୁଏ । କେତେ କ୍ଷେତ୍ରରେ ଭୂୟାଁ, ବାଥୁଡ଼ି, ଗଣ୍ଡ ଓ ଅନ୍ୟ ଜାତିର ଲୋକମାନେ କୁଆଙ୍ଗଙ୍କ ପଡ଼ିଶା ଭାବରେ ଚଳନ୍ତି । କୁଆଙ୍ଗ ଓ




ଉପକ୍ରମ

କୁଆଙ୍ଗମାନଙ୍କୁ ଆଦିମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ କେବଳ ଓଡ଼ିଶାରେ ଦେଖାଯାଆନ୍ତି । ସେମାନଙ୍କର ନିଜସ୍ୱ ଭାଷା ରହିଛି । ତାହା ଅଷ୍ଟ୍ରିକ ଭାଷା ପରିବାରର । ସେମାନଙ୍କ ଭାଷାରେ କୁଆଙ୍ଗ ଶବ୍ଦର ଅର୍ଥ ମଣିଷ । କେଉଁ ପ୍ରାଚୀନ କାଳରୁ ସେମାନେ ଓଡ଼ିଶାରେ ସ୍ଥାୟୀ ଭାବରେ ବସବାସ କରିଆସୁଛନ୍ତି । ସେମାନଙ୍କର ସମୃଦ୍ଧ ସାଂସ୍କୃତିକ ପରଂପରା ରହିଛି । କୁଆଙ୍ଗ ମାନଙ୍କର ସମାଜିକ ଓ ସାଂସ୍କୃତିକ ଜୀବନଧାରା ବେଶ୍ ରୁଚିପୂର୍ଣ୍ଣ ଓ ସୁନ୍ଦର । ସେମାନେ ଅତ୍ୟନ୍ତ ଶାନ୍ତ ଓ ସରଳ ସ୍ୱଭାବ ବିଶିଷ୍ଟ । ବାହାର ଆଗନ୍ତୁକ ମାନଙ୍କ ଆଗରେ ସେମାନେ ସେତେଟା ମୁକ୍ତ ହୋଇ ପାରନ୍ତି ନାହିଁ । ତାଙ୍କଠାରେ ମାର୍ଜିତ ବ୍ୟବହାର ଦେଖିବାକୁ ମିଳେ । ଧୀର, ସ୍ଥିର, ଶାନ୍ତ ଓ ଭଦ୍ରୋଚିତ ବ୍ୟବହାର ଭିତରେ ଟିକିଏ ଲାଜ ମିଶିଥିବାପରି ଜଣାଯାଏ । ସେମାନେ ଗୋଷ୍ଠୀଜୀବନ ଓ ଭାତୃତ୍ୱ ଉପରେ ଗୁରୁତ୍ୱ ଦିଅନ୍ତି । ନିଜର ବାସସ୍ଥଳୀ, ଜନ୍ମମାଟି, ପ୍ରକୃତି ତା'ର ଶାନ୍ତ ସ୍ନିଗ୍ଧ ସବୁଜ ପରିବେଶ ଓ ସର୍ବୋପରି ସର୍ବଶକ୍ତିମାନ ଅତିପ୍ରାକୃତ ଶକ୍ତିକୁ ଭଲପାଆନ୍ତି, ବିଶ୍ୱାସ କରନ୍ତି ଓ ପୂଜା କରନ୍ତି । ସୁଖ ଦୁଃଖ, ବିପଦଆପଦରେ ପରସ୍ପରକୁ ସାହାଯ୍ୟ କରନ୍ତି । ଜଣେ ଆଉ ଜଣକର ସୁଖ ଦୁଃଖରେ ଭାଗି ହୁଏ । କେହି କାହାକୁ ନିସ୍ୱ ବା ଅସହାୟ ହେବାକୁ ଦିଅନ୍ତି ନାହିଁ । ସ୍ନେହ, ସାହଯ୍ୟ ଓ ସହାନୁଭୂତିର ଏକ ସୁନ୍ଦର ମାନବିକ ସମାଜରେ କୁଆଙ୍ଗମାନଙ୍କର ଜୀବନଶୈଳୀ ଯେତିକି ସୁନ୍ଦର ସେତିକି ରସାଣିତ ମନେହୁଏ । ନିଜର ସଂସ୍କୃତିକୁ ନେଇ ସେମାନେ ଗର୍ବ ଅନୁଭବ କରନ୍ତି ।







ପାଉଡ଼ିଭୂୟାଁ ଜନଜାତି ଉଭୟେ ଭାଇ ଭାଇ । ସମ୍ପର୍କ ନିବିଡ଼ । ଏର ନିବିଡ଼ତା ହୁଏତ କୌଣସି କାରଣରୁ ସ୍ଥାୟୀ ହୋଇ ପାରିଲା ନାହିଁ । ତଥାପି ଉଭୟ ଗୋଷ୍ଠୀ ମଧ୍ୟରେ ଥିବା ସମ୍ପର୍କକୁ ଅସ୍ୱୀକାର କରି ହୁଏ ନାହିଁ ।



ପ୍ରକୃତ କୁଆଙ୍ଗ ଗାଁ ଗୁଡ଼ିକ ପାହାଡ଼ର ଗଡ଼ାଣି ଅଥବା ଜଳଉତ୍ସ ଥିବା ଅଞ୍ଚଳରେ ଦେଖାଯାଏ । ସେହିସବୁ ଅଞ୍ଚଳରେ ଅନେକ ଛୋଟ ଛୋଟ ପଡ଼ାଗ୍ରାମ ରହିଥାଏ । ପ୍ରତି ପଡ଼ାଗ୍ରାମର ଜନ ସାଧାରରଣଙ୍କ ମଧ୍ୟରେ ଉତ୍ତମ ସାମାଜିକ ସମ୍ପର୍କ ଓ ବୁଝାମଣା ଥାଏ । ଆଗରୁ ଗୋଟିଏ ଗାଁରେ ଗୋଟିଏ ବଂଶର ଲୋକମାନେ ବାସ କରୁଥିଲେ । ଏବେ ଆଉ ସେପରି ନାହିଁ । ସମୟ ବଦଳି ଯାଇଛି । ପରିବର୍ତ୍ତିତ ପରିସ୍ଥିତିରେ ପ୍ରତ୍ୟେକ ଗୋଷ୍ଠୀର ବିସ୍ତାରହେବା ଫଳରେ ଗାଁ ମାନଙ୍କରେ ବିଭିନ୍ନ ବଂଶର ଲୋକ ଏକାଠି ବସବାସ କରୁଥିବାର ଦେଖାଯାଉଛି । ଯାହା ହେଲେବି ପ୍ରତି ଗାଁର ସ୍ୱତନ୍ତ୍ରତା ରହିଛି । ଗ୍ରାମ୍ୟ ଭିତ୍ତିକ ସାମାଜିକ ଚଳଣି ମଧ୍ୟରେ ଭିନ୍ନତା ଦୃଷ୍ଟିଗୋଚର ହୁଏ । ପ୍ରତି ଗାଁର ସ୍ୱତନ୍ତ୍ର ଗ୍ରାମ ସଭା ଥାଏ । ଗୋଟିଏ ଗାଁର ଆଭ୍ୟନ୍ତରୀଣ ପରିଚାଳନା ବ୍ୟାପାରରେ ଅନ୍ୟ ଗାଁର ଲୋକମାନେ ହସ୍ତକ୍ଷେପ କରନ୍ତି ନାହିଁ ।

ଗୋଟିଏ କୁଆଙ୍ଗ ଜନ ବସତିରେ ଘରଗୁଡ଼ିକ ଧାଡ଼ିକିଆ ନହୋଇ ଏଠି ସେଠି ହୋଇଥାଏ । କେତେକ ଗାଁରେ ଘର ଗୁଡ଼ିକ "ମଣ୍ଡଘର" ର ଚାରିପଟେ ଥାଏ । ମଣ୍ଡଘରର ସମ୍ମୁଖ ଭାଗରେ ରହିଥାଏ "ଗ୍ରାମଶିରୀ" । ଏଠି ଗ୍ରାମଦେବତା ପୂଜା ପାଆନ୍ତି ।



କୁଆଙ୍ଗ ମାନଙ୍କର ବିଶ୍ୱାସ ଯେ ଗ୍ରାମଶିରୀ ବା ଗ୍ରାମଦେବୀ ଗାଁରେ ବାସ କରୁଥିବା ସମସ୍ତ ଲୋକଙ୍କର ଭଲ ମନ୍ଦ, ସୁଖ ଦୁଃଖ, ହାନୀ ଲାଭ ବୁଝିବେ । ସବୁ ପ୍ରକାର ବିପଦଆପଦରୁ ରକ୍ଷା କରିବେ । ଆବଶ୍ୟକ ନିରାପତ୍ତା ଯୋଗାଇ ଦେବେ ।

କୁଆଙ୍ଗମାନେ ବେଳେବେଳେ ସେମାନଙ୍କର ପାରମ୍ପରିକ ବସତିସ୍ଥଳରେ ପରିବର୍ତ୍ତନ କରୁଥିବାର ଦେଖାଯାଏ । ଯଦି ଗୋଟିଏ ବସତି ଅଞ୍ଚଳରେ ଥରକୁ ଥର ଅକାଳ ମୃତ୍ୟୁ ହୁଏ ଅଥବା ବାରମ୍ବାର ଏଡ଼ାଇ ନ ହେଲାଭଳି ଦୁଃଖ ଦୁର୍ବିପାକ ମାଡ଼ି ଆସେ, ତେବେ କୁଆଙ୍ଗମାନେ ଆଉ ଗୋଟିଏ ନୂଆ ସ୍ଥାନରେ ସେମାନଙ୍କର ନୂତନ ବସତି ଗଢ଼ିବାକୁ ଶ୍ରେୟ ମନେ କରନ୍ତି । ଅନ୍ୟପକ୍ଷରେ ଜଙ୍ଗଲ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରୁଥିବା କୁଆଙ୍ଗମାନେ ଜଙ୍ଗଲ ସମ୍ପଦର ଅବକ୍ଷୟ ହେଲେ ସେମାନଙ୍କର ଅନିଚ୍ଛା ସତ୍ତ୍ୱେ ବସତି ସ୍ଥଳ ପରିବର୍ତ୍ତନ କରିବାକୁ ଏକ ପ୍ରକାର ବାଧ୍ୟ ହୋଇଥାନ୍ତି । ଗୋଟିଏ








ନୂତନ ବସତି ସ୍ଥଳ ବାଛିବା ସମୟରେ ସେମାନେ ପ୍ରଚୁର ଜଙ୍ଗଲ ସମ୍ପଦ; ସବୁଦିନିଆ ଜଳଝର ଓ ଚାଷୋପଯୋଗୀ ଜମି ଉପରେ ଗୁରୁତ୍ୱ ଦିଅନ୍ତି । ବସତିସ୍ଥଳ ପରିବର୍ତ୍ତନ ନିମନ୍ତେ ଗ୍ରାମ୍ୟ ପୂଜାରୀ 'ନାଗମ' ଧାର୍ମିକ ମୁଖ୍ୟ 'ପ୍ରଧାନ' ଓ ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଷ୍ପତ୍ତି ନିଅନ୍ତି । ପରୋକ୍ଷରେ ହେଉ ଅବା ପ୍ରତ୍ୟକ୍ଷରେ ହେଉ ସବୁବେଳେ ସମସ୍ତେ ଗୋଷ୍ଠୀର ପାରମ୍ପରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଅନ୍ତି ।

ଘର ତିଆରି କଲାବେଳେ କୁଆଙ୍ଗମାନେ ପରାମ୍ପରିକ ଗୃହନିର୍ମାଣ କଳା ଓ ସ୍ଥାପତ୍ୟକୁ ଦୃଷ୍ଟିରେ ରଖିଥାନ୍ତି । ସେମାନଙ୍କ ଦ୍ୱାରା ନିର୍ମିତ ଏକ ବଖୁରିଆ କୁଡ଼ିଆ ଘରଟିକୁ ସେମାନେ ବହୁମୁଖୀ ବ୍ୟବହାରରେ ଲଗାନ୍ତି । ସେମାନଙ୍କର ସ୍ୱତନ୍ତ୍ର ଶୟନ କକ୍ଷ ଅଥବା ବିଶ୍ରାମ କକ୍ଷ ନଥାଏ । ଶୋଇବା; ବସା ଉଠା କରିବା; ଜିନିଷପତ୍ର ରଖିବା ଓ ରୋଷେଇ କରିବା ଆଦି ଯାବତୀୟ ଗୃହକର୍ମ ସେଇ ଗୋଟିଏ ଘରେ କରିବାକୁ ହୁଏ । କୁଆଙ୍ଗ ଘର ଦେଖିବାକୁ ଆୟତକ୍ଷେତ୍ର ପରି ଜିନିଷ ପତ୍ର ରଖିବା ନିମନ୍ତେ ଘର ଭିତରେ କାଠର ଭାଡ଼ି ଥାଏ । ସ୍ୱାମୀ-ସ୍ତ୍ରୀ ଓ ଅବିବାହିତ ପୁତ୍ର କନ୍ୟା ମାନେ ସାଧାରଣତଃ ଗୋଟିଏ ଘରେ ଚଳିଯାଆନ୍ତି ।

କୁଆଙ୍ଗମାନେ ନିଜ ରହିବା ଘରଠାରୁ ଅଳ୍ପ ଦୂରରେ ଗୋରୁ ଗୁହାଳ ଓ ଘୁଷୁରି ଘର ତିଆରି କରିଥାନ୍ତି । ଗୁହାଳ ଘରର କାନ୍ଥରେ କାଠର ଖମ୍ଭମାନ ପୋତାଯାଇଥାଏ । ଘର ମାଟିରେ ଲିପାପୋଛା ହୁଏ । ଘର ଆଗରେ ଲମ୍ବ ବାରଣ୍ଡା ରଖାଯାଏ । ଏହି ବାରଣ୍ଡାକୁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ବ୍ୟବହାର କରାଯାଏ । ଘରର ଚାଳରେ ବାଉଁଶ ବ୍ୟବହାର କରାଯାଏ । ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବଣଘାସ ସାହାଯ୍ୟରେ ଘର ଛପର ହୁଏ । ପାରମ୍ପରିକ ଦୃଢ଼ ଧର୍ମ ବିଶ୍ୱାସକୁ କେନ୍ଦ୍ରକରି ନିର୍ମିତ ଘରେ ଝରକା ରଖାଯାଏ ନାହିଁ । ଏହା କୁଆଙ୍ଗ ମାନଙ୍କର ଲୋକ ବିଶ୍ୱାସ ଯେ ଘରେ ଝରକା ରଖିଲେ ସେହି ବାଟ ଦେଇ ଘର ଭିତରକୁ ଦୁଷ୍ଟ ଆତ୍ମାର ଅନୁପ୍ରବେଶ ହେବ । ଘରର ଦରଜା ଅଳ୍ପ ଉଚ୍ଚ ଓ ଅପ୍ରଶସ୍ତ । ଏହା କାଠ ଅଥବା ବାଉଁଶରେ ତିଆରି ହୋଇଥାଏ । ଘର ଭିତରେ ବା ବାହାରେ ଧାନ ଅଥବା ବାଜରା ଆଦି ଶସ୍ୟ ଅମଳ ନିମନ୍ତେ ସ୍ଥାନଟିଏ ଥାଏ । ରୋଷେଇ ଘରର ବିପରୀତ ଦିଗରେ ଘରକରଣା ସାମଗ୍ରୀମାନ ରଖିବା ନିମନ୍ତେ ଉଚ୍ଚ ଜାଗାଟିଏ ପ୍ରସ୍ତୁତ କରାଯାଇଥାଏ । ଗୃହକର୍ତ୍ତାର ଜିନିଷ ପତ୍ର ଓ ଆବଶ୍ୟକତାକୁ କେନ୍ଦ୍ର କରି ଘରର ଆକାର ନିର୍ଦ୍ଧାରିତ ହୋଇଥାଏ ।












ଅର୍ଥନୈତିକ ସଙ୍ଗଠନ

ପୂର୍ବରୁ କୁଆଙ୍ଗମାନେ ପତ୍ର ନିର୍ମିତ ପୋଷାକ ପିନ୍ଧୁଥିବାର ବର୍ଣ୍ଣନା ମିଳେ । ବର୍ତ୍ତମାନ କୁଆଙ୍ଗ ମାନେ ସାପ୍ତାହିକ ହାଟ-ବଜାରରୁ ସାଧାରଣ ପୋଷାକ ପତ୍ର କିଣି ବ୍ୟବହାର କରୁଛନ୍ତି । ପଡ଼ୋଶୀ ଜନ ଗୋଷ୍ଠୀ ସହିତ ସମ୍ପର୍କରେ ନିବିଡ଼ତା ଆସିଲାଣି । ଅନ୍ୟଗୋଷ୍ଠୀର ଲୋକମାନଙ୍କର ଜୀବନଶୈଳୀ ଦ୍ୱାରା କୁଆଙ୍ଗମାନେ ବହୁମାତ୍ରାରେ ପ୍ରଭାବିତ ହୋଇ ନିଜର ପାରମ୍ପରିକ ପୋଷାକ ଓ ଅଳଙ୍କାର ପରିପାଟୀରେ ପରିବର୍ତ୍ତନ ଆଣିଲେଣି । ସେମାନେ ବ୍ୟବହାର କରୁଥିବା ଅଳଙ୍କାର ମାନଙ୍କ ମଧ୍ୟରେ ଚୁଡ଼ି, ବାହୁବନ୍ଧ, ହାତମୁଦି, ନାକ ଓ କାନ ରିଙ୍ଗ୍, ଅଣ୍ଟାସୂତା; ନାଲି ଓ ହଳଦୀ ରଙ୍ଗର ପୋହଳାଯୁକ୍ତ ସୁନ୍ଦର ସୁନ୍ଦର ବେକମାଳୀ ଆଦି ପ୍ରଧାନ । ଏହାବ୍ୟତୀତ ସେମାନେ ପାନ ପତ୍ର ଆକୃତିର ପାନପତ୍ରି ମଧ୍ୟ ବ୍ୟବହାର କରନ୍ତି । ବୟୋଜ୍ୟେଷ୍ଠା ମହିଳାମାନେ ପୁରୁଣାକାଳର ପାରମ୍ପରିକ ଅଳଙ୍କାରମାନ ଏବେ ମଧ୍ୟ ବ୍ୟବହାର କରୁଥିବାର ଦେଖାଯାଉଛି । ଶରୀରର ବିଭିନ୍ନ ସ୍ଥାନରେ ଚିତା ପକାନ୍ତି । ନୃତ୍ୟ ସମୟରେ ଅଥବା କୌଣସି ପର୍ବ ପର୍ବାଣି ପାଳନ ବେଳେ ଝିଅ-ପୁଅମାନଙ୍କୁ ପାରମ୍ପରିକ ପାନିଆଁ ଦେଇଥାନ୍ତି । ଭଲ ପାଇବାର ସ୍ମାରକ ଏଇ ପାନିଆଁ । ଝିଅମାନେ ଏଥିରେ ମୁଣ୍ଡ କୁଣ୍ଡାନ୍ତି । ଯେତେବେଳେ ସେମାନେ ବାହାରକୁ ଯାଆନ୍ତି ସାଥୀରେ ତମାଖୁ ସେବନ ପାତ୍ର ଓ ଦିଆସିଲି ନେଇଥାନ୍ତି । "ଚାଙ୍ଗୁ" କୁଆଙ୍ଗ ମାନଙ୍କର ମୁଖ୍ୟ ବାଦ୍ୟ । ସେମାନେ ଭାରି ଚାଙ୍ଗୁ ପ୍ରିୟ । ସବୁବେଳେ ଚାଙ୍ଗୁକୁ ପାଖେ ପାଖେ ରଖିଥାନ୍ତି । ଏହା ବ୍ୟତୀତ ମାଛଧରା ଖାପ୍, ପିଞ୍ଜରା, ଜାଲ ଆଦି ଆବଶ୍ୟକୀୟ ଗୃହ ସରଞ୍ଜାମ ମାନ ବାରଣ୍ଡା ଚାଳରେ ଟଙ୍ଗା ହୋଇଥବାର ଦେଖାଯାଏ ।

ଆର୍ଥିକ ସ୍ୱଚ୍ଛଳତା ଥିବା କୁଆଙ୍ଗ ଘରେ ଅଧିକ ବାସନ କୁସନ, ଆସବାବପତ୍ର ଓ ଘରକରଣା ସାମଗ୍ରୀମାନ ଦେଖିବାକୁ ମିଳେ । ସେହିପରି ବଡ଼ ବଡ଼ ଯୌଥ ପରିବାରରେ ମଧ୍ୟ ଅଧିକ ଘରକରଣା ସରଞ୍ଜାମ ମାନ ଥାଏ । ମୁଖ୍ୟତଃ କୁଆଙ୍ଗମାନେ ବେଶୀ ଜିନିଷ ରଖନ୍ତି ନାହିଁ । ବିଳାସ ବ୍ୟସନ ଠାରୁ ଦୂରରେ ରହି ସାଧାରଣ ସରଳ ଜୀବନ ଯାପନ କରନ୍ତି । ଘରକରଣା ଜିନିଷ ଭିତରେ କେତୋଟି ମାଟିପାତ୍ର ହାଣ୍ଡି, ମାଠିଆ, ଇତ୍ୟାଦି, ପତ୍ରରେ ତିଆରି ଛତା ଓ ଟୋପି, ଓ ଶୋଇବା ପାଇଁ ମସିଣା ଇତ୍ୟାଦି ପ୍ରଧାନ ।




















ଅନ୍ୟକେତେକ ଗୁରୁତ୍ୱପୂର୍ଣ୍ଣ ଗୃହ ସରଞ୍ଜାମ ମାନଙ୍କ ମଧ୍ୟରେ କାଠ ଚକିଆ, ଝାଡୁ, କୁଲା, ଧନୁ, ତୀର, ଛୁରୀ, କୁରାଢୀ, ହଳଲଙ୍ଗଳ, କୁଆଳୀ, ମଇ ଇତ୍ୟାଦି। ଏହା ବ୍ୟତୀତ କିଛି ଆଲୁମିନିୟମ ବାସନ କୁସନ, ଲଣ୍ଠନ, ଟର୍ଚ୍ଚ, ଟ୍ରଙ୍କ ଇତ୍ୟାଦି ସାମଗ୍ରୀ କୁଆଙ୍ଗ ଘରେ ଦେଖିବାକୁ ମିଳେ।


ବର୍ତ୍ତମାନ ସମାଜରେ ପ୍ଲାଷ୍ଟିକ ପଦାର୍ଥର ଚାହିଦା ବଢୁଛି । ବଜାରରେ ନାନା ପ୍ରକାର ପ୍ଲାଷ୍ଟିକ ଜିନିଷ ସୁଲଭ ଓ ଶସ୍ତାରେ ମିଳୁଛି। କୁଆଙ୍ଗମାନେ ମଧ୍ୟ ସାପ୍ତାହିକ ହାଟବଜାରରୁ ସେମାନଙ୍କ ଦୈନନ୍ଦିନ ଜୀବନରେ କାମରେ ଆସିଲାଭଳି ପ୍ଲାଷ୍ଟିକ୍ ଜିନିଷମାନ କିଣି ବ୍ୟବହାର କରୁଛନ୍ତି । ଏପରିକି କୁଆଙ୍ଗମାନେ କାଳ କାଳ ଧରି ବ୍ୟବହାର କରିଆସୁଥିବା ସୁନ୍ଦର କାରୁକାର୍ଯ୍ୟ ଖଚିତ ପାନିଆଁ। ବଦଳରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ପାନିଆଁର ଆଦର ବଢ଼ିଛି । ଅତୀତରେ ଅବିବାହିତା କୁଆଙ୍ଗ କିଶୋରୀମାନେ ପାନିଆଁ। ତିଆରି କରୁଥିଲେ । ସୁନ୍ଦର ପାନିଆଁ ତିଆରି କରିବା ଏକ ସାମାଜିକ ପରମ୍ପରା ଥିଲା । ଏହା ଥିଲା ସେମାନଙ୍କର ସଂସ୍କୃତିର ଅଙ୍ଗ । କୁଆଙ୍ଗମାନେ ସକାଳୁ ଉଠନ୍ତି । ମହିଳାମାନେ ରନ୍ଧାବଢ଼ା କରିବା ଓ ଅନ୍ୟାନ୍ୟ ଘରୋଇ କାମଧନ୍ଦାରେ ଲାଗି ପଡ଼ନ୍ତି । ପୁରୁଷମାନେ ବର୍ଷ ତମାମ ମଣ୍ଡଘର ପାଖରେ ଜଳୁଥିବା ନିଆଁ ଚାରିପଟେ ସକାଳୁ ସକାଳୁ ବସି ଗପସପ ଆରମ୍ଭ କରି ଦିଅନ୍ତି। ସକାଳ ଖିଆ ଖାଇସାରିବା ପରେ ପରିବାରର ସମସ୍ତ ସଦସ୍ୟ କୃଷିକ୍ଷେତ୍ରକୁ ଅବା ଜଙ୍ଗଲକୁ ବାହାରି ପଡ଼ନ୍ତି । ଦିନ ତମାମ କାମ















କରିବା ପାଇଁ ସାଙ୍ଗରେ ମଧ୍ୟାହ୍ନ ଭୋଜନ ନେଇଥାନ୍ତି । ସନ୍ଧ୍ୟାରେ ଯିଏ ଯାହାର କର୍ମକ୍ଷେତ୍ରରୁ ଫେରନ୍ତି । ଫେରିଲାବେଳେ ସାଙ୍ଗରେ ଶାଳପତ୍ର, ଜାଳେଣୀ କାଠ, ଫଳମୂଳ, କନ୍ଦା ଇତ୍ୟାଦି ଆଣିଥାନ୍ତି ।

କର୍ମକ୍ଷେତ୍ରରୁ ଫେରିବା ପରେ ମହିଳାମାନେ ରାତ୍ରି ଭୋଜନ ପ୍ରସ୍ତୁତ କରି ଦିଅନ୍ତି । ପୁରୁଷମାନେ ମଣ୍ଡଘରକୁ ଯାଇ ବିଶ୍ରାମ ନିଅନ୍ତି । ନିଆଁ ପାଖରେ ବସି ଶରୀରକୁ ଉଷୁମ କରନ୍ତି । ଏକାଠି ହୋଇ ନାନା ବିଷୟ ଆଲୋଚନା କରନ୍ତି । ହସ ଖୁସିରେ ସମୟ ବିତିଯାଏ । ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ଜନିତ କ୍ଲାନ୍ତିକୁ ଭୁଲି ଯାଆନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମଣ୍ଡଘରେ ବର୍ଷାସାରା ଦିନରାତି ନିଆଁ ଜଳୁଥାଏ । ଫସଲ ଅମଳ ହୋଇ ସାରିବା ପରେ ପୁରୁଷମାନେ ଶିକାର କରିବାକୁ ଜଙ୍ଗଲକୁ ଯାଆନ୍ତି । ସେହି ସମୟରେ ମହିଳାମାନେ ଋତୁକାଳୀନ ଫଳମୂଳ, ପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହରେ ଲାଗିପଡ଼ନ୍ତି । ନିଜ ଅଞ୍ଚଳରେ ଥିବା ଜଙ୍ଗଲରୁ ସେମାନେ ବଣ କୁକୁଡ଼ା ଅଣ୍ଡା, ମୟୂର ଅଣ୍ଡା, ମହୁ, ଛତୁ, ଓ ଅନ୍ୟାନ୍ୟ କେତେକ ସ୍ୱାଦିଷ୍ଟ ଫଳ ସଂଗ୍ରହ କରି ନିଜ ବ୍ୟବହାରରେ ଲଗାନ୍ତି । ଆଗରୁ କୁଆଙ୍ଗମାନେ କେବଳ ଜଙ୍ଗଲ ଉପରେ ନିର୍ଭର କରି ଚଳି ଆସୁଥିଲେ ।














ଜଙ୍ଗଲର ଦ୍ରୁତ ଅବକ୍ଷୟ କାରଣରୁ ଜଙ୍ଗଲ ଉପରେ ନିର୍ଭର କରି ଚଳିବା ଆଉ ସମ୍ଭବପର ହେଉନାହିଁ । ଏବେ କୁଆଙ୍ଗମାନେ ଆଧୁନିକତା ପ୍ରତି ଆକୃଷ୍ଟ ହୋଇ ଜୀବନ ଓ ଜୀବିକାର ମାନରେ ପରିବର୍ତ୍ତନ ଆଣିଲେଣି ।

କୁଆଙ୍ଗ ଜନଜାତି ମାନଙ୍କ ମଧ୍ୟରେ ସାମାଜିକ ପରମ୍ପରା କ୍ରମେ ବୟସ ଓ ଲିଙ୍ଗ ଭେଦରେ କିଏ କେଉଁ କାମ କରିବ, ତାହା ଠିକ୍ ହୋଇଥାଏ । ମହିଳାମାନେ ମୁଖ୍ୟତଃ ଘରଭିତରର ଯାବତୀୟ ଗୃହ କର୍ମ କରନ୍ତି । ପୁରୁଷମାନେ ବାହାର କାମରେ ଲାଗନ୍ତି । ସେମାନେ କଠିନ ଶ୍ରମ ଆବଶ୍ୟକ ପଡୁଥିବା କାମ ଯଥା - ହଳ କରିବା, କାଠ ଚିରିବା, ଘର ଛପର କରିବା ଆଦି କାମ କରନ୍ତି । ବାଳକମାନେ କାମ ଧନ୍ଦାରେ ବାପାଙ୍କୁ ସାହାଯ୍ୟ କଲାବେଳେ ଝିଅମାନେ ମା'ଙ୍କୁ ସାହାଯ୍ୟ କରନ୍ତି । ଏପରିକି ବୃଦ୍ଧ ବୃଦ୍ଧାମାନେ ମଧ୍ୟ ଛୋଟ ଛୋଟ କାମରେ ଲାଗିପଡ଼ନ୍ତି । ସାଧାରଣଃ ବୃଦ୍ଧ ବୃଦ୍ଧାମାନେ ପରିଣତ ବୟସରେ ଘର ଜଗିବା, ନାତି ନାତୁଣୀ ମାନଙ୍କୁ ପାଖରେ ରଖି ସେମାନଙ୍କ ଯତ୍ନ ନେବା ଆଦି କାମ କରନ୍ତି ।



ଶିକାର, ଖାଦ୍ୟ ସଂଗ୍ରହ, ସାଧାରଣ କୃଷି ଓ ପୋଡୁଚାଷ କରି କୁଆଙ୍ଗମାନେ ଜୀବନ ଅତିବାହିତ କରନ୍ତି । ବର୍ତ୍ତମାନ କାଳରେ କେତେକ କୁଆଙ୍ଗ କୃଷିକୁ ଜୀବନ ଧାରଣର ପ୍ରମୁଖ ମାଧ୍ୟମ ରୂପେ ଗ୍ରହଣ କରି ବିଭିନ୍ନ ପ୍ରକାର କୃଷି କର୍ମ କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଅର୍ଥନୈତିକ ପ୍ରଗତି ହୋଇଛି । ସ୍ଥାନୀୟ ହାଟ ବଜାରରେ କୁଆଙ୍ଗ କୃଷକଙ୍କ ଦ୍ୱାରା ଉତ୍ପାଦିତ ପନିପରିବାର ବେଶ୍ ଚାହିଦା ରହିଛି । କୁଆଙ୍ଗମାନେ ସେମାନଙ୍କ କୃଷିକ୍ଷେତ୍ରକୁ ଚାରିଭାଗରେ ବିଭକ୍ତ କରନ୍ତି । ପୋଡୁଚାଷ କରାଯାଉଥିବା କ୍ଷେତ ବା ଜମିକୁ "ତଇଲା" କୁହାଯାଏ । ସମତଳ ଓ ଶୁଷ୍କ ଚାଷ ଉପଯୋଗୀ ଜମିକୁ "ଗୁଡ଼ା" କୁହନ୍ତି । ପନିପରିବା ହେଉଥିବା ଜମି "ବାଡ଼ି" ନାମରେ ନାମିତ । ଧାନ ଚାଷ ନିମନ୍ତେ ଉପଯୁକ୍ତ ଆର୍ଦ୍ର ଓ ଜଳସେଚିତ ଜମିକୁ "ବିଲ" କୁହାଯାଏ । "ତଇଲା" ଜମିରେ ଏକ ପ୍ରକାର ତୈଳବୀଜ ଓ ମାଣ୍ଡିଆ ଚାଷ କରାଯାଏ । ତଇଲା ଜମିକୁ ସେହି ଅଞ୍ଚଳରେ ବାସ କରୁଥିବା କୁଆଙ୍ଗ ପରିବାରମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥାଏ ।






ଯାହାଭାଗରେ ଯେଉଁ ଅଂଶ ପଡ଼େ ସେହି ଜମିରେ ସେ ଚାଷ କରେ ଓ ଉତ୍ପାଦିତ ଫସଲକୁ ନିଜେ ଅମଳ କରି ନିଜ ପରିବାର ଭରଣ ପୋଷଣ କରେ । 'ଗୁଡ଼ା' ଜମିକୁ ମଧ୍ୟ 'ତଇଲା' ପରି ଗୋଷ୍ଠୀସ୍ତରରେ ପରିବାର ପିଛା ଭାଗ କରାଯାଇଥାଏ । ପରିବାରର ସଦସ୍ୟ ସଂଖ୍ୟାକୁ କେନ୍ଦ୍ରକରି 'ଗୁଡ଼ା' ଜମିକୁ ବଣ୍ଟାଯାଏ । ବହୁ ସଦସ୍ୟ ବିଶିଷ୍ଟ ବଡ଼ ପରିବାର ଅଧିକ ତଇଲା ଓ ଗୁଡ଼ା ଜମି ପାଇଲା ବେଳେ ଅଳ୍ପ ସଦସ୍ୟ ବିଶିଷ୍ଟ ପରିବାର ଅପେକ୍ଷାକୃତ କମ୍ ଜମି ପାଇଥାନ୍ତି । ତୃତୀୟ ପ୍ରକାର ଜମି ଯାହାକୁ 'ବାଡ଼ି' କୁହାଯାଏ ସେଥିରେ ପନିପରିବା ଚାଷ, ମକାଚାଷ ଆଦି କରାଯାଏ । ସାଧାରଣତଃ ବାଡ଼ି ଘରକୁ ଲାଗିକରି ଥାଏ ।ସବୁ ପ୍ରକାର ଜମି ମଧ୍ୟରେ 'ବିଲ' ସର୍ବୋତ୍ତମ । ପ୍ରତିବର୍ଷ ଥରେ ଏହି ଆର୍ଦ୍ର ଓ ଜଳସେଚିତ ଜମିରେ ଧାନଚାଷ କରାଯାଏ । ବର୍ତ୍ତମାନ ଅଧିକ ଅମଳକ୍ଷମ ଧାନ ବର୍ଷକୁ ଦୁଇଥର କରାଯାଉଛି ।










ପୋଡୁଚାଷ କୁଆଙ୍ଗମାନଙ୍କ ମଧ୍ୟରେ ଭାରି ଲୋକପ୍ରିୟ । ଏହା ଫେବୃୟାରୀ ଓ ମାର୍ଚ୍ଚମାସ ବେଳକୁ ଆରମ୍ଭ ହୁଏ। ପ୍ରଥମେ ସମସ୍ତେ ମିଳିମିଶି ଜଙ୍ଗଲ ସଫାକରନ୍ତି । ଡାଳପତ୍ର ଶୁଖିଗଲେ ସେଥିରେ ନିଆଁ ଲଗାଇ ଦିଅନ୍ତି । ପରବର୍ତ୍ତୀ କାଳରେ ସେହି ପାଉଁଶ ମାଟିକୁ ଉର୍ବର କରେ । ଭଲ ଫସଲ ଆମଦାନୀ ହୁଏ । ପୋଡୁଚାଷ ପାଇଁ କୁଆଙ୍ଗ ଅଞ୍ଚଳରେ ବାସ କରୁଥିବା ପ୍ରତି ପରିବାରର ମୁଖ୍ୟଙ୍କ ଉପସ୍ଥିତି ଓ ଆବଶ୍ୟକତାକୁ ବିଚାର କରି ପୋଡୁକ୍ଷେତ ଆବଣ୍ଟନ ପ୍ରକ୍ରିୟା








କୁଆଙ୍ଗମାନଙ୍କର ଏକ ସାମାଜିକ ନୀତି। କ୍ଷେତ ଆବଣ୍ଟନ ପରେ ଯିଏ ଯାହାର କ୍ଷେତର ଯତ୍ନ ନିଅନ୍ତି । ମଞ୍ଜି ବୁଣିବା; ଯତ୍ନନେବା; ଜଗାରଖା କରିବା ଆଦି କାମକୁ ପରିବାରର ସଦସ୍ୟମାନେ ମିଳିମିଶି କରନ୍ତି । ଡିସେମ୍ବର ଓ ଜାନୁଆରୀ ମାସ ବେଳକୁ ଫସଲ ଅମଳ ହେବାର ବେଳ ଆସିଯାଏ । ବର୍ଷର ଅଧିକାଂଶ ସମୟ କୁଆଙ୍ଗମାନଙ୍କର 'ତଇଲା' କାମରେ କଟିଯାଏ । 'ତଇଲା'ରେ ବିଭିନ୍ନ ପ୍ରକାର ତୈଳବୀଜ ଓ ଖାଦ୍ୟଶସ୍ୟ ଉତ୍ପାଦନ କରିବା ଫଳରେ କୁଆଙ୍ଗମାନଙ୍କର ଜୀବନ ଓ ଜୀବିକା ସୁରକ୍ଷିତ ରହିବା ସହିତ ସାମାଜିକ ଓ ଆର୍ଥିକ ପ୍ରଗତି ସମ୍ଭବ ହୁଏ ।

ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ଫଳରେ କୁଆଙ୍ଗମାନଙ୍କର ଜୀବନ କ୍ରମଶଃ ଦୁର୍ବିସହ ହୋଇପଡୁଛି । ଶିକାର ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ପାରିବାରିକ ଗୁଜୁରାଣ ମେଣ୍ଟାଇବା ସହଜ ନୁହେଁ । ଯାହାହେଲେବି ଅଭାବ ସମୟରେ ସେହି ଜଙ୍ଗଲ ସମ୍ପଦକୁଆଙ୍ଗମାନଙ୍କର ସାହାଭରସା । ଜଙ୍ଗଲ ହିଁ ସେମାନଙ୍କର ଜୀବନ ।

କୁଆଙ୍ଗମାନେ ଭାରି ମାଛପ୍ରିୟ । ଆଞ୍ଚଳିକ ଜଳଉତ୍ସ ଗୁଡ଼ିକରୁ ମାଛ ଧରନ୍ତି । ବଳକା ମାଛ ହାଟ-ବଜାରରେ ବିକ୍ରି କରନ୍ତି । ମାଛବିକ୍ରିରୁ କିଛି ଅର୍ଥ ଉପାର୍ଜନ କରିବା କୁଆଙ୍ଗମାନଙ୍କର ଲକ୍ଷ୍ୟ ନୁହେଁ ମାତ୍ର ମାଛ ଧରିବାର ଏକ ଭିନ୍ନ ଆନନ୍ଦ ଓ ଆକର୍ଷଣ ରହିଛି ।














କୁଆଙ୍ଗମାନେ କୃଷିକାର୍ଯ୍ୟ ; ମାଛ ଧରିବା ; ଶିକାର କରିବା ; ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ସହିତ ଛେଳି, ଗାଈ, ଘୁଷୁରୀ, କୁକୁଡ଼ା ଆଦି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ଆବଶ୍ୟକ ସ୍ଥଳେ ହାଟ-ବଜାରରେ ବିକ୍ରିକରି କିଛି ଟଙ୍କା ରୋଜଗାର କରନ୍ତି। ବଳକା ଫସଲକୁ ଅନ୍ୟ ଉଚ୍ଚଗୋଷ୍ଠୀର ଲୋକମାନଙ୍କ ପରି ହାଟବଜାର ଅଥବା କୃଷି ସମବାୟ ପ୍ରତିଷ୍ଠାନରେ ବିକ୍ରି କରନ୍ତି । କୁଆଙ୍ଗମାନେ ମଜୁରୀ ଲାଗିବାକୁ ଭଲ ପଆନ୍ତି ନାହିଁ । ବର୍ତ୍ତମାନ ଯୁବ କୁଆଙ୍ଗମାନେ ଠିକାଦାରମାନଙ୍କ ପାଖରେ କାମ କରୁଥିବାର ଦେଖାଯାଉଛି । 'କୁଆଙ୍ଗ ଶ୍ରମ ସମବାୟ' ଦ୍ୱାରା କୁଆଙ୍ଗ ପରିବାର ଉପକୃତ ହେଉଛନ୍ତି ।














ସାଧାରଣତଃ କୁଆଙ୍ଗମାନେ ଦିନକୁ ତିନିବେଳା ଖାଆନ୍ତି । ଅଭାବ ସମୟରେ ଦିନକୁ ଦୁଇଥର ଖାଇବାକୁ ହୋଇଥାଏ । ସେମାନେ ମହୁଲ ଫୁଲରୁ ପ୍ରସ୍ତୁତ ମଦକୁ ପାନୀୟ ଭାବରେ ବ୍ୟବହାର କରନ୍ତି । ଭାତ, ମକା, ବାଜରା ଓ ବିଭିନ୍ନ ପ୍ରକାର ଫଳମୂଳ, କନ୍ଦା ସେମାନଙ୍କର ଦୈନନ୍ଦିନ ଆହାର । ଏହାବ୍ୟତୀତ ସେମାନେ ପର୍ବ ପର୍ବାଣି ପାଳନ ବେଳେ ଖଜୁରୀ ଓ ସଲପ ମଦକୁ ବ୍ୟବହାର କରନ୍ତି । ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସେମାନେ ଉପଯୁକ୍ତ ପୃଷ୍ଟିକର ସୁଷମ ଖାଦ୍ୟ ନିୟମିତ ଭାବରେ ପାଆନ୍ତି ନାହିଁ । କୁଆଙ୍ଗ ଅଞ୍ଚଳରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାର ଅନୁକୂଳ ପରିବେଶ ଓ ବ୍ୟବସ୍ଥା ନ ଥିବାରୁ ଚିକିତ୍ସାରେ ବହୁ ପ୍ରତିବନ୍ଧକ ଦେଖାଦିଏ ।

ଜୀବନ ଜୀବିକା ପାଇଁ ସେମାନଙ୍କୁ କଠୋର ପରିଶ୍ରମ କରିବାକୁ ହୁଏ । ଏବେବି ସେମାନେ ପୋଡୁଚାଷ କରିବା ସହ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରୁଛନ୍ତି । ଜନସଂଖ୍ୟା ତୁଳନାରେ କୃଷି ଉପଯୋଗୀ ଧାନଜମି ବହୁତ୍ କମ୍ । ଅର୍ଥନୈତିକ ଅନଗ୍ରସର କୁଆଙ୍ଗମାନଙ୍କ ନିମନ୍ତେ ଋଣଦାତା ସାହୁକାର ଓ ମଦବ୍ୟବସାୟୀମାନେ ନାନାପ୍ରକାର ଅସୁବିଧା ସୃଷ୍ଟିକରିବା ସହିତ ଶୋଷଣ କରିଚାଲିଛନ୍ତି । ପର୍ବପର୍ବାଣି, ବିବାହ, ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ଆଦି ସମୟରେ ଅଭାବୀ କୁଆଙ୍ଗମାନଙ୍କୁ ଋଣ କରିବାକୁ ପଡ଼େ । ସେମାନେ ଆଞ୍ଚଳିକ ଋଣଦାତାଙ୍କଠାରୁ ଋଣ ଆଣନ୍ତି । ଫସଲ ଅମଳ ପରେ ସେହି ଋଣର ସୁଧ ଓ ମୂଳ ଅର୍ଥ ପରିଶୋଧ ବାବଦକୁ ଉତ୍ପାଦିତ ଫସଲର ଅଧିକାଂଶ ଭାଗ ଦେଇ ଦେବା ଫଳରେ ଉନ୍ନତିର ମାର୍ଗ ପ୍ରତିରୋଧ ହୁଏ । କୁଆଙ୍ଗ ସମାଜର ଉନ୍ନୀତ ଅର୍ଥନୀତି ଓ ସର୍ବାଙ୍ଗୀନ ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ସରକାର ଯେତେ ଯୋଜନା ପ୍ରଣୟନ କଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ଗୃହପାଳିତ ପଶୁପକ୍ଷୀ ତଥା ସ୍ଥାନୀୟ ପରିବେଶ ପରିମଳ ପ୍ରତି ଅସଚେତନତା ଯୋଗୁଁ କୁଆଙ୍ଗମାନଙ୍କର ଗ୍ରାମ ପରିବେଶ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ଜଣାଯାଏ । ପଶୁ ପକ୍ଷୀ ଓ ମଣିଷ ଗୋଟିଏ ଜଳ ଉତ୍ସର ଜଳ ବ୍ୟବହାର କରୁଥିବାରୁ ବେଳେବେଳେ ତାହା ସଂକ୍ରମିତ ହୋଇପଡ଼ିଥାଏ ।










ଧର୍ମ

କିମ୍ବଦନ୍ତୀ ଅନୁସାରେ କୁଆଙ୍ଗମାନଙ୍କର ମୂଳମାଟି କେଉଁଝର । ସେମାନେ ପ୍ରଥମେ କେଉଁଝରର "କୁଆଙ୍ଗ ପୀଢ଼"ରେ ବସବାସ କରୁଥିଲେ । ସମୟକ୍ରମେ କୁଆଙ୍ଗମାନେ ଅନ୍ୟ ଅଞ୍ଚଳକୁ ବିସ୍ତାରିତ ହେଲେ । ବର୍ତ୍ତମାନ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ମଧ୍ୟ କୁଆଙ୍ଗ ଜନଜାତିର ଲୋକମାନେ ବାସ କରୁଛନ୍ତି । କେଉଁଝର କୁଆଙ୍ଗ ପୀଢର କୁଆଙ୍ଗ ମାନଙ୍କୁ ଥାନୀଆ କୁହାଯାଉଥିବା ବେଳେ ସେଠାରୁ ସ୍ଥାନାନ୍ତରିତ ଅଥବା ବିସ୍ତାରିତ ହୋଇ ଅନୁଗୁଳ ଅଥବା ଢେଙ୍କାନାଳ ଜିଲ୍ଲାରେ ବାସ କରୁଥିବା








କୁଆଙ୍ଗମାନଙ୍କୁ ଭାଗୁଡ଼ିଆ କୁହାଯାଏ। ଭାଗୁଡ଼ିଆ ଶବ୍ଦର ଅର୍ଥ ପଳାତକ । କୁଆଙ୍ଗମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । "କୁଆଙ୍ଗ ପୀଢ"ରେ ବସବାସ କରୁଥିବାକୁଆଙ୍ଗମାନଙ୍କର ଜୀବନ ଓ ଜୀବିକାର ପ୍ରମୁଖ ମାଧ୍ୟମ ହେଲା ପୋଡୁଚାଷ ।

କୁଆଙ୍ଗ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ହେଉଛି "ମଣ୍ଡଘର", କୁଆଙ୍ଗ ଭାଷାରେ ଏହାକୁ ମଜାଙ୍ଗ କୁହନ୍ତି। ଏହି ମଣ୍ଡଘର ବା ମଜାଙ୍ଗ ବହୁ ପ୍ରାଚୀନ ଅନୁଷ୍ଠାନ। ଏହାସହିତ କୁଆଙ୍ଗ ମାନଙ୍କର ଜୀବନ ଓ ସଂସ୍କୃତି






ଜଡ଼ିତ । କୁଆଙ୍ଗ ମାନଙ୍କର ବାସସ୍ଥଳୀ କେବଳ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅନ୍ୟ ବର୍ଗ ବା ଜାତିର ଲୋକମାନେ କୁଆଙ୍ଗ ବସତିଠାରୁ କିଛି ଦୂରରେ ଅଥବା କିଛି ବାଟ ଛାଡ଼ି ଅନ୍ୟଏକ ସ୍ୱତନ୍ତ୍ର ଗାଁରେ ବସବାସ କରୁଥିବାର ଦେଖାଯାଏ । ଗଉଡ଼, ତେଲି, ଖଣ୍ଡାୟତ, ପାଣ ଓ ଅନ୍ୟଜାତିର ଲୋକମାନେ କୁଆଙ୍ଗମାନଙ୍କ ଠାରୁ ଦୂରରେ ରୁହନ୍ତି । ସମୟ ଯେତେ ବଦଳିଲେ ମଧ୍ୟ ଅଦ୍ୟାବଧି ଆଦିମ ଜନଜାତି ଗୋଷ୍ଠୀର କୁଆଙ୍ଗମାନେ ସେମାନଙ୍କ ପ୍ରାଚୀନ ସଂସ୍କୃତି; ପରମ୍ପରା, ସାମାଜିକ ମୂଲ୍ୟବୋଧ, କଳାକୌଶଳ ଆଦିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ପାରି ନାହାଁନ୍ତି । କ୍ଷୀର ବ୍ୟବସାୟ କରୁଥିବା ଗଉଡ଼ ଗୋଷ୍ଠୀର ଲୋକମାନଙ୍କ ସହିତ କୁଆଙ୍ଗ ମାନଙ୍କର ଅଧିକ ସୁ-ସମ୍ପର୍କ ଥିବାର ଜଣାଯାଏ । କୁଆଙ୍ଗମାନେ ପାଉଡ଼ିଭୂୟାଁ ଜନଜାତିର ଲୋକମାନଙ୍କୁ ବଡ଼ଭାଇ ପରି ମାନନ୍ତି ଓ ସମ୍ମାନ ଦିଅନ୍ତି ।




ଗଉଡ଼ ଓ କୁଆଙ୍ଗ ମାନଙ୍କ ମଧ୍ୟରେ ସମ୍ପର୍କ ରହିଛି । ଉଭୟଙ୍କ ମଧ୍ୟରେ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଭାବ - ବିନିମୟ ହୁଏ । କେତେ କ୍ଷେତ୍ରରେ ଭୂୟାଁ, ବାଥୁଡ଼ି, ଗଣ୍ଡ ଓ ଅନ୍ୟ ଜାତିର ଲୋକମାନେ କୁଆଙ୍ଗଙ୍କ ପଡ଼ିଶା ଭାବରେ ଚଳନ୍ତି । କୁଆଙ୍ଗ ଓ









ରାଜନୈତିକ ପରିଷଦ

ଦେଶରେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ପ୍ରଚଳିତ ହେଲେ ମଧ୍ୟ ଜୁଆଙ୍ଗମାନଙ୍କ ମଧ୍ୟରେ ଏବେବି ଫଳପ୍ରଦପାରମ୍ପରିକ ରାଜନୈତିକ ପରିଷଦରହିଛି । ଏହି ପରିଷଦର ମୁଖ୍ୟଙ୍କୁ ପ୍ରଧାନ କହନ୍ତି । ଏହି ପଦବୀଟି ବଂଶାନୁକ୍ରମିକ ନୁହେଁ । ପରିଚାଳନାଗତ ଦକ୍ଷତା ଥିବା ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ଜଣକୁ ପ୍ରଧାନ ଭାବରେ ବଛାଯାଏ । ରାଜନୈତିକ ପରିଷଦରେ 'ନାଗମ'ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତାଙ୍କ ମତାମତକୁ ସମ୍ମାନ ଦିଆଯାଏ । ପ୍ରତି ସାମାଜିକ କାର୍ଯ୍ୟ ଓ ବିଚାର ପ୍ରଣାଳୀରେ ପ୍ରଧାନଙ୍କୁ ଶେଷ ନିଷ୍ପତ୍ତି ନେବାକୁ ସୁଯୋଗ ଦିଆଯାଏ । କୌଣସି ଜରୁରୀ କାଳୀନ ପରିସ୍ଥିତି ଉପୁଜିଲେ ସେ ତତକାଳ ସଭା ଡ଼କାନ୍ତି । ଜନଜାତି ଜୁଆଙ୍ଗମାନଙ୍କ ଗୋଷ୍ଠୀରେ ନାଗମ୍‌ଙ୍କ ସ୍ଥାନ ସ୍ୱତନ୍ତ୍ର । "ଡ଼ାଙ୍ଗୁଆ" ପ୍ରଧାନଙ୍କର ସହକାରୀ ଭାବରେ କାମ କରନ୍ତି । ସେ ସଭାକୁ ଲୋକମାନଙ୍କୁ ଡକାନ୍ତି । ବାର୍ତ୍ତାବହ ଭାବରେ ଅତି ବିଶ୍ୱସ୍ତତାର ସହ କାମ କରି ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରନ୍ତି । ଏସବୁସତ୍ତ୍ୱେ ବିଚାର ବ୍ୟବସ୍ଥାରେ କେତେଜଣ ବରିଷ୍ଠ ବ୍ୟକ୍ତି ମଧ୍ୟ ସକ୍ରିୟ ଅଂଶଗ୍ରହଣ କରନ୍ତି । ସେମାନଙ୍କ କଥା ବା ନିଷ୍ପତ୍ତି ଅଥବା ମତାମତ ଉପରେ ରାଜନୈତିକ ପରିଷଦଗୁରୁତ୍ୱ ଆରୋପ କରେ । ସବୁବେଳେ ଉପଯୁକ୍ତ ବିଚାର ପ୍ରତି ଧ୍ୟାନ ଦିଆଯାଏ । ଦୋଷୀ ଯେପରି ଖସିନଯାଏ ସେଥିପ୍ରତି ସମସ୍ତେ ସଜାଗ ଥାଆନ୍ତି ।




ଦୋଷୀ ବ୍ୟକ୍ତି ଠାରୁ ରାଜନୈତିକ ପରିଷଦଯେଉଁ କୋରିମାନା ଆଦାୟ କରେ ସେହି ଅର୍ଥରେ ଜୁଆଙ୍ଗମାନେ ଏକାଠିମିଶି ଭୋଜିଭାତ କରନ୍ତି ଓ ମଦ୍ୟପାନ କରନ୍ତି । ଦୁଇ ବା ତତୋଧିକ ଜୁଆଙ୍ଗ ଗ୍ରାମ ମଧ୍ୟରେ ବିବାଦବା ଅର୍ନ୍ତଦ୍ୱନ୍ଦ ଉପୁଜିଲେ ଆନ୍ତଃ-ଗ୍ରାମ ପରିଷଦସଭା ଡ଼କାଯାଇ ତା'ର ବିହିତ ପ୍ରତିକାରର





ବ୍ୟବସ୍ଥା କରିଥାଏ । ଏହି ସମୟରେ ସର୍ଦ୍ଦାରଙ୍କ ଗୁରୁତ୍ୱ ଓ ନିରଙ୍କୁଶ କ୍ଷମତା ରହିଥାଏ। ସର୍ଦ୍ଦାରଙ୍କ ନିଷ୍ପତ୍ତିକୁ ଶେଷ ନିଷ୍ପତ୍ତି ଭାବରେ ସମସ୍ତେ ଗ୍ରହଣ କରନ୍ତି ।

"କୁଆଙ୍ଗ ପୀଢ" ଛଅଗୋଟି ଉପପୀଢରେ ବିଭକ୍ତ । ପ୍ରତି ଉପପୀଢର ଜଣେ ଜଣେ ସର୍ଦ୍ଦାର ଥାଆନ୍ତି । ବେଳେ ବେଳେ ସ୍ୱତନ୍ତ ଘଟଣା କ୍ରମରେ କେଉଁଝର ଜିଲ୍ଲାର ଶାସନମୁଖ୍ୟ " ଉପପୀଢ"ର ଶାସନ ମୁଖ୍ୟ ହିସାବରେ ଜଣେ 'ସର୍ଦ୍ଦାର'ଙ୍କୁ ମନୋନୀତ କରିଥାନ୍ତି । ଗ୍ରାମସ୍ତରୀୟ ଅସମାହିତ ଘଟଣାବଳୀର ବିଚାର ସର୍ଦ୍ଦାରଙ୍କ ଦ୍ୱାରା ସମାହିତ ହୁଏ । ବର୍ତ୍ତମାନ କାଳରେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାର ଦ୍ରୁତ ବିକାଶରେ ସର୍ଦ୍ଦାରମାନଙ୍କର ଭୂମିକା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ତଥାପି କୁଆଙ୍ଗମାନଙ୍କର ପାରଂପରିକ ରାଜନୈତିକ ପରିଷଦଓ ସରକାରଙ୍କର ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ମଧ୍ୟରେ ସୁ-ସମନ୍ୱୟ ସ୍ଥାପନ ପୂର୍ବକ ଉଭୟ ଅନୁଷ୍ଠାନର ମର୍ଯ୍ୟାଦା ଅକ୍ଷୁଣ୍ଣ ରହିଛି । ଉନ୍ନୟନମୂଳକ କାର୍ଯ୍ୟରେ ୱାର୍ଡ଼ମେମ୍ବର ମାନଙ୍କର ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ସେମାନେ ସମସ୍ତ ସରକାରୀ ଯୋଜନା ସଂପର୍କରେ ଜ୍ଞାନ ଆହରଣ କରିବା ସହିତ ଜନସାଧାରଣ ଓ ସରକାରୀକଳ ମଧ୍ୟରେ ସମନ୍ୱୟ ରଖିଥାନ୍ତି ।







ଜୀବନ ଚକ୍ର

କୁଆଙ୍ଗମାନଙ୍କର ଜୀବନଧାରା ଆନନ୍ଦ ବିଷାଦଓ ଉତ୍‌ଥାନ - ପତନ ଦେଇ ଗତିଶୀଳ । କେଉଁଥିରେ ବ୍ୟସ୍ତ ନହୋଇ ସବୁଥିରେ ଚଳିଯିବା ଓ ଚଳେଇନେବାର ଧାରଣା ଅଥବା ମନୋବୃତ୍ତିରୁ କୁଆଙ୍ଗମାନଙ୍କର ସ୍ୱତନ୍ତ୍ରତା ବାରି ହୋଇପଡ଼େ । ବଂଶରକ୍ଷା ନିମନ୍ତେ ସେମାନେ ବିବାହ ବନ୍ଧନରେ ବାନ୍ଧି ହୁଅନ୍ତି । ବିବାହ ପରବର୍ତ୍ତୀ କାଳରେ କୁଆଙ୍ଗ ମହିଳାଟିଏ ମା' ହେବାପାଇଁ ମନ ବଳାଏ । ସେମାନେ ପୁଅ ଓ ଝିଅ ମଧ୍ୟରେ ବେଶୀ ପ୍ରଭେଦଦେଖନ୍ତି ନାହିଁ । ପୁଅ ହେଉ ଅବା ଝିଅ ହେଉ, ସନ୍ତାନଟିଏ ଲୋଡ଼ା । ପରିବାରକୁ ନୂଆ ସଦସ୍ୟଟିଏ ଆସିଲେ ସଂସାର ହସିଉଠେ । ତଥାପି କୁଆଙ୍ଗ ପୁରୁଷ ପୁଅମାନଙ୍କ ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ପୁଅଟିଏ ଜନ୍ମହେଲେ ବଂଶରକ୍ଷା ହେବ । ପରିବାରର ଉତ୍ତରାଧୀକାରୀ ହୋଇ ସ୍ଥାବର ଅସ୍ଥାବର ସମ୍ପତ୍ତି ଭୋଗ ଦଖଲ କରିବ ।

ବିବାହ ପରବର୍ତ୍ତୀ କାଳରେ ମହିଳାଟିଏ ଗର୍ଭବତୀ ହେବାର ଜଣାପଡ଼ିଲେ ବା ସେପରି ଲକ୍ଷଣ ପ୍ରକାଶ ପାଇଲେ ତାକୁ ଅତ୍ୟନ୍ତ ନିଷ୍ଠା ଓ ପବିତ୍ରତାର ସହିତ କେତେକ ସାମାଜିକ କାନୁନ୍, କଟକଣା ଭିତରେ ରହିବାକୁ ହୁଏ । ସନ୍ତାନ ପ୍ରସବ କାଳରେ




ଡ଼ାକ୍ତରଖାନାର ସେବିକା ବ ନର୍ସଙ୍କ ପରି ଗାଁର ଜଣେ ଅଭିଜ୍ଞା ବୟୋଜ୍ୟେଷ୍ଠା ମହିଳା ଧାଈ ଭାବରେ ସୁଖ ପ୍ରସବ ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରେ । ପ୍ରସବ ବେଦନା ଅଧିକ ହେଲେ ଅଥବା ପ୍ରସବ ହେବାକୁ ବିଳମ୍ବହେଲେ କେତେକ ଚେରମୂଳୀ ଔଷଧ ଖାଇବାକୁ ଦିଆଯିବା ସହିତ ଅଦୃଷ୍ଟ ଶକ୍ତିକୁ ସନ୍ତୁଷ୍ଟ ବିଧାନ କରାଯାଏ । ଜନ୍ମ ଅଶୌଚ ଛଅଦିନ ପାଳିତ ହୁଏ । ନିଜ କୁଟୁମ୍ବର ଲୋକମାନେ ଏହି ୬ ଦିନ ସମସ୍ତ ସାମାଜିକ ପରମ୍ପରାକୁ ମାନି ଚଳନ୍ତି ।












ଛଅଦିନ ବ୍ୟାପୀ ଜନ୍ମ ଅଶୌଚ ପାଳନ ପରେ ନାମଦିଆ ଉତ୍ସବ ନିମନ୍ତେ ଦିନ ବାର ଧାର୍ଯ୍ୟ ହେବାର ପରମ୍ପରା ରହିଛି । ସ୍ଥଳ ବିଶେଷରେ ଏହି ଉତ୍ସବ ପାଳନର ଅବଧିକୁ ତିନି ଚାରି ମାସ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଏ । ନାମଦିଆ ପର୍ବ ପାଳନ ସମୟରେ ବାପା ମନ ଖୁସିରେ ସାହି ଭାଇ, ଜ୍ଞାତି କୁଟୁମ୍ବ ମାନଙ୍କୁ ନିମନ୍ତ୍ରଣ କରି ଖାଦ୍ୟ ପାନୀୟର ବ୍ୟବସ୍ଥା କରନ୍ତି । ନାମ ଦେବା ସମୟରେ ଜନ୍ମିତ ସନ୍ତାନ ପୁତ୍ର ହୋଇଥିଲେ ଅଜାଙ୍କ ନାମ ଓ କନ୍ୟା ହୋଇଥିଲେ ଆଇଙ୍କ ନାମକୁ ପୁତ୍ର କନ୍ୟାଙ୍କ ନାମ ଭାବରେ ପସନ୍ଦ କରାଯାଏ । ଏହି ପର୍ବ ଅବସରରେ ମା ମାନେ ସମସ୍ତଙ୍କ ପାଇଁ ପାରମ୍ପରିକ ଘରୋଇ ଖାଦ୍ୟ ପ୍ରସ୍ତୁତ କରନ୍ତି ।



ସନ୍ତାନକୁ ଲାଳନ ପାଳନ କରି ଭବିଷ୍ୟତରେ ଭଲ ମଣିଷ କରି ଗଢ଼ି ତୋଳିବାରେ ମା'ର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଛି । ମା ହିଁ ଶିଶୁର ପ୍ରଥମ ଶିକ୍ଷୟିତ୍ରୀ । ସମାଜରେ କିପରି ଚଳିବାକୁ ହେବ ତାହା ମା ପ୍ରଥମେ ଶିଶୁକୁ ଶିଖାଇଥାଏ । ଏ ଦିଗରେ ପରିବାରର ଅନ୍ୟାନ୍ୟ ସଦସ୍ୟ ଓ ବାପାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । ପରିବାରର ସମସ୍ତେ ଜନ୍ମିତ ସନ୍ତାନର ସୁନ୍ଦର ସ୍ୱାସ୍ଥ୍ୟ ଓ ସୁଖ ସମୃଦ୍ଧ ଭବିଷ୍ୟତ କାମନା କରିବା ସହିତ ସାହାଯ୍ୟ ସହଯୋଗ କରିଥାନ୍ତି । ପିଲାମାନେ ବଡ଼ ହେଲେ ଅଥବା କିଶୋର କିଶୋରୀ ବୟସରେ ଉପନୀତ ହେଲେ ସେମାନଙ୍କୁ ମଜାଙ୍ଗ ବା ଯୁବାଘରକୁ ଯିବାର ସ୍ୱାଧୀନତା ମିଳେ । ସେଠାରେ ଯୁବକ ଯୁବତୀମାନେ ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ କରନ୍ତି । ଏ ଯୁବାଘର ଏକ ସାମାଜିକ ଅନୁଷ୍ଠାନ ।ଏହାକୁ ଏକ ସାମାଜିକ ଶିକ୍ଷାକେନ୍ଦ୍ର କହିଲେ କିଛି ଭୁଲ୍ ହେବନାହିଁ । ଏଠାରେ କିଶୋର କିଶୋରୀମାନେ ଜୀବନ ଶିକ୍ଷା ଲାଭ କରି ଭବିଷ୍ୟତ ଜୀବନକୁ କିପରି ସୁନ୍ଦର ଭାବରେ ଗଢ଼ିତୋଳିବେ ସେ ବିଷୟରେ ଚିନ୍ତା କରିବାର ଅବସର ପାଆନ୍ତି । କୁଆଙ୍ଗ କିଶୋରୀମାନେ ବାନ୍ଧବୀମାନଙ୍କ ଗହଣରେ ହସ ଖୁସିରେ ନାଚ ଗୀତରେ ଜୀବନ ବିତାଇବା ସହିତ ଭାବର ଆଦାନ ପ୍ରଦାନ କରି ବହୁତ କଥା






ଶିଖନ୍ତି । ଏହି ଶିକ୍ଷା ସେମାନଙ୍କ ଭବିଷ୍ୟତ ଜୀବନକୁ ସରସ ସୁନ୍ଦର କରିବାରେ ସାହାଯ୍ୟ କରେ । ଏଠାରୁ କିଶୋର - କିଶୋରୀମାନେ ସମାଜ ଜୀବନ ଓ ଗୋଷ୍ଠୀ ଜୀବନ ସହିତ ଖାପ ଖୁଆଇ ଚଳିବାର ପ୍ରେରଣା ପାଆନ୍ତି । ପ୍ରଚଳିତ ସାମାଜିକ ମୂଲ୍ୟବୋଧକୁ ସମ୍ମାନ ନେଇ ଚଳିବାର ଧାରା ଶିଖନ୍ତି । ସେମାନେ ଏଠାରେ ନାଚ, ଗୀତ ଶିଖିବା ସହିତ କୃଷି ସମ୍ବନ୍ଧୀୟ ଓ ଘରକରଣା ସମ୍ବନ୍ଧୀୟ ଅନେକ ଆବଶ୍ୟକୀୟ ସାମାଜିକ ଜ୍ଞାନ ହାସଲ କରିଥାଆନ୍ତି । କୁଆଙ୍ଗ କିଶୋରୀମାନେ ପନ୍ଦରରୁ ଅଠର ବର୍ଷ ମଧ୍ୟରେ ବିବାହ କରନ୍ତି ଓ କିଶୋରମାନେ କୋଡ଼ିଏରୁ ୨୩ ବର୍ଷ ବୟସ ମଧ୍ୟରେ ବିବାହ କରିଥାନ୍ତି । ବେଳେବେଳେ ସ୍ୱାମୀ ଓ ସ୍ତ୍ରୀ ଙ୍କ ବୟସ ପ୍ରାୟତଃ ସମାନ ହୋଇଥାଏ ।



ବୈବାହିକ ଜୀବନ କ୍ଷେତ୍ରରେ କୁଆଙ୍ଗମାନେ କେତେକ ପ୍ରଚଳିତ ସାମାଜିକ ନିୟମ ଓ ଅନୁଶାସନାବଳୀକୁ ଅନୁସରଣ କରିଥାନ୍ତି । ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ପରି କୁଆଙ୍ଗମାନେ କନ୍ୟାସୁନା ଦାବୀ କରନ୍ତି । ଏହି କନ୍ୟାସୁନା ପ୍ରଥାରେ ଗୋଟିଏ ଅଂଚଳ ଓ ଆଉ ଗୋଟିଏ ଅଂଚଳ ମଧ୍ୟରେ ଭନ୍ନତା ପରିଦୃଷ୍ଟ ହୁଏ । ପ୍ରସ୍ତାବ ବିବାହ; ବୁଝାମଣା ବିବାହ, ଝିକା ବିବାହ, ବିଧବା ବିବାହ ଆଦି ବହୁ ପ୍ରକାର ବିବାହପ୍ରଥା କୁଆଙ୍ଗ ସମାଜରେ ପ୍ରଚଳିତ । କୁଆଙ୍ଗ ଯୁବତୀ ବିବାହ ପରେ ତା'ର ସ୍ୱାମୀ ଘରେ ରହିବାର ପ୍ରଥା ରହିଛି । କୌଣସି ସାମାଜିକ ଗର୍ହିତ ଅପରାଧ ନ କଲେ ସ୍ୱାମୀ-ସ୍ତ୍ରୀ କେହି କାହାକୁ ଛାଡ଼ପତ୍ର ଦିଅନ୍ତି ନାହିଁ । ସ୍ୱାମୀ-ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ଉତ୍ତମ ବୁଝାମଣା ଭିତରେ ସୁଖ ଓ ଶାନ୍ତିରେ କଟିଯାଏ ।




ଶେଷଜୀବନରେ ପୁଅମାନେ ପିତାମାତା ମାନଙ୍କର ଭଲମନ୍ଦ ଦେଖନ୍ତି । ସାଧାରଣ ମୃତ୍ୟୁରେ ଶବକୁ ପୋଡ଼ି ଦିଆଯାଏ । ଅକାଳ ମୃତ୍ୟୁରେ ଶବକୁ ପୋତାଯାଏ । ମୃତ୍ୟୁର ୨ ଦିନପରେ ଶୌଚ ଉତ୍ସବ ମନାଯାଏ । ସେମାନେ ପୁନର୍ଜନ୍ମରେ ବିଶ୍ୱାସୀ । ପୂର୍ବ ପୁରୁଷର ଆତ୍ମାମାନଙ୍କୁ ନିୟମିତ ଭାବରେ ସମ୍ମାନ ଓ ସନ୍ତୋଷ କରିବାର ପରମ୍ପରା ରହିଛି ।



ସାମାଜିକ ଜୀବନ

ପରିବାର ଏକ କ୍ଷୁଦ୍ର ସାମାଜିକ ଏକକ ଓ ସଂଗଠନ । ଏହା ସକଳ ପ୍ରକାର ସାମାଜିକ, ରାଜନୈତିକ, ଧାର୍ମିକ ଓ ଆର୍ଥିକ କାର୍ଯ୍ୟାବଳୀର କେନ୍ଦ୍ରବିନ୍ଦୁ। ମୁଖ୍ୟତଃ କୁଆଙ୍ଗ ସମାଜରେ ଏକକ ପରିବାର ଦେଖାଯାଏ । ପରିବାର ଏକକ । ବିବାହ ପରବର୍ତ୍ତୀ କାଳରେ ସ୍ୱାମୀ-ସ୍ତ୍ରୀ ଅଲଗା ଘରେ ଏକାଠି ବସବାସ କରନ୍ତି । କୁଆଙ୍ଗ ପରିବାରରେ ପିତା ପରିବାରର ମୁଖ୍ୟ । ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପିତାଙ୍କର ନିଷ୍ପତ୍ତିକୁ ପରିବାରର ସମସ୍ତ ସଦସ୍ୟ ସମ୍ମାନ ଦିଅନ୍ତି ।





ବଂଶ ସଂରଚନାରେ କୁଆଙ୍ଗ ମାନଙ୍କର ସ୍ୱାତନ୍ତ୍ର୍ୟ ରହିଛି । ପ୍ରତି ବଂଶ ଆଞ୍ଚଳିକ ସ୍ତରରେ ବକ୍ ଭାବରେ ପରିଚିତ । ପ୍ରତି ବକ୍‌ର ସ୍ୱତନ୍ତ୍ର ଗୋତ୍ର ରହିଛି । ସମସ୍ତଙ୍କର ମୂଳଉତ୍ସ ଏକ । ଗୋଟିଏ ପୂର୍ବପୁରୁଷଙ୍କଠାରୁ ସମଗ୍ର ଗୋଷ୍ଠୀ ଉଦ୍‌ଭୁତ । ନିଜ ନିଜ ଗୋତ୍ରକୁ ସମସ୍ତେ ସମ୍ମାନ ଦିଅନ୍ତି । ପଶୁପକ୍ଷୀ, ବୃକ୍ଷ, ଫୁଲ, ଛତୁ, କୀଟ ଆଦିକୁ ଗୋତ୍ରର ଚିହ୍ନ ଭାବରେ ଗ୍ରହଣ କରାଯାଇଛି । ନିଜ ବଂଶ ମଧ୍ୟରେ ବିବାହ ନିଷିଦ୍ଧ । ରକ୍ତ ସମ୍ପର୍କୀୟମାନେ କୁଟୁମ୍ବ ସୂତ୍ରରେ ଆବଦ୍ଧ। ବନ୍ଧୁ ବର୍ଗ ମଧ୍ୟରେ ବିବାହ ବିଧି ପ୍ରଚଳିତ। ବିବାହ ପରେ ଜଣେ ମହିଳା ତା'ର ପୁରୁଷ ବଂଶ ଗୋତ୍ରକୁ ଗ୍ରହଣ କରେ। ସ୍ୱାମୀ-ସ୍ତ୍ରୀ କେହି କାହାର ନାଁ ଧରି ଡକାଡକି ହୁଅନ୍ତି ନାହିଁ। ସେମାନେ ସମାଜିକ ପ୍ରଥା ଓ ପରମ୍ପରାକୁ ମାନି ଚଳନ୍ତି । ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ସମ୍ମାନ ଓ ଗୁରୁତ୍ୱ ଦିଆଯାଏ ।

ସମାଜ ଜୀବନରେ ମଜାଙ୍ଗ ବା ମଣ୍ଡଘରର ଉଲ୍ଲେଖନୀୟ ଭୂମିକା ରହିଛି । ଏହା କୁଆଙ୍ଗ ଜନଜୀବନର ପ୍ରାଣକେନ୍ଦ୍ର । ମଣ୍ଡଘର ପାରମ୍ପରିକ ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଭାବରେ ପରିଚିତ । ମଣ୍ଡଘରର ଆକାର ଓ ପ୍ରକାର ସାଧାରଣ କୁଆଙ୍ଗଘର ଠାରୁ ଅପେକ୍ଷାକୃତ ବଡ଼ । ଏହାର ତିନି ଜଡ଼ରେ କାନ୍ଥଥାଏ । ସମ୍ମୁଖ ଭାଗ ଖୋଲାଥାଏ ଓ







ଏଠାରେ ବଡ଼ ବାରଣ୍ଡା ରହିଥାଏ। ଏହି ଘରକୁ ଲାଗିକରି ଗ୍ରାମଦେବତୀ ଗ୍ରାମଶିରୀଙ୍କ ପୀଠ । ଏଠାରେ ଏକ ଖୋଲା ସ୍ଥାନ ଥାଏ । ଏଠାରେ ଗୋଷ୍ଠୀ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୁଏ ।

ଯୁବାଘର କାନ୍ଥ, ଖୁଣ୍ଟ ଓ କଡ଼ିରେ ସୁନ୍ଦର ସୁନ୍ଦର ପାରମ୍ପରିକ ପ୍ରାଚୀନ କଳାକୃତି ମାନ ଖୋଦିତ ହୋଇଥିବାର ଦେଖାଯାଏ। ଘର ମଧ୍ୟରେ ବିଭିନ୍ନ ବାଦ୍ୟଯନ୍ତ୍ର, ପତ୍ରଛତା, ଖଜୁରୀ ମସିଣା, କାଠ ଷ୍ଟୁଲ, ମାଠିଆ ଆଦି ରଖାଯାଇଥାଏ। ବର୍ଷତମାମ ଘରର ମଧ୍ୟ ଭାଗରେ ନିଆଁ ଜଳୁଥାଏ। ପୂଜା କୁରାଡ଼ୀକୁ ଯତ୍ନ ସହକାରେ ରଖାଯାଇଥାଏ। ମଣ୍ଡଘରର ବ୍ୟବହାର ବହୁମୁଖୀ । ଏହା ଏକ ଅଣ-ଆନୁଷ୍ଠାନିକ ପ୍ରଶିକ୍ଷଣ କେନ୍ଦ୍ର। ହସଖୁସିରେ ଏକାଠି ହେବାର ଏକ ପୀଠ। ପର୍ଯ୍ୟଟକ ଓ ସରକାରୀ କର୍ମକର୍ତ୍ତାଙ୍କ ନିମନ୍ତେ ଏକ ସୁଲଭ ବିଶ୍ରମସ୍ଥଳୀ । ଏହା ମଧ୍ୟ ଗାଁର କୋଠଘର ବା ଭଣ୍ଡାର ଘର। ଗାଁର ଅବିବାହିତ ଯୁବକମାନଙ୍କର ନିମନ୍ତେ ଏହା ଏକ ସାମୟିକ ଶୟନ କକ୍ଷ। କେତେକ ପ୍ରଚଳିତ ସାମାଜିକ ନିୟମ କାନୁନ୍‌କୁ ମାନି କୁଆଙ୍ଗମାନେ ପାରମ୍ପରିକ ଭାବରେ ମଣ୍ଡଘରର ପରିଚାଳନା କରି ଆସୁଛନ୍ତି। କୁଆଙ୍ଗ ଜନଜୀବନରେ ମଣ୍ଡଘରର ମହତ୍ତ୍ୱ ରହିଛି । ଏହା କୁଆଙ୍ଗ ଜନ ଜୀବନର ଗର୍ବ ଓ ଗୌରବ । ସାମାଜିକ ଓ ସାଂସ୍କୃତିକ ଜୀବନ ଚର୍ଯ୍ୟାର ପବିତ୍ର ପୀଠ ।

କୁଆଙ୍ଗମାନେ କଳାପ୍ରିୟ । ସେମାନଙ୍କର ନୃତ୍ୟ ଓ ସଙ୍ଗୀତ ଉଚ୍ଚକୋଟିର। ଜଙ୍ଗଲ ପାହାଡ଼ର ସୁନ୍ଦର ସବୁଜିମା ଭିତରେ ସେମାନଙ୍କର ଜୀବନ କଟେ ହସଖୁସିରେ । ଜୀବନର ସବୁକ୍ଷେତ୍ରରେ ସେମାନେ ବେଶ୍ ଶୃଙ୍ଖଳିତ । ସବୁବେଳେ ସେମାନେ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଆରୋପ କରନ୍ତି । ସେମାନଙ୍କର ବ୍ୟକ୍ତିତ୍ୱ ମାର୍ଜିତ ଓ ବହୁ ଉତ୍ତମ ସାମାଜିକ ଗୁଣାବଳୀରେ ପରିପୂର୍ଣ୍ଣ । ସେମାନଙ୍କଠାରେ ଦୃଢ଼ ପରିଚାଳନାଗତ ଦକ୍ଷତା ଦେଖାଯାଏ । ଯୁବକ କୁଆଙ୍ଗମାନେ ଅତି ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ମନୋରମ ପାନିଆଁ ତିଆରି କରନ୍ତି । ଏହି ପାନିଆଁକୁ ସେମାନେ ପ୍ରିୟତମ ବାନ୍ଧବୀକୁ ଉପହାର ଭାବରେ ଦେଇଥାନ୍ତି । ନୃତ୍ୟ ସମୟରେ ସେମାନେ ସାମାଜିକ ମୂଲ୍ୟବୋଧକୁ ଅନୁସରଣ କରନ୍ତି । ନୃତ୍ୟ ଅବସରରେ ଯୁବକମାନେ ପରସ୍ପର ପ୍ରତି ଆକୃଷ୍ଟ ହୁଅନ୍ତି । ଏହି ଆକର୍ଷଣ କ୍ରମଶଃ ଉଭୟଙ୍କୁ ଏକାଠି କରିଦିଏ । ଏହି ଆକର୍ଷଣ ଶେଷରେ ବିବାହର ରୂପନିଏ ।









ପରିବର୍ତ୍ତନ ଓ ଉନ୍ନୟନ



ପରିବର୍ତ୍ତନ ଓ ଉନ୍ନୟନ ସବୁବେଳେ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ । ଏହାଏକ ସାମାଜିକ ଧାରା । କୁଆଙ୍ଗମାନେ ଏଥିରୁ ଅଲଗା ନୁହଁନ୍ତି । ଉନ୍ନବିଂଶ ଶତକରେ କୁଆଙ୍ଗମାନେ ସାଧାରଣ ଜନଜୀବନଠାରୁ ଢ଼େର୍ ଦୂରରେ ଏକୁଟିଆ ଜୀବନ ବିତାଉଥିଲେ । ଧୀରେ ଧୀରେ ପରିବର୍ତ୍ତନର ଧାରା ସେମାନଙ୍କ ପାଖରେ ପହଞ୍ଚିଲା । ସେମାନେ ନୂଆଜୀବନପ୍ରତି ଆକୃଷ୍ଟ ହେଲେ । ବିଗତ ତିନିଦଶନ୍ଧି ସେମାନଙ୍କ ଜୀବନର ଏକ ଉଲ୍ଲେଖନୀୟ ସମୟ । ଦ୍ରୁତ ପରିବର୍ତ୍ତନର ଧାରା ଜାରି ରହିଲା । ଆଧୁନିକ ବେଶ ପୋଷାକ ଓ ଚଳଣିକୁ ସେମାନେ ମାନିନେଲେ । ବସ୍ତୁସଂସ୍କୃତିର ରଙ୍ଗୀନ ମୋହରେ ମୋହଗ୍ରସ୍ତ ହେଲେ । ସେମାନଙ୍କର ପାରମ୍ପରିକ ଜୀବନ ଶୈଳୀରେ ହିନ୍ଦୁ ସଂସ୍କୃତିର ପ୍ରଭାବ ପଡ଼ିଲା । ଦୈନନ୍ଦିନ ଜୀବନ ଓ ପରିଧାନ ପରିପାଟୀ ବଦଳିଗଲା । ଏପରିକି ପ୍ରାଚୀନ ପରମ୍ପରା ସହ ପାରମ୍ପରିକ ଦେବଦେବୀଙ୍କ ପ୍ରତି ଥିବା ଚିରାଚରିତ ଆସ୍ଥା ଓ ବିଶ୍ୱାସବୋଧରେ କ୍ରମଶଃ ପ୍ରଶ୍ନବାଚୀ ସୃଷ୍ଟି ହେଲା ।




କୁଆଙ୍ଗ ଯୁବକମାନେ ଏବେ ଛୋଟ ଛୋଟ ବ୍ୟବସାୟ ଆରମ୍ଭ କଲେଣି । ପାଖ ସହରକୁ ଯାଇ ଜାଳେଣୀ କାଠ ବିକୁଛନ୍ତି । ଅଣ-ଆଦିବାସୀମାନଙ୍କ ଘରେ ଓ କ୍ଷେତରେ ଦିନ ମକୁରିଆ ଭାବରେ କାମ କରୁଛନ୍ତି । ପାରମ୍ପରିକ କାର୍ଯ୍ୟଶୈଳୀ ଓ ଜ୍ଞାନ କୌଶଳ ତା'ର ମହତ୍ତ୍ୱ ହରାଇଲାଣି । ପୁରୁଣା ଜୀବନ









ଶୈଳୀ କ୍ରମଶଃ ଅକାମୀ ହେବାକୁ ବସିଲାଣି । ମଣ୍ଡଘରର ମର୍ଯ୍ୟାଦା ଓ ମହିମା ଆଉ ନାହିଁ । ସାମାଜିକ ପରିଚିତି ଓ ସାଂସ୍କୃତିକ ମହାନତା ଆଧୁନିକତାର ସ୍ରୋତରେ ଧୀରେ ଧୀରେ ବିଲିନ ହେବାରେ ଲାଗିଛି । ନିଜ ଜାତି, କୁଟୁମ୍ବ, ଭାଇ, ବନ୍ଧୁ, ପଡ଼ୋଶୀ ଓ ରକ୍ତସମ୍ପର୍କୀୟମାନଙ୍କ ମଧ୍ୟରେ ଥିବା ପାରମ୍ପରିକ ସ୍ନେହ ଓ ସୌହାର୍ଦ୍ଦ୍ୟରେ ଭଙ୍ଗା ପଡ଼ିଛି । ଗୋଟିଏ ଗାଁରେ ବସବାସ କରୁଥିବା ଲୋକମାନଙ୍କ ଭିତରେ ଅନ୍ୟକୁ ଆପଣାର କରିବାର, ଭଲ ପାଇବାର ଯେଉଁ ଆନ୍ତରିକତା ଥିଲା ତାହା ଆଉ ଦେଖିବାକୁ ମିଳେନାହିଁ । ଗାଁ ଗାଁ ଭିତରେ ଥିବା ପୂର୍ବ ସମ୍ପର୍କ ଆଉ ନାହିଁ । ଏପରିକି ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଫାଟ ଦେଖାଯାଉଛି ।

ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ ଅଭାବରୁ କୁଆଙ୍ଗମାନେ ଆଧୁନିକ ଅଧିକ ଅମଳକ୍ଷମ ଚାଷ ପ୍ରଣାଳୀ ପ୍ରତି ଆକୃଷ୍ଟ ହେଲେଣି । ଫସଲରେ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରୁଛନ୍ତି । ବିଗତ ୪୦ ବର୍ଷ ଧରି କେଉଁଝରର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କୁଆଙ୍ଗମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ କାର୍ଯ୍ୟ କରି ଆସୁଛି । ଶିକ୍ଷା-କୃଷି-ଜଳସେଚନ-ମୃତ୍ତିକା ସଂରକ୍ଷଣ, ଗୃହ ନିର୍ମାଣ, ଗମନାଗମନ, ସ୍ୱାସ୍ଥ୍ୟ ଓ ପରିମଳ ଆଦି ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଇଛି । ବର୍ତ୍ତମାନ କୁଆଙ୍ଗମାନେ ପାରମ୍ପରିକ ମୂଲ୍ୟବୋଧ ବଦଳରେ ଆଧୁନିକ ଜୀବନଶୈଳୀକୁ ଗ୍ରହଣ କରିନେଇଛନ୍ତି । ସେମାନଙ୍କୁ ମୁଖ୍ୟ ସାମାଜିକ ସ୍ରୋତରେ ମିଶେଇ ଆର୍ଥିକ ଓ ସାମାଜିକ ଉନ୍ନୟନର ଯେଉଁ ସ୍ୱପ୍ନ ଥିଲା ତାହା ସଫଳ ହେବାକୁ ଯାଉଛି । ଆର୍ଥିକ ଉନ୍ନୟନ ସହିତ ପ୍ରାଚୀନ ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧକୁ ସଂରକ୍ଷିତ କରି ରଖିବାର ପ୍ରକ୍ରିୟା ଜାରି ରହିଛି ।









ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୂହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୂହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବନ୍ଧରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ଫଟୋ ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

କୁଟିଆ କନ୍ଧ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ପରିଭାଷା

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

କୁଟିଆ କନ୍ଧ



ମୂଳ ଇଂରାଜୀ
ଅଖିଳ ବିହାରୀ ଓତା
ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍


ଉପକ୍ରମଣିକା



ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ କନ୍ଧ ସଂଖ୍ୟା ଗରିଷ୍ଠ ଜନଜାତି। ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ କନ୍ଧମାନଙ୍କୁ ଦେଶିଆ, ଡ଼ଙ୍ଗରିଆ, କୁଟିଆ, ବୁଡୁ, ସୀଠ, ପେଙ୍ଗ, ନଙ୍ଗଳା, ବୁଜା ଇତ୍ୟାଦି ବିଭିନ୍ନ ପ୍ରଭାଗରେ ଗୋଷ୍ଠୀଭୁକ୍ତ କରାଯାଇଛି। କନ୍ଧ ଜନଜାତିଙ୍କ ମଧ୍ୟରେ କୁଟିଆ କନ୍ଧ ଏକ ଉପଗୋଷ୍ଠୀ। ଏମାନଙ୍କର ଭାଷା କୁଇ। ଏହି କୁଇ ଭାଷା ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଭୁକ୍ତ। ଏମାନେ ନିଜକୁ କୁଏଞ୍ଜୁ ବୋଲି କୁହନ୍ତି।

କନ୍ଧମାଳ ଜିଲ୍ଲାର ଦକ୍ଷିଣାଞ୍ଚଳରେ ଅଧିକ ସଂଖ୍ୟାରେ କୁଟିଆ କନ୍ଧମାନେ ବାସ କରନ୍ତି। କଳାହାଣ୍ଡି ଜିଲ୍ଲାରେ ମଧ୍ୟ କୁଟିଆକନ୍ଧ ବସବାସ କରୁଥିବାର ଦେଖାଯାଏ। କନ୍ଧମାଳ ଜିଲ୍ଲାର ବେଲଘର ଅଞ୍ଚଳରେ ବସବାସ କରୁଥିବା କୁଟିଆ କନ୍ଧମାନଙ୍କ ସାମାଜିକ ସାଂସ୍କୃତିକ ବିଭବ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି। ଏହି ଅଞ୍ଚଳର






ବାତାବରଣ ଅପେକ୍ଷାକୃତ ନାତିଶୀତ୍ଷ। ଏଠାରେ ନଭେମ୍ବର ଫେବୃଆରୀ ମାସ ପର୍ଯ୍ୟନ୍ତ ଅଧିକ ଥଣ୍ଡା ଅନୁଭୂତ ହୁଏ। ମାର୍ଚ୍ଚମାସ ଠାରୁ ଜୁନ୍‌ମାସ ମଧ୍ୟଭାଗ ପର୍ଯ୍ୟନ୍ତ ଅପେକ୍ଷାକୃତ ଗରମ ଅନୁଭୂତ ହୁଏ। ଡ଼ିସେମ୍ବର ଶେଷଆଡ଼କୁ ବେଳେବେଳେ



ବାୟୁମଣ୍ଡଳର ସର୍ବନିମ୍ନ ତାପମାତ୍ରା ଶୂନ ଡ଼ିଗ୍ରୀକୁ ସ୍ପର୍ଶ କରେ। ଏଠାରେ ନାଲିରଙ୍ଗର ଲାଟେରାଇଟ୍ ମୃତ୍ତିକା ଦେଖାଯାଏ । କୁଟିଆ କନ୍ଧ ବସବାସ କରୁଥିବା ଅଞ୍ଚଳର ଚତୁପାର୍ଶ୍ୱ ଘଞ୍ଚ ଶାଳ ଗଛ ପରିପୂର୍ଣ୍ଣ। ଶାଳଗଛ ବ୍ୟତୀତ ଅନ୍ୟାନ୍ୟ ଅନେକ ବଡ଼ ବଡ଼ ଗଛ ଲତା ଓ ଗୁଳ୍ମ ମଧ୍ୟ ଦେଖାଯାଏ। କୁଟିଆ କନ୍ଧ ମାନଙ୍କର ସାମାଜିକ - ଆର୍ଥିକ ଓ ସାଂସ୍କୃତିକ ବ୍ୟବସ୍ଥା ସହ ଶାଳ, ପିଆଶାଳ, ବାଉଁଶ, ଆମ୍ବ, ମହୁଲ, କୁସୁମ, ସଲପ, ଅସନ ଓ ଅନ୍ୟ କେତେକ ଜଙ୍ଗଲ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

କୁଟିଆ କନ୍ଧ ପରିମଣ୍ଡଳ ମଧ୍ୟରେ ଶିଆଳୀ ଲତା ଓ ବାଉଁଶ ଗଛର ସମ୍ଭାର ଦେଖିବାକୁ ମିଳେ। ଡାଲା, ଟୋକେଇ, ଆଦି ବହୁ କାମରେ ବାଉଁଶ ବ୍ୟବହୃତ ହୁଏ । ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କୁଟିଆକନ୍ଧମାନେ ପୋଡୁଚାଷ କରୁଥିବାର ଦେଖାଯାଏ। ଏହି ବନାଞ୍ଚଳରେ ବର୍ଷତମାମ ଖାଦ୍ୟ ଉପଯୋଗୀ କନ୍ଦମୂଳ, କୋଳି ଏବଂ ଲଘୁବନଜାତ ଦ୍ରବ୍ୟ ଜୀବନ ଜୀବିକା ନିର୍ବାହ ପାଇ ଉପଲବ୍ଧ ହୁଏ। ବାସସ୍ଥଳୀର ଦୂରବର୍ତ୍ତୀ ପାହାଡ, ପର୍ବତ, ଘଞ୍ଚ ଜଙ୍ଗଲୀ ଗଛଲତାରେ ପରିପୂର୍ଣ୍ଣ। ଚିରସ୍ରୋତା ଝରଣା ଓ ପାହାଡ଼ ପର୍ବତର ସବୁଜିମା କୁଟିଆ କନ୍ଧର ପରିବେଶକୁ ସ୍ୱତନ୍ତ୍ର ରୂପ ଦିଏ। ଚିତାବାଘ, ହାତୀ, ଭାଲୁ, ହରିଣ, ମାଙ୍କଡ଼, ବାରହା, ବିଭିନ୍ନ ପ୍ରଜାତିର ସାପ, ନେଉଳ ଓ ମୟୂର ଆଦି ଜୀବଜନ୍ତୁ ଏଠାରେ ଦେଖାଯାନ୍ତି।












ବସତି ଓ ଗୃହ




ବସତି ସ୍ଥାପନ ଓ ଗୃହ ନିର୍ମାଣ ନିମନ୍ତେ କୁଟିଆ କନ୍ଧମାନେ ଉପଯୁକ୍ତ ସ୍ଥାନ ବାଛିବା ସହ ସ୍ୱତନ୍ତ୍ର ଧ୍ୟାନ ଦେଇଥାନ୍ତି । ବସତି ସ୍ଥାନ, ସ୍ଥପତି ନକ୍ସା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତି ପାଇଁ ଯଥୋପଯୁକ୍ତ ସ୍ଥାନ ନିର୍ବାଚନ ସେମାନଙ୍କ ସୌନ୍ଦର୍ଯ୍ୟବୋଧର ପରିଚୟ ଦେଇଥାଏ । ବସତି ସ୍ଥଳ ନିର୍ବାଚନ ଗୃହ ନିର୍ମାଣ ଶୈଳୀ, ସ୍ଥାପତ୍ୟର କଳା ଆଦିରୁ ଯେଉଁ ସୌନ୍ଦର୍ଯ୍ୟବୋଧର ପ୍ରମାଣ ମିଳେ ତାହା କୁଟିଆକନ୍ଧ ମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନବୋଧର ଅନନ୍ୟ ଉଦାହରଣ । ଗୃହନିର୍ମାଣ କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କୁଟିଆକନ୍ଧ ମାନଙ୍କ ମୌଳିକତାର ପରିଚାୟକ ।




ପାରମ୍ପରିକ ରୀତିରେ କୁଟିଆ କନ୍ଧ ଗାଁରେ ଗୋଟିଏ ବଂଶ ଏକତ୍ର ବସବାସ କରୁଥିବାର ଦେଖାଯାଏ । ମାତ୍ର ପରବର୍ତ୍ତୀ ସମୟରେ କ୍ରମେ ଏକାଧିକ ବଂଶ ଓ ବିବିଧ ଗୋଷ୍ଠୀ ଏକତ୍ର ବସବାସ କରି ରହୁଛନ୍ତି । ଏସବୁସତ୍ତ୍ୱେ ପରସ୍ପର ଭିତରେ ସାହାଯ୍ୟ ସହଯୋଗ ମନୋଭାବ ରହିଆସିଛି । କୁଟିଆ କନ୍ଧ ମାନଙ୍କ ଦଳଗତ ଜୀବନ ଓ ଗୋଷ୍ଠୀ ସମ୍ପର୍କ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।







କୁଟିଆକନ୍ଧ ଗାଁରେ ଘର ଗୁଡ଼ିକ ଆୟତାକାର ଓ ଦୁଇଧାଡ଼ିଆ ହୋଇ ପରସ୍ପରକୁ ସାମ୍ନା କରିଥାଏ । ଦୁଇଧାଡ଼ିଆ ଘର ମଝିରେ ପ୍ରଶସ୍ତ ଲମ୍ବାରାସ୍ତା । ପ୍ରତି ଘରର ସ୍ୱତନ୍ତ୍ର କାନ୍ଥ । ବାରଣ୍ଡା ଲମ୍ବିଥାଏ ଏ ମୁଣ୍ଡରୁ ସେ ମୁଣ୍ଡକୁ । ପରିବାରର ସଦସ୍ୟ ସଂଖ୍ୟା ଓ ଆର୍ଥିକ ଅବସ୍ଥାକୁ ଆଧାର କରି ଘରର ଆକାର । ଗାଁ ମଝିରେ ଧରଣୀ ପେନୁଙ୍କ ଆସ୍ଥାନ ପାଖରେ ମେରିଆଖୁଣ୍ଟ ପୋତାଯାଇଥାଏ । ଲୋକମାନଙ୍କ ମଧ୍ୟରେ ଏହା "ୱାଙ୍ଗାପେନୁ" ନାମରେ ପରିଚିତ । କୁଟିଆମାନଙ୍କ ଘରକୁ ଲାଗି ଗୋରୁ ଗୁହାଳ ତିଆରି ହୋଇଥାଏ ।




ସୁଖ ଓ ସମୃଦ୍ଧିର ସର୍ବଶକ୍ତିମାନ ଦେବତା ସୂର୍ଯ୍ୟ । କନ୍ଧମାନଙ୍କ ଦ୍ୱାରା କେଉଁ ଆବହମାନ କାଳରୁ ପୂଜା ପାଇଁ ଆସୁଛନ୍ତି । କୁଟିଆ ଲୋକ ବିଶ୍ୱାସରେ ସୂର୍ଯ୍ୟ ସର୍ବଶକ୍ତିମାନ । ସବୁ ପ୍ରକାରର ପାପତାପ ସୂର୍ଯ୍ୟଙ୍କ ରଶ୍ମୀରେ ଧୋଇ ହୋଇଯାଏ । ତେଣୁ ପ୍ରତି ପରିବାର ସୌର କିରଣର ସଦୁପଯୋଗ ପାଇଁ ଗୁରୁତ୍ୱାରୋପ କରିଥାନ୍ତି । ପ୍ରତି କୁଟିଆ ଗାଁରେ ଅନ୍ତତଃ ପକ୍ଷେ ଗୋଟିଏ ଡମ୍ବ ପରିବାର ଥାଏ । ଡମ୍ବ ଘର କୁଟିଆମାନଙ୍କ ବସତିଠାରୁ କିଛି ଦୂରରେ ରହିଥାଏ ।


କୁଟିଆମାନେ ବସତି ସ୍ଥାପନ ନିମନ୍ତେ ପ୍ରଥମେ ଜାଗାଟିଏ ବାଛିବା ସମୟରେ ଉଚ୍ଚଭୂମି ପ୍ରତି ଗୁରୁତ୍ୱ ଦିଅନ୍ତି । ଏହା ସହିତ ଜଳାଧାର ଓ ଜଙ୍ଗଲ ସମ୍ପଦର ବହୁଳତା ପ୍ରତି ଧ୍ୟାନ ଦିଅନ୍ତି । ଜଳ ଓ ଜଙ୍ଗଲ ଜନଜାତିର ଜୀବନ । ଋତୁକାଳୀନ ଚାଷ, ପୋଡୁଚାଷ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ; ଗୃହନିର୍ମାଣ ନିମନ୍ତେ ଉପକରଣ ସଂଗ୍ରହର ମୂଳ ହେଉଛି ଜଙ୍ଗଲ । ଜଙ୍ଗଲ ବିନା ଜୀବନ ଓ ଜୀବିକା



ଅସମ୍ଭବ । ପରିବାରର ସମସ୍ତ ସଦସ୍ୟ ଗୃହନିର୍ମାଣ କାର୍ଯ୍ୟରେ ଲାଗି ପଡ଼ନ୍ତି । ପୁରୁଷ ସଦସ୍ୟମାନେ କାଠ ଖମ୍ଭ, ବାଉଁଶ, ଶିଆଳୀ ଲତା ଆଦି ସଂଗ୍ରହ କରନ୍ତି। ଗୃହନିର୍ମାଣ ନିମନ୍ତେ ଆବଶ୍ୟକ ପଡୁଥିବା ମାଟି ସଂଗ୍ରହ କାମରେ ମହିଳାମାନେ ଅଂଶ ଗ୍ରହଣ କରନ୍ତି । ପୁରୁଷମାନେ ଘର ଛପର କରନ୍ତି । ମହିଳାମାନେ ମାଟି ଚକଟି ଘରର କାନ୍ଥ ତିଆରି କରନ୍ତି । ବୁଲି, ଚଟାଣ, ବାରଣ୍ଡା, ଅଗଣା ଆଦି ଲିପାପୋଛା କରି ସୁନ୍ଦର କରିବା କାମରେ ନିଜକୁ ନିବେଶ କରନ୍ତି । ମୁଖ୍ୟ ଘରକୁ ପ୍ରାୟତଃ ଆଟୁ କରନ୍ତି ଯାହା ଜିନିଷ ପତ୍ର ରଖିବା ପାଇଁ ବିନିଯୋଗ ହୁଏ । ଏହାଛଡ଼ା ବୁଲି ଉପରେ ବାଉଁଶକୁ ସମାନ୍ତରାଳ ଭାବରେ ବିଛାଇ ଶସ୍ୟ ଓ ମାଂସ ଶୁଖାଇବା ପାଇଁ ବ୍ୟବହାର କରାଯାଏ । ରୋଷଘରେ ପୂର୍ବପୁରୁଷ ମାନଙ୍କ ଆତ୍ମାର ରହଣୀସ୍ଥଳ ତିଆରିବା ସମୟରେ ବିଶେଷ ଯତ୍ନ ନିଆଯାଏ । ଘରର ମୁଖ୍ୟ କୋଠରୀରେ ବୁଲିର ବିପରୀତ ପାର୍ଶ୍ୱରେ ସେମାନେ ଛେଳି କୁକୁଡ଼ା ରଖନ୍ତି । ଏହାଦ୍ୱାରା ଏମାନଙ୍କୁ ବନ୍ୟଜନ୍ତୁଙ୍କ ଆକ୍ରମଣରୁ ସୁରକ୍ଷା ମିଳେ ।




ଗୃହନିର୍ମାଣରେ ପାରମ୍ପରିକ କୌଶଳ ଅବଲମ୍ବନ କରାଯାଏ । ଏହା ଏକ ସାମୂହିକ କର୍ମ । ଏହି କର୍ମରେ ଶ୍ରମ ବିଭାଜନ ଉପରେ ଗୁରୁତ୍ୱ ଦେବା ସହିତ ଗ୍ରାମବାସୀ ମାନଙ୍କର ସହଯୋଗ ନିଆଯାଏ । ପରିବାରର ସଦସ୍ୟ ସଂଖ୍ୟା ବଢ଼ିଲେ ପୁରୁଣାଘରକୁ ଲାଗି ନୂଆଘର ତିଆରି ହୁଏ । ଆବଶ୍ୟକ ସ୍ଥଳେ ଗୃହନିର୍ମାଣ ନିମନ୍ତେ ନୂତନ ସ୍ଥାନ ବଛାଯାଏ । ଗୃହନିର୍ମାଣ କାଳରେ କେତେକ ଧାର୍ମିକ ପୂଜା ପଦ୍ଧତିର ଧାରାକୁ ଅନୁସରଣ କରାଯାଏ ।





ଦ୍ରୁତ ଜଙ୍ଗଲ ଅବକ୍ଷୟ କାରଣରୁ ଘର ଛପର ନିମନ୍ତେ ବଣୁଆ ଘାସର ଅଭାବ ଯୋଗୁଁ ଏବେ କୁଟିଆକନ୍ଧ ଗାଁରେ କେତେକ ଲୋକ ଖପର ଘର କଲେଣି । କୁଟିଆ ବସତି ନିକଟରେ ମିଳୁଥିବା ନାଲି ରଙ୍ଗମାଟି, ଗ୍ରାଫାଇଟ୍ ମାଟି ଅବା ଚୂନ ପଥୁରିଆ ମାଟି ସାହାଯ୍ୟରେ ଘରର କାନ୍ଥ ଓ ଚଟାଣକୁ ଲିପାପୋଛା କରାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥାଏ ।

ଅର୍ଥନୈତିକ ଜୀବନ




ଜଙ୍ଗଲ କୁଟିଆକନ୍ଧ ଅର୍ଥନୀତିର କେନ୍ଦ୍ରବିନ୍ଦୁ । ଖାଦ୍ୟପେୟ, ଶିକାର, ମନୋରଞ୍ଜନ, ଗୃହନିର୍ମାଣ ସରଞ୍ଜାମ ସଂଗ୍ରହ ଆଦି ସବୁକ୍ଷେତ୍ରରେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । ଜଙ୍ଗଲରୁ ସେମାନେ ବିଭିନ୍ନ ପ୍ରକାର ଛତୁ, କନ୍ଦା, ମୂଳ, କାଣ୍ଡ, ଫୁଲ, ଫଳ, ମଞ୍ଜି ଆଦି ସଂଗ୍ରହ କରିନ୍ତି । ଅଭାବ ସମୟରେ ଜଙ୍ଗଲରୁ ସଂଗୃହୀତ ଖାଦ୍ୟୋପଯୋଗୀ ଫଳମୂଳ ଜୀବନ ଧାରଣରେ ତତ୍‌କାଳ ସହାୟତା ପ୍ରଦାନ କରେ । ସେମାନେ ଗ୍ରୀଷ୍ମଋତୁରେ ପଣସ, ଆମ୍ବ ଏବଂ ଅନ୍ୟାନ୍ୟ କନ୍ଦା ସଂଗ୍ରହ କରି ଖାଆନ୍ତି । ବର୍ଷା ଋତୁରେ ପୂର୍ବରୁ ସଂଗ୍ରହ କରି ରଖିଥିବା ଆମ୍ବ କୋଇଲି, ବାଉଁଶଗଜା, ବିଭିନ୍ନ ପ୍ରକାର ବଣଛତୁ ଓ ଶାଗ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଜଙ୍ଗଲରୁ ଲାଖ, ଝୁଣା ଓ ମହୁ ସଂଗ୍ରହ କରନ୍ତି । ଝାଡୁ ତିଆରି କରନ୍ତି । ପତ୍ର ସଂଗ୍ରହ କରି ପତ୍ରଥାଳି ଓ ଦନା ତିଆରି କରନ୍ତି । ବଜାରରେ କିଛି କିଛି ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେଥିରୁ ଦୁଇପଇସା ରୋଜଗାର କରିଥାନ୍ତି ।






ଜନଜାତି ସଂସ୍କୃତିରେ ଶିକାର ଏକ ପୁରାତନ ପରମ୍ପରା । କେଉଁ ଆଦିମକାଳରୁ ଏହି ମନୋରଞ୍ଜନ ତଥା ରୋମାଞ୍ଚକର ଅଭିଯାନ ଚଳି ଆସୁଛି । କୁଟିଆ କନ୍ଧମାନେ ସେମାନଙ୍କ ବସତିରୁ ବେଳେବେଳେ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଆନ୍ତି । ଖାଲି ଖାଦ୍ୟ ଅନ୍ୱେଷଣ ନୁହେଁ ବରଂ ସେମାନଙ୍କ ଧାର୍ମିକ ଓ ସାଂସ୍କୃତିକ ଜୀବନ ସହିତ ଶିକାର ପରମ୍ପରା ଜଡ଼ିତ । ଶିକାର ବ୍ୟତୀତ କୁଟିଆମାନେ ସେମାନଙ୍କ ବାସସ୍ଥଳୀର ଅନତି ଦୂରରେ ଥିବା ଚିରସ୍ରୋତା ଝରଣା, ନଦୀରୁ ମାଛ ଧରନ୍ତି । କନ୍ଧ ଅଞ୍ଚଳର ଘଞ୍ଚ ଜଙ୍ଗଲସମୂହରେ ବିଭିନ୍ନ ପ୍ରକାରର ବାଉଁଶ ଦେଖାଯାଏ । ଏହି ବାଉଁଶ ଘର ତିଆରି କାମରେ ଲାଗିବା ସହିତ ବିଭିନ୍ନ ସାମାଜିକ ପର୍ବ ପର୍ବାଣି ତଥା କର୍ମକାଣ୍ଡରେ ଲାଗେ । ବାଉଁଶରେ ଧନୁ ଓ ତୀର ତିଆରି ଗୁରୁତ୍ୱପୂର୍ଣ୍ଣ ଘରକରଣା ସରଞ୍ଜାମ ତଥା । ମସିଣା, ମାଛଧରା ଯନ୍ତ୍ର, ଝୁଡ଼ି, ବଇଁଶୀ ଆଦି ପ୍ରସ୍ତୁତ ହୁଏ ।






ବିଭିନ୍ନ କାରଣରୁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହେବା ଦ୍ୱାରା ଓ ପୋଡୁଚାଷ ଦ୍ୱାରା କୁଟିଆକନ୍ଧ ମାନଙ୍କର ଜୀବନ କ୍ରମଶଃ ଜଟିଳ ହେବାରେ ଲାଗିଛି । ତଥାପି ବର୍ତ୍ତମାନ ମଧ୍ୟ କୁଟିଆମାନେ ପୋଡୁଚାଷ ବିନା ଜୀବନ ଜୀବିକା ନିର୍ବାହ କରିବା ସହଜ ମନେ କରୁନାହାନ୍ତି । ପୋଡୁଚାଷରେ କଠିନ ପରିଶ୍ରମ କରିବାକୁ ପଡ଼େ । ଚାଷକାର୍ଯ୍ୟର ଧାରାବାହିକ ପଦ୍ଧତିରେ ନାନା ପ୍ରକାର କୌଶଳ ଅବଲମ୍ବନ କରିବାକୁ ହୁଏ ।

ଗ୍ରାମର ଧାର୍ମିକ ମୁଖ୍ୟ ଓ ପୂଜକ, ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହିତ ଆବଶ୍ୟକ ପରାମର୍ଶ କରି ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ୍ର ନିର୍ବାଚନ ପୂର୍ବକ ତା'ର ସୀମା ଚିହ୍ନଟ କରନ୍ତି । ପୋଡୁଚାଷ ନିମନ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପ୍ରାୟ ତିନିବର୍ଷ ବ୍ୟବହାର କରାଯାଏ । ସେହି କ୍ଷେତ୍ରର ଉର୍ବରତା ହ୍ରାସ ପାଇଲେ ତାହା ପୁନଃ ଫସଲ ନିମନ୍ତେ ଅନୁପଯୁକ୍ତ ବିବେଚିତ ହୁଏ ଓ ସେହି କ୍ଷେତ୍ରକୁ ପାଞ୍ଚବର୍ଷରୁ ଅଧିକ କାଳ ଛାଡ଼ି ଦିଆଯାଏ । ସାଧାରଣତଃ ପାଞ୍ଚ ଛଅ ବର୍ଷପରେ ସେହି କ୍ଷେତ୍ରକୁ ପୁନର୍ବାର ଚାଷ ଉପଯୋଗୀ କରାଯାଏ । ଗ୍ରାମବାସୀଙ୍କ ମଧ୍ୟରେ ପରିବାରକୁ କେନ୍ଦ୍ରକରି ସମାନ ଭାବରେ କ୍ଷେତ୍ର ଆବଣ୍ଟନ କାର୍ଯ୍ୟ ସମାଧାନ ହୁଏ । ଯେଉଁ ପରିବାରରେ ଅଧିକ ସଦସ୍ୟ ଥାଆନ୍ତି ସେମାନଙ୍କ ଶସ୍ୟ ଚାହିଦାକୁ ଚାହିଁ ସେମାନଙ୍କୁ ଏକାଧିକ କ୍ଷେତ୍ର ପୋଡୁଚାଷ ନିମନ୍ତେ ଦିଆଯାଏ ।





ଗ୍ରାମବାସୀ ମାନଙ୍କ ସମ୍ମୁଖରେ ପ୍ରତି ପରିବାର ପାଇଁ ପ୍ରଦତ୍ତ କ୍ଷେତ୍ରକୁ ଚିହ୍ନିତ କରାଯାଏ । ପରବର୍ତ୍ତୀ ସମୟରେ ଚିହ୍ନିତ କ୍ଷେତ୍ର ବ୍ୟତୀତ କେହି କାହାର କ୍ଷେତ୍ରକୁ ଜବରଦଖଲ କରନ୍ତି ନାହିଁ । କ୍ଷେତ୍ର ଚିହ୍ନଟ ପ୍ରକ୍ରିୟା ଶେଷ ହେବା ପରେ ଯିଏ ଯାହା କ୍ଷେତ୍ରର ଯତ୍ନ ନିଏ । କ୍ଷେତ୍ରକୁ ପରିଷ୍କାର କରି ଚାଷୋପଯୋଗୀ କରାଯାଏ । ବର୍ତ୍ତମାନ କାଳରେ ପରିବାରକୁ କ୍ଷେତ୍ରଆବଣ୍ଟନର ମାନକ ଭାବରେ ଧରି ନିଆଯାଇଛି ।


ଫେବୃଆରୀ ଓ ମାର୍ଚ୍ଚମାସ ସୁଦ୍ଧା ପୋଡୁଚାଷ ନିମନ୍ତେ ଚିହ୍ନିତ କ୍ଷେତ୍ରରୁ ଗଛ କଟାଯାଏ । କଟା ଗଛ ଡ଼ାଳ ଗୁଡ଼ିକୁ ଶୁଖିବା ନିମନ୍ତେ କିଛିଦିନ ଛାଡ଼ି ଦିଆଯାଏ । କଟାଯାଇଥିବା ଗଛ ଡ଼ାଳ, ପତ୍ର ଇତ୍ୟାଦି ଶୁଖିଗଲେ ତାହାକୁ ପୋଡ଼ି ଦିଆଯାଏ । ଏହି ସମୟରେ ଫଳଚାଷ ଓ ଔଷଧୀୟ ବୃକ୍ଷ ସମୂହ କିପରି ପୋଡ଼ି ନ ଯାଇ ସୁରକ୍ଷିତ ରହିବ ତା' ଉପରେ ଧ୍ୟାନ ଦିଆଯାଏ ।




ମେ' ଓ ଜୁନ୍ ମାସରେ ପୋଡୁଚାଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା କ୍ଷେତ୍ରରେ ବିଭିନ୍ନ କିସମର ବିହନ ବିଭିନ୍ନ ପର୍ଯ୍ୟାୟରେ ବୁଣାଯାଏ । ଏହି ବିହନ ପୂର୍ବରୁ ସାଇତା ହୋଇ ରଖାଯାଇଥାଏ । ମଞ୍ଜି ଲଗାଇ ସାରିବା ପରେ ତାହାକୁ ଘୋଡ଼ାଇ ଦିଆଯାଏ । ଗୋଟିଏ ମୁନିଆଁ ବାଡ଼ିରେ ଗାତ ଖୋଳି ପନିପରିବା ବିହନ ଲଗାଯାଏ । କ୍ଷେତ୍ରରେ ବିହନ ଲଗାଇବା କାମରେ ଉଭୟ ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରନ୍ତି । ଗଛ ବଢ଼ିଗଲେ ମହିଳାମାନେ କ୍ଷେତ୍ରରେ ଉଠିଥିବା ଅନାବନା ଗଛକୁ ଉପାଡ଼ି ଦିଅନ୍ତି । ଗଛରେ ଫୁଲ ଫଳ ଧରି ଆସିବା ପୂର୍ବରୁ ରୋଗ ପୋକ ଓ ପ୍ରାକୃତିକ ଦୁର୍ବିପାକ ତଥା ଅପଶକ୍ତିର କୁନଜରରୁ ରକ୍ଷା ପାଇବା ନିମନ୍ତେ ପୂଜା ଓ ବଳିର ଆଶ୍ରୟ ନିଆଯାଏ ।

ଗଛରେ ଫୁଲ ଫଳ ଆରମ୍ଭ ହୋଇଗଲେ ଜଙ୍ଗଲର ପଶୁପକ୍ଷୀ ନାନା ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏଥି ନିମନ୍ତେ ପୋଡୁକ୍ଷେତ ନିକଟରେ ଅସ୍ଥାୟୀ କୁଡ଼ିଆ ଘର ତିଆରି କରି ସେଥିରେ ରହିବାକୁ ହୁଏ । ପାରମ୍ପରିକ ଅସ୍ତ୍ର ବ୍ୟବହାର କରି ପଶୁପକ୍ଷୀଙ୍କ ମୁହଁରୁ ଫସଲକୁ ସୁରକ୍ଷିତ ରଖାଯାଏ ।

ପୋଡୁକ୍ଷେତରେ ଶସ୍ୟ ଅମଳର ବେଳ ଆସିଗଲେ ପାରମ୍ପରିକ ରୀତିରେ ଏଥି ସଂପୃକ୍ତ ଦେବଦେବୀଙ୍କୁ ତୃପ୍ତି ବିଧାନ ପାଇଁ ପୂଜା ଓ ବଳିର ବ୍ୟବସ୍ଥା କରିବା ସହିତ ଫସଲ ଅମଳ କାର୍ଯ୍ୟ ଆରମ୍ଭ କରାଯାଏ । ଶସ୍ୟର ପ୍ରକାର ଓ ବୁଣାର ସମୟକୁ ନେଇ ଅମଳ ବେଳ ମଧ୍ୟ ଭିନ୍ନ ଭିନ୍ନ ହୁଏ । ଏକା ସମୟରେ ସବୁପ୍ରକାର ଫସଲ ଅମଳ ଯୋଗ୍ୟ ହୁଏନାହିଁ । ଯେତେବେଳେ ଯେଉଁ ଶସ୍ୟ ପାଚେ ବା ପାକଳ ହୋଇ ଅମଳ ଯୋଗ୍ୟ ବୋଲି ବିଚାର କରାଯାଏ ସେତେବେଳେ ତାହାକୁ ଅମଳ କରାଯାଏ । ଗୋଟିଏ ପରେ ଆଉ ଗୋଟିଏ ଫସଲ ଅମଳ କରିବା ମଝିରେ ଯେଉଁ ଅବସର ମିଳେ ତାହା ନୃତ୍ୟ ଗୀତରେ କଟେ । ସବୁ ଫସଲ ଅମଳ ନ ସରିବା ପର୍ଯ୍ୟନ୍ତ ପୋଡୁକ୍ଷେତ ନିକଟରେ ନିର୍ମିତ ଅସ୍ଥାୟୀ କୁଡ଼ିଆ ଭଙ୍ଗାଯାଏ ନାହିଁ ।








ବିଗତ ଚାରି ଦଶନ୍ଧି ଧରି ପୋଡୁ ଚାଷରୁ କୁଟିଆ କନ୍ଧମାନଙ୍କୁ ନିବର୍ତ୍ତାଇବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି । ପୋଡୁଜମି ଅଞ୍ଚଳର ସଂପ୍ରସାରଣ ଏବେ କମିଛି । ବନବିଭାଗ ଅଧିକାରୀଙ୍କ ହସ୍ତକ୍ଷେପ ପୋଡୁଚାଷ ପାଇଁ ଅସୁବିଧା ସୃଷ୍ଟି କରୁଛି । ନୂତନ ଜଙ୍ଗଲ ନୀତି ପ୍ରବର୍ତ୍ତନ ସେମାନଙ୍କୁ ପୋଡୁ ଜମି ଅଧିକାରରୁ ବଞ୍ଚିତ କରିଛି ।

ପାହାଡ଼ିଆ ଅଞ୍ଚଳରେ କୁଟିଆକନ୍ଧ ମାନଙ୍କର ଅଳ୍ପ କିଛି ଗଡ଼ାଣି ଜମି ଓ କିଛି ସମତଳ ଜମି ରହିଥାଏ । ଏହି ସ୍ଥାନଗୁଡ଼ିକ ଫସଲ ନିମନ୍ତେ ଅଧିକ ଉପଯୁକ୍ତ । ଏହି ଜମିରେ ମାଣ୍ଡିଆ, ବାଜରା ଓ ଅନ୍ୟାନ୍ୟ ତୈଳବୀଜ ଚାଷ ସହିତ କେତେକ ପନିପରିବା ଚାଷ କରାଯାଏ । ଭଲ ଫସଲ ଉତ୍ପାଦନ ନିମନ୍ତେ କୁଟିଆକନ୍ଧମାନେ କ୍ଷେତରେ ପ୍ରାକୃତିକ ସାର ବ୍ୟବହାର କରନ୍ତି । ମୁଖ୍ୟତଃ ଗୋରୁ ଗୋବରକୁ ସାର ଭାବରେ ଜମିରେ ବ୍ୟବହାର କରାଯାଏ । ଚାରିକଡ଼େ ଥିବା ପାହାଡ଼ରୁ ବହିଆସିଥିବା ଜଳାଧାର ବା ଝରଣା ଜଳ ସନ୍ନିକଟ ଭୂମି ପ୍ରାୟତଃ ଆର୍ଦ୍ର । କୁଟିଆମାନେ ଆର୍ଦ୍ର ତଇଲା ଜମିକୁ ଅଧିକ ପସନ୍ଦ କରନ୍ତି । ସେମାନେ ବହୁଥିବା ଜଳଧାର ଓ ଝରଣାର ସ୍ରୋତକୁ ଜମି ଆଡ଼କୁ ନେଇ ଜଳସେଚନର ସୁବିଧା କରିଥାନ୍ତି ।

କୁଟିଆକନ୍ଧ ମାନଙ୍କର ସଂସ୍କୃତି ବେଶ ଉନ୍ନତ । ପାରମ୍ପରିକ ବୈଷୟିକ କଳା କୌଶଳରେ କୁଟିଆ ସମୃଦ୍ଧ ଓ ସୃଜନଶୀଳ । କିଛି ଗୋଟାଏ ନୂଆକରି ସୃଷ୍ଟି କରିବାର ଇଚ୍ଛା ତାଙ୍କ ମନରେ ବସା ବାନ୍ଧିଥାଏ । କୁଟିଆର ଘର, ଶିକାର ଉପକରଣ; କୃଷି ଉପକରଣ ମାଛଧରା ଜାଲ ଓ ଅନ୍ୟାନ୍ୟ ଖାପ୍, ବାଦ୍ୟଯନ୍ତ୍ର, ପୋଷାକ ପରିଚ୍ଛଦ, ଅଳଙ୍କାର, ବାସନ କୁସନ ଓ ଘରକରଣା ଆସବାବ ପତ୍ର ସବୁଥିରୁ କୁଟିଆର କଳା ଅବବୋଧର ନିଖୁଣ ପରିଚୟ ମିଳେ । କୁଟିଆକନ୍ଧ ଗୋଷ୍ଠୀର ପ୍ରତି ବ୍ୟକ୍ତି କିଛି ନା କିଛି କଳାରେ ଦକ୍ଷତା ହାସଲ କରିଥାଏ । କୁଟିଆମାନେ ବିଭିନ୍ନ ପ୍ରକାରର ଧନୁ ଓ ତୀର ବ୍ୟବହାର କରନ୍ତି । ଏହାଛଡ଼ା ଟାଙ୍ଗିଆ, ବର୍ଚ୍ଛା, ଖଣ୍ଡା, ଛୁରୀ, କୋଦାଳ, ଯନ୍ତା, ଢ଼ାଲ, ବନ୍ଧୁକ, ପ୍ରଭୃତି ବ୍ୟବହାରରେ ଆଣିଥାନ୍ତି । ଲୁହା କଣ୍ଟାଯୁକ୍ତ ମୁନିଆ କାଠି, ଖଣତି, ବିଦା, ଦା, ଲଙ୍ଗଳ, କୁଆଳି ଇତ୍ୟାଦି ଅନେକ ପ୍ରକାର କୃଷି ଉପକରଣ ବଂଶୀ, ଢ଼ୋଲ, ଚାଙ୍ଗୁ, ଭାଓଲିନ୍, ଶିଙ୍ଗା, ନାଗରା, ଧନୁ, ଗିନି ଇତ୍ୟାଦି ସଙ୍ଗୀତ ଓ ବାଦ୍ୟଯନ୍ତ୍ର ଉପକରଣ । ଏହାଛଡ଼ା ବାଉଁଶ ନିର୍ମିତ ଟୋକେଇ, ପାଛିଆ ଏବଂ କୁମ୍ଭାର ନିର୍ମିତ ମାଟି ପାତ୍ର ବ୍ୟବହାର କରିଥାନ୍ତି ।

କେତେକ କୁଟିଆ ପୁରୁଷ କାଠ ଓ ବାଉଁଶ କାମରେ ବିଶେଷ ପାରଦର୍ଶୀତା ହାସଲ କରିଥାନ୍ତି । କାଠ, ବାଉଁଶ, ସିଙ୍ଗ, ପତ୍ର, ପଥର ଆଦି ବ୍ୟବହାର କରି ନିଜ କଳାର ପରାକାଷ୍ଠ ପ୍ରଦର୍ଶନ କରନ୍ତି । ଗୃହୋପଯୋଗୀ ଉପକରଣ ମଧ୍ୟରେ ପଥରଶିଳ; ଘୋରଣୀ, ହେମଦସ୍ତା; ପତ୍ର ନିର୍ମିତ ଛତା, ଟୋପି ଅନ୍ୟତମ । ନିଜେ ବ୍ୟବହାର କରୁଥିବା ଧୂଆଁନଳୀ, ଧୂଆଁପତ୍ର, ତମାଖୁ






ସେବନ ପାତ୍ର, ଛୁରୀ ଆଦିରେ ବିଭିନ୍ନ ଚିତ୍ର ଖୋଦେଇ କରି ତାହାକୁ ଆକର୍ଷଣୀୟ କରିଥାନ୍ତି । ବ୍ୟବହାର କରୁଥିବା ଜିନିଷରୁ ସେମାନଙ୍କର ସଂସ୍କୃତିର ପରିଚୟ ମିଳେ ।


ସୁନ୍ଦର ସୁନ୍ଦର ହାର ତଥା ଚିତ୍ରିତ ନାସଦାନୀ କ୍ରମଶଃ ବିଲୁପ୍ତି ପଥରେ ପାଦଦେଇଛି । ଏହାର ସଂରକ୍ଷଣ ତଥା ବିକାଶ ଜରୁରୀ ହୋଇପଡ଼ିଛି । ସେ ଯାହାହେଉ କେତେକ କୁଟିଆ ଗ୍ରାମରେ ପାରମ୍ପରିକ କଳାର ବିକାଶ ନିମନ୍ତେ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଛନ୍ତି ।

କୁଟିଆକନ୍ଧ ପରିବାରରେ ଝିଅମାନେ ପିଲାବେଳୁ ବିଭିନ୍ନ ପ୍ରକାର ସୁନ୍ଦର ଅଳଙ୍କାର ପିନ୍ଧନ୍ତି । ପୋହଳାର ରଙ୍ଗିନ୍‌ମାଳୀ ଓ ବିଭିନ୍ନ ପ୍ରକାର ରୁପା ଅଳଙ୍କାର ପ୍ରତି କୁଟିଆ କିଶୋରୀ ଆକର୍ଷିତ । ମହମ ତରଳା ପଦ୍ଧତିରେ ଅନୁସୂଚିତ ଜାତି ଦ୍ୱାରା ନିର୍ମିତ ପିତ୍ତଳ ଅଳଙ୍କାର କିଣି ସେମାନେ ବ୍ୟବହାର କରନ୍ତି । କାନରିଙ୍ଗ୍, (କାନଫୁଲ) ମୁଣ୍ଡ କ୍ଲିପ୍, ମୁଣ୍ଡକଣ୍ଟା, ବେକମାଳୀ, ପାନିଆଁମାଳୀ, ମଞ୍ଜିମାଳ, ତାଳପତ୍ର ଖୋଦେଇ ମୁଣ୍ଡବନ୍ଧା ପଟି ଆଦି ସେମାନଙ୍କ ପରିଧେୟ । ଏହା ସେମାନଙ୍କ ସମ୍ଭ୍ରାନ୍ତର ପରିଚାୟକ । କୁଟିଆ ରମଣୀମାନେ ଦୁଇ ଖଣ୍ଡ କପଡ଼ା ପିନ୍ଧୁଥିବାର ଦେଖାଯାଏ । ଖଣ୍ଡେ କପଡ଼ାକୁ ଅଣ୍ଟାରେ ଗୁଡ଼େଇ ପିନ୍ଧନ୍ତି । ଆଉଖଣ୍ଡେ କପଡ଼ା ବେକଠାରୁ ଅଣ୍ଟାଯାଏ ଲମ୍ବିଥାଏ । ଏହି ଖଣ୍ଡକ ଶରୀରର ଉପର ଅଂଶକୁ ଘୋଡ଼େଇ ରଖିବାରେ ସାହାଯ୍ୟ କରେ । ତାଳପତ୍ର ନିର୍ମିତ କପାଳ ବାନ୍ଧେଣୀ ଦେଖିବାକୁ ସୁନ୍ଦର । ପାରମ୍ପରିକ ବେଶପୋଷାକ, ସାଜସଜ୍ଜା ସାଙ୍ଗକୁ ମୁହଁରେ ଚିତାକୁଟେଇବାର ଶୈଳୀ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱର ବାର୍ତ୍ତା ବହନ କରେ । ପୁରୁଷମାନେ ଧୋତି ପିନ୍ଧନ୍ତି । ପୁରୁଷଙ୍କ କେଶ ବିନ୍ୟାସ ଓ ନାକ, କାନ, ବେକରେ ଲଗାଉଥିବା ବିବିଧ ଅଳଂଙ୍କାର ତାଙ୍କ ଆଭୁଷଣ ପ୍ରିୟତାର ସୂଚକ ।

କୁଟିଆମାନେ କଠିନ ପରିଶ୍ରମୀ । ସେମାନେ ଭଲ ଫସଲ ଆମଦାନୀ ହେବାର ଲକ୍ଷ୍ୟ ରଖି ପୋଡୁ କ୍ଷେତରେ ଦିନ ରାତି କଠିନ ପରିଶ୍ରମ କରନ୍ତି । ଡ଼ାଲିଜାତୀୟ ଫସଲ ଓ ତୈଳବୀଜ ଜାତୀୟ ଫସଲର ପ୍ରମୁଖ ଅଂଶକୁ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି । ମହିଳାମାନେ ସଂଗ୍ରହ କରୁଥିବା ଲଘୁ ବନଜାତ ଦ୍ରବ୍ୟ ମଧ୍ୟ ବଜାରରେ ବିକ୍ରିକରିବା ଦ୍ୱାରା କିଛି ଅର୍ଥ ରୋଜଗାର ହୋଇଥାଏ । ବେଳେବେଳେ ପୁରୁଷମାନେ ମଧ୍ୟ ବନଜାତ ଦ୍ରବ୍ୟ ସଂଗ୍ରହରେ ଲାଗି ପଡ଼ନ୍ତି । ସମବାୟ ସମିତି ଜରିଆରେ ସଂଗୃହୀତ ଦ୍ରବ୍ୟକୁ ବିକ୍ରିବଟା କରାଯାଏ । ଏହାଦ୍ୱାରା କୁଟିଆମାନେ ଠକାମିର ଶିକାର ହୋଇ ନ ଥାନ୍ତି ।




କୁଟିଆମନେ ରକ୍ଷଣଶୀଳ ଓ ସ୍ୱାଭିମାନୀ । ନିଜ ଗୌରବରେ ନିଜେ ଗୌରବାନ୍ୱିତ । ବର୍ତ୍ତମାନ ଯୁଗରେ ମଧ୍ୟ କେତେକ ଅଗମ୍ୟ କୁଟିଆ ଗାଁର ଲୋକମାନେ ଅର୍ଥ



ଉପାର୍ଜନ ନିମନ୍ତେ ପରଘରକୁ ଯିବାକୁ ପସନ୍ଦ କରନ୍ତି ନାହିଁ । କୃଷିକ୍ଷେତ୍ରରେ ଦିନ ମଜୁରିଆ ଭାବରେ କାମ କରିବାକୁ ସେମାନଙ୍କ ଆଗ୍ରହ ନଥାଏ । ରାସ୍ତାନିର୍ମାଣ, ବନୀକରଣ ଯୋଜନାରେ ବୃକ୍ଷରୋପଣ, ଆଦି କାମରେ ରଚି ରଖିଥାନ୍ତି । ଆବଶ୍ୟକ ହେଲେ ଗୃହପାଳିତ ପଶୁପକ୍ଷୀ ଗୁଡ଼ିକୁ ବଜାରରେ ବିକ୍ରିକରି ସେହି ଅର୍ଥରେ ନିଜର ପାରିବାରିକ ଖର୍ଚ୍ଚ ଭରଣା କରନ୍ତି । ଅଳ୍ପ କେତେକ କୁଟିଆକନ୍ଧ ବେସରକାରୀ ଅନୁଷ୍ଠାନ, କମ୍ପାନୀ ଓ ସରକାରୀ କାର୍ଯ୍ୟାଳୟରେ କାମ କରିବାକୁ ଏବେ ବାହାରିଲେଣି ।

ତାଙ୍କ ଆୟର ପ୍ରମୁଖ ଅଂଶ ପର୍ବପର୍ବାଣି, ଦେବଦେବୀ ପୂଜା, ବିବାହ ଉତ୍ସବ ଆଦିରେ ଖର୍ଚ୍ଚ ହୋଇଯାଏ । ବଳକା ଅର୍ଥ ଖାଦ୍ୟପେୟରେ ଖର୍ଚ୍ଚହୁଏ । ସାପ୍ତାହିକ ହାଟରୁ କୁଟିଆମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ତେଲ, ଲୁଣ, ଲଙ୍କା, ପରିଧାନ ବସ୍ତ୍ର, କୃଷିଉପକରଣ ଆଦି କିଣନ୍ତି । ଘରଛପର ଓ ମରାମତି କାମ କରିବାରେ କିଛି ଟଙ୍କା ଖର୍ଚ୍ଚ କରିବାକୁ ହୁଏ । କୁଟିଆ ସମାଜରେ ବୟସ ଓ ଲିଙ୍ଗ ଭେଦରେ ଖର୍ଚ୍ଚ କରିବାର ଧାରା ନିଆରା ।

ଯୁବକମାନେ ପୋଷାକ ପତ୍ର କିଣିବା ଓ ନିଶା ସେବନ ତଥା ଧୂମପାନାଦିରେ ଅର୍ଥ ବ୍ୟୟ କଲାବେଳେ ତରୁଣୀମାନେ ଭଲ ପାଉଥିବା ପୁରୁଷ ବନ୍ଧୁ ନିମନ୍ତେ ଅଳଙ୍କାରାଦି ମନୋହାରୀ ପଦାର୍ଥ କିଣନ୍ତି । ଅବିବାହିତମାନେ ବଜାରରୁ ଅନେକ ପ୍ରସାଧନ ସାମଗ୍ରୀ କିଣିବାର ଦେଖାଯାଏ । ବର୍ତ୍ତମାନ କାଳରେ କୁଟିଆକନ୍ଧ ସମାଜରେ ସାଇକେଲ, ରେଡ଼ିଓ, ଟର୍ଚ୍ଚଲାଇଟ୍, ଛତା, ଜୋତା ଆଦିର ପ୍ରଚଳନ ବଢ଼ିଛି । ଦୈନନ୍ଦିନ ଜୀବନରେ ଆଧୁନିକ ଘରକରଣା ଜିନିଷର ବ୍ୟବହାର ବଢିଲାଣି ।



ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅନେକ କୁଟିଆକନ୍ଧ ଋଣ କରିବାକୁ ବାଧ ହୁଅନ୍ତି । ନିଜ ସମ୍ପ୍ରଦାୟ ଓ ଅନ୍ୟ ସଂପ୍ରଦାୟର ଥଲାବାଲା ଲୋକେ ଋଣ ଦିଅନ୍ତି । ଖାଦ୍ୟ ଅଭାବ; ଝିଅ ବାହାଘର, ଜନ୍ମ, ମୃତ୍ୟୁ, ବିବାହ ଓ ବିଭିନ୍ନ ପର୍ବ ପର୍ବାଣି ପାଳନ ଅବସରରେ ଅଧିକ ଖର୍ଚ୍ଚକୁ ମେଣ୍ଟାଇବା ନିମନ୍ତେ ଋଣ କରିବାକୁ ପଡ଼େ । ବେଳେବେଳେ ନିଶାଖାଇବାଟା ଅଭ୍ୟାସରେ ପରିଣତ ହୋଇଗଲେ ଧାର କରଜ କରିବାକୁ ପଡ଼େ । ପରିବାରରେ କେହି ଦୀର୍ଘଦିନ ରୋଗରେ ପଡ଼ିଲେ ତା'ର ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକ ହୁଏ । ପାଖରେ ସଂଚିତ ଅର୍ଥ ନ ଥିଲେ ଋଣ କରିବା ଛଡ଼ା ଆଉ ଅନ୍ୟ ବାଟ ନଥାଏ । ସେହିପରି ପ୍ରାକୃତିକ





ଦୁର୍ବିପାକରେ ଫସଲହାନୀ; କେତୁ ପର୍ବ ପାଳନ; ମାଲି ମୋକଦ୍ଦମା ଆଦିରେ ଋଣ କରିବାକୁ ହୋଇଥାଏ ।

ଅନୁସୂଚିତ ଜାତି ବ୍ୟବସାୟୀ ଓ ସ୍ଥାନୀୟ ସାହୁକାରମାନେ କୁଟିଆମାନଙ୍କୁ ଅଭାବ ସମୟରେ ଟଙ୍କା ପଇସା ତଥା ଚଳିବା ନିମନ୍ତେ ଆବଶ୍ୟକ ଜିନିଷପତ୍ର କରଜ ସୂତ୍ରରେ ଦେଇ ଚଢ଼ାଦରରେ ସୁଧ ସହିତ ଅର୍ଥ ଆଦାୟ କରି ଶୋଷଣ କରନ୍ତି । କୁଟିଆକନ୍ଧମାନେ ଠିକ୍ ସମୟରେ ସୁଧ ସହିତ ମୂଳ ପରିଶୋଧ କରିଦିଅନ୍ତି । ଋଣ ଆଣିବା ଓ ଋଣ ପରିଶୋଧ କରିବାରେ କୁଟିଆମାନେ ସବୁବେଳେ ବିଶ୍ୱସ୍ତ । ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ କୁଟିଆମାନେ ବ୍ୟବହାର କରୁଥିବା ଅଳଙ୍କାର, ଘରକରଣା ଜିନିଷ; ଜମି ଆଦିକୁ ବନ୍ଧକ ଦେଇ ସାହୁକାରଠାରୁ ଟଙ୍କା ଆଣନ୍ତି ।


ପୁରୁଷ ଓ ମହିଳାମାନେ ଭିନ୍ନ ଭିନ୍ନ କର୍ମରେ ନିଯୁକ୍ତ ହୁଅନ୍ତି। କେତେକ କାମକୁ ଉଭୟେ ମିଳିମିଶି କରନ୍ତି। ରାନ୍ଧିବା; ଧାନକୁଟିବା; ଘର ଲିପାପୋଛା କରିବା ଆଦି କର୍ମ ପ୍ରାୟତଃ ମହିଳାମାନେ କରନ୍ତି। କୁଟିଆ ମହିଳାମାନେ ଅତ୍ୟନ୍ତ କର୍ମନିପୁଣା । ମିଳିମିଶି ହସଖୁସିରେ ଏକାଠି ହୋଇ କାମ କରିବା ଗୋଷ୍ଠୀ ସମୃକ୍ତିର ପରିଚୟ ଦିଏ । ଫସଲ କାଟିବା; ଅମଳ କରିବା; ଘରବାରି ପରିବେଶ ସଫା ସୁତୁରା କରିବା ଆଦି କାମରେ କୁଟିଆ ମହିଳା ନିଜର ପାରଦର୍ଶୀତା ଦେଖାଇଥାଏ । ସାମାଜିକ ଆବଶ୍ୟକତାକୁ ନେଇ ପୁରୁଷ ଓ ମହିଳାମାନଙ୍କ କର୍ମରେ ସ୍ୱତନ୍ତ୍ରତା ଦେଖାଯାଏ। ପରିଣତ ବୟସରେ ବୁଢ଼ାବୁଢ଼ୀମାନେ କଠିନ କାମ ନକଲେ ମଧ୍ୟ ନିଜ ବଳ ଓ କ୍ଷମତା ମୁତାବକ ଯେତିକି ପାରିବେ ସେହି ଅନୁସାରେ ସହଜ କାମ କରିଥାନ୍ତି ।

ଗୋଟିଏ ସମାଜରେ ଏକାଠି ବସବାସ କରୁଥିବା ବିଭିନ୍ନ ଜାତି ଓ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ରହିଥାଏ । ଏହି ଆଧାରରେ କୁଟିଆକନ୍ଧମାନେ ସେମାନଙ୍କ ଅଞ୍ଚଳରେ ବାସ କରୁଥିବା ଅନ୍ୟ ବର୍ଗର ଜନସାଧାରଣଙ୍କ ସହିତ ସୁ-ସମ୍ପର୍କ ସ୍ଥାପନ କରି ସାମାଜିକ ଚଳଣିର ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିଥାନ୍ତି । ସେମାନଙ୍କର ଅନୁସୂଚିତ ଜାତିର ଡ଼ମ୍ବ ଓ ସାଧରଣ ବର୍ଗର ସାହୁକାର ମାନଙ୍କ ସହିତ ଅର୍ଥନୈତିକ ସମ୍ପର୍କ ରହିଥାଏ । ବୁଲାବିକାଳୀ ମାନେ ବିଭିନ୍ନ ପ୍ରକାର ଘରଚଳଣି ଜିନିଷ ନେଇ କୁଟିଆକନ୍ଧ ରହୁଥିବା ଗାଁ ଗୁଡ଼ିକରେ ବିକ୍ରି କରନ୍ତି । ବ୍ୟବସାୟୀ ଗୋଷ୍ଠୀର ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟ ଓ ଋତୁକାଳୀନ ଫସଲ ସଂଗ୍ରହ କରିବା ନିମନ୍ତେ କୁଟିଆ କନ୍ଧ ଗାଁକୁ ଯାଆନ୍ତି ।



ଏବେ ମଧ୍ୟ କୁଟିଆ ସମାଜରେ ବିନିମୟ ପ୍ରଥା ରହିଛି, ଧାନ, ଚାଉଳ ବଦଳରେ ଡ଼ାଲିଜାତୀୟ ଫସଲ ହେଉ ବା ଆଉ କ'ଣ ହେଉ ଚାହିଦା ମୁତାବକ ଏହି ଅଦଳ ବଦଳ ପ୍ରଥା ଏବେ ମଧ୍ୟ ବଳବତ୍ତର ରହିଛି । କୁଟିଆ ମାନଙ୍କ ନିମନ୍ତେ ବଜାର କେବଳ ଅର୍ଥନୈତିକ ନେଣ ଦେଣ କାରବାରର ସ୍ଥଳ ନୁହେଁ ବରଂ ସାମାଜିକ ଓ ସାଂସ୍କୃତିକ ଭାବ ବିନିମୟର ଏକ ପ୍ରମୁଖ ମିଳନ କ୍ଷେତ୍ର ।

କୁଟିଆ କନ୍ଧମାନଙ୍କ ମଧ୍ୟରେ ସାମାଜିକ ଏକତା ରହିଥାଏ । ସେମାନେ ବ୍ୟକ୍ତି ଅପେକ୍ଷା ଗୋଷ୍ଠୀ ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଗୋଷ୍ଠୀଗତ ଭୋଜିଭାତ, ପର୍ବପର୍ବାଣିରେ କୁଟିଆମାନେ ଆଗ୍ରହର ସହିତ ଅଂଶଗ୍ରହଣ କରନ୍ତି । ଗୋଷ୍ଠୀ ଖର୍ଚ୍ଚ ତୁଲାଇବା ନିମନ୍ତେ ସ୍ୱତନ୍ତ୍ର ଗୋଷ୍ଠୀଜମା ଥାଏ । ପର୍ବପର୍ବାଣି ଅବସରରେ ଆବଶ୍ୟକ ଅର୍ଥ ଗୋଷ୍ଠୀଜମାରୁ ଖର୍ଚ୍ଚହୁଏ । କେତୁ ପର୍ବରେ କୁଟିଆ ଅଞ୍ଚଳରେ ବାସ କରୁଥିବା ଅନ୍ୟ ବର୍ଗର ଲୋକମାନେ ମଧ୍ୟ ନିଜ କ୍ଷମତା ମୁତାବକ ଆର୍ଥିକ ସହାୟତା ନେଇ ସେହି ସାମାଜିକ ପର୍ବ ସହିତ ନିଜକୁ ସାମିଲ୍ କରିଦିଅନ୍ତି ।




ଆର୍ଥିକ ଅବସ୍ଥା ଓ ଋତୁ ପରିବର୍ତ୍ତନକୁ ନେଇ କୁଟିଆମାନଙ୍କର ଖାଦ୍ୟାଭ୍ୟାସ ମଧ୍ୟ ବଦଳିଥାଏ । ମୁଖ୍ୟତଃ ଦିନକୁ ତିନିଥର ଖାଇବାକୁ ହୁଏ । ମାଣ୍ଡିଆ, ମକା, ବାଜରା ଓ ଚାଉଳକୁ ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣ କରାଯାଏ । ଏହାବ୍ୟତୀତ ବିଭିନ୍ନ ପ୍ରକାର ଶାଗ, ପନିପରିବା, ମାଂସ ଓ ଶୁଖୁଆ ମଧ୍ୟ ଖିଆଯାଏ । ବିଭିନ୍ନ ଋତୁରେ ମିଳୁଥିବା ଋତୁକାଳୀନ ଫଳମୂଳ, ଫୁଲ, ଛତୁ, କନ୍ଦା, ମଞ୍ଜି ଆଦିକୁ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ଗ୍ରୀଷ୍ମ ଋତୁରେ ମାଟିଆଳୁ, ବାଉଁଶ ଗଜା, ମହୁଲ ଫୁଲ, ଆମ୍ବ ଓ ପଣସ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ବର୍ଷାଋତୁରେ ଖାଦ୍ୟାଭାବ ଦେଖାଦେଲେ ପୂର୍ବରୁ ସଂଗୃହୀତ ଆମ୍ବକୋଇଲିକୁ ପାରମ୍ପରିକ ଭାବରେ ପ୍ରକ୍ରିୟା କରଣ କରି ଖାଇବା ସହିତ ନିଜର ଭୋକ ମେଣ୍ଟାଇଥାନ୍ତି ।

ଭାତ, କିମ୍ବା ବାଜରା ସହିତ ଡ଼ାଲି, ଶାଗ,




କୁଟିଆମାନଙ୍କର ଦୈନନ୍ଦିନ ଖାଦ୍ୟ । କାମ କରିବା ସମୟରେ ସେମାନେ ନିଜର କର୍ମସ୍ଥଳୀକୁ ସାରା ପରିବାର ପାଇଁ ଖାଦ୍ୟ ନେଇଯାଆନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜର କର୍ମସ୍ଥଳୀରେ ଅସ୍ଥାୟୀ କୁଡ଼ିଆ ତିଆରି କରି ସେଠାରେ ରୋଷେଇବାସ କାମ ମଧ୍ୟ କରନ୍ତି । ସେମାନେ ନିରାମିଷ ଖାଦ୍ୟ ଖାଇଲେ ମଧ୍ୟ ମାଛ, ମାଂସ, ଶୁଖୁଆ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ମଇଁଷି ମାଂସ ସେମାନଙ୍କର ଅଧିକ ପ୍ରିୟ । ପ୍ରସ୍ତୁତ ଖାଦ୍ୟକୁ ଖାଇ ସାରିବା ପରେ ଯାହା ବଳକା ରୁହେ ତାହାକୁ ପରବର୍ତ୍ତି ଦିନ ଖିଆଯାଏ । ସାମାଜିକ ଓ ଧାର୍ମିକ କଟକଣା ଯୋଗୁ ପୂଜାରେ ଦିଆଯାଇଥିବା ବଳି ମାଂସକୁ ମହିଳାମାନେ ଖାଆନ୍ତି ନାହିଁ କିମ୍ବା ରୋଷେଇ ମଧ୍ୟ କରନ୍ତି ନାହିଁ ।

କୁଟିଆ କନ୍ଧମାନେ କ୍ଷୀର ପିଅନ୍ତି ନାହିଁ । ଆଜିକାଲିର ଯୁବଗୋଷ୍ଠୀ ଗୋମାଂସ ଖାଉ ନାହାଁନ୍ତି । ଗର୍ଭବତୀ ମହିଳାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଖାଦ୍ୟ ନିୟମ ରହିଛି । ଛୋଟ ପିଲାମାନଙ୍କ ନିମନ୍ତେ କୌଣସି ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ନଥାଏ । ଦାରିଦ୍ର୍ୟ କାରଣରୁ କେତେକ କୁଟିଆକନ୍ଧ ଉପଯୁକ୍ତ ସୁଷମ ଓ ପୃଷ୍ଟିକର ଖାଦ୍ୟ ପାଆନ୍ତି ନାହିଁ । ଖାଦ୍ୟ ଅଭାବ ସମୟରେ ସରକାରୀ ସହାୟତା ଉପରେ ନିର୍ଭର କରନ୍ତି । କୁଟିଆ କନ୍ଧ ଅଞ୍ଚଳରେ ଥିବା ଅଣୁ-ପ୍ରକଳ୍ପ ଜରିଆରେ ଲୋକମାନଙ୍କୁ ଅଧିକ ଅମଳକ୍ଷମ ଧାନ ଓ ପରିପରିବା ଚାଷ ନିମନ୍ତେ ପ୍ରୋତ୍ସାହିତ କରାଯାଏ । ଏ ଦିଗରେ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ଦିଆଯାଏ ।




କୁଟିଆକନ୍ଧମାନେ ନିଜେ ପ୍ରସ୍ତୁତ କରିଥିବା ହାଣ୍ଡିଆ, ମହୁଲୀ ଓ ସଲପ ରସ ପିଇବାକୁ ଅଧିକ ପସନ୍ଦ କରିଥାନ୍ତି। ସାଧାରଣତଃ ସେମାନେ ହାଣ୍ଡିଆ ପିଅନ୍ତି । ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନରେ ହାଣ୍ଡିଆର ଚାହିଦା ଅଧିକ । ଏହାବ୍ୟତୀତ ସେମାନେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର କରନ୍ତି । ସେମାନେ ପିଉଥିବା ପାନୀୟକୁ ଅଧିକ ନିଶାଯୁକ୍ତ କରିବା ନିମନ୍ତେ ହାଣ୍ଡିଆ ଓ ସଲପାଦି ରସରେ କେତେକ ଚେର-ମୂଳିକା ଔଷଧର ବ୍ୟବହାର କରାଯାଏ ।

ସାମାଜିକ ସଂଗଠନ




କୁଟିଆକନ୍ଧମାନେ ସେମାନଙ୍କ ଦୃଢ଼ ସାମାଜିକ ସଙ୍ଗଠନ ନିମନ୍ତେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେମାନଙ୍କର ଭାଷା, ଭୁଖଣ୍ଡ ଓ ଜୀବନ ଶୈଳୀରେ ସ୍ୱାତନ୍ତ୍ର୍ୟ ରହିଛି । ଭିନ୍ନ ଭିନ୍ନ ସାମାଜିକ ଉଦ୍ଦେଶ୍ୟ ନେଇ କୁଟିଆମାନେ ବିଭିନ୍ନ ଦଳରେ ବିଭକ୍ତ । ବ୍ୟକ୍ତି ଓ ଦଳ ନିର୍ବିଶେଷରେ ସମସ୍ତଙ୍କର ସାମାଜିକ ସଙ୍ଗଠନ ପ୍ରତି ଆନୁଗତ୍ୟ ରହିଥାଏ । ସମସ୍ତେ ସାମାଜିକ ସଙ୍ଗଠନର ଜଣେ ସକ୍ରିୟ ସଭ୍ୟ ହିସାବରେ ବିଭିନ୍ନ ପର୍ବପର୍ବାଣି, ପୂଜା ଓ ଉତ୍ସବ ମାନଙ୍କରେ ଏକତା ସୂତ୍ରରେ ବାନ୍ଧି ହୋଇଯାଆନ୍ତି । ପ୍ରଚଳିତ ପାରମ୍ପରିକ ସାମାଜିକ ନିୟମକୁ ବ୍ୟକ୍ତି ଓ ଦଳ ସମ୍ମାନ ଦିଅନ୍ତି । ସାମାଜିକ ନୀତିନିୟମ ଭିତରେ ବିଭିନ୍ନ ପରଂପରା ଓ ଅନୁଷ୍ଠାନ ନିମନ୍ତେ ଗୋଷ୍ଠୀ ଭିତ୍ତିରେ ନିୟମର ଅନୁଗାମୀ ହୋଇ ଚଳିବା କୁଟିଆମାନଙ୍କର ପ୍ରଥମ ଓ ପ୍ରଧାନ ଧର୍ମ । ପ୍ରତ୍ୟେକ ଗୋଷ୍ଠୀ ଅପର ଗୋଷ୍ଠୀ ସହ ରକ୍ତ ସମ୍ପର୍କ ଓ ଭାବଗତ ସମ୍ପର୍କରେ ଅନୁବନ୍ଧିତ । କ



କୁଟିଆକନ୍ଧ ସମାଜରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପରିବାର ଏକ କ୍ଷୁଦ୍ର ସାମାଜିକ ଏକକ । ଏହା ମୁଖ୍ୟତଃ ଏକକୁଟୁମ୍ବୀ, ପିତୃ କୈନ୍ଦ୍ରିକ, ପିତୃ ବଂଶଜ ଏକକ ହିସାବରେ ଗଠିତ ।

ଅନ୍ୟାନ୍ୟ ଜନଜାତି ଗୋଷ୍ଠୀପରି ଆର୍ଥିକ - ସାମାଜିକ ଓ ଧାର୍ମିକ କ୍ଷେତ୍ରର କାର୍ଯ୍ୟାବଳୀ ପରିବାରକୁ କେନ୍ଦ୍ରକରି ପରିଚାଳିତ ହୁଏ । ସ୍ୱାମୀ ସ୍ତ୍ରୀ ଓ ଅବିବାହିତ ପୁତ୍ର କନ୍ୟା ଗୋଟିଏ ଛାତତଳେ, ଗୋଟିଏ ରୋଷେଇରେ ପରସ୍ପର ଭିତରେ ସ୍ନେହ, ସାହାଯ୍ୟ ଓ ସହାନୁଭୂତିର ଆବଣ୍ଟନରେ ଏକାଠି ଚଳନ୍ତି । ପୁଅ ବାହା ହେଲାପରେ ଗ୍ରାମବାସୀଙ୍କ ସହଯୋଗରେ ନିଜର ସ୍ୱତନ୍ତ୍ର ଘର ତିଆରି କରେ । ପିତାମାତା






ଜୀବିତ ଥିଲେ କନିଷ୍ଠ ପୁତ୍ର ପାଖରେ ପରିଣତ ବୟସରେ ରୁହନ୍ତି । ବୃଦ୍ଧ ପିତାମାତାଙ୍କ ଆବଶ୍ୟକ ଯତ୍ନ ନିଆଯାଏ । ଏହା ସହିତ ବିଧବା ମା' ଓ ଅବିବାହିତା ଭଉଣୀଙ୍କୁ ଉପଯୁକ୍ତ ଧ୍ୟାନ ଦିଆଯାଏ ।

ଜଣେ କୁଟିଆ ପୁରୁଷ ଏକାଧିକ ବିବାହ କରିପାରେ । କୁଟିଆ ଓ ତା'ର ଓ ପିଲାମାନେ ଗୋଟିଏ ଘରେ ଗୋଟିଏ ରୋଷେଇରେ ଏକାଠି ମିଳିମିଶି ସାମାଜିକ ଜୀବନ ବିତାଇଥାନ୍ତି ।

କୁଟିଆ ସମାଜରେ ଛାଡ଼ପତ୍ର ଓ ପୁନର୍ବିବାହ ପ୍ରଥା ପ୍ରଚଳିତ । କେତେକ ଗାଁରେ ଏକ ସଦସ୍ୟ ; ଦୁଇସଦସ୍ୟ ଓ ବହୁସଦସ୍ୟ ବିଶିଷ୍ଟ ପରିବାର ଦେଖାଯାଆନ୍ତି । ବେଳେବେଳେ ଦୂର ସମ୍ପର୍କୀୟମାନେ ପାଖ ସମ୍ପର୍କୀୟ ଘରେ ଅତିଥି ଭାବରେ ରହିଥାନ୍ତି । ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଏ । ଥିଲାବାଲା ନ ଥିଲାବାଲାଙ୍କୁ ସାଧ୍ୟମତେ ସାହାଯ୍ୟ କରୁଥିବାର ଦେଖାଯାଏ । ପରିବାରରେ ବୟୋଜ୍ୟେଷ୍ଠ ପୁରୁଷଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଏ । କୁଟିଆ ପରିବାରରେ ସ୍ତ୍ରୀମାନେ ନିରଳସ ଓ କର୍ମଠ । ସେମାନେ ଦିନରାତି ପରିବାର କାମରେ ଲାଗିଥାନ୍ତି । ମୋଟାମୋଟି ଭାବରେ ନିଜର ସ୍ୱାମୀ ଓ ନିଜ ପରିବାର ପାଇଁ ସେମାନେ ଏକ ତ୍ୟାଗପୁତ ଜୀବନ ବିତାଇଥାନ୍ତି । ସାନ ବଡ଼ ସବୁ ପ୍ରକାର ପାରିବାରିକ କର୍ମରେ କର୍ମନିପୁଣା କୁଟିଆ ମହିଳାମାନେ ସକ୍ରିୟ ଭାଗ ନେଉଥିଲେ ମଧ୍ୟ ସେମାନଙ୍କ ସାମାଜିକ ସ୍ଥାନ ଓ ସମ୍ମାନ କେବେହେଲେ ନ୍ୟୁନ ହୁଏନାହିଁ । ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଉତ୍ତମ ବୁଝାମଣା ଥାଏ । ପରିବାରରେ ପିଲାଟିଏ ଜନ୍ମହେଲେ ପୁରୁଷ ସ୍ତ୍ରୀର ସବୁପ୍ରକାର ଯତ୍ନନିଏ । ଧାର୍ମିକ ବିଧାନ ଓ ପୂଜା ଇତ୍ୟାଦି ବିଧି ମୁତାବକ କରାଯାଏ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସବୁପ୍ରକାର ସ୍ନେହ-ସାହାଯ୍ୟ ଓ ସହଯୋଗ ସତ୍ତ୍ୱେ ବେଳେବେଳେ ମନୋମାଳିନ୍ୟ ହୁଏ । ଉତ୍ତମ ବୁଝାମଣା ଅଭାବରୁ ପାରିବାରିକ କଳହର ସୂତ୍ରପାତ ହୁଏ । ଘଟଣାକ୍ରମେ ଦାମ୍ପତ୍ୟ ଜୀବନରେ ଫାଟ ସୃଷ୍ଟିହୁଏ । ଏହି ଫାଟ ଓ ଦୂରତ୍ୱ ବଢ଼ିବଢ଼ି ଛାଡ଼ପତ୍ର ପର୍ଯ୍ୟନ୍ତ କଥାଯାଏ ।








ପିଲାମାନଙ୍କୁ ଭଲ ପାଇବା; ସେମାନଙ୍କ ଯତ୍ନନେବା, ଉପଯୁକ୍ତ ଲାଳନ ପାଳନ କରିବା ଓ ଛୋଟ ଛୋଟ ଦୋଷକୁ କ୍ଷମାଦେବାରେ କୁଟିଆମାନେ ସବୁବେଳେ ଆଗୁଆ । ଛୋଟ ପିଲାମାନଙ୍କର ସେବା ଯତ୍ନରେ ମା'ର ଅଗ୍ରଣୀ ଭୂମିକା ଥାଏ । ଆବଶ୍ୟକ ସ୍ଥଳେ ବାପା ସାହାଯ୍ୟ କରନ୍ତି । ପିଲା ବୟସରେ ଝିଅଟି ମା ସହିତ ଓ ପୁଅଟି ତା ବାପା ସହିତ କର୍ମକ୍ଷେତ୍ରରେ ସାଥୀ ହୋଇଥାଏ । କୌଣସି ବାଛ ବିଚାର ନ ରଖି ପୁଅ ଓ ଝିଅଙ୍କୁ କୁଟିଆମାନେ ସମାନ ଭାବରେ ଭଲ ପାଇଥାନ୍ତି ।

କୁଟିଆ ସମାଜରେ ପରିବାର ବ୍ୟତୀତ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ କୁଟୁମ୍ବ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ବହୁ ପରିବାରର ଏକ ମିଳିତ ସ୍ୱରୂପ ହେଉଛି କୁଟୁମ୍ବ । ଗୋଟିଏ କୁଟୁମ୍ବର ସଦସ୍ୟ ମାନଙ୍କ ମଧ୍ୟରେ ଦୃଢ ସାମାଜିକ ବନ୍ଧନ ରହିଥାଏ । ଜନ୍ମ, ମୃତ୍ୟୁ ଓ ବିବାହ ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନରେ କୁଟୁମ୍ବର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏପରିକି ନିଜ ଗାଁ ମାଟି ଛାଡ଼ି କୁଟୁମ୍ବର ଜଣେ ଅନ୍ୟ ଗାଁରେ ବାସ କଲେ ମଧ୍ୟ ନିଜ ଗାଁ, ନିଜ ମାଟି, ନିଜ କୁଟୁମ୍ବର ସଦସ୍ୟମାନଙ୍କ ସହିତ ତା'ର ଏକ ଆବେଗିକ ସମ୍ପର୍କ ରହିଥାଏ । ଗୋଟିଏ କୁଟୁମ୍ବର ସଦସ୍ୟ ଯେତେ ଦୂରରେ ଥିଲେ ମଧ୍ୟ ରକ୍ତ ସମ୍ପର୍କକୁ କେହି ତୁଟେଇ ପାରେନାହିଁ।




ଗୋଟିଏ ବଂଶ ବହୁକୁଟୁମ୍ବକୁ ନେଇ ଗଠିତ । ପୂର୍ବେ ଗୋଟିଏ ବଂଶର ଲୋକମାନେ ଗୋଟିଏ ଗାଁରେ ରହୁଥିଲେ । ବର୍ତ୍ତମାନ ଗୋଟିଏ ଗାଁରେ ବହୁ ବଂଶର ଲୋକେ ବସବାସ କରୁଥିବାର ଦେଖାଯାଉଛି । ତଥାପି ସବୁବଂଶର ଲୋକଙ୍କ ମଧ୍ୟରେ ସୁ-ସମ୍ପର୍କ ରହିଛି । ସମସ୍ତଙ୍କର ପୂର୍ବପୁରୁଷ ଏକ ବୋଲି ବିଶ୍ୱାସ କରାଯାଏ । କୁଟିଆ କନ୍ଧମାନଙ୍କ କେତୁ ପର୍ବ ପାଳନ ବେଳେ ଗୋଟିଏ ବଂଶର ସମସ୍ତେ ଅଂଶ ଗ୍ରହଣ କରନ୍ତି। ଗୋଟିଏ ବଂଶର ପୁଅ-ଝିଅଙ୍କ ମଧ୍ୟରେ ଯୌନସମ୍ପର୍କକୁ ସାମାଜିକ ଅପରାଧ ବୋଲି ଧରାଯାଏ ।

କୁଟିଆ କନ୍ଧମାନେ ସେମାନଙ୍କ ବଂଶୀୟ ସଙ୍ଗଠନ ନିମନ୍ତେ ଜଣାଶୁଣା । ଗୋଟିଏ ଗାଁରେ ବାସ କରୁଥିବା ଏକବଂଶୀୟ ଲୋକମାନେ କ୍ରମଶଃ ସମୟ ସ୍ରୋତରେ ବହୁବଂଶୀୟ ହୋଇଥିବାର ଦେଖାଯାଏ । ଯାହା ହେଲେବି ଗୋଟିଏ ଗାଁରେ ବାସ କରୁଥିବା ବହୁ ବଂଶର ଜନସାଧାରଣଙ୍କ ମଧ୍ୟରୁ କୌଣସି ନା କୌଣସି ଗୋଟିଏ ବଂଶର ଅଧିକ ପ୍ରାଧାନ୍ୟ ଥାଏ । ବୈବାହିକ




ସମ୍ପର୍କ କଥା ବିଚାରକୁ ନେଲାବେଳେ ବଂଶୀୟ ବିଚାର ପ୍ରତି ଧ୍ୟାନ ଦିଆଯାଏ ଗୋଟିଏ ଗାଁରେ ବାସ କରୁଥିବା ପୁଅ-ଝିଅଙ୍କ ମଧ୍ୟରେ ବିବାହ ସମ୍ପର୍କ ସ୍ଥାପିତ ହୁଏନାହିଁ । ଏପରିକି ଭିନ୍ନବଂଶର ପୁଅଝିଅମାନେ ମଧ୍ୟ ଗୋଟିଏ ଗାଁରେ ରହୁଥିବା କାରଣରୁ ନିଜ ନିଜ ଭିତରେ ବୈବାହିକ ସମ୍ପର୍କ ସ୍ଥାପନ କରିନଥାନ୍ତି । ଏକ ବଂଶର ପୁଅଝିଅ ମଧ୍ୟ ଏକାଠି ନାଚନ୍ତି ନାହିଁ। ଗୋଟିଏ ବଂଶର ସଦସ୍ୟମାନେ ନିଜ ଗାଁରେ ବା ଅନ୍ୟ ଗାଁରେ ମଧ୍ୟ ବାସ କରନ୍ତି । ଗୋଟିଏ ମୂଳବଂଶର ସଦସ୍ୟମାନଙ୍କର ସେହି ଗାଁରେ ବାସ କରିବାର ଓ କାମ କରିବାର ଅଧିକାର ରହିଥାଏ। କେତେକ ସ୍ୱତନ୍ତ୍ର ଗ୍ରାମୀଣ ଉତ୍ସବରେ କେବଳ ମୁଖ୍ୟ ବଂଶର ସଦସ୍ୟମାନେ ଅଂଶଗ୍ରହଣ କରନ୍ତି ।

ଗୋଟିଏ ନିର୍ଦ୍ଦିଷ୍ଟ ଗାଁର କୁଟିଆକନ୍ଧ ସେହି ଗାଁର ଅନ୍ୟକୁଟିଆ ମାନଙ୍କ ସହିତ ସାମାଜିକ-ଅର୍ଥନୈତିକ-ଧାର୍ମିକ ଓ ରାଜନୈତିକ କ୍ଷେତ୍ରରେ ଅବାଧରେ ଭାବ ବିନିମୟ କରିପାରେ । ଜଣେ କୁଟିଆ ତା ନିଜ ଗାଁର ସମୃଦ୍ଧ ଐତିହ ସମ୍ପର୍କରେ ସବୁବେଳେ ସଚେତନ ଥାଏ ଏବଂ ମୋ ଗାଁ, ମୋ ମାଟି ପରି ନିଜସ୍ୱ ଅନୁଭବର ନେଇ ଗର୍ବ କରେ । କୁଟିଆ କିଶୋର କିଶୋରୀ ଓ ବୃଦ୍ଧ ବୃଦ୍ଧାମାନେ ବିଭିନ୍ନ ସାମାଜିକ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦଳ ଗଢ଼ିଥାନ୍ତି । ଗୋଷ୍ଠୀସ୍ତରୀୟ ଧାର୍ମିକ ପୂଜା ପଦ୍ଧତି ଓ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ କେତେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।






ରାଜନୈତିକ ସଙ୍ଗଠନ ଓ ନେତୃତ୍ୱ




କୁଟିଆକନ୍ଧ ମାନଙ୍କର ପାରମ୍ପରିକ ରାଜନୈତିକ ସଙ୍ଗଠନ ରହିଛି । ଏହି ସଙ୍ଗଠନ ବଡ଼ ସୁଦୃଢ । ସଙ୍ଗଠନରେ କନ୍ଧନେତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଏ। ବିଭିନ୍ନ ଘଟଣାକ୍ରମରେ ସେମାନଙ୍କ ନିଷ୍ପତ୍ତିକୁ ସମସ୍ତେ ମାନି ନିଅନ୍ତି। କନ୍ଧନେତାମାନେ ନିଜ ଇଚ୍ଛା ମୁତାବକ ନିଷ୍ପତ୍ତି ନିଅନ୍ତି ନାହିଁ। କେଉଁ ପ୍ରକାର ସାମାଜିକ ଘଟଣାବଳୀ ନିମନ୍ତେ କିପରି ବିଚାର କରିବାକୁ ହେବ ବା କି ପ୍ରକାର ଦଣ୍ଡବିଧାନର ଆବଶ୍ୟକତା ରହିଛ ସେଥିନିମନ୍ତେ ଏକ ପାରମ୍ପରିକ ସାମାଜିକ ଅନୁଶାସନ ରହିଛି। ବର୍ତ୍ତମାନ ସମାଜରେ ଦୁଇପ୍ରକାର ଶାସନ ପ୍ରଚଳିତ। ଗୋଟିଏ ପାରମ୍ପରିକ ଅପରଟି ଗଣତାନ୍ତ୍ରିକ। ପାରମ୍ପରିକ ବା ଆଧୁନିକ ଉଭୟ ରାଜନୈତିକ ପରିଷଦର ପଦପଦବୀରେ ଜଣକୁ ମନୋନୀତ କରିବାରେ କୌଣସି ସାମାଜିକ ପ୍ରତିବନ୍ଧକ ନଥାଏ ।



କୁଟିଆକନ୍ଧ ସମାଜରେ ପାରମ୍ପରିକ ନେତାମାନେ ହେଲେ ମାଝୀ ଓ ମୁଠାମାଝୀ। ସେମାନଙ୍କର ଧାର୍ମିକ ମୁଖ୍ୟ 'ଜାନି' ନାମରେ ପରିଚିତ। ପାରମ୍ପରିକ ଗ୍ରାମ ପରିଷଦରେ 'ଜାନି' ସକ୍ରିୟ ଅଂଶ ଗ୍ରହଣ କରନ୍ତି ସମସ୍ତେ 'ଜାନି'ଙ୍କ କଥାକୁ ମାନନ୍ତି ଓ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତି । 'ଜାନି' ଏକ ବଂଶାନୁକ୍ରମିକ ପଦବୀ। ବେଳେବେଳେ ଏଥିରେ ବ୍ୟତିକ୍ରମ ଦେଖାଯାଏ। ଉପଯୁକ୍ତ ବଂଶାନୁସାରୀ ବ୍ୟକ୍ତିଙ୍କର ଅଭାବରେ ନିର୍ବାଚନ ମାଧ୍ୟମରେ ଗୋଷ୍ଠୀର ସଦସ୍ୟମାନେ ଜଣେ ନୂତନ ବ୍ୟକ୍ତିଙ୍କୁ 'ଜାନି' ପଦରେ ବସାଇଥାନ୍ତି। ମୁଠାମାଝି, ଜାନି ଆଦି ପାରମ୍ପରିକ ନେତାମାନଙ୍କୁ ସାମାଜିକ ସ୍ତରରେ ଉପଯୁକ୍ତ ସମ୍ମାନ ଦେଇଥାନ୍ତି ।

ମୁଠା ସ୍ତରରେ ମୁଠାମାଝୀ କ୍ଷମତାଶୀଳ । କୌଣସି ସାମାଜିକ ଓ ରାଜନୈତିକ ଘଟଣା କ୍ରମରେ ମୁଠାମାଝୀ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୁଅନ୍ତି । ଗ୍ରାମର ମୁଖ୍ୟ ହେଲେ ମାଝୀ । ମୁଠାମାଝିଙ୍କ ଦ୍ୱାରା ପୂର୍ବରୁ 'ମାଝୀ' ପଦବୀରେ ଜଣକୁ ବଛା



ଯାଉଥିଲା । ପରବର୍ତ୍ତୀ ସମୟରେ ଏହା ବଂଶାନୁକ୍ରମିକ ହୋଇଯାଉଥିଲା । ଗାଁର ସର୍ବାଙ୍ଗୀନ ସାମାଜିକ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ସ୍ଥଳେ ଆଦାୟ ହେଉଥିବା ଅର୍ଥର ମୁଖ୍ୟରକ୍ଷକ ମାଝୀ । ଏହି ପଦବୀରେ କାର୍ଯ୍ୟକଲେ ମଧ୍ୟ ମାଝୀଙ୍କୁ କୌଣସି ଅର୍ଥ ପାରିଶ୍ରମିକ ବାବଦରେ ଦିଆଯାଏ ନାହିଁ ।


ବ୍ୟକ୍ତିଗତ କଳହ, ପାରିବାରିକ କନ୍ଦଳ ଓ ଭୁଲ ବୁଝାମଣା, ଦଳୀୟ ପ୍ରତିଯୋଗିତା/ଶତ୍ରୁତା ଆଦି ସମସ୍ୟାର ସମାଧାନ କରିବାରେ ମାଝିଙ୍କର ଭୂମିକା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ।

ମାଝୀଙ୍କ ପରି ଧାର୍ମିକ ମୁଖ୍ୟ ଜାନିଙ୍କୁ ମଧ୍ୟ ଉଚ୍ଚ ସମାଜିକ ସମ୍ମାନ ଦିଆଯାଏ । ଗ୍ରାମସ୍ତରରେ କୌଣସି କଳହ ଓ ବିବାଦର ସମାଧାନରେ ଜାନିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେ ଆବଶ୍ୟକସ୍ଥଳେ ମାଝୀଙ୍କ ସହ ଆଇନ୍‌ଗତ ଓ ରାଜନୈତିକ ବିଚାର ଆଲୋଚନା କରି ଗ୍ରାମର ସାମୂହିକ କଲ୍ୟାଣରେ ନିଜକୁ ନିୟୋଜିତ କରିବା ସହ ଗାଁର ମଙ୍ଗଳ କରିଥାନ୍ତି ।

ଗ୍ରାମପରିଷଦଗାଁରେ ବାସ କରୁଥିବା ସମସ୍ତ କୁଟିଆକନ୍ଧ ପରିବାରର ପୁରୁଷ ମୁଖ୍ୟଙ୍କୁ ନେଇ ଗଠିତ । ଆବଶ୍ୟକ ହେଲେ ଗ୍ରାମ ପରିଷଦର ସଭା ମାଝୀ ବା ଜାନିଙ୍କ ଦ୍ୱାରା ଡ଼କାଯାଏ । ଏହି ସଭାରେ ସବୁ ପରିବାରର ମୁଖ୍ୟ ସଦସ୍ୟମାନେ ଭାଗ ନିଅନ୍ତି । ମୁକ୍ତ ଆଲୋଚନା ହୁଏ । ସମସ୍ତେ ନିଜ ନିଜ ସ୍ୱାଧୀନ ମତାମତ ଦିଅନ୍ତି । ଶେଷରେ ସାମାଜିକ ଘଟଣାକ୍ରମରେ ମାଝୀଙ୍କ ନିଷ୍ପତ୍ତି ଓ ଧର୍ମୀୟ ଘଟଣାକ୍ରମରେ ଜାନିଙ୍କ ନିଷ୍ପତ୍ତିକୁ ଗୋଷ୍ଠୀର ସମସ୍ତ ସଦସ୍ୟ ମାନି ନିଅନ୍ତି । ଦୋଷୀକୁ ଦଣ୍ଡ ଦିଆଯାଏ । ସାଧାରଣ ଦୋଷ ନିମନ୍ତେ ବିଚାରକମାନେ କେବେହେଲେ ବଡ଼ ଦଣ୍ଡ ଦେବାର ଦେଖାଯାଏ ନାହିଁ । ପୁଅ-ଝିଅମାନଙ୍କର ଅବୈଧ ସାମାଜିକ ସମ୍ପର୍କ, ବିବାହ ପୂର୍ବରୁ ଅବାଞ୍ଛିତ ଅନୈତିକ ଗର୍ଭଧାରଣ ଆଦି ଘଟଣାରେ କଠୋର ଦଣ୍ଡର ବ୍ୟବସ୍ଥା କରାଯାଏ । ଏହା ସହିତ ଦୋଷୀକୁ କେତେକ ସାମାଜିକ ବିଧି ବିଧାନ ପାଳନ ପୂର୍ବକ ନିଜ ଚରିତ୍ରକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଏ । କେତେକ କ୍ଷେତ୍ରରେ ଦୋଷର ମାତ୍ରା ଅତ୍ୟଧିକ ମନେହେଲେ ଦୋଷୀକୁ ଗୋଷ୍ଠୀରୁ ସାମାଜିକ ବାସଚ୍ଛ କରାଯାଏ । ଏପରି କଠୋର ନିଷ୍ପତ୍ତି ନେବା ସମୟରେ ମାଝୀ ଓ ମୁଠାମାଝୀ ଉପସ୍ଥିତ ଥାଆନ୍ତି ।








ପାରଂପରିକ ଗ୍ରାମ - ପରିଷଦର ବିଚାର ପରିସର ବଡ଼ ବ୍ୟାପକ । ଗାଁରେ ପରସ୍ପର ଭିତରେ ଉପୁଜିଥିବା ଦ୍ୱନ୍ଦ୍ୱ, ବିବାଦ, କଳହ, ମାନୋମାଳିନ୍ୟ ଓ ଗାଁରେ ପାଳନ ହେବାକୁ ଯାଉଥିବା ଭୋଜିଭାତ , ମହୋତ୍ସବ, ପୂଜାପର୍ବ, ସାମାଜିକ ଓ ସାଂସ୍କୃତିକ ଉତ୍ସବ ଆଦି ବିଷୟରେ ଗ୍ରାମ ପରିଷଦରେ ବିଶଦଆଲୋଚନା ହୁଏ । ଏଥିରେ ଗୋଷ୍ଠୀର ସମାଜିକ - ନିୟମ, ନୀତି, ଅନୁଶାସନ ଓ ସାମାଜିକ ସଂହତିକୁ ଅଗ୍ରାଧିକାର ଦିଆଯାଏ ।

କୁଟିଆକନ୍ଧ ସମାଜରେ ଜାନି, ମାଝୀ, ମୁଠାମାଝୀ ଓ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ନିରକ୍ଷର ହେଲେ ମଧ୍ୟ ବିଜ୍ଞ ଓ ପରୋପକାରୀ ହୋଇଥାନ୍ତି । ସେମାନେ ଗ୍ରାମ-ପରିଷଦର ଓ ନିଜ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କୁ ଉତ୍ତମ ଓ ନିରପେକ୍ଷ ବିଚାର ଦେଇ ନିଜ ପଦବୀର ଗୌରବ ବଜାୟ ରଖନ୍ତି । ଆଧୁନିକ ପଞ୍ଚାୟତିରାଜ ପଦ୍ଧତି ପ୍ରଚଳନ ହେବା ଦ୍ୱାରା ଦିନକୁ ଦିନ ପାରମ୍ପରିକ ଗ୍ରାମପରିଷଦର ଗୁରୁତ୍ୱ ହ୍ରାସ ପାଉଛି ।

ଜୀବନ ଚକ୍ର




କୁଟିଆ ଯୁବତୀଟିଏ ମା' ହେଲେ ତା ନାରୀ ଜନ୍ମର ସାର୍ଥକତା ଆସେ । ଗର୍ଭବତୀ ମହିଳାର ଉପଯୁକ୍ତ ଯତ୍ନ ନିଆଯାଏ । କେହି ଜଣେ ପୂର୍ବ ପୁରୁଷ ତା'ର ଗର୍ଭରେ ପୁନଶ୍ଚ ପରିବାରକୁ ଫେରି ଆସୁଛି ବୋଲି ବିଶ୍ୱାସ କରାଯାଏ । ପୁଅ ହେବା ବା ଝିଅ ହେବା କେବଳ ସେହି ଅଦୃଶ୍ୟ ଶକ୍ତିର ଆଶୀର୍ବାଦଦ୍ୱାରା ସମ୍ଭବ । ବନ୍ଧ୍ୟାନାରୀ ମାନଙ୍କୁ ଚେରମୂଳିକା ତୁଟୁକା ଆୟୁର୍ବେଦଔଷଧ ମାଧ୍ୟମରେ ଚିକିତ୍ସା କରାଯାଏ । ଅଦୃଶ୍ୟ ଶକ୍ତି ଉପରେ ବିଶ୍ୱାସ ରଖି କେତେକ ଧାର୍ମିକ ଅନୁଶାସନ ପାଳିକାକୁ ହୁଏ ।



ବିବାହ ପରବର୍ତ୍ତୀ କାଳରେ ଯୁବତୀ ମାନଙ୍କର ଋତୁସ୍ରାବ ବନ୍ଦ ହେଲେ, ଦେହ ଭାରି ଭାରି ଲାଗିଲେ ଅବା ବାନ୍ତି ହେବା ପରି ଲକ୍ଷଣ ଦେଖାଦେଲେ ଗର୍ଭଧାରଣ ହେଲା ବୋଲି ମନେ ହୁଏ । ପେଟ ଉଚ୍ଚ ଦିଶିଲେ ଆଉ ସନ୍ଦେହ ରୁହେ ନାହିଁ । କୌଣସି କଠିନ କାମ କରିବାକୁ ବାରଣ କରାଯାଏ । ଗର୍ଭବତୀ ମହିଳାଟିଏ ସମସ୍ତ ପ୍ରକାର ସାମାଜିକ, ଧାର୍ମିକ ଅନୁଶାସନକୁ ମାନି ଚଳେ ।


କୁଟିଆକନ୍ଧ ସମାଜରେ ମହିଳାଟିଏ ନିଜ ସ୍ୱାମୀଘରେ ପିଲାଟିଏ ଜନ୍ମ ଦେବାକୁ ଅଧିକ ପସନ୍ଦ କରେ । ଜଣେ ଅଭିଜ୍ଞ ଧାଈ ପ୍ରସବ ବେଦନା ସମୟରେ ସମସ୍ତ ପ୍ରକାର ସହାୟତା ଯୋଗାଇଦିଏ । ଆସନ୍ନ ପ୍ରସବା ମହିଳାଟିଏ ସନ୍ତାନ ଜନ୍ମ ସମୟରେ ଅଧିକ ଯନ୍ତ୍ରଣା ଅନୁଭବ କଲେ ଓ ଶିଶୁଟିକୁ ଜନ୍ମଦେବାରେ ଅଧିକ ବିଳମ୍ବ ହେଲେ ସ୍ୱତନ୍ତ୍ର ଅଭିଜ୍ଞ ତଥା ଧାର୍ମିକ ବ୍ୟକ୍ତିଙ୍କର ସହାୟତା ନେବାକୁ ହୁଏ । ପିଲାଟିଏ ଜନ୍ମହେବା ପରେ ବାପା, ପିଲା ଓ ମା ଉଭୟଙ୍କର ଯତ୍ନନିଅନ୍ତି । ପିଲାଟିଏ ଜନ୍ମହେବାର ଏକମାସ



ପର୍ଯ୍ୟନ୍ତ ଅଶୌଚ ପାଳନ କରାଯାଏ । ମାସେ ପରେ ମା ତା'ର ଜନ୍ମିତ ଶିଶୁର ଯତ୍ନ ନେବା ସହିତ ନିଜର ଯତ୍ନନିଏ ।

ଶିଶୁଟିଏ ଜନ୍ମ ହେବାର ତୃତୀୟ ଦିବସରେ ନାଁ ଦିଆପର୍ବ ଅନୁଷ୍ଠିତ ହୁଏ । ଏହି ନାଁ ଦିଆ ପର୍ବ ପାଳନର ପରମ୍ପରା ବଡ଼ କୌତୁହଳୋଦ୍ଦୀପକ । ଜନ୍ମିତ ଶିଶୁକୁ ଗୋଟିଏ ଶିଆଳୀ ପତ୍ର ଦେଖାଯାଏ । ଏହି ସମୟରେ ପୂର୍ବ ପୁରୁଷର ବିଭିନ୍ନ ଲୋକଙ୍କ ନାଁ କୁହାଯାଏ । ପୁଅ ହୋଇଥିଲେ ପୁରୁଷମାନଙ୍କର ନାଁ ଓ ଝିଅ ହୋଇଥିଲେ ମହିଳା ମାନଙ୍କର ନାଁ ଧରାଯାଏ । ଯେଉଁ ନାଁ ଉଚ୍ଚାରଣ କଲାବେଳେ ଜନ୍ମିତ ଶିଶୁଟି ତାକୁ ଦେଖାଇ ଦିଆଯାଉଥିବା ଶିଆଳୀ ପତ୍ର ଆଡ଼କୁ ହାତ ବଢ଼ାଏ ବା ପତ୍ରକୁ ଧରେ ଶିଶୁକୁ ସେହି ନାମରେ ନାମିତ କରାଯାଏ । ଏହି ସମୟରେ ପରିବାର, ପଡ଼ୋଶୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥାଆନ୍ତି । ଜନ୍ମିତ ଶିଶୁର ମାମୁ ଅର୍ଥାତ୍ ମା'ର ଭାଇ ଏହି ନାମଦିଆ ଉତ୍ସବ ଉପଲକ୍ଷେ ଗୋଟିଏ ଘୁଷୁରି ଦିଏ ।


ପିତାମାତା, ବନ୍ଧୁ, ପରିବାର, ପରିଜନ, ପଡ଼ୋଶୀ ସମସ୍ତେ ଖୁସି ମନାନ୍ତି । ପିଲାଟି ଧୀରେ ଧୀରେ ତା'ର ସାମାଜିକ ପରିବେଶ ପରିବେଷ୍ଟନୀ ଓ ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ଲାଭ କରେ ।




ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ ହେଉଛି କୈଶୋର ଅବସ୍ଥା । ଏହି ବୟଃସନ୍ଧିରେ କିଶୋର - କିଶୋରୀମାନେ ଆନମନା ହୋଇଉଠନ୍ତି । ଶରୀର ଓ ମନରେ ଏକ ଭିନ୍ନ ମାଦକତା ଜାଗିଉଠେ । ବିପରୀତ ଲିଙ୍ଗ ପ୍ରତି ଏକ ଅହେତୁକ ଓ ଅନାହୂତ ଆକର୍ଷଣ ପ୍ରାଣ ଓ ମନରେ ନୂତନ ଉନ୍ମାଦନା ସୃଷ୍ଟିକରେ । କୁଟିଆକନ୍ଧ ସମାଜରେ ଧାଙ୍ଗଡ଼ୀଶାଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବ୍ୟକ୍ତିଜୀବନ, ଗୋଷ୍ଠୀଜୀବନ ଓ ସମାଜ ଜୀବନର ଏକ ଶିକ୍ଷଣ-ସ୍ଥଳ ଭାବରେ ଧାଙ୍ଗଡ଼ୀଶାଳର ମହତ୍ତ୍ୱକୁ ସମସ୍ତେ ସ୍ୱୀକାର କରିବେ ।

କୁଟିଆ ସମାଜରେ ବିବାହ ଏକ ପବିତ୍ର ଅନୁଷ୍ଠାନ । ଏହା ଏକ ସାମାଜିକ ବନ୍ଧନ । ପିତାମାତାମାନେ ଏହାର ପ୍ରଥମ ଆୟୋଜକ । ସାଧାରଣତଃ ବିବାହ ପ୍ରସ୍ତାବ ପ୍ରଥମେ ପୁଅ ପକ୍ଷରୁ ଦିଆଯାଏ । କେଉଁ ପୁରୁଣା କାଳରୁ ପ୍ରସ୍ତାବିତ ବିବାହ ଚଳିଆସୁଛି । ପ୍ରସ୍ତାବିତ ବିବାହ ବ୍ୟତୀତ ପ୍ରେମ ବିବାହ, ଝିକା ବିବାହ, ବଦଳ ବିବାହ





ଆଦି କେତେକ ପ୍ରଥା ମଧ୍ୟ ପ୍ରଚଳିତ । ବିଧବା ବିବାହ ଓ ଦିଅର ବିବାହ ପ୍ରଥା ମଧ୍ୟ କୁଟିଆ ସମାଜରେ ଚଳେ । ନିଜ ବଂଶର ପୁଅଝିଅଙ୍କ ମଧ୍ୟରେ ବୈବାହିକ ସମ୍ପର୍କ ନିଷିଦ୍ଧ । ସେହିପରି କୁଟିଆ କନ୍ଧ ସମାଜରେ ଗୋଷ୍ଠୀ ବହିର୍ଭୁତ ବିବାହ ମଧ୍ୟ କରାଯାଏ ନାହିଁ । ପ୍ରସ୍ତାବିତ ବିବାହ ସମୟ ସାପେକ୍ଷ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ । ଏହି ବିବାହରେ କନ୍ୟାଧନ ସ୍ୱରୂପ ଚାଉଳ, ମଦ, ମଇଁଷି, ଲୁଗାପଟା, ବାସନ-କୁସନ ଓ ତୀର ଆଦି ଦେବାକୁ ହୋଇଥାଏ । ପରିବାରର ସଦସ୍ୟ, ସାହିପଡ଼ିଶା, ଭାଇ ବନ୍ଧୁ କୁଟୁମ୍ବ ଓ ଅନ୍ୟମାନେ ମିଳିମିଶି ବିବାହ ଉତ୍ସବକୁ ଆନନ୍ଦ ମୁଖର କରନ୍ତି । ଭୋଜି ଭାତରେ ପରିବେଶ ପୂରି ଉଠେ । ବିବାହର ପରବର୍ତ୍ତୀ କାଳରେ କୁଟିଆ ଦମ୍ପତ୍ତି ସାମାଜିକ ନିୟମମାନ ପାଳନ କରି ଏକ ସୁନ୍ଦର ସଂଯମ ଜୀବନ ଯାପନ କରୁଥିବାର ଦେଖାଯାଏ । ସ୍ତ୍ରୀ ଉପରେ ସ୍ୱାମୀର ପୂର୍ଣ୍ଣ କର୍ତ୍ତୃତ୍ୱ ଥାଏ । ସ୍ୱାମୀ କେବେହେଲେ ସ୍ତ୍ରୀ ଉପରେ ଅଯଥା କର୍ତ୍ତୃତ୍ୱ ଜାହିର କରେ ନାହିଁ । କୁଟିଆ ସମାଜରେ ଛାଡ଼ପତ୍ର ପାଇଥିବା ସ୍ତ୍ରୀ ତା'ର ଆଣିଥିବା କନ୍ୟାଧନ ଫେରିପାଏ ।




ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ । ମୃତ୍ୟୁ ପରେ ମୃତ ବ୍ୟକ୍ତିର ଶବକୁ ପୋଡ଼ାଯାଏ ଅବା ପୋତାଯାଏ । କୁଟିଆମାନେ ମୃତ୍ୟୁର ପ୍ରକାରଭେଦକୁ ନେଇ ଉଭୟେ ପୋଡ଼ିବା ଓ ପୋତିବା ପ୍ରଥାକୁ ଗ୍ରହଣ କରିନେଇଛନ୍ତି । ସାଧାରଣ ମୃତ୍ୟୁରେ ମୃତ ବ୍ୟକ୍ତିର ଶବକୁ ଶ୍ମଶାନରେ ଦାହ କରାଯାଏ । ପାଣିରେ ବୁଡ଼ି ମରିବା, ଗଛରୁ ପଡ଼ି ମରିବା, ହିଂସ୍ର ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ମୃତ୍ୟୁ ମୁଖରେ ପଡ଼ିବା ଅଥବା ବସନ୍ତ ଆଦି ସଂକ୍ରାମକ ରୋଗ ହେବା କାରଣରୁ କେହି ମୃତ୍ୟୁବରଣ କଲେ ତା'ର ଶବକୁ ନ ପୋଡ଼ି ପୋତି ଦିଆଯାଏ । ନିଜ କୁଟୁମ୍ବର ଲୋକମାନେ ୩ ରୁ ୮ ଦିନ ପର୍ଯ୍ୟନ୍ତ ମୃତ ଅଶୌଚ ପାଳନ କରନ୍ତି । ମୃତ୍ୟୁ ପର୍ବ ପାଳନ ଅବସରରେ ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବ ମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । କେହିଜଣେ ମରିଗଲାପରେ ଗୋଟିଏ ପୁରୁଷ ପରେ ତା'ର ଆତ୍ମା ପୁନଶ୍ଚ ସେହି ପରିବାରରେ ଜନ୍ମନିଏ ବୋଲି କୁଟିଆମାନେ ବିଶ୍ୱାସ କରନ୍ତି ।


ଧର୍ମ

ବହୁ ଦେବଦେବୀ, ପ୍ରକୃତି ଓ ପ୍ରାକୃତିକ ବସ୍ତୁ ଆଦିକୁ ନେଇ ଏକ ସୁନ୍ଦର ଧାର୍ମିକ ପରିବେଶ ତିଆରି କରିଛି କୁଟିଆ । ସେଠି ସିଏ ଅତ୍ୟନ୍ତ କର୍ମନିଷ୍ଠ ଓ ଧର୍ମନିଷ୍ଠ ।

କୁଟିଆଜନ୍ଧ ଅଞ୍ଚଳରେ ଧର୍ମର ପ୍ରତୀକ ଭାବରେ ଦୁଇମୁନ ବିଶିଷ୍ଟ କାଠ ଖମ୍ଭ ପୋତା ହୋଇଥିବାର ଦେଖାଯାଏ । ସେଠିଥାଏ ବାଉଁଶ ଚାଟିର ଚଉହଦୀ । ଛୋଟ କାଷ୍ଠ ଖମ୍ଭ, ଓ ପଥରରେ ସିନ୍ଦୂର ଲଗା ହୋଇଥାଏ । ସେଠାରେ ଦିଆଯାଇଥିବା ପ୍ରତି ଚିହ୍ନର ସ୍ୱତନ୍ତ୍ର ଗୁରୁତ୍ୱ ଥାଏ । ତାହା କୌଣସି ନା କୌଣସି ଦେବଦେବୀ ଅବା ଆତ୍ମାର ଅବା ଅଦୃଶ୍ୟ ଶକ୍ତିର ପ୍ରତିନିଧିତ୍ୱ କରୁଥାଏ । ତିନୋଟି ପଥର ପ୍ରତୀକରେ ପୂଜିତ "ଧରଣୀ ପେନୁ" କୁଟିଆର ଧାର୍ମିକ ଜୀବନର ପ୍ରଥମ ପୃଷ୍ଠା । ସେହି ଧରଣୀ ପେନୁ ବା ପୃଥିବୀ ମାତା ମଣିଷ ସମାଜକୁ ତିଆରି କରିଛି । ସେ ମାଟିକୁ ଉର୍ବରତା ଦିଏ। କୁଟିଆ ଗୋଷ୍ଠୀକୁ ସୁରକ୍ଷିତ ରଖେ । ଗ୍ରାମବାସୀମାନେ ଗୋଷ୍ଠୀସ୍ତରରେ ନିଜର, ନିଜ ପରିବାରର ତଥା ଗୃହପାଳିତ ପଶୁପକ୍ଷୀମାନଙ୍କର ଜୀବନର ନିରାପତ୍ତା ନିମନ୍ତେ ଧରଣୀ ପେନୁ ପାଖରେ ବଳି ଦିଅନ୍ତି । ସେମାନଙ୍କର ଧାର୍ମିକ ବିଶ୍ୱାସ ଏହା ଦ୍ୱାରା ସୁଖ-ସମୃଦ୍ଧି ଓ ସନ୍ତୋଷ ବଢିବ ।

ପ୍ରତି କୁଟିଆ ଗାଁରେ ଜଣେ ପୂଜାରୀ ଥାଆନ୍ତି । ତାଙ୍କୁ ଜାନୀ କୁହାଯାଏ । ପରିବାର ସ୍ତରରେ ପୂଜାପାଠ କରୁଥିବା ବ୍ୟକ୍ତିଙ୍କୁ କୁଟାକା (ସମନ) କୁହାଯାଏ । ସେ ଜଣେ ଜ୍ୟୋତିର୍ବିଦ୍ ତଥା ଗୁଣିଆ । ଧର୍ମ ସମ୍ବନ୍ଧୀୟ ପୂଜା, ପାଠରେ ତାଙ୍କ ପରାମର୍ଶ ନିଆଯାଏ । ସେ ଦେବଦେବୀଙ୍କ ପାଖରେ ଗାଁର ସମସ୍ତଙ୍କର ଶୁଭ ମନାସି ପୂଜା ପାଠ କରନ୍ତି। ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ। ପୂଜାପାଠ ମାଧ୍ୟମରେ ସେ ଦେବଦେବୀ ଓ ଅନ୍ୟାନ୍ୟ ଆଧିଭୌତିକ ଶକ୍ତିକୁ ସନ୍ତୁଷ୍ଟ କରନ୍ତି । ଜାନି ସାଧାରଣ ମଣିଷ ହେଲେ ବି ଆଧିଭୌତିକ ଶକ୍ତି ସହିତ ଯୋଗସୂତ୍ର ସ୍ଥାପନ କରିବା କାର୍ଯ୍ୟକୁ ନିଷ୍ଠାର ସହ ସମ୍ପନ୍ନ କରିଥାନ୍ତି । କେତେକ ସ୍ୱତନ୍ତ୍ର ଧର୍ମୀୟ ପୂଜାରେ ମହିଳାମାନେ ଅଂଶଗ୍ରହଣ କରନ୍ତି ନାହିଁ।






ପୂଜା ପୂର୍ବରୁ ଗ୍ରାମବାସୀମାନେ ଆବଶ୍ୟକୀୟ ସମାଗ୍ରୀ ଯୋଗାଡ଼ କରିଦେଇଥାନ୍ତି । ପାଳନ କରାଯାଉଥିବା ପର୍ବପର୍ବାଣିମାନଙ୍କ ମଧ୍ୟରେପର୍ବ,




ପୁନିକାଲୁ ଡ଼ାଡ୍‌ବିଦେଶୀ, ଦଶହରା, (କାନ୍‌ଡାଙ୍ଗା) (ଡାକିନା ବାସାଡ଼ାକିନା) ଅନ୍ୟତମ ପ୍ରଧାନ ପର୍ବ । କୁଟିଆ କନ୍ଧଗୋଷ୍ଠୀ ମିଳିତ ହୋଇ 'ଧରଣୀ ପେନୁ' କୁ ସନ୍ତୁଷ୍ଟ କରିବା ନିମନ୍ତେ ବିଭିନ୍ନ ପୂଜା ପର୍ବ ପାଳନ କରିଥାନ୍ତି । ଆଗକାଳରେ ଧରଣୀ ପେନୁକୁ ସନ୍ତୋଷ କରିବା ନିମନ୍ତେ "ନରବଳି" ଦିଆଯାଉଥିଲା । ଏବେ ଏକ ମଇଁଷି ବଳି ଦିଆଯାଉଛି । ଗୋଷ୍ଠୀ ତରଫରୁ ଗୋଟିଏ ବା ଦୁଇଟି ମଇଁଷି ବଳିର ବ୍ୟବସ୍ଥା ଥିବା ବେଳେ ପରିବାର ସ୍ତରରେ କୁକୁଡ଼ା, ପାରା, ଛେଳି ଆଦି ବଳିଦେବାର ପ୍ରଥା ମଧ୍ୟ ରହିଛି । ପୂଜା ପାର୍ବଣର ମାହୋଲ ଭିତରେ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ସୁଯୋଗ ମିଳେ । ନିଜ କୁଟୁମ୍ବ ଓ ବଂଶର ଲୋକମାନେ ଏକତ୍ରିତ ହୋଇ ପରସ୍ପର ଭିତରେ ସୁଖ ଦୁଃଖ ହୁଅନ୍ତି ।

କେଡୁ ପର୍ବରେ ବହୁ ଅର୍ଥ ଖର୍ଚ୍ଚ କରିବାକୁ ହୁଏ । ପ୍ରତି ବର୍ଷ ଏହି ପର୍ବର ଆୟୋଜନ ନ ହୋଇ ତିନିରୁ ପାଞ୍ଚବର୍ଷ ମଧ୍ୟରେ ଯେତେବେଳେ ଆବଶ୍ୟକ ମନେହୁଏ ସେତେବେଳେ କେଡୁ ପର୍ବ ଅନୁଷ୍ଠିତ ହୁଏ । ଏହାଏକ ଗୋଷ୍ଠୀପର୍ବ । ସବୁ କୁଟିଆ କନ୍ଧମାନେ ଏଥିରେ ସାମିଲ ହୁଅନ୍ତି । ଗୋଷ୍ଠୀର ସ୍ୱତନ୍ତ୍ର ସାମାଜିକ ଅବସ୍ଥା ଓ ଆବଶ୍ୟକତାକୁ କେନ୍ଦ୍ରକରି ଏହି ପର୍ବର ଦିନ ଧାର୍ଯ୍ୟ ହୁଏ ।

କୁଟିଆ କନ୍ଧ ସମାଜରେ ପାଳନ କରାଯାଉଥିବା ଅନେକ ପର୍ବପର୍ବାଣିର ସ୍ୱତନ୍ତ୍ରତା ଥାଏ । କୃଷିକୁ କେନ୍ଦ୍ରକରି କେତେକ ପର୍ବ ପାଳନ କରାଯାଏ ତ ଆଉ କେତେକ ପର୍ବ ଶିକାର ଓ ଖାଦ୍ୟ ସଂଗ୍ରହକୁ ନେଇ ଗଢିଉଠେ । ଯାହା ହେଲେବି ଅସଂଖ୍ୟ ଦେବାଦେବୀଙ୍କୁ ସ୍ୱତନ୍ତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ପୂଜା ମାଧ୍ୟମରେ ସନ୍ତୁଷ୍ଟ କରିବାର ଯେଉଁ ପାରମ୍ପରିକ ବିଶ୍ୱାସ ତହିଁରୁ କୁଟିଆକନ୍ଧ ମୁକୁଳି ପାରେ ନାହିଁ ।







ଅଦୃଶ୍ୟ ଶକ୍ତି ଅସନ୍ତୁଷ୍ଟ ହେଲେ ବହୁ କ୍ଷୟ କ୍ଷତି ଘଟାଏ । ଅକାଳ ମୃତ୍ୟୁ, ଅପମୃତ୍ୟୁ ଅଚାନକ ଭାବରେ ଆସିଯାଏ । ଭୟାନକ

ରୋଗରେ କେହି ପୀଡ଼ିତ ହୁଏ । ସେଥିରୁ ମୁକ୍ତ ହୋଇ ସୁସ୍ଥ ସୁନ୍ଦର ଜୀବନ ବିତାଇବା ଲକ୍ଷ୍ୟରେ ପୂଜା ପାର୍ବଣର ବ୍ୟବସ୍ଥା କରାଯାଇଛି ।




ପୂର୍ବ ପୁରୁଷ ଓ ସେମାନଙ୍କର ଆତ୍ମା ଉପରେ କୁଟିଆକନ୍ଧ ମାନଙ୍କର ଢେର୍ ବିଶ୍ୱାସ ଓ ଆସ୍ଥା ରହିଛି । ସେମାନେ ସବୁବେଳେ ପରଲୋକଗତ ଆତ୍ମାଙ୍କୁ ସନ୍ତୁଷ୍ଟ କରିବାକୁ ଚାହାଁନ୍ତି । ସେମାନେ ଅସନ୍ତୁଷ୍ଟ ହେଲେ ଅଭିଶାପ ଦେବେ। ସେମାନଙ୍କର କୁ-ଦୃଷ୍ଟି ଓ ଅଭିଶାପରେ ପରିବାରର ଅମଙ୍ଗଳ ହେବ । ସେଥିନିମନ୍ତେ ପ୍ରତି ପର୍ବପର୍ବାଣିରେ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଏ । ସେମାନଙ୍କୁ ସ୍ମରଣ କରାଯାଏ ।

କୁଟିଆ କନ୍ଧ ମାନଙ୍କର ସାମାଜିକ ଧାର୍ମିକ ଓ ଆଧ୍ୟାତ୍ମିକ ବିଶ୍ୱାସର ମୂଳଦୁଆ ବେଶ୍ ସୁଦୃଢ଼ । ସେମାନଙ୍କ ଗୋଷ୍ଠୀ ମଧ୍ୟରେ ଏକତା ଓ ସଂହତି ବଜାୟ ରଖିବାରେ ଧର୍ମୀୟ ବିଶ୍ୱାସ ଓ ପର୍ବ ପର୍ବାଣିର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ପର୍ବପର୍ବାଣି ଦ୍ୱାରା ସାମାଜିକ ସଂହତି ଓ ଶାନ୍ତି ପ୍ରତିଷ୍ଠା ହୁଏ । କେବଳ ଏତିକି ନୁହେଁ ଦଳଗତ ବ୍ୟବହାର ମାର୍ଜିତ ହେବା ସହିତ ସମସ୍ତଙ୍କ ଭିତରେ ସ୍ନେହ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି ହୁଏ ।



ଜମିର ଉତ୍ପାଦିକା ଶକ୍ତି, ପରିବାରରେ ଶାନ୍ତି, ସନ୍ତୋଷ ଓ ଉତ୍ତମ ସ୍ୱାସ୍ଥ୍ୟ ଆଦି ଅତିପ୍ରାକୃତ ଶକ୍ତି ଦ୍ୱାରା ନିୟନ୍ତ୍ରିତ । କେହି ରୋଗରେ ପଡ଼ିଲେ ବା କିଛି ଆକସ୍ମିକ ବିପଦଆସିଲେ ତାହା ସେହି ଶକ୍ତିର ଖରାପ ନଜରରୁ ହୁଏ ବୋଲି କୁଟିଆମାନେ ବିଶ୍ୱାସ କରନ୍ତି । ସବୁପ୍ରକାର ବିପଦଆପଦରୁ ଦୂରରେ ରହିବା ପାଇଁ ଅତିପ୍ରାକୃତ ଶକ୍ତିର ସନ୍ତୋଷ ବିଧାନ ଲକ୍ଷ୍ୟରେ ପର୍ବ ପର୍ବାଣି ପାଳନ ସମୟରେ ବଳି ଉତ୍ସର୍ଗ କରାଯାଏ ।

ସାମାଜିକ ମୂଲ୍ୟବୋଧ ଓ ଜଗଦ୍‌ଦୃଷ୍ଟି





କୁଟିଆକନ୍ଧ ସମାଜରେ ଆଧୁନିକ ସଭ୍ୟତାର ଅନୁପ୍ରବେଶ ହୋଇନାହିଁ । କୁଟିଆକନ୍ଧ ମାନଙ୍କ ମଧ୍ୟରୁ ଅନେକ ଅଳ୍ପ ଶିକ୍ଷିତ ଅବା ନିରକ୍ଷର ହେଲେ ମଧ୍ୟ ସେମାନଙ୍କ ଠାରେ ରହିଛି ଅସୀମ କଳାତ୍ମକ ଜ୍ଞାନ ଗାରିମା ଓ ବିଚାର ଶକ୍ତି । ସେମାନେ ଅନେକ କଥା ଶୁଣି ଶୁଣି ମନେରଖି ପାରନ୍ତି । ଗୀତ-ନାଚ-ବାଦ୍ୟ, ପାରମ୍ପରିକ କଳା, କୌଶଳ, ବିଭିନ୍ନ ପ୍ରକାର ଔଷଧର ଉଚିତ୍ ପ୍ରୟୋଗ ଆଦିରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ରହିଥାଏ ।

କୁଟିଆ କନ୍ଧ ଭାରି ସାଦା-ସିଧା । କୁଟ, କପଟଠାରୁ ସେମାନେ ଦୂରରେ । ସେମାନଙ୍କର ଅନୁଭବର ସୀମା ବେଶ୍ ପ୍ରଶସ୍ତ ଓ ଗଭୀର । ଯାହାଠାରେ ସେମାନଙ୍କର ବିଶ୍ୱାସ ଆସେ ତାକୁ ସେମାନେ ତାଙ୍କ ମନର କଥା କୁହନ୍ତି । ଜଣକୁ ଥରେ ବିଶ୍ୱାସ କଲେ ବା ଭଲ ପାଇଲେ କେବେହେଲେ ବିଶ୍ୱାସଘାତକତା କରନ୍ତି ନାହିଁ । ସେମାନେ କୌଣସି ବାହାର ଅନୁପ୍ରବେଶକାରୀ ଅଥବା କୌଣସି ଅଜଣା ଅପରିଚିତ ଲୋକକୁ ସହଜରେ ଗ୍ରହଣ କରନ୍ତି ନାହିଁ । ସେହି ସରଳ ବିଶ୍ୱାସୀ କୁଟିଆ ମାନଙ୍କ ବ୍ୟକ୍ତିଗତ ଜୀବନ ଏତେ ଶାନ୍ତ-ସରଳ ନିରଳସ ଓ ଅନାଡ଼ମ୍ବର ଯେ ହଠାତ୍ ସେମାନଙ୍କ ଅନ୍ତର୍ନିହିତ ଜ୍ଞାନ ଗାରିମାକୁ ବିଶ୍ୱାସ କରିହୁଏ ନାହିଁ । ସେମାନେ ଭାରି ପାରମ୍ପରିକ, ରକ୍ଷଣଶୀଳ ଓ ବଚନବଦ୍ଧ । କେବେହେଲେ ସେମାନେ କଥାରୁ ଟଳନ୍ତି ନାହିଁ । ବିଶ୍ୱାସ ସେମାନଙ୍କ ଜୀବନର ମୂଳମନ୍ତ୍ର । ବନ୍ଧୁବତ୍ସଳ ପ୍ରକୃତି ଯୋଗୁଁ ଆବଶ୍ୟକ ହେଲେ ସେମାନେ ବନ୍ଧୁ ପାଇଁ ଜୀବନ ଦେଇ ଦିଅନ୍ତି । ସେମାନଙ୍କ ଜମି ଓ ଦେବଦେବୀ ସେମାନଙ୍କ ପାଇଁ ମହାନ୍ । ସେମାନଙ୍କର ଯଥେଷ୍ଟ ସ୍ୱାଭିମାନ ରହିଛି । ଆତ୍ମସମ୍ମାନ ହାନୀ ହେଲାଭଳି କାମ କେବେହେଲେ କରନ୍ତି ନାହିଁ । ଗୋଷ୍ଠୀଗତ ଜୀବନଧାରାରେ ସେମାନେ ବିଶ୍ୱାସ କରନ୍ତି । ସେମାନେ ସାହସୀ ଓ ଅତିଥି ପରାୟଣ ।


ସବୁଠାରୁ ତାତ୍ପର୍ଯ୍ୟର କଥା ହେଉଛି କୁଟିଆମାନେ କେବେ ରାଗନ୍ତି ନାହିଁ । ସେମାନେ ଭାରି ଧୀର-ସ୍ଥିର ଓ ଶାନ୍ତ ସ୍ୱଭାବର । ସେମାନେ ଯେତେ ଅଭାବ ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ କାହା ପାଖରେ ହାତ ପାତନ୍ତି ନାହିଁ ।






କୁଟିଆମାନେ ସେମାନଙ୍କର ନିଜସ୍ୱ ପାରମ୍ପରିକ କର୍ମ ଓ ଧର୍ମରେ ବିଶ୍ୱାସ କରନ୍ତି । ସେମାନେ ଅନୁସୂଚିତ ଜାତିର ଡ଼ମ୍ବ ମାନଙ୍କୁ ବିଶ୍ୱାସ କରୁଥିବାର ଜଣାଯାଏ । ସେମାନେ ଭାରି ସ୍ନେହୀ ନୀତିବାଦୀ, ଓ ଶୃଙ୍ଖଳିତ । ବଡମାନଙ୍କୁ ସମ୍ମାନ ଓ ସାନଙ୍କୁ ସ୍ନେହ ଦେବାରେ ସେମାନେ କେବେହେଲେ ହେଳା କରନ୍ତି ନାହିଁ । କୌଣସି ସମସ୍ୟାରେ ସେମାନେ କାହାକୁ ଶାରୀରିକ ଦଣ୍ଡ ଅବା ମାନସିକ ନିର୍ଯାତନା ଦେବାକୁ ପସନ୍ଦ କରନ୍ତି ନାହିଁ । ଭିକ୍ଷାବୃତ୍ତି ଓ ଚୌର୍ଯ୍ୟ ବୃତ୍ତିକୁ ସେମାନେ ଅତିମାତ୍ରାରେ ଘୃଣା କରନ୍ତି । ସେମାନେ ସବୁ ସହିଯିବେ ହେଲେ ନିଜ ଜନ୍ମମାଟି, ନିଜ ଗାଁ, ନିଜ ଗୋଷ୍ଠୀ, ବଂଶ, ସମାଜ ଓ ସଂସ୍କୃତିର ନିନ୍ଦାକୁ ସହିପାରିବେ ନାହିଁ।

କୁଟିଆ କିଶୋରୀ ସହିତ ଅବୈଧ ସମ୍ପର୍କ ସ୍ଥାପନ କରି ତାକୁ ଗର୍ଭବତୀ କରିବା ପରେ ଛଳନା ଓ ପ୍ରତାରଣା କରି ବିବାହ ନ କରିବା ଘୋର ପାପ । ଏପରି ପାପକୁ କୁଟିଆମାନେ ଘୃଣା କରନ୍ତି । ସେହିପରି ବିବାହ କଲାପରେ ବୃଦ୍ଧ ପିତା ମାତା ମାନଙ୍କର ଉପଯୁକ୍ତ ସେବା ଓ ଯତ୍ନ ନେବାକୁ କୁଟିଆ ତା'ର କର୍ତ୍ତବ୍ୟ ବୋଲି ବିଚାର କରେ । ଯେଉଁମାନେ ବିଭିନ୍ନ ଆଳରେ ସେମାନଙ୍କୁ ଶୋଷଣ କରନ୍ତି ; ତାଙ୍କର ନ୍ୟାଯ୍ୟ ସମାଜିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରନ୍ତି ସେମାନଙ୍କୁ ଘୃଣା କରନ୍ତି । ସେମାନେ କାହାର ଅଯଥା ହସ୍ତକ୍ଷେପକୁ ସହଜରେ ବରଦାସ୍ତ କରିପାରନ୍ତି ନାହିଁ । ସେମାନେ ତାଙ୍କର ନିଜସ୍ୱ ଧର୍ମ ଭାବନାକୁ ନେଇ ସରସ ସୁନ୍ଦର ଜୀବନ ବିତେଇବାକୁ ଶ୍ରେୟ ମନେକରନ୍ତି ।








ବିକାଶ ଓ ପରିବର୍ତ୍ତନ




ପରିବର୍ତ୍ତନ ଏକ ଚିରନ୍ତନ ପ୍ରକ୍ରିୟା । କେତେବେଳେ କିଛି ସ୍ଥିର ହୋଇ ରୁହେ ନାହିଁ । ଏଇ ଦଶନ୍ଧିରେ କୁଟିଆକନ୍ଧ ମାନଙ୍କର ଜୀବନ ଯାପନ ପ୍ରଣାଳୀରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଚିତ୍ର ବଦଳିବାରେ ଲାଗିଛି । ଏଥି ସହିତ ତାଳ ଦେଇ ସେମାନଙ୍କର ଚିରାଚରିତ ପାରମ୍ପରିକ ଜୀବନଶୈଳୀ ତଥା ସାଂସ୍କୃତିକ ଜୀବନର ସ୍ୱାଦମଧ୍ୟ ବଦଳିଛି । ସରକାରୀ ଓ ବେସରକାରୀ ସଂସ୍ଥା ସମୂହର ସାହାଯ୍ୟ ସେମାନଙ୍କ ଜୀବନ ଓ ଜୀବିକାର ଗତିପଥକୁ ନୂଆମୋଡ଼ ଦେଇଛି । ସେମାନଙ୍କ ଅଞ୍ଚଳର ମୌଳିକ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ପରିମଳ ବ୍ୟବସ୍ଥା ସବୁକିଛିରେ ଆଖିଦୃଶିଆ ପରିବର୍ତ୍ତନର ଛାପ ଦେଖାଯାଉଛି । ବିଭିନ୍ନ ଯୋଜନା ମାଧ୍ୟମରେ କୁଟିଆ କନ୍ଧମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ ଉପକୃତ ହେଉଛନ୍ତି । ଆଧୁନିକ କୃଷି ପ୍ରଣାଳୀର ପ୍ରଚଳନ, ଅଧିକ ଅମଳକ୍ଷମ ବିହନ ଯୋଗାଣ, ଜଳସେଚନର ସୁବିଧା ସୁଯୋଗ ଓ ଅନ୍ୟାନ୍ୟ ସହାୟକ ସାମଗ୍ରୀ ଯୋଗାଣ; ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଓ ବଜାର ସୁବିଧା ଆଦି ଦ୍ୱାରା ସେମାନଙ୍କର ଜୀବନ ଶୈଳୀର ମାନରେ ଦ୍ରୁତ ପରିବର୍ତ୍ତନ ଆସିଛି ।





ଏବେ ମହିଳାମାନେ ଏପରିକି କୁଟିଆ ଯୁବତୀମାନେ ମଧ୍ୟ ରାସ୍ତାକାମ, ଘର ତିଆରି କାମରେ ନିୟୋଜିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଛୋଟଛୋଟ ବ୍ୟବସାୟ କରୁଛନ୍ତି । ଆର୍ଥିକ ଅବସ୍ଥା ବଦଳିବାରୁ କେତେକ କୁଟିଆ ମୋଟର ସାଇକେଲ ବ୍ୟବହାର କରୁଥିବାର ଦେଖାଯାଉଛି । କେତେକ ଉନ୍ନୟନ ସଂସ୍ଥା - ଯଥା ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, କୃଷି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ଡାକଘର, ସାପ୍ତାହିକ ବଜାର, ବଡ଼ ବଡ଼ ଦୋକାନ ପ୍ରତିଷ୍ଠାନ ଓ ବ୍ୟାଙ୍କ୍ ଆଦି ସେମାନଙ୍କର ଜୀବନ ଯାପନ ଶୈଳୀକୁ ବଦଳାଇ ଦେବାର ପ୍ରମୁଖ ମାଧ୍ୟମରୂପେ କାର୍ଯ୍ୟ କରୁଛି ।


ପୂର୍ବରୁ "ଅଏଲ୍ ଓଡ଼ିଶା" ଆନୁକୂଲ୍ୟରେ କୁଟିଆକନ୍ଧମାନେ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମରେ ଟୈଳବୀଜ ଚାଷ ନିମନ୍ତେ ପ୍ରୋତ୍ସାହନ ପାଇଥିଲେ । କୁଟିଆକନ୍ଧ ଉନ୍ନୟନ ସଂସ୍ଥା କୁଟିଆମାନଙ୍କର



ସାମାଜିକ ଓ ଅର୍ଥନୈତିକ ପ୍ରଗତି ନିମନ୍ତେ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରଣୟନ କରି ସେ ସବୁର ସଫଳ ରୂପାୟନ ଦିଗରେ ବିହିତ ପଦକ୍ଷେପ ନେଉଛି । ଏବାବଦରେ ସରକାର ବହୁତ ଟଙ୍କା ଖର୍ଚ୍ଚ କରୁଛନ୍ତି । ସାଧାରଣ କୃଷି, ଉଦ୍ୟାନ କୃଷି, ଜଳସେଚନ ଓ ଅଗମ୍ୟ ଅଞ୍ଚଳକୁ ଉପଯୁକ୍ତ ରାସ୍ତାଘାଟ ନିର୍ମାଣ ଆଦି ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁରହିଛି । ଆଦିବାସୀ ସମବାୟ ଉନ୍ନୟନ ନିଗମ ସେମାନଙ୍କର ବଳକା ଦ୍ରବ୍ୟର ବିକ୍ରୟ ଓ ଦୈନନ୍ଦିନ ଜୀବନ ନିର୍ବାହରେ ଆବଶ୍ୟକ ପଡୁଥିବା ଅତ୍ୟାବଶ୍ୟକ ସାମଗ୍ରୀମାନ ଯୋଗାଇ ଦେବା ଫଳରେ ବିକାଶଧାରା ତ୍ୱରାନ୍ୱିତ ହେଉଛି ।

ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କୁଟିଆ କନ୍ଧମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଆଣିଛନ୍ତି । ଉନ୍ନୟନ ମୂଳକ ଯୋଜନା ହାତକୁ ନେଇଛି । କୁଟିଆ ମାନଙ୍କର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେଇଛି । ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଆବାସିକ ହାଇସ୍କୁଲ ସେହି ଅଞ୍ଚଳରେ ପିଲାମାନଙ୍କର ଶୈକ୍ଷିକ ଉନ୍ନତିରେ ବିଶେଷ ପରିବର୍ତ୍ତନ ଆଣିଛି । ଶିକ୍ଷାପ୍ରତି ଏବେ ବହୁ ସଂଖ୍ୟାରେ କୁଟିଆ ପିଲା ଆକୃଷ୍ଟ ହେଇଛନ୍ତି । "ଜ୍ଞାନମନ୍ଦିର" ନାମରେ ନାମିତ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରର ଭୂମିକା ଶିକ୍ଷାବିକାଶ କ୍ଷେତ୍ରରେ ବେଶ୍ ଉଲ୍ଲେଖନୀୟ । ପରିବର୍ତ୍ତନର ଏହି ଧାରା ନିଶ୍ଚୟ କୁଟିଆକନ୍ଧ ସମାଜର ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ସେମାନଙ୍କୁ ଆଣିଦେବ ଏକ ନୂତନ ଜୀବନବୋଧର ସ୍ୱାଦ ।








ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଗ୍ଭଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଲାଞ୍ଜିଆ ସଉରା













ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର, ଓଡ଼ିଶା

୨୦୧୨




ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ଲାଞ୍ଜିଆ ସଉରା



ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା



ଉପକ୍ରମ




ସଉରାମାନେ ଭାରତବର୍ଷର ଅନ୍ୟତମ ପ୍ରାଚୀନ ଜନଜାତି । ହିନ୍ଦୁ ପୁରାଣ ଶାସ୍ତ୍ରରେ ସଉରାମାନଙ୍କ ସଂପର୍କରେ ବହୁଳ ବର୍ଣ୍ଣନା ଦେଖିବାକୁ ମିଳେ । ସଂସ୍କୃତ ସାହିତ୍ୟ, କାବ୍ୟ, ପୁରାଣ ଓ ଅନ୍ୟାନ୍ୟ ଧର୍ମ ଗ୍ରନ୍ଥରେ ମଧ୍ୟ ସଉରାମାନଙ୍କ ବିଷୟରେ ବହୁ ଆଲୋଚନା କରାଯାଇଛି । ଶବର, ଶୱର, ସଉରା, ସରା ଏହିଭଳି ବିଭିନ୍ନ ନାମରେ ସେମାନଙ୍କୁ ଡକାଯାଏ । ପ୍ରତ୍ନ-ଅଷ୍ଟ୍ରୋଲଏଡ୍ ମାନଙ୍କ ସହିତ ସଉରାମାନଙ୍କର ଜାତି ବା ଗୋଷ୍ଠୀଗତ ସାଦୃଶ୍ୟ ରହିଛି । କେନ୍ଦ୍ରୀୟ ଓ ଦକ୍ଷିଣ ଭାରତରେ ଦେଖାଯାଉଥିବା ଆଦିମ ଜନଜାତି ଗୋଷ୍ଠୀ ମଧ୍ୟରେ ସଉରା ମାନଙ୍କର ପ୍ରାଧାନ୍ୟ ରହିଛି । ସେମାନଙ୍କର କଥିତ ଭାଷା ସରା । ଏହି ସରା ଭାଷା ଅଷ୍ଟ୍ରୋଏସିଆଟିକ୍ ଭାଷା ପରିବାର ଅନ୍ତର୍ଭୁକ୍ତ ମୁଣ୍ଡାଭାଷା ଗୋଷ୍ଠୀର ବୋଲି ଜଣାଯାଏ । ଝାଡଖଣ୍ଡ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଛତିଶଗଡ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗ ପ୍ରଭୃତି କେନ୍ଦ୍ରୀୟ ପୂର୍ବ ଭାରତର ଅଧିକାଂଶ ଅଂଚଳରେ ସଉରାମାନେ ବହୁଳ ଭାବରେ ଦେଖାଯାଆନ୍ତି ।

ଓଡ଼ିଶା ମାଟିରେ ବହୁ ପୁରାତନ କାଳରୁ ସଉରା ଏକ ପ୍ରମୁଖ ଜନଜାତି ଗୋଷ୍ଠୀ ହିସାବରେ ପରିଚିତ । ରାଜ୍ୟର ବିଭିନ୍ନ ଅଂଚଳରେ ସଉରାମାନେ ବସବାସ କଲେ ମଧ୍ୟ ଗଜପତି ଜିଲ୍ଲାର ପାହାଡିଆ ଅଂଚଳ ଓ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଉପଖଣ୍ଡ ସଉରା ଅଧ୍ୟୁଷିତ ଅଂଚଳ ହିସାବରେ ଜଣାଶୁଣା ।



୨୦୦୧ ମସିହାର ଜନଗଣନା ଅନୁସାରେ ଓଡ଼ିଶାରେ ସଉରାମାନଙ୍କର ଲୋକସଂଖ୍ୟା ୪ଲକ୍ଷ ୭୩ ହଜାର ୨ ଶହ ୩୩ଜଣ । ଏହା ରାଜ୍ୟର ମୋଟ ଜନଜାତି ସଂଖ୍ୟାର ଶତକଡ଼ା ୫.୮୧ ଭାଗ । ସଂଖ୍ୟାକ୍ରମରେ ରାଜ୍ୟରେ ଦେଖାଯାଉଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ ସଉରା ପଞ୍ଚମ ବୃହତ୍ତମ ଜନଜାତି ଗୋଷ୍ଠୀ ଭାବରେ ପରିଚିତ । ସେମାନଙ୍କର ଲିଙ୍ଗ ଅନୁପାତ ପ୍ରତି ୧୦୦୦ ପୁରୁଷରେ ୧୦୦୭ ମହିଳା । ସେମାନଙ୍କ ସାକ୍ଷରତା ହାର ଶତକଡ଼ା ୪୦.୧୩ ଭାଗ । ସେଥିରୁ ୫୬.୭୪ ଭାଗ ପୁରୁଷ ଓ ୨୫.୭୪ ଭାଗ ମହିଳା । ୧୯୯୧ରୁ ୨୦୦୧ ମଧ୍ୟରେ ସେମାନଙ୍କ ଜନସଂଖ୍ୟା ବୃଦ୍ଧି ଅନୁପାତ ୧୭.୨୮ ।





ସଉରା ଜନଜାତି ମଧ୍ୟରେ ଲାଞ୍ଜିଆ ସଉରା ଅନ୍ୟତମ ଆଦିମ ଜନଜାତି ଗୋଷ୍ଠୀ । ସେମାନଙ୍କର ପୋଷାକ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ପୁରୁଷମାନେ ଲମ୍ବା ଓ ଅଣଓସାରିଆ କପଡ଼ାକୁ ଏମିତି ବାଗରେ ପିନ୍ଧନ୍ତି ଯେପରି ଲାଲ୍ ରଙ୍ଗରେ ସୂଚୀକର୍ମ କରାଯାଇଥିବା ଦୁଇ ପ୍ରାନ୍ତ ଭାଗ ଲାଞ୍ଜଭଳି ଆଗକୁ ଓ ପଛକୁ ଝୁଲି ରୁହେ । ଏହି କାରଣରୁ ପଡ଼ୋଶୀମାନେ ସେମାନଙ୍କୁ ଲାଞ୍ଜିଆ ସଉରା ବୋଲି କୁହନ୍ତି । ସମୟେ ସମୟେ ସେମାନେ କଣ୍ଠିମାଳ ପିନ୍ଧନ୍ତି ।

ଜଣେ ସଉରା ମହିଳାର ପାରଂପରିକ ପରିଧାନ ହେଉଛି ଅଣ୍ଟାରେ ଗୁଡ଼େଇ ପିନ୍ଧାଯାଉଥିବା ତିନିଫୁଟ ଲମ୍ବ ଓ ଦୁଇଫୁଟ ଚଉଡ଼ାର ଖଣ୍ଡେ ଧୂସର ଓ ନାଲି ଧଡି ଯୁକ୍ତ ମୋଟା କପଡ଼ା । ଏହା ପ୍ରାୟତଃ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥାଏ । ଅଣ୍ଟାପାଖରେ ଶରୀରର ଉପର ଅଂଶକୁ ଆଉଖଣ୍ଡେ କପଡ଼ାରେ ଆବୃତ କରେ । କପଡ଼ାର ଦୁଇ ମୁଣ୍ଡକୁ ଆଗ ପଟରୁ ପଛ ପଟକୁ ନେଇ ପଛପଟେ ଗୋଟିଏ ଗଣ୍ଠି ପକାଯାଏ । ସଉରା ମହିଳାମାନେ ବେଶୀ ଅଳଂକାର ପିନ୍ଧନ୍ତି ନାହିଁ । ବେକରେ ଅଳ୍ପ କଣ୍ଠିଯୁକ୍ତ ମାଳି ଓ ଧାତୁ ନିର୍ମିତ ମାଳି ପିନ୍ଧନ୍ତି । ସେମାନେ କାନର ମାଂସଳ ଓହଳ ଅଂଶ ବା କର୍ଣ୍ଣବଲ୍ଲୀରେ କାଷ୍ଠ ନିର୍ମିତ ଗୋଲାକାର ଅଳଂକାର ପିନ୍ଧିବାକୁ ଭଲ ପାଆନ୍ତି । ପିତ୍ତଳ ନିର୍ମିତ ମଣ୍ଡଳାକାର କର୍ଣ୍ଣକୁଣ୍ଡଳ ମଧ୍ୟ ପିନ୍ଧନ୍ତି । ହାତ ଓ ଗୋଡ଼ର ଆଙ୍ଗୁଠିରେ ଆଲୁମିନିୟମ ମୁଦି ପିନ୍ଧନ୍ତି । ନାକରେ ମଧ୍ୟ ସାନରିଙ୍ଗ୍ ପିନ୍ଧିବାର ଦେଖାଯାଏ । ଗୋଡ଼ରେ ପାଉଁଜି ପିନ୍ଧନ୍ତି । ଏସବୁ ସ୍ଥାନୀୟ ବଜାରରୁ କିଣିଥାନ୍ତି ।



ଗାଡୁଙ୍ଗକାପ- ମହିଳାଙ୍କ ପରିଧାନ



ଆର୍‌ସି ଓଲିକାନ- ପୁରୁଷ ପରିଧାନ





ସେମାନଙ୍କର ପାରଂପରିକ ପୋଷାକ ପରିଚ୍ଛଦଅଳଂକାର ଓ ଭାଷା ବ୍ୟତୀତ ଜୀବନଶୈଳୀରେ ଆଉ କେତେକ ନିଜସ୍ୱ ସାଂସ୍କୃତିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ ।

ସେହିସବୁ ହେଲା :-

- ମହିଳାମାନେ କର୍ଣ୍ଣବଲ୍ଲୀ (କାନ ତଳର ମାଂସଳ ଅଂଶ)ରେ କୁଣ୍ଡଳାକୃତି କାଷ୍ଠ ନିର୍ମିତ ଅଳଂକାର ପରିଧାନ କରିବା ଓ କପାଳର ଠିକ୍ ମଝିରେ ଏକ ସ୍ୱତନ୍ତ୍ର ଧରଣର ଚିତା କୁଟାଇବା ।
- ପାହାଡ଼ ଗଡାଣିରେ ଏଠି ସେଠି ଘର ତିଆରି କରିବା ।
- ଗାଁର ପ୍ରବେଶପଥରେ ଗାଁକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମ ଦେବୀଙ୍କ ପ୍ରତିନିଧି ଭାବରେ ଗୋଟିଏ କାଷ୍ଠଖୁମ୍ଭ ପୋତିବା ଓ ତାକୁ ପୂଜା କରିବା ।
- ପୋଡୁଚାଷ କରିବା ସହିତ ସ୍ୱକୀୟ ଜ୍ଞାନକୌଶଳ ପ୍ରୟୋଗ କରି ପାହାଡ଼ କାଟି କ୍ରମାବନତ ସମତଳ ଭୂମି ପ୍ରସ୍ତୁତି ତଥା ପଥର ହିଡ଼ ଦେଇ ଚାଷ କରିବା ।
- ସେମାନଙ୍କର ପାରଂପରିକ ଶ୍ରମ ସମବାୟର ସୁପରିଚାଳନା ତଥା ଶ୍ରମବଦଳ ନୀତି ।
- ସ୍ୱତନ୍ତ୍ର ବଂଶ ନଥିଲେ ମଧ୍ୟ କୁଟୁମ୍ବ ଗୋଷ୍ଠୀ ରହିଛି (ଏହା ବିରିଣ୍ଡା ହିସାବରେ ପରିଚିତ)
- ସେମାନଙ୍କର କାନ୍ଥଚିତ୍ର ଇଡିତାଲ ହିସାବରେ ପରିଚିତ ଏହା ଅତି ଆକର୍ଷଣୀୟ ।
- ଗୁଆର ପର୍ବ ପାଳନ ଅବସରରେ ମଇଁଷି ବଳି ଦେଇ ମୃତବ୍ୟକ୍ତିର ସଦ୍‌ଗତି କାମନା ।



Tattooed face & wooden Pegs in Ear Lobes







Rounded Wooden Pegs for Ear Lobes



Khadu-Brass Anklet of Saora




Brass Bangles

ପ୍ରାକୃତିକ ବାସସ୍ଥଳୀ




ଗଜପତି ଓ ରାୟଗଡ଼ା ଜିଲ୍ଲାର ସଉରା ଜନପଦଲାଞ୍ଜିଆ ସଉରାମାନଙ୍କର ବସତିସ୍ଥଳ । ପୂର୍ବଘାଟ ପର୍ବତମାଳାର ପଶ୍ଚିମ ପଟରେ ଥିବା ଗଡ଼ାଣିଆ ପାହାଡ଼ିଆ ଭୂଖଣ୍ଡର ଘଞ୍ଚ ସବୁଜ ବନାନୀ, ଉପରୁ ଲମ୍ଫ ଦେଉଥିବା ଝରଣା, ମନକୁ ସମ୍ମୋହିତ କଲାପରି ଜଳ ପ୍ରପାତ, ବିଚ୍ଛୁରିତ ଉପତ୍ୟକାର ଅପୂର୍ବ ଶୋଭା, କ୍ରମାବନତ ସମତଳ ଭୂମିରେ ଧାନଚାଷର ତରଙ୍ଗାୟିତ ସବୁଜ ସୌନ୍ଦର୍ଯ୍ୟ ସାଙ୍ଗକୁ ବନସ୍ପତି ଓ ପଶୁ ସଂପଦର ପ୍ରାଚୁର୍ଯ୍ୟ, ସଉରା ଜନପଦର ଶ୍ରେଷ୍ଠ ଆକର୍ଷଣ ଓ ବିଶେଷତ୍ୱ ।



ଲାଞ୍ଜିଆ ସଉରାମାନଙ୍କ ରଙ୍ଗୀନ୍ ପୋଷାକ ପରିଚ୍ଛଦ, ସୁସଜ୍ଜିତ ଆଭୂଷଣ, ମନଲୋଭା ନୃତ୍ୟ ଓ ବାଦ୍ୟର ପରିବେଷଣ, ଏକ ମନୋଜ୍ଞ ଓ ସୁନ୍ଦର ସଂସ୍କୃତିର ପରିବାହକ। ସଉରାମାନେ ସ୍ୱାଧୀନଚେତା । ସେମାନଙ୍କ ଜୀବନ ଓ ଜୀବିକା ଭିତରେ ଆନନ୍ଦବୋଧର ଏକ ସ୍ୱତଃସ୍ଫୁର୍ତ୍ତତା ଦେଖିବାକୁ ମିଳେ । ମନେହୁଏ ପ୍ରକୃତି ସହିତ ସତେ ଯେମିତି ସେମାନେ ସହବନ୍ଧିତ। ସଉରା ଓ ସବୁଜ ପ୍ରକୃତି ଭିତରେ ଚିରନ୍ତନ ଐକ୍ୟ ହିଁ ସେମାନଙ୍କ ସୁଖ ଓ ସମୃଦ୍ଧି ।

ବସତି






ଲାଞ୍ଜିଆ ସଉରାମାନେ ଗଡ଼ାଣିଆ ସ୍ଥାନରେ ବାସ କରିବାକୁ ଭଲପାଆନ୍ତି । କେବେ କେବେ ସେମାନେ ପାହାଡ଼ ଉଲାଟାର ଅତି ଅଗମ୍ୟ ସ୍ଥାନରେ ନିଜର ବସତି ବସାଇଥାନ୍ତି । ସେମାନେ ଯେତେବେଳେ ନୂତନ ବସତି ବସାଇବାକୁ ଇଚ୍ଛାପ୍ରକାଶ କରନ୍ତି ସେତେବେଳେ ଉଚ୍ଚଭୂମି ତଥା ପାହାଡ଼ ଗଡ଼ାଣିକୁ ବାଛିଥାନ୍ତି । ଏହା ଦ୍ୱାରା ବସତି ଅଂଚଳରେ ପାଣି ଜମେ ନାହିଁ ଓ ନିକଟରେ ପ୍ରାକୃତିକ ଜଳଉତ୍ସର ସୁବିଧା ମିଳେ । ସେମାନେ ସାଧାରଣତଃ ଛୋଟ ଛୋଟ ଗାଁରେ ରୁହନ୍ତି । କେତେକ ସ୍ଥଳେ ଗୋଟିଏ ଗୋଟିଏ ବଡ଼ ଗାଁରେ ଅନେକ ଛୋଟ ପଡ଼ା ରହିଥାଏ । ଉଚ୍ଚ ପାହାଡ଼ରୁ ଝରି ଆସୁଥିବା ଜଳର ସୁପରିଚାଳନାରେ ସେମାନେ ସିଦ୍ଧହସ୍ତ ।


ଲାଞ୍ଜିଆ ସଉରା ଗାଁ ଗୁଡ଼ିକରେ ଘର ଗୁଡ଼ିକ ସ୍ଥାନେ ସ୍ଥାନେ ଏଠି ସେଠି ଚ ଆଉ କେଉଁଠି ଧାଡିକିଆ । ଗାଁ ଚାରିପଟେ ଫଳ ବଗିଚା । ପୋଡୁ ଅଂଚଳ ମଧ୍ୟ ସୀମା ନିକଟରେ ଅବସ୍ଥିତ ।






ଏହାସହ ସ୍ୱତନ୍ତ୍ର ମଧ୍ୟ ସୀମା ନିକଟରେ ପୋତା ଯାଇଥାଏ । ଗାଁ ସୀମାରେ ଦେବଦେବୀଙ୍କ ରହଣୀସ୍ଥଳ । ଚାରିଆଡ଼ ସଲପ ଓ ଖଜୁରୀ ଗଛରେ ପରିପୂର୍ଣ୍ଣ । ବହୁ ଗାଁରେ ବଡ଼ ବଡ଼ ଗଛ । ଗାଁର ଅଧିବାସୀମାନେ ଗୋଷ୍ଠୀ ଭ୍ରମଣକାରୀ ନୁହନ୍ତି । ସେମାନଙ୍କର ଚଳଣି ସମୃଦ୍ଧ । ପାହାଡ଼ ଓ ଜଙ୍ଗଲର ସନ୍ନିକଟରେ ସଉରା ଜନବସତି ଗଢ଼ିଉଠି ଥିଲେ ମଧ୍ୟ ଲମ୍ବ ଓ ଉଚ୍ଚ ପଥର ପାଚେରୀର ଘେର ତିଆରି କରିଥାଏ ଏକ ନିରାପଦବଳୟ । ତା ସାଙ୍ଗକୁ କ୍ରମାବନତ ପାହାଡି ସମତଳ ଭୂମିରେ ପାରଂପରିକ ଚାଷ ପ୍ରଣାଳୀ ମଣିଷର ପ୍ରାଚୀନ ଅଥଚ ଉନ୍ନତ ଜ୍ଞାନକୌଶଳର ପ୍ରଦର୍ଶନ କରେ ।





ଗୃହନିର୍ମାଣ







ଲାଞ୍ଜିଆ ସଉରା ମାନଙ୍କ ଘରଗୁଡ଼ିକ ପ୍ରାୟ ଏକାପରି । ଉଚ୍ଚ ମୂଳଦୁଆ । ଘରର ଆକୃତି ଆୟତକ୍ଷେତ୍ର । ଘର ଉପର ଛାତ ନୁଆଁଣିଆ । କାଦୁଅ ଓ ପଥର ଯୋଡେଇ ଶକ୍ତ କାନ୍ଥ । ବେଳେବେଳେ କାଠ ଅବା ବାଉଁଶର ସଳଖ ଖୁଣ୍ଟିକୁ ଧାଡି ଧାଡି ପୋତି, ସେଥିରେ ମୋଟା ବହଳିଆ କାଦୁଅ ଲେସି କାନ୍ଥ ଗଢ଼ାଯାଏ । କାନ୍ଥରେ ନାଲିରଙ୍ଗ ଓ ବାରଣ୍ଡାରେ କଳାରଙ୍ଗ ଦିଆଯାଇଥାଏ ।

ସଉରା ମାନଙ୍କ ଘରେ ଗୋଟିଏ ଦ୍ୱାର । କେତେକ ଘରେ ଆଗ ଦ୍ୱାରର ଠିକ୍ ସିଧାରେ ପଛଦ୍ୱାର ରହିଥାଏ । ଘର ଆଗରେ ଉଚ୍ଚ ବାରଣ୍ଡା । ଅଣ ଓସାରିଆ ହେଲେ ବି ବାରଣ୍ଡାର ଉଚ୍ଚତା ଭୂମିଠାରୁ ଅନ୍ୟୂନ ତିନିଫୁଟରୁ ଛଅ ଫୁଟ ମଧ୍ୟରେ ହୋଇଥାଏ । ତଳୁ ଉପରକୁ ଚଢିବା ପାଇଁ ପଥରର ସୋପାନ ଶ୍ରେଣୀ । ଘର ପଛ ପାଖ ବାରଣ୍ଡାରେ ଥାଏ ଘୁଷୁରି ଘର ।














ଘର ଭିତରେ ଥାଏ ଗୋଟିଏ ମଞ୍ଚା । କେତେଗୁଡ଼ିଏ କାଠ ଖୁଣ୍ଟି ଏହି ମଂଚାକୁ ଧରିରଖେ । ସମୁଦାୟ ଘରର ପ୍ରାୟ ତିନିଭାଗରୁ ଭାଗେ ଜାଗାରେ ଏହି ମଞ୍ଚା ତିଆରି କରାଯାଇଥାଏ । ଏଠାରେ ଘରକରଣା ଜିନିଷପତ୍ର ରଖାଯାଏ । ଖାଦ୍ୟଶସ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଘରୋଇ ଆସବାବପତ୍ର, ଲୁଗାପଟା ଏପରିକି ବହୁ ଛୋଟ ଛୋଟ ଜିନିଷ ମଧ୍ୟ ଏଠାରେ ରଖାଯାଏ । ଘରର ଖୋଲା ସ୍ଥାନରେ ଧାନକୁଟାଯାଏ । ସେଠାରେ ମଧ୍ୟ ଖାଇବା ପିଇବା କରାଯାଏ ।

ସଉରାଙ୍କ ଚୁଲିରେ ସବୁବେଳେ ନିଆଁ ଜଳୁଥାଏ । ଏହି ଚୁଲିଟି ଘର ଭିତରେ ଥିବା ମଂଚାତଳେ ରହିଥାଏ । ମଂଚାର ଗୋଟିଏ ମୁଣ୍ଡ ଯେଉଁଠି କାନ୍ଥକୁ ଲାଗିଥାଏ ସେଇଠି ନିଆଁ ପୋଇବା ଉଦ୍ଦେଶ୍ୟରେ ନିଆଁ ଜଳାଇ ରଖାଯାଏ । ସେଠାରେ ଘରର ବାସନକୁସନ ମଧ୍ୟ ରଖାଯାଏ । ଶୀତ ଓ ବର୍ଷା ଦିନ ମାନଙ୍କରେ ଘରର ସମସ୍ତ ସଦସ୍ୟ ସେହି ମଂଚାତଳେ ଶୁଅନ୍ତି । ଗ୍ରୀଷ୍ମଋତୁରେ କେତେକ ଲୋକ ବାରଣ୍ଡାରେ ଶୋଇବାର ଦେଖାଯାଏ ।





ଘର ଛାତରୁ ଟଙ୍ଗା ହୋଇଥାଏ କେତେ ଘରୋଇ ବ୍ୟବହାର୍ଯ୍ୟ ଜିନିଷ । ସେଗୁଡ଼ିକ ହେଲା ଝୁଡି, ପାନୀୟ ପାତ୍ର, ଲୁଗାପଟା ଗଣ୍ଠିଲି, ଛତା, ବର୍ଚ୍ଛା ବା ଭାଲି, ଧନୁ, ତୀର, ମାଟି ତିଆରି ପାତ୍ର ଇତ୍ୟାଦି । ଘରର ଗୋଟିଏ କଣରେ କୃଷି ଉପକରଣମାନ ରଖାଯାଇଥାଏ । ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କେତେକ ପାତ୍ର (ମାଠିଆ) ଝୁଡି, ଲାଉତୁମ୍ବା ଯେଉଁଥିରେ କି ପୂର୍ବ ପୁରୁଷମାନଙ୍କର ସ୍ୱତନ୍ତ୍ର ଲୁଗାପଟା ଥାଏ ତାହା କାନ୍ଥରେ ଟଂଗା ଯାଇଥାଏ । ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ କାନ୍ଥରେ ଟଙ୍ଗାଯାଇଥିବାର ଦେଖାଯାଏ । ସେସବୁ ପାତ୍ର ଗୁଡ଼ିକରେ ରାଜା ରାଣୀ, ହାତୀ, ଘୋଡ଼ା, କୁକୁର, ବନ୍ଧୁକଧାରୀ ମଣିଷ ଆଦିଙ୍କର ଚିତ୍ର ଅଙ୍କା ଯାଇଥାଏ । ଘରର ଗୋଟିଏ କଡ଼କୁ ଗାଈ ଗୁହାଳ ଥାଏ ।

ସାମାଜିକ ସଂଗଠନ

ଲାଞ୍ଜିଆ ସଉରା ପରିବାର ହେଉଛି କ୍ଷୁଦ୍ରତମ ସାମାଜିକ ଏକକ । ପରିବର୍ଦ୍ଧିତ ପରିବାର ସମୂହକୁ (ବିରିନ୍ଦା) କୁହାଯାଏ । ଚାରି ବା ପାଞ୍ଚ ପୁରୁଷର ଲୋକେ ବା ଉତ୍ତରାଧିକାରୀ ଦାୟାଦଗଣଙ୍କର ମିଳିତ ସ୍ୱରୂପରେ ବିରିନ୍ଦା ଗଠିତ ।

ଗୋଟିଏ ବିରିନ୍ଦାରେ ବିବାହ ନିଷିଦ୍ଧ । ବିରିନ୍ଦାର ସଦସ୍ୟମାନଙ୍କୁ ପରସ୍ପର ରକ୍ତ ସଂପର୍କୀୟ ଭାଇ ଭଉଣୀ ବୋଲି ବିଚାର କରାଯାଏ । ସେମାନେ ଗୁଆର, କାର୍ଜା ପର୍ବରେ ଅଂଶଗ୍ରହଣ କରନ୍ତି । ଗୋଷ୍ଠୀର ଜଣେ ସଦସ୍ୟ ମରିଗଲେ ବିରିନ୍ଦା ତାହାର ଶବସତ୍କାର କର୍ମ ସଂପାଦନ କରେ । ଏପରିକି ପରବର୍ତ୍ତୀ ଗୁଆର ଉତ୍ସବ ମଧ୍ୟ ବିରିନ୍ଦା ଦ୍ୱାରା ସମାହିତ ହୁଏ । ଗୁଆର ଉତ୍ସବ ପରେ ପରଲୋକଗତ ଆତ୍ମା ସଂସ୍କାରିତ ହୋଇ ପୂର୍ବପୁରୁଷ ମାନଙ୍କ ସହ ମିଶିଯାଏ ।




ସବୁଠାରୁ ବଡ଼ ତାତ୍ପର୍ଯ୍ୟ ପୂର୍ଣ୍ଣ କଥା ହେଲା ଲାଞ୍ଜିଆ ସଉରା ଗୋଷ୍ଠୀର ଝିଅଟିଏ ବିବାହ ପରବର୍ତ୍ତୀ କାଳରେ ତା ବାପାଙ୍କର ବଂଶୀୟ ପରିଚୟ ବିରିନ୍ଦାକୁ ମୃତ୍ୟୁ ପର୍ଯ୍ୟନ୍ତ ଛାଡି ନ ଥାଏ । ମୃତ୍ୟୁପରେ ବାପଘର ବଂଶୀୟ ଲୋକେ ମଧ୍ୟ ତା'ର ମୃତ୍ୟୁ ସଂସ୍କାର କରିପାରିବେ । କୌଣସି ଗୋଷ୍ଠୀ ସଦସ୍ୟଙ୍କର ଗୋଟିଏ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ମଧ୍ୟ ସମାନ ନିୟମ ଲାଗୁହୁଏ । ଶବସତ୍କାର ପରେ ସଂଗୃହୀତ ହାଡକୁ ମୃତ ବ୍ୟକ୍ତିର ନିଜ ଜନ୍ମସ୍ଥାନ ବା ନିଜ ଗାଁକୁ ଶେଷ ସଂସ୍କାର କର୍ମ ନିମନ୍ତେ ଅଣାଯାଏ । କେହି ନିବଂଶ ହୋଇଗଲେ ବା କାହାର କେହି ଉତ୍ତରାଧିକାରୀ ନ ଥିଲେ ସେହି ସଂପତ୍ତିକୁ ବିରିନ୍ଦା ଭୋଗ ଦଖଲ କରେ ।












ଲାଞ୍ଜିଆ ସଉରାମାନଙ୍କ ବିବାହ ସରଳ ଓ ନିରାଡମ୍ବର । ପ୍ରଚଳିତ ବିବାହ ପଦ୍ଧତି ମଧ୍ୟରେ ସ୍ଥିରୀକୃତ ବିବାହ, ଧରିପଳା, ଗୋଡିଖଟା ବିବାହ ଅନ୍ୟତମ । ସାଧାରଣତଃ ପ୍ରସ୍ତାବ ବିବାହକୁ ସମସ୍ତେ ଗ୍ରହଣ କରନ୍ତି । ଜୋରଜବର ଦସ୍ତ କାହାକୁ ଧରିପଳାଇବା ଏକ ବ୍ୟତିକ୍ରମ । ସମାଜ ଏହାକୁ ନାପସନ୍ଦ କରେ ।


ସଉରା ସମାଜରେ ବହୁପତ୍ନୀ ପ୍ରଥା ଏକ ଅତି ସାଧାରଣ କଥା । ସଉରାମାନେ କହନ୍ତି- "ଯେଉଁମାନଙ୍କର ଅଧିକ ଚାଷଜମି ରହିଛି ସେମାନେ ନିଶ୍ଚିତ ଭାବେ ଏକାଧିକ ପତ୍ନୀ ଗ୍ରହଣ କରିବା କଥା । ସଉରା ମହିଳାମାନେ କଠୋର ପରିଶ୍ରମୀ । ପାରିବାରିକ ଆୟ ବୃଦ୍ଧିରେ ସଉରା ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।"


ନିର୍ବାଚିତ ମହିଳାଙ୍କୁ ବିବାହ କରିବା ପୂର୍ବରୁ ଉଭୟ ଅର୍ଥ ଓ ଦ୍ରବ୍ୟକୁ କନ୍ୟାମୂଲ୍ୟ ଭାବରେ ବରପକ୍ଷ କନ୍ୟାପକ୍ଷଙ୍କୁ ପ୍ରଦାନ କରେ । ନିର୍ଦ୍ଧାରିତ ଦିନରେ ବର ପକ୍ଷ ସଦସ୍ୟମାନଙ୍କ ସହିତ କନ୍ୟାଘରକୁ ନିର୍ବନ୍ଧ ପାଇଁ ଯାଏ । ସାଥୀରେ ନଅ ମାଠିଆ ମଦନେବାକୁ ହୁଏ । ସମସ୍ତେ ଭାତ, ମଇଁଷି ମାଂସ ସହ ମଦ୍ୟପାନ କରନ୍ତି । ଏକବର୍ଷ ପରେ କନ୍ୟା ବର ଘରକୁ ଆସେ । ସେଦିନ ନୃତ୍ୟ ଓ ମଦ୍ୟପାନରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଏ । ସେହିଦିନ ଠାରୁ ବରକନ୍ୟା ସ୍ୱାମୀ ସ୍ତ୍ରୀ ଭାବରେ ପରିଗଣିତ ହୁଅନ୍ତି ।

ଲାଞ୍ଜିଆ ସଉରା ସମାଜ ଶାଳୀ ବିବାହକୁ ଅନୁମୋଦନ କରେ । ଏତଦ୍ ବ୍ୟତୀତ ଦିଅର ବିଭା; ଛାଡ଼ପତ୍ର ନେବା, ପୁନର୍ବିବାହ କରିବା, ବିଧବା ବିବାହ ଆଦି ପ୍ରଥା ପ୍ରଚଳିତ ଅଛି । ଜଣେ ପୁରୁଷର ସ୍ତ୍ରୀ ମରିଗଲେ ସେ ସ୍ତ୍ରୀର ଭଉଣୀ ଅର୍ଥାତ୍ ତା'ର ଶାଳୀକୁ ବିବାହ କରି ପାରିବ । ସେହିପରି ସ୍ତ୍ରୀର ପୁରୁଷ ମରିଗଲେ ସେହି ସ୍ତ୍ରୀ ତା ସ୍ୱାମୀର ସାନ ଭାଇ ଅର୍ଥାତ୍ ଦିଅରକୁ ବିବାହ କରିପାରିବ ।











ମୁଖ୍ୟତଃ ଲାଞ୍ଜିଆ ସଉରାମାନଙ୍କ ପରିବାର ଏକକ ପିତୃକୈନ୍ଦ୍ରିକ । ବାପା, ମା' ଓ ଅବିବାହିତ ପୁତ୍ର କନ୍ୟାମାନଙ୍କୁ ନେଇ ଏକ ଛୋଟ ପରିବାର । ପରିବାର ଓ ସମାଜରେ ମହିଳା ଓ ପିଲାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ପାରିବାରିକ ଅର୍ଥନୀତିର ମେରୁଦଣ୍ଡ । ଘରକାମ ସହିତ ମହିଳାମାନେ ପିଲାମାନଙ୍କୁ ଲାଳନ ପାଳନ କରନ୍ତି । ସେମାନଙ୍କ ଯତ୍ନ ନେବା ସହିତ ଅନ୍ୟାନ୍ୟ ପାରିବାରିକ କାର୍ଯ୍ୟ, ବ୍ୟବସାୟ ବାଣିଜ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟବଦଳ କାର୍ଯ୍ୟ ମଧ୍ୟ କରିଥାନ୍ତି ।

ଅଳ୍ପବୟସରୁ ପିଲାମାନେ ପିତାମାତାଙ୍କୁ ପ୍ରତି କାମରେ ସାହାଯ୍ୟ କରନ୍ତି । ସେମାନେ ଆତ୍ମନିର୍ଭରଶୀଳ ଓ ସ୍ୱୟଂସଂପୂର୍ଣ୍ଣ ହୁଅନ୍ତି । ପିଲା ଓ ମହିଳା, ଲାଞ୍ଜିଆ ସଉରା ସମାଜରେ ସଭିଁଙ୍କର ପ୍ରିୟପାତ୍ର ହୋଇଥାନ୍ତି । ସମସ୍ତେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ ସ୍ୱାଧୀନ ଜୀବନ ବିତେଇବାର ସୁଯୋଗ ଦେଇଥାନ୍ତି । ସେଥିପାଇଁ ଲାଞ୍ଜିଆ ସଉରାମାନେ କହିଥାନ୍ତି - "ପିଲା ନଥାଇ ଜୀବନ ଜୀଇଁବା ଜୀଇଁବା ନୁହେଁ।"

ସଉରାମାନେ ଶବକୁ ପୋଡି ଦିଅନ୍ତି । ସେମାନେ ବାଜା ବଜାଇ ଶବକୁ ଶ୍ମଶାନକୁ ନିଅନ୍ତି । ଶବ ସତ୍କାରର ପରଦିନ ଶୋକ ସନ୍ତପ୍ତ ପରିବାରର ସଦସ୍ୟମାନେ ଶ୍ମଶାନ ଭୂମିକୁ ଯାଇ ସେଠାରେ ପାଉଁଶ ପରୀକ୍ଷା କରି ମରିବାର କାରଣ ଜାଣନ୍ତି । ସନ୍ଧ୍ୟାରେ ସେଠାରେ ଗୋଟିଏ କୁକୁଡା ମରାଯାଏ । ଶୋକାକୁଳ ସଦସ୍ୟମାନେ ଭାତ ଓ କୁକୁଡ଼ା ମାଂସ ଖାଆନ୍ତି । ଗ୍ରାମବାସୀମାନେ ମଧ୍ୟ ଏଥିରେ ଅଂଶ ଗ୍ରହଣ କରନ୍ତି ।

ବର୍ଷେ ବା ଦୁଇବର୍ଷ ପରେ ଗୁଆର ପର୍ବ ପାଳିତ ହୁଏ । ଏଥିରେ ସ୍ମାରକ ନିର୍ମିତ ହୁଏ । ମଇଁଷି ବଳି ପଡ଼େ ।


ପ୍ରତି ଦୁଇ ବା ତିନି ବର୍ଷ ବ୍ୟବଧାନରେ ମାର୍ଚ୍ଚ ଓ ଏପ୍ରିଲ ମାସରେ ମୃତ ଲୋକଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ କାରଜା ପର୍ବ ଅନୁଷ୍ଠିତ ହୁଏ ।



ଅର୍ଥନୀତି

ଜମି ଓ ଜଙ୍ଗଲ ଉପରେ ନିର୍ଭରକରି ଲାଞ୍ଜିଆ ସଉରା ସେମାନଙ୍କର ଜୀବନ ଓ ଜୀବିକା ନିର୍ବାହ କରନ୍ତି । ପାରଂପରିକ ଭାବରେ ସେମାନେ ଶିକାରୀ, ଖାଦ୍ୟ ସଂଗ୍ରହକାରୀ ଓ ପୋଡୁଚାଷୀ । ବଂଶାନୁକ୍ରମେ ସେମାନେ ପାହାଡ଼ ଗଡ଼ାଣି ଓ ପାର୍ବତ୍ୟାଞ୍ଚଳରେ ବସବାସ କରିବା ସହିତ ଯାହା ନିହାତି ଆବଶ୍ୟକ ସେତିକିରେ ନିଜକୁ ଚଳାଇ ନେବାର ଅଭ୍ୟାସରେ କ୍ରମଶଃ ଅଭ୍ୟସ୍ତ ହୋଇଯାଇଛନ୍ତି ।



ଆନନ୍ଦ ଓ ଉଲ୍ଲାସ ମିଶ୍ରିତ ଉଗ୍ରତାରେ ସଉରାମାନେ ବୁଦିବୁଦିଆ ଜଙ୍ଗଲ କାଟି ସେଥିରେ ବଗଡ଼ ଚାଷ କରନ୍ତି । ସଉରାମାନଙ୍କର ଜୀବନଧାରା ସହିତ ବଗଡ଼ ଚାଷ ଜଡ଼ିତ । ଦିନକୁ ଦିନ ଜଙ୍ଗଲ ପଦା ହୋଇଯିବା ଫଳରେ ବଗଡ଼ ଚାଷରେ ପୂର୍ବପରି ଆଉ ଲାଭ ରହୁନାହିଁ । "ସାରୋବା" ଗୁଷ ଏବେ ଅଧିକ ଆଦୃତି ଲାଭ କରିଛି ।










ଅଭାବ ମେଣ୍ଟାଇବା ନିମନ୍ତେ ସେମାନେ ଶିକାର କରିବା, ମାଛ ଧରିବା, ମଜୁରୀ ଲାଗିବା ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । "ଶ୍ରମ ସମବାୟ" ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନର ଏକ ବିଶିଷ୍ଟ ବିଭବ । ଶ୍ରମ ସମବାୟ ମାଧ୍ୟମରେ ସମୁଦାୟ ଗୋଷ୍ଠୀ ପରସ୍ପର ଭିତରେ ନିଜ ନିଜ ଆବଶ୍ୟକ ମୁତାବକ ଶ୍ରମଆବଣ୍ଟନ କରି ବଗଡ ଚାଷ, ଗୃହନିର୍ମାଣ, ସାରୋବା (ସୋପାନ ଚାଷ) ଓ ଗୋଷ୍ଠୀ କର୍ମରେ ନିୟୋଜିତ ହୋଇଥାନ୍ତି ।


ଲାଞ୍ଜିଆ ସଉରା ଅଂଚଳରେ ତିନିପ୍ରକାର କୃଷିକ୍ଷେତ୍ର ଦେଖାଯାଏ । ସେଗୁଡିକ ହେଲା- (୧) ସାରୋବା କ୍ରମାବନତ ପାହାଡି ସମତଳ ଭୂମିରେ କରାଯାଉଥିବା ଚାଷ । ଏହି ଚାଷରୁ ଅଧିକ ଫସଲ ଉତ୍ପାଦନ କରିହୁଏ । (୨) ବାସେଙ୍ଗ-ଉଚ୍ଚ ଓ ଶୁଷ୍କ ଜମିଚାଷ । ଏହି ଜମି ସାରୋବା ପରି ଉର୍ବର ନୁହେଁ । ଏଥିରୁ ସାରୋବା ତୁଳନାରେ କମ୍ ଅମଳ ହୁଏ (୩) ବଗଡ଼ : କ୍ରମାବନତ ପାହାଡି ସମତଳ ଭୂମିରେ ସାଧାରଣତଃ ଧାନଚାଷ କରାଯାଏ ଓ ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ତୈଳବୀଜ ଚାଷ ବଗଡ଼ ଜମିରେ ହୋଇଥାଏ ।

ପାରଂପରିକ ଭାବରେ ଲାଞ୍ଜିଆ ସଉରାମାନେ ପୋଡୁଚାଷ (ବଗଡ଼ ଚାଷ) କରନ୍ତି । ନିଜ ନିଜର ଦୈନନ୍ଦିନ ଖାଦ୍ୟଭ୍ୟାସ ଅନୁଯାୟୀ ସେମାନେ ବ୍ୟକ୍ତିଗତ ଭାବରେ କିଛିଜମି ଉତ୍ତରାଧିକାର ସୂତ୍ରରେ ହାସଲ କରିଥାଆନ୍ତି । ସେହି ଜମିରେ ଡଙ୍ଗର ଚାଷ କରି ଡାଲିଜାତୀୟ ଫସଲ ଉତ୍ପାଦନ କରନ୍ତି । ଅନୈତିକ ଉପାୟରେ ସଂପତ୍ତି ଜବରଦଖଲକୁ ପ୍ରଶ୍ରୟ ଦିଆଯାଏ ନାହିଁ । ଜମି, ଜଙ୍ଗଲ ଓ ଜଙ୍ଗଲ ସଂପଦସଉରାମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ । ଜମିକୁ କେନ୍ଦ୍ରକରି ସେମାନଙ୍କର ଜୀବନ ଗତିଶୀଳ ହୁଏ । ସେମାନେ ଜମିକୁ ନେଇ ସୁଖରେ ଜୀବିକା ନିର୍ବାହ କରିବା ସହିତ ଆବଶ୍ୟକ ସ୍ଥଳେ ଅନ୍ୟକୁ ତାହା ହସ୍ତାନ୍ତର କରିଥାନ୍ତି ।

ପ୍ରତି ଗାଁର ଥାଏ ସୁନ୍ଦର ଚୌହଦି ବା ସୀମାରେଖା । ସେଇ ସୀମାରେଖା ଭିତରେ ଥାଏ ପୋଡୁଜମି । ପାହାଡ଼ଗୁଡ଼ିକ ବିରିନ୍ଦାମାନଙ୍କ ମଧ୍ୟରେ ଆବଣ୍ଟିତ ହୋଇଥାଏ । ବିରିନ୍ଦାର ସଦସ୍ୟମାନେ କେବଳ ସେଠାରେ ଚାଷ କରନ୍ତି । କୌଣସି ବାହାର ଲୋକଙ୍କୁ ସେହି ସୁବିଧା ଦିଆଯାଏ ନାହିଁ ।

ଗୋଟିଏ ବଗଡ଼ ଜମିରେ ଲଗାତର ତିନିବର୍ଷ ବିଭିନ୍ନ ଫସଲ ଚାଷ କରାଯାଏ । ପରବର୍ତ୍ତୀ ସମୟରେ ପ୍ରାୟ ୮ରୁ ୧୨ ବର୍ଷ ଯାଏ ଆଉ କୌଣସି ଚାଷ ନ କରି ଜମିକୁ ପଡିଆ ରଖାଯାଏ । ଉର୍ବରତା ବଢି ପୁନର୍ବାର ଚାଷୋପଯୋଗୀ ହୋଇଥାଏ ।

ଜଙ୍ଗଲ ଅବକ୍ଷୟ ଓ ମୃତ୍ତିକା କ୍ଷୟ କ୍ରମଶଃ ସଉରାମାନଙ୍କ ପାରଂପରିକ କୃଷି ପଦ୍ଧତିକୁ ପ୍ରଭାବିତ କରିଛି । ଚାଷକାର୍ଯ୍ୟରେ ଅଧିକ ଅର୍ଥବ୍ୟୟ କରିବାକୁ ପଡୁଛି । ଜନସଂଖ୍ୟା ବୃଦ୍ଧି ତୁଳନାରେ ପ୍ରାଚୀନ କୃଷି ପଦ୍ଧତି ଆଉ ସମୟୋପଯୋଗୀ ସାବ୍ୟସ୍ତ ହୋଇ ପାରୁନାହିଁ । ଫଳରେ ପାରଂପରିକ ପଦ୍ଧତିକୁ ଅନୁସରଣ କଲେ ମଧ୍ୟ ଅଧିକ ଅମଳ ପାଇଁ ବିକଳ୍ପ ପନ୍ଥା ଅବଲମ୍ବନ କରୁଥିବାର ଦେଖାଯାଉଛି ।



ସୋପାନ ଚାଷ

କ୍ରମାବନତ ପାହାଡ଼ି ସମତଳ ଭୂମିରେ ସୋପାନ କୃଷି କରିବାରେ ଲାଞ୍ଜିଆ ସଉରା ବେଶ୍ ପାରଙ୍ଗମ । ଏହି କ୍ଷେତ୍ରରେ ଜ୍ଞାନ କୌଶଳ ପ୍ରଦର୍ଶନ କରିବାରେ ସେମାନେ ସିଦ୍ଧହସ୍ତ । କୃଷିକ୍ଷେତ୍ରର ଜଳ ପରିଚାଳନା ପଦ୍ଧତି ବେଶ୍ ପ୍ରଶଂସନୀୟ । ପାହାଡ଼ର ପାଦଦେଶ ଠାରୁ ଆରମ୍ଭ କରି, କ୍ରମଶଃ ଉପରକୁ ପାହାଡ଼ ଗଡ଼ାଣି ଦେଇ ଶୀର୍ଷ ପର୍ଯ୍ୟନ୍ତ ଶହ ଶହ ଫୁଟ ଲମ୍ବିଥିବା ଅଂଚଳକୁ ଭାଗ ଭାଗ କରି ଚାଷୋପଯୋଗୀ କରିବା ସହିତ ପାହାଡ଼ୀଝରଣାର ଜଳକୁ ଜମିରେ ବିନିଯୋଗ କରିବାର କୌଶଳ ସଉରାମାନଙ୍କ ମୌଳିକତା । ସେମାନେ ସୋପାନ-କୃଷିର ପ୍ରତିଭାଗକୁ ପଥର ହିଡ଼ ଦେଇ ମଜଭୁତ କରିଥାନ୍ତି । ଏହି ଜମିକୁ ଉତ୍ତରାଧିକାର ସୂତ୍ରରେ ଭୋଗ ଦଖଲ କରାଯାଏ ।

ସଉରା କୃଷିନୀତି 'ସାରବା'କୁ କେନ୍ଦ୍ରକରି ପରିଚାଳିତ ହୁଏ । ପାହାଡ଼ର ଉପର ଅଂଶରେ ଥିବା ଶୁଷ୍କଭୂମିକୁ ସେମାନେ ଜିଆନୁମ୍ କୁହନ୍ତି । ଏଥିରେ ମୁଗ, ବିରି, କୋଳଥ ଆଦି ଚାଷ କରାଯାଏ । ଜଳସେଚନର ସୁବିଧା ଥିବା ପାହାଡ଼ର ନିମ୍ନଭୂମିରେ ଗ୍ରୀଷ୍ମଋତୁରେ ମଧ୍ୟ ଦ୍ୱିତୀୟ ଥର ପାଇଁ ଧାନଚାଷ କରାଯାଏ ।




ଉଦ୍ୟାନ କୃଷି

ଲାଞ୍ଜିଆ ସଉରାମାନେ ବୃକ୍ଷପ୍ରିୟ । ସେମାନେ ଖଜୁରୀ, ତେନ୍ତୁଳି, ପଣସ, ଆମ୍ବ, ମହୁଲ, ରାମଫଳ, ସୀତାଫଳ ଓ ସଲପ ଆଦି ଗଛର ବିଶେଷ ଯତ୍ନ ନିଅନ୍ତି । ଏସବୁ ଗଛ ସଉରାମାନଙ୍କ ଗାଁରେ ବହୁଳ ପରିମାଣରେ ଦେଖାଯାଏ । ଏହା ବ୍ୟତୀତ ନିଜ ଘରର ପଛପଟ ବଗିଚାରେ ସେମାନେ ଅନେକ ଫଳଗଛ ଲଗାଇଥାନ୍ତି । ବାଡି ବଗିଚାରେ କଖାରୁ, କାକୁଡି, ବିନ୍, ସପୁରୀ, ଧୂଆଁପତ୍ର, ମକା, ଅଦା ଆଦି ଚାଷ କରାଯାଏ । ପାରଂପରିକ କୃଷି ତଥା ପୋଡୁଚାଷରୁ ଆଗରୁ ଯେପରି ଲାଭ ମିଳୁଥିଲା ଏବେ ଆଉ ସେପରି ନାହିଁ । ଏହି କାରଣରୁ ଏକ ନିର୍ଭରଯୋଗ୍ୟ ବିକଳ୍ପ ଭାବରେ ସେମାନେ ଏବେ ଉଦ୍ୟାନକୃଷି କରୁଛନ୍ତି । ଉନ୍ନୟନ ପ୍ରକଳ୍ପଗୁଡ଼ିକ ମଧ୍ୟ ଏ ଦିଗରେ ଆବଶ୍ୟକ ସହାୟତା ଦେଉଛନ୍ତି । ଏହା ବର୍ତ୍ତମାନ ଡଙ୍ଗର ଚାଷର ବିକଳ୍ପ ବ୍ୟବସ୍ଥା ହେବା ସହିତ ଲୋକପ୍ରିୟ ହୋଇପାରିଛି ।



ସଉରାମାନଙ୍କର ଉଦ୍ୟାନକୃଷି ବର୍ତ୍ତମାନ ପ୍ରସାରିତ ହେବାରେ ଲାଗିଛି । ମିଶ୍ରିତ ଫଳଚାଷ ସହିତ ସଂପ୍ରତି ବ୍ୟବସାୟିକ ଦୃଷ୍ଟିକୋଣରୁ ଅର୍ଥକରୀ

ଫସଲ କରି ବେଶ୍ ଲାଭବାନ ହେଉଛନ୍ତି । ଅବ୍ୟବହୃତ ଜମି, ପାହାଡ଼ ଗଡ଼ାଣି ଓ ଡ଼ଙ୍ଗରରେ କାକୁ ଚାଷ କରାଯାଉଛି । ସ୍ୱଳ୍ପ ଖର୍ଚ୍ଚ ଓ ପରିଚାଳନାରେ ବହୁତ ଲାଭ ମିଳୁଥିବାରୁ ଏହା ବର୍ତ୍ତମାନ ବିଶେଷ ଆଦୃତ ହୋଇଛି । ସେମାନଙ୍କର ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆସିଛି ।



ପ୍ରାକୃତିକ ପରିବେଶ ଓ ଜଙ୍ଗଲ ସଂପଦର ଦ୍ରୁତ ଅବକ୍ଷୟ ସାଙ୍ଗକୁ ଜନସଂଖ୍ୟା ବୃଦ୍ଧି ପାରଂପରିକ ଭାବରେ ଶିକାର, ପୋଡୁଚାଷ, ପଶୁପାଳନ, ଲଘୁ ଜନଜାତ ଦ୍ରବ୍ୟ ସଂଗ୍ରହ ଆଦିରୁ ସଉରାମାନଙ୍କୁ ଧୀରେ ଧୀରେ ଓହରାଇ ନେଉଛି । ଏହାର ବିକଳ୍ପ ଭାବରେ ସେମାନେ ଏବେ ସାଧାରଣ କୃଷି, ଉଦ୍ୟାନ କୃଷି ଓ ଦିନ ମକୁରୀକୁ ଜୀବିକା ନିର୍ବାହର ଅନ୍ୟତମ ଉପାୟ ଭାବରେ ବାଛି ନେଇଛନ୍ତି । କାମ ନ ମିଳିବା ସମୟରେ ସେମାନେ ଉଚ୍ଚ ମକୁରୀରେ କାମ କରିବା ପାଇଁ ମହାରାଷ୍ଟ୍ର, ଆସାମ ଓ ଅରୁଣାଚଳ ପ୍ରଦେଶ ଆଦି ସ୍ଥାନକୁ ଚାଲି ଯାଉଥିବାର ଦେଖିବାକୁ ମିଳୁଛି । ସେଠାରେ ସେମାନେ ବଢ଼େଇ କାମ, ରାଜମିସ୍ତ୍ରୀ କାମ, ପାଣି ପାଇପ୍ କାମ, ଅଟୋଚାଳକ, ଯନ୍ତ୍ରପାତି ଚାଳନା, ରାସ୍ତାଘାଟ ଓ ଗୃହନିର୍ମାଣ ଓ ଚା' ବଗିଚା କାମ ପରି କେତେକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ କାମ କରୁଛନ୍ତି । ଚାଷ ସମୟ ଆରମ୍ଭ ହେବା ପୂର୍ବରୁ ସେମାନେ ଅର୍ଜିତ ଆୟର ସଂଚିତ ଅର୍ଥ ଓ ଆଧୁନିକ ଜ୍ଞାନକୌଶଳ ଆହରଣପୂର୍ବକ ନିଜର ଗାଁମାଟିକୁ ଫେରି ଆସୁଛନ୍ତି ।

ବିପଣନ :

ନିଜର ମୌଳିକ ଆବଶ୍ୟକତା ପରିପୂରଣରେ ଲାଞ୍ଜିଆ ସଉରା ସଂପୂର୍ଣ୍ଣ ଆତ୍ମନିର୍ଭରଶୀଳ । ସେମାନେ ଖୁବ୍ କମ୍ ଜିନିଷ ପାଇଁ ବାହାର ଉପରେ ନିର୍ଭର କରନ୍ତି । ବୁଲା ବିକାଳୀ, ସାପ୍ତାହିକ ହାଟ ଅଥବା ପାଖ ସହରକୁ ସେମାନେ ଅତ୍ୟାବଶ୍ୟକ ଜିନିଷପତ୍ର ସହଜରେ ପାଇଯାଆନ୍ତି । ନିଜର ଉତ୍ପାଦିତ ଜିନିଷକୁ ମଧ୍ୟ ସେମାନେ ଏହିପରି ସାପ୍ତାହିକ ହାଟ ଅଥବା ପାଖ ସହରରେ ନେଇ ବିକ୍ରିବଟା ଅଥବା ଅଦଳବଦଳ କରନ୍ତି । ଗୋଟିଏ ବୃହତ୍ତର ସଉରା ଜନବସତି ଅଞ୍ଚଳ ପାଖାପାଖି ବିଭିନ୍ନ ହାଟ ସପ୍ତାହର ବିଭିନ୍ନ ଦିନରେ ବସେ । ସେମାନେ ସାପ୍ତାହିକ ହାଟରୁ ଲୁଣ, ଳଙ୍କା, ଧୂଆଁପତ୍ର, ଶୁଖୁଆ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ଲୁଗାପଟା ଆଦି କିଣନ୍ତି । ହାଟଦିନ ସେମାନଙ୍କ ପାଇଁ ଗୋଟିଏ ଛୁଟିଦିନ । ସେହିଦିନ ସେମାନେ ନିଜର ସାଙ୍ଗସାଥୀ ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ଭେଟିବାର ସୁଯୋଗ ପାଇବା ସହିତ ଏକାଠି ଆନନ୍ଦରେ ସମୟ ବିତେଇ ଦିଅନ୍ତି ।






ଧର୍ମ ଧାରଣା



ଅନେକ ଜଟିଳ ଧାର୍ମିକ ବିଶ୍ୱାସ, ପ୍ରଥା, ଅଗଣିତ ଦେବଦେବୀ ତଥା ଆତ୍ମାଗଣ ପରିବେଷ୍ଟିତ ସଉରାମାନଙ୍କ ପରି କ୍ୱଚିତ୍ ଜନଜାତି ଦେଖାଯାଆନ୍ତି । ଭୟ ଓ ଶ୍ରଦ୍ଧାରେ ସେମାନେ ପୂଜା କରନ୍ତି । ଜନସାଧାରଣଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରି ଦେବଦେବୀଙ୍କ ପାଖରେ ବଳି ଅର୍ପଣ କରନ୍ତି । ଧର୍ମଦ୍ୱାରା ସଉରାମାନଙ୍କ ଜୀବନ ସଂପୂର୍ଣ୍ଣ ଭାବରେ ଗତିଶୀଳ ହୋଇଥାଏ ।


ବିଭିନ୍ନ କାର୍ଯ୍ୟରେ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ମୁଖ୍ୟ ବୋଲି ବିଚାର କରାଯାଏ । ଅଧିକନ୍ତୁ ଏହି ଦେବଦେବୀମାନଙ୍କ ନିମନ୍ତେ ଏକ ବିବରଣାତ୍ମକ ଇତିହାସ ନାହିଁ । ଧାରାବାହିକ ଭାବରେ ଏହି ତାଲିକା ବଦଳି ଚାଲିଥାଏ । ନୂଆ ଦେବଦେବୀଙ୍କର ନାମ ଏହି ତାଲିକାକୁ ଅନୁପ୍ରବେଶ କଲାବେଳେ ପୁରୁଣା ନାଁଗୁଡ଼ିକ ସେହିପରି ନାମତାଲିକାରୁ କଟି ଯାଇଥାଏ । ନୂଆ ସହିତ ପରିଚୟ ହେଲାପରେ ପୁରୁଣାକୁ ସମସ୍ତେ ଭୁଲିଯାଆନ୍ତି । କେତେକ ଦେବଦେବୀଙ୍କ ଦ୍ୱାରା ଜୀବନର ଅନେକ କ୍ଷେତ୍ର ପ୍ରଭାବିତ ହୋଇଥାଏ । ପ୍ରକୃତି, ସଂରଚନା, କାର୍ଯ୍ୟଧାରା ଓ ଚରିତ୍ରରେ ଜଣକଠାରୁ ଆଉ ଜଣେ ଦେବତା ଭିନ୍ନ ହୋଇଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ଶିଷ୍ଟ ଆଉ କେତେକ ଦୁଷ୍ଟ । ସେହିପରି କେତେକ ଶୁଭଦର୍ଶୀ ଅଥବା ନିରପେକ୍ଷ ହୋଇଥିବାର ଜଣାଯାଏ ।







ଜୀବନ ଉପରେ ଦେବଦେବୀ ଓ ଆତ୍ମାମାନଙ୍କର ଅବିରତ ଓ ଅଟଳ ପ୍ରଭାବ ରହିଥାଏ । ଘରେ କେହି ମରିଗଲେ ସେମାନେ ପୁଣି ସ୍ୱପ୍ନରେ ଆସି ଦେଖାଦେବା ସହିତ କିଛି ଦ୍ରବ୍ୟ ଦାବୀ କରନ୍ତି । ଦୁଷ୍ଟ ଖଳ ପ୍ରକୃତିର ଆତ୍ମା ତା'ର ଅସନ୍ତୋଷକୁ ଜଣାଇ ଦେବା ପାଇଁ ଗାଈଗୁହାଳରେ ପ୍ରବେଶ କରି ଗାଈ ଓ ବଳଦଗୁଡ଼ିକୁ ରୋଗାକ୍ରାନ୍ତ କରିଦିଏ । ଯଦି ଏହାପରେ ସେମାନଙ୍କର ଦାବୀ ପୂରଣ ନ ହୁଏ ତେବେ ସେମାନେ ଘରେ ନାନା ପ୍ରକାର ଉପଦ୍ରବ ଘଟାନ୍ତି । ଏହି କାରଣରୁ ଶିଷ୍ଟ ତୁଳନାରେ ଦୁଷ୍ଟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯାଏ ।




ସଉରା ସମାଜ ଓ ସଂସ୍କୃତି ଏକ ରହସ୍ୟମୟ, ନିଗୂଢ଼ ଓ ଅତୀନ୍ଦ୍ରିୟ ଧର୍ମରାଜ୍ୟ । ଏଠି ମଣିଷ, ପ୍ରକୃତି ଓ ଆତ୍ମାର ଏକ ଜଟିଳ ସହାବସ୍ଥାନ । ମଣିଷ ଓ ପ୍ରକୃତି ମଧ୍ୟରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିମାନଙ୍କର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ସେହି ମଧ୍ୟସ୍ଥିମାନଙ୍କୁ ସମନ କୁହନ୍ତି । ପୁରୁଷ ଓ ମହିଳା ଉଭୟେ ଏହି ମଧ୍ୟସ୍ଥି କାମ କରନ୍ତି । ପୁରୁଷ ସମନକୁ 'କୁଡାନ' ଓ ମହିଳା ସମନକୁ 'କୁଡାନ ବଇ' କୁହାଯାଏ । ସେମାନଙ୍କର ଭବିଷ୍ୟତ କଥା ଜାଣିବାର ଦକ୍ଷତା ଥିବା ସହିତ ଚିକିତ୍ସା ବିଦ୍ୟାରେ ମଧ୍ୟ ପାରଦର୍ଶିତା ଥାଏ । ସେମାନେ ଅଦ୍ଭୁତ ସାଧନା ବଳରେ ଅଦୃଶ୍ୟ ଜଗତ ସହିତ ଯୋଗାଯୋଗ ସ୍ଥାପନ କରିବାରେ ସମର୍ଥ ହୁଅନ୍ତି । ଏହିପରି ବିଦ୍ୟା ପ୍ରୟୋଗରେ ସେମାନେ ରୋଗ ନିରାକରଣ କରିବା ସହିତ ଅନେକ ଅଘଟଣ ଓ ଦୁର୍ଭାଗ୍ୟକୁ ରୋକି ଦେଇ ପାରନ୍ତି । ସବୁଠାରୁ ବଡ଼ କୌତୁହଳର ବିଷୟ ହେଉଛି ପ୍ରତିପକ୍ଷ ପୁରୁଷ ସମନର ଜଣେ ମହିଳା ଆତ୍ମା ସାଥୀ ଥାଏ ଓ ପ୍ରତି ମହିଳା ସମନର ଜଣେ ପୁରୁଷ ଆତ୍ମା ସାଥୀ ଥାଏ । ସେମାନଙ୍କ ମଧ୍ୟରେ ଥାଏ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ।

ଦେବଦେବୀ ଓ ଆତ୍ମାମାନଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ସଉରାମାନେ କାନ୍ଥରେ ନାନାପ୍ରକାର ଚିତ୍ର କରିଥାନ୍ତି । ଏହାକୁ "ଇଡ଼ିତାଲ" କୁହାଯାଏ । ସଉରାକାନ୍ଥ ଚିତ୍ରର







ପ୍ରସିଦ୍ଧି ରହିଛି । ସେମାନେ କାନ୍ଥରେ ବିଭିନ୍ନ ଦେବତାଙ୍କ ପ୍ରତିକୃତି ଆଙ୍କିଥାନ୍ତି । ଅଙ୍କିତ ଚିତ୍ର ମଧ୍ୟରେ ମଣିଷ, ଉଡାଜାହାଜ, ସାଇକେଲ, ଗଛଲତା, ପଶୁପକ୍ଷୀ, ପାହାଡ଼, ପର୍ବତ, ସୂର୍ଯ୍ୟ, ଚନ୍ଦ୍ର ଆଦିକୁ ବୁଝିବା ବଡ଼ ଜଟିଳ ମନେହୁଏ ।

ଘର କାନ୍ଥରେ ଦେବଦେବିଗ୍ରହର ଚିତ୍ର ଆଙ୍କିବା ଅନ୍ତରାଳରେ ସେମାନଙ୍କୁ ସନ୍ତୁଷ୍ଟ କରିବାର ଉଦ୍ଦେଶ୍ୟ ନିହିତ ଥାଏ । ଏହାଦ୍ୱାରା ପୂର୍ବପୁରୁଷଙ୍କୁ ମଧ୍ୟ ସନ୍ତୁଷ୍ଟ କରାଯାଏ । ପରିବାରର ସଦସ୍ୟମାନଙ୍କ ଉପରେ କାହାର ବିରାଗ ଅଥବା ଈର୍ଷାଯୁକ୍ତ ନଜର ପଡ଼େନାହିଁ । କାଳକ୍ରମେ ଗୋଟିଏ ଚିତ୍ରକୁ ଆଉଥରେ ରଙ୍ଗ ଦିଆଯାଏ ଅଥବା ଗୋଟିଏ ଚିତ୍ର ସ୍ଥାନରେ ଆଉ ଏକ ନୂତନ ଚିତ୍ର ଅଙ୍କନ କରାଯାଏ । ଦେବତା ଅଥବା ପୂର୍ବ ପୁରୁଷଙ୍କ ନଜର ବା ପରିସ୍ଥିତିକୁ ଆଖି ଆଗରେ ରଖି ଏପରି କରାଯାଇଥାଏ । ସଉରା ମାନଙ୍କର ଏହି ସୁନ୍ଦର କାନ୍ଥଚିତ୍ର ସେମାନଙ୍କ ଏକକ ଓ ଅନନ୍ୟ ସାଧାରଣ କଳା ପ୍ରତିଭା ଓ କୌଶଳକୁ ପ୍ରଦର୍ଶନ କରେ । କାନ୍ଥ ଚିତ୍ରକଳା ଜାଣିଥିବା ବ୍ୟକ୍ତି ଅଥବା ସମନ ଏହି ସୁନ୍ଦର ଚିତ୍ର ଅଙ୍କନ କରିଥାଏ ।



ଅଦୃଷ୍ଟକୁ ଶାନ୍ତି ଦେବାପାଇଁ ସଉରାମାନେ କେତେକ ପର୍ବପର୍ବାଣି ଉତ୍ସବ ଓ ଧର୍ମାନୁଷ୍ଠାନ କରିଥାନ୍ତି । ଜନ୍ମ, ବିବାହ, ମୃତ୍ୟୁ ଆଦି ଉତ୍ସବ ପାରିବାରିକ ସ୍ତରରେ କରାଯାଏ । କେତେକ କୃଷିଭିତ୍ତିକ ପର୍ବକୁ ଗୋଷ୍ଠୀସଦସ୍ୟମାନେ ଏକାଠି ପାଳନ କରନ୍ତି । ସେହିପରି ଦୁଇ ବା ତିନି ବର୍ଷରେ ପାଳନ କରାଯାଉଥିବା ଗୁଆର ପର୍ବକୁ ଏକ ଗୋଷ୍ଠୀପର୍ବ ଭାବରେ ପାଳନ କରାଯାଏ । ଏହି ପର୍ବରେ ଗୋଷ୍ଠୀ ସଦସ୍ୟମାନେ ଏକାଠି ହୋଇ ମୃତ ଲୋକର ସ୍ମରଣାର୍ଥେ ଏକ ପଥର ପୋତିଥାନ୍ତି । ଗୁଆର ଏକ ଖର୍ଚ୍ଚ ବହୁଳ ପର୍ବ । ଏହି ପର୍ବରେ ମଇଁଷି ବଳି ଦିଆଯାଏ । ବନ୍ଧୁବାନ୍ଧବ ଓ ଗ୍ରାମବାସୀ, ଏକତ୍ରିତ ହୋଇ ନୃତ୍ୟ, ସଙ୍ଗୀତ, ମଦ୍ୟପାନ ଓ ଭୋଜିଭାତ ଭିତରେ ଆମୋଦପ୍ରମୋଦର ମଜା ଉଠାନ୍ତି । ଆଉ ଜଣେ ଧାର୍ମିକ ମୁଖ୍ୟ 'ବୁୟା' କୃଷିଭିତ୍ତିକ ପର୍ବର ପ୍ରତିନିଧିତ୍ୱ କରନ୍ତି । ଏହା ମଧ୍ୟ ଏକ ଗୋଷ୍ଠୀପର୍ବ ।



ସଉରାମାନେ ପାଳନ କରୁଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପର୍ବ

୧. କୁର୍‌ୟନ୍ -ଆ-ଆଡୁର୍ - ଶସ୍ୟଭିତ୍ତିକ ପର୍ବ
୨. ଗାନୁଗେନ୍-ଆ-ଆଡୁର୍ - କନ୍ଦମୂଳଭିତ୍ତିକ ପର୍ବ
୩. କଣ୍ଡାମ୍‌ନ୍ - ଆ-ଆଡୁର୍ -ବଣରେ ଉତ୍ପାଦିତ ହେଉଥିବା ଏକ ଶସ୍ୟଭିତ୍ତିକ ପର୍ବ
୪. କୁରଙ୍କନ୍ - ଆ-ଆଡୁର୍ - ବିରିଭିତ୍ତିକ ପର୍ବ
୫. ଅସାନ୍ -ଆ-ଆଡୁର୍ - ସୁଆଁଭିତ୍ତିକ ପର୍ବ
୬. ରାଗନ୍ - ଆ-ଆଡୁର୍ - ବରଗୁଡ଼ିଭିତ୍ତିକ ପର୍ବ
୭. ଟାଙ୍କୁନ୍ - ଆ-ଆଡୁର୍ - ଆମ୍ବଭିତ୍ତିକ ପର୍ବ
୮. ଉଡାନ୍ - ଆ-ଆଡୁର୍ - ଆମ୍ବପାଚିବାଭିତ୍ତିକ ପର୍ବ

ସୌନ୍ଦର୍ଯ୍ୟବୋଧ

ଲାଞ୍ଜିଆ ସଉରାମାନେ ଭାରି କଳାପ୍ରିୟ । ପ୍ରକୃତିର ସନ୍ତାନ ହିସାବରେ ପ୍ରକୃତି ଓ ପ୍ରାକୃତିକ ପରିବେଶରୁ ସେମାନେ କଳା ସୃଷ୍ଟିପାଇଁ ଉତ୍ସାହ ଓ ଉପାଦାନ ପାଇଥାନ୍ତି । ସେମାନଙ୍କ କଳାତ୍ମକ ଦକ୍ଷତା ଓ କୌଶଳ ପ୍ରଶଂସନୀୟ । ବାଦ୍ୟ ଓ ନୃତ୍ୟ ମନକୁ ସମ୍ମୋହିତ କରେ । ସଉରା କାନ୍ଥଚିତ୍ର ଭିତରେ ପ୍ରତିଫଳିତ ହୁଏ ନିଖୁଣ ନୈପୁଣ୍ୟ ।




ପ୍ରତ୍ୟେକ ସଉରା ଜଣେ ସଂଗୀତକାର । ତତ୍‌କାଳ ସଙ୍ଗୀତ ସଂଯୋଜନା କରି ଗାଇବାରେ ସେ ପାରଙ୍ଗମ । ନୃତ୍ୟକଳା ଓ ସଙ୍ଗୀତ କଳା ଉଭୟ ପୁରୁଷ ଓ ମହିଳାମାନଙ୍କର ସହଜାତ ଗୁଣ । ସୁନ୍ଦର ଶବ୍ଦ ସଂଯୋଜନା ମାଧ୍ୟମରେ ଜଣେ ସେମାନଙ୍କ ସଙ୍ଗୀତରେ ଏକାଥରକେ ସାଙ୍ଗୀତିକତା, ପ୍ରେମ ପ୍ରବଣତା ଓ ଆନନ୍ଦ ଅବବୋଧକୁ ଅନୁଭବ କରି ଉଲ୍ଲସିତ ହୋଇଉଠେ ।







ଲାଞ୍ଜିଆ ସଉରାମାନଙ୍କ ନୃତ୍ୟରେ, ତାଳ ଓ ସୁରର ଅପୂର୍ବ ଛଟା ବିନ୍ୟାସ ହୋଇଥାଏ । ଏହା ସବୁକ ବଣ ପାହାଡ଼ର ପ୍ରାକୃତିକ ପରିବେଷ୍ଟନୀକୁ ପ୍ରତିଧ୍ୱନିତ କରେ ।

ସଉରା ପୁରୁଷ ଓ ମହିଳାମାନେ ସମବେତ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟକାରୀ, ବାଦ୍ୟକାର, ବଂଶୀବାଦକ, କେନ୍ଦରାବାଦକ, ମହୁରିଆ, ଘଣ୍ଟବାଦକ,ଜାପ ବାଦକ, ଗିନି ବାଦକ ଓ ଡ୍ରମ୍ ବଜାଳୀମାନେ ବାଦ୍ୟ ଓ ତାଳର ଯଥାଯଥ ଛନ୍ଦ ପତନ ସହ ପରସ୍ପର ଆଡକୁ ଆଗେଇ ଯାଇ ନୃତ୍ୟ ରଚନାର ଦୃଶ୍ୟ ଅତ୍ୟନ୍ତ ମନୋରମ ମନେହୁଏ ।



ସେମାନଙ୍କର ନୃତ୍ୟ କାଳୀନ ସାଜସଜ୍ଜା ଓ ପରିଧାନ ସାମଗ୍ରୀ ସବୁ ବର୍ଣ୍ଣିଳ ହୋଇଥାଏ । ପୁରୁଷ ଓ ମହିଳାମାନେ ରଙ୍ଗୀନ୍ ପୋଷାକ ପତ୍ର ପିନ୍ଧି ମୁଣ୍ଡରେ ଧଳା କୁକୁଡା ପର ଖୋଷିବା ସହିତ ସମ୍ମାନର ଚିହ୍ନ ସ୍ୱରୂପ ହାତରେ ମୟୂର ଶିଖା ଧାରଣ କରିଥାନ୍ତି । ପୁରୁଷମାନେ ମୁଣ୍ଡରେ ସୂତା ବା ସିଲ୍କ ନିର୍ମିତ ରଙ୍ଗୀନ୍ ଟୋପି ପିନ୍ଧି ଛାତି ଚାରିପଟେ ଲମ୍ବ ନାଲି କପଡ଼ା ଗୁଡ଼େଇଥାନ୍ତି । ସେମାନେ ନୃତ୍ୟରତ ଥିବା ସମୟରେ ହାତରେ ବାଡି, ଛତା, ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଧରିଥାନ୍ତି । ହୁଇସିଲ୍ ବଜାଇବା ସହିତ କଉଡୁକିଆ ଶବ୍ଦ କରନ୍ତି ।






















ବିବାହ ଉତ୍ସବରେ ବେହେଲା ବା ସାରଙ୍ଗି ବାଦ୍ୟ ଭାରି ଲୋକପ୍ରିୟ ହୋଇଥାଏ । ଖଣ୍ଡେ ବାଉଁଶ କାଣ୍ଡରେ ଦୁଇଟି ତାର ସଂଯୁକ୍ତ କରାଯାଇ ଏକ ପ୍ରକାର ସାରଙ୍ଗି (କେନ୍ଦରା) ବାଦ୍ୟ ତିଆରି କରାଯାଇଥାଏ । ଯେଉଁଥିରେ କି ପ୍ରତିଧ୍ୱନିକାରକ ନଡ଼ିଆର ଅଧାସଢ଼େଇଟିଏ ମଧ୍ୟ ଯୋଡା ହୋଇଥାଏ । ଏ ସାରଙ୍ଗିରେ ଯୋଡା ଯାଇଥିବା ଦୁଇଟି ତାର ଧନୁ ଆକୃତିର ଅନ୍ୟ ଏକ ବାଙ୍କୁଲାରେ ଏପଟରୁ ସେପଟକୁ ଘଷିବା ଦ୍ୱାରା ସୁନ୍ଦର ଶବ୍ଦ ପ୍ରତିଧ୍ୱନିତ ହୁଏ । ଗିଟାର ପରି ଆଉ ଏକ ପ୍ରକାର ଦୁଇତାର ସଂଯୁକ୍ତ ବାଉଁଶ କାଣ୍ଡର ବାଦ୍ୟ ଥାଏ । ଯେଉଁଥିରେ ପ୍ରତିଧ୍ୱନୀ ସୃଷ୍ଟିକାରି ଦୁଇଟି ଲାଉତୁମ୍ବା ଲାଗିଥାଏ ।

ବିବାହ ଉତ୍ସବରେ ତୃତୀୟ ଲୋକପ୍ରିୟ ବାଦ୍ୟ ହେଉଛି ରାସ୍‌ପ । ଏହା ଖଣ୍ଡେ ବାଉଁଶର କିଛି ଅଂଶରେ ତିଆରି ହୋଇଥାଏ । ଗୋଲାକାର ବାଉଁଶ ଖଣ୍ଡିଟିର ମଝି ଅଂଶ ଲମ୍ବ ଭାବରେ ଚିରା ଯାଇଥାଏ । ମଝି ଅଂଶକୁ ଖଣ୍ଡେ କାଠିରେ ଆଘାତ କଲେ ତାହା ତରଙ୍ଗାୟିତ ହୁଏ । ତାହାକୁ ଘଷିବା ଫଳରେ ସେଥିରୁ ଏକପ୍ରକାର କର୍କଶ ଶବ୍ଦ ନିସୃତ ହୁଏ ।











ସାମାଜିକ ନିୟନ୍ତ୍ରଣ

ପାଶ୍ଚପରିକ ଭାବରେ ଜାଓିଆ ସଇରା ଗାଁ ଦୁଇଟି ସଂଯୋଜିତ । ଗ୍ରାମ ପଞ୍ଚାୟତର କୁମିକା ଗୁରୁତ୍ୱପୂର୍ଣ୍ଣ । ଗ୍ରାମର ଏକତା ଓ ଗାଁର ଆଇନ ଶୃଙ୍ଖଳା ପ୍ରତି ଧ୍ୟାନ ଦେବା ଗ୍ରାମପଞ୍ଚାୟତର କାର୍ଯ୍ୟ । ପ୍ରତି ସଇରା ଗାଁର ଗ୍ରାମବାସୀ ଦୁଇଜଣ ବୟୋଜ୍ୟେଷ୍ଠ ପୁରୁଆଙ୍କ ଶାସନରେ ଚଳନ୍ତି । ସାମାଜିକ ଭରରେ ଗାଁ ପୁରୁଆଙ୍କୁ, ଜମାଙ୍କ କୁହାଯାଏ । ସେହିପରି ଗାଁର ଧାର୍ମିକ ପୁରୁଷଙ୍କୁ "ବୁୟା" କହନ୍ତି । ଜମାଙ୍କ ଓ ବୁୟା ପଦବୀ ଦୁଇଟି ବଂଶାନୁକ୍ରମିକ ହୋଇଥାଏ । ଘରୋଇ ପରିବାରର ଦୁଇଜଣ ବୟୋଜ୍ୟେଷ୍ଠ ବ୍ୟକ୍ତି ଜମାଙ୍କ ଓ ବୁୟା ପଦରେ କାର୍ଯ୍ୟ ପରିଚାଳନା କରନ୍ତି । ଗାଁର ଜ୍ୟୋତିଷଙ୍କୁ ବିଶାରୀ କୁହାଯାଏ । ଏହି ପଦବୀଟି ବଂଶାନୁକ୍ରମିକ ନୁହେଁ । ଗାରାମାନଙ୍କ ସମ୍ଭବରେ ଜ୍ଞାନ ଆହରଣ କରିଥିବା ଓ ଭବିଷ୍ୟତରେ ଜ'ଣ ହେବାକୁ ଯାଇଛି ତା'ର ପୂର୍ବାନୁମାନ କରିବାରେ ଦକ୍ଷତା ହାସଲ କରିଥିବା ବ୍ୟକ୍ତିକୁ ବିଶାରୀ କୁହନ୍ତି ।



ଗ୍ରାମସଭାରେ ଗୋଷ୍ଠୀ ସଦସ୍ୟମାନେ ଆଲୋଚନା କରି ନିର୍ବିବାଦରେ ଓ ସର୍ବସମ୍ମତି କ୍ରମେ ପର୍ବପର୍ବାଣି ପାଳନ ତିନାଙ୍କ ଠିକ୍ କରନ୍ତି । ସଂପତି ଭାଗବଣ୍ଟାକୁ କେନ୍ଦ୍ରକରି ଉପୁଜିଥିବା ବିବାଦ, ଜମି ବିକ୍ରି ଅଥବା ବନ୍ଧକ ଦେବା, ବିବାହ, କନ୍ୟାମୂଲ, ଛାଡପତ୍ର, ଅବୈଧ ସଂପର୍କ ଓଅନ୍ୟାନ୍ୟ ସାମାଜିକ କାର୍ଯ୍ୟକଳାପ ସଂପର୍କରେ ସାମାଜିକ ପ୍ରଥା ଓ ନିୟମ ଅନୁଯାୟୀ ବିଚାର ଆଲୋଚନାହୁଏ । ଏହି ସଭାରେ ଜମାଙ୍କ ସଭାପତିତ୍ୱ କରନ୍ତି । ସେ ଗ୍ରାମସଭାରେ ଉପସ୍ଥିତ ଅନ୍ୟ ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କ ସହିତ ପରାମର୍ଶ କରି ଘଟଣାର ଯଥାଯଥ ବିଚାର ପୂର୍ବକ ନିଜର ନିଷ୍ପତ୍ତି ଦିଅନ୍ତି । ସାଧାରଣ ଭାବରେ ଦୋଷୀକୁ ଦଣ୍ଡସ୍ୱରୂପ ମଦମାଠିଆ ଓ ଗ୍ରାମବାସୀଙ୍କୁ ଭୋଜି ଦେବାକୁ ହୋଇଥାଏ । ଦୋଷର ଗୁରୁତ୍ୱକୁ ବିଚାର କରି ଜୋରିମାନାର ପରିମାଣ ସ୍ଥିର କରାଯାଏ ।





ପରିବର୍ତ୍ତିତ ଦୃଶ୍ୟପଟ







ଦୂର ଅତୀତରୁ ଅଦ୍ୟାବଧି ଲାଞ୍ଜିଆ ସଉରାମାନେ ସେମାନଙ୍କ ପାହାଡିଆ ବସତି ଅଂଚଳରେ ଶାନ୍ତି ଶୃଙ୍ଖଳାର ସହ ବସବାସ କରିଆସୁଛନ୍ତି। ଖ୍ରୀଷ୍ଟଧର୍ମର ପ୍ରଭାବ ସହିତ ଧର୍ମାନ୍ତରଣ ସେମାନଙ୍କ ସାମାଜିକ ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଜୀବନଯାପନ ଶୈଳୀକୁ ପ୍ରଭାବିତ କରିଛି ।

ସ୍ୱାଧୀନତା ପରେ ସରକାର ସଉରାମାନଙ୍କର ଉନ୍ନତି ନିମନ୍ତେ ବହୁ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପଞ୍ଚମ ଯୋଜନା କାଳରେ(ଟ୍ରାଇବାଲ ସବ୍‌ପ୍ଲାନ) ପ୍ରଣୀତ ହୋଇଛି । ଓଡ଼ିଶାରେ ବାସ କରୁଥିବା ୧୩ ପ୍ରକାରର ଆଦିମ ଜନଜାତିଙ୍କ ମଧ୍ୟରେ ଲାଞ୍ଜିଆ ସଉରା ଅନ୍ୟତମ "ଆଦିମ ଜନଜାତି" ବୋଲି ଚିହ୍ନିତ କରାଯାଇଛି । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ରାୟଗଡ଼ା ଜିଲ୍ଲାର ପୁଟାସିଂ ଓ ଗଜପତି ଜିଲ୍ଲାର ସେରଙ୍ଗଠାରେ ଦୁଇଟି ଅଣୁ ପ୍ରକଳ୍ପ (Micro Project) କାର୍ଯ୍ୟ କରୁଛି । ନିର୍ଦ୍ଦିଷ୍ଟ ଅଂଚଳରେ ବସବାସ କରୁଥିବା ଆଦିମ ଲାଞ୍ଜିଆ ସଉରା ଗୋଷ୍ଠୀର ବିକାଶ ପ୍ରତି ଧ୍ୟାନ ଦେଇ ବିବିଧ ଉନ୍ନୟନ ମୂଳକ କାର୍ଯ୍ୟଧାରା ଜାରିରହିଛି ।

ଲାଞ୍ଜିଆ ସଉରା ମାନଙ୍କ ଜୀବନ ଜୀବିକା ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣି ସେମାନଙ୍କୁ ପ୍ରାଚୀନ ସ୍ତରରୁ କ୍ରମଶଃ ଆଧୁନିକତା ଆଡ଼କୁ ଆଣିବା ସରକାରଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୋଡୁ ଚାଷ ବଦଳରେ ଆଧୁନିକ କୃଷି ପଦ୍ଧତିକୁ ସେମାନେ ନିଜର କରିସାରିଲେଣି । ସେମାନଙ୍କ ଜୀବନନଶୈଳୀରେ କ୍ରମବିକାଶ ଘଟିଛି । ଏବେ ସେମାନଙ୍କ ଗାଁର ପରିବେଶ ଓ ସେମାନଙ୍କ ଜୀବନଶୈଳୀକୁ ଅନୁଧାନ କଲେ ପରିବର୍ତ୍ତନର ପ୍ରଭାବ ସ୍ପଷ୍ଟ ଜଣାପଡ଼ିଯାଉଛି ।









ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

ବିଶ୍ୱର କୁମାର ନାୟକ

ସଦସ୍ୟ ସଚିବ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଲୋଧା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨


ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)

କମିଶନର ତଥା ଶାସନ ସଚିବ




ଲୋଧା

ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍

ଉପକ୍ରମଣିକା



ଲୋଧା ଓଡ଼ିଶାର ଅନ୍ୟତମ ଆଦିମ ଜନଜାତି ଭାବରେ ସୂଚିତ । ସେମାନଙ୍କର ପୂର୍ବଜ ଶବର ଶ୍ରେଣୀ ଅନ୍ତର୍ଭୁକ୍ତ । ବ୍ରିଟିଶ ଶାସନ ଅମଳରେ ଏମାନଙ୍କୁ ଅପରାଧ ପ୍ରବଣ ଗୋଷ୍ଠୀ ଭାବରେ ଘୋଷଣା କରାଯାଇଥିଲା ।

ସ୍ୱାଧୀନୋତ୍ତର ଭାରତ ବର୍ଷରେ ୧୯୫୨ ମସିହାର ସମ୍ବିଧାନ ସଂଶୋଧନ ପରେ ଲୋଧା ସଂପ୍ରଦାୟକୁ ସାଧାରଣ ଭାରତୀୟ ନାଗରିକର ମାନ୍ୟତା ମିଳିଛି । ମାତ୍ର "ଥରେ ଅପରାଧୀ ସବୁବେଳେ ଅପରାଧୀ" ନ୍ୟାୟରେ ଲୋଧାମାନଙ୍କ ପ୍ରତି ଲୋକମାନଙ୍କର ମାନସିକତାରେ ଥିବା ମନୋଭାବରେ ପରିବର୍ତ୍ତନ ଆସିନାହିଁ । ପଡୋଶୀମାନେ ଲୋଧାମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ଦ୍ୱାରା ସେମାନଙ୍କ ସାମାଜିକ ଅବସ୍ଥାରେ ଦୀନତା ଦେଖାଯାଉଛି । ସରକାର ସେମାନଙ୍କୁ ଆଦିମ ଜନଜାତି ଘୋଷଣା କରିଛନ୍ତି । ସେମାନଙ୍କ ସାମାଜିକ ଓ ଆର୍ଥିକ ପ୍ରଗତି ନିମନ୍ତେ ଏକ ଅଣୁ-ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଅନ୍ୟମାନେ ଯେପରି ଭଲରେ ବୁଝିବେ ଓ ସେମାନଙ୍କ ସହିତ ଉତ୍ତମ ସଂପର୍କ ସ୍ଥାପନ କରିବେ ସେ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଲୋଧାମାନଙ୍କ ସହିତ ସଂପର୍କ (Inter Community Relationship) ରେ ଉନ୍ନତି ଆଣିବା ନିମନ୍ତେ ପ୍ରୟାସ ଜାରି ରହିଛି ଓ ସେମାନଙ୍କୁ ମୁଖ୍ୟ ସାମାଜିକ





ସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

୨୦୦୧ ଜନଗଣନା ଅନୁଯାୟୀ ଓଡ଼ିଶାରେ ୩୬୫୦ ପୁରୁଷ, ୩୮୦୮ ମହିଳା ସମେତ ସର୍ବମୋଟ ୭୪୫୮ଜଣ ଲୋଧା ବସବାସ କରୁଛନ୍ତି । ମୟୂରଭଞ୍ଜ ଜିଲ୍ଲାର ମୋରଡା ବ୍ଲକ ଅନ୍ତର୍ଗତ ଶୁଳିଆପଦା ଗ୍ରାମ ଲୋଧା ସଂପ୍ରଦାୟର କେନ୍ଦ୍ର। ଏହା ବ୍ୟତୀତ ବାରିପଦା, ଖୁଣ୍ଟା, ଉଦଳା, କପ୍ତିପଦା ଆଦି ଅଞ୍ଚଳରେ ମଧ୍ୟ ଲୋଧାମାନେ ବସବାସ କରୁଥିବାର ଦେଖାଯାଏ । ଓଡ଼ିଶା ବାହାରେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ମଧ୍ୟ ଲୋଧା ସଂପ୍ରଦାୟ ବସବାସ କରୁଛନ୍ତି।

ଓଡ଼ିଶାରେ ଲୋଧାମାନେ ସାନ୍ତାଳ, ମୁଣ୍ଡା, ଭୂମିଜ, କୋହ୍ନ, ମାହାଲୀ, ବାଥୁଡି, ମାଙ୍କଡ଼ିଆ, ଖଡିଆ ଆଦି ଜନଜାତିମାନଙ୍କ ସହିତ ବସବାସ କରୁଛନ୍ତି । ଏହାବ୍ୟତୀତ ସେମାନଙ୍କ ପଡୋଶୀ ହିସାବରେ ବ୍ରାହ୍ମଣ, ଖଣ୍ଡାୟତ, ତେଲି, ଗଉଡ, କମାର, ଧୋବା, ତନ୍ତୀ, ମହାନ୍ତ ପ୍ରଭୃତି ଗୋଷ୍ଠୀ ଗୋଟିଏ ଅଞ୍ଚଳରେ ବାସ କରୁଛନ୍ତି।

ଲୋଧାମାନେ ସାଧାରଣତଃ ବର୍ଷତମାମ୍ ପାଣି ସୁବିଧାଥିବା ଜଙ୍ଗଲ ତଟବର୍ତ୍ତୀ ଅଞ୍ଚଳକୁ ନିଜର ବାସସ୍ଥଳୀ ରୂପେ ବାଛିଥାନ୍ତି । ଅନ୍ୟବର୍ଗର ଜନଜାତି ବା ଅନ୍ୟ ସାଧାରଣବର୍ଗଙ୍କ ସହ ଏକତ୍ର ବାସ କରିବା ଅପେକ୍ଷା ସେମାନେ ସ୍ୱ-ଗୋଷ୍ଠୀ ଓ ସ୍ୱ-ବର୍ଗ ସହ ଏକତ୍ର ବାସ କରିବାକୁ ଅଧିକ ପସନ୍ଦ କରିଥାନ୍ତି।



ଲୋଧାମାନେ ଓଡ଼ିଆ-ମୁଣ୍ଡାରୀ-ବଙ୍ଗଳୀ ଭାଷାର ଏକ ମିଶ୍ରିତ ବୋଲିରେ ଭାବଗତ



ଆଦାନ ପ୍ରଦାନ କରିଥାନ୍ତି । ଶାରୀରିକ ଗଠନ ବେଶ୍ ହୃଷ୍ଟପୁଷ୍ଟ ଓ ସୁଦୃଢ଼ । ସେମାନଙ୍କ ଦେହର ରଙ୍ଗ ଧୂସର ବା ଫିକା ଧୂସର । ଉଚ୍ଚତା ମଧ୍ୟମ । ସେମାନଙ୍କ ଅଞ୍ଚଳରେ ଖଇରା, ଜମ୍ପିରା ଓ ବୁଢ଼ାବଲଙ୍ଗ ନଦୀ ପ୍ରବାହିତ । ଜଙ୍ଗଲରେ ଶାଳ, ମହୁଲ, ପିଆଶାଳ, କେନ୍ଦୁ, ଅସନ, ହରିଡା, ଗ୍ଵର, ବାଉଁଶ ଓ ଅନ୍ୟାନ୍ୟ ଔଷଧୀୟ ବୃକ୍ଷ ସମ୍ଭାର ଦେଖିବାକୁ ମିଳେ ।



ବସତି ଓ ଗୃହ




ନିଜ ଗୋଷ୍ଠୀ ଲୋକ ବସବାସ କରି ରହୁଥିବା ଅଞ୍ଚଳରେ ଘର ତିଆରି କରିବାକୁ ଲୋଧାମାନେ ପସନ୍ଦ କରନ୍ତି । ସେମାନଙ୍କ ଗୃହନିର୍ମାଣରେ କୌଣସି ନିର୍ଦ୍ଦିଷ୍ଟ ନକ୍‌ସା ଓ ଯୋଜନା ନଥାଏ । ଗ୍ରାମଟି ଅପେକ୍ଷାକୃତ ସମତଳ ଅଞ୍ଚଳରେ ଅବସ୍ଥିତି ଥିବାରୁ କୂଅ, ନଳକୂଅ, ବିଦ୍ୟାଳୟ, ଥାନା, ଗ୍ରାମପଞ୍ଚାୟତ ପ୍ରମୂଖ ଭିତ୍ତି ରହିଥିବା ଦେଖାଯାଏ ।

ପ୍ରତି ଗ୍ରାମରେ ଗୋଷ୍ଠୀଭିତ୍ତିକ ଜମି ବା ସ୍ଥାନ ଚିହ୍ନଟ କରାଯାଇଥାଏ । ମୁଖ୍ୟ ବାସସ୍ଥଳୀର ଅନତି ଦୂରରେ ତାଙ୍କ ଆରାଧ୍ୟ ଦେବୀ ଚଣ୍ଡୀ ଓ ଶୀତଳା ଗ୍ରାମରେ ପୂଜା ପାଆନ୍ତି । ଲୋଧାମାନଙ୍କର ଦେବୀ ପୂଜକକୁ ଦେହୁରୀ କୁହାଯାଏ । ଦେହୁରୀ କିଛି ଯାଦୁକରୀ ଶକ୍ତିର ଅଧିକାରୀ ବୋଲି ଲୋଧାମାନେ ବିଶ୍ୱାସ କରନ୍ତି । ଗୋଷ୍ଠୀଭିତ୍ତିକ ସାମାଜିକ ପର୍ବପର୍ବାଣିକୁ ଦେହୁରୀ ପରିଚାଳନା କରେ । ଦେହୁରୀ ଘରର ଠିକ୍ ପଛପଟେ ବାଉଁଶ ଘେରା ଘରଟିଏ ନିର୍ମିତ ହୋଇଥାଏ । ସେଠାରେ









ଗୁଣିଆମାନେ ଶିଷ୍ୟମାନଙ୍କୁ ପ୍ରଶିକ୍ଷଣ ଦିଅନ୍ତି । ଗାଁର ଶେଷ ମୁଣ୍ଡରେ ଦେବୀଙ୍କ ବାହନ, ମାଟି ନିର୍ମିତ ଘୋଡା, ହାତୀ ରଖାଯାଇଥାଏ । ସେଠାରେ ମୁଖ୍ୟ ଦେବଦେବୀ ପୂଜା ପାଆନ୍ତି । ଗୋଟିଏ ଗଛ ତଳେ ଗାଁର ପାରଂପରିକ ଗ୍ରାମ-ପରିଷଦସଭା ଅନୁଷ୍ଠିତ ହୁଏ ।

ଖାଦ୍ୟୋପଯୋଗୀ ପଦାର୍ଥ ଓ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ନିମନ୍ତେ ବିଭିନ୍ନ ଋତୁରେ ଲୋଧାମାନେ ଜଙ୍ଗଲକୁ ଯାଆନ୍ତି । ପ୍ରତି ଗାଁରେ ନାଚିବା ପାଇଁ ଘର ଓ ବାଳକ ବାଳିକାମାନଙ୍କ ଖେଳିବା ନିମନ୍ତେ ଖେଳ ପଡ଼ିଆ ରହିଥାଏ । ଗାଁଠାରୁ ଅଳ୍ପ ଦୂରରେ ବୁଦିବୁଦିକିଆ ଜଙ୍ଗଲ ଥିବା ଅଞ୍ଚଳକୁ ଶ୍ମଶାନ ଭାବରେ ବ୍ୟବହାର କରାଯାଏ ।


ଲୋଧାମାନଙ୍କର ବାସଗୃହ ଇତସ୍ତତ ଭାବରେ ଦୁଇ ଧାଡ଼ିଆ ଶୈଳୀରେ ନିର୍ମିତ । ଘରଗୁଡ଼ିକର କାନ୍ଥ ମାଟିରେ ତିଆରି । ପାଖରେ ମିଳୁଥିବା ତୃଣକୁ ନେଇ ଘର ଛପର କରାଯାଏ । ଗୃହଗୁଡ଼ିକ ସାଧାରଣତଃ ଆୟତକାର । ଶାଳ କାଠରେ ଘରର












ଖୁଣ୍ଟ ତିଆରି । କାଠ ଓ ବାଉଁଶରେ ଘରର ଛାତ ନିର୍ମିତ । ଏବେ ଗ୍ଲଳ ବଦଳରେ ଖପର ଘର କରାଯାଉଛି ।

ପାରଂପରିକ ଲୋଧାମାନଙ୍କ ଘରେ ଝରକା ନ ଥାଏ । ଦ୍ୱାର ବନ୍ଧ ଅଣ ଓସାରିଆ, ବାଉଁଶ ନିର୍ମିତ ତାଟିରେ ଦ୍ୱାର ବନ୍ଦ କରାଯାଏ । ପ୍ରତି ଗୃହରେ ଗୋଟିଏ ମାତ୍ର କୋଠରୀ । ଏହି କୋଠରୀଟି ସବୁ କାମରେ ବ୍ୟବହୃତ ହୁଏ । ସମୟର ପରିବର୍ତ୍ତନ ସହିତ ଗୃହ ନିର୍ମାଣ ଶୈଳୀ ମଧ୍ୟ ବଦଳିଛି । ବର୍ତ୍ତମାନ ଲୋଧାମାନେ କୋଠରୀ ବିଶିଷ୍ଟ ଘର ତିଆରି କରୁଛନ୍ତି । କୋଠରୀ ଗୁଡ଼ିକ ପ୍ରଶସ୍ତ ଓ ଚଉଡା ଦ୍ୱାର ବିଶିଷ୍ଟ । ଘର ଆଗରେ, ପଛପଟେ ବା କଡରେ ବାଡ଼ିବଗିଚା ରହୁଛି ।


ପୂର୍ବରୁ ଗୃହପାଳିତ ପଶୁ ନିମନ୍ତେ ସ୍ୱତନ୍ତ୍ର ଘର ନଥିଲା । ବାରଣ୍ଡାରେ ଗୃହପାଳିତ ପଶୁଗୁଡ଼ିକୁ ରଖାଯାଉଥିଲା । ଏବେ ଘର ଅଗଣାକୁ ଲାଗି ଗୃହପାଳିତ ପଶୁଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଉଛି । ଦାମିକିଆ ଜିନିଷକୁ ଘର ଭିତରେ ରଖାଯାଏ । କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ସମୂହକୁ ଘର ବାରଣ୍ଡାରେ ରଖାଯାଏ । ଘରର ବାରଣ୍ଡା ପ୍ରଶସ୍ତ । ପରିବାରର ବିଭିନ୍ନ କାମଧନ୍ଦା ବାରଣ୍ଡାରେ କରାଯାଏ । ଘର ଅଗଣାରେ ମହିଳାମାନେ ସବାଇ ଘାସରୁ ଦଉଡ଼ି ତିଆରି କରିବା ଓ ଶାଳପତ୍ରରୁ ଖଲି ଦନା ଆଦି ତିଆରି କରିବା କାମରେ ନିୟୋଜିତ ଥାନ୍ତି । ଲୋଧାମାନଙ୍କର ପୁରୁଣା ଘର ସାମୟିକ ଭାବରେ ମରାମତି






ଆବଶ୍ୟକ କରେ । ପ୍ରତି ବର୍ଷ ସେମାନେ ଘରର ଛାଳ ଛପରକୁ ନୂଆ କରି କରନ୍ତି ବା ଆବଶ୍ୟକ ସ୍ଥଳେ ଅଳ୍ପ ମରାମତି କରନ୍ତି । କାଠ ବାଉଁଶ ବଦଳାନ୍ତି । ଘରକାନ୍ଥକୁ ଦୃଢ଼ ଓ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ନିୟମିତ ବ୍ୟବଧାନରେ ମାଟି ଓ ଗୋବର ଲିପନ୍ତି ।

ସରକାର ଲୋଧାମାନଙ୍କ ନିମନ୍ତେ ବଡ ବଡ ଖପର ଘର ଯୋଗାଇ ଦେଇଛନ୍ତି । ଏଗୁଡିକ ନିରାପଦଓ ଦୀର୍ଘ ସ୍ଥାୟୀ । ଲୋଧାମାନଙ୍କ ମଧ୍ୟରୁ କେତେକ ବଢ଼େଇ କାମରେ ଧୁରନ୍ଧର । ସେମାନେ ସୁନ୍ଦର କୁଟିକମ ଖଚିତ କାଠ କାମ କରନ୍ତି ।



ଅର୍ଥନୈତିକ ଜୀବନ



ଲୋଧାମାନେ ବର୍ତ୍ତମାନ ପୋଡୁଚ୍ଛ ବଦଳରେ ସାଧାରଣ ସ୍ଥାୟୀ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରୁଛନ୍ତି । ଜଙ୍ଗଲର ଅବକ୍ଷୟ ଓ ଜମି ଉପରୁ ଉଚ୍ଛେଦଜନିତ ସମସ୍ୟା ଲୋଧାମାନଙ୍କୁ ଅନୈତିକ କାର୍ଯ୍ୟରେ ଲିପ୍ତ ହେବାକୁ ପରୋକ୍ଷରେ ପ୍ରଶ୍ରେରିତ କରୁଛି । ପୋଲିସ ପାଖରେ ଖବର ପହଞ୍ଚିଲେ ପୋଲିସ ଅବିଶ୍ରରିତ ଭାବେ ସେମାନଙ୍କୁ ସନ୍ଦେହ କରୁଛି । ବହୁତ ହଇରାଣ ମଧ୍ୟ କରୁଛି ।

ଅଳ୍ପ କେତେକ ଲୋଧା ପରିବାର ନିଜ ଜମି ବା ପଡୋଶୀଙ୍କ ଜମି ଚାଷ କରନ୍ତି । ଜୀବନ ଜୀବିକାର ଗ୍ରହିଦା ମୁତାବକ ପାରିଶ୍ରମିକ ଜମିକାମରୁ ନ ମିଳିବାରୁ ଲୋକମାନେ ସରକାରୀ ଯୋଜନାରେ ଉପଲବ୍ଧ ହେଉଥିବା ଶ୍ରମ ସୁଯୋଗର ସୁବିଧା ନେଇ ସାମୟିକ ମଧ୍ୟ ଉପକୃତ ହେଉଛନ୍ତି ।

ସବାଇ ଘାସରେ ଦଉଡି ତିଆରି କରି ତାହାକୁ ବିକ୍ରି କରି ଲୋଧାମାନେ ବେଶ୍ ଦୁଇ ପଇସା ରୋଜଗାର କରନ୍ତି । ଟସର ଚାଷ ଓ ଜଙ୍ଗଲରୁ ଜାଳେଣୀ କାଠ ସଂଗ୍ରହ ମଧ୍ୟ ସେମାନଙ୍କ ଅର୍ଥନୀତିକୁ ପ୍ରଭାବିତ କରିଥାଏ ।

ଲୋଧା ସମାଜରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ ପରିଶ୍ରମୀ । ପୁରୁଷମାନେ ମୁଖ୍ୟତଃ ପିଲାମାନଙ୍କର ଯତ୍ନନେବା, ଜାଳେଣି କାଠ ସଂଗ୍ରହ କରିବା, ଗାଈଗୋରୁ ଚରେଇବା, ଚାଷ କରିବା, ଖାଦ୍ୟ ପ୍ରସ୍ତୁତ କରିବା ଆଦି କାମ କରନ୍ତି । କେବଳ ହଳ କରିବାକୁ ବାଦ୍ ଦେଲେ ମହିଳମାନେ ପ୍ରାୟତଃ ସବୁକାମରେ ବେଶ୍ ନିଗୁଣ ।









ବିଭିନ୍ନ ଅସ୍ତ୍ରଶସ୍ତ୍ର ଉପଯୋଗ କରି ଶିକାର କରିବା, ମାଛ ଧରିବା ସେମାନଙ୍କର ଅଭ୍ୟାସ । ମାଛ ଧରା ଖାପ ଓ ହାତବୁଣା ଜାଲରେ ସେମାନେ ମାଛ ଧରିଥାନ୍ତି । ସେମାନେ ମଧ୍ୟ କଇଁଛ ଧରନ୍ତି । ପୂର୍ବରୁ ସେମାନେ ପୋଡୁଗ୍ଧଷ କରୁଥିଲେ । ବର୍ତ୍ତମାନ ପୋଡୁ ବଦଳରେ ସାଧାରଣ ଗ୍ଧଷ କରୁଛନ୍ତି । ସେମାନଙ୍କ ମଧ୍ୟରେ କୋଠ ଗ୍ଧଷର ପ୍ରଚଳନ ରହିଛି । କେତେକ କ୍ଷେତ୍ରରେ ଅଣ ଲୋଧାମାନେ ଲୋଧାମାନଙ୍କ ଜମିକୁ ବେଆଇନ ଭାବେ ଜବରଦଖଲ କରି





କୃଷ କରୁଥିବାର ଦେଖାଯାଏ । ଧାନ କୃଷ ମୁଖ୍ୟ ହେଲେ ମଧ୍ୟ ସବାଇ ଘାସ କୃଷ ଲାଭଦାୟକ ହୋଇଥାଏ । ଗୃହପାଳିତ ପଶୁମାନଙ୍କୁ ପାଳନ କରିବା ପାଇଁ ଲୋଧାମାନେ ଆଗ୍ରହ ପ୍ରକାଶ କରନ୍ତି । ସେମାନେ ଗାଈ, ମଇଁଷି, ଛେଳି, କୁକୁଡା ଆଦି ପାଳନ କରନ୍ତି । ପାଳିତ ପଶୁମାନଙ୍କୁ ପର୍ବପର୍ବାଣି ଓ ପୂଜାରେ ବଳି ଭାବେ ଉପଯୋଗ କରିବା ସହିତ ଆବଶ୍ୟକ ସ୍ଥଳେ ନିଜ ପାରିବାରିକ ଗୁକୁରଣ ମେଣ୍ଟାଇବା ନିମନ୍ତେ ବିକ୍ରି କରିଥାନ୍ତି ।





ଲୋଧାମାନେ ପ୍ରାଚୀନକାଳରୁ ଟସର କୃଷ ଓ ତା'ର କୋଷା ସଂଗ୍ରହ କରିବାରେ ଅଭ୍ୟସ୍ତ । ଜଙ୍ଗଲ ଅବକ୍ଷୟ କାରଣରୁ ଏହି ଲାଭଦାୟକ ବେଉଷାରୁ ସେମାନେ ବଂଚିତ ହେବାର ଦେଖାଯାଉଛି । ବର୍ତ୍ତମାନ ଅଳ୍ପ କେତେକ ଲୋଧା ପରିବାର ଜଙ୍ଗଲରେ ଟସର ଉତ୍ପାଦନ କରି ବ୍ୟବସାୟୀମାନଙ୍କୁ ବିକ୍ରି କରୁଛନ୍ତି । ଏହି ଏଣ୍ଡିପୋକ କୃଷ ଲୋଧାମାନଙ୍କର ଆର୍ଥିକ ବିକାଶରେ ବେଶ୍ ସହାୟକ ।





କୁନ୍ ମାସ ସୁଦ୍ଧା ଏଣ୍ଡିପୋକ ଅଣ୍ଡା ଦିଅନ୍ତି । ଅଣ୍ଡାରୁ ଛୁଆ ବାହାରିବା ପରେ ଟସର ଉତ୍ପାଦନ ପ୍ରକ୍ରିୟା ଆରମ୍ଭ ହୁଏ ।

ଲୋଧାମାନେ ଯଦିଓ ଶାରୀରିକ ଭାବରେ ବେଶ୍ ହୃଷ୍ଟପୁଷ୍ଟ ଓ ସ୍ୱାସ୍ଥ୍ୟବାନ୍ ତଥାପି ସେମାନେ ପରିଶ୍ରମୀ ନୁହଁନ୍ତି । କୌଣସି କାମରେ ନିଜକୁ ନିୟୋଜିତ ନ କରି ଗ୍ଲେରୀ, ଡକାୟତି ପରି ଅନୈତିକ କାର୍ଯ୍ୟରେ ଲୋଧା ଯୁବଗୋଷ୍ଠୀ ବେଳେ ବେଳେ ଜଡିତ ହୋଇପଡନ୍ତି ।

ଜଙ୍ଗଲ ସହ ସେମାନଙ୍କ ସମାଜ ଓ ଅର୍ଥନୀତି ଜଡ଼ିତ । ଏହାବ୍ୟତୀତ କୃଷି, ପତ୍ର ଖଲି ତିଆରି, ସବାଇ ଘାସ ଦଉଡ଼ି ଆଦିରୁ ମଧ୍ୟ ବେଶ୍ ଦୁଇ ପଇସା ରୋଜଗାର କରିହୁଏ । ଶସ୍ୟ ଅମଳ ପୂର୍ବ ସମୟ ସେମାନଙ୍କ ପକ୍ଷରେ ଚଳିବା କଷ୍ଟକର ହୋଇପଡେ । ଏହି ସମୟରେ ଲୋଧାମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭରଶୀଳ ହୋଇପଡ଼ନ୍ତି । ଖାଦ୍ୟଦ୍ରବ୍ୟ ପୋଷାକ ଓ ଅଳଙ୍କାର ଆଦି କିଣିବାରେ ରୋଜଗାରର ପ୍ରମୁଖ ଅଂଶ ଖର୍ଚ୍ଚ ହୋଇଯାଏ । ଅଳ୍ପ ଖାଦ୍ୟରେ ଚଳିଯିବାକୁ ପଡେ । ଖାଦ୍ୟ ଓ ଚଳଣୀର ମାନରେ ଭିନ୍ନତା ପରିଦୃଷ୍ଟ ହୁଏ । ଆୟର ପ୍ରମୁଖ ଅଂଶ ହାଣ୍ଡିଆ କିଣିବାରେ ଖର୍ଚ୍ଚ ହୋଇଯାଏ । ଭାତ, ଡାଲି, ଅଣ୍ଡା, ମାଛ,




ମାଂସ, ପନିପରିବା ମୁଖ୍ୟ ଖାଦ୍ୟ ଭାବରେ ବ୍ୟବହୃତ ହୁଏ । ଗ୍ରୀଷ୍ମ ଋତୁରେ ଆମ୍ବ, ମହୁଲ,ତେନ୍ତୁଳି ଆଦି ଋତୁକାଳୀନ ଫସଲ ଦ୍ୱାରା କିଛି ଦିନ ଚଳିଯାଇହୁଏ।

ଲୋଧା ପୁରୁଷମାନେ ଧୋତି ଓ ସାର୍ଟ ପିନ୍ଧନ୍ତି । ମହିଳାମାନେ ଶାଢ଼ି ଓ ବ୍ଲାଉଜ ପିନ୍ଧନ୍ତି । ଛଅ-ସାତ ବର୍ଷ ପର୍ଯ୍ୟନ୍ତ ବାଳକ ବାଳିକା ପ୍ରାୟତଃ କିଛି ପିନ୍ଧନ୍ତି ନାହିଁ । ବୃଦ୍ଧମାନେ ଅଣ୍ଟାରେ ଛୋଟ ଖଣ୍ଡେ କପଡ଼ା ଗୁଡ଼େଇ ବାନ୍ଧିଥାନ୍ତି । ବ୍ୟବହାର କରୁଥିବା ବସ୍ତ୍ରସାମଗ୍ରୀ ନିକଟ








ବଜାରରୁ କିଣିଥାନ୍ତି । ଅର୍ଥାଭାବରୁ ଶୀତ ଋତୁରେ ଶୀତ ବସ୍ତ୍ର କିଣିପାରନ୍ତି ନାହିଁ । ଏହି ସମୟରେ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ଛୋଟ ଛୋଟ କାଠ ଗଣ୍ଡିରେ ନିଆଁ ଲଗାଇ ତାହାକୁ ଘର ଭିତରେ ରଖନ୍ତି ।

ଲୋଧାମାନେ ପିଲାମାନଙ୍କ ପାଠ ପଢ଼ାଇବାରେ ଅଳ୍ପ ପଇସା ଖର୍ଚ୍ଚ କରିବାର ଦେଖାଯାଏ । ରୋଷେଇ କରିବା ନିମନ୍ତେ କିଛି ମାଟି ହାଣ୍ଡିର ପାତ୍ର, ଲୁହା ତାଉଆ ଓ ଆଲୁମିନିୟମ ଥାଳି ଆଦି ବ୍ୟବହାର କରନ୍ତି । ଘୁଙ୍ଗୁ ଓ ମାଦଲ ସେମାନଙ୍କର ମୁଖ୍ୟ ବାଦ୍ୟଯନ୍ତ୍ର । ଏହା ପରିବାରର ଏକ ବିଶେଷ ସଂପତ୍ତି । ଲୋଧା ମହିଳାମାନେ ହାତରେ ଓ ବେକରେ କାଚ ତିଆରି ଚୁଡି ଓ ମାଳା ବ୍ୟବହାର କରନ୍ତି । ସୁନା ଓ ରୂପା ତିଆରି ଅଳଂକାର କ୍ୱଚିତ୍ ବ୍ୟବହୃତ ହୁଏ ।





ସାମାଜିକ ଜୀବନ



ଲୋଧା ସମାଜରେ ବଂଶ ସଂଗଠନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରତି ବଂଶର ଏକ ଚିହ୍ନ ରହିଛି । ପଶୁପକ୍ଷୀମାନଙ୍କ ନାମରେ ଏହି ଚିହ୍ନଟି 'ଗୋତ୍ର' ନାମରେ ପରିଚିତ । ନିଜ ବଂଶରେ ବିବାହ ନିଷିଦ୍ଧ । ଲୋଧାମାନଙ୍କର ପିତୃକୈନ୍ଦ୍ରିକ ପରିବାର । ବିବାହ ପରେ କନ୍ୟା ତା'ର ସ୍ୱାମୀ ଗୋତ୍ରକୁ ଗ୍ରହଣ କରେ । ଲୋଧାମାନଙ୍କର ବଂଶ ନଅ ଭାଗରେ ବିଭକ୍ତ । ସେଗୁଡ଼ିକ ହେଲା - (୧) ଭଗତା, ଭୁକ୍ତା, ଭକ୍ତା, (୨) ମଲ୍ଲିକ, (୩) କୋତଲ, (୪) ନାୟକ, ଲାୟକ, (୫) ଦିଗାର, (୬) ପରମାଣିକ, (୭) ଦଣ୍ଡପାଟ, (୮) ଆରିସ, ଆହାରି, (୯) ଭୂୟାଁ, ଭୂଞ୍ଜା । ପ୍ରାୟ ପ୍ରତି ଗ୍ରାମରେ ଭଗତା, ଭୁକ୍ତା, ଭକ୍ତା ବା ବାଗ୍ ଜାତିର ଲୋକମାନେ ଦେଖାଯାଆନ୍ତି । ଏହି ବଂଶର ଲୋକମାନଙ୍କର ଗୋତ୍ର ଚିହ୍ନ ଚିର୍‌କା ଆଳୁ । ଏହା ଏକ ପ୍ରକାର ବଣ୍ୟ ଆଳୁ । ଏହି ଜାତୀୟ ଆଳୁକୁ ଏହି ବଂଶର ଲୋକମାନେ ସଂଗ୍ରହ କରନ୍ତି ନାହିଁ । ଭୂକ୍ତା ବଂଶ ଦୁଇ ଭାଗରେ ବିଭକ୍ତ । ଏହି ଦୁଇ ବଂଶ ମଧ୍ୟରେ ବୈବାହିକ ସଂପର୍କ ନିଷିଦ୍ଧ । କେତେକ ଗାଁକୁ ବାଦ୍ ଦେଲେ ମଲିକମାନେ ପ୍ରାୟତଃ ସବୁଆଡେ ଦେଖାଯାଆନ୍ତି । 'ମକର' ଡାଳବୀଜ ଏମାନଙ୍କର ବଂଶୀୟ ଚିହ୍ନ । କୋତଲମାନଙ୍କର ବଂଶୀୟ ଚିହ୍ନ ହେଉଛି ଝିଣ୍ଟିକା ବା ଚନ୍ଦ୍ର । ଲୋଧା ସମାଜରେ କୋତଲମାନଙ୍କର ସ୍ୱତନ୍ତ୍ର








ପଦମର୍ଯ୍ୟାଦା ରହିଛି। ନାୟକ କହିଲେ ଦୋଡୋ ବା ମୁଖ୍ୟ । ନାୟକମାନଙ୍କର ବଂଶୀୟ ଚିହ୍ନ ଶାଳମାଛ । ଲମ୍ବା ଚଢ଼େଇ ମାଣିକକୁ ପାରମାଣିକ ମାନଙ୍କର ବଂଶୀୟ ଚିହ୍ନ । ଡିଗର ମାନଙ୍କର ବଂଶୀୟ ଚିହ୍ନ ହେଲା - କଇଁଛ । ଏହାକୁ ଛୁଅନ୍ତି ନାହିଁ ବା ଆଘାତ ଦିଅନ୍ତି ନାହିଁ। ଚାନ୍ଦି ମାଛ ଅହିରିମାନଙ୍କର ଚିହ୍ନ । ଭୂୟାଁମାନଙ୍କର ଚିହ୍ନ ହେଉଛି ଶାଳମାଛ ।

ଆକାର ଓ ପ୍ରକାର ଭେଦରେ ଲୋଧା ପରିବାର ଦୁଇ ଭାଗରେ ବିଭକ୍ତ । ଏକକ ସଂପ୍ରସାରିତ ଲୋଧା ପରିବାର ପିତୃକୈନ୍ଦ୍ରିକ । ପିତା ପରିବାରର ମୁଖ୍ୟ । ସେ ପରିବାର ପରିଗ୍ଭଳନାରେ ପ୍ରମୁଖ ଅଂଶ ଗ୍ରହଣ କରନ୍ତି । ସମସ୍ତଙ୍କ ସହିତ ଆଲୋଚନା କରି କିଏ କେଉଁ କାମ କଲେ ଠିକ୍ ହେବ ତାହା ପରିବାରର ମୁଖ୍ୟ ସ୍ଥିର କରନ୍ତି । ପିତାଙ୍କ ମୃତ୍ୟୁ ପରେ ମା' ବା ବଡଭାଇ ପରିବାର ପରିଗ୍ଭଳନା ଭାର ବହନ କରେ । ସାମାଜିକ ଓ ଅର୍ଥନୈତିକ ଘଟଣା ସମୂହରେ ମାମୁଁଙ୍କ ପରାମର୍ଶକୁ ଗ୍ରହଣ କରାଯାଏ । ଲୋଧା ସମାଜରେ କାହାର ମୃତ୍ୟୁ ହେଲେ ନିକଟ ଓ ଦୂର ସଂପକୀୟମାନେ ସେଥିରେ ଅଂଶଗ୍ରହଣ କରନ୍ତି । ଗ୍ରାମରେ ବାସ କରୁଥିବା ଅନ୍ୟସାଥୀ ଭାଇମାନେ ମଧ୍ୟ ମୃତ୍ୟୁ ପର୍ବରେ ଅଂଶ ଗ୍ରହଣ କରନ୍ତି । ମାତ୍ର ରକ୍ତ ସଂପର୍କୀୟମାନେ ମୃତ୍ୟୁପର୍ବରେ ହେଉଥିବା ଶୁଦ୍ଧକ୍ରିୟା କର୍ମରେ ଅଂଶଗ୍ରହଣ କରନ୍ତି । ଯୁବକ ଯୁବତୀମାନେ ବାପା ମାଆମାନଙ୍କୁ ଗୃହକର୍ମରେ ସାହାଯ୍ୟ ସହଯୋଗ କରନ୍ତି । ସ୍ଥଳ ବିଶେଷରେ ସେମାନେ ମଧ୍ୟ ବାହ୍ୟ କର୍ମରେ ସାହାଯ୍ୟ କରନ୍ତି । ଝିଅ ଅପେକ୍ଷା ପୁଅଟିଏ ଜନ୍ମ ହେବାକୁ ଲୋଧାମାନେ ଅଧିକ ପସନ୍ଦ କରିଥାନ୍ତି । ମା' ବଜିଲା ଝିଅର ଗ୍ଭଲିଚଳଣି ଓ




ଚରିତ୍ର ଉପରେ କଡା ନଜର ରଖିଥାଏ । ଗୃହ ପରିଚାଳନା କାର୍ଯ୍ୟରେ ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପୁରୁଷମାନେ ଚୋରୀ କରି ଆଣୁଥିବା ସାମଗ୍ରୀଗୁଡିକୁ ବିକ୍ରିବଟା କରିବାରେ ଲୋଧା ମହିଳା ବେଶ୍ ପାରଙ୍ଗମ । ଗୃହ ଅର୍ଥନୀତିରେ ସୁଧାର ଆଣିବା ନିମନ୍ତେ ଲୋଧା ରମଣୀ ଶ୍ରମିକ ଭାବରେ କାମ କରନ୍ତି ।

ଲୋଧାସମାଜରେ ଗାଁର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ବଂଶର ଲୋକମାନେ ସାମାଜିକ -ଧାର୍ମିକ ଓ ଅର୍ଥନୈତିକ କାର୍ଯ୍ୟ ସମୂହରେ ପରସ୍ପରକୁ ସାହାଯ୍ୟ ସହଯୋଗ କରନ୍ତି । ଜଣେ ଲୋଧା ଯୁବକ ସାଧାରଣତଃ ୨୦ରୁ ୨୫ ଓ ଯୁବତୀ ୧୬ରୁ ୨୦ ବର୍ଷ ବୟସ ମଧ୍ୟରେ ବିବାହ କରିଥାଏ । ଏହି ବିବାହ କର୍ମ ସଂପାଦନରେ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିବାହ କାର୍ଯ୍ୟରେ ତିନିଗୋଟି ଲୁଗା ଦରକାର ହୁଏ । ପୁଅ ମା' ପାଇଁ ଗୋଟିଏ ଶାଢ଼ୀ, ମାମୁଁ ଓ ବଡଶଳା ପାଇଁ ଗୋଟିଏ ଗୋଟିଏ ଧୋତି । ଏହାବ୍ୟତୀତ ଯୌତୁକ ଆକାରରେ କିଛି ନଗଦଅର୍ଥ । ଏହି ଯୌତୁକ ଅର୍ଥକୁ ପୁଅର ମା' ଗ୍ରହଣ କରେ । ଏକ ଧାର୍ମିକ ପରିବେଶରେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ଅଳସୀ, ଅବିଶ୍ୱାସୀ ଓ ବନ୍ଧ୍ୟା ସ୍ତ୍ରୀକୁ ଛାଡପତ୍ର ଦିଆଯାଇପାରେ । ଲୋଧା ସମାଜରେ ଛାଡପତ୍ର ବ୍ୟବସ୍ଥା ମୁକ୍ତ ଭାବରେ ପ୍ରଚଳିତ । ଜଣେ ବିଧବା ରମଣୀ ବିନାବାଧାରେ ଅନ୍ୟ ଜଣକୁ ପୁନଃ ବିବାହ କରିବାରେ କୌଣସି ସମସ୍ୟା ନ ଥାଏ ।



ଗୁଣିଗାରେଡ଼ି ଓ ଧର୍ମ ଧାରଣା




ଲୋଧାମାନଙ୍କର ଧାର୍ମିକ ଜୀବନ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବ ସହ ସଂପୃକ୍ତ । ଗାଁ ପୁରୋହିତ ପଦବୀକୁ ଦେହୁରୀ କୁହାଯାଏ । ପ୍ରତି ଧାର୍ମିକ ଅନୁଷ୍ଠାନ ଦେହୁରୀ ଦ୍ୱାରା ପରିଗ୍ଵଳିତ ହୁଏ । ଦେହୁରୀ ପଦ ପାରଂପରିକ । ଧାର୍ମିକ ଉତ୍ସବ ଅନୁଷ୍ଠାନମାନଙ୍କରେ ଛାଟିଆ ଦେହୁରୀକୁ ସହଯୋଗ କରେ । ଛାଟିଆ ଦେହୁରୀର ସହକାରୀ ଭାବରେ କାର୍ଯ୍ୟ ନିର୍ବାହ କରେ ।

ଲୋଧାମାନେ ବହୁ ଦୁଷ୍ଟ ଓ ଶିଷ୍ଟ ଦେବଦେବୀରେ ବିଶ୍ୱାସ କରନ୍ତି । ଲୋଧାମାନେ ମୁଖ୍ୟ ଦେବତା ଭାବରେ ଭଗବାନ ଓ ବସୁମାତା ବା ପୃଥିବୀମାତାକୁ ପୂଜା କରନ୍ତି ।

ଲୋଧାମାନଙ୍କର ମୁଖ୍ୟ ଦେବୀ ଶୀତଳାଙ୍କ ଅସୀମ କ୍ଷମତା । ଶୀତଳାଙ୍କୁ ବର୍ଷକୁ ଏକାଧିକ ଥର ଯତ୍ନର ସହିତ ନିଷ୍ଠାସହକାରେ ପୂଜା କରନ୍ତି । ହଇଜା, ବସନ୍ତ ଆଦି ମହାମାରୀ ଦେଖାଦେଲେ ସେତେବେଳେ ଦେବୀ ଶୀତଳାଙ୍କୁ ସ୍ୱତନ୍ତ୍ର ପୂଜା ଓ ବଳି ପ୍ରଦାନ କରି ସନ୍ତୁଷ୍ଟ କରାଯାଏ । ଏହାଦ୍ୱାରା ମହାମାରୀର ପ୍ରକୋପ ହ୍ରାସ ପାଏ ବୋଲି ଲୋଧା ମାନଙ୍କର ବିଶ୍ୱାସ ।

ଶୀତଳାଙ୍କ ବ୍ୟତୀତ ଲୋଧାମାନେ ଚଣ୍ଡୀମାତାଙ୍କୁ ପୂଜା କରନ୍ତି । ବିଶେଷ କରି ଶିକାର ସମୟରେ ଚଣ୍ଡୀଙ୍କୁ ପୂଜା କରାଯାଏ । ଦେବୀଙ୍କ ପ୍ରତୀକ ଭାବରେ ମାଟି ହାତୀକୁ ପୂଜା କରାଯାଏ । ମକର ସଂକ୍ରାନ୍ତି ଓ ପୌଷର ଶେଷ ଦିନରେ ଚଣ୍ଡୀଙ୍କୁ ପୂଜା କରାଯାଏ । ମା ଚଣ୍ଡୀଙ୍କ ନାମରେ ମାଟି ଦେବତାଙ୍କ ଉପସ୍ଥିତିକୁ ବିଶ୍ୱାସ କରନ୍ତି । ଲୋଧାମାନଙ୍କ ପାଇଁ ସ୍ୱର୍ଗ, ଆତ୍ମା ଓ ଅଦୃଷ୍ଟ ଶକ୍ତିର ଚିନ୍ତା ଅମୂଳକ । ଦୁଷ୍ଟଶକ୍ତିର ପ୍ରଭାବରୁ ମୁକ୍ତ ରହିବା ନିମନ୍ତେ ଲୋଧାମାନେ ଘରେ ଜନ୍ମିତ ପିଲାର ନାଭିଫୁଲ ପୋତନ୍ତି ।







ଏହା ଡାହାଣୀମାନଙ୍କ କୁଦୃଷ୍ଟିରୁ ରକ୍ଷା କବଚ ବୋଲି ବିଶ୍ୱାସ କରାଯାଏ । କେତେକ ରୋଗରୁ ରକ୍ଷା ପାଇବା ନିମନ୍ତେ ଲୋଧାମାନେ ପାରଂପରିକ ଗୁଣିଗାରେଡିର ଆଶ୍ରୟ ନିଅନ୍ତି ।

ଲୋଧାମାନେ ଅନେକ ପର୍ବପର୍ବାଣି ପାଳନ କରନ୍ତି । କେତେକ ପର୍ବପର୍ବାଣି ନିର୍ଦ୍ଦିଷ୍ଟ ଦିନରେ ପାଳିତ ହେଲାବେଳେ ଆଉ କେତେକ ସାମାଜିକ ଓ ଆର୍ଥିକ ସୁବିଧାକୁ ଲକ୍ଷ୍ୟ ରଖି ପାଳନର ଦିନ ଧାର୍ଯ୍ୟ କରାଯାଏ । ଅକ୍ଟୋବର ଓ ନଭେମ୍ବର ମାସର ଏଣ୍ଡିପୋକ ଖୋସା ସଂଗ୍ରହ କରିବା ପୂର୍ବରୁ ସାଧାରଣତଃ ପର୍ବପର୍ବାଣିଗୁଡ଼ିକୁ ପାଳନ କରିବା ନିମନ୍ତେ ଦିନ ସ୍ଥିର ହୁଏ ।





ରାଜନୈତିକ ଜୀବନ

ଲୋଧାମାନଙ୍କୁ ଥଇଥାନ ନିମନ୍ତେ ପୁର୍ନବାସ ବସତି ନିର୍ମାଣ ହେବା ପରେ ଲୋଧା ସମାଜରେ ପୂର୍ବରୁ ଚଳିଆସୁଥିବା ଗ୍ରାମ ପରିଷଦ ତା'ର ଗୁରୁତ୍ୱ ହରାଇଛି । ମାତ୍ର କେତେକ ପୁରୁଣା ଗ୍ରାମରେ ସେହି ପୂର୍ବ ପରମ୍ପରା ଓ ଗୁରୁତ୍ୱ ଏବେବି ରହିଛି । ପାରଂପରିକ ଗ୍ରାମ ପରିଷଦରେ ଉପଯୁକ୍ତ ନ୍ୟାୟ ବିଚାର ଦିଆଯିବା ସହିତ ଅନେକ କଳହର ଆପୋଷ ସମାଧାନ ହେଉଛି । ଗ୍ରାମ ପରିଷଦ, ଗ୍ରାମର ଶାନ୍ତି ଓ ସାମାଜିକ ଗ୍ରାମ ମଙ୍ଗଳ କାର୍ଯ୍ୟାବଳୀ ପ୍ରତି ଯଥୋଚିତ ଧ୍ୟାନ ଦେଉଛି । ପାରଂପରିକ ଗ୍ରାମ ପରିଷଦର ସାଙ୍ଗଠନିକ ଶୈଳୀ ଗ୍ରାମଭେଦରେ ପ୍ରାୟତଃ ସମାନ । ଗ୍ରାମ ପରିଷଦର ପ୍ରମୁଖ କର୍ମକର୍ତ୍ତା ସ୍ୱତନ୍ତ୍ର ସୁବିଧା ଓ ସମ୍ମାନର ଅଧିକାରୀ । ପାରଂପରିକ ଗ୍ରାମ ପରିଷଦ ବିବାହ ଅନୁମତି, ଧାର୍ମିକ ପର୍ବପର୍ବାଣୀରେ ଯୋଗଦାନ, ଜୋରିମାନା ନିର୍ଦ୍ଧାରଣ, କୁକର୍ମ ଜନିତ କାରଣରୁ ସାମାଜିକ ବାସନ୍ଦ ଆଦି କେତେକ ବିଚାର କ୍ଷମତା ପ୍ରୟୋଗ କରିଥାଏ । ବୟୋଜ୍ୟେଷ୍ଠ ଓ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଗ୍ରାମ ପରିଷଦର ସଭ୍ୟ ଭାବରେ ଗ୍ରହଣ କରାଯାଏ । ମହିଳା ଓ ଶିଶୁମାନଙ୍କୁ ଏହି ସଭାରେ ମନୋନୀତ କରାଯାଏ ନାହିଁ । ପାରଂପରିକ ସାମାଜିକ ପ୍ରଥାର ବିରୋଧ କରିବା, ଅପମିଶ୍ରଣ କରିବା, ଅବୈଧ ପ୍ରେମ ସଂପର୍କ ସ୍ଥାପନ କରିବା କ୍ଷେତ୍ରରେ ଗ୍ରାମ ପରିଷଦ ବିବିଧ ଦଣ୍ଡ ବିଧାନର ବ୍ୟବସ୍ଥା କରିଥାଏ ।



ପ୍ରତି ଲୋଧା ଗ୍ରାମରେ ପ୍ରଧାନ ନାମରେ ଜଣେ ଧାର୍ମିକ ମୁଖ୍ୟ ଥାନ୍ତି । ଏହି ପ୍ରଧାନଙ୍କୁ ସହାୟତା ଦେଉଥିବା ବ୍ୟକ୍ତି 'ଡାକୁଆ' ନାମରେ ପରିଚିତ । ପ୍ରଧାନ ପାରଂପରିକ ଗ୍ରାମସଭାର ମୁଖ୍ୟ ବ୍ୟକ୍ତି ।

ସଂପ୍ରତି ବିଭିନ୍ନ ଲୋଧା ଗ୍ରାମରେ ଏହି ପାରଂପରିକ ପରିଷଦର ସାଙ୍ଗଠନିକ ଶୈଳୀରେ ଆବଶ୍ୟକ ପରିବର୍ତ୍ତନ ହୋଇଛି । ପୁନଃ ଥଇଥାନ ନିମନ୍ତେ ନିର୍ମିତ

ବସତିର ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ସର୍ଦ୍ଦାରଙ୍କୁ ମନୋନୀତ କରୁଛି । ଅଧିକନ୍ତୁ କେତେକ ଗ୍ରାମରେ ୱାର୍ଡମେମ୍ବର ମଧ୍ୟ ଗ୍ରାମ ଉନ୍ନୟନ କାର୍ଯ୍ୟର ସୁପରିଚାଳନା କରୁଛି । ପୂର୍ବରୁ ଗ୍ରାମ ପରିଷଦ ଦୃଢ଼ ଥିଲା । ଗ୍ରାମ ପରିଷଦସବୁ ପ୍ରକାର ଘଟଣାରେ ଶେଷ ନିଷ୍ପତ୍ତି ଗ୍ରହଣ କରୁଥିଲା । ବର୍ତ୍ତମାନ ସମାଜରେ ଲୋକମାନେ ଆରକ୍ଷୀ ବାହିନୀର ତତ୍‌କାଳ ସହାୟତାକୁ ଶ୍ରେୟମନେ କରୁଛନ୍ତି ।

ସାଂପ୍ରତିକ ସାମାଜିକ ଅର୍ଥନୀତି ଓ ପ୍ରଶାସନିକ ପ୍ରଭାବ ଲୋକମାନଙ୍କର ପାରଂପରିକ ମାନସିକତାରେ ପରିବର୍ତ୍ତନ ଆଣିଛି । ଏହାଦ୍ୱାରା ପୂର୍ବର ସାମାଜିକ ସଂହତି ଅନେକାଂଶରେ ବ୍ୟାହତ ହୋଇଛି ।



ଜୀବନଚକ୍ର




ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋଧା ସମାଜରେ ବହୁ ଧାର୍ମିକ କ୍ରିୟାକର୍ମ ଅନୁଷ୍ଠିତ ହେବାର ସାମାଜିକ ପରଂପରା ରହିଛି । ଏସବୁରେ ଲୋଧାମାନଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ । ସାଧାରଣ ପ୍ରସବ ନିମନ୍ତେ ସ୍ଥାନୀୟ ଦେବତାଙ୍କ ନିକଟରେ ପୂଜା ଆରାଧନା ସହିତ ବଳି ଦିଆଯାଏ । ପ୍ରସବ କାଳରେ ଜଣେ ଅଭିଜ୍ଞା ମହିଳା ଧାଈର କାର୍ଯ୍ୟ ନିର୍ବାହ କରେ । ଶିଶୁ ଜନ୍ମ ହେବା ପରେ ଧାଈ ଗୋଟିଏ ସରୁ ବାଉଁଶ ପାତିଆରେ ତା'ର ନାଭି ଛେଦନ କରେ । ନାଭିନାଡ ଓ ଫୁଲକୁ ଘର ଅଗଣାରେ ପୋତି ଦିଆଯାଏ ।

ଶିଶୁକୁ ବହୁ ଯତ୍ନର ସହିତ ପାଳନ କରାଯାଏ । ପିଲାମାନେ ବଡ ହେବା ପରେ ସେମାନଙ୍କୁ ବିଭିନ୍ନ କର୍ମରେ ନିଯୁକ୍ତ କରାଯାଏ । ଲୋଧା ବାଳିକାମାନେ ଅତ୍ୟନ୍ତ ଶାନ୍ତ, ସରଳ, ନିରୀହ ଓ ପରିଶ୍ରମୀ । ବାଳକମାନେ ଅପେକ୍ଷାକୃତ ଅଧିକ ସ୍ୱାଧୀନ ଓ ମୁକ୍ତ । ଜଣେ ମଧସ୍ଥିର ସହଯୋଗିତାରେ ଲୋଧମାନଙ୍କର ବିବାହକାର୍ଯ୍ୟ ସଂପନ୍ନ ହୁଏ । ଏକ ବିବାହୀ ପ୍ରଥା ସାଧାରଣ ନିୟମ । ବର ଦ୍ୱାରା କନ୍ୟାକୁ ଲୁହାଚୁଡି ପିନ୍ଧାଣ, ବିବାହର ଅଷ୍ଟମ ଦିନରେ କନ୍ୟାର ଘର ବାହୁଡ଼ା ଆଦି ପ୍ରଥା ଲୋଧାମାନଙ୍କର ବିବାହ ବିଧିରେ ପ୍ରଚଳିତ ।



ସାଧାରଣ ବିବାହ ଅପେକ୍ଷା ବିଧବା ବିବାହ ନିରାଡମ୍ବର । ଏଥିରେ ଅଳ୍ପ ଖର୍ଚ୍ଚ ହୁଏ । ଜଣକର ସ୍ତ୍ରୀ ମରିଗଲେ କିମ୍ବା ବନ୍ଧ୍ୟା ହେଲେ ଦ୍ୱିତୀୟ ସ୍ତ୍ରୀର ଆବଶ୍ୟକତା ପଡେ । କେହି

ବିକାଶ ଓ ପରିବର୍ତ୍ତନ



ଲୋଧାମାନେ ଦାରିଦ୍ର୍ୟ, ନିରକ୍ଷରତା ଓ ବେକାରୀ ମଧ୍ୟରେ କାଳାତିପାତ କରନ୍ତି । ସମୟର ପରିବର୍ତ୍ତନ ସହ ତାଳ ଦେଇ ଲୋଧାମାନଙ୍କର ସାମାଜିକ ଜୀବନ ଜୀବିକା, ରୀତି ଓ ପ୍ରଚଳିତ ନୀତିରେ ମଧ୍ୟ ପରିବର୍ତ୍ତନ ଆସିଛି । ପୂର୍ବେ ଗୋଟିଏ ଗାଁର ଗ୍ରାମବାସୀ ସମସ୍ତେ ଗୋଟିଏ ପରିବାର ପରି ଚଳୁଥିଲେ । ଏହି ଧାରା ବର୍ତ୍ତମାନ ଆଉ ନାହିଁ । ଗୋଷ୍ଠୀଭିତ୍ତିକ ବୁଝାମଣା ଓ ଦଳଗତ ବ୍ୟକ୍ତିଚରିତ୍ର ବଦଳି ଯାଇଛି । ଗୋଷ୍ଠୀ କୈନ୍ଦ୍ରିକତା ବଦଳରେ ବ୍ୟକ୍ତି ସ୍ୱାଧୀନତା ବଢ଼ିଗ୍ଲିଛି । ଲୋଧାମାନେ ଦିନ ମଜୁରି ବଦଳରେ ଛୋଟ ଛୋଟ ବ୍ୟବସାୟ କରିବା, ଦୋକାନ କରିବା ଆଦିକୁ ଅଧିକ ପସନ୍ଦ କରୁଛନ୍ତି । ଲୋଧା ସମାଜରେ ପୂର୍ବରୁ ଥିବା ଗ୍ରାମ ପରିଷଦର ଗୌରବ ଓ ଗାରିମା ବର୍ତ୍ତମାନ ଆଉ ନାହିଁ । କଳହର ସମାଧାନ ନିମନ୍ତେ କୋର୍ଟ କଚେରୀକୁ ଯାଉଛନ୍ତି । ଲୋଧାମାନଙ୍କ ବିରୋଧରେ ସେହି ଅଞ୍ଚଳର ଅନ୍ୟ ବର୍ଗର ଲୋକମାନେ ଅଭିଯୋଗ ଆଣୁଛନ୍ତି । ବର୍ଷ ବର୍ଷ ଧରି ଲୋଧାମାନେ ପୋଲିସ, ଜଙ୍ଗଲ ଓ ରାଜସ୍ୱ ବିଭାଗ କର୍ମଚାରୀମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇ ଆସୁଛନ୍ତି ।







ସମୟ ସ୍ରୋତରେ ଲୋଧା ସମାଜର ଅର୍ଥନୈତିକ ପ୍ରଗତି ସାଧିତ ହେଲେ ମଧ୍ୟ ଦାରିଦ୍ର୍ୟ କାରଣରୁ ସେମାନେ ପାରଂପରିକ ପ୍ରାଚୀନ ଚଳଣୀରେ ରହିବାକୁ ଶ୍ରେୟ ମନେ କରୁଛନ୍ତି ।

ଲୋଧାମାନଙ୍କ ପାରଂପରିକ ଜୀବନଧାରାରେ ପରିବର୍ତ୍ତନ ଆଣି ଏକ ନୂଆ ଜୀବନର ବାଟ ଖୋଲିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ପ୍ରଚେଷ୍ଟାଜାରି ରଖିଛନ୍ତି । ଲୋଧାମାନଙ୍କ ଜୀବନକୁ ସରସ ସୁନ୍ଦର ଓ ଗୁଣାତ୍ମକ କରିବା ନିମନ୍ତେ ଲୋଧା ଉନ୍ନୟନ ସଂସ୍ଥା ଗଠନ କରାଯାଇଛି । ସେମାନଙ୍କର ଜୀବନ ଜୀବିକା ଓ ପୋଷାକ ପରିଚ୍ଛଦରେ ପରିବର୍ତ୍ତନ ହୋଇଛି । ମାତ୍ର ପରିବାର, ଗୋଷ୍ଠୀ, ଜାତି, ବଂଶ ଓ ଗ୍ରାମବାସୀଙ୍କ ମଧ୍ୟରେ ଥିବା ସହଯୋଗ ଓ ସଂହତିର ଧାରା ଆଉ ନାହିଁ । ସାହାଯ୍ୟ ପାଇବାର ଲକ୍ଷ୍ୟ ନ ରଖି ଅନ୍ୟକୁ ସହାୟତା ଦେବାର ମାନସିକତା କାହାଠାରେ ଦେଖାଯାଉ ନାହିଁ । ବ୍ୟକ୍ତିର ନୀତି ଓ ନୈତିକ ମୂଲ୍ୟବୋଧ ବିପରୀତ ମୁଖୀ ହୋଇଛି । ପ୍ରତି ମଣିଷ ତା'ର କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଭୁଲି ଯାଇ ଜଙ୍ଗଲ ଜମି ଓ ଗୋଷ୍ଠୀ ସଂପତ୍ତି ଉପରେ ନିଜର ମାଲିକାନା ସାବ୍ୟସ୍ତ କରୁଛି ।






ସାମାଜିକ ଓ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ଲୋଧାମାନଙ୍କର ସାଂସ୍କୃତିକ ଜୀବନ ଶୈଳୀରେ ବିରାଟ ପରିବର୍ତ୍ତନ ଆଣିଛି । ଜୀବନ ଜୀବିକାର ଗୁଣାତ୍ମକ ମୂଲ୍ୟ ବଢାଇବା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବରେ ଅଙ୍ଗୀକାରବଦ୍ଧ ହୋଇଛନ୍ତି । ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା; ଶିକ୍ଷା, ସାମାଜିକ ପରିବେଶ, ମୌଳିକ ଭିତ୍ତିଭୂମିର ଉନ୍ନୟନ ତଥା ବ୍ୟକ୍ତିଗତ ହୀତକାରୀ ଯୋଜନା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ବହୁମୁଖୀ ଯୋଜନାମାନ ପ୍ରଣୟନ କରାଯାଇଛି । ବିଜ୍ଞାନ ଭିତ୍ତିକ ଆଧୁନିକ କୃଷି ପ୍ରଶିକ୍ଷଣ, ଉନ୍ନତ କିସମର ବିହନ ଯୋଗାଣ, ଜଳସେଚନର ବ୍ୟବସ୍ଥା, ଉତ୍ପାଦିତ ଦ୍ରବ୍ୟର ବିପଣନ ନିମନ୍ତେ ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏହାଦ୍ୱାରା ପାରଂପରିକ ଜୀବନଶୈଳୀ ଆଧୁନିକତାକୁ ଗ୍ରହଣ କରି ପରିବର୍ତ୍ତନ ହେବାରେ ଲାଗିଛି ।

୧୯୮୬ଠାରୁ ଲୋଧା ଉନ୍ନୟନ ସଂସ୍ଥା ମୟୂରଭଞ୍ଜ ଜିଲ୍ଲାର ମୋରଡା ଠାରେ କାର୍ଯ୍ୟ କରୁଛି । ଲୋଧାମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନୟନ ନିମନ୍ତେ ବିଭିନ୍ନ ପ୍ରକାର ଯୋଜନା ରହିଛି । କୃଷି, ଉଦ୍ୟାନ କୃଷି, ଯୋଗାଯୋଗ, ଜଳସେଚନ ଆଦିର ବିକାଶ ନିମନ୍ତେ ଲୋଧା ଉନ୍ନୟନ ସଂସ୍ଥାର କାର୍ଯ୍ୟ ପ୍ରସଂଶନୀୟ ।



ଲୋଧା ଉନ୍ନୟନ ସଂସ୍ଥା ନିକଟରେ ଥିବା ବିଦ୍ୟାଳୟ ପ୍ରତି ପିଲାମାନେ ଆକୃଷ୍ଟ ହେଉଛନ୍ତି । ଏହାଦ୍ୱାରା ଶିକ୍ଷାରେ ପ୍ରଗତି ହୋଇଛି । 'ଜ୍ଞାନମନ୍ଦିର' ନାମରେ ପରିଚିତ ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ପିଲାମାନଙ୍କର ଶୈକ୍ଷିକ ବିକାଶ ନିମନ୍ତେ କାର୍ଯ୍ୟ





ଜରୁଛି । ଲୋଧାସମାଜର ସର୍ବାଙ୍ଗୀନ ଉନ୍ନତି ଜହ୍ନେ ସରକାର ବିଭିନ୍ନ ଯୋଜନା ଜରିଆରେ ଉନ୍ନୟନମୂଳକ କାର୍ଯ୍ୟମାନ ଜରିଥ୍‌ଲିଛନ୍ତି । ଏହାଦ୍ୱାରା ଲୋଧା ଜୀବନ ଶୈଳୀରେ ପରିବର୍ତ୍ତନ ଓ ମୁଣ୍ଡପିଛା ଆୟରେ ସମୃଦ୍ଧି ଘଟିଛି । ସବୁ ପ୍ରକାର ଉନ୍ନୟନ ସହିତ ସାଂସ୍କୃତିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ପ୍ରଚେଷ୍ଟା ରହିଛି । ନିର୍ମଳ ପାନୀୟ ଜଳଯୋଗାଣ ନିମନ୍ତେ ନଳକୂପ ଖନନ ଓ ଲୋଧା ଘରକୁ ପାଇପ୍ ଜଳଯୋଗାଣର ବ୍ୟବସ୍ଥା ଜରାଯାଉଛି । ଅଗ୍ନି ନିରୋଧକ ଗୃହନିର୍ମାଣ ଲୋଧା ସମାଜର ପରିବର୍ତ୍ତନର ଏକ ପ୍ରତୀକ । କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୋଖରୀ ଖନନ, ଗଭୀର କୂପ ଖନନ, ଆଦି କେତେକ ଉଲ୍ଲେଖନୀୟ ପ୍ରକଳ୍ପ ଲୋଧାମାନଙ୍କର ସାମାଜିକ ଜୀବନକୁ ସରସ, ସୁନ୍ଦର ଜରୁଛି । ସ୍ୱାସ୍ଥ୍ୟର ଯତ୍ନ ସହିତ ଶିକ୍ଷାର ପ୍ରସାର ଲୋଧା ଜନ ଜୀବନକୁ ବେଶ୍ ପ୍ରଭାବିତ ଜରିଛି ।





ଲୋଧାମାନେ ବସବାସ କରୁଥିବା ଅଞ୍ଚଳରେ ବିଦ୍ୟାଳୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପୋଲିସ ଚେକ୍‌ପୋଷ୍ଟ, କୃଷି ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ଡାକଘର, ସାପ୍ତାହିକ ହାଟ, ବଜାର, ବଡ ବଡ ଦୋକାନ ଓ ବ୍ୟାଙ୍କ୍ ଆଦି ପ୍ରତିଷ୍ଠା ଫଳରେ ଲୋଧାମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଧାରାରେ ପରିବର୍ତ୍ତନ ଆସୁଛି।





ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି



ମାଙ୍କିଡ଼ିଆ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ନଅୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨


ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ମାଙ୍କଡ଼ିଆ



ମୂଳ ଇଂରାଜୀ :
ଅଖିଳ ବିହାରୀ ଓଡା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓଡା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ଉପକ୍ରମଣିକା

ମାଙ୍କିଡ଼ିଆ ମାନେ ବୀରହୋର୍ ଗୋଷ୍ଠୀ ଅର୍ନ୍ତଭୁକ୍ତ ଅନ୍ୟତମ ଅର୍ଦ୍ଧଯାଯାବର ଜନଜାତି । ସେମାନେ ମୁଖ୍ୟତଃ ଖାଦ୍ୟ ସଂଗ୍ରହକାରୀ ଓ ଶିକାରୀ ଗୋଷ୍ଠୀ ଭାବରେ ପରିଚିତ । ପାରଂପରିକ ଜ୍ଞାନକୌଶଳ ଉପଯୋଗରେ ମାଙ୍କଡ଼ ଧରିବା ଓ ଦଉଡ଼ି ବୁଣିବା ଆଦି କାରଣରୁ ସେମାନଙ୍କୁ ମାଙ୍କିଡ଼ିଆ କୁହାଯାଏ । କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲାରେ ସେମାନଙ୍କୁ ମାଙ୍କିଡ଼ି କୁହାଯାଉଥିବା ବେଳେ ମୟୂରଭଂଜ ଓ ସମ୍ବଲପୁର ଜିଲ୍ଲାରେ ଏମାନେ ମାଙ୍କିଡ଼ିଆ ଭାବରେ ପରିଚିତ । ଗ୍ରାମାଞ୍ଚଳରେ ମାଙ୍କଡ଼ ଫସଲ, ଫଳମୂଳ ଓ ପନିପରିବା ଚାଷ ଛାରଖାର କରି ବ୍ୟାପକ ଧ୍ୱଂସ କଲେ ସେମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ମାଙ୍କିଡ଼ିଆମାନଙ୍କ ସହଯୋଗ ଲୋଡ଼ିଥାନ୍ତି ।





ସେମାନେ ରାଜ୍ୟର ତଥା ଦେଶର ଅନ୍ୟତମ ଆଦିମ ଯାଯାବର, ବନଚର ଓ ସ୍ୱଳ୍ପଜ୍ଞାତ ଗୋଷ୍ଠୀ । ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ସେମାନେ ଜଙ୍ଗଲରେ ବୁଲନ୍ତି । ପତ୍ରରେ ଅସ୍ଥାୟୀ ଗମ୍ବୁଜାକୃତି ସ୍ଥାନାନ୍ତର ଯୋଗ୍ୟ ଘର ତିଆରି କରି ବସବାସ କରନ୍ତି । ଏହି ପତ୍ର ତିଆରି ଘରକୁ କୁମ୍ବା କୁହନ୍ତି । ସେମାନେ ମୁଣ୍ଡାଭାଷା ସହିତ ଗାଠନିକସଂପର୍କ ଓ ସାଦୃଶ୍ୟ ଥିବା ଭାଷାରେ କଥାବାର୍ତ୍ତା କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ଓଡ଼ିଆ ଭାଷାରେ ବେଶ୍ ଦକ୍ଷ ଓ ସଂଳାପୀ ମନେହୁଅନ୍ତି ।




ମାଙ୍କିଡ଼ିଆମାନଙ୍କ ଠାରେ ସ୍ୱତନ୍ତ୍ର ଶାରୀରିକ ଲକ୍ଷଣମାନ ଦେଖାଯାଏ । ସେମାନଙ୍କ ଦେହର ସ୍ୱାଭାବିକ ଉଚ୍ଚତା ଟିକିଏ କମ୍ । ଦେହର ବର୍ଣ୍ଣ କଳା, ଲମ୍ବାଳିଆ ମୁଣ୍ଡ, ଚଉଡ଼ା ଚେପ୍‌ଟା ନାକ,ମୋଟା ଓଠ, କୁଞ୍ଚୁ କୁଞ୍ଚିଆ ବାଳ, ଲମ୍ବାହାତ ଓ ବଙ୍କାଳିଆ ଗୋଡ ।ସେମାନେ ଅତ୍ୟନ୍ତ ସରଳ ଓ ଲାଜକୁଳା ପ୍ରକୃତିର ।

ଜଙ୍ଗଲରେ ଅତୀତ ମଣିଷର ଜୀବନ ଓ ଜୀବିକାର ଚିତ୍ର ସେହି ଅର୍ଦ୍ଧଭ୍ରମଣଶୀଳ ଶିକାରୀ ଜାତିଠାରେ ପରିଲକ୍ଷିତ ହୁଏ । ସେମାନେ ଛୋଟନାଗପୁରର ସୁଉଚ୍ଚ ମାଳଭୂମିର ମୂଳ ବାସିନ୍ଦା ବୋଲି ଜଣାଯାଏ । ସେଠାରୁ ଓଡ଼ିଶାର ବିଭିନ୍ନ ପାହାଡିଆ ଅଂଚଳକୁ ବିସ୍ତାରିତ ହେବା ସହିତ ଅସ୍ଥାୟୀ ବସତି ନିର୍ମାଣ କରି ବସବାସ କରୁଛନ୍ତି ।












ସେମାନେ ଓଡ଼ିଶା ବ୍ୟତୀତ ଝାଡଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମଧ୍ୟ ଦେଖାଯାଆନ୍ତି । ଓଡ଼ିଶାରେ ମାଙ୍କିଡ଼ିଆମାନଙ୍କର ଛୋଟ ଛୋଟ ଗୋଷ୍ଠୀ ମୟୂରଭଂଜ, କେଉଁଝର, ବାଲେଶ୍ୱର, ଯାଜପୁର, ଦେବଗଡ଼, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ଅନେକାଂଶରେ ଦେଖିବାକୁ ମିଳେ । ସେମାନେ ମୁଖ୍ୟତଃ ଶିମିଳିପାଳ ପାହାଡ଼ ଓ ତା'ର ନିକଟବର୍ତ୍ତୀ ପାହାଡିଆ ଅଂଚଳରେ ଦେଖାଯାଆନ୍ତି । ୨୦୦୧ ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ୧୦୫୦ । ପ୍ରାୟ ଶତକଡ଼ା ୯୯ଭାଗ ମାଙ୍କିଡ଼ିଆ ଗ୍ରାମାଞ୍ଚଳବାସୀ । ପ୍ରତି ୧୦୦୦ ପୁରୁଷରେ ୯୩୭ ଜଣ ମହିଳା ଦେଖାଯାଆନ୍ତି । ସେମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୭ଭାଗ ସାକ୍ଷର ।

ସେମାନଙ୍କର ପାରଂପରିକ ବେଶ ପୋଷାକ ଓ ଅଳଂକାର ଶୈଳୀ ସାଧାରଣ ଓ ସରଳ । ସାନ୍ତାଳ, ମୁଣ୍ଡା, କୋହ୍ଲ, ହୋ ଆଦି ମୁଣ୍ଡା ଭାଷା-ଗୋଷ୍ଠୀ ପରିବାରର ଜୀବନଶୈଳୀକୁ ଉତ୍କୃଷ୍ଟ ନମୁନା ଭାବରେ ସେମାନେ ଗ୍ରହଣ କରନ୍ତି । ପୁରୁଷମାନେ ମୋଟା ତନ୍ତୁବୁଣା ବସ୍ତ୍ର ପିନ୍ଧନ୍ତି । ମହିଳାମାନେ ମଧ୍ୟ ତନ୍ତୁବୁଣା ମୋଟା ଶାଢ଼ୀ ପିନ୍ଧନ୍ତି । ପୁରୁଷ ଓ ମହିଳାମାନେ ବ୍ୟବହାର କରୁଥିବା ବସ୍ତ୍ର ବା ପରିଧେୟ ଗୁଡ଼ିକରେ ଧଳାରଙ୍ଗ ଉପରେ ବିଭିନ୍ନ ରଙ୍ଗର ଛକପକା କୋଠି ହୋଇଥାଏ । ସାଧାରଣତଃ ଗାଁର ବୁଣାକାରମାନେ ଏସବୁ ବସ୍ତ୍ର ତିଆରି କରନ୍ତି । ମହିଳାମାନେ କାଚ, ମାଳି ଓ ଶଙ୍ଖାଧାତୁରେ ତିଆରି ଅଳ୍ପ କେତେକ ଅଳଂକାର ପିନ୍ଧନ୍ତି । କେହି କେହି ମହିଳା ସେମାନଙ୍କ ମୁଣ୍ଡର ଜୁଡ଼ାରେ କାଠ ପାଜିଆଁ ଲଗେଇବାର ଦେଖାଯାଏ ।









ବସତି ବା ବାସସ୍ଥଳୀ

ଖେଳ ଦେଖାଇବା, ଶିଆଳୀ ଲତା ଓ ଲଘୁ ବନଜାତ ଦ୍ରବ୍ୟ ଆଦି ପ୍ରାକୃତିକ ସଂପଦସଂଗ୍ରହ କରିବା ଲକ୍ଷ୍ୟରେ ଜଙ୍ଗଲ ପଥରେ ବୁଲୁ ବୁଲୁ ବେଳେବେଳେ ସେମାନେ ଜିଲ୍ଲା ଓ ରାଜ୍ୟର ସୀମା ଅତିକ୍ରମ କରିଯାଆନ୍ତି । ଉଦାହରଣ ସ୍ୱରୂପ ଜଙ୍ଗଲ ପଥରେ ବୁଲି ବୁଲି ସେମାନେ ଓଡ଼ିଶାରୁ ପଶ୍ଚିମବଂଗର ହଜାରିବାଗ ଜିଲ୍ଲାକୁ ପଳାଇ ଯାଆନ୍ତି । ଥରେ ସେମାନେ ବାହାର ରାଜ୍ୟରେ ପହଞ୍ଚିଗଲେ ସେଠାରେ ଦୁଇ ତିନି ବର୍ଷ ରହି ପୁଣି ଫେରିଆସନ୍ତି । ଥରେ ମୟୂରଭଂଜ ଜିଲ୍ଲାର ଦଳେ ମାଙ୍କିଡ଼ିଆ ଓଡ଼ିଶାର ସୀମା ପାର ହୋଇ ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ଟାଟା ନଗରକୁ ବିବାହ କରିବା ଲକ୍ଷ୍ୟରେ ଚାଲି ଯାଇଥିଲେ । ପ୍ରାୟ ବର୍ଷେ ଭିତରେ ସେମାନେ ପୁଣି ମୟୂରଭଂଜ ଜିଲ୍ଲାକୁ ଫେରି ଆସିଲେ ।

ମାଙ୍କିଡ଼ିଆମାନେ ସେମାନଙ୍କ ଛୋଟ ଛୋଟ ଅସ୍ଥାୟୀ ବସତିରେ ପତ୍ରକୁଡ଼ିଆ ତିଆରି କରିଥାନ୍ତି । ଏହି 'ପତ୍ରଘର' ସମୂହକୁ ସେମାନେ 'ଟାଣ୍ଡା' କୁହନ୍ତି । ଜାତି ପୁରୋହିତ 'ଦେହୁରୀ' ନୂତନ ବସତି ସ୍ଥାପନ କରିବା ନିମନ୍ତେ ଧାର୍ମିକ ପରୀକ୍ଷଣ କରି ଉପଯୋଗୀ ସ୍ଥାନଟିଏ ବାଛି ସାରିବା ପରେ ସେଠାରେ ନୂଆ ବସତି ଗଢିଉଠେ । ସାଧାଣତଃ ସାପ୍ତାହିକ ହାଟ, ବଜାର, ସହଜରେ ପାଣି ମିଳୁଥିବା ସ୍ଥାନ ଓ ଜଙ୍ଗଲ ସନ୍ନିକଟରେ ମାଙ୍କିଡ଼ିଆମାନେ ସେମାନଙ୍କ ନୂଆବସତି ବସାନ୍ତି । ଅଧିକାଂଶ କ୍ଷେତ୍ରରେ ଗୋଟିଏ ଗାଁର ଶେଷମୁଣ୍ଡରେ ଏହି ଟାଣ୍ଡା ଦେଖିବାକୁ ମିଳିଥାଏ ।

ଗୋଟିଏ ଟାଣ୍ଡାର ବାସ କରୁଥିବା ପରିବାର ସମୂହର ପ୍ରତିକୂଳ ପ୍ରଭାବ ସେଠାକାର ଜଙ୍ଗଲ ଓ ବଜାର ଭିତ୍ତିକ ଅର୍ଥନୀତି ଉପରେ ପଡ଼ିଥାଏ । ତେଣୁ ଗୋଟିଏ ଟାଣ୍ଡା ୧୦ରୁ ୧୫ଟି ପରିବାରର ପ୍ରାୟ ୫୦/୬୦ଜଣଙ୍କୁ ନେଇ ଗଠିତ ହୋଇଥାଏ । କେତେକ ପରିବାର ନିକଟ ସଂପର୍କୀୟ ହୋଇଥିବା ବେଳେ ଆଉ କେତେକଙ୍କ ମଧ୍ୟରେ ରକ୍ତ ସଂପର୍କ ରହିଥାଏ । ଏମାନେ ଗୋଟିଏ କୁଟୁମ୍ବର ହୋଇଥାନ୍ତି । ପ୍ରତି ପରିବାର ପାଇଁ ସ୍ୱତନ୍ତ୍ର କୁନ୍ଦା (ପତ୍ରଘର) ଥାଏ । ଏତଦ୍‌ବ୍ୟତୀତ ଧୁଗ୍‌ଲା ଓ କୁଡିଅଡ଼ା ନାମରେ ଅନ୍ୟ ଦୁଇଟି କୁନ୍ଦା ମଧ୍ୟ ନିର୍ମିତ ହୋଇଥାଏ । ଅବିବାହିତ ବାଳକମାନେ ରାତିରେ ଧୁଗ୍‌ଲାରେ ଶୁଅନ୍ତି । ଅବିବାହିତା ବାଳିକାମାନେ 'କୁଡ଼ି ଅଡ଼ା'ରେ ଶୋଇଥାନ୍ତି । ଆଉ ଗୋଟିଏ ସ୍ୱତନ୍ତ୍ର ପତ୍ରକୁଡ଼ିଆ(କୁନ୍ଦା)ରେ ଟାଣ୍ଡା ଦେବତାକୁ ସ୍ଥାପନ କରି ପୂଜା କରାଯାଏ ।









ସେମାନେ ଅନ୍ୟ ଋତୁ ତୁଳନାରେ ଗ୍ରୀଷ୍ମ ଋତୁରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ପ୍ରାୟତଃ ବାରମ୍ବାର ଯାଇଥାନ୍ତି । କିନ୍ତୁ ବର୍ଷାଋତୁ ଚାରିମାସ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ଅଂଚଳର ଉଷ୍ଣ ଗାଁ ନିକଟରେ ନିଜର ଅସ୍ଥାୟୀ ବସତି ସ୍ଥାପନ କରି ବର୍ଷାକାଳ କଟେଇ ଦିଅନ୍ତି । ଶୀତ ଋତୁରେ ଦୁଇ ବା ତିନିଥର ରହଣି ଶିବିର ବଦଳାନ୍ତି । ବାରମ୍ବାର ନିଜର ବସତି ଅଂଚଳ ପରିବର୍ତ୍ତନ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା । ଅଧିକନ୍ତୁ ପୋଡୁଚାଷ କରୁଥିବା କେତେକ ଜନଜାତିଙ୍କ ଦ୍ୱାରା ଅତି ଅନ୍ୟାୟ ଭାବରେ ଜଙ୍ଗଲ ସଂପଦର ଦ୍ରୁତ









ଅବକ୍ଷୟ ହେବା ଏବଂ କେତେକ ଅଣ ଆଦିବାସୀ ଲୋକ ଜାଳେଣି କାଠ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଦ୍ୱାରା ମାଙ୍କଡିଆମାନଙ୍କର ଜୀବନ ଓ ଜୀବିକାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ସେମାନେ ଦଉଡ଼ି ତିଆରି କରିବା ପାଇଁ ଆବଶ୍ୟକୀୟ ଶିଆଳୀ ଛେଲି ପାଇ ପାରୁ ନାହାଁନ୍ତି । ସାଧାରଣତଃ ମାଙ୍କଡ଼ିଆମାନଙ୍କ ଟାଣ୍ଡା ବର୍ଷାଋତୁରେ ଗୋଟିଏ ବା ଦୁଇଟି ସ୍ଥାନରେ ବସିଲାବେଳେ ଗ୍ରୀଷ୍ମ ଋତୁରେ ବାରମ୍ବାର ସେମାନଙ୍କ ବସତି ସ୍ଥଳ ବଦଳୁଥାଏ ।







ମାଙ୍କଡ଼ିଆମାନେ କରଞ୍ଜିଆ ଉପଖଣ୍ଡ ଅଂଚଳରେ ନିମ୍ନ କାରଣରୁ ବାରମ୍ବାର ସେମାନଙ୍କ ରହଣୀ ଶିବିର ବଦଳାଇଥାନ୍ତି । ଜ୍ଞାତି କୁଟୁମ୍ବ ସଂପର୍କକୁ ମୂଳ କରି ସେମାନେ ନିଜ ନିଜ ଭିତରେ କେତେକ ଦଳରେ ବିଭକ୍ତ ହୋଇ ଜଙ୍ଗଲ ସଂପଦଅନ୍ୱେଷଣରେ ବାହାରି ପଡନ୍ତି । ମୁଖ୍ୟତଃ ସେମାନେ ପରିପୁଷ୍ଟ ଶିଆଳୀ ଲତା, ସଂଗ୍ରହ କରିବା, ମାଙ୍କଡ଼ ଧରିବା ଓ ଦଉଡ଼ା ତିଆରି କରି ବିକ୍ରି କରିବା ଉଦ୍ଦେଶ୍ୟରେ ବିଭିନ୍ନ ଆଡ଼େ ବୁଲୁଥାନ୍ତି ।

ଅନ୍ୟକାରଣମାନଙ୍କ ମଧ୍ୟରେ ଶିଆଳୀ ଲତାର ସ୍ୱଳ୍ପ ଯୋଗାଣ, ମାଙ୍କଡ଼ ପଲର ଇତସ୍ତତଃ ରହଣୀସ୍ଥଳ, କୃଷକ ଓ ଆଂଚଳିକ ଲୋକମାନଙ୍କ ମଧ୍ୟରେ ଦଉଡ଼ା ବିକ୍ରିର ଚାହିଦା ହ୍ରାସ ଅନ୍ୟତମ । ସଂପର୍କୀୟଙ୍କ ଅକାଳ ମୃତ୍ୟୁ, ଟାଣ୍ଡା ସଦସ୍ୟମାନଙ୍କ ମଧ୍ୟରେ କଳହ ଓ ଦ୍ୱନ୍ଦ୍ୱ, ମନଲାଖି କନ୍ୟାର ଅନୁସନ୍ଧାନ, ଧର୍ମବିଧି ପାଳନ, ଜଣେ ସଂପର୍କୀୟର ଅନ୍ୟ ଏକ ଟାଣ୍ଡାରେ ଧାର୍ମିକ ପୂଜା ଉତ୍ସବ ଆଦି କାର୍ଯ୍ୟ ହେଉଥିଲେ ସେଠାରେ ଯୋଗଦେବା ନିମନ୍ତେ ମାଙ୍କିଡ଼ିଆମାନେ ଗୋଟିଏ ଟାଣ୍ଡା ଛାଡି ଆଉ ଗୋଟିଏ ଟାଣ୍ଡାଥିବା ଅଂଚଳକୁ ଯାଇଥାନ୍ତି । ଏହିପରି ସେମାନଙ୍କ ଭିତରେ କେତେକ ଅନ୍ଧବିଶ୍ୱାସ ରହିଛି । ମୌସୁମୀ ସମୟରେ ମାଙ୍କିଡ଼ିଆମାନେ ସ୍ଥାନୀୟ କୃଷକମାନଙ୍କ କୃଷିକ୍ଷେତ୍ରରେ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କିଛିଦିନ ରହିଯାଆନ୍ତି ।







ଗୃହନିର୍ମାଣ





ମାଙ୍କଡ଼ିଆଙ୍କ ପତ୍ରକୁଡ଼ିଆ (କୁମ୍ବା)ର ଆକାର ଗୋଟିଏ ଗମ୍ବୁଜ ପରି । ସେଥିରେ ଦ୍ୱାର ଖୋଲିଲା ଭଳି ଗୋଟିଏ ପ୍ରବେଶ ପଥ ରହିଥାଏ । ଶାଳଗଛର ପତ୍ରଯୁକ୍ତ ପ୍ରଶାଖାଗୁଡ଼ିକୁ ଛୋଟ ଛୋଟ ଗଛଡାଳିଆରେ ଏପରି ବାଗରେ ଶିଆଳୀ ତନ୍ତୁ ସହାୟତାରେ ବୁଣାଯାଏ ଯେପରି ଅଳ୍ପ ସମୟରେ ଗମ୍ବୁଜାକୃତି ପତ୍ରକୁଡ଼ିଆଟିଏ ପ୍ରସ୍ତୁତ ହୋଇଯାଏ । ଓଡ଼ିଶାର ମୟୂରଭଂଜ ଜିଲ୍ଲା ଅର୍ନ୍ତଗତ କରଞ୍ଜିଆ ଅଂଚଳରେ ଦେଖାଯାଉଥିବା କୁମ୍ବାର ହାରାହାରି ଉଚ୍ଚତା ୫ଫୁଟ ହୋଇଥାଏ । କୁମ୍ବା ଭିତରକୁ ବର୍ଷାପାଣି ନ ପଶିବା ନିମନ୍ତେ ବର୍ଷାଋତୁରେ କୁମ୍ବାର ଚତୁଃପାର୍ଶ୍ୱ ପରିଧି ପୃଷ୍ଠରେ ମାଟିର ହୁଡ଼ା ଦିଆଯାଏ । କୁମ୍ବାରେ ଝରକା ନଥାଏ । ତିନିଫୁଟ ଦୈର୍ଘ୍ୟ ଓ ତିନିଫୁଟ ପ୍ରସ୍ଥ ବିଶିଷ୍ଟ ଶାଳଗଛରେ ଡାଳରେ ନିର୍ମିତ ଗୋଟିଏ ତାଟି କବାଟ ଲାଗିଥାଏ । ପତ୍ରକୁଡ଼ିଆ ବା କୁମ୍ବା ନିର୍ମାଣ କୌଶଳ ଏତେ ନିଖୁଣ ଯେ ସେଥିରେ ବର୍ଷା ପାଣି ପଶିବାର ସମ୍ଭାବନା ନଥାଏ ।






ଗୁରୁଣ୍ଡି ଗୁରୁଣ୍ଡି ମାଙ୍କିଡ଼ିଆମାନେ କୁମ୍ବା ଭିତରକୁ ପ୍ରବେଶ କରନ୍ତି । କୁମ୍ବା ମଣିଷ, ଗୃହପାଳିତ ପଶୁପକ୍ଷୀ ଓ ସ୍ୱଳ୍ପ ଘରୋଇ ଆସବାବପତ୍ର ନିମନ୍ତେ ଉପଯୋଗୀ ହୋଇଥାଏ । ସେମାନଙ୍କ ଆସବାବପତ୍ର ଭିତରେ ଅଳ୍ପ କେତେକ ଲୁଗାପଟା, ରୋଷେଇ ସରଞ୍ଜାମ, ବାସନକୁସନ, ଦଉଡ଼ି ତିଆରି କରିବାରେ ବ୍ୟବହୃତ ହେଉଥିବା କେତେକ କାଷ୍ଠ ଓ ଲୌହ ଉପକରଣ ଥାଏ । କୁମ୍ବା ଭିତରର ଗୋଟିଏ ଅଂଶକୁ ରୋଷେଇ ଓ ଭଣ୍ଡାରଘର ଭାବରେ ବ୍ୟବହାର କରାଯାଏ । କୁମ୍ବା ତିଆରି କରିବାରେ ମାଙ୍କିଡ଼ିଆମାନେ ଏତେ ଅଭିଜ୍ଞ ଯେ ମାତ୍ର ଅଳ୍ପ କେତେ ଘଣ୍ଟା ଭିତରେ ଗୋଟଏ ମାଙ୍କିଡ଼ିଆ ପରିବାର କୁମ୍ବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ କଂଚାମାଲ ସଂଗ୍ରହ କରିଦିଅନ୍ତି । ମାଙ୍କଡ଼ିଆମାନେ କୁହନ୍ତି- ସେମାନଙ୍କର ବାୟୁ ଓ ଜଳ ନିରୋଧକ କୁମ୍ବା ଭିତରେ ଶୀତଦିନେ ଗରମ ଓ ଗରମ ଦିନେ ଥଣ୍ଡା ଅନୁଭୂତ ହୁଏ ।

ଗୋଟିଏ ବଡ଼ କୁମ୍ବା ପଛପଟେ ମାଙ୍କିଡ଼ିଆମାନେ ସେମାନଙ୍କର ପୂର୍ବପୁରୁଷର ଦେବଦେବୀଙ୍କ ବାସସ୍ଥଳୀ ଭାବରେ ଛୋଟ କୁମ୍ବାଟିଏ ତିଆରି କରନ୍ତି । ଏହି ଛୋଟ କୁମ୍ବାରେ ଆଲବୋଙ୍ଗା ରୁହନ୍ତି । ମୃତଲୋକର ଆତ୍ମା ସେମାନଙ୍କ ସହିତ ଟାଣ୍ଡାରେ ବାସକରେ ବୋଲି ମାଙ୍କିଡ଼ିଆ ମାନଙ୍କର ବିଶ୍ୱାସ ରହିଛି । ମାଙ୍କିଡ଼ିଆମାନେ ଗୋଟିଏ ଟାଣ୍ଡା ଛାଡି ଅନ୍ୟତ୍ର ସ୍ଥାନାନ୍ତର ହେବା ସମୟରେ ବଡ଼ କୁମ୍ବାଟିକୁ ଭାଙ୍ଗି ଦିଅନ୍ତି । ମାତ୍ର ପୂର୍ବପୁରୁଷର ଦେବତା "ଆଲବୋଙ୍ଗା" ଙ୍କ ଉଦ୍ଦେଶ୍ୟରେ ନିର୍ମିତ ଛୋଟାକୁମ୍ବାଟିକୁ ସେମାନେ ଭାଙ୍ଗନ୍ତି ନାହିଁ । ଛୋଟ କୁମ୍ବାରେ ଥିବା ପବିତ୍ର ପୂଜାବସ୍ତୁକୁ ସମ୍ମାନର ସହ ନେଇ ନୂତନ ଟାଣ୍ଡାରେ ଛୋଟ ପତ୍ରକୁଡ଼ିଆଟିଏ ତିଆରି କରି ସେଥିରେ ସେସବୁକୁ ରଖନ୍ତି ।




ଜୀବନ ଓ ଜୀବିକା




ଶିଆଳୀ ଲତା ଛେଲିରୁ ଦଉଡ଼ି ତିଆରି କରିବା ମାଙ୍କିଡ଼ିଆମାନଙ୍କର ମୁଖ୍ୟ ବ୍ୟବସାୟ । କୃଷିକର୍ମ ଓ ବିଭିନ୍ନ ଘରୋଇ କର୍ମରେ ସ୍ଥାନୀୟ କୃଷକମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦଉଡ଼ିକୁ ବ୍ୟବହାର କରନ୍ତି । ନିମ୍ନରେ ମାଙ୍କିଡ଼ିଆମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ କିସମ ଦଉଡ଼ିର ଏକ ସାରଣୀ ପ୍ରଦତ୍ତ ହେଲା-

କ୍ର.	ଆଂଚଳିକ ଭାଷା	ମାଙ୍କିଡ଼ିଆ ଭାଷା	କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ	ଦୈନିକ ପ୍ରସ୍ତୁତ ସାମଗ୍ରୀ
୧	ସିବା	ସିବୁର	ବାନ୍ଧରେ ବୋହିବାପାଇଁ ବାହୁଙ୍ଗୀରେ ଲାଗୁଥିବା ଶିବା	ଜଣ ପିଛା ଦିନକୁ ୨ ହଳ
୨.	ପଘା	ପାଘା	ଗାଈଗୋରୁ ବାନ୍ଧିବା	ଜଣକା ୨୦ଟି
୩.	ବାର୍‌ଜାଓ	ବରେହି	କୂଅରୁ ମାଠିଆରେ ପାଣି କାଢିବା	ଦୁରଜଣରେ ୧୦ଖଣ୍ଡ
୪.	ପଣ୍ଡା ଛାଟି	ବୋଡଡ୍‌ଘା	ମଇଁଷି ବାନ୍ଧିବା	ଜଣକା ୮ରୁ ୧୦ଖଣ୍ଡ
୫.	ଛେଳି ପଘା	ମେରୋଣି ଯୋଡ଼ା	ଛେଳି ବାନ୍ଧିବା	ଜଣପିଛା ୨୦ଖଣ୍ଡ
୬.	ଯାଉଁଳି ଅମଳ ସମୟରେ ବ୍ୟବହୃତ ଦଉଡ଼ି	ଧାଉଁରି	ଫସଲ ଅମଳ ସମୟରେ ଗାଁରେ ଗୋରୁ ବାନ୍ଧିବା	ଜଣପିଛା ୧୦ରୁ ୧୨ ଖଣ୍ଡ

ଦଉଡ଼ି ତିଆରି କରିବା କଳା ଯୋଗୁଁ ବେଶ୍ ଦୁଇ ପଇସା ରୋଜଗାର କରିବା ଫଳରେ ମାଙ୍କଡ଼ିଆମାନଙ୍କ ଜୀବନ ଓ ଜୀବିକା ନିର୍ବାହ କ୍ଷେତ୍ର ଟିକିଏ ସହଜ ହୋଇଥାଏ । ପରିପୁଷ୍ଟ ପାକଳ ଶିଆଳୀ ଲତାକୁ ଛେଲି ଚୋପାଛଡ଼ାଇ ଓ ଛେଚି ତା'ର ତନ୍ତୁ ବାହାର କରି ତାକୁ ଦଉଡ଼ି ବଳିବା ପାଇଁ ଉପଯୋଗୀ କରାଯାଏ । କୁମ୍ଭା ଆଗରେ ବା ବଡ଼ଗଛ ତଳେ ବସି ମାଙ୍କିଡ଼ିଆମାନେ ଏହି ଦଉଡ଼ି ତିଆରି କାର୍ଯ୍ୟରେ ନିୟୋଜିତ ଥାଆନ୍ତି । ସେମାନେ ଶିଆଳୀ ଲତାର ତନ୍ତୁରୁ ବିଭିନ୍ନ ଆକୃତିର ବେଣୀପକା ଦଉଡ଼ି, ଦୂରକୁ ଟେକା ଫିଙ୍ଗିବା ପାଇଁ ଦଉଡ଼ା ତିଆରି ଫାଶ, ଥଳିଆ, ଝୁଲା ଟୋପା ଆଦି ତିଆରି କରନ୍ତି ।








ଆଦିବାସୀମାନେ ତେଲ ତିଆରି କରିବା ପାଇଁ ନିଜସ୍ୱ ପାରଂପରିକ ପଦ୍ଧତି ଅନୁସରଣ କରନ୍ତି । ସେମାନେ ଦୁଇଟି ମୋଟା କାଠ ପଟା ବା ମୋଟା ତଲ୍ଭା ଦ୍ୱାରା ତୈଳବୀଜକୁ ଚାପଦେଇ ସେଥିରୁ ନିସୃତ ତୈଳକୁ ଶିଆଳୀ ଲତାରୁ ପ୍ରସ୍ତୁତ ଟୋପାରେ ସଂଗ୍ରହ କରନ୍ତି । ଟୋପାରୁ ଝରଣ ପ୍ରକ୍ରିୟାରେ ତୈଳ ସଂଗୃହୀତ ହେବାପରେ ମୋଟା ଖଦଡ଼ା ଅଂଶତକ ରହିଯାଏ ।

ତୈଳ ପ୍ରସ୍ତୁତ କରିବାରେ ବ୍ୟବହୃତ ଟୋପା ଓ ମଇଁଷି ବନ୍ଧା ଦଉଡ଼ି ମହିଳାମାନେ ପ୍ରସ୍ତୁତ କରି ପାରନ୍ତି ନାହିଁ । ଅନ୍ୟ ସବୁପ୍ରକାର ଦଉଡ଼ିକୁ ଉଭୟ ପୁରୁଷ ଓ ମହିଳାମାନେ ତିଆରି କରନ୍ତି । ବୁଢ଼ୀମାନେ ଖଜୁରୀ ପତ୍ରରୁ ଖଜୁରୀ ପଟି ତିଆରି କରନ୍ତି । ଖଜୁରୀ ପଟିକୁ ନ ବିଜି ସେମାନେ ନିଜେ ବ୍ୟବହାର କରନ୍ତି । ଜଣେ ମାଙ୍କଡ଼ିଆ ଦୈନିକ ହାରାହାରି ୩୦ରୁ ୪୦ ଟଙ୍କା ମୂଲ୍ୟରେ ଦଉଡ଼ି ସାମଗ୍ରୀ ତିଆରି କରିପାରେ ।







ଏହି କାରିଗରୀ କଳା ବା ହସ୍ତଶିଳ୍ପ ନିମନ୍ତେ ସେମାନେ କୁରାଢ଼ୀ ଟାଙ୍ଗି ଛୁରୀ ଓ ଧାରୁଆ ବାଉଁଶ ବା କାଠ ପାତିଆ ଆଦି ଉପକରଣମାନ ବ୍ୟବହାର କରନ୍ତି । ବେଳେବେଳେ ସେମାନେ ସ୍ଥାନୀୟ କୃଷକମାନଙ୍କ ଚାହିଦା ପୂରଣ ନିମନ୍ତେ ଝୋଟକୁ କଂଚାମାଲ ଭାବରେ ବ୍ୟବହାର କରନ୍ତି । ବର୍ତ୍ତମାନ କେତେକ ମାଙ୍କିଡ଼ିଆ ସୂକ୍ଷ୍ମ ଶିଆଳୀ ତନ୍ତୁ ଓ ଝୋଟରୁ ସୁନ୍ଦର ସୁନ୍ଦର ଆକର୍ଷଣୀୟ ମନୋହାରୀ ଜିନିଷମାନ ତିଆରି କରୁଛନ୍ତି । ଆଂଚଳିକ କୃଷକ ମହଲରେ ଏସବୁ ଜିନିଷଗୁଡ଼ିକର ବେଶ୍ ଚାହିଦା ରହିଛି ।









ମାଙ୍କିଡ଼ିଆମାନେ ଦକ୍ଷ ମାଙ୍କଡ଼ ଧରାଳୀ । ମାଙ୍କଡ଼ ଧରିବା ପାଇଁ ସେମାନେ ବଡ଼ ବଡ଼ ଶିଆଳୀ ଜାଲ ବ୍ୟବହାର କରନ୍ତି । ସେମାନେ ମାଙ୍କଡ଼ ମାଂସ ଖାଆନ୍ତି । ଆଂଚଳିକ ଚମଡ଼ା ବ୍ୟବସାୟୀଙ୍କୁ ମାଙ୍କଡ଼ ଚମଡ଼ା ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି । ମାଙ୍କଡ଼ ମାଂସରୁ ତରକାରୀ ତିଆରି କରିବାପାଇଁ ସେମାନେ ହଳଦୀ ବ୍ୟବହାର କରନ୍ତି ନାହିଁ । ମାଙ୍କଡ଼ ମାଂସ ତରକାରୀରେ ହଳଦୀ ବ୍ୟବହାର କଲେ ସେମାନେ ମାଙ୍କଡ଼ ଶିକାରରେ ଅସଫଳ ହେବେ ଏ ଧାରଣା ସେମାନଙ୍କର ରହିଛି ।



କେବେ କେବେ ସେମାନେ ଜାଲ ଓ ଫାଶ ବସେଇ ପକ୍ଷୀ, ଗୁଣ୍ଡୁଚିମୂଷା, ଠେକୁଆ, ହରିଣ ଆଦି ଧରନ୍ତି । ଧରିଥିବା ପଶୁପକ୍ଷୀମାନଙ୍କୁ ସାଧାରଣତଃ ନିକଟ ଗ୍ରାମ ଅଥବା ହାଟ ବଜାରରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରନ୍ତି ।

କେତେକ ମାଙ୍କିଡ଼ିଆ, ଧାନ ଅମଳ କରିବା, ଚାରାରୋପଣ କରିବା, କ୍ଷେତ ପରିଷ୍କାର କରିବା ଆଦି କୃଷି ବିଦ୍ୟା ଓ କୌଶଳରେ ନିପୁଣତା ହାସଲ କରିଛନ୍ତି । ସ୍ଥାନୀୟ ଲୋକେ ସେମାନଙ୍କୁ କୃଷି ସମୟରେ ଶ୍ରମିକ ଭାବରେ କାମରେ ଲଗାଉଛନ୍ତି । ପୁରୁଷ ଓ ମହିଳା ଉଭୟେ କୃଷିକ୍ଷେତ୍ରରେ କାମ କରି ଯେଉଁ ମଜୁରୀ ପାଆନ୍ତି, ତାହା ପାରିବାରିକ ଆୟବୃଦ୍ଧିରେ ସହାୟକ ହୋଇଥାଏ ।







ମାଙ୍କିଡ଼ିଆମାନେ ଛେଳି, କୁକୁଡା, କୁକୁର ଆଦି ଗୃହପାଳିତ ପଶୁପକ୍ଷୀ ପାଳନ କରନ୍ତି । ଏହାଦ୍ୱାରା ସେମାନଙ୍କ ଆୟ ବଢ଼ିବା ସହିତ ଖାଦ୍ୟାଭାବ ମଧ୍ୟ କେତେକାଂଶରେ ଦୂର ହୋଇଥାଏ । ଯଦିଓ ମାଙ୍କିଡ଼ିଆମାନେ ଜୀବିକା ନିର୍ବାହ ନିମନ୍ତେ ବହୁମୁଖୀ ଧନ୍ଦା କରିଥାନ୍ତି ତଥାପି ଅଧିକାଂଶ ସମୟ ଖାଦ୍ୟର ଅଭାବ ପଡ଼େ । ଅଭାବ ବା ନିଅଣ୍ଟିଆ ସମୟରେ ସେମାନେ ପୂର୍ବରୁ ଘରେ ସାଇତି ରଖିଥିବା





ଆୟଟାକୁଆକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ମାଙ୍କିଡ଼ିଆମାନଙ୍କ ମୁଖ୍ୟ ଖାଦ୍ୟ ହେଲା ଭାତ । ଦଉଡ଼ି ଓ ଜଙ୍ଗଲରୁ ଗ୍ରହଣ କରିଥିବା ଜିନିଷ ବିକ୍ରି କରି ସେମାନେ ଯେଉଁ ଅର୍ଥ ଉପାର୍ଜନ କରିଥାନ୍ତି ସେଥିରେ ହାଟ ବଜାରରୁ ସପ୍ତାହକ ଚଳିବା ପାଇଁ ଆବଶ୍ୟକ ପଡୁଥିବା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଦିଅନ୍ତି ।


ସେମାନେ ମଧ୍ୟ ବଜାରରୁ ମକା ଓ ବାଜରା କିଣନ୍ତି । ଭାତ ଖାଇବା ସହିତ ମକା ଓ ବାଜରାରୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଖାଆନ୍ତି । ନିଜ ଖର୍ଚ୍ଚ ମେଣ୍ଟାଇବା ଓ ନିଜେ ଖାଇବା ପାଇଁ ସେମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଶାଗ, ଛତୁ, ଫଳ (କେନ୍ଦୁ, ଆମ୍ବ, ତାଳ) ସଂଗ୍ରହ କରନ୍ତି । ଶିଆଳୀ ଲତା ଚାଲି ସଂଗ୍ରହ କରିବା ଲକ୍ଷ୍ୟରେ ସେମାନେ ଜଙ୍ଗଲକୁ ଯିବାବେଳେ ବିଭିନ୍ନ ସ୍ଥାନରେ ରେଶମ ଖୋସା ମିଳେ । ରେଶମ ଖୋସା ମିଳିବା ସ୍ଥାନ ସଂପର୍କରେ ମାଙ୍କିଡ଼ିଆମାନଙ୍କର ଧାରଣା ଓ ଜ୍ଞାନ ଥାଏ । ରେଶମ ଖୋସା ବିକ୍ରିରୁ ଯେଉଁ ଅର୍ଥ ମିଳେ ସେଥିରେ ସେମାନେ ନିଜର ଲୁଗାପଟା ଆଦି କିଣନ୍ତି ।







ପର୍ବପର୍ବାଣି ସମୟରେ ସେମାନେ ବିଭିନ୍ନ ପିଠାପଣା ଓ ସ୍ୱାଦିଷ୍ଟ ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରିବା ସହିତ ଆମିଷ ଭୋଜନ କରନ୍ତି । ଯେତେବେଳେ ସେମାନେ ମାଙ୍କଡ଼ ମାରନ୍ତି ବଳକା ମାଙ୍କଡ଼ ମାଂସକୁ ଖରାରେ ଶୁଖାଇ ଭବିଷ୍ୟତର ଖର୍ଚ୍ଚ ପାଇଁ ସାଇତି ରଖି ଦିଅନ୍ତି ।





ହାଣ୍ଡିଆ ଓ ମହୁଲୀ ମଦସେମାନଙ୍କର ପାରଂପରିକ ନିଶାଯୁକ୍ତ ପାନୀୟ । ମହିଳାମାନେ ଘରେ ପ୍ରସ୍ତୁତ କରୁଥିବା ହାଣ୍ଡିଆ ସେମାନଙ୍କର ସବୁଠୁ ବେଶୀ ପ୍ରିୟ । ବଜାରରେ ମିଳୁଥିବା ନିଶାଯୁକ୍ତ ପାନୀୟ ମଧ୍ୟ ସେମାନେ ବ୍ୟବହାର କରନ୍ତି । ପୁରୁଷ ମାଙ୍କିଡ଼ିଆମାନେ ପିକାଟାଣନ୍ତି ଓ ତମାଖୁ ସେବନ କରନ୍ତି ।

ମାଙ୍କିଡ଼ିଆମାନଙ୍କର କାର୍ଯ୍ୟାବଳୀ ଜଙ୍ଗଲ ଓ ବଜାର ଭିତ୍ତିକ ହୋଇଥାଏ । ଆବଶ୍ୟକୀୟ ଜଙ୍ଗଲ ସଂପଦସଂଗ୍ରହ କରିବା; ଶିକାରରେ ସଫଳ ହେବା, ଓ ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ସେମାନେ ଜଙ୍ଗଲକୁ ଭକ୍ତି ସହକାରେ ପୂଜା ଉପାସନା କରନ୍ତି ।


"ଦିସୁମ ସେଣ୍ଡ୍ରା" ନାମରେ ସେମାନଙ୍କର ଏକ ବାର୍ଷିକ ଶିକାର ପର୍ବ ପାଳିତ ହୁଏ । ବେଳେ ବେଳେ ସେମାନେ ଜଙ୍ଗଲରେ ଏକାଦିକ୍ରମେ ତିନି ଚାରି ଦିନ ରହିଯାନ୍ତି । ଆବଶ୍ୟକୀୟ ପଦାର୍ଥ ସଂଗ୍ରହ କରି ଟାଣ୍ଡାକୁ ଫେରନ୍ତି । ଟାଣ୍ଡାରେ ଦଉଡ଼ି ଓ ଟୋପା ଆଦି ପ୍ରସ୍ତୁତ କରନ୍ତି ।



ଦଉଡ଼ି ବିକ୍ରି କରିବା ପାଇଁ ସେମାନେ ନିୟମିତ ଭାବରେ ସାପ୍ତାହିକ ବଜାରକୁ ଯାଆନ୍ତି । ବିକ୍ରି ଲବ୍ଧ ଅର୍ଥରେ ନିଜର ଦୈନନ୍ଦିନ ଜୀବନରେ ଆବଶ୍ୟକ ହେଉଥିବା ତେଲ, ଲୁଣ ଆଦି ସାମଗ୍ରୀ କିଣନ୍ତି । ବଜାର ସ୍ଥଳୀରେ ସାଙ୍ଗ ସାଥୀ ବନ୍ଧୁ ବାନ୍ଧବଙ୍କ ସହିତ ଭେଟଘାଟ ହୁଏ । ସେଠାରେ ମଧ୍ୟ ସେମାନେ କିଛି ସ୍ୱାଦିଷ୍ଟ ଖାଦ୍ୟ ପଦାର୍ଥ ଖାଇବା ସହିତ ମଦ୍ୟପାନ କରି ଆନନ୍ଦରେ ସମୟ ବିତେଇ







ଦିଅନ୍ତି । ଅବିବାହିତ ଯୁବକ ଓ ଅବିବାହିତ ଯୁବତୀମାନେ ବଜାର ସ୍ଥଳୀରେ ଅନ୍ୟ ଟାଣ୍ଡାରେ ରହୁଥିବା ପ୍ରେମିକ, ପ୍ରେମିକାମାନଙ୍କ ସହିତ ଏକାଠି ହେବାର ମଉକା ପାଆନ୍ତି । ଆଧୁନିକତାର ପ୍ରଭାବରେ ମାଙ୍କଡ଼ିଆମାନଙ୍କ ମନ ବଜାର ଅର୍ଥନୀତି ଦ୍ୱାରା ପ୍ରଭାବିତ ହେଲେ ମଧ୍ୟ ଅଦ୍ୟାବଧି ସେମାନଙ୍କ ମଧ୍ୟରେ 'ବଦଳ' ପ୍ରଥାର ପ୍ରଚଳନ ରହିଛି । କେବେକେବେ ଗାଁ ଦାଣ୍ଡରେ ମାଙ୍କିଡ଼ିଆମାନେ ସେମାନଙ୍କ ଦଉଡ଼ି ଓ ଟୋପାକୁ ଯଚେଇ ବିକିବାର ଦେଖାଯାଏ । ଚାଉଳ ଓ ମୁଢ଼ି ବଦଳରେ ସେମାନେ ଦଉଡ଼ି ଓ ଟୋପା ଦେଇଥାନ୍ତି । ମୟୂରଭଂଜ ଜିଲ୍ଲାରେ ମୁଢ଼ି ଏକ ଲୋକପ୍ରିୟ ପ୍ରସିଦ୍ଧ ଖାଦ୍ୟ ।

ଜଙ୍ଗଲ ସେମାନଙ୍କୁ ଦଉଡ଼ି ଓ ଝୁଡ଼ି ତିଆରି କରିବା ପାଇଁ ଆବଶ୍ୟକୀୟ କଂଚାମାଲ ଯୋଗାଇ ଦିଏ । ସେମାନେ ବଜାରରେ ତିଆରି କରିଥିବା ଜିନିଷକୁ ବିକ୍ରିକରି ଅଥବା ବଦଳେଇ ନିଜର ଆବଶ୍ୟକୀୟ ଜିନିଷ କିଣନ୍ତି । ଜଙ୍ଗଲ ଓ ବଜାର ମଧ୍ୟରେ ପାରସ୍ପରିକ କ୍ରିୟାର ନିୟମିତତା ଉପରେ ସେମାନଙ୍କର ଜୀବିକା ନିର୍ଭରଶୀଳ ହୋଇଥାଏ ।

ମାଙ୍କଡ଼ିଆମାନଙ୍କ ଅର୍ଥନୈତିକ ଜୀବନ ସବୁବେଳେ ଜଟିଳ ଓ ସଙ୍କଟପୂର୍ଣ୍ଣ । ଦୈନନ୍ଦିନ ଗୁକୁରାଣ ମେଣ୍ଟାଇବା ବଡ଼ କଷ୍ଟ । ସେମାନେ କଠୋର ପରିଶ୍ରମ କରି ଜୀବିକା ନିର୍ବାହ କରନ୍ତି । ଦାଣ୍ଡରୁ ଆସିଲେ ହାଣ୍ଡିରେ ପଡେ । ତଥାପି ସେମାନେ ଆନନ୍ଦ ଓ ସନ୍ତୋଷରେ ରହିଥାନ୍ତି ।








ସାମାଜିକ ଜୀବନ

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମାଙ୍କଡ଼ିଆମାନଙ୍କର ଧାରାବାହିକ ଜୀବନକ୍ରିୟା ବାଲ୍ୟ, କୈଶୋର, ଯୌବନ, ବିବାହ ପାରିବାରିକ ଜୀବନ ଓ ବାର୍ଦ୍ଧକ୍ୟ ଦେଇ ଗତି କରେ । ମୃତ୍ୟୁରେ ଜୀବନର ଶେଷ ହୁଏ । ମଣିଷ ଭୂତାତ୍ମା ହୋଇ ଚାଲିଯାଏ ଏକ ଅଦୃଶ୍ୟ ପୃଥିବୀକୁ । ସେଠାରେ ରହି ସେ ପୃଥିବୀରେ ଥିବା ମଣିଷମାନଙ୍କ ଭାଗ୍ୟକୁ ପ୍ରଭାବିତ କରିପାରେ ।





ପରିବାରରେ ପିଲାଟିଏ ଜନ୍ମହେଲେ ମାଙ୍କଡ଼ିଆମାନେ ବହୁତ ଖୁସି ହୁଅନ୍ତି । ସେମାନେ ବାପାଙ୍କୁ ଆବ ଓ ମା'ଙ୍କୁ ମା ଡାକନ୍ତି । ଏଇ ଡାକ ଶୁଣି ବାପା ମାଆମାନେ ଗର୍ବ ଅନୁଭବ କରନ୍ତି । ଯେଉଁମାନଙ୍କର ପିଲାପିଲି ନଥାଏ ସେମାନେ ଏଥିପାଇଁ ଦୁଃଖ କରନ୍ତି । କନ୍ୟା ସନ୍ତାନଟି ଜନ୍ମ ହେବା ଅପେକ୍ଷା ପୁତ୍ର ସନ୍ତାନଟିଏ ଜନ୍ମ ହେଉ ବୋଲି ମାଙ୍କଡ଼ିଆମାନେ ଚାହାନ୍ତି । ପୁତ୍ର ସନ୍ତାନ ସେମାନଙ୍କର ଅଧିକ ପସନ୍ଦ । କନ୍ୟା ସନ୍ତାନଟି ବଡ଼ ହୋଇ ବିବାହ କଲାପରେ ବାପା ମାଆଙ୍କୁ ଛାଡ଼ି ଚାଲିଯିବ । ପୁଅଟି ବାପା ମାଆଙ୍କୁ ଶେଷ ଜୀବନରେ ସାହା ଭରସା ହେବ ।

ଗର୍ଭବତୀ ମହିଳାମାନଙ୍କୁ କେତେକ ସାମାଜିକ ପ୍ରଥା ମାନିବାକୁ ହୁଏ । କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ ଓ କର୍ମପ୍ରତି ସେମାନଙ୍କ ପାଇଁ କଟକଣା ଥାଏ । କଠିନ ପରିଶ୍ରମ କରିବା; ରନ୍ଧାବଢ଼ା କାର୍ଯ୍ୟକରିବା ଠାରୁ ସେମାନଙ୍କୁ ଦୂରରେ ରଖାଯାଏ । ମହିଳାମାନେ ଶବଠାରୁ ଦୂରରେ ରୁହନ୍ତି । ସେମାନେ ଦେବଆସ୍ଥାନ ବା ପୂଜାସ୍ଥଳୀ ନିକଟକୁ ଯାଆନ୍ତି ନାହିଁ । ଦେବ କାର୍ଯ୍ୟରେ ଉତ୍ସର୍ଗୀକୃତ ମାଂସ ଖାଇବାକୁ ସେମାନଙ୍କୁ ବାରଣ କରାଯାଏ । ବାହାରକୁ ଗଲାବେଳେ ସେମାନେ ଶରୀରକୁ ସଂପୂର୍ଣ୍ଣ ଭାବରେ ଆବୃତ କରିଯାଆନ୍ତି । ଏହାଦ୍ୱାରା କୌଣସି ଦୁଷ୍ଟଲୋକ ଅଥବା ଶତ୍ରୁର ନଜର ସେମାନଙ୍କ ଉପରେ ପଡ଼ି କିଛି କ୍ଷତି ଘଟାରବାର ସମ୍ଭାବନା ନଥାଏ ।



ଜଣେ ପାରଂପରିକ ଗ୍ରାମ୍ୟ ଧାଈ ମା'ର ଯତ୍ନରେ ଗର୍ଭବତୀ ମହିଳାଟିଏ ପିଲାଟିକୁ ଜନ୍ମଦିଏ । ସାତଦିନ ଯାଏ ଟାଣ୍ଡାର ଲୋକମାନେ ସୂତିକିଆ ଅଶୌଚ ପାଳନ କରନ୍ତି । ମାତ୍ର ଯେଉଁ ପରିବାରରେ ପିଲାଟି ଜନ୍ମ ହୋଇଥାଏ, ସେହି ପରିବାରର ସଦସ୍ୟମାନେ ୨୧ ଦିନ ଯାଏ ସୂତିକିଆ ଅଶୌଚ ପାଳନ କରିଥାନ୍ତି ।

ମାଙ୍କଡିଆମାନଙ୍କ ଜୀବନରେ ବିବାହ ଏକ ଆନନ୍ଦ ଓ ରଙ୍ଗମୟ ବ୍ୟାପାର । ଝିଅମାନଙ୍କ କ୍ଷେତ୍ରରେ ୧୪ରୁ ୧୮ ଓ ପୁଅମାନଙ୍କ କ୍ଷେତ୍ରରେ ୨୦ରୁ ୨୫ ବର୍ଷ ବୟସକୁ ଉପଯୁକ୍ତ



ବିବାହ ବୟସ ବୋଲି ଗ୍ରହଣ କରାଯାଏ । ବିବାହର ଅନ୍ୟୂନ ୨ ବର୍ଷ ପୂର୍ବରୁ ମାଙ୍କଡିଆ କିଶୋର କିଶୋରୀମାନେ ଧାଙ୍ଗଡ଼ିଶାଳରେ ବୟୋଜ୍ୟେଷ୍ଠ ସଦସ୍ୟ ସଦସ୍ୟମାନଙ୍କ ଠାରୁ "ଜୀବନ କଳା" ଶିଖି ସାରିବା ପରେ ବିବାହ ପାଇଁ ମନ ବଳାନ୍ତି ।

ଗୋଟିଏ ଟାଣ୍ଡା ଭିତରେ ବିବାହ ଏକ ଲୋକପ୍ରିୟ ଚଳଣି ବା ପଦ୍ଧତି । ବହୁ ବଂଶର ମିଳିତ ସମାବେଶରେ ଗୋଟିଏ ଟାଣ୍ଡା ଗଠିତ ହୋଇଥାଏ । ମାଙ୍କଡ଼ିଆ ସମାଜରେ ବଂଶ ବାହାରେ ବିବାହ ଚଳଣି ନାହିଁ । ମାତ୍ର ଶାଳୀ ବିବାହ ଓ ବିଧବା ବିବାହ ପ୍ରଥାକୁ ସେମାନେ ଭଲରେ ଗ୍ରହଣ କରି ନେଇଛନ୍ତି । ସାଧାରଣତଃ ପ୍ରସ୍ତାବ ବିବାହକୁ ଅଗ୍ରାଧିକାର ଦିଆଯାଏ । ଏହା ବ୍ୟତୀତ ଝିକା ବିବାହ ଓ ବଦଳାକନ୍ୟା ବିବାହ ପ୍ରଥା ମଧ୍ୟ ପ୍ରଚଳିତ ହୁଏ ।

ମାଙ୍କଡ଼ିଆ ସମାଜରେ ଛାଡପତ୍ର ବ୍ୟବସ୍ଥା ଅଛି । ଜଣେ ପୁରୁଷ ବିପତ୍ନୀକ ହେଲେ ଅଥବା ଜଣେ ମହିଳା ସ୍ୱାମୀହିନା ହେଲେ ଉଭୟେ ଇଚ୍ଛାକଲେ ପୁନର୍ବିବାହ କରିପାରନ୍ତି । ପ୍ରତି ପ୍ରସ୍ତାବ ବିବାହରେ ବରପକ୍ଷରୁ କନ୍ୟାପିତାଙ୍କୁ କନ୍ୟାମୂଲ୍ୟ ଦେବାର ବ୍ୟବସ୍ଥା ରହିବା ସହିତ କିଛି ଅର୍ଥ ଓ ତିନିଖଣ୍ଡ ଲୁଗା ଦେବାର ଚଳଣି ମଧ୍ୟ ରହିଛି ।





ବିବାହ ଉତ୍ସବ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ମାସ ଧାର୍ଯ୍ୟ ହୋଇ ନଥାଏ । ମୁଖ୍ୟତଃ ମୌସୁମୀ ଚାଲିଗଲା ପରେ ହାତରେ ପଇସା ଥିବାବେଳେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ପାଖରେ ପଇସା ପତ୍ର ଥିବା ସମୟରେ ବିବାହ ଉତ୍ସବ ସଙ୍ଗଠିତ ହେଲେ ଘରକୁ ଆସିଥିବା ଅତିଥି ଓ ସଂପର୍କୀୟ ବନ୍ଧୁ ବାନ୍ଧବମାନେ ବିନା ବାଧାରେ ଆନନ୍ଦ ଉତ୍ସାହର ସହିତ ମାତି ଯାଆନ୍ତି ।










ବିବାହ ଦିବସରେ ବର ତା'ର ସାଙ୍ଗ, ସାଥୀ, ସଂପର୍କୀୟ ଓ ଟାଣ୍ଡା ସଦସ୍ୟ ମାନଙ୍କ ସହ ଜାକଜମକରେ ଅତ୍ୟନ୍ତ ଆନନ୍ଦ ଉତ୍ସାହର ସହିତ କନ୍ୟାଟାଣ୍ଡା ଅଭିମୁଖେ ଯାତ୍ରା କରନ୍ତି । କନ୍ୟାଟାଣ୍ଡା ପକ୍ଷରୁ ବର ପକ୍ଷକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଭୋଜିଭାତରେ ଆପ୍ୟାୟିତ କରାଯାଏ ।



ଏକ ଉତ୍ସବ ମୁଖର ଧାର୍ମିକ ପରିବେଶରେ ବର କନ୍ୟା କପାଳରେ ସିନ୍ଦୂର ଲଗାଇ ବିବାହ ଧର୍ମବିଧି ସଂପାଦିତ କରିବା ସହ ସେହି କନ୍ୟାକୁ ନିଜର ଧର୍ମପତ୍ନୀ ଭାବରେ ଗ୍ରହଣ କରେ ।







ଏହି ସମୟରେ ଉଭୟ ପକ୍ଷର ବାଳକ, ବାଳିକା ଓ ଯୁବକ ଯୁବତୀମାନେ ଆନନ୍ଦ ଉତ୍ସାହର ସହିତ ବାଦ୍ୟର ତାଳେ ତାଳେ ନୃତ୍ୟ ଓ ସଙ୍ଗୀତ ଭିତରେ ହଜି ଯାଆନ୍ତି । ବିବାହ ଉତ୍ସବ ଶେଷ ହେବା ପରେ ବର ଓ କନ୍ୟା ସେମାନଙ୍କ ଦଳ ସହିତ ଟାଣ୍ଡାକୁ ପ୍ରତ୍ୟାବର୍ତ୍ତନ କରନ୍ତି । ବରପିତା ପକ୍ଷରୁ ଟାଣ୍ଡାରେ ସମସ୍ତଙ୍କ ପାଇଁ ଭୋଜିଭାତର ଆୟୋଜନ ହୋଇଥାଏ ।









ମାଙ୍କଡ଼ିଆମାନଙ୍କ ପରିବାର ପ୍ରାୟତଃ ସବୁବେଳେ ଛୋଟ ହୋଇଥାଏ । ବାପା, ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ଏହା ଗଠିତ । କେତେକ କ୍ଷେତ୍ରରେ ବିଧବା ମା ଅଥବା ବିପତ୍ନୀକ ବାପାଙ୍କୁ ବିବାହିତ ପୁତ୍ରର ପରିବାରରେ ରହିବାକୁ ହୁଏ । ପରିବାରର ପରବର୍ତ୍ତୀ ସାମାଜିକ ସଙ୍ଗଠନ ହେଉଛି ବଂଶ । ବଂଶ ବିବାହ କାର୍ଯ୍ୟ ପରିଚାଳନା କରିବା ସହିତ ବଂଶ ଭିତରେ ଅବୈଧ ସଂପର୍କକୁ ବାରଣ କରେ । ମାଙ୍କଡ଼ିଆମାନଙ୍କ ମଧ୍ୟରେ ଏକାଧିକ ବଂଶ ଦୃଷ୍ଟିଗୋଚର ହୁଏ । ସିନ୍‌ଖିଲି, ହେମ୍ବ୍ରମ୍, ନାଗପୁରିଆ, ମାଲିହି, ସିକ୍‌ରିଆ ଆଦି କେତେକ ମାଙ୍କଡ଼ିଆ ବଂଶ ରହିଛି ।

ଗୋଟିଏ ମାଙ୍କଡ଼ିଆ ପରିବାରରେ ପୁରୁଷ ଓ ମହିଳା ପରସ୍ପରର ଅନୁପୂରକ ଓ ପରିପୂରକ ହୋଇଥାନ୍ତି । ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ମଧ୍ୟରେ କେହି ସାନ ବା ବଡ଼ ନୁହନ୍ତି । ପୁରୁଷମାନେ ଶିକାର ପରି କାମ କଲାବେଳେ ମହିଳାମାନେ ସ୍ୱତନ୍ତ୍ର ଭାବରେ ପାରିବାରିକ ଦାୟିତ୍ୱ ସଂପାଦନ କରନ୍ତି । ମହିଳାମାନେ ଘରକାମ କରିବା, ପିଲାମାନଙ୍କର ଯତ୍ନନେବା, ରୋଷେଇ ବାସ କରିବା, ପରିବାରର ସଦସ୍ୟମାନଙ୍କୁ ଖାଦ୍ୟ ପରଷିବା ଆଦି କାମରେ ନିୟୋଜିତ ରୁହନ୍ତି । ପିଲାମାନେ ବାପା ମାଆଙ୍କୁ ବିଭିନ୍ନ କାମରେ ସାହାଯ୍ୟ କରନ୍ତି । ସେମାନଙ୍କ ଠାରୁ ଜୀବନ ଜୀଇଁବାର ଯଥାର୍ଥ କଳା ଶିଖନ୍ତି । ପରିବାରର ବୟୋଜ୍ୟେଷ୍ଠ ସଦସ୍ୟମାନେ ମଧ୍ୟ ଆଳସ୍ୟରେ ଦିନ କାଟନ୍ତି ନାହିଁ । ସେମାନେ ଯେଉଁକାମ କରିପାରିବେ ସେହିପରି କର୍ମ ସଂପାଦନ କରି ପାରିବାରିକ ଆୟ ବୃଦ୍ଧିରେ ସହାୟକ ହୋଇଥାନ୍ତି ।













ଗୋଟିଏ ମାଙ୍କଡ଼ିଆ ପରିବାରରେ କେହି ମୃତ୍ୟୁବରଣ କଲେ ପରିବାରରେ ସଦସ୍ୟମାନେ ଏହି ଖବର ସେମାନଙ୍କ କୁଟୁମ୍ବ ଲୋକଙ୍କୁ ଦେଇଥାନ୍ତି । ବାର୍ଦ୍ଧକ୍ୟ ପୂର୍ବରୁ ଅକାଳରେ କେହି ମୃତ୍ୟୁବରଣ କଲେ ତାହା କୌଣସି ଦୁଷ୍ଟ ଭୂତାତ୍ମା ଅଥବା ଗୁଣିଆର ଅପକର୍ମ ଜନିତ ଫଳ ବୋଲି ବିଶ୍ୱାସ କରାଯାଏ । ସାଧାରଣତଃ ଗୋଟିଏ ଖାତରେ ମୃତ ବ୍ୟକ୍ତିର ଶବକୁ ପୋତି ଦିଆଯାଏ । ଶବର ମୁଣ୍ଡକୁ ଦକ୍ଷିଣ ପଶ୍ଚିମ ଦିଗ କରି ରଖାଯାଏ । ମୃତ ଅଶୌଚ ୧୦ ଦିନ ପାଳନ କରାଯାଏ । ଦଶମ ଦିନ ପୂଜକ ଦେହୁରୀ, ମୃତକର୍ମ ବିଧି ସଂପାଦନ କରି ଟାଣ୍ଡା ଓ କୁଟୁମ୍ବ ସଦସ୍ୟମାନଙ୍କ ଉପରେ ପବିତ୍ର ଜଳ ଛିଞ୍ଚି ଦିଏ । ସେଦିନ ସନ୍ଧ୍ୟାରେ ଟାଣ୍ଡା, କୁଟୁମ୍ବ ଓ ଅନ୍ୟ ନିମନ୍ତ୍ରିତ ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କ ନିମନ୍ତେ ଗୋଟିଏ ଭୋଜିର ଆୟୋଜନ ହୁଏ ।





ଯେତେବେଳେ ଗୋଟିଏ ଟାଣ୍ଡାର ଲୋକମାନେ ନୂଆସ୍ଥାନକୁ ଯିବାପାଇଁ ଇଚ୍ଛାପ୍ରକାଶ କରନ୍ତି ସେତେବେଳେ ଟାଣ୍ଡାର ସମସ୍ତ ପରିବାର ଏକାଠି ହୋଇ ନୂତନ ଗନ୍ତବ୍ୟ ସ୍ଥଳ ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରନ୍ତି । ଜଣେ ମଣିଷ ତା'ର ନିଜ ଇଚ୍ଛା ଅନୁସାରେ ଗୋଟଏ ଟାଣ୍ଡା ଛାଡି ଆଉ ଗୋଟିଏ ନୂତନ ଟାଣ୍ଡାର ସଦସ୍ୟ ହୋଇପାରେ । ନୂତନ ଟାଣ୍ଡାରୁ ପୁନର୍ବାର ମୂଳ ଟାଣ୍ଡାକୁ ଫେରିବା ନିମନ୍ତେ ତା'ର ମଧ୍ୟ ସ୍ୱତନ୍ତ୍ର ଅଧିକାର ଥାଏ । ସେ ମୂଳ ଟାଣ୍ଡାକୁ ଫେରିଲେ ସେହି ଟାଣ୍ଡାର ସହବାସୀମାନେ ତାକୁ ସହୃଦୟତାର ସହିତ ଗ୍ରହଣ କରନ୍ତି । ଗୋଟିଏ ଟାଣ୍ଡାରେ ଆଉ ଥରେ ଯୋଗ ଦେବାକୁ ଚାହୁଁଥିବା ନବାଗତ ସଦସ୍ୟ ସାମାଜିକ ପ୍ରଥା ଅନୁଯାୟୀ ସେହି ଟାଣ୍ଡାର ମୁଖିଆ ଓ ସହଚର ସଦସ୍ୟଙ୍କୁ ଉପହାର ସ୍ୱରୂପ ମଦପିଇବାକୁ ଦିଅନ୍ତି ।



ଗୁଣି ଗାରେଡି ଓ ଧର୍ମୀୟ ଜୀବନ ଧାରା

ମାଙ୍କଡ଼ିଆମାନେ ବହୁ ଧର୍ମବିଶ୍ୱାସୀ । ମୂଳତଃ ସେମାନେ ପ୍ରକୃତିର ଉପାଦାନଗୁଡ଼ିକୁ ପୂଜା କରନ୍ତି । ସେମାନଙ୍କ ବିଶ୍ୱାସରେ ଯେଉଁ ଦେବତା ଓ ଭୂତାତ୍ମା ରୋଗ, ମୃତ୍ୟୁ ଓ ନାନା ପ୍ରକାର ଅସୁବିଧା ସୃଷ୍ଟି କରନ୍ତି ସେମାନେ କ୍ଷତିକାରକ । ଅନ୍ୟ ପକ୍ଷରେ ଯେଉଁମାନେ ପ୍ରଗତି, ସମୃଦ୍ଧି ଓ ସର୍ବୋପରି ସମାଜର ମଙ୍ଗଳ କରନ୍ତି ସେମାନେ ହିତୈଷୀ ।






ପଡ଼ୋଶୀ ମୁଣ୍ଡା ଭାଷାଭାଷୀ ଅନ୍ୟ ଜନଜାତିଙ୍କ ପରି ମାଙ୍କଡ଼ିଆମାନେ ସୂର୍ଯ୍ୟଦେବଙ୍କୁ ସେମାନଙ୍କର ମୁଖ୍ୟ ଦେବତା ଭାବରେ ପୂଜା ଅର୍ଚ୍ଚନା କରନ୍ତି । ଶିମିଳିପାଳରେ ବଣଜଙ୍ଗଲ ଓ ପାହାଡ଼ ଶ୍ରେଣୀରେ ସେମାନଙ୍କର ଦୁଇ ସର୍ବଶ୍ରେଷ୍ଠ ପରମ ଦେବତା ଲୋଗୋବୀର ଓ ବୁଢ଼ୀମାଇ ରୁହନ୍ତି ।





ଉତ୍ତମ ସ୍ୱାସ୍ଥ୍ୟ, ଶିକାରରେ ସଫଳତା ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହରେ କୌଣସି ଅସୁବିଧା ବା ଦୁର୍ଘଟଣାର ସମ୍ମୁଖୀନ ନ ହେବା ଉଦ୍ଦେଶ୍ୟରେ ସେମାନେ ପୂର୍ବପୁରୁଷମାନଙ୍କୁ ପୂଜା କରନ୍ତି । ବିଭିନ୍ନ ମାସରେ ସେମାନଙ୍କୁ ନିୟମିତ ଭାବରେ ପୂଜା କରାଯାଏ । ପ୍ରତି ବଂଶର ସ୍ୱତନ୍ତ୍ର ଦେବତା ଥାଆନ୍ତି । ସେମାନଙ୍କ ପାଇଁ ଟାଣ୍ଡାରେ ଛୋଟ ଛୋଟ କୁମ୍ଭାର ତିଆରି ହୋଇଥାଏ । ପର୍ବପର୍ବାଣି ଓ ପୂଜା ସମୟରେ ସେଠାରେ ଦେବଦେବୀଗଣଙ୍କୁ ପୂଜା କରିବା ସହିତ ଖାଦ୍ୟ ଅର୍ପଣ କରାଯାଏ ।







ସାମାଜିକ ନିୟନ୍ତ୍ରଣ



ବ୍ୟାବହାରିକ ଦୃଷ୍ଟିକୋଣରୁ ମାଙ୍ଗଡ଼ିଆମାନଙ୍କର ଟାଣ୍ଡା ଗୋଟିଏ ସ୍ୱୟଂ ଶାସିତ ସାମାଜିକ ଓ ରାଜନୈତିକ ସଙ୍ଗଠନ । ଟାଣ୍ଡାର ସର୍ବୋଚ୍ଚ ପରିଚାଳକଙ୍କୁ ମୁଖିଆ କୁହନ୍ତି । ଏହି ପଦବୀଟି ବଂଶାନୁକ୍ରମିକ । ବେଳେବେଳେ ଟାଣ୍ଡାର ମୁଖିଆ ପୂଜାରୀ କାମ କରନ୍ତି । ଦେବଦେବୀ ପୂଜା କରିବା ସହିତ ଆନୁଷ୍ଠାନିକ ପୂଜା ବିଧି ସଂପାଦିତ କରନ୍ତି । ପୂଜାରେ ବଳି ଦିଆଯାଉଥିବା ପ୍ରାଣୀ ମାଂସର ଏକ ପ୍ରମୁଖ ଅଂଶ ବ୍ୟତୀତ ସେ ଆଉ କିଛି ପାରିଶ୍ରମିକ ଗ୍ରହଣ କରନ୍ତି ନାହିଁ କିନ୍ତୁ ସେ ତାଙ୍କ ଲୋକମାନଙ୍କ ଠାରୁ ଉପଯୁକ୍ତ ସମ୍ମାନ ଓ ଆନୁଗତ୍ୟ ଦାବୀ କରନ୍ତି ।







ପାଙ୍ଗପରିକ ଟାଣ୍ଡା ପରିଷଦସଭାରେ ଟାଣ୍ଡା ଓ ଚା'ର ସଦସ୍ୟମାନଙ୍କ ବିଷୟରେ ପ୍ରଚଳିତ ସାମାଜିକ ପ୍ରଥାକୁ ଆଧାର କରି ଘଟଣାର ବିଚାର କରାଯାଏ ଓ ନିଷ୍ପତ୍ତି ନିଆଯାଏ । ଗୋଟିଏ ଟାଣ୍ଡା ଅଧୀନରେ ଥିବା ସମସ୍ତ ପରିବାରର ମୁଖ୍ୟ ପୁରୁଷ ସଦସ୍ୟ ଟାଣ୍ଡାର ସଭ୍ୟ ଭାବରେ ପରିଗଣିତ ହୁଏ । ମୁଖିଆଙ୍କ ସଭାପତିତ୍ୱରେ ଟାଣ୍ଡା ପରିଷଦର ସଭା ଅନୁଷ୍ଠିତ ହୁଏ । ସେମାନେ ଦୋଷୀ ଓ ନୈତିକ ଅଧପତନ ଘଟିଥିବା ବ୍ୟକ୍ତିକୁ ସାମାଜିକ ବାସନ୍ଦ ପରି ଦଣ୍ଡବିଧାନ କରିଥାନ୍ତି । ଏହାକୁ ସେମାନେ ମଷସଭୟବକ୍ଷ ବା ଭରଶବଭ କୁହନ୍ତି । ଭାଇ ଭଉଣୀ ମଧ୍ୟରେ ଅବୈଧ ସଂପର୍କ ସ୍ଥାପିତ ହେଲେ ଅଥବା ଗୋଟିଏ ବଂଶର ରକ୍ତ ସଂପର୍କୀୟ ଭାଇ ଭଉଣୀ ମଧ୍ୟରେ ଅନୈତିକ ସଂପର୍କ ରହିଲେ, ଅଥବା ସାମାଜିକ ସ୍ତରରେ ନୀଚ ବିଚାର କରାଯାଉଥିବା ଗୋଷ୍ଠୀ ସହିତ ଅସାମାଜିକ ସଂପର୍କ ସ୍ଥାପନ ହେଲେ, ଚା'ର ଯଥାଯଥ ବିଚାର କରାଯାଇ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ ନିମନ୍ତେ ସାମାଜିକ ଅନୁମୋଦନ ମିଳେ । ଶରୀରର କୌଣସି ଅଂଶରେ ଘା' ହୋଇ ସେଥିରେ ପୋକ ଫୁଟିଗଲେ ବା କୀଟାଣୁ ସୃଷ୍ଟି ହେଲେ ସେହି ବ୍ୟକ୍ତିକୁ ସାମାଜିକ ବାସନ୍ଦ କରାଯାଏ । ଆରୋଗ୍ୟ ହେଲାପରେ ରୋଗୀ ନିମନ୍ତେ ଏକ "ଶୌଚ ପୂଜା" କରାଯାଏ । ଟାଣ୍ଡା ସଦସ୍ୟମାନେ, ଭୋଜିଭାତ ଖାଆନ୍ତି । ରୋଗୀକୁ ଜାତି ଓ ସମାଜରେ ମିଶିବା ପାଇଁ ଅନୁମତି ମିଳେ । ମାଙ୍କଡ଼ିଆମାନେ ପଡ଼ୋଶୀ ସାନ୍ତାଳ ଓ କୋହ୍ଲୁ ଗୋଷ୍ଠୀ ସହ ସଂପର୍କ ରଖନ୍ତି ।





ସେମାନଙ୍କ ଘରେ ରନ୍ଧାଖାଦ୍ୟ ଖାଆନ୍ତି । ମାତ୍ର ସାନ୍ତାଳ ଓ କୋହ୍ଲମାନେ ମାଙ୍କଡ଼ିଆଙ୍କ ଘରେ ଖାଆନ୍ତି ନାହିଁ । ସେମାନେ ମଧ୍ୟ ଖଡ଼ିଆ, ଅନୁସୂଚିତ ଜାତି ଓ ମୁସଲମାନଙ୍କ ଠାରୁ ରନ୍ଧା ଖାଦ୍ୟ ଖାଆନ୍ତି ନାହିଁ । ସାମାଜିକ ମାନ ବା ଆଦର୍ଶରେ ବ୍ୟତିକ୍ରମ ହେଲେ ବିହିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସାମାଜିକ ବାସନ୍ଦ ଦଣ୍ଡ ଦିଆଯାଏ ।





ବାଦ୍ୟ, ନୃତ୍ୟ ଓ ସଙ୍ଗୀତ

ଓଡ଼ିଶାର ଅନ୍ୟ ଜନଜାତିଙ୍କ ପରି ମାଙ୍କଡ଼ିଆମାନେ ଭାବପ୍ରଣୋଦିତ ହୋଇ ବାଦ୍ୟ, ସଙ୍ଗୀତ ଓ ନୃତ୍ୟକୁ ଭଲ ପାଆନ୍ତି । ସେମାନଙ୍କର ଅନ୍ତର୍ନିହିତ କଳାତ୍ମକ ପ୍ରତିଭା ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଅଭିବ୍ୟକ୍ତ ହୁଏ । ସେମାନେ ଖୁସିଥିବା ସମୟରେ ନୃତ୍ୟ ଓ ସଂଗୀତ ପରିବେଷଣ କରନ୍ତି । ସେମାନଙ୍କ ପର୍ବପର୍ବାଣି ଓ ପୂଜାବିଧି ସହିତ ନୃତ୍ୟ ଓ ବାଦ୍ୟ ଜଡ଼ିତ । କ୍ଲାନ୍ତ ଓ ଶ୍ରାନ୍ତ ଜୀବନରୁ ମୁକ୍ତ ହେବାପାଇଁ ଏହା ଏକ ଉତ୍ତମ ମାଧ୍ୟମ । ସେମାନେ ରାତିସାରା ଅବିରତ ଭାବରେ ଗୀତ ଗାଆନ୍ତି, ନାଚନ୍ତି ଓ ବଜେଇ ପାରନ୍ତି । ସେମାନଙ୍କର ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ସହିତ ପଡ଼ୋଶୀ ଜନଜାତି ମୁଣ୍ଡା, କୋହ୍ଲ ଓ ସାନ୍ତାଳଙ୍କର ସାଦୃଶ୍ୟ ରହିଛି ।





ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟମାନଙ୍କ ମଧ୍ୟରେ ଦଙ୍ଗ, ଲାଗ୍‌ଣା, ମୁତ୍‌କାର, ଯାଦୁର (ଗେଣା ସହିତ) କରମ୍ (ଖେମ୍‌ଟା, ଝୁମର ଓ ହଂସଦା) ନୃତ୍ୟ ପ୍ରଧାନ । ଏସବୁ ନୃତ୍ୟଗୁଡ଼ିକ ଦଙ୍ଗ ସେରେଙ୍ଗ୍, ଲାଗ୍‌ଣେ ସେରେଙ୍ଗ ଓ ମୁତ୍‌କାର ସେରେଙ୍ଗ ପରି ଉପଯୁକ୍ତ ସଙ୍ଗୀତ ସହିତ ସଠିକ ଭାବେ ସଂଯୋଜିତ ହୋଇଥାଏ । ଦଙ୍ଗ, ଲାଗ୍‌ଣେ, ମୁତ୍‌କାର ଆଦି ବିବାହ ନୃତ୍ୟ ଓ ସଙ୍ଗୀତର ବିଶିଷ୍ଟ ବିଶେଷତ୍ୱ ରହିଛି । ସ୍ୱାଭାବିକ ଭାବରେ ବିବାହ ଉତ୍ସବରେ ବିବାହ ସଙ୍ଗୀତ ସହିତ ସ୍ୱତନ୍ତ୍ର ବିବାହ ନୃତ୍ୟର ପରିବେଷଣ ଏକ ଭିନ୍ନ ମାଦକତା ଆଣିଥାଏ । ଲାଗଣେ ସଙ୍ଗୀତରେ ହିନ୍ଦୀଭାଷାର ପ୍ରଭାବ ଅନୁଭୂତ ହୋଇଥାଏ । ଧାର୍ମିକ ଉତ୍ସବଗୁଡ଼ିକରେ ଭକ୍ତିସଙ୍ଗୀତ ପରିବେଷିତ ହୁଏ ।








ନୃତ୍ୟ ଓ ସଙ୍ଗୀତରେ ସେମାନେ ବ୍ୟବହାର କରୁଥିବା ବିଭିନ୍ନ ବାଦ୍ୟଯନ୍ତ୍ର ଗୁଡ଼ିକ ହେଲା ଢୋଲକ ଅଥବା ମାଦଲ, ଟମକ ଅଥବା ନାଗରା (କେଟେଲ୍‌ଡ୍ରମ) ତିରିଅ ଅଥବା ତିନି, ପାଞ୍ଚ, ବା ସାତ ରନ୍ଧ୍ର ବିଶିଷ୍ଟ ବାଉଁଶ ନିର୍ମିତ ବଇଁଶୀ । ବାଉଁଶ ନିର୍ମିତ ବଂଶୀକୁ ଓଠରେ ଲଗାଇ ଗୋଟିଏ ରନ୍ଧ୍ରକୁ ଫୁଙ୍କିବା ସହିତ ଅନ୍ୟ ରନ୍ଧ୍ରଗୁଡ଼ିକରେ ଆଙ୍ଗୁଠି ଚାଳନା କରି ସୁନ୍ଦର ଓ ମଧୁର ମୂର୍ଚ୍ଛନା ତୋଳିହୁଏ । କାଠ ନିର୍ମିତ କେନ୍ଦେରା ଅଥବା ବେଞ୍ଜୋ ଅନ୍ୟ ଏକ ବାଦ୍ୟ । ଏଥିରେ ସଂଯୁକ୍ତ ଗୋଲାକାର ଫମ୍ପା କାଷ୍ଠ ବୃତ୍ତଟିକୁ ଗୋଧି ଚମଡ଼ାରେ ଛାଉଣୀ





କରାଯାଇଥାଏ । କେନ୍ଦେରା ବଜାଇବା ପାଇଁ ଧନୁ ଆକୃତିର ଅନ୍ୟ ଏକ ତନ୍ତ୍ରୀ ସାମଗ୍ରୀରେ କେତୋଟି ଗିନି ଓ ଘୁଙ୍ଗୁର ଲାଗିଥାଏ । ଗୋଟିଏ ସରୁତାର ଉପରେ ଅନ୍ୟ ଏକ ତା'ର ସଂଚାଳିତ ହୋଇ କୋମଳ ସ୍ୱରର ନିର୍ଗତ ହୁଏ ।

ଜନ୍ମ, ବିବାହ, ଭୋଜିଭାତ, ପର୍ବପର୍ବାଣି ପାଳନ ଆଦି ଆନନ୍ଦ ମୁଖର ଘଟଣା ପ୍ରବାହ ସହିତ ନୃତ୍ୟ ଯୋଡି ହୋଇଥାଏ । ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି । ବାଦ୍ୟର ତାଳେ ତାଳେ ଗୀତ ଗାଇ ମହିଳାମାନେ ନାଚି ଉଠନ୍ତି ।



ମାଙ୍କଡିଆ ମାନେ ଗୋଷ୍ଠୀନୃତ୍ୟ ପରିବେଷଣ କରନ୍ତି । ବାଳକ, ବାଳିକା, ଯୁବକ, ଯୁବତୀ, ବୁଢ଼ା ବୁଢ଼ୀ, ସମସ୍ତେ ଏଥିରେ ଅଂଶଗ୍ରହଣ କରନ୍ତି । ନୃତ୍ୟ ପରିବେଷଣ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ନଥାଏ । ସାଧାରଣତଃ ରାତିରେ ସେମାନେ ଗୋଷ୍ଠୀନୃତ୍ୟ କରନ୍ତି । ନୃତ୍ୟ ପରିବେଷଣ କରିବା ସମୟରେ ମହିଳାମାନେ କୌଣସି ସ୍ୱତନ୍ତ୍ର ବେଶ ପୋଷାକ ହୁଅନ୍ତି ନାହିଁ । ମାଙ୍କଡ଼ିଆ ନୃତ୍ୟ ଏବେ ମଧ୍ୟ ଅବସର ବିନୋଦର ଉତ୍ସ ହୋଇରହିଛି ।








ଯୋଜନା ଓ ପରିବର୍ତ୍ତନ







ମାଙ୍କଡ଼ିଆମାନେ ଯାଯାବର ଜୀବନ ଯାପନ କରନ୍ତି । ଜୀବିକା ନିର୍ବାହ ପାଇଁ ସେମାନେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ବର୍ତ୍ତମାନ ଜାତୀୟ ପ୍ରାଣୀ ଉଦ୍ୟାନ ଓ ବ୍ୟାଘ୍ର ପ୍ରକଳ୍ପ ଭାବେ ପ୍ରସିଦ୍ଧି ହାସଲ କରିଥିବା ଶିମିଳିପାଳ ପାହାଡ଼ର ପାର୍ବତ୍ୟାଞ୍ଚଳ ମାଙ୍କଡ଼ିଆମାନଙ୍କର ନିର୍ଭରଯୋଗ୍ୟ ଜୀବିକାସ୍ଥଳୀ । ଜଙ୍ଗଲ ସନ୍ନିକଟରେ ସେମାନେ ନିଜର ବସତି ସ୍ଥଳ ଟାଣ୍ଡା ପ୍ରତିଷ୍ଠା କରନ୍ତି । ଶିମିଳିପାଳର ଭିତରେ ଓ ବାହାରେ ସେମାନଙ୍କର ଟାଣ୍ଡା ଦେଖିବାକୁ ମିଳେ ।


ଜଙ୍ଗଲ ଓ ବଣ୍ୟଜନ୍ତୁ ସଂରକ୍ଷଣ ଆଇନ କାନୁନ୍ ଓ ନିୟମାବଳୀ କାର୍ଯ୍ୟକାରୀ ହେବା ଫଳରେ ଏହି ଯାଯାବର ଶ୍ରେଣୀଭୁକ୍ତ ମାଙ୍କଡ଼ିଆମାନେ ସେମାନଙ୍କ ଜୀବିକା ନିର୍ବାହ ନିମନ୍ତେ ଜଙ୍ଗଲରେ ଆଉ ମୁକ୍ତ ଓ ଅବାଧ ବିଚରଣ କରିପାରୁନାହାନ୍ତି । ସେମାନଙ୍କର ଅର୍ଥନୈତିକ ଅବସ୍ଥା ଏବେ ମଧ୍ୟ ବଦଳି ନାହିଁ । ସେମାନେ ଏକ ସୁନିଶ୍ଚିତ ଅବଧାରିତ ଅର୍ଥନୈତିକ ପ୍ରକ୍ରିୟାରେ ଉପନୀତ ହେବାପାଇଁ ସଂପ୍ରତି କ୍ରମବର୍ଦ୍ଧମାନ ଅବସ୍ଥା ଦେଇ ଗତି କରୁଛନ୍ତି । ଉପଯୁକ୍ତ ବିକଳ୍ପର ବ୍ୟବସ୍ଥା ନ କରି ସେମାନଙ୍କୁ ଖାଲି ଛାଡି ଦିଆ ଯାଇଛି ।

ବର୍ତ୍ତମାନ ମାଙ୍କଡ଼ିଆମାନେ ସେମାନଙ୍କ ଭ୍ରମଣଶୀଳ ଅଭ୍ୟାସକୁ ଛାଡିଦେଇ କୃଷି ଓ ତତ୍ତୁଲ୍ୟ କାର୍ଯ୍ୟ ସାଧନରେ ମନୋନିବେଶ କରି ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କରିବାକୁ ଚାହିଁଲେଣି । ଓଡ଼ିଶାରେ ବାସ କରୁଥିବା ୧୩ ପ୍ରକାର ଆଦିମ ଜନଜାତିଙ୍କ ମଧ୍ୟରୁ ମାଙ୍କଡ଼ିଆ ଅନ୍ୟତମ ବୋଲି ଚିହ୍ନଟ କରାଯାଇଛି । ୧୯୮୭ ମସିହାଠାରୁ ମୟୂରଭଂଜ ଜିଲ୍ଲାର ଯଶୀପୁର ସଦର ମହକୁମା ଠାରେ ମାଙ୍କଡ଼ିଆ ମାନଙ୍କର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ “ପାହାଡ଼ ଖଡିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା” (HKMDA) ନାମରେ ଗୋଟିଏଅଣୁ ପ୍ରକଳ୍ପ Micro project କାର୍ଯ୍ୟ କରୁଛି ।

ଏହି ଅଣୁ ପ୍ରକଳ୍ପ, ସମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା କରଞ୍ଜିଆ ଅଧୀନସ୍ଥ ଯଶୀପୁର ବ୍ଲକର ଦୂରଦୁରା ଗାଁରେ ଏବଂ ଆଉ ଗୋଟିଏ











କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ଗାଁରେ ଦୁଇଗୋଟି ମାଙ୍କିଡ଼ିଆ ଥରଥାନ କଲୋନୀ ନିର୍ମାଣ କରି ଦୁଇ ଦଳ ମାଙ୍କଡ଼ିଆ ଜନଜାତିଙ୍କୁ ସଫଳତାର ସହିତ ଥରଥାନ କରିପାରିଛି ।



ଏସବୁ ମାଙ୍କଡ଼ିଆ ବସତି ଅଂଚଳରେ ସେମାନଙ୍କୁ ଗୋଷ୍ଠୀଗୃହ, କୂଅ, ନଳକୂଅ, ଅଙ୍ଗନୱାଡି କେନ୍ଦ୍ର ଆଦି ସାମୂହିକ ଭାବରେ ଯୋଗାଇ ଦିଆଯାଇଛି । ସେହିପରି ବ୍ୟକ୍ତିଗତ ଭାବରେ ସେମାନଙ୍କ ପାଇଁ ଇନ୍ଦିରା ଆବାସ, ବାଡି ବଗିଚା, ଫଟୋ ପରିଚୟ ପତ୍ର, ରେସନ କାର୍ଡ, ବି.ପି.ଏଲ୍. କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଓ ଆଉ କେତେକ ଆୟକାରୀ ଯୋଜନାର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ସେମାନେ ଉପକୃତ ହେଉଛନ୍ତି ।

ଅଣୁ-ପ୍ରକଳ୍ପ ଓ ଅନ୍ୟାନ୍ୟ ସଂସ୍ଥାଦ୍ୱାରା ପ୍ରାୟୋଜିତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପ୍ରତି ମାଙ୍କଡ଼ିଆ ମାନଙ୍କର ସହଯୋଗିତା ରହିଛି । ଗୋଟିଏ ପଟେ ଦରିଦ୍ର ମାଙ୍କଡ଼ିଆ ଓ ଅନ୍ୟପଟେ ସାହାଯ୍ୟକାରୀ ସଂସ୍ଥା ସମୂହର ମଧ୍ୟବର୍ତ୍ତୀତାରେ କେତେକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ଶିକ୍ଷିତ ସାକ୍ଷର ହୋଇ ବ୍ୟବସାୟୀ ଓ ଟାକୁର ଚାଳକ ହେଲେଣି । ଏବେ ସେମାନେ ପିଲାମାନଙ୍କୁ ସ୍କୁଲ ପଠାଉଛନ୍ତି । ସମସ୍ତେ ସେମାନଙ୍କର ଭ୍ରମଣଶୀଳ ଅଭ୍ୟାସ ଛାଡି ଏବେ ଗୋଟିଏ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲେଣି ।

ଅଣୁ-ପ୍ରକଳ୍ପ ଅଥବା ଉନ୍ନୟନ ସଂସ୍ଥା ସୀମିତ ଅଂଚଳରେ କାର୍ଯ୍ୟ କରୁଛି । ଅଣୁ-ପ୍ରକଳ୍ପ ଅଂଚଳ ବାହାରେ ବହୁ ମାଙ୍କଡ଼ିଆ ଦଳ ଏବେ ମଧ୍ୟ ଭ୍ରମଣଶୀଳ ଜୀବନ ଅତିବାହିତ କରୁଛନ୍ତି । ସେମାନେ କରଞ୍ଜିଆର ଆଖପାଖ ଅଂଚଳ, ରାଇରଙ୍ଗପୁର, କପ୍ତିପଦା ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଚଳ, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଂଚଳ ଓ ଶିମିଳିପାଳ ଜାତୀୟ ଉଦ୍ୟାନରେ ଦେଖାଯାଆନ୍ତି ।

ଏସବୁ ଅଂଚଳ ମାନଙ୍କରେ ସେମାନେ ସ୍ଥାୟୀ ଭାବରେ ବାସ କରୁ ନଥିବାରୁ ଆଦିମ ଆଦିବାସୀ ଗୋଷ୍ଠୀ ନିମନ୍ତେ ଉଦ୍ଦିଷ୍ଟ ସାହାଯ୍ୟରୁ ବଂଚିତ ହେଉଛନ୍ତି । ଭ୍ରମଣଶୀଳ ହୋଇ ସେମାନେ ଏକ ଅନୁନ୍ନତ, ଅଶିକ୍ଷିତ, ଭୂମିହୀନ ଓ ଗୃହହୀନ ଜୀବନ ବିତାଉଛନ୍ତି । କେନ୍ଦୁମୁଣ୍ଡି ଓ ଦୂରଦୂରା ଗାଁର ମାଙ୍କଡ଼ିଆ ଦଳ ପାହାଡ଼ୀ ଖଡିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା ଦ୍ୱାରା ଥରଥାନ ହୋଇ ସମୃଦ୍ଧି କରିବାର ଦେଖି ଅନ୍ୟ ମାଙ୍କଡ଼ିଆମାନେ ପ୍ରଗତିଶୀଳ ହେବାପାଇଁ କ୍ରମଶଃ ପ୍ରଭାବିତ ହେଉଛନ୍ତି ।





ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷ୍ଟଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ପାହାଡ଼ି ଖଡ଼ିଆ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାବୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ


(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ

ପାହାଡ଼ି ଖଡ଼ିଆ



ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ପରିଚିତି

ଖଡ଼ିଆମାନଙ୍କ ଏକ ଉପଗୋଷ୍ଠୀ ସ୍ଥାନୀୟ ଲୋକଙ୍କ ଦ୍ୱାରା ପାହାଡ଼ି ଖଡିଆ ନାମରେ ପରିଚିତ । ଏମାନେ ସାଧାରଣତଃ ଶିମିଳିପାଳ ଅଭୟାରଣ୍ୟର ଉଚ୍ଚ ମାଳ ଅଞ୍ଚଳରେ ବସବାସ କରନ୍ତି । ଏମାନେ ଅର୍ଦ୍ଧ ଯାଯାବର ଗୋଷ୍ଠୀ ଭାବରେ ପରିଚିତ । ମହୁ, ଅଠା, ଲାଖ ଓ ପାଲୁଅ ସଂଗ୍ରହ କରିବାରେ ସେମାନେ ନିପୁଣ । ଓଡ଼ିଶାର ୬୨ ଜନଜାତିଙ୍କ ମଧ୍ୟରୁ ଖଡ଼ିଆ ଅନ୍ୟତମ । ପାହାଡ଼ ଗୁମ୍ଫାରେ ଶ୍ରୀ ଜଗନ୍ନାଥଙ୍କୁ ପୂଜା କରୁଥିବା ବିଶ୍ୱାବସୁ ଶବରର ବଂଶଧର ବୋଲି ନିଜର ପରିଚୟଦେଇ ଖଡ଼ିଆ ମାନେ ଗର୍ବ ଅନୁଭବ କରନ୍ତି ।


ମୁଣ୍ଡା ଜନଜାତି ମାନଙ୍କର ଉତ୍ପତ୍ତିକୁ ନେଇ ରହିଥିବା କିୟଦନ୍ତୀ ସହିତ ଖଡ଼ିଆମାନଙ୍କର ସାଦୃଶ୍ୟ ପରିଲକ୍ଷିତ ହୁଏ । ଖଡ଼ିଆମାନେ ମୁଣ୍ଡାମାନଙ୍କ ଠାରୁ ପ୍ରାଚୀନ ଓ ଶ୍ରେଷ୍ଠ ଜନଜାତି ଶ୍ରେଣୀର । ଚାଷ ସେମାନଙ୍କର ମୁଖ୍ୟ ବେଉସା । ଖଡିଆ ଶବ୍ଦ ଖଡଖଡି ଶବ୍ଦରୁ ଉତ୍ପତ୍ତି । ଖଡଖଡି କହିଲେ ପାଲିଙ୍କି । ସେମାନଙ୍କର ପୂର୍ବପୁରୁଷ ପାଲିଙ୍କି ବୋହିବା କାର୍ଯ୍ୟ କରୁଥିବାରୁ ତତ୍‌ସମୟରେ ସେମାନଙ୍କୁ ଖଡ଼ଖଡ଼ିଆରୁ ଖଡ଼ିଆ ହିସାବରେ ପରିଚିତ କରାଇଥିବାର ମନେହୁଏ । ଅଣୁ ପ୍ରକଳ୍ପ ଦ୍ୱାରା ସଂପାଦିତ ୨୦୦୭ ଜନଗଣନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଯଶୀପୁରଠାରେ ଥିବା ପାହାଡ଼ି ଖଡିଆ ଓ ମାଙ୍କଡିଆ ଉନ୍ନୟନ ସଂସ୍ଥା (ଅଣୁ ପ୍ରକଳ୍ପ) ଅଂଚଳରେ ୬୦୬ ଘର ଖଡ଼ିଆ ଥିବାର ଜଣାଯାଏ । ଅଣୁ ପ୍ରକଳ୍ପ ଅଧୀନରେ ଥିବା ଗ୍ରାମପୁଞ୍ଜର ଲୋକସଂଖ୍ୟା ସର୍ବମୋଟ ୧୯୦୦ । ପ୍ରତି ପରିବାରରେ ହାରାହାରି ୩ ଜଣ ଖଡ଼ିଆ ରହୁଛନ୍ତି । ପୁରୁଷ ଓ ମହିଳାଙ୍କ ଲିଙ୍ଗାନୁପାତ ପ୍ରତି ୧ ହଜାରରେ ୧୦୨୩ । ସାକ୍ଷରତା ହାର ୨୮.୮୯% ।













ପାହାଡ଼ି ଖଡିଆମାନଙ୍କର ଆଭୂଷଣ ଅତି ସାଧାରଣ । ତିନି ଘୁରି ବର୍ଷ ପର୍ଯ୍ୟନ୍ତ ପିଲାମାନେ ନିବସ୍ତ୍ର । ୪ ରୁ ୬ ବର୍ଷର ପିଲାମାନଙ୍କ ଅଣ୍ଟାରେ ଖଣ୍ଡେ କପଡା ଘେରେଇ ଦିଆଯାଏ । ପୁରୁଷମାନେ ଛୋଟ ଧୋତି ଓ ମହିଳା ମାନେ ଅଳ୍ପଲମ୍ବର ଶାଢି ପିନ୍ଧନ୍ତି । ବର୍ତ୍ତମାନ କାଳରେ ପାହାଡ଼ି ଖଡ଼ିଆ ପୁରୁଷ ଓ ମହିଳାମାନେ ବଜାରରେ ଉପଲବ୍ଧ ବସ୍ତ୍ର ପରିଧାନ କରୁଛନ୍ତି । ପାହାଡ଼ି ଖଡ଼ିଆ ମହିଳାମାନେ ହାର, ବାହୁବନ୍ଧ, କାନଫୁଲ, ହାତମୁଦି, ମୁଣ୍ଡକଣ୍ଟା, ଧାତୁ ନିର୍ମିତ ଚୁଡି ଆଦି ବ୍ୟବହାର କରନ୍ତି । କେତେକ ପାହାଡ଼ି ଖଡ଼ିଆ ଯୁକକ ମଧ୍ୟ ଗଳାରେ ଗଳାମାଳି ପିନ୍ଧନ୍ତି । ମୁଣ୍ଡବାଳକୁ ସଜେଇବା ନିମନ୍ତେ ମହିଳାମାନେ ବିଭିନ୍ନ ରଙ୍ଗର ରିବନ୍ ବ୍ୟବହାର କରନ୍ତି।




ପୁରୁଣା ପିଢିର ମହିଳାମାନେ ହାତ,ଗୋଡ, ଆଖିକୋଣ ଓ କପାଳରେ ବିଭିନ୍ନ ଶୈଳୀର ଚିତା କୁଟାଇ ଥିବାର ଦେଖାଯାଏ । ସାଧାରଣତଃ କେଲୁଣୀ ବା ସାପୁଆ କେଳା ସ୍ତ୍ରୀଲୋକ ଏହି ଚିତାକୁଟା କର୍ମ ସଂପାଦନ କରିଥାନ୍ତି।











ବସତି ବନ୍ଦୋବସ୍ତ


ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାହାଡ ଅଞ୍ଚଳର ଆଦିବାସିନ୍ଦା ହିସାବରେ ପାହାଡ଼ି ଖଡ଼ିଆମାନେ ନିଜକୁ ଦାବୀ କରନ୍ତି । ପାହାଡ଼ି ଖଡ଼ିଆମାନେ ଶିମିଳିପାଳର ଦୂରବର୍ତ୍ତୀ ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି । ଶିମିଳିପାଳ ଜାତୀୟ ଉଦ୍ୟାନରେ ହାତୀ, ବାଘ, ଭାଲୁ, ହରିଣ, ମାଙ୍କଡ, ବନ୍ୟ କୁକୁର ଆଦି ବଣ୍ୟଜୀବମାନେ ଦେଖାଯାଆନ୍ତି । ସମୁଦାୟ ଶିମିଳିପାଳ ଅଞ୍ଚଳ ବଡ ବଡ ଶାଳ, ମହୁଲ, କରଞ୍ଜ, ଶିମିଳି ଓ ଅନ୍ୟାନ୍ୟ ବଣ୍ୟବୃକ୍ଷରେ ପରିପୂର୍ଣ୍ଣ । ଖଡ଼ିଆମାନେ ଅନ୍ୟାନ୍ୟ କୃଷିଜୀବୀ ଓ ସାଧାରଣ ବର୍ଗଙ୍କ ସହିତ ମିଳିମିଶି ରୁହନ୍ତି । ବାଥୁଡ଼ି, ଗୋଣ୍ଡ ଓ କୋହ୍ଲମାନଙ୍କ ସହିତ ପାହାଡି ଖଡିଆମାନଙ୍କର ଉତ୍ତମ ସଂପର୍କ । ଗୋଟିଏ ଗାଁରେ ୫ ରୁ ୨୦ ବା ତତୋଧିକ ଘର ଦେଖାଯାଏ । ପାହାଡ଼ି ଖଡ଼ିଆ





ମାନଙ୍କର ଘର ପାହାଡର ଶୀର୍ଷରେ ; ପାଦଦେଶରେ ବା ଗଡାଣିଆ ସ୍ଥାନରେ ତିଆରି ହୋଇଥାଏ । ଛୋଟ ଛୋଟ ପଡା ଗାଁରେ ସେମାନେ ବସବାସ କରନ୍ତି । ପାହାଡି ଝରଣା ବା ଜଳାଧାର ନିକଟରେ ଖଡ଼ିଆମାନେ ସେମାନଙ୍କ ବାସସ୍ଥଳୀ ନିର୍ମାଣ କରିବାକୁ ପସନ୍ଦ କରନ୍ତି । ଖଡ଼ିଆ ମାନଙ୍କ ଘର ଲଗାଲଗି ନ ହୋଇ ଏଠି ସେଠି ହୋଇଥାଏ ।

ଖଡିଆମାନଙ୍କ ଘରେ ଝରକା ନଥାଏ ଓ ଘରମଧ୍ୟକୁ ବାହାରର ମୁକ୍ତ ବାୟୁ ଗମନାଗମନ ନିମନ୍ତେ ବ୍ୟବସ୍ଥା ନଥାଏ । ଖଡ଼ିଆମାନଙ୍କ ଘରର ଆକୃତି ଛୋଟ ଓ ଏହା ଚତୁର୍ଭୁଜାକାର । ଘରର କାନ୍ଥ ଶାଳ କାଠରେ ତିଆରି ଓ ଏହାକୁ କାଦୁଅରେ ଲିପାଯାଇଥାଏ । ଖଡ଼ିଆ ଘରର କାନ୍ଥରେ ସୁନ୍ଦର ସୁନ୍ଦର ଝୋଟି ଚିତା ପଡିଥାଏ । ଘରର ଉପର ଅଂଶ କାଠ ଦ୍ୱାରା ନିର୍ମିତ ହୋଇ ଲମ୍ବଘାସ ବା ଛଣ ଦ୍ୱାରା ଛପର ହୋଇଥାଏ । ଧନୀକ ଶ୍ରେଣୀର ଖଡ଼ିଆ ମାନେ ଖପର ଘର କରିଥାନ୍ତି । ଘରର ମୂଳଦୁଆ ଚତୁର୍ଭୁଜାକାର ହୋଇଥାଏ । ଏକ ବଖୁରିଆ ଘରଟିକୁ ସାନ ଓ ବଡ କ୍ରମରେ ଦୁଇଭାଗରେ ବିଭକ୍ତ କରି ସାନଘରଟିରେ ରୋଷେଇ କାର୍ଯ୍ୟ କରାଯାଏ, ବଡ ଘରଟିକୁ ଶୟନ କକ୍ଷ ଭାବରେ ବ୍ୟବହାର କରାଯାଏ । ଗୃହ ସାମଗ୍ରୀ



























ହିସାବରେ ଖଜୁରୀପଟି, ପତ୍ରପଟି, ଦଉଡ଼ିଆ ଖଟ, ମାଟିପାତ୍ର, ଲାଲଟୁମ୍ବା ପାତ୍ର, କଂସା ଓ ଆଲୁମିନିଅମ ବାସନକୁସନ, ବାଉଁଶ ପାଛିଆ, ପତ୍ରଠୋଲା, ଚଉପତି, ଚକି ଓ ଘୋରଣା, ଶିଳ ଶିଳପୁଆ, ଧନୁତୀର, ଟାଙ୍ଗିଆ, ବର୍ଚ୍ଛା ପ୍ରମୁଖ ରହିଥାଏ । ଛେଳି, ଘୁଷୁରି, ଗୋରୁ ଗାଈ ଆଦି ଗୃହପାଳିତ ପ୍ରାଣୀଙ୍କ ନିମନ୍ତେ ସ୍ୱତନ୍ତ୍ର ଘର ତିଆରି ହୋଇଥାଏ, ମାତ୍ର ଶୟନ କକ୍ଷର ଗୋଟିଏ କୋଣରେ ପାଳିତ ପକ୍ଷୀଗୁଡ଼ିକୁ ରଖାଯାଏ । ମହୁଲ ବା ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହ ସମୟରେ ଖଡ଼ିଆମାନେ ନିଜର ସବୁଦିନିଆ ବାସସ୍ଥଳୀର ଅନତିଦୂରରେ ଅସ୍ଥାୟୀ କୁଡ଼ିଆ ନିର୍ମାଣ କରି ରହିଥାନ୍ତି ।

ପାହାଡ଼ି ଖଡିଆମାନେ ଗାଁ ଠାକୁରାଣୀ ଓ ମୁଖ୍ୟଦେବୀ 'ଧରଣୀ ମାତା'ଙ୍କୁ ଗ୍ରାମ ସୀମାରେ ଶାଳ ଗଛ ମୂଳେ ପୂଜା କରନ୍ତି । ସେମାନେ ମଧ୍ୟ ଧର୍ମ ଦେବତା ସୂର୍ଯ୍ୟ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ପୂଜା କରିଥାନ୍ତି ।









ଖାଦ୍ୟ ଓ ପାନୀୟ



'ଭାତ' ପାହାଡି ଖଡିଆ ମାନଙ୍କର ମୁଖ୍ୟ ଖାଦ୍ୟ । ଭାତ ବଦଳରେ ସେମାନେ ମକା, ମାଣ୍ଡିଆ, ଜହ୍ନା ମଧ୍ୟ ଖାଆନ୍ତି । ଏହା ବ୍ୟତୀତ ଜଙ୍ଗଲରୁ ସଂଗୃହୀତ ଋତୁକାଳୀନ ଫଳମୂଳ; କନ୍ଦ, ଛତୁ, ମହୁ ଆଦିକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ସେମାନେ ପଶୁ ପକ୍ଷୀ ଶିକାର କରନ୍ତି । ପର୍ବ ପର୍ବାଣି, ପୂଜା ଉତ୍ସବ ମାନଙ୍କରେ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ବଳିପକାଉଥିବା ପଶୁ ପକ୍ଷୀଙ୍କ ମାଂସକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ପାହାଡର ପ୍ରବାହିତ ଝରଣା, ନାଳରୁ ଖଡିଆମାନେ ମାଛ ଧରନ୍ତି । ଶାଗ, ପଖାଳ ଓ ଲୁଣ, ମରିଚ ଖଡିଆମାନଙ୍କର ପ୍ରିୟଖାଦ୍ୟ । ତରକାରୀ ନିମନ୍ତେ ଖଡିଆମାନେ ବର୍ଷାଋତୁରେ ଘର ବାଡିରେ କଲରା, କଖାରୁ ଆଦି ପନିପରିବା ଲଗାଇଥାନ୍ତି । ସେମାନେ କ୍ୱଚିତ୍ ଡାଲି ଖାଆନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇ ନଥିବାରୁ ଖଡିଆମାନେ ବର୍ଷାଋତୁରେ ଖାଦ୍ୟାଭାବର ସମ୍ମୁଖୀନ ହେଉଥିବାରୁ ମକା ଓ ଅନ୍ୟାନ୍ୟ ଖାଦ୍ୟୋପଯୋଗୀ ମୂଳ ଓ କନ୍ଦା ଉପରେ ନିର୍ଭର କରନ୍ତି ।














ପର୍ବପର୍ବାଣି ଅବସରରେ ପାହାଡି ଖଡିଆମାନେ ସିଝା ଓ ସେକା ଚାଉଳ ପିଠା ସହିତ ମାଂସ ତରକାରୀ କରିଥାନ୍ତି ।

ପ୍ରତି ପାହାଡି ଖଡିଆ ଗାଁରେ ନଳକୂଅ ରହିଛି । ମାତ୍ର ଖଡିଆମାନେ ନଳକୂଅ ପାଣି ନପିଇ ଝରଣା ପାଣି ପିଇବାକୁ ଅଧିକ ଆଗ୍ରହ ପ୍ରକାଶ କରନ୍ତି । ନଳକୂଅ ପାଣିର ଲୁହାଳିଆ ବାସ୍ନା ଓ ସ୍ୱାଦସେମାନଙ୍କୁ ଭଲ ଲାଗେନାହିଁ । ଖଡିଆମାନେ ସାପ୍ତାହିକ ହାଟରୁ ତଥା ସାନ୍ତାଳମାନଙ୍କ ଠାରୁ ହାଣ୍ଡିଆ ଓ ମହୁଲୀ ମଦଖରିଦ୍ କରି ପର୍ବ ପର୍ବାଣିରେ ପାନୀୟ ରୂପେ ବ୍ୟବହାର କରନ୍ତି ।



ଜୀବନଜୀବିକା

ପାହାଡ଼ି ଖଡ଼ିଆମାନଙ୍କର ଜୀବନଜୀବିକା ଜଙ୍ଗଲ ପରିବେଶ ଆଧାରିତ । ସେମାନେ ଜୀବନ ଜୀବିକା ପାଇଁ ମୁଖ୍ୟତଃ ଶିମିଳିପାଳର ପାର୍ବତ୍ୟାଞ୍ଚଳ ଉପରେ ନିର୍ଭର କରିଥାନ୍ତି । ଜଙ୍ଗଲର ଅଧିବାସୀ ହୋଇଥିବାରୁ ଖଡିଆମାନେ କୃଷି ତୁଳନାରେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଓ ଶିକାର ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଆଦିମ ଜନଜୀବନ ଶୈଳୀକୁ ଅଦ୍ୟାବଧି ପାହାଡି ଖଡିଆମାନେ ସଂପୂର୍ଣ୍ଣ ଭାବରେ ପରିହାର କରିପାରିନାହାଁନ୍ତି । ବରଂ ଏକଥା ସତ ଯେ ଖଡିଆମାନେ ପ୍ରାଚୀନ ଓ ଆଧୁନିକ ଜୀବନ ଧାରାର ଅନ୍ତବର୍ତ୍ତୀ ଜୀବନ ନିର୍ବାହ କରୁଛନ୍ତି ।




ଶିମିଳିପାଳ ପାହାଡ 'ମହୁ' ର ଏକ ପ୍ରାକୃତିକ ଭଣ୍ଡାର । କେଉଁ ଅନାଦି କାଳରୁ ଏହି ପାର୍ବତ୍ୟାଞ୍ଚଳରେ ବସବାସ କରି ଆସୁଥିବା ପାହାଡି ଖଡିଆମାନେ ମହୁସଂଗ୍ରହକୁ ନିଜର ଜୀବନ ଓ ଜୀବିକା ହିସାବରେ ଗ୍ରହଣ କରିନେଇଛନ୍ତି। ସେମାନେ ବଡ଼ (ବାଘୁଆ) ମହୁମାଛି ଓ ସାନ ମହୁମାଛି ଠାରୁ ମହୁ ସଂଗ୍ରହ କରିଥାନ୍ତି । ବଡ(ବାଘୁଆ)ମହୁମାଛି ଦୀର୍ଘ ଉଚତା ବିଶିଷ୍ଟ ମୋଟା ଶାଳ ଗଛର କୋରଡ ଓ ପର୍ବତ ଗୁମ୍ଫାରେ ମହୁଫେଣା ବାନ୍ଧିଥାଏ । ଖଡ଼ିଆମାନେ ଉପରକୁ ବା ପର୍ବତ ଗୁମ୍ଫା ଉପରକୁ ଚଢ଼ି ନିଆଁହୁଳା ସାହାଯ୍ୟରେ ମୁହୁମାଛିଗୁଡ଼ିକୁ ଘଉଡାଇ ସାଙ୍ଗରେ ନେଇଥିବା ଟିଣପାତ୍ର ବା ପାଛିଆ ଦ୍ୱାରା ମହୁ ସଂଗ୍ରହ କରିଥାନ୍ତି । ବେଳେବେଳେ ମହୁମାଛିଗୁଡ଼ିକୁ ଘଉଡାଇବା ସମୟରେ ସେମାନଙ୍କ ଆକ୍ରମଣକୁ










ସାମ୍ନା କରି ନପାରି ସଂଗ୍ରହକାରୀ ଗଛରୁ ବା ପାହାଡ଼ରୁ ତଳକୁ ଖସିପଡେ । ଏହାଦ୍ୱାରା ଜୀବନହାନୀର ସମ୍ଭାବନାକୁ ଏଡାଇ ନ ଦେଲେ ବି ସାହସୀ ଖଡିଆ ଜନଜାତିମାନେ ଏହି ଦୁଃସାହସିକ କାର୍ଯ୍ୟରୁ କେବେହେଲେ ନିବୃତ୍ତ ହୋଇପାରନ୍ତି ନାହିଁ । ମାର୍ଚ୍ଚ ମାସରୁ ଜୁନ୍ ଓ ଅକ୍ଟୋବର, ନଭେମ୍ବର ମାସ ମହୁ ସଂଗ୍ରହ ତଥା ବିକ୍ରୟ କରିବାର ପ୍ରକୃଷ୍ଟ ସମୟ ।

ଶାଳଗଛରୁ ଝୁଣା ସଂଗ୍ରହ କରିବା ପାହାଡି ଖଡ଼ିଆମାନଙ୍କର ଅନ୍ୟତମ ମୁଖ୍ୟ ପେଶା । ସେପ୍ଟେମ୍ବରରୁ ନଭେମ୍ବର ଓ ମାର୍ଚ୍ଚରୁ ଜୁନ୍‌ମାସ ମଧ୍ୟରେ ସେମାନେ ପାର୍ବତ୍ୟାଞ୍ଚଳରୁ ଝୁଣା ସଂଗ୍ରହ କରିବାରେ ଲାଗିଥାନ୍ତି । ଏହାଦ୍ୱାରା ବେଶ୍ ଦୁର ପରସା ହାତକୁ ଆସେ । ଦୁର ବା ତିନିଜଣ ଏକାଠି ହୋଇ କୁରୀ, କୁରାଢୀ ଓ ଝୁଡିଧରି ଜଙ୍ଗଲକୁ ଝୁଣା ସଂଗ୍ରହ କରିବା ଉଦ୍ଦେଶ୍ୟରେ ବାହାରି ପଡନ୍ତି । ଅଣ୍ଟାରେ ଝୁଡି ଓହଳାର ହାତରେ କୁରାଢ଼ୀ ଧରି ଗଛରେ ଚଢ଼ି ଝୁଣାଥିବା ସ୍ଥାନରେ ପହଞ୍ଚି କୁରାଢ଼ୀ ସାହାଯ୍ୟରେ ଗଛର ବଲ୍‌କଳରୁ ଝୁଣାକୁ ରାମ୍ପି ଅଲଗା କରି ସାବଧାନତାର ସହ ଅଣ୍ଟାରେ ଝୁଲୁଥିବା ଝୁଡିରେ ସଂଗ୍ରହ କରିବାକୁ ହୁଏ । ଘରେ ଗଛର ବଲ୍‌କଳ ଓ ଝୁଣାକୁ ବାଛି ଅଲଗା କରି ବଜାରରେ ବିକ୍ରି କରିବା ନିମନ୍ତେ ପ୍ରସ୍ତୁତ କରି ରଖିବାକୁ ହୁଏ ।

ମହୁ ଓ ଝୁଣା ସଂଗ୍ରହ ସହିତ ଖଡିଆ ମାନେ ମଧ୍ୟ ବଣ ପାକୁଅ ସଂଗ୍ରହ କରନ୍ତି । ଚାଷ କରାଯାଉଥିବା ପାକୁଅ ତୁଳନାରେ ବଣରୁ ମିଳୁଥିବା ପାକୁଅର ଔଷଧୀୟ ଗୁଣ ଅଧିକ । ଏହା ଶରୀର ପାଇଁ ଅଧିକ ହିତକାରୀ ସାବ୍ୟସ୍ତ ହୋଇଥାଏ । ମହୁ ଓ ଝୁଣା ସଂଗ୍ରହ ଏକ ବିପଦପୂର୍ଣ୍ଣ କାର୍ଯ୍ୟ । ପାକୁଅ ସଂଗ୍ରହରେ କୌଣସି ବିପଦନ ଥିଲେ ବି ଏଥି ନିମନ୍ତେ ବହୁତ ସମୟ ଓ ଶ୍ରମ ବିନିମୟ କରିବାକୁ ହୁଏ । ନଦୀ ଓ ଝରଣାର ନିକଟବର୍ତ୍ତୀ ଅଞ୍ଚଳକୁ ଅସ୍ଥାୟୀ ବାସସ୍ଥଳୀ ଭାବରେ ଗ୍ରହଣ କରି ଖଡିଆମାନେ ବଣପାକୁଅ ସଂଗ୍ରହରେ ଲାଗି ପଡନ୍ତି । ଡିସେମ୍ବର ରୁ ମାର୍ଚ୍ଚ ପାକୁଅ ସଂଗ୍ରହ ନିମନ୍ତେ ଉପଯୁକ୍ତ ସମୟ । ଗଇନ୍ତି ସାହାଯ୍ୟରେ ପାକୁଅ ଗଛର ମୂଳକୁ ଖୋଳି ତା'ର କନ୍ଦ ବାହାର କରିବାକୁ ହୁଏ । ପାକୁଅ ସଂଗ୍ରହକାରୀ ଏହି ସମୟରେ ଶିଆଳୀ ଲତାର ତନ୍ତୁନିର୍ମିତ ଜାଲ, ଛୋଟ






ଛୁରୀ; ବଡ ବା ସାନ ନୁଆ ମାଟିପାତ୍ର, ଖଣ୍ଡେ ପରିଷ୍କାର କପଡା ପାଲୁଅ ପ୍ରକ୍ରିୟାକରଣ କାର୍ଯ୍ୟରେ ବ୍ୟବହାର କରେ । ଖୋଳା ଯାଇଥିବା ପାଲୁଅ ମୂଳକୁ ଭଲଭାବରେ ଧୋଇ ପ୍ରଥମେ ପରିଷ୍କାର କରିବାକୁ ହୁଏ । ଝରଣାଜଳର ପଥର ସାନ୍ଧିରେ ଅବା ଗୋଟିଏ ଝୁଡିରେ ସଂଗୃହୀତ ପାଲୁଅ ମୂଳକୁ ରଖି ଦିଆଯାଏ । ପରିଷ୍କୃତ ପାଲୁଅର ମୂଳ କନ୍ଦାକୁ ପାତ୍ର ଉପରେ କପଡା ବାନ୍ଧି ବାଲିପଥର ସାହାଯ୍ୟରେ ଧୀରେ ଧୀରେ ଘୋରିବାକୁ ହୁଏ । ମାଟି ପାତ୍ରରେ ସଂଗୃହୀତ ପାଲୁଅ ରସକୁ ବାଉଁଶର ପରିଷ୍କାର ଜରି ଶେଷରେ ଖରାରେ ଶୁଖାଇ ଦିଆଯାଏ । ଟାଣ ଖରାରେ ସଂପୂର୍ଣ୍ଣ ଶୁଖିଗଲେ ବିକ୍ରି ନିମନ୍ତେ ଉପଯୁକ୍ତ ମନେହୁଏ । ପ୍ରାୟ ସବୁବେଳେ ବଜାରରେ ପାଲୁଅର ଚାହିଦା ଥାଏ । ଖଡିଆର ଜୀବନ ଜୀବିକା ସହିତ ପାଲୁଅ ଅଙ୍ଗାଙ୍ଗୀ ଭାବରେ ଜଡିତ ।



ପାହାଡି ଖଡ଼ିଆମାନେ ଧୁରନ୍ଧର ଶିକାରୀ । ଧନୁ ଓ ତୀର ସାହାଯ୍ୟରେ ସେମାନେ ସମ୍ବର ଓ ହରିଣ ଅନାୟାସରେ ଶିକାର କରିଥାନ୍ତି । କେତେକ ଖଡ଼ିଆ ଏବେ ଅଳ୍ପ ଅଳ୍ପ ଜଙ୍ଗଲ ଜମିରେ ଚାଷ-ବାସ ଆରମ୍ଭ କଲେଣି । ଜଙ୍ଗଲଜାତ ଦ୍ରବ୍ୟ ଯଥା - ଝୁଣା, ଲାଖ, ମହୁ, ଟସର, ଅଠା ସଂଗ୍ରହ ସେମାନଙ୍କର ମୁଖ୍ୟ ଆୟକାରୀ ପନ୍ଥା । ପାହାଡି ଖଡ଼ିଆମାନେ କ୍ୱଚିତ୍ ମାଛଧରନ୍ତି । ମହିଳାମାନେ ଖଜୁରୀ ପତ୍ରରେ ମସିଣା ବୁଣନ୍ତି । ଖଡିଆମାନେ ସବାଇଘାସ ଓ ଝୋଟ ସାହାଯ୍ୟରେ ଦଉଡିବୁଣି ନିଜ ବ୍ୟବହାରରେ ଲଗାନ୍ତି । ସେମାନେ ମଧ୍ୟ ଶିଆଳୀ ଓ ଶାଳ ପତ୍ର








ବ୍ୟବହାର କରି ପତ୍ରଥାଳି ଓ ଦନା ତିଆରି କରି ସେସବୁକୁ ନିଜ ବ୍ୟବହାରରେ ଲଗାଇବା ସହିତ ଆବଶ୍ୟକ ହେଲେ ବଜାରରେ ବିକ୍ରୟ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ କାଠଚକି ମାଧ୍ୟମରେ ତେଲ ପ୍ରସ୍ତୁତ କରିବାର କୌଶଳ ଜାଣନ୍ତି । ସେମାନେ ଶିକାର, କୃଷି ଓ ମାଛ ଧରିବାରେ ବ୍ୟବହୃତ ସରଞ୍ଜାମ ସବୁକୁ ନିଜେ ତିଆରି କରନ୍ତି ।

ଏସବୁ ବ୍ୟତୀତ ପାହାଡି ଖଡ଼ିଆମାନେ ନିଜ ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଛେଳି, ମେଣ୍ଢା, ଗୋରୁ, ଗାଈ, କୁକୁଡା, ବତକ ଆଦି ପାଳନ କରନ୍ତି । ଏହା ଦ୍ୱାରା ସେମାନଙ୍କର ଦୈନିନ୍ଦିନ ଖର୍ଚ୍ଚ ସହିତ ପର୍ବ ପର୍ବାଣିରେ ଆବଶ୍ୟକ ପଡୁଥିବା ଅଧିକ ଖର୍ଚ୍ଚର ବୋଝକୁ ସମ୍ଭାଳି ହୁଏ । 'ମକର' ଖଡିଆମାନଙ୍କର ମୁଖ୍ୟ ପର୍ବ । ଜନ୍ମ, ମୃତ୍ୟୁ, ବିବାହ ; ଆଦି ସାମାଜିକ ବା ଅନୁଷ୍ଠାନିକ କ୍ରିୟାକର୍ମରେ ଅଧିକ ଖର୍ଚ୍ଚ କରିବାକୁ ହୋଇଥାଏ ।











ସମୟ ସ୍ରୋତରେ ପାହାଡି ଝଡ଼ିଆମାନଙ୍କର ଜୀବନ ଯାପନର ଶୈଳୀ ମଧ୍ୟ ବଦଳି ଯାଇଛି । ସେମାନେ ଏବେ ଛୋଟ ଛୋଟ ବ୍ୟବସାୟରେ ମନ ଦେଲେଣି । ସମୟ ସହିତ ତାଳ ଦେଇ ଜିଇଁବୁ ବଦଳେଇବା ଶିଖିଲେଣି । ପରିବର୍ତ୍ତନର ଏହି ଧାରା ଜାରି ରହିଲେ ଦିନ ଆସିବ ପାହାଡି ଝଡ଼ିଆମାନେ ମୁଖ୍ୟ ସାମାଜିକ ସ୍ରୋତ ସହିତ ମିଶିଯିବେ ।









ସାମାଜିକ ଜୀବନ



ପାହାଡି ଖଡ଼ିଆମାନଙ୍କର ସାମାଜିକ ଜୀବନ ଜନ୍ମ, ଜୈଣୋର, ବିବାହ, ବାର୍ଦ୍ଧକ୍ୟ ଓ ମୃତ୍ୟୁକୁ ନେଇ ଗତିଶୀଳ । ଜନ୍ମ ଓ ମୃତ୍ୟୁର ବ୍ୟବଧାନ ମଧ୍ୟରେ ଅନେକ ସାମାଜିକ କ୍ରିୟା କର୍ମ, ପର୍ବ ପର୍ବାଣି ଓ ଧାର୍ମିକ ଅନୁଷ୍ଠାନ ଭିତରେ ଖଡ଼ିଆର ଜୀବନ ଚକ୍ର । ଜନ୍ମ ହିଁ ଜୀବନର ଅୟମାରମ୍ଭ । ଏଇ ଅୟମାରମ୍ଭ ପର୍ବରେ ଗର୍ଭବତୀ ମହିଳାଙ୍କୁ ନିଜ ସମାଜର ଜଣେ ବୟୋଜ୍ୟେଷ୍ଠା ମହିଳା (ଧାଇ) ସାହାଯ୍ୟ କରିଥାଏ । ଘରେ ପିଲାଟିଏ ଜନ୍ମ ହେଲେ ଖଡ଼ିଆ ମାନେ ନଅଦିନ ଧରି ଅଶୌଚ ପାଳନ କରନ୍ତି । ବେଳେବେଳେ ୨୧ଦିନରେ ଅଶୌଚ ପାଳନ ହୁଏ । ଏହାପରେ ଜନ୍ମିତ ପିଲାର ନାଁ ଦିଆ ପର୍ବ ଅନୁଷ୍ଠିତ ହୁଏ । ଜନ୍ମର ନବମ ଦିନରେ ଜନ୍ମଦାତ୍ରୀ ମା ଓ ଜନ୍ମିତ ଶିଶୁ ବିଧି ଅନୁସାରେ ଶୌଚସ୍ନାନ କରନ୍ତି । ନାଁ ଦିଆ ପର୍ବ ଅବସରରେ ଖଡ଼ିଆ ସମାଜର ସାମାଜିକ ପ୍ରଥା ଓ ଧାର୍ମିକ ପରଂପରାକୁ ଅନୁଧ୍ୟାନ ଦିଆଯାଏ । ଏହାପରେ ଜନ୍ମିତ ଶିଶୁକୁ ପାଞ୍ଚ ବା ଛଅ ବର୍ଷ ହୋଇଗଲେ 'ଜାନଫୋଡା'













ପର୍ବ ପାଳିତ ହୁଏ । ଭଦ୍ରଲୋକ ମଧ୍ୟସ୍ଥ ସାହାଯ୍ୟରେ ବରକନ୍ୟା ବୁଝାବୁଝି କରି ପୁଅଝିଅମାନଙ୍କର ବିବାହ କରିବା ଖଡ଼ିଆମାନଙ୍କର ସାମାଜିକ ବିଧି । ଖଡ଼ିଆ ସମାଜରେ ବିଭିନ୍ନ ଗୋଷ୍ଠୀମଧ୍ୟରେ ଅନ୍ତର୍ବିବାହ ପ୍ରଥା ଚଳେନାହିଁ । ୨୦ ବର୍ଷ ଖଡିଆ ଯୁବକ ନିମନ୍ତେ ବିବାହର ଉପଯୁକ୍ତ ବୟସ । ସେହିପରି ଖଡ଼ିଆ ଯୁବତୀଟିଏ ୧୫ ରୁ ୧୮ ବର୍ଷ ମଧ୍ୟରେ ବିବାହ କରେ ।

ଖଡିଆ ମାନେ ବହୁପତ୍ନୀ ଗ୍ରହଣ କରନ୍ତି । ନିଜଗୋଷ୍ଠୀ ଛଡା ଅନ୍ୟଗୋଷ୍ଠୀରେ ବିବାହକୁ ପ୍ରାଧାନ୍ୟ ଦିଅନ୍ତି । ଆୟୋଜିତ ବିବାହ ବ୍ୟତୀତ ଝିକା ଓ ଉଦୁଲିଆ ବିବାହ ପ୍ରଥା ମଧ୍ୟ ପ୍ରଚଳିତ । ନିଜ 'କୁଟୁମ୍ବ' ରେ ବିବାହ ନିଷେଧ । ବଂଧୁଗୋଷ୍ଠୀରେ ବିବାହ ପ୍ରଥା ପ୍ରଚଳିତ । ହେଲେ ଏଥି ନିମନ୍ତେ ବଂଧୁ ଗୋଷ୍ଠୀ କନ୍ୟାପକ୍ଷକୁ କନ୍ୟାସୁନା ବାବଦକୁ ହାରାହାରି ୬୦ ଟଙ୍କା ଦେଇଥାନ୍ତି । ଛଅ ଖଣ୍ଡ କପଡା, ଏକ ମଣ୍ଡ ଧାନ, ଦୁଇଡିବା ମଦ, ଗୋଟିଏ ଛେଳି ଆଦି ଖାଦ୍ୟ ଦ୍ରବ୍ୟମାନ ବିବାହ ଭୋଜି ଉପଲକ୍ଷେ ଦେବାକୁ ହୁଏ । ବିବାହରେ କନ୍ୟା, ବିବାହ ସନ୍ତକ ଭାବରେ ମଥାରେ ସିନ୍ଦୂର ପିନ୍ଧେ । ଖଡ଼ିଆ ସାମାଜରେ ଛାଡପତ୍ର ପ୍ରଥା ପ୍ରଚଳିତ । ସେମାନେ ମଧ୍ୟ ବିଧବା ବିବାହକୁ ସ୍ୱୀକୃତି ଦିଅନ୍ତି ।








ପିତା, ମାତା ଓ ଅବବାହିତ ପୁତ୍ର ଜନ୍ୟାଙ୍କୁ ନେଇ ପାହାଡି ଖଡ଼ିଆର ସଂସାର । ଏକକ ପରିବାର ବ୍ୟତୀତ ଖୁବ୍‌କମ୍ ଯୌଥ ପରିବାର ଦେଖାଯାଏ । ଗୋଟିଏ ଯୌଥ ପରିବାରରେ ହାରାହାରି ୫ ଜଣରୁ ୬ ଜଣ ସଦସ୍ୟ ଥାଆନ୍ତି । ଅତି ବଡ ପରିବାର ଖଡ଼ିଆ ସମାଜରେ ଦୃଷ୍ଟି ଗୋଚର ହୁଏ ନାହିଁ । ଖଡ଼ିଆ ଯୁବକଟିଏ ବିବାହ ଜଲାପରେ ବାପା ମାଆଙ୍କ ଠାରୁ ଅଲଗା ରହେ । ସେ ଗଢ଼େ ତା'ର ଏକ ନୂଆ ସଂସାର । ସ୍ତ୍ରୀ ତା'ର ସ୍ୱାମୀଙ୍କୁ ସମ୍ମାନ ଦିଏ । ସ୍ୱାମୀ ଖାଇ ସାରିବା ପରେ ସେ ଖାଏ । ଜଙ୍ଗଲ ଭିତ୍ତିକ ପାରିବାରିକ ଆୟ ପ୍ରତି ଉଭୟ ସ୍ୱାମୀ -ସ୍ତ୍ରୀ ଧ୍ୟାନ ଦିଅନ୍ତି । ଗୃହ ପରିଚାଳନା, ସାମାଜିକ ଅବା ଅର୍ଥନୈତିକ ସମୃଦ୍ଧି ଅବା ଦାରିଦ୍ର୍ୟ ପ୍ରତ୍ୟେକ ସ୍ଥଳେ ଆବଶ୍ୟକ ଅନୁସାରେ ଗୃହକର୍ତ୍ତା ମହିଳାମାନଙ୍କ ସହିତ ବିଚାର ଆଲୋଚନା କରନ୍ତି ।



ନିଜର ରକ୍ତ ସଂପର୍କୀୟ ମାନଙ୍କୁ ଖଡ଼ିଆ ସମାଜରେ କୁଟୁମ୍ବ ବା ବଂଶ କୁହାଯାଏ । ମା' ପକ୍ଷର ଲୋକ ବଂଧୁ ନାମରେ ନାମିତ । ମୟୂରଭଂଜ ଜିଲ୍ଲାର ପାହାଡି ଖଡ଼ିଆମାନଙ୍କ ମଧ୍ୟରେ ବଂଶୀୟ ସଙ୍ଗଠନ ଦେଖାଯାଏ ନାହିଁ । ଗୋଟିଏ ପୂର୍ବ ପୁରୁଷରୁ ସମସ୍ତେ ବିଭିନ୍ନ ଶାଖାଗୋଷ୍ଠୀରେ କ୍ରମଶଃ ବିଭାଜିତ ହୋଇଛନ୍ତି ବୋଲି ଖଡିଆମାନେ ବିଶ୍ୱାସ କରନ୍ତି । ପାହାଡି ଖଡ଼ିଆ ମାନଙ୍କର ସାଙ୍ଗିଆ ଦେହୁରୀ,

ଦଣ୍ଡସେନା, ନାୟକ ଇତ୍ୟାଦି । ନିଜ ବଂଶରେ ବିବାହ ନିଷେଧ । ଜନ୍ମ, ମୃତ୍ୟୁ ଓ ବିବାହ ଆଦି ସାମାଜିକ କ୍ରିୟା କର୍ମରେ ନିଜ କୁଟୁମ୍ବ ବା ବଂଶର ଲୋକମାନେ ଅଶୌଚ ପାଳନ କରନ୍ତି । ଅଜା, ନାତି; ଶଳା-ଶାଳୀ ଆଦିଙ୍କୁ ଖଡ଼ିଆମାନେ ସାଧାରଣତଃ ଥଟ୍ଟା ମଜା କରିଥାନ୍ତି । ନିଜଗୋଷ୍ଠୀ ବ୍ୟତୀତ ବିଶ୍ୱାସକୁ ଭିତ୍ତି କରି ଉତ୍ତମ ବଂଧୁତ୍ୱ ଗଢିଉଠିଥାଏ । ଏସବୁ ସଂପର୍କର ମୂଳ ହେଲାଧର୍ମୀୟ ଅନୁଚିନ୍ତା । ଏହିସଂପର୍କ ଫୁଲ, ମକର, ଧରମଭାଇ ଧରମ ବାପା; ଧରମ ପୁଅ ଭାବରେ ଚିହ୍ନିତ । ପର୍ବ ପର୍ବାଣିରେ ବଂଧୁ ବଂଧୁ ମଧ୍ୟରେ ଭାବ ଓ ବସ୍ତୁର ଆଦାନ ପ୍ରଦାନ ହୁଏ ।



କେହି ଆତ୍ମୀୟ ମରିଗଲେ ଖଡ଼ିଆମାନେ ଦଶ ଦିନ ଅଶୌଚ ପାଳନ କରନ୍ତି । ଶୁଦ୍ଧିକ୍ରିୟା ଆଦି କର୍ମ ଶେଷ କରି ଘିଅ ମହୁ ଖାଇ କୁଟୁମ୍ବ ଲୋକମାନେ ଶୌଚ ହୁଅନ୍ତି ।



ଧାର୍ମିକ ଜୀବନ



ପାହାଡି ଖଡ଼ିଆମାନେ ନିଜ ସମାଜ ଓ ଗୋଷ୍ଠୀ ମଙ୍ଗଳ କାମନା କରି ଆଧିଭୌତିକ ତଥା ଅଲୌକିକ ସତ୍ତାକୁ ସନ୍ତୁଷ୍ଟ କରିବା ନିମନ୍ତେ ବିଭିନ୍ନ ପର୍ବପର୍ବାଣିର ଆୟୋଜନ କରିଥାନ୍ତି । ଶିମିଳିପାଳରେ "ଅଠର ଦେଉଳ" ଗୋଟିଏ ପବିତ୍ର ପୀଠ । ଶାଳ ବୃକ୍ଷ ଦ୍ୱାରା ପରିବେଷ୍ଟିତ ଏହି ପୀଠରେ ବଡ଼ାମ୍ ଦେବତା ପୂଜିତ । ଶିମିଳିପାଳର ପ୍ରମୁଖ ଦେବତା ଏଇ ବଡ଼ାମ୍ । ଖଡ଼ିଆମାନଙ୍କର ବିଶ୍ୱାସ ବଡ଼ାମ୍ ଦେବତା ସନ୍ତୁଷ୍ଟ ହେଲେ ସବୁ ମନୋବାଞ୍ଛା ପରିପୂର୍ଣ୍ଣ ହେବ । ବଡ଼ାମ୍ ସବୁବେଳେ ଭକ୍ତର ଆଶା ପୂରଣ କରନ୍ତି ।


ପାହାଡି ଖଡ଼ିଆମାନେ ଶାଳ ବୃକ୍ଷକୁ ପବିତ୍ର ବୋଲି ବିବେଚନା କରନ୍ତି । ଏହାର ନିଆଁ ପବିତ୍ର । ଧୂଣାର ସୁଗନ୍ଧରେ ପରିବେଶ ପୁତ ହୁଏ । ଖଡ଼ିଆମାନେ ଶାଳବୃକ୍ଷ କାଟନ୍ତି ନାହିଁ । ଶାଳବୃକ୍ଷ ଦେବତାର ଆବାସସ୍ଥଳୀ । ବର୍ଷକୁ ଅନ୍ୟୂନ ଦୁଇଥର ପୂଜକ ଶାଳବୃକ୍ଷକୁ ଭକ୍ତି ସହକାରେ ପୂଜା କରିବା ପରଂପରା ଖଡ଼ିଆ ସମାଜରେ ଜେଉଁ କାଳରୁ ପ୍ରଚଳିତ ।

ଶ୍ମଶାନରେ ଥିବା ବୃକ୍ଷସମୂହକୁ ଖଡ଼ିଆମାନେ କେବେ କାଟନ୍ତି ନାହିଁ । ସେମାନେ ପ୍ରକୃତି ପ୍ରେମୀ । ପ୍ରକୃତିର ମୁଗ୍ଧ ବନ୍ଦାପନା ; ପ୍ରକୃତିକୁ ଭଲ ପାଇବା ; ସେମାନଙ୍କର ମୂଳ କର୍ତ୍ତବ୍ୟ । ଜଙ୍ଗଲ ଓ ଜାହିରା ପୂଜା ଏହାର ଅନ୍ୟତମ ନମୁନା । କେତେକ ଶାଳବୃକ୍ଷ ପରିବେଷ୍ଟିତ ଗ୍ରାମ ଦେବତୀଙ୍କ ପୀଠ 'ଜାହିରା' ନାମରେ ପରିଚିତ । ଗ୍ରାମ ଦେବତୀ ଗ୍ରାମ ଓ ଗ୍ରାମବାସୀଙ୍କୁ ସବୁବେଳେ ନିଜ ଆମାପ ଶକ୍ତି ଦ୍ୱାରା ସୁରକ୍ଷା ଦେଇଥାନ୍ତି ।

ଖଡିଆମାନେ ସୂର୍ଯ୍ୟଦେବତାଙ୍କୁ ସୃଷ୍ଟି କର୍ତ୍ତା ଭାବରେ ବିଚାର କରି ପୂଜା କରନ୍ତି । ଶିମିଳିପାଳର ପ୍ରତି ପାହାଡ ଜଣେ ଜଣେ ଦେବତା ଓ ଜଙ୍ଗଲ ସଂପଦର ରକ୍ଷାକର୍ତ୍ତା ବୋଲି ଖଡ଼ିଆମାନଙ୍କର ବିଶ୍ୱାସ । ବଡାମ୍ ବୁଢୀ ତାଙ୍କର ଆରାଧ୍ୟ ଦେବୀ ।











ଏହା ବ୍ୟତୀତ ରାମରାଜା, ପବନବୀର, ମହାବୀର, ଭଣ୍ଡାର ଦେବତା, ଠାକୁରାଣୀ, ମାଉଳୀ, ବାସୁଳୀ, ବାସୁକୀ, ଗ୍ରାମଦେବୀ ଆଦି ଅନେକ ଠାକୁର ଠାକୁରାଣୀ । ଦେବଦେବୀଙ୍କ ବ୍ୟତୀତ ସେମାନେ ମଧ୍ୟ ଡାହାଣୀ ଓ ଭୂତ ପ୍ରେତରେ ବିଶ୍ୱାସ କରନ୍ତି । ପୂର୍ବପୁରୁଷଙ୍କ ପୂଜା ପରମ୍ପରା ମଧ୍ୟ ପ୍ରଚଳିତ । ଖାଦ୍ୟ ସଂଗ୍ରହ ତଥା ଶିକାରରେ ସଫଳ ହେବା ନିମନ୍ତେ ଜଙ୍ଗଲ ଦେବତାଙ୍କୁ ପୂଜା କରାଯାଏ । ସମସ୍ତେ ଏକାଠି ହୋଇ ଗ୍ରାମ ଜାହିରା ନିକଟରେ [illegible]ତାର ତୁଷ୍ଟି ବିଧାନ ତଥା ଗାଁର ମଙ୍ଗଳ ନିମନ୍ତେ ନିଜ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରନ୍ତି । ମହୁ ସଂଗ୍ରହକାରୀ ପାହାଡି ଖଡ଼ିଆ ପ୍ରଥମ ସଂଗୃହୀତ ମହୁକୁ ଠାକୁରାଣୀଙ୍କୁ ଅର୍ପଣ କରେ ।

ଗାଁ ସ୍ତରରେ ଠାକୁରାଣୀ ଦେବୀ ଖଡ଼ିଆମାନଙ୍କର ମୁଖ୍ୟ ଦେବୀ । ବର୍ଷକୁ ଥରେ ଠାକୁରାଣୀଙ୍କର 'ମେଲାଣୀ ପର୍ବ' ହୁଏ । ବସନ୍ତ ଓ ମିଳିମିଳା ଆଦି ରୋଗର ନିରାକରଣ ନିମନ୍ତେ ଗ୍ରାମବାସୀ ଠାକୁରାଣୀଙ୍କୁ ପୂଜା କରନ୍ତି । ସେମାନେ ମଧ୍ୟ ଧରଣୀ ପୂଜା କରିଥାନ୍ତି । ଦଶହରା ପର୍ବ ଅବସରରେ ନିଜ ନିଜର ଲଙ୍ଗଳ ଓ କୁରାଡ଼ୀକୁ ପୂଜା କରିବାର ପରଂପରା ରହିଛି । ଦେବଦେବୀ, ଭୂତ, ଡାହାଣୀ ଆଦିଙ୍କ କୁ ନଜର ପଡିଲେ ମଣିଷ ରୋଗ ଯନ୍ତ୍ରଣାରେ ପଡେ ବୋଲି ଖଡ଼ିଆମାନେ ବିଶ୍ୱାସ କରନ୍ତି । ସୂର୍ଯ୍ୟ ଦେବତା ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ସଂତୁଷ୍ଟ କରିବା ନିମନ୍ତେ ଛେଳି, ଘୁଷୁରି, ମଦଓ ଅନ୍ୟାନ୍ୟ ଖାଦ୍ୟ ଦ୍ରବ୍ୟ ଅର୍ପଣ କରାଯାଏ । ପାହାଡ ଓ ପର୍ବତରେ ବାସ କରୁଥିବା ଅଲୌକିକ ଶକ୍ତି ଦ୍ୱାରା ପ୍ରକୃତି ନିୟନ୍ତ୍ରିତ ହୁଏ ବୋଲି ଖଡ଼ିଆମାନେ ବିଶ୍ୱାସ କରନ୍ତି । ସେମାନେ ଗୁଣି ଗାରେଡିରେ ବିଶ୍ୱାସ କରନ୍ତି । ରୋଗୀର ରୋଗ ପରୀକ୍ଷା କରିବା ପାଇଁ ଗୁଣିଆ ଡାକନ୍ତି । ଗୁଣିଆ ତେଲ, ପାଣି ଓ କାଠି ବ୍ୟବହାର କରି ରୋଗର ନିଦାନ ନିର୍ଣ୍ଣୟ କରେ । ବର୍ତ୍ତମାନ ଏହି ପାରଂପରିକ ଲୋକ ବିଶ୍ୱାସରେ ପରିବର୍ତ୍ତନ ହେଲାଣି । ପାହାଡି ଖଡ଼ିଆମାନେ ଆବଶ୍ୟକ ସ୍ଥଳେ ଡାକ୍ତର, କବିରାଜଙ୍କ ସହ ପରାମର୍ଶ କରି ଔଷଧ ଖାଉଛନ୍ତି ।







ଯାତ୍ରା ଓ ପର୍ବପର୍ବାଣି




ପାହାଡି ଖଡ଼ିଆମାନେ ରଜ ଏବଂ ମକର ପରି ହିନ୍ଦୁ ପର୍ବପର୍ବାଣି ଜାକଜମକରେ ପାଳନ କରନ୍ତି । ରଜ ଓ ମକର ସେମାନଙ୍କର ପ୍ରିୟ ପର୍ବ । ରଜ ଉପଲକ୍ଷେ ରାମ ଦୋଳି ନାମରେ କାଠଗଣ୍ଡି ଓ ବାଉଁଶରେ ନିର୍ମିତ ଦୋଳିରେ ଝୁଲି ଆନନ୍ଦ ନିଅନ୍ତି । ସେମାନେ ରଜ ପର୍ବରେ ନୂଆ ଲୁଗା, ପୋଷାକ ପତ୍ର ପିନ୍ଧନ୍ତି । ମକର ପର୍ବରେ କୁକୁଡା ବଳି ଦିଆଯାଏ । ଝରଣା ନିକଟବର୍ତ୍ତୀ ସ୍ଥାନରେ ସମବେତ ଖଡିଆମାନେ କାଠ ଗଦା କରି ସେଥିରେ ନିଆଁ ଲଗାଇ ଦିଅନ୍ତି । ସାରାରାତି ନିଆଁଜଳେ । ଅଗ୍ନି ଦେବତାଙ୍କ ଉଦ୍ଦେଶ୍ୟରେ, ସେହି ନିଆଁରେ କୁକୁଡାକୁ ନୈବେଦ୍ୟ ଭାବରେ ସମର୍ପଣ କରି ପରିବାରର ଓ ସମାଜର ଶୁଭ ମନାସି ପ୍ରାର୍ଥନା କରିବାର ପରଂପରା ରହିଛି । ମାଗୁଣୀ ପୂଜା ହେବା ଯାଏ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ କଟକଣା ଥାଏ । ବର୍ଷକୁ ଦୁଇ ଥର ଜଙ୍ଗଲ ପୂଜା ହୁଏ । ପ୍ରଚୁର ମହୁ ସଂଗ୍ରହ ଲକ୍ଷ୍ୟରେ ଖଡ଼ିଆମାନେ ଏପ୍ରିଲ -ମେ' ମାସରେ ପ୍ରଥମ ଜଙ୍ଗଲ ପୂଜା କରିଥାନ୍ତି । ପୁନଶ୍ଚ ସେପ୍ଟେମ୍ବର - ଅକ୍ଟୋବର ମାସରେ ଉତ୍ତମ ଗୁଣମାନର ଝୁଣା ସଂଗ୍ରହ ନିମନ୍ତେ ଦ୍ୱିତୀୟ ଥର ଜଙ୍ଗଲ ପୂଜା ହୁଏ । ଧନ ଓ ଭାଗ୍ୟର ଦେବୀ ମା' ମହାଲକ୍ଷ୍ମୀଙ୍କୁ ଖଡ଼ିଆମାନେ ମାର୍ଗଶିର ମାସରେ ପୂଜା କରନ୍ତି । ଏହା ଏକ ହିନ୍ଦୁପର୍ବ । ଏହାକୁ 'ମାଣବସା' କୁହନ୍ତି ।












ପ୍ରତି ପର୍ବ ପର୍ବାଣିରେ ଅନ୍ୟାନ୍ୟ ଜନଜାତିଙ୍କ ପରି ପାହାଡି ଖଡ଼ିଆମାନେ ମଧ୍ୟ ନୃତ୍ୟ, ସଙ୍ଗୀତ ଆୟୋଜନ କରି ଅବସର ବିନୋଦନ କରିଥାନ୍ତି । ବିବାହ ଉତ୍ସବ, ମକର, ଅଷ୍ଟମୀ, ଓ ମାଣବସା ପର୍ବରେ ଛୋଟି ଓ ଚିତାରେ ଘର କାନ୍ଥକୁ ଚିତ୍ରିତ କରିଥାନ୍ତି । ବଟୁରା ଅରୁଆ ଚାଉଳକୁ ଶିଳରେ ଭଲ ଭାବରେ ବାଟି ସେଥିରେ ପାଣି ମିଶେଇ ତହିଁରେ ଚିତା ବା ଝୋଟି ପକାଯାଏ । ଖଣ୍ଡେ କାଠିରେ କନା ଗୁଡେଇ ତାକୁ ତୂଳୀ ଭାବରେ ବ୍ୟବହାର କରାଯାଏ । ହାତର ଆଙ୍ଗୁଠିକୁ ଚଳାଇ ବିଭିନ୍ନ ଆକୃତିର ଚିତା ବା ଝୋଟି ତିଆରି କରାଯାଏ । ମାର୍ଗଶୀର ମାସର ଗୁରୁବାରକୁ ଏକ ପବିତ୍ର ଦିନ ଭାବରେ ଖଡ଼ିଆମାନେ ମାନନ୍ତି । ଫସଲ ଉତ୍ପାଦନ ପରେ ଓ ଠାକୁରାଣୀ ପୂଜା ସମୟରେ ଚାଙ୍ଗୁ ବାଦ୍ୟ ବଜେଇ ଖଡ଼ିଆମାନେ ନୃତ୍ୟ - ଗୀତରେ ନିଜକୁ ହଜେଇ ଦିଅନ୍ତି । ଚାଙ୍ଗୁ ଏକ ବୃତ୍ତାକାର ବାଦ୍ୟ । ଏଥିରେ ଟିଣର ଛୋଟ ଛୋଟ ଓ ଗୋଲ ଗୋଲ୍ ଗିନି ଯୋଡିଯୋଡି ହୋଇ ଲାଗିଥାଏ । ଶିମିଳିପାଳର ବଡାମ୍ ଦେବତା ଚାଙ୍ଗୁପ୍ରିୟ । ପୁରୁଷମାନେ ଚାଙ୍ଗୁ ବାଦ୍ୟ ବଜାନ୍ତି । ମହିଳା ଓ କିଶୋରୀ ମାନେ ଗୀତ ଗାଇ ନାଚନ୍ତି । ନୃତ୍ୟ ଆରମ୍ଭରେ ବଡାମ୍ ଦେବତାଙ୍କ ତୁଷ୍ଟି ବିଧାନ ଉଦ୍ଦେଶ୍ୟରେ "ଚାଙ୍ଗୁ ବନ୍ଦନା" କରାଯାଏ ।


ଚାଙ୍ଗୁ ବ୍ୟତୀତ ପାହାଡି ଖଡ଼ିଆମାନଙ୍କର ପ୍ରିୟ ନୃତ୍ୟ ଝୁମର । ନୃତ୍ୟ ଓ ଆନନ୍ଦ ପରସ୍ପର ଅଙ୍ଗାଙ୍ଗୀ ଭାବରେ ଜଡିତ । ନୃତ୍ୟରୁ ଆନନ୍ଦ ମିଳେ । ନାଚିବା ଏକ ଦଳଗତ କଳା । ଜଣକର ନୃତ୍ୟ ତୂଳନାରେ ଦଳଗତ ନୃତ୍ୟ ବା ଗୋଷ୍ଠୀନୃତ୍ୟର ମାଦକତା ଅଧିକ ଆକର୍ଷଣୀୟ । ଗୋଷ୍ଠୀନୃତ୍ୟ ଅବିବାହିତ ଯୁବକ ଯୁବତୀ ମାନଙ୍କୁ ପରସ୍ପର ପ୍ରତି ଆକର୍ଷିତ କରିବାର ଏକ ମଉକା ଦିଏ । ବେଳେବେଳେ ଏହି ଅବସର ବୈବାହିକ ଜୀବନର ମୂଳଦୁଆ ପାକାଏ । ନୂଆଖିଆ, ରଜ, ମକର, ପୁଷ ପରବ, ଓ ଚଇତି ପରବ ଖଡ଼ିଆ ମାନଙ୍କର ମୁଖ୍ୟ ପରବ । ଏହି ସବୁ ପର୍ବରେ ସେମାନେ ଚାଙ୍ଗୁ, ବଇଁଶୀ ଓ ନାଗରା ଆଦି ବାଦ୍ୟ ବଜାଇ ଆନନ୍ଦରେ ନାଚନ୍ତି । ହାଟ ପାଳିରେ ବଜାରରେ ଗଂଜା ଲଢେଇ ଦେଖି ମଉଜ ନେଇଥାନ୍ତି ।





ଗ୍ରାମସଭା ପରେ କୁଟୁମ୍ବ ସଭା । ପଡା / ଗ୍ରାମ ସମୂହର ସବୁଠୁ ତାଲାଜ ଚତୁର ଓ ବୁଦ୍ଧିମାନ ପ୍ରଧାନ ଏହି କୁଟୁମ୍ବ ସଭାର ମୁଖ୍ୟ ସଂଯୋଜକ ଓ ପରିଚାଳକ ହିସାବରେ କାର୍ଯ୍ୟ କରନ୍ତି । ଏହି କୁଟୁମ୍ବ ସଭାରେ ଏକ ବା ଏକାଧିକ ବଂଶର ଜନଜାତି ଭାଗ ନେଇଥାନ୍ତି । ପ୍ରଧାନ, ଜନଜାତି ପ୍ରଥା ଓ ପରଂପରାର ସୁରକ୍ଷା କରନ୍ତି । ନିଜ ଜାତିରୁ କୌଣସି କାରଣରୁ ବାହାର ବା ଅଲଗା ହୋଇଥିବା ବ୍ୟକ୍ତିର ବିଚାର କରାଯାଇ ତାକୁ ପୁନଶ୍ଚ ସ୍ୱ - ଗୋଷ୍ଠୀରେ ମିଶିବା ନିମନ୍ତେ କୁଟୁମ୍ବସଭା ନିର୍ଦ୍ଦେଶ ଦେଇପାରେ । ଯେଉଁ ଜଟିଳ ଘଟଣାର ବିଚାର ଗ୍ରାମସଭା ବା ଗ୍ରାମ ପରିଷଦରେ ହୋଇନପାରେ ତାହା କୁଟୁମ୍ବ ସଭାରେ ପୁନଶ୍ଚ ବିଚାର ନିମନ୍ତେ ଗୃହୀତ ହୁଏ ।

ଦେଶ ସ୍ୱାଧୀନ ହେବା ପରେ ପାହାଡି ଖଡ଼ିଆ ଅଂଚଳରେ ଗ୍ରାମ - ପଞ୍ଚାୟତ ଶାସନ ବିଧି ପ୍ରଚଳିତ ହେଉଛି । କେତେକ ପାହାଡି ଖଡ଼ିଆ ମଧ୍ୟ ୱାର୍ଡ ମେୟର ଓ ସରପଞ୍ଚ ଭାବରେ ଜନସାଧାରଣଙ୍କ ଦ୍ୱାରା ଭୋଟ ପାଇ ନିର୍ବାଚିତ ହେଲେଣି । କେତେକ ସ୍ଥଳେ ପାରଂପରିକ ମୁଖ୍ୟ ପ୍ରଚଳିତ ଆଧୁନିକ ଶାସନ ବ୍ୟବସ୍ଥାର ମୁଖ୍ୟ ଭାବେ ନିର୍ବାଚିତ ହେଲେଣି ।



ଆଧୁନିକତାର ଦ୍ୱାହି ଦେଇ ଖଡ଼ିଆମାନେ ନିଜର ପାରଂପରିକ ପ୍ରାଚୀନ ପ୍ରଥାକୁ ପରିହାର କରି ନାହାଁନ୍ତି । ଯାହା ହେଲେ ବି ସାମାଜିକ ସାଂସ୍କୃତିକ ଓ ଧାର୍ମିକ ବାତାବରଣରେ ପାରଂପରିକତା ପ୍ରତି ଖଡିଆମାନେ ଯେପରି ପ୍ରାଧାନ୍ୟ ଦେଉଛନ୍ତି, ତାହା ସେମାନଙ୍କ ଚେତନା ଓ ବିଜ୍ଞତାର ପରିଚୟ ଦେଉଛି ।

ପରିବର୍ତ୍ତନ ଓ ଉନ୍ନୟନ

ପାହାଡି ଖଡ଼ିଆ ମାନଙ୍କର ଜୀବନଧାରା ସମୟ ସହିତ ତାଳ ଦେଇ କ୍ରମଶଃ ବଦଳିବାରେ ଲାଗିଛି । ଖଡ଼ିଆ ମାନଙ୍କର ବାସସ୍ଥଳୀ ନିକଟରେ ବାସ କରୁଥିବା ହିନ୍ଦୁ ସମାଜର ଚଳଣି ଦ୍ୱାରା ସେମାନେ ପ୍ରଭାବିତ ହେଲେଣି । ଜଙ୍ଗଲ ନୀତି ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହରେ ଜଟଳତା ସେମାନଙ୍କ ଜୀବନ ଓ ଜୀବିକାକୁ ପରିବର୍ତ୍ତନ ଆଣୁଛି । ସେମାନଙ୍କର ଧାର୍ମିକ ଓ ସାମାଜିକ ଜୀବନରେ ଏହି ପରିବର୍ତ୍ତନର ପ୍ରତିଫଳନ ସ୍ପଷ୍ଟ ହେବାରେ ଲାଗିଛି । ଜୀବନ ଓ ଜୀବିକାର ଅନ୍ୱେଷଣରେ ଖଡ଼ିଆମାନେ ସେମାନଙ୍କର ଚିରାଚରିତ ପ୍ରାଚୀନ ବାସସ୍ଥଳୀ ପାହାଡ ଅଂଚଳ ଛାଡି ଅନ୍ୟ ଅଂଚଳକୁ ଯାଉଛନ୍ତି । ତଥାପି ଖଡ଼ିଆ ପରିବାର ଗ୍ରାମାଞ୍ଚଳରେ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରି ଚଳନ୍ତି ।

ଖଡ଼ିଆମାନେ ଏବେ ସାଧାରଣ କୃଷି, ପଶୁ ପାଳନ, ଜଙ୍ଗଲରୁ ଜାଳେଣୀ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିବା ସହିତ ଦିନ ମଜୁରିଆ ଭାବରେ ମଧ୍ୟ କାମ କରି ଜୀବିକା ନିର୍ବାହ କରୁଛନ୍ତି । ସେମାନେ ଅନେକ ହିନ୍ଦୁ ପରଂପରାକୁ ଅନୁସରଣ କରୁଛନ୍ତି ଓ ହିନ୍ଦୁ ମାନଙ୍କର ପର୍ବ ପର୍ବାଣି କୁ ପାଳନ କରୁଛନ୍ତି । ପରିବର୍ତ୍ତିତ ପରିସ୍ଥିତି ଓ ସାମାଜିକ













ବାତାବରଣରେ ତଳୁଆ ବ୍ରାହ୍ମଣ, ବାରିକ ଓ ଧୋବା ମାନେ ଖଡ଼ିଆମାନଙ୍କର ଜନ୍ମ, ମୃତ୍ୟୁ ଓ ବିବାହ ପରି ସାମାଜିକ କାର୍ଯ୍ୟରେ ସେମାନଙ୍କୁ ସେବା ଯୋଗାଇବା ନିମନ୍ତେ ଆଗଭର ହେଲେଣି ।

ବିଭିନ୍ନ ସରକାରୀ ଓ ଅଣ - ସରକାରୀ ସଂସ୍ଥା ଖଡ଼ିଆ ମାନଙ୍କର ସର୍ବାଙ୍ଗୀନ ଉନ୍ନତି କଳ୍ପେ ବହୁ ଯୋଜନା ପ୍ରଣୟନ କରି ସେ ସବୁକୁ କାର୍ଯ୍ୟକାରୀ ଦେବାରେ ଲାଗି ପଡିଛନ୍ତି । ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରି ସରକାରୀ ଅନୁଷ୍ଠାନ ମାନଙ୍କର ଭୂମିକା ଏ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଖଡ଼ିଆ ସମାଜର ଏକ ଅଂଶ ଭାବରେ ପାହାଡି ଖଡ଼ିଆ ମାନଙ୍କୁ ପ୍ରାଚୀନତମ ଜନଜାତି ଭାବରେ ଚିହ୍ନିତ କରାଯାଇଛି । ୧୯୮୭ ମସିହାରୁ ୧୮ ଗୋଟି ଗ୍ରାମରେ ବସବାସ କରୁଥିବା ପାହାଡି ଖଡ଼ିଆ ଆଦିମ ଜନଜାତି ମାନଙ୍କ ଉନ୍ନତି କଳ୍ପେ ମୟୂରଭଂଜ ଜିଲ୍ଲାର ଯଶୀପୁର ନିକଟରେ ଏକ ଅଣୁପ୍ରକଳ୍ପ (ପାହାଡ଼ି ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା) କାର୍ଯ୍ୟ କରୁଛି । ଦୂତ ଜଙ୍ଗଲ ସଂପଦର ଅବକ୍ଷୟ ସହିତ ସରକାରୀ ଜଙ୍ଗଲ ନୀତି ପାହାଡି ଖଡ଼ିଆମାନଙ୍କୁ ସାଧାରଣ କୃଷି, ପଶୁପାଳନ, କ୍ଷୁଦ୍ର ବ୍ୟବସାୟ ଓ ଦିନ ମଜୁରିଆ ହୋଇ ଶ୍ରମଜୀବୀ ଭାବରେ ବଂଚିବାପାଇଁ ବାଧ କରିଛି । ଗାଡି ଚଳାଇବା ; ଆଚାର ତିଆରି, ପତ୍ର ଥାଳି ତିଆରି ଆଦି କାମ କରିବାରେ ଖଡିଆମାନେ ଧୁରନ୍ଧର ହେଲେଣି । ଅଣୁପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ଜରିଆରେ ପ୍ରଭାବିତ ହୋଇ ଆଦିମ ଜନଜାତି ପାହାଡି ଖଡ଼ିଆ ମୁଖ୍ୟ ସାମାଜିକ ସ୍ରୋତରେ ନିଜ ଜୀବନ ସ୍ରୋତକୁ ସାମିଲ କରିବା ନିମନ୍ତେ ଆଗଭର ହେଲେଣି । କେତେଜଣ ଖଡ଼ିଆ ଶିକ୍ଷଜତା କରିବା ସହିତ ଆଉ କେତେଜଣ ଜଙ୍ଗଲ ବିଭାଗ ଓ










ଅନ୍ୟାନ୍ୟ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ କର୍ମ ନିଯୁକ୍ତି ପାଇଲେଣି । ସେମାନଙ୍କ ଜୀବନ ଧାରଣର ସାଧାରଣ ମାନ ବଦଳିବାରେ ଲାଗିଛି । ସେମାନଙ୍କୁ ଇନ୍ଦିରା ଆବାସ ଗୃହ ଦେବା; ପାନୀୟ ଜଳର ବ୍ୟବସ୍ଥା କରିବା, ରାସ୍ତାଘାଟର ସୁବିଧା, ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା, ଶିକ୍ଷା ଓ ପରିବେଶର ଉନ୍ନତି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମୟିକ ବିକାଶ ପ୍ରତି ସରକାର ଧ୍ୟାନ ଦେଉଛନ୍ତି ।



ଏହା ବ୍ୟତୀତ ସେମାନଙ୍କ ଆର୍ଥିକ ବିକାଶ ନିମନ୍ତେ ବ୍ୟକ୍ତିଗତ ଓ ଗୋଷ୍ଠୀ ଗତ ଭାବରେ ଛେଳି ପାଳନ, ମାଛ ଚାଷ, ସିଲେଇ ମେସିନ, ପତ୍ରଥାଳି ତିଆରି ମେସିନ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ଦେବାର ବ୍ୟବସ୍ଥା ରହିଛି । ଏହା ଦ୍ୱାରା ଖଡ଼ିଆ ମାନେ ଉପକୃତ ହେଉଛନ୍ତି । ସେମାନଙ୍କର ସାମାଜିକ ଓ ଆର୍ଥିକ ଜୀବନ ଧାରା ବଦଳୁଛି । ସେମାନଙ୍କ ଦୃଷ୍ଟିଭଙ୍ଗୀରେ ମଧ୍ୟ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖା ଦେଲାଣି ।




ସ୍ୱ - ରୋଜଗାର ଯୋଜନା (SHG) ଜରିଆରେ ଉଭୟ ପୁରୁଷ ଓ ମହିଳା ଗୋଷ୍ଠୀ କାମ କରି ନିଜକୁ ତଥା ନିଜ ସମାଜକୁ ଓ ସାମାଜିକ ଜୀବନକୁ ସରସ - ସୁନ୍ଦର କରିବାରେ ଲାଗି ପଡିଛନ୍ତି ।

ଆଧୁନିକ କୃଷି ପ୍ରଣାଳୀର ପ୍ରଚଳନ; ବହୁବିଧ ଫସଲ ବ୍ୟବସ୍ଥା, ଅଧିକ ଅମଳକ୍ଷମ ବିହନ ଯୋଗାଣ, ଜଳ ସେଚନର ବିହିତ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ଖଡ଼ିଆ ଜନଜୀବନର ପ୍ରଗତିକୁ ତ୍ୱରାନ୍ୱିତ କରୁଛି ।











ଗୋଷ୍ଠୀଗତ ଭାବରେ ଉଦ୍ୟମ କରି ଉତ୍ପାଦିତ ଦ୍ରବ୍ୟର ବିପଣନ ମାଧ୍ୟମରେ ଖଡ଼ିଆ ମାନେ ଆଖି ଦୃଶିଆ ଉନ୍ନତି କରି ପାରିଛନ୍ତି । "ସେ ଦିନର ଖଡ଼ିଆ ଓ ଆଜିର ଖଡ଼ିଆ" ମଧ୍ୟରେ ତଫାତ୍ ସହଜରେ ବାରିହେଉଛି । ଉପଯୁକ୍ତ ପ୍ରଶିକ୍ଷଣ ପାଇ କେତେଜଣ ପାହାଡି ଖଡ଼ିଆ ମହୁଚାଷ ଓ କ୍ଷୁଦ୍ର ବ୍ୟବସାୟରେ ନିଜକୁ ନିୟୋଜିତ କଲେଣି ।

ସବୁଠାରୁ ବଡ କଥା ହେଲା ସରକାରଙ୍କ ଦ୍ୱାରା ପରିଚାଳିତ ଅଣୁପ୍ରକଳ୍ପ ମାନବ ସଂବଳ ବିକାଶ କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେଇ ନର୍ସରୀ ଓ ପ୍ରାଥମିକ ଶିକ୍ଷାର ବିକାଶ ନିମନ୍ତେ ଜ୍ଞାନ ମନ୍ଦିର ଖୋଲିଛି । ଅଣୁ ପ୍ରକଳ୍ପ ଦ୍ୱାରା ପ୍ରାୟୋଜିତ ଜ୍ଞାନ ମନ୍ଦିର ଖଡ଼ିଆ ମାନଙ୍କର ଜ୍ଞାନର ବିକାଶରେ ସହାୟକ ହେଉଛି । ଜ୍ଞାନମନ୍ଦିର ସହିତ ଶିକ୍ଷାୟତନ ଓ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରର କାର୍ଯ୍ୟ ଧାରା ମଧ୍ୟ ସନ୍ତୋଷଜନକ । ଆଦିମ ପାହାଡି ଖଡ଼ିଆ ମାନେ ଆଜି ନୂଆ ସକାଳର ଅପେକ୍ଷାରେ ।





ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସହ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି



ପାଉଡ଼ି ଭୂୟାଁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର, ଓଡ଼ିଶା

୨୦୧୨

ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)

କମିଶନର ତଥା ଶାସନ ସଚିବ

ପାଉଡ଼ି ଭୂୟାଁ



ମୂଳ ଇଂରାଜୀ :
ଅଖିଳ ବିହାରୀ ଓଡା
ଅନନ୍ତ ଚରଣ ସାହୁ

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓଡା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



ଉପକ୍ରମଣିକା



ଇତିହାସ ପ୍ରସିଦ୍ଧ ଭୂୟାଁ ଜନଜାତି ମାନଙ୍କ ମଧ୍ୟରେ ପାଉଡ଼ି ଭୂୟାଁ ଅନ୍ୟତମ ପ୍ରମୁଖ ଉପଗୋଷ୍ଠୀ । ଏମାନେ ଝାରଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମରେ ଦେଖାଯାଆନ୍ତି । ପାଉଡ଼ି ଭୂୟାଁମାନଙ୍କୁ ପାହାଡ଼ି ଭୂୟାଁ ମଧ୍ୟ କୁହାଯାଏ । ଓଡ଼ିଶାର ସୁନ୍ଦରଗଡ଼, କେଉଁଝର, ମୟୁରଭଞ୍ଜ, ଝରପୁଗୁଡ଼ା, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ପାଉଡ଼ି ବା ପାହାଡ଼ି ଭୂୟାଁ ବସବାସ କରନ୍ତି । ଏମାନଙ୍କୁ ଓଡ଼ିଶାରେ ଅନ୍ୟତମ ଆଦିମ ଜନଜାତି ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରାଯାଇଛି । ପାଉଡ଼ି ଭୂୟାଁମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନଚର୍ଯ୍ୟା ଅନ୍ୟମାନଙ୍କଠାରୁ ଅଲଗା । ୨୦୦୧ର ଜନଗଣନା ଅନୁସାରେ ଓଡ଼ିଶାରେ ଭୂୟାଁମାନଙ୍କର ସଂଖ୍ୟା ୨ ଲକ୍ଷ ୪୨ ହଜାର ପାଞ୍ଚଶହ ତେତ୍ତରୀ । ଏଥିରୁ ୧ ଲକ୍ଷ ୨୧ ହଜାର ନଅଶହ ଏକାବନ ଜଣ ପୁରୁଷ ଓ ୧ ଲକ୍ଷ ଚବିଶି ହଜାର ଛଅଶହ ବାଇଶି ଜଣ ମହିଳା । ପାଉଡ଼ି ଭୂୟାଁମାନଙ୍କୁ ଜନଗଣନାରେ ସ୍ୱତନ୍ତ୍ର ଭାବରେ ଗଣନା କରାଯାଇ ଥିବାରୁ ଏମାନଙ୍କର ସଠିକ୍ ସଂଖ୍ୟା ଆକଳନ କରିହେବ ନାହିଁ । ପାଉଡ଼ି ଭୂୟାଁମାନେ ପ୍ରଧାନତଃ ପାହାଡ଼ ପର୍ବତ ପରିପୂର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ବାସ କରନ୍ତି । ଏହି ଅଞ୍ଚଳ ପ୍ରାୟତଃ ଅନ୍ୟ ଅଞ୍ଚଳଠାରୁ ବିଚ୍ଛିନ୍ନ ଓ ଅଲଗା । ବହୁ ପାଉଡ଼ି ଭୂୟାଁ ବସତିକୁ ସବୁଦିନିଆ ରାସ୍ତା ନାହିଁ । ବସତି









ସମୂହର ଭୌଗୋଳିକ ଅବସ୍ଥିତି ଏହାର ମୁଖ୍ୟ କାରଣ । ପୋଡୁଚାଷ ଯୋଗୁଁ ଏବେ ପାଉଡ଼ିଭୂୟାଁ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଦେଖାଯାଏ ନାହିଁ ।



ପାଉଡ଼ି ଭୂୟାଁମାନେ ଆଞ୍ଚଳିକ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି ଯାହା ଉଚ୍ଚାରଣ ଦୃଷ୍ଟିରୁ ସାଧାରଣ ଓଡ଼ିଆ ଭାଷାଠାରୁ ଟିକିଏ ଭିନ୍ନ । ସେମାନେ ଶାରୀରିକ ଗଠନ ଦୃଢ଼ ଓ ହୃଷ୍ଟପୁଷ୍ଟ । ଉଚ୍ଚତା ମଧ୍ୟମ । ନାକମୂଳ ଚଉଡ଼ା ଓ ଚେପଟା । ଓଠ ମୋଟା । ଚର୍ମର ରଙ୍ଗ ସାଧାରଣ ପାଉଁଶିଆ ।

ପୁରୁଷମାନେ ସାଧାରଣତଃ ଧୋତି, ଗଞ୍ଜି ଓ ସାର୍ଟ ପିନ୍ଧନ୍ତି । ମହିଳାମାନେ ଶାଢ଼ୀ ଓ ବ୍ଲାଉଜ୍ ପିନ୍ଧନ୍ତି । ସେମାନେ ତାଙ୍କ ଶରୀରକୁ ପାରମ୍ପରିକ ଅଳଙ୍କାରରେ ସଜାନ୍ତି । ବୁଡ଼ି, ବାହୁବନ୍ଧ, ପାଉଁଜି, ହାର, ବେକ ମାଳି, ନାକଫୁଲ, କାନଫୁଲ ଆଦି ଅଳଙ୍କାର ବ୍ୟବହାର କରନ୍ତି । ଏସବୁ ବିଭିନ୍ନ ଧାତୁରେ ତିଆରି । ମହିଳାମାନେ ସେମାନଙ୍କର ଜୁଡ଼ାକୁ ମୁଣ୍ଡକଣ୍ଟା ଓ ବିଭିନ୍ନ ପ୍ରକାର ରଙ୍ଗିନ୍ ଫୁଲରେ ସଜାନ୍ତି ।







ବସତି ଓ ଗୃହ



ପାଉଡ଼ି ଭୂୟାଁମାନଙ୍କ ବସତିସ୍ଥଳ ଶାଳବଣରେ ପରିପୂର୍ଣ୍ଣ । ପାହାଡ଼ ଶୀର୍ଷରେ ଅଥବା ଗଡ଼ାଣିଆ ସ୍ଥାନରେ ବସବାସ କରୁଥିବାରୁ ପୋଡୁଚାଷ ନିମନ୍ତେ ପର୍ଯ୍ୟାପ୍ତ ଜମିର ସୁବିଧା ମିଳେ । ଜଙ୍ଗଲରେ ବସବାସ କରୁଥିବାରୁ ସେମାନେ ଜୀବନ ଜୀବିକା ନିମନ୍ତେ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲରୁ ଖାଦ୍ୟ ସଂଗ୍ରହ ଓ ଶିକାର କରନ୍ତି ।

ଗାଁର କେନ୍ଦ୍ରସ୍ଥଳରେ ଯୁବାଘର (ଦରବାରଘର) ରହିଥାଏ । ଏହି ଯୁବାଘର ଗାଁର ଯୁବଗୋଷ୍ଠୀଙ୍କ ନିମନ୍ତେ ଉଦ୍ଦିଷ୍ଟ । ଗାଁର ଅନ୍ୟ ପୁରୁଷ ସଦସ୍ୟମାନେ ମଧ୍ୟ ଏଠାରେ ବିଶ୍ରାମ ନିଅନ୍ତି । ଏହାମଧ୍ୟ ଅତିଥିଶାଳର କାର୍ଯ୍ୟକରେ । 'ଦରବାର ଘର'କୁ ଗାଁର ବିଚାରାଳୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏଠାରେ ଗ୍ରାମ କଳହର ସମାଧାନ କରାଯାଏ ।











‘ଦରବାର ଘର’ ଭିତରେ କାନ୍ଥରେ ହରିଣ ଶିଙ୍ଗ ପୋତାଯାଇଥାଏ । ସେହି ଶିଙ୍ଗରେ ଅବିବାହିତ ଯୁବକମାନେ ଚାଙ୍ଗୁବାଦ୍ୟ ଝୁଲାଇଥାନ୍ତି । ଘରକୋଣରେ କାଠମଞ୍ଚାଉପରେ ଶସ୍ୟପେଡ଼ି ରଖାଯାଇଥାଏ ।

ଦରବାର ଘରେ ପୁରୁଷମାନେ ଶୀତଦିନେ ନିଆଁ ପୁଅଁନ୍ତି । ଦରବାର ଘରକୁ ଲାଗି ଗାଁ ଠାକୁରାଣୀଙ୍କ ଆସ୍ଥାନ । ଗୋଟିଏ କଡ଼କୁ ଗାଇଁଶିରୀ ଖୁଣ୍ଟ ପ୍ରତିଷ୍ଠା କରାଯାଇଥାଏ । ଏହି କାଠ ଖୁମ୍ଭଟିରେ ନାନା ପ୍ରକାର ଆକୃତି ଅଙ୍କିତ ହୋଇଥାଏ । ବିଭିନ୍ନ ପର୍ବପର୍ବାଣି ଓ ଧାର୍ମିକ ପୂଜା ଅବସରରେ ଏଠାରେ ଲୋକମାନଙ୍କର ଭିଡ଼ ଜମେ ।

ଆଧୁନିକତାର ପ୍ରଭାବରେ ଯୁବାଘରର କାର୍ଯ୍ୟକାରିତା ହ୍ରାସପାଇଛି । ତଥାପି ଅନେକ ପାଉଡ଼ି ଭୂୟାଁ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ବଜାୟ ରଖିବାକୁ ଯାଇ ଏହାକୁ ଗୋଷ୍ଠୀ କେନ୍ଦ୍ର ହିସାବରେ ପରିଚାଳନା କରନ୍ତି







। ଗୋଟିଏ ପାଉଡ଼ି ଭୂୟାଁ ଗାଁ ପ୍ରାୟ ୫ ରୁ ୨୦ଟି ପର୍ଯ୍ୟନ୍ତ ପରିବାରକୁ ନେଇ ଗଠିତ । ଗୋଟିଏ ଗୋଟିଏ ବଡ଼ ଗାଁରେ ପ୍ରାୟ ୭୦ ପରିବାର ବସବାସ କରୁଥିବାର ଦେଖାଯାଏ । ପାଉଡ଼ି ଭୂୟାଁ ବସତିର ଅନତି ଦୂରରେ କୁଆଙ୍ଗ, ମୁଣ୍ଡା ଓ କୋହ୍ଲ ଜନଜାତିମାନେ ବାସକରନ୍ତି । ଅଣ-ଜନଜାତି ଗଉଡ଼, କମାର, ଗୁଡ଼ିଆ, ଖଣ୍ଡାୟତ ଆଦି ମଧ୍ୟ ଭୂୟାଁ ବସତି ନିକଟରେ ବାସ କରୁଥିବାର ଦେଖାଯାଏ ।

ଆଗରୁ ପାଉଡ଼ି ଭୂୟାଁମାନେ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହେଲେ ଅଥବା ବସତି ଅଞ୍ଚଳରେ ଦୈବ ଦୁର୍ବିପାକ ଦେଖାଦେଲେ, ସଂକ୍ରାମକ ବ୍ୟାଧି ବ୍ୟାପିଲେ, ଲଗାତର ଫସଲହାନି ହେଲେ, ବସତିସ୍ଥଳ ପରିବର୍ତ୍ତନ କରୁଥିଲେ । ପାଉଡ଼ି ଭୂୟାଁ ମାନଙ୍କ ବସତି ଅଞ୍ଚଳରେ ସ୍ଥାପିତ (ଗାଇଁଶିରୀଙ୍କ ପ୍ରତୀକ ଖୁଣ୍ଟ) ଉପୁଡ଼ିଗଲେ ଅଥବା ଭାଙ୍ଗିଗଲେ ଏହାକୁ ଐଶ୍ୱରିକ ଅଦୃଷ୍ଟ ଶକ୍ତିର ସତର୍କ ଘଣ୍ଟି ବୋଲି ବିଚାର କରି ବସତିସ୍ଥାନ ପରିବର୍ତ୍ତନ କରାଯାଏ । ନୂତନ ବସତି ଅଞ୍ଚଳ ବାନ୍ଧିବା ସମୟରେ ଚିରସ୍ରୋତା ଜଳାଧାର ଥିବା ସ୍ଥାନ ପ୍ରତି ଗୁରୁତ୍ୱ ଦିଆଯାଏ ।

ପାଉଡ଼ିଭୂୟାଁ ମାନଙ୍କର ଘର ଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ । ଘରର କାନ୍ଥଗୁଡ଼ିକ ନାଲିମାଟି ଓ ଗୋବରରେ ଲିପାପୋଛା ହୋଇଥାଏ । ବର୍ଷସାରା ମହିଳାମାନେ ଘରକୁ ସୁନ୍ଦର ଓ ଆକର୍ଷଣୀୟ ରଖିବା ପ୍ରତି ସଚେତନ ଥାନ୍ତି । ଘରର ସମ୍ମୁଖ ଭାଗ ଅଗଣା ଓ ପଛ ବାଡ଼ିପଟ ସ୍ଥାନକୁ ନିୟମିତ ଭାବରେ ଓଳାଇ ସଫା ରଖାଯାଏ ।

ଗୋଟିଏ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଘରଗୁଡ଼ିକ ବିକ୍ଷିପ୍ତ ଭାବରେ ତିଆରି ହୋଇଥାଏ । ପ୍ରତି ପରିବାରର ଗୋଟିଏ ଘରୋଇ ବଗିଚା ଥାଏ । ସେଠାରେ ସେମାନେ କଖାରୁ, ଲାଉ, ଲଙ୍କାମରିଚ, ମକା ଆଦି ପରିବା ଚାଷ କରନ୍ତି । ଶୀତ ଦିନରେ













ଧୂଆଁପତ୍ର ଓ ସୋରିଷ ଚାଷ କରାଯାଏ । ରହିବାଘର ପାଖରେ ଗୁହାଳଘର ହୋଇଥାଏ ।

ନୂଆଘରଟିଏ ତିଆରି କରିବା କାମ ବୁଧବାର ବା ଶୁକ୍ରବାରଠାରୁ ଆରମ୍ଭ ହୁଏ । ଏଥି ନିମନ୍ତେ ଗୃହ ଦେବୀଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଘରର ମୁଖ୍ୟ ସଦସ୍ୟଙ୍କୁ ପୂଜା କରିବାକୁ ହୋଇଥାଏ । ପାଉଡ଼ି ଭୂୟାଁଙ୍କ ମୁଖ୍ୟ ରହିବାଘରର ଆକାର ଆୟତକ୍ଷେତ୍ର ପରି । ଘରର ଚାଳ ଗଡ଼ାଣିଆ । କେତେଗୋଟି କାଠଖୁଣ୍ଟ ଘରର ସମସ୍ତ ଭାର ସମ୍ଭାଳିଥାଏ । ଘରର କାନ୍ଥ ମାଟି କାଦୁଅରେ ତିଆରି । ବାଉଁଶ ତିଆରି ତାଟିକୁ ଦୁଆର କବାଟ ଭାବରେ ବ୍ୟବହାର କରାଯାଏ । ଥିଲାବାଲା ଲୋକମାନେ କାଠର ଚଉକାଠ ଓ କାଠ କବାଟ ବ୍ୟବହାର କରନ୍ତି । ଘର ଚାରିପଟେ ବାରଣ୍ଡା ଥାଏ । ଘରଟିକୁ ମୁଖ୍ୟତଃ ତିନି ବଖରାରେ ବିଭକ୍ତ କରାଯାଇଥାଏ । ଭିତର ବଖରାରେ ଧାନ ଚାଉଳ ଓ ଅନ୍ୟାନ୍ୟ ଦରକାରୀ ଘରୋଇ ଆସବାବ ପତ୍ର ରଖାଯାଏ । ମଝି ବଖରାଟି ରୋଷେଇ ଘର । ରୋଷେଇ ଘରେ ପୂର୍ବପୁରୁଷଙ୍କୁ ପୂଜା ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ଥାଏ । ତାକୁ ମଧ୍ୟ ଶୟନ କକ୍ଷଭାବରେ ବ୍ୟବହୃତ କରାଯାଏ । ବାହାର ଲୋକ ସେହି ଘରକୁ ପଶିବା ମନା । ସେଠାରେ ପୂର୍ବ ପୁରୁଷମାନେ ରହୁଥିବାରୁ ବାହାର ଲୋକଙ୍କ ଅବାଧ ଅନୁପ୍ରବେଶ ହୁଏନାହିଁ । ସେଠାକୁ ଅବାଧ ପ୍ରବେଶ ହେଲେ ଘରର ପବିତ୍ରତା ରହିବ ନାହିଁ । ପୂର୍ବପୁରୁଷ ମାନଙ୍କ ଶାନ୍ତି ଓ ତୃପ୍ତି ସହିତ ଘରର ପ୍ରଗତି ଜଡ଼ିତ । ସେମାନେ ଅସନ୍ତୁଷ୍ଟ ହେଲେ ଘରକୁ ବିପଦମାଡ଼ିଆସେ ଓ ଘରର ସଦସ୍ୟ ମାନଙ୍କର ନାନା ପ୍ରକାର ଅସୁବିଧା ହୁଏ ବୋଲି ବିଶ୍ୱାସ ରହିଛି । ଏହି କାରଣରୁ ଅତିଥି ଓ ଅନ୍ୟାନ୍ୟ ବାହାରଲୋକଙ୍କ ଉଠାବସା ନିମନ୍ତେ ଏକ ସ୍ୱତନ୍ତ୍ର ବଖରା ରହିଥାଏ । ସେହି ଘରଟିକୁ ମଧ୍ୟ ମହିଳାମାନଙ୍କ ପ୍ରସବଗୃହ ଭାବରେ ବ୍ୟବହାର କରାଯାଏ ।



ଆଗରୁ ପାଉଡ଼ି ଭୂୟାଁମାନେ ମାଟିପାତ୍ର ବ୍ୟବହାର କରୁଥିଲେ । ଏବେ ମାଟିପାତ୍ର ବଦଳରେ ଆଲୁମିନିୟମ ବାସନ କୁସନ ବ୍ୟବହାର କରୁଛନ୍ତି । ଯାହାହେଲେବି ମାଟିପାତ୍ର, ଲାଉତୁମ୍ବା, ଖଜୁରୀ ପଟି, କାଠଖଟ, ପତ୍ରତିଆରି ଛତା, ତଲାରି, ବାଉଁଶ ଝୁଡ଼ି, ଝାଡୁ, ଶିଳ, କୁରାଢୀ, ଛୁରୀ, ଧନୁ, ତୀର, ହଳ ଲଙ୍ଗଳ, କିରୋସିନି ଲ୍ୟାମ୍ପ୍ ପରି କେତେକ ସାଧାରଣ ଜୀବନରେ ବ୍ୟବହାର ଉପଯୋଗୀ ଜିନିଷ ରଖାଯାଇଥାଏ ।






ଅର୍ଥନୈତିକ ଜୀବନ



ପାଉଡ଼ିଭୂୟାଁମାନେ ପୋଡୁଚାଷ କରନ୍ତି । ଏହାକୁ 'କମଣ' କୁହାଯାଏ । ଜଙ୍ଗଲ ଜମିର ଯେଉଁ ଅଂଶରେ ପୋଡୁଚାଷ କରାଯାଏ ତାହା ବିରିଙ୍ଗା ନାମରେ ପରିଚିତ । ବିରିଙ୍ଗା ଜମିରେ ପାଉଡ଼ି ଭୂୟାଁମାନଙ୍କର ବ୍ୟକ୍ତିଗତ ତଥା ପାରିବାରିକ ଅସ୍ଥାୟୀ ସ୍ୱତ୍ୱାଧିକାର ଥାଏ । କିଛି ବର୍ଷପରେ ସେହି ଜମି ଉଠିଆ ହୋଇଗଲେ ତାହା ଗ୍ରାମବାସୀଙ୍କର ସମୂହ ସମ୍ପତ୍ତି ପାଲଟିଯାଏ। ଦ୍ୱିତୀୟ ବର୍ଷରେ ଏହାକୁ କମଣ ଓ ତୃତୀୟ ବର୍ଷରେ ଗୁଡ଼ା କହନ୍ତି । ସେମାନେ ବିରିଙ୍ଗାରେ ବିରି , ଶିମ୍ବ, କଖାରୁ ଓ ଗୁଡ଼ାରେ ଧାନ, ବାଜରା, ବରଗୁଡ଼ି ଆଦି ଚାଷ କରନ୍ତି ।

ଧାନ ଚାଷ କରାଯାଉଥିବା କ୍ଷେତକୁ ବିଲ ବା ଜମି କହନ୍ତି । ବିଲ ବା ଜମି ବ୍ୟକ୍ତିଗତ ମାଲିକାନାରେ ଥାଏ । ଏହି ଜମି ପ୍ରାୟତଃ ଜଳସେଚିତ । ଅନ୍ୟ ଜମି ତୁଳନାରେ ଏହାର ମୂଲ୍ୟ ଅଧିକ । ଚାଷ ନିମନ୍ତେ ଏହା ସର୍ବୋତ୍କୃଷ୍ଟ ବୋଲି ବିଚାର କରାଯାଏ । ବାସଗୃହ ସନ୍ନିକଟରେ ଥିବା ଘରୋଇ ବଗିଚାକୁ ବାଡ଼ି କହନ୍ତି । ବାଡ଼ିରେ ବିଭିନ୍ନ ପନିପରିବା, ମକା, ସୋରିଷ ଆଦି ଚାଷ କରାଯାଏ । ବାଡ଼ିର ଭୂମି ବହୁତ ଉର୍ବର ।

ଯୁବ ସଂଗଠନ ନିମନ୍ତେ ଅବିବାହିତ ଯୁବକ ଯୁବତୀମାନେ ଏକାଠି ହୋଇ ସାମୂହିକ ଚାଷ କରନ୍ତି । ସେହିପରି ଗ୍ରାମବାସୀମାନଙ୍କ ମିଳିତ ଉଦ୍ୟମରେ ଚାଷରୁ ଯେଉଁ ଫସଲ ଉତ୍ପାଦନ ହୁଏ ତାହା ଗୋଷ୍ଠୀସ୍ତରୀୟ ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନରେ ଖର୍ଚ୍ଚ ହୁଏ । ପୋଡୁଚାଷ କରିବା ନିମନ୍ତେ ଗୋଟିଏ ଗାଁର ଜମିର ଅଭାବ ଥିଲେ ପଡ଼ୋଶୀ ଗ୍ରାମବାସୀଙ୍କୁ ଅନୁରୋଧ କରି କିଛି ପୋଡୁଜମି ଅସ୍ଥାୟୀ ଭାବରେ ଅଣାଯାଏ । ଏପରି କରିବାକୁ ହେଲେ ପଡ଼ୋଶୀ ଗ୍ରାମବାସୀଙ୍କୁ ଭୋଜିଭାତ ଓ ମଦଦେଇ ସନ୍ତୁଷ୍ଟ କରିବାକୁ ପଡ଼େ । ଜୀବିକା ନିର୍ବାହ ନିମନ୍ତେ କେତେକ ପାଉଡ଼ିଭୂୟାଁ ପୋଡୁଚାଷ କରନ୍ତି, ଆଉ କେତେକ ଦିନ ମଜୁରୀ ଲାଗନ୍ତି । ପୁରୁଷ ଓ ମହିଳା ସମସ୍ତେ କାମ କଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ କାମ କେବଳ ପୁରୁଷମାନେ କରିଥାନ୍ତି । ହଳ କରିବା, ମଞ୍ଚି ବୁଣିବା, ଘର ଛପର କରିବା, ଗଛ ଚଢିବା ଓ ଶିଳାର କରିବା ଭଳି କାମ କେବଳ ପୁରୁଷମାନେ କରିଥାନ୍ତି । ରୋଷେଇ, ଘରକାମ ଓ ପିଲାମାନଙ୍କର ଯତ୍ନନେବା ମହିଳା









ମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଜମିରୁ ଅନାବନା ଘାସ ବାଛିବା; ଘଞ୍ଚ ବୁଦା କାଟି ସଫା କରିବା, ସାରଦେବା, ଫସଲ କାଟିବା, ଘରର କାନ୍ଥ, ଚଟାଣ ଲିପାପୋଛା କରିବା, ଘର ଓଳାଇବା, ମସିଣା ବୁଣିବା, ରୋଷେଇ କରିବା ପ୍ରାୟତଃ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ଆବଶ୍ୟକ ସ୍ଥଳେ ପାଉଡ଼ି ଭୂୟାଁମାନେ ନିଜ ଗୋଷ୍ଠୀ ଭିତରେ ପରସ୍ପରକୁ ବିଭିନ୍ନ କର୍ମରେ ସାହାଯ୍ୟ କରନ୍ତି । ଏଥିପାଇଁ କେତେକ କ୍ଷେତ୍ରରେ ଦୈନିକ ମଜୁରୀ ଓ ଆଉ କେତେକ କ୍ଷେତ୍ରରେ ବାର୍ଷିକ ମଜୁରୀ ବା ପାଉଣା ନିର୍ଦ୍ଧାରିତ ହୋଇଥାଏ । କାମ କରିବାକୁ କେହି କାହାକୁ ବାଧ କରେ ନାହିଁ । ଶ୍ରମ ଲାଘବ ନିମନ୍ତେ କାମ କଲାବେଳେ ସେମାନେ ଗୀତ ବୋଲିଥାନ୍ତି । ଗୀତର ସୁରରେ ଜୀବନର ସବୁ କ୍ଲାନ୍ତ, ଅବସାଦହଜିଯାଏ ।

ଫସଲକୁ ନାନା ପ୍ରକାର ପ୍ରାକୃତିକ ଦୁର୍ବିପାକ ଓ ପଶୁପକ୍ଷୀ କୀଟପତଙ୍ଗଙ୍କ କବଳରୁ ରକ୍ଷା କରିବା ନିମନ୍ତେ ସେମାନେ ପ୍ରକୃତିର ଉପାସନା କରିଥାନ୍ତି । ପୂଜା କରି ପ୍ରକୃତି ଦେବୀଙ୍କୁ ସନ୍ତୁଷ୍ଟ କରନ୍ତି । ଗୋଟିଏ ଫସଲ ଉତ୍ପାଦନ ପରେ ଆଉ ଗୋଟିଏ ଫସଲର ଆରମ୍ଭ । ଏହି ବିରତି ସମୟର ସତ୍ ବ୍ୟବହାର କରି ଆନନ୍ଦ ଉତ୍ସାହରେ ପର୍ବପର୍ବାଣି ପାଳନ୍ତି ପାଉଡ଼ି ଭୂୟାଁମାନେ ।

ପୋଡୁଚାଷ ଓ ସାଧାରଣ ଚାଷ ବ୍ୟତୀତ ସେମାନେ ଶିକାର, ମାଛ ଧରିବାଓ ଖାଦ୍ୟ ସଂଗ୍ରହ କରିବା କାର୍ଯ୍ୟ ମଧ୍ୟ କରିଥାନ୍ତି । ବିକ୍ରି କରିବା ପାଇଁ ହେଉ ଅଥବା ନିଜର ପାରିବାରିକ ଖର୍ଚ୍ଚ ନିମନ୍ତେ ହେଉ ସେମାନେ ନିକଟସ୍ଥ ଜଙ୍ଗଲରୁ - ଛତୁ, କନ୍ଦମୂଳ, କଅଁଳିଆ ଡ଼ାଳ, ପତ୍ର, ଫଳ, କୋଳି, ମଞ୍ଜି ଆଦି ସଂଗ୍ରହ କରିଥାନ୍ତି । ପ୍ରାୟ ସବୁ ଋତୁରେ ପାଉଡ଼ି ଭୂୟାଁମାନେ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ଯଥା - ଲାଖ, ଝୁଣା, ଚାରକୋଳି, ଜଙ୍ଗଲି ଘାସରୁ ପ୍ରସ୍ତୁତ ଦଉଡ଼ି, ଜାଳେଣୀ କାଠ ଓ ଅନ୍ୟାନ୍ୟ ଦ୍ରବ୍ୟ ସଂଗ୍ରହ କରନ୍ତି । ପାଉଡ଼ି







ଭୂୟାଁ ମାନଙ୍କ ସାମାଜିକ ଓ ଆର୍ଥିକ ଜୀବନ ଜଙ୍ଗଲ ସହିତ ଜଡ଼ିତ ।



ପାଉଡ଼ି ଭୂୟାଁମାନେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ କରନ୍ତି । କୁକୁଡ଼ା ଓ ଛେଳି କେବଳ ପାରିବାରିକ ଖର୍ଚ୍ଚ ତୁଲାଇବା ତଥା ମାଂସ ଛଡ଼ା ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବା ବଳିଦେବା ପାଇଁ ମଧ୍ୟ ପାଳନ କରିଥାନ୍ତି । ଗାଈ, ବଳଦଆଦି ଗୃହପାଳିତ ପଶୁମାନଙ୍କର ଚରାଇବା ଦାୟିତ୍ୱ କେତେବେଳେ କୌଣସି ବ୍ୟକ୍ତି ଉପରେ ନ୍ୟସ୍ତ ହୁଏତ ଆଉ କେତେବେଳେ ନିଜ ଗୋଷ୍ଠୀ ଭିତରେ ଦାୟିତ୍ୱ ବାଣ୍ଟି ଦିଆଯାଇଥାଏ । ଯାହାର ପାଳି ଯେତେଦିନ ପଡ଼େ ସେ ସେତେଦିନ ଗାଈ, ବଳଦ, ମଇଁଷି ଆଦିଙ୍କର ଜଗାରଖା ଦାୟିତ୍ୱ ତୁଲାଏ । ଗୋ-ସମ୍ପଦର ବିକାଶ ନିରାପତ୍ତା ଓ ସୁରକ୍ଷା ନିମନ୍ତେ ସେମାନେ କେତେକ ପୂଜା କରିଥାନ୍ତି ।

ଭଲ ବାଉଁଶ କାମ ନିମନ୍ତେ ପାଉଡ଼ି ଭୂୟାଁମାନେ ଜଣାଶୁଣା । ସେମାନଙ୍କର ବସତି ଅଞ୍ଚଳରେ ବହୁତ ବାଉଁଶ ଦେଖିବାକୁ ମିଳେ । ଅବସର ସମୟରେ ସେମାନେ ବିଭିନ୍ନ ପ୍ରକାର ଝୁଡ଼ି, ଧାନ ରଖିବା ପାତ୍ର, କୁଲା, ବାଉଁଶ ପଟି ଆଦି ତିଆରି କରନ୍ତି । ଏସବୁ ଭିନ୍ନ ଭିନ୍ନ ଆକାର ଓ ପ୍ରକାରର ହୋଇଥାଏ । ଖଜୁରୀ ପତ୍ରରେ ମହିଳମାନେ ସୁନ୍ଦର ମସିଣା ବୁଣିଥାନ୍ତି ।













ବାଣିଜ୍ୟ ଓ ବ୍ୟବସାୟ ପ୍ରତି ପାଉଡ଼ି ଭୂୟାଁମାନଙ୍କର ସେତେଟା ରୁଚି ନଥାଏ । ସେମାନେ ଦୈନନ୍ଦିନ ଜୀବନରେ କେତେକ କୃଷିଜାତ ଓ ଜଙ୍ଗଲ ଜାତ ଦ୍ରବ୍ୟର ଅଦଳ ବଦଳ କରିଥାନ୍ତି । ସଂପ୍ରତି ଘର ଖର୍ଚ୍ଚ ତୁଲାଇବା ନିମନ୍ତେ କେତେକ ବଳକା ବିକ୍ରିଯୋଗ୍ୟ ଦ୍ରବ୍ୟକୁ ସେମାନେ ବଜାରରେ ବିକ୍ରି କରୁଥିବାର ଦେଖାଯାଉଛି । ସରକାରଙ୍କ ତରଫରୁ ବିଭିନ୍ନ ପ୍ରତିକାର ମୂଳକ ବ୍ୟବସ୍ଥା ସତ୍ତ୍ୱେ ପାଉଡ଼ି ଭୂୟାଁମାନେ ସଚେତନତାର ଅଭାବ ଯୋଗୁ ଅଦ୍ୟାବଧି ଋଣଦାତା ମାନଙ୍କ ଶୋଷଣର ଶିକାର ହେଉଛନ୍ତି । ସ୍ଥାନୀୟ ସାହୁକାରମାନେ ଋଣ ଦେଇ ଅଧିକ ସୁଧ ନେଉଛନ୍ତି । ବାହାର ବ୍ୟବସାୟୀମାନଙ୍କ ଦ୍ୱାରା ମଧ୍ୟ ପାଉଡ଼ିଭୂୟାଁମାନେ ଠକାମି ଓ ଶୋଷଣର ଶିକାର ହେଉଛନ୍ତି ।

ପାଉଡ଼ିଭୂୟାଁ ସମାଜରେ ଶିକାର ଏକ ସାମାଜିକ - ସାଂସ୍କୃତିକ ପରମ୍ପରା । ଶିକାରକୁ ଗଲାବେଳେ ସେମାନେ ଧନୁ ତୀର ଛଡା, ବହୁବିଧ ଶିକାର ଉପକରଣ ମଧ୍ୟ ନେଇଥାନ୍ତି । ବେଳେବେଳେ ଗୋଷ୍ଠୀ ଶିକାରରେ ବାହାରନ୍ତି । ଗୋଷ୍ଠୀ ଶିକାରରେ ବିଫଳ ହେଲେ ସେ ବର୍ଷର ଚାଷ ଭଲ ହେବ ନାହିଁ ବୋଲି ମଧ୍ୟ ବିଶ୍ୱାସ ରହିଛି । ଶିକାରକୁ ବାହାରିବା ପୂର୍ବରୁ ଧର୍ମଦେବତା ସୂର୍ଯ୍ୟଙ୍କୁ, ମାଟିମାତା ବାସୁକୀଙ୍କୁ, ଗ୍ରାମଦେବୀ ଗାଇଁଶିରୀଙ୍କୁ, ଗ୍ରାମସୁରକ୍ଷା ଦେବତାଙ୍କୁ କୁକୁଡ଼ା ବଳି ଦେଇ ପୂଜା କରାଯାଏ । ଏହାଦ୍ୱାରା ଶିକାରରେ ସଫଳତା ମିଳେ ବୋଲି ବିଶ୍ୱାସ କରାଯାଏ । ଯେଉଁ ଶିକାରୀ ଶିକାର









କରିବାରେ ସଫଳତା ହାସଲ କରେ ତାକୁ ମହିଳାମାନେ ଏକାଠି ହୋଇ ଉଚ୍ଚ ପ୍ରଶଂସା କରିବା ସହିତ ଭବ୍ୟ ସମ୍ବର୍ଦ୍ଧନା ଦେଇଥାନ୍ତି । ସେହି ଶିକାରୀକୁ ନୂତନ ବସ୍ତ୍ର ଦିଆଯାଏ । ତିନିଦିନ ବ୍ୟାପୀ ଏହି ଶିକାର ପର୍ବ ଅନୁଷ୍ଠିତ ହୁଏ । କେବଳ ଆମିଷ ଖାଦ୍ୟ ବା ଖାଇବା ପାଇଁ ମାଂସ ସଂଗ୍ରହ କରିବା ଶିକାରର ଲକ୍ଷ୍ୟ ନୁହେଁ ବରଂ ଏହା ଏକ ଧାର୍ମିକ ପରମ୍ପରା । ପୁରୁଷ ଶିକାରୀମାନେ ଗାଁକୁ ଫେରିଲାପରେ ମହିଳାମାନେ ସେମାନଙ୍କୁ ଆଦର ଅଭ୍ୟର୍ଥନା ସହ ସାମାଜିକ ପରମ୍ପରା ନିର୍ବାହ କରିଥାନ୍ତି । ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ କାରଣରୁ ଶିକାର ଆଉ ଏକ ଗୋଷ୍ଠୀ ଅଭିଯାନ ନ ହୋଇ କ୍ରମଶଃ ବିଲୁପ୍ତ ହେବାରେ ଲାଗିଛି ।





ପାହାଡ଼ି ଝରଣା, ନଦୀ ଓ ନଦୀଧାରକୁ ପୁରୁଷ ଓ ମହିଳାମାନେ ମାଛ ଧରିବାକୁ ଯାଆନ୍ତି । ଖାଲିହାତରେ, ବନ୍‌ଶୀରେ ଓ ମାଛଧରା ଖାପରେ ସେମାନେ ମାଛ ଧରନ୍ତି । ପିନ୍ଧୁଥିବା ବସ୍ତ୍ର ବ୍ୟବହାର କରି ବେଳେବେଳେ ମାଛ ଧରୁଥିବାର ଦେଖାଯାଏ । ଏହାଦ୍ୱାରା ପାଣିଛାଣି ହୋଇଯାଏ । ଏହି ପ୍ରକ୍ରିୟାରେ ଛୋଟଛୋଟ ମାଛ ଧରିହୁଏ । ବର୍ଷା ଋତୁରେ ଧାନ କିଆରୀରେ ଖଇଞ୍ଚ ବସାଇ ମାଛ ଧରାଯାଏ । ମାଛକୁ ଭାଜି, ତରକାରୀ କରି ଖିଆଯାଏ । ବଳକା ମାଛକୁ ଶୁଖାଇ ଶୁଖୁଆ କରାଯାଏ ।









ପାହାନ୍ତାରୁ ସନ୍ଧ୍ୟାଯାଏ ପାଉଡ଼ି ଭୂୟାଁମାନେ କାମରେ ଲାଗିଥାନ୍ତି । ଘର ଅଗଣା ସଫା କରିବା ଧାନକୁଟିବା, ବାସନ କୁସନ ସଫା କରିବା, ଖାଦ୍ୟ ପ୍ରସ୍ତୁତ କରିବା, ପିଲାମାନଙ୍କର ଯତ୍ନେବା, ଗାଈଗୁହାଳ ପରିଷ୍କାର କରିବା ଆଦି ବହୁମୁଖୀ କାମକୁ ମହିଳାମାନେ ସମ୍ପାଦନ କରିଥାନ୍ତି । ଏହାବ୍ୟତୀତ ସେମାନେ ମଧ୍ୟ ଅନ୍ୟାନ୍ୟ ଘରୋଇକାମ କରିଥାନ୍ତି। ସକାଳୁ ସକାଳୁ ପୁରୁଷମାନେ କାମରେ ବାହାରକୁ ବାହାରିଗଲାବେଳେ ମହିଳାମାନେ ଘରେ ରୋଷେଇ କରନ୍ତି। ଖାଦ୍ୟ ପ୍ରସ୍ତୁତ ପରେ ସାରା ପରିବାର ଖାଆନ୍ତି ଓ ସାଥିରେ ଖାଦ୍ୟଧରି ସମସ୍ତେ କାର୍ଯ୍ୟକ୍ଷେତ୍ରକୁ ବାହାରିପଡ଼ନ୍ତି ।

କାମରୁ ଫେରିବା ବେଳେ ପୁରୁଷମାନେ ଜାଳେଣୀ କାଠ ଓ ମହିଳାମାନେ ପତ୍ର ଓ ଅନ୍ୟାନ୍ୟ ବନଜାତ ଦ୍ରବ୍ୟ ସଂଗ୍ରହକରି ଫେରିଥାନ୍ତି । ମହିଳାମାନେ ସନ୍ଧ୍ୟାରେ ଘରକୁ ଫେରି ପୁନର୍ବାର ରୋଷେଇ କାମରେ ବ୍ୟସ୍ତ ରହନ୍ତି । ଏହି ସମୟରେ ପୁରୁଷମାନେ ଗାଁର ଦରବାର ଘରେ ଏକାଠି ହୋଇ ଗପସପ, ଆଳାପ ଆଲୋଚନା କରିଥାନ୍ତି । ବିଳମ୍ବିତ ସନ୍ଧ୍ୟାରେ ଖାଇପିଇ ବିଶ୍ରାମ ନିଅନ୍ତି । ଋତୁ ଅନୁସାରେ ଦୈନନ୍ଦିନ କାର୍ଯ୍ୟଧାରାରେ ପରିବର୍ତ୍ତନ ହୋଇଥାଏ ।






ସାମାଜିକ ସଙ୍ଗଠନ

ପାଉଡ଼ିଭୂୟାଁମାନେ ସାମାଜିକ ସୂତ୍ରରେ ପରସ୍ପର ସହ ବାନ୍ଧିହୋଇଥାନ୍ତି । ପାରମ୍ପରିକ ସାମାଜିକ ନିୟମକୁ ମାନିବା ସମସ୍ତଙ୍କର ପ୍ରାଥମିକ କର୍ତ୍ତବ୍ୟ । ପରିବାରକୁ ଏକ କ୍ଷୁଦ୍ର ସାମାଜିକ ଏକକ ଭାବରେ ଧରି ନିଆଯାଏ । ଏକ ଗୋଷ୍ଠୀର ସମସ୍ତ ସଦସ୍ୟ ପରସ୍ପର ସହ ଜନ୍ମସୂତ୍ରରେ ଅଥବା ବୈବାହିକ ସୂତ୍ରରେ ସମ୍ପର୍କୀୟ ହୋଇଥାନ୍ତି । ସ୍ୱଗୋତ୍ର ମଧ୍ୟରେ ବିବାହ ବିଧି ନିଷିଦ୍ଧ । ବିବାହ ପରବର୍ତ୍ତୀ କାଳରେ ଜଣେ ମହିଳା ତା ସ୍ୱାମୀ ପରିବାରର ସଦସ୍ୟା ପାଲଟିଯାଏ । ଘରକ୍ୱାଇଁ ମଧ୍ୟ ଶ୍ୱଶୁର ପରିବାରର ଏକ ସଦସ୍ୟ ହୋଇଯାଇଥାଏ ।

ପୁତ୍ରମାନେ ସବୁବେଳେ ପାରିବାରିକ ସମ୍ପତ୍ତିର ଉତ୍ତରାଧିକାରୀ ସାବ୍ୟସ୍ତ ହୁଅନ୍ତି । ସେମାନେ ସମସ୍ତ ପୈତୃକ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ପୁରୁଷାନୁକ୍ରମେ ଭୋଗ ଦଖଲ କରନ୍ତି । ମାତ୍ର ସମ୍ପତ୍ତି ଭାଇମାନଙ୍କ ଭିତରେ ବଣ୍ଟାକୁଣ୍ଟା ହେବା ସମୟରେ ବଡ଼ ଭାଇ ଜ୍ୟେଷ୍ଠାଂଶ ପାଏ । ବିବାହିତ ଝିଅ କୌଣସି ସ୍ଥାବର ସମ୍ପତ୍ତି ଦାବୀ କରେ ନାହିଁ । ପୁଅ ନଥିବା ପରିବାରର ସ୍ଥାବର ସଂପତି ତାଙ୍କ ବଂଶର ପୁରୁଷ ସଦସ୍ୟଙ୍କ ନିକଟକୁ ଯାଇଥାଏ ।











ଝିଅଟିଏ ବିବାହ ପର୍ଯ୍ୟନ୍ତ ପିତାମାତାଙ୍କ ପାଖରେ ରହେ। ବିବାହ ପରେ ଝିଅଟି ତା ' ସ୍ୱାମୀଘରକୁ ଗଲେ ମଧ୍ୟ ତା'ର ବାପଘର ସହିତ ସମ୍ପର୍କ ତୁଟେ ନାହିଁ । ପାଉଡ଼ିଭୂୟାଁମାନଙ୍କ ପରିବାର ପିତୃ କୈନ୍ଦ୍ରିକ । ବାପା ପରିବାରର ମୁଖ୍ୟ । ବାପାଙ୍କ ଅନ୍ତେ ବଡ଼ପୁଅ ଘର ଚଳାଇବାର ଗୁରୁ ଦାୟିତ୍ୱ ବହନ କରେ । ମା'ର ମତାମତ ଗୁଡ଼ିକୁ ବିଚାରକୁ ନିଆଯାଏ । ମା ବିଧବା ହେଲେବି ସମସ୍ତେ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତି ଓ ତାଙ୍କ କଥା ଗ୍ରହଣ କରନ୍ତି ।

ପାଉଡ଼ି ଭୂୟାଁ ସମାଜରେ ମୌଳିକ ପରିବାର, ଯୌଥ ପରିବାର, ସମ୍ପ୍ରସାରିତ ପରିବାର ପରିଲକ୍ଷିତ ହୋଇଥାଏ। ମାତ୍ର ବର୍ତ୍ତମାନ ଯୁଗରେ ସାଧାରଣତଃ ମୌଳିକ ପରିବାର ଦେଖାଯାଉଛି । ଶିକାରପର୍ବ, ପୋଢୁଚାଷ, ବାର୍ଷିକ ରାଜସ୍ୱ ଆଦାୟ, ଗ୍ରାମଚାନ୍ଦା, ଗ୍ରାମୀଣ ପର୍ବପର୍ବାଣୀ ଆଦି ଉତ୍ସବ ଅନୁଷ୍ଠାନରେ ପରିବାରର ପ୍ରମୁଖ ଭୂମିକା ଥାଏ । ପୂର୍ବପୁରୁଷଙ୍କୁ କୃତଜ୍ଞତା ଜଣାଇବା ଓ ସନ୍ତୁଷ୍ଟି ବିଧାନ ନିମନ୍ତେ କେତେକ ସାମାଜିକ ପରମ୍ପରା ରହିଛି । ପରିବାରକୁ ଛାଡ଼ିଦେଲେ କୁଟୁମ୍ବଙ୍କ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଏ । ବନ୍ଧୁ ସମ୍ପର୍କର ଏକ ଗୋଷ୍ଠୀ ଏକ ବୃହତ୍ତର କୁଟୁମ୍ବ "ଖିଲି" ହିସାବରେ ଗଠିତହୁଏ ।

କୁଟୁମ୍ବରେ କେହି ସଦସ୍ୟ ମୃତ୍ୟୁବରଣ କଲେ ସମସ୍ତେ ଅଶୌଚ ପାଳନ କରନ୍ତି। ପର୍ବପର୍ବାଣି ଅବା କୌଣସି ଉତ୍ସବ ଅନୁଷ୍ଠାନ ଉପଲକ୍ଷେ ଶିକାରରେ ସଫଳତା ମିଳିବା ଘଟଣାରେ କୁଟୁମ୍ବ ବା ଖିଲିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ପାଉଡ଼ି ଭୂୟାଁ ସମାଜରେ କୁଟୁମ୍ବ ଖିଲି ଓ ବନ୍ଧୁଖିଲି ପ୍ରଥା ଦେଖାଯାଏ। କୁଟୁମ୍ବ ଖିଲି ମଧ୍ୟରେ ବିବାହ ସମ୍ବନ୍ଧ ସ୍ଥାପିତ ହୁଏନାହିଁ। ଏହା କେବଳ ବନ୍ଧୁଖିଲି ମଧ୍ୟରେ ଚଳେ ।







ପାଉଡ଼ି ଭୂୟାଁ ଗାଁରେ ସମସ୍ତଙ୍କ ମଧ୍ୟରେ ସାମାଜିକ ସଂହତି ପରିଦୃଷ୍ଟ ହୁଏ । ସମସ୍ତେ ସମସ୍ତଙ୍କର ସୁଖ ଦୁଃଖରେ ଭାଗିଦାର ହୁଅନ୍ତି । ଦରବାର ଘର, ବିରିଙ୍ଗା ଚାଷ, ଗୋଷ୍ଠୀଶ୍ରମ ଅଥବା କାହାର ମୃତ୍ୟୁ ଆଦି ଘଟଣାରେ ଗାଁର ଭୂମିକା ଉଲ୍ଲେଖନୀୟ । ଗୋଷ୍ଠୀଗତ କାର୍ଯ୍ୟସାଧନ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଇଥାଏ ।

ପ୍ରତି ପାଉଡ଼ି ଭୂୟାଁ ଗାଁ ଏକ ସ୍ୱତନ୍ତ୍ର ସାମାଜିକ ଓ ଅର୍ଥନୈତିକ ଏକକ । ସମସ୍ତଙ୍କର ସ୍ୱତନ୍ତ୍ର ରାଜନୈତିକ ପରିଷଦରହିଥାଏ । ପ୍ରତି ପରିଷଦର ପରିଚାଳନା ଶୈଳୀ ଓ ଅନୁଶାସନ ସ୍ୱତନ୍ତ୍ର । ଦୁଇଟି ଭିନ୍ନ ଗ୍ରାମର କିଶୋର କିଶୋରୀ ମାନଙ୍କ ମଧ୍ୟରେ ମିଳାମିଶା, ଥଟ୍ଟା ପରିହାସ, ହସଖୁସି ଚାଲେ । ପରସ୍ପର ଭିତରେ ଉପହାର ଆଦାନ ପ୍ରଦାନ ହୁଏ । ଏଇ ଉପହାର ଭଲପାଇବାର ଏକ ସ୍ମାରକ । ପାଉଡ଼ିଭୂୟାଁ ସମାଜରେ ପୀଢ଼ ଏକ ବୃହତ୍ତର ଅନୁଷ୍ଠାନ । ସାମାଜିକ ଓ ରାଜନୈତିକ ଉଦ୍ଦେଶ୍ୟରେ କେତେକ ଗ୍ରାମ ଏକାଠି ଗୋଟିଏ ସଙ୍ଗଠନ ଗଢ଼ିଥାନ୍ତି । କୌଣସି ବିଶେଷ ସମାଜିକ ଘଟଣାର ବିଚାର, ଆଲୋଚନା ଅଥବା ନିଷ୍ପତ୍ତି ସମୟରେ ସମସ୍ତ ଗ୍ରାମର ସଦସ୍ୟମାନେ 'ପୀଢ଼'ରେ ଏକତ୍ରିତ ହୁଅନ୍ତି ।



ଆନ୍ତଃଗ୍ରାମ ସମ୍ପର୍କୀୟ ବିବାହ, କୃଷିକର୍ମ ଉଦ୍ଦେଶ୍ୟରେ ଗୋଷ୍ଠୀଶ୍ରମ, କିଶୋର କିଶୋରୀ ମାନଙ୍କ ସମବେତ ନୃତ୍ୟ-ସଙ୍ଗୀତ ଆୟୋଜନ, ଗାଁ ଗାଁ ମଧ୍ୟରେ ମଦର ଅଦଳ ବଦଳ ଆଦି କେତେକ କର୍ମ 'ପୀଢ଼'ରେ ସମ୍ପାଦିତ ହୋଇଥାଏ । ପୀଢ଼ରେ ବିଚାର ଓ ନିଷ୍ପତ୍ତି ନିଆଯାଏ । 'ପୀଢ଼'ରେ ସ୍ୱତନ୍ତ୍ର "ପୀଢ଼ ଦେହୁରୀ" ଥାଏ । ପୀଢ଼ସ୍ତରୀୟ ସମସ୍ତ ଧାର୍ମିକ ପୂଜା ପଦ୍ଧତି ଓ କର୍ମ କର୍ମାଣୀରେ ପୀଢ଼ ଦେହୁରୀ ମୁଖ୍ୟ । ପୀଢ଼ ଦେହୁରୀଙ୍କ ଦ୍ୱାରା ସାମାଜିକ ଏକତା ଓ ସଂହତି ସୁରକ୍ଷିତ ରହେ ।





ଦରବାର

ଗାଁର ଅବିବାହିତ ଯୁବକ ଯୁବତୀମାନେ ଯୁବାଘରର ସଭ୍ୟ ହୋଇଥାନ୍ତି । ତାଙ୍କ ଭାଷାରେ ଏହି ଯୁବାଘରକୁ ଦରବାର କୁହାଯାଏ । ଏହା ଗାଁର କେନ୍ଦ୍ରସ୍ଥଳରେ ଅବସ୍ଥିତ । ଗ୍ରାମର ଯୁବକ ଯୁବତୀମାନେ ଏହିଘରକୁ ତିଆରି କରିଥାନ୍ତି । ଗାଁର ସବୁ ଅବିବାହିତ ଯୁବକ ଏହି ଘରର ରକ୍ଷଣାବେକ୍ଷଣ କରନ୍ତି । ଯୁବତୀମାନେ ଲିପାପୋଛା କରନ୍ତି ଓ ନିୟମିତ ଭାବରେ ଚାରିପଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତି । ଶସ୍ୟ ଗୋଳାକୁ କାଠ ମଞ୍ଚାରେ ରଖାଯାଇଥାଏ । କାନ୍ଥରେ ଚାଙ୍ଗୁ ଓହଳା ଯାଇଥାଏ । ଯୁବକମାନେ ସେଠାରେ ଅବସର ସମୟ କଟାନ୍ତି ଓ ରାତିରେ ଶୁଅନ୍ତି । ଗାଁର ସମସ୍ତ ଅବିବାହିତ ଯୁବକ ଯୁବତୀ ଦରକାର ବେଳେ ଆବଶ୍ୟକ ହେଉଥିବା ଖର୍ଚ୍ଚ ମେଣ୍ଟାଇବା ନିମନ୍ତେ କିଛି ଜମାରାଶି ବା ସାଧାରଣ ପାଣ୍ଠିର ବ୍ୟବସ୍ଥା କରିଥାନ୍ତି ।

ଅବିବାହିତ ଯୁବକ ଯୁବତୀ ଯୁବାଘର ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ସଚେତନ ଥାନ୍ତି । ଯେତେବେଳେ ସେମାନଙ୍କର ସେବା ଆବଶ୍ୟକ ପଡ଼େ ସେତେବେଳେ ସେମାନେ ସେବା ଯୋଗାଇ ଦିଅନ୍ତି । ଗୋଟିଏ ଗାଁର ଯୁବକ ଯୁବତୀ ସେମାନଙ୍କ ବନ୍ଧୁ ଗାଁର ଯୁବକ ଯୁବତୀ ମାନଙ୍କର ଯତ୍ନ ନେଇଥାନ୍ତି । ବନ୍ଧୁ ଗାଁର ଯୁବକ ମାନଙ୍କ ସହିତ ସେହିଗାଁକୁ ଯାଇଥିବା ଯୁବକ ଯୁବତୀମାନେ ଏକ ହୋଇ ନାଚନ୍ତି । ନୃତ୍ୟ ସମୟରେ ପରସ୍ପର ମଧ୍ୟରେ ହସ, କଉତୁକ, ଥଟ୍ଟା, ପରିହାସ ଚାଲେ । ମନପସନ୍ଦର ଉପହାରମାନ ଦିଆନିଆ ହୁଏ । ବେଳେବେଳେ ଅତି ଘନିଷ୍ଠ ଓ ନିବିଡ଼ ସମ୍ପର୍କଥିବା ଯୁବକ ଯୁବତୀ ଦୁଇଜଣ କୌଣସି ନିଭୃତ ସ୍ଥାନକୁ ଚାଲିଯାଆନ୍ତି ଯେଉଁଠି ଯୁବତୀ ଯୁବକକୁ ଖୁସି କରିବାକୁ ଯାଇ ଦେହ ମୋଡ଼ାଘଷା କରିଦିଏ । ଶ୍ରମକ୍ଲାନ୍ତି ଦୂର ହୋଇଯାଏ । ଯୁବକ ଯୁବତୀ ପରସ୍ପରଠାରୁ ଅଲଗା ହେବାବେଳେ ଯୁବତୀଟି ଯୁବକକୁ ବିଦାୟ ଜଣାଇବା ଉଦ୍ଦେଶ୍ୟରେ ତା ସହିତ କିଛିବାଟ ଯାଏ । ଏହା ସେମାନଙ୍କ ମଧ୍ୟରେ ଗଢ଼ିଉଠିଥିବା ଘନିଷ୍ଠତାକୁ ସୂଚାଇଥାଏ । କେତେକ ଘଟଣାରେ ବନ୍ଧୁ ଯୁବତୀକୁ କୌଣସି ଯୁବକ ସହିତ ବିବାହ ଦେବା ଲକ୍ଷ୍ୟରେ ଜୋର ଜବରଦସ୍ତ ରଖି ଦିଆଯାଏ । ବିବାହ ପରେ ଯୁବକ ଅଥବା ଯୁବତୀ ଦରବାରର ସଦସ୍ୟତାରୁ ବଞ୍ଚିତ ହୁଅନ୍ତି । ମାତ୍ର ସେମାନଙ୍କୁ ପାରମ୍ପରିକ ସାମାଜିକ ପ୍ରଥା ଅନୁଯାୟୀ ଭୋଜିଭାତରେ ଆପ୍ୟାୟିତ କରିବା ସହିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଏ । ପରସ୍ପର ଭିତରେ ସ୍ନେହ, ସହଯୋଗ, ସହାନୁଭୂତି, ଉତ୍ତମ ବୁଝାମଣା, ଆତ୍ମୀୟତା ଓ ବନ୍ଧୁପଣିଆ ଭାବ ରହିଥାଏ । ସରକାରୀ ଅଧିକାରୀ ଓ ବାହାର ଅତିଥି କେହି ଗାଁକୁ ଆସିଲେ ସେହି ଦରବାର ଘରେ ରାତ୍ରିଯାପନ କରନ୍ତି । ଦିନକୁ ଦିନ ଏହି ଅନୁଷ୍ଠାନ ତା'ର ପରିଚୟ ଓ ଗାରିମା ହରାଇବାରେ ଲାଗିଛି ।







ଧର୍ମ



କେତେକ ଦେବାଦେବୀ ଓ ଆତ୍ମାଙ୍କ ସମ୍ପୂର୍ଣ୍ଣ ଅଧୀନରେ ପୃଥିବୀ ପରିଚାଳିତ ବୋଲି ପାଉଡ଼ି ଭୂୟାଁମାନଙ୍କ ବିଶ୍ୱାସ । ସେମାନଙ୍କର ଶକ୍ତି ଓ କାର୍ଯ୍ୟ ଅନୁସାରେ ସେମାନଙ୍କୁ ପୂଜା କରାଯାଏ । ସେମାନେ ଧର୍ମଦେବତା ସୂର୍ଯ୍ୟ ମହାପ୍ରଭୁଙ୍କୁ ଶ୍ରେଷ୍ଠଶକ୍ତି ବୋଲି ବିଚାର କରନ୍ତି । ମାଟି ମା' ବା ବାସୁକୀ ମାତାଙ୍କୁ ଶ୍ରେଷ୍ଠ ଦେବୀ ଭାବରେ ଗ୍ରହଣ କରନ୍ତି । ସେମାନଙ୍କୁ ସ୍ୱାମୀ ଓ ସ୍ତ୍ରୀ ଭାବରେ ବିଚାର କରାଯାଏ । ଗ୍ରାମଦେବତାଙ୍କୁ ବଡ଼ାମ କୁହନ୍ତି । ବିରଦା ଆଉଜଣେ ପ୍ରମୁଖ ଦେବତା, ପାହାଡ଼ ଦେବତା ପାଟ୍ ନାମରେ ପରିଚିତ । ଦରବାର ଘର ନିକଟରେ ପୂଜା ପାଉଥିବା ଦେବୀ ହେଉଛନ୍ତି ଗାଇଁଶିରୀ । ଗାଁ ଠାକୁରାଣୀଙ୍କ ମହିମା ଅନନ୍ୟ ଓ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବ ପର୍ବାଣି, ଧର୍ମକର୍ମ ଆଦି ସାମାଜିକ କ୍ରିୟାକଳାପରେ ଦେବଦେବୀ ମାନଙ୍କୁ ପୂଜାକରି ସନ୍ତୁଷ୍ଟ କରାଯାଏ । ସେହିସବୁ ଦେବଦେବୀଗଣ ଉତ୍ତମ ଗୁଣଯୁକ୍ତ ଓ ଉପକାରୀ ଅଟନ୍ତି । ଦରକାର ହେଲେ ପାଉଡ଼ି ଭୂୟାଁମାନେ ଦୁଷ୍ଟ ଆତ୍ମାମାନଙ୍କୁ ପୂଜା ଦେଇ ସନ୍ତୁଷ୍ଟ କରିଥାନ୍ତି । ସେମାନଙ୍କର ପାରମ୍ପରିକ ଦେବଦେବୀ, ଆତ୍ମା, ଭୂତ, ପ୍ରେତ ଆଦି ବିଶ୍ୱାସ ବାହାରେ ଆହୁରି ଅନେକ ଦେବଦେବୀ ରହିଥିବାର ଜଣାଯାଏ । ସେମାନଙ୍କ ମଧ୍ୟରେ ଶିବ, ଲକ୍ଷ୍ମୀ, ଦୁର୍ଗା ଓ କେତେକ ସ୍ଥାନୀୟ ଦେବଦେବୀ ପ୍ରଧାନ । ଅତି ନିଷ୍ଠା, ଭକ୍ତି ଓ ବିଶ୍ୱାସର ସହିତ ସେମାନେ ବିଶିରୀ ଓଷା ପାଳନ କରନ୍ତି । ଏହି ଓଷାକଲେ କାମନା ପୂରଣ ହେବା ସହିତ ସୁରକ୍ଷା ମିଳେ ।









ଗାଁର ଧାର୍ମିକ ମୁଖ୍ୟକୁ "ଦେହୁରୀ" କୁହାଯାଏ । ଗୋଷ୍ଠୀସ୍ତରୀୟ ସମସ୍ତ ପୂଜା ପଦ୍ଧତିରେ ସେ ଦେବ, ଦେବୀ, ଆତ୍ମା ଆଦିଙ୍କୁ ସନ୍ତୁଷ୍ଟ କରିଥାନ୍ତି । ଗ୍ରାମବାସୀ ଦେହୁରୀକୁ ଝୁଡ଼ିଉର୍ଲି ଧାନ ଦିଅନ୍ତି । ଏହାକୁ ସଂରକ୍ଷଣ କରି ଦେହୁରୀ ସାରାବର୍ଷ ଦେବଦେବୀଙ୍କ ପାଖରେ ରୋଗ ପ୍ରସାଦଲଗାନ୍ତି । ଦେହୁରୀଙ୍କ ପୂଜା ବିଧାନରେ ଗ୍ରାମବାସୀ ଅସନ୍ତୁଷ୍ଟ ହେଲେ ଆବଶ୍ୟକ ସ୍ଥଳେ ନୂତନ ଦେହୁରୀ ବଛାଯାଏ । ପରମ୍ପରା ଅନୁଯାୟୀ ଦେହୁରୀ ପଦଟି ବଂଶାନୁକ୍ରମିକ ହୋଇଥାଏ । ଦେହୁରୀ ଅକ୍ଷମ ହେଲେ ତାଙ୍କ ବଡ଼ପୁଅ ଦେହୁରୀ କାର୍ଯ୍ୟ ତୁଲାଏ । ଦେହୁରୀ ଧାର୍ମିକ ମୁଖ୍ୟ ହୋଇଥିବାରୁ ପୂଜାରେ ଦିଆଯାଉଥିବା ବଳିର ମୁଣ୍ଡ ସେ ପାଇଥାଏ । ସେ ଜେତେକ ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପରୋଗ କରେ । ଚାଷ କରିବା ନିମନ୍ତେ ଦେହୁରୀକୁ ସ୍ୱତନ୍ତ୍ର ଜମି ଗୋଷ୍ଠୀ ତରଫରୁ ଦିଆଯାଏ। ଶିକାର ପର୍ବରେ ଭାଗ କରାଯାଉଥିବା ମାଂସରେ ଦେହୁରୀର ସ୍ୱତନ୍ତ୍ର ଭାଗ ରହେ। ବିନା ପାରିଶ୍ରମିକରେ ଗ୍ରାମବାସୀମାନେ ଦେହୁରୀ ପାଇଁ କାମ କରିଦିଅନ୍ତି । ଦେହୁରୀର ସ୍ତ୍ରୀ ମଧ୍ୟ ଜନ୍ମ, ମୃତ୍ୟୁ, ବିବାହ ଆଦିରେ ଅଂଶଗ୍ରହଣ କରେ ।

ଦୁଷ୍ଟ ଆତ୍ମାକୁ ପୂଜା ମାଧ୍ୟମରେ ସନ୍ତୁଷ୍ଟ କରି ଲୋକମାନଙ୍କୁ ରୋଗ ଯନ୍ତ୍ରଣାରୁ ମୁକ୍ତ କରିବା ରାଉଳିଆର କାମ। ରାଉଳିଆ ଜଣେ ମନସ୍ତତ୍ତ୍ୱବିତ୍, ଜ୍ୟୋତିର୍ବିତ୍ ଓ ଔଷଧ ପତ୍ର ସମ୍ବନ୍ଧରେ ଜ୍ଞାନ ହାସଲ କରିଥିବା ଭେଷଜ ବିଜ୍ଞାନୀ। ଏତଦ୍‌ବ୍ୟତୀତ ପାଉଡ଼ି ଭୂୟାଁମାନେ ଗୁଣିଗାରେଡ଼ି ମନ୍ତ୍ର ତନ୍ତ୍ରରେ ବିଶ୍ୱାସ କରନ୍ତି। ଗୁଣିଗାରେଡ଼ି ନିମନ୍ତେ ବେକୁଣୀ ପ୍ରସିଦ୍ଧ। ଲୋକମାନେ ବେକୁଣୀକୁ ଭୟ କରନ୍ତି। ସହଜରେ କୌଣସି ଘଟଣାରେ ବେକୁଣୀ ବିରୋଧରେ କେହି ସ୍ୱର ଉଠାନ୍ତି ନାହିଁ ।

ଦେହୁରୀ, ରାଉଳିଆ ଓ ବେକୁଣୀଙ୍କର ସାମାଜିକ ଗୁରୁତ୍ୱ ଅଧିକ । ସେମାନେ ସମାଜର ପଥ ପ୍ରଦର୍ଶକ ଭାବରେ କାମ କରନ୍ତି । ଉତ୍ତମ ଗୁଣଯୁକ୍ତ ଦେବାଦେବୀ ଓ ଦୁଷ୍ଟ ଆତ୍ମାମାନେ ପୂଜା ଉପଚାର ବଳରେ ସେମାନଙ୍କ ଆୟତ୍ତରେ ରହିଥାନ୍ତି । ସେମାନେ ଗୋଷ୍ଠୀ ସମୁଦାୟର ସାମାଜିକ ସ୍ୱାସ୍ଥ୍ୟ, ସନ୍ତୋଷ ଓ ସମୃଦ୍ଧି ନିମନ୍ତେ କାମ କରନ୍ତି ।









ପର୍ବପବାଣି


ପାଉଡ଼ି ଭୂୟାଁମାନେ ବର୍ଷସାରା ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି । ପ୍ରତି ପର୍ବ ସହ ନିର୍ଦ୍ଦିଷ୍ଟ ଦେବଦେବୀ ସଂଶ୍ଳିଷ୍ଟ । ପ୍ରତ୍ୟେକ ପର୍ବର ପାଳନ ବିଧି ସ୍ୱତନ୍ତ୍ର । ପର୍ବପର୍ବାଣି ଭେଦରେ ଖାଦ୍ୟ ପ୍ରକାର ବି ବଦଳିଥାଏ । ଖାଦ୍ୟ ସାମଗ୍ରୀ ଓ ପ୍ରସ୍ତୁତ ପ୍ରଣାଳୀ ତଥା ଖାଦ୍ୟର ପ୍ରକାର ଭେଦରେ ଭିନ୍ନତା ପର୍ବପର୍ବାଣିର ଅନ୍ୟତମ ଆକର୍ଷଣ ହୋଇଥାଏ। କୃଷି ସାଧାରଣ ଜୀବନର ମେରୁଦଣ୍ଡ ହୋଇଥିବାରୁ କୃଷି କେନ୍ଦ୍ରିକ ପର୍ବପର୍ବାଣି ପାଳନ କରାଯାଏ । ପୋଡୁଚାଷ, ଶିକାର, ମାଛ ଧରିବା; ଜଙ୍ଗଲରୁ ଫଳମୂଳ ସଂଗ୍ରହ କରିବା ଆଦି କାମ କରି ପାଉଡ଼ି ଭୂୟାଁମାନେ ଜୀବନ ନିର୍ବାହ କରନ୍ତି । ଦୁଃଖକୁ ଜୀବନକୁ ଅନୁଭବ ଓ ଉପଭୋଗ କରିବାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ପର୍ବପର୍ବାଣି ପାଳନ। ଏହା ତାଙ୍କୁ କର୍ମରେ ଆଗ୍ରହ ଓ ଉତ୍ସାହ ଆଣିଦିଏ । ଜାନୁଆରୀ ଫେବୃଆରୀ ମାସରେ ସେମାନେ ଆମ୍ - ନୂଆ ପର୍ବ ପାଳନ୍ତି । କଞ୍ଚାଆମ୍ବ ଖାଇବା ଆରମ୍ଭ ପୂର୍ବରୁ ଏହି ପର୍ବର ବେଶ୍ ଗୁରୁତ୍ୱ ରହିଥାଏ । ଏହାର ପରବର୍ତ୍ତୀ ସମୟରେ କୃଷି କ୍ଷେତ୍ରକୁ ଉଠିଆ କରିବାକୁ ଖତ-ସାର ଦେବା କାର୍ଯ୍ୟ ଆରମ୍ଭ ହୁଏ ।

ଜାନୁଆରୀ - ଫେବୃଆରୀ ମାସରେ କାଠଯାତ୍ରା ପାଳିତ ହୁଏ । ସ୍ୱାଦିଷ୍ଟ ପିଠାପଣା ସହିତ ଆମିଷ ଭୋଜନ ଏହି ପର୍ବର ମହତ୍ତ୍ୱକୁ ବଢ଼ାଇଦିଏ । ଏହି ପର୍ବ ପାଳନ ଉପରାନ୍ତ ପାଉଡ଼ି ଭୂୟାଁମାନେ ମହୁଲ ଫୁଲକୁ ଭାଜି ଖାଆନ୍ତି । ମାର୍ଚ୍ଚ ମାସରେ ଗିଲର ଯାତ୍ରା ହୁଏ । ମାର୍ଚ୍ଚ-ଏପ୍ରିଲ ମାସରେ ଶିକାରରେ ସଫଳତା ଲାଭ କରିବା ଉଦ୍ଦେଶ୍ୟରେ ଅଖଣ୍ଡ ପାରିଧି ପାଳନ କରାଯାଏ । ବଡ଼ାମ୍ ଦେବତାଙ୍କୁ ପୂଜା କରାଯାଏ । ଏଥି ସହିତ ଗ୍ରାମଦେବତାଙ୍କୁ ସନ୍ତୁଷ୍ଟ କରି ବିରିଙ୍ଗା ଚାଷ ନିମନ୍ତେ ଶୁଖି ଯାଇଥିବା ଡାଳପତ୍ରାଦିରେ ନିଆଁ ଲଗାଇବା ପାଇଁ ଅନୁକୂଳ କରାଯାଏ ।



ମେ' ମାସରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା କ୍ଷେତରେ ବିହନ ବୁଣିବା ପାଇଁ ତିର୍‌ତିଆ ପାଳନ କରାଯାଏ । ଏହି ପର୍ବ ପାଳନ ବେଳେ ଅନେକ ବିଧିବିଧାନ ଓ ସାମାଜିକ ନିୟମମାନ ମାନିବାକୁ ହୋଇଥାଏ। ଭଲ









ବର୍ଷା ହେବା ନିମନ୍ତେ ଆଷାଢ଼ ପୂଜା କରାଯାଏ । ଆଷାଢ଼ରେ ବର୍ଷା ହେବା ପରେ ଧାନ ବିରି, କୋଳଥ ଆଦି ବୁଣା କାର୍ଯ୍ୟ କରାଯାଏ । କେତେଗୁଡ଼ିଏ ଗାଁର ଲୋକ ମିଶି ଗମ୍‌ହା ପର୍ବ ପାଳନ କରିବା ପୂର୍ବରୁ ପିଢ଼ ସ୍ତରରେ ପିଢ଼ ଜତାଲ ପର୍ବ ପାଳନ କରାଯାଇ ଗମ୍‌ହା ପାଇଁ ଅନୁକୂଳ କରାଯାଏ । ଗାଈଗୋରୁଙ୍କୁ ପୂଜା କରିବା ଏହି ପର୍ବର ଅନ୍ୟତମ ଆଭିମୁଖ୍ୟ । ଜୁଲାଇ - ଅଗଷ୍ଟ ମାସରେ ଗହ୍ମାପର୍ବ ଅନୁଷ୍ଠିତ ହୁଏ । ଏହି ପର୍ବ ଉପଲକ୍ଷେ ନୂଆ ନୂଆ ପିଠାପଣା ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୁଏ । ସେପ୍ଟେମ୍ବର-ଅକ୍ଟୋବର ମାସରେ ଗ୍ରାମ ଭେଦରେ ଭିନ୍ନ ଭିନ୍ନ ତିଥିରେ ପାଉଡ଼ି ଭୂୟାଁମାନେ ନୂଆଖିଆ ପର୍ବ ପାଳନ କରିଥାନ୍ତି । ଧାନ ଅମଳ ସାରିବା ପରେ 'କରମା' ପର୍ବ ପାଳନ କରାଯାଏ । ଏହି ପର୍ବରେ କରମା ଗଛର ଡ଼ାଳକୁ ପୂଜା କରିବାର ବିଧିରହିଛି । ଏହି ପର୍ବକୁ ଅତ୍ୟନ୍ତ ଆନନ୍ଦ ଉଲ୍ଲାସରେ ତିନି ଦିନ ବ୍ୟାପୀ ପାଳନ କରିଥାନ୍ତି । ପର୍ବପାଳନ ଅବସରରେ ବନ୍ଧୁ, ପ୍ରିୟ ପରିଜନ ମାନଙ୍କୁ ନିମନ୍ତ୍ରଣ କରାଯାଏ । ଘରକୁ ଆସିଥିବା ଅତିଥିମାନଙ୍କୁ ଖାଦ୍ୟ ଓ ପାନୀୟରେ ଆପ୍ୟାୟିତ କରାଯାଏ ।

ସମୟକୁ ନେଇ ପରିବର୍ତ୍ତନର ସ୍ରୋତ ପାଉଡ଼ି ଭୂୟାଁମାନଙ୍କର ସାମାଜିକ ଜୀବନକୁ ପ୍ରଭାବିତ କରିଛି । ସେମାନେ ଏବେ ନିଜ ଗୋଷ୍ଠୀ ବ୍ୟତୀତ ଅନ୍ୟ ଗୋଷ୍ଠୀର କେତେକ ପର୍ବ ପାଳନ କରୁଥିବାର ଦେଖାଯାଉଛି । ଏବେ ବିଶିରି ଓଷା କରୁଛନ୍ତି । ଶିବ, ଦୁର୍ଗା, ଗଣେଶ ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ମଧ୍ୟ ପୂଜା କରୁଛନ୍ତି ।







ରାଜନୈତିକ ସଙ୍ଗଠନ



ପାଉଡ଼ିଭୂୟାଁ ମାନଙ୍କର ପାରମ୍ପରିକ ରାଜନୈତିକ ପରିଷଦରହିଛି । ଏହାର ମୁଖ୍ୟ ହେଉଛନ୍ତି ନାୟକ । ପାରମ୍ପରିକ ରାଜନୈତିକ ପରିଷଦରେ ନାୟକଙ୍କ ପରି ଦେହୁରୀଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପରିଷଦରେ କୌଣସି ଘଟଣାବଳୀର ବିଚାର ଆଲୋଚନା ଚାଲିଥିବା ସମୟରେ ଗାଁର କେତେକ ଥିଲାବାଲା ଗଣ୍ୟମାନ୍ୟ ବ୍ୟକ୍ତି ଓ କେତେକ ସ୍ଥାନୀୟ ଗୋଷ୍ଠୀସଦସ୍ୟ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ସଭାରେ ନିଜର ମତାମତ ଉପସ୍ଥାପନ କରିବା ନିମନ୍ତେ ସମସ୍ତଙ୍କର ଅଧିକାର ଥିଲେ ମଧ୍ୟ ପ୍ରକୃତରେ ଅଳ୍ପ କେତେଜଣ ପାଉଡ଼ିଭୂୟାଁ ଆଲୋଚନାରେ ଭାଗ ନେଇଥାନ୍ତି ।

ସାମାଜିକ ସ୍ତରରେ ପ୍ରଶାସନିକ ମୁଖ୍ୟ ନାୟକ । ଏହି ମୁଖ୍ୟ ପଦବୀଟି ଅଞ୍ଚଳ ଭେଦରେ ଗଉଁଡିଆ, ପ୍ରଧାନ ହିସାବରେ ପରିଗଣିତ । ରାଜା ରାଜୁଡ଼ା ଶାସନ ଅମଳରେ ନାୟକମାନେ ରାଜସ୍ୱ ଆଦାୟ କରୁଥିଲେ । ଏଥି ସହିତ ବିବାଦଉପୁଜିଥିବା ଦ୍ୱନ୍ଦର ସମାଧାନ କରିବା ସହିତ ଯେଉଁ ସରକାରୀ ଅଧିକାରୀମାନେ ଗାଁକୁ ଯାଉଥିଲେ ସେମାନଙ୍କର ଯତ୍ନ ନେଉଥିଲେ । ଏହି ପଦବୀଟି ବଂଶାନୁକ୍ରମିକ । ବିବାହ ପ୍ରସ୍ତାବ ଚୂଡ଼ାନ୍ତ କରିବା, ବିରିଙ୍ଗା ଆବଣ୍ଟନ କରିବା ଓ ସମାଜିକ ତଥା ଅର୍ଥନୈତିକ ବିବାଦର ସମାଧାନ କରିବା ଦିଗରେ ନାୟକ / ଗୌଡ଼ିଆଙ୍କର ଭୂମିକା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଶାସନିକ ବିଧି ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ ସେ ପର୍ଯ୍ୟାପ୍ତ କ୍ଷମତା ଉପଭୋଗ କରିଥାନ୍ତି। ସକାଳ ଅଥବା ସନ୍ଧ୍ୟା ସମୟ ବିଚାର ନିମନ୍ତେ ପ୍ରଶସ୍ତ । ଦରବାର ଘର ବିଚାରାଳୟର କାର୍ଯ୍ୟକରେ । ଏଠାରେ ବିବାଦର ବିଚାର ହୁଏ । ପକ୍ଷ ଓ ପ୍ରତିପକ୍ଷଙ୍କ କଥାକୁ ଶୁଣି କିଏ ଦୋଷୀ କିଏ ନିର୍ଦ୍ଦୋଷ ସେ ସଂପର୍କରେ 'ନାୟକ' ତାଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କରନ୍ତି ।

ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ, ସମ୍ପତ୍ତି ଭାଗବଣ୍ଟା, ଅବୈଧ ସମ୍ପର୍କ, ସାମାଜିକ କଟକଣାଯୁକ୍ତ ଯୌନକାର୍ଯ୍ୟ କଳାପ, ସଂପତିଗତ ମାମଲା ଆଦିର ବିଚାର ପାରମ୍ପରିକ ପରିଷଦରେ ହୋଇଥାଏ । 'ପୀଡ଼' ଏକ ବୃହତ୍ତର ପାରମ୍ପରିକ ପରିଷଦ । ଏହିପୀଡ଼ରେ ଗାଁ ଗାଁ ଭିତରେ ହୋଇଥିବା ବିବାଦ, ଆନ୍ତଃଗ୍ରାମବିବାଦର ସମାଧାନ ହୋଇଥାଏ । ପୀଡ଼ର କାର୍ଯ୍ୟ ପରିସର ବ୍ୟାପକ । ଏଥିରେ ଭଲ ଭାଇ, ପୀଜ ଭଣ୍ଡାରୀ, ଧୋବା, ବେହେରା, ପୀଜ ନାୟକ ବା ଜାତି ଦେହେରା, ଦଳବେହେରା, ଘଡ଼ାଇ, ପୀଜ ବ୍ରାହ୍ମଣ ଆଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିର୍ଦ୍ଧାରିତ ହାରରେ ସମସ୍ତେ ନିଜ ନିଜର ପାଉଣା ପାଇଥାନ୍ତି । କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାରେ ନାୟକ ଏବଂ ଦେହୁରୀ ପ୍ରାଥମିକ ବିଚାର ନିମନ୍ତେ ସଭା ଡ଼ାକିଥାନ୍ତି । ପରେ ଚୂଡ଼ାନ୍ତ ବିଚାର ହୁଏ ।







ପୀଢରେ ବିଚାର ହେଲାପରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତି ଯେଉଁ ଜୋରିମାନା ଦିଏ ତାହା ପୀଢ ପରିଷଦରେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କ ନିମନ୍ତେ ଖର୍ଚ୍ଚ କରିଦିଆଯାଏ । ପୀଢ ପରିଷଦରେ ଗୋଷ୍ଠୀରୁ ବାହାରିଥିବା ସଦସ୍ୟ ପୁନଃ ଗୋଷ୍ଠୀଭୁକ୍ତ ହେବାନିମନ୍ତେ ପୀଢପରିଷଦରେ କ୍ଷମାମାଗେ ଓ ଲୋକମାନଙ୍କୁ ଭୋଜି ଖାଇବାକୁ ଦିଏ । ଏହି ସାମାଜିକ ଧାରାରେ ଜଣେ ଦୋଷୀ ଦୋଷମୁକ୍ତ ହେବା ସହିତ ସମାଜରେ ତା'ର ପୂର୍ବସ୍ଥିତିକୁ ପୁଣି ବଜାୟ ରଖିପାରେ । କୌଣସି ଘଟଣାରେ ଦୋଷୀ ଆସାମୀ ଫେରାର୍ ହୋଇଗଲେ; ଦୀର୍ଘଦିନ ଧରି ତା'ର ସନ୍ଧାନ ନ ମିଳିଲେ ଗ୍ରାମବାସୀ ତାକୁ ମୃତବୋଲି ଘୋଷଣା କରିବା ସହିତ ତା'ର ଅନ୍ତ୍ୟେଷ୍ଟିକ୍ରିୟା ମଧ୍ୟ କରିଥାନ୍ତି । ଦୋଷକରି କେହି କାରାବରଣ କରିଥିଲେ ସେ କାରାଗାରରୁ ମୁକ୍ତ ହେବାପରେ ନିଜ ଗୋଷ୍ଠୀରେ ମିଶିବା ପାଇଁ ପୀଢ ପରିଷଦର ସମ୍ମୁଖୀନ ହୁଏ । ପୀଢ ପରିଷଦର ଅନୁମୋଦନ କ୍ରମେ ପାଉଡ଼ିଭୂୟାଁ ଗୋଷ୍ଠୀରେ ପୁନର୍ବାର ସାମିଲ ହୁଏ ।

ପାଉଡ଼ିଭୂୟାଁ ଗୋଷ୍ଠୀ ଶାନ୍ତିପ୍ରିୟ । ସେମାନେ ଅନ୍ୟକଥାରେ ଅଯଥାରେ ମୁଣ୍ଡଖେଳାଇବାକୁ ପସନ୍ଦ କରନ୍ତି ନାହିଁ । କ୍ୱଚିତ୍ ଅନ୍ୟପ୍ରତି ନିଜର ଅସନ୍ତୋଷ ବ୍ୟକ୍ତ କରିଥାନ୍ତି । କାହା ସହିତ ଶତ୍ରୁତା ନକରି ସାଧାରଣ ଜୀବନ ବିତାଇବାକୁ ବରଂ ଭଲପାଆନ୍ତି । ଅବଶ୍ୟ ସେମାନେ ସମ୍ପୂର୍ଣ୍ଣ ଭାବରେ କ୍ରୋଧମୁକ୍ତ ନୁହନ୍ତି । ମାତ୍ର ସେମାନେ ସବୁବେଳେ କଳହ ଓ ଦ୍ୱନ୍ଦଠାରୁ ଦୂରରେ ରହିବାକୁ ସାଧ୍ୟମତେ ଚେଷ୍ଟା କରନ୍ତି ।

ଅତୀତରେ ପାଉଡ଼ିଭୂୟାଁ ଗୋଷ୍ଠୀର ସୁସଙ୍ଗଠିତ ରାଜନୈତିକ ପରିଷଦରହିଥିଲା । ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାର ପ୍ରଚଳନ ଫଳରେ ପାରମ୍ପରିକ ପରିଷଦଦିନକୁ ଦିନ ଦୁର୍ବଳ ହେଲେ ମଧ୍ୟ ତା'ର ସ୍ଥିତି ହଜେଇ ନଦେଇ ଜନକଲ୍ୟାଣ କାମୀ କାର୍ଯ୍ୟଧାରା ସହିତ ନିଜକୁ ଯୋଡ଼ିରଖିଛି ।

ବର୍ତ୍ତମାନ ସାମାଜିକ ଦୃଶ୍ୟପଟ ବଦଳି ଯାଇଛି । ଗ୍ରାମପରିଷଦଓ ପୀଢ ପରିଷଦର ସାମାଜିକ ନିୟମ, ଆଇନ୍, କାନୁନ୍ କ୍ରମଶଃ କୋହଳ ହେବାରେ ଲାଗିଛି । ସାମାଜିକ ତଥା ସାଂସ୍କୃତିକ ନିୟମ ଏବଂ ପାରମ୍ପରିକ ଗ୍ରାମପରିଷଦତା'ର ପୂର୍ବ ଗୁରୁତ୍ୱ ଓ ଗରିମା ହରାଇବାକୁ ବସିଲାଣି । ଆଧୁନିକ ଯୁବପିଢୀଙ୍କ ମନ ବଦଳିଗଲାଣି । ସେମାନେ ଆଉ ପ୍ରାଚୀନ ସାମାଜିକ ଓ ସାଂସ୍କୃତିକ ପ୍ରଥା ଓ ପରମ୍ପରାକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି ।







ଜୀବନ ଚକ୍ର



ଜନ୍ମ, ଶୈଶବ, କୈଶୋର, ଯୁବାବସ୍ଥା, ବାର୍ଦ୍ଧକ୍ୟ, ମୃତ୍ୟୁ ଆଦିକୁ ନେଇ ମଣିଷର ଜୀବନ ଚକ୍ର ସଂଗଠିତ ହୋଇଥାଏ । ନାରୀଟିଏ ମା' ହେଉ ଏହା ସମସ୍ତେ ଆଶା କରନ୍ତି । ସମାଜରେ ବନ୍ଧ୍ୟାନାରୀର ସ୍ଥାନ ନିମ୍ନରେ । ଯଦି ସେ ସନ୍ତାନଟିଏ ଜନ୍ମଦେବାକୁ ସମର୍ଥ ନହୁଏ ତେବେ ତା'ର ସ୍ୱାମୀକୁ ପୁନର୍ବିବାହ କରିବାକୁ ସମାଜ ସ୍ୱୀକୃତି ଦିଏ । କନ୍ୟା ସନ୍ତାନ ଅପେକ୍ଷା ପୁତ୍ରସନ୍ତାନକୁ ସମସ୍ତେ ଅଧିକ ପସନ୍ଦ କରିଥାନ୍ତି । ଝିଅଟିଏ ବିବାହପରେ ବାପା ମାଆଙ୍କୁ ଛାଡ଼ି ତା'ର ସ୍ୱାମୀ ଘରକୁ ଯାଏ । ମାତ୍ର ପୁତ୍ର ସନ୍ତାନଟିଏ ଘରେ ରହି ପିତାମାତାଙ୍କର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହେବା ସହିତ ବାର୍ଦ୍ଧକ୍ୟରେ ପିତାମାତାଙ୍କର ଆବଶ୍ୟକ ଯତ୍ନନିଏ ।



ଜଣେ ଗର୍ଭବତୀ ମହିଳା ପୂଜାରେ ଅର୍ପଣ କରାଯାଇଥିବା ବା ବଳି ଦିଆଯାଇଥିବା ମାଂସକୁ ଖାଦ୍ୟରୂପେ ଗ୍ରହଣ କରେନାହିଁ । ଗର୍ଭଧାରଣ ଓ ସନ୍ତାନ ପ୍ରସବରେ ପାଳନ କରାଯାଉଥିବା ପୂଜାପର୍ବକୁ ବାଦ୍‌ଦେଲେ ଗର୍ଭବତୀ ମହିଳା ଅନ୍ୟକୌଣସି ପୂଜାପାର୍ବଣ ଅଥବା ଧାର୍ମିକ ଅନୁଷ୍ଠାନ ଗୁଡ଼ିକରେ ଯୋଗ ଦିଅନ୍ତି ନାହିଁ । ଗର୍ଭସ୍ଥ ଶିଶୁର ଯେପରି କିଛି କ୍ଷତି ନହୁଏ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦେବାକୁ ହୋଇଥାଏ । ସନ୍ତାନ ପ୍ରସବ ପରେ ମହିଳାମାନେ ବାହାରକୁ ନ ଯାଇ ଗୋଟିଏ ଘରେ ରୁହନ୍ତି । ପାରମ୍ପରିକ ଧାଈ, ମା' ଓ ଜନ୍ମିତ ଶିଶୁ ଉଭୟଙ୍କର ଯତ୍ନନିଏ । ନାଭିନାଡ଼ ସାଧାରଣତଃ ମା ଅଥବା ଆଇମା'ମାନେ କାଟିଥାନ୍ତି । ପୁତ୍ରସନ୍ତାନ ହୋଇଥିଲେ ତୀର ସାହାଯ୍ୟରେ ଓ କନ୍ୟାସନ୍ତାନ ହୋଇଥିଲେ ବାଉଁଶ ପାତିଆ ସାହାଯ୍ୟରେ ନାଭିନାଡ଼କୁ କଟାଯାଏ । ଜନ୍ମ ଅଶୌଚ ଅଥବା ସୂତିକିଆ ଏକ ସପ୍ତାହରୁ ତିନିମାସ ପର୍ଯ୍ୟନ୍ତ ପାଳନ କରାଯାଏ । ପିଲା ଜନ୍ମ ହୋଇ ସପ୍ତମ ଦିବସରେ ନାମ ଦିଆ ପର୍ବ ଅନୁଷ୍ଠିତ ହୁଏ । ଗାଁର ବୟୋଜ୍ୟେଷ୍ଠା ମହିଳା ଓ ଅନ୍ୟ ସଦସ୍ୟମାନେ ଏହି ନାଁ ଦିଆ ପର୍ବରେ ଅଂଶଗ୍ରହଣ କରନ୍ତି ।







ଗୋଟିଏ ପାଣି ଭର୍ତ୍ତି ପାତ୍ରରେ ଶୁଖିଲା ଅଣ୍ଟୁଆ ଚାଉଳ ଏବଂ ରାଶି ଉପରେ ପକାଯାଇ ଈଶ୍ୱରଙ୍କ ଆଦେଶାନୁସାରେ ପିଲାର ନାଁ ବଛିଲାବେଳେ ପୁଅ ହୋଇଥିଲେ ଜେଜେ ଓ ଝିଅ ହୋଇଥିଲେ ଜେଜେମା ଙ୍କ ନାମକୁ ଅଧିକ ପସନ୍ଦ କରାଯାଏ । ସାଧାରଣରେ ପିଲାର ନାଁ ଘୋଷଣା କରାଯିବା ପରେ ପରିବାରର ସଦସ୍ୟମାନେ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରି ଆଗନ୍ତୁକ ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କୁ ଖାଇବାକୁ ଦେଇଥାନ୍ତି । ଏହାପରେ ମା ଅଶୌଚରୁ ମୁକ୍ତ ହୋଇ ସାଧାରଣ ଜୀବନ ଯାପନ କରିଥାଏ । କିଛି ମାସ ପର୍ଯ୍ୟନ୍ତ ମା' ପାଇଁ ଖାଦ୍ୟରେ କଟକଣା ରହେ । ଏହି ସମୟରେ ସାଧାରଣତଃ ଭାତ,ଲୁଣ ଓ ପିଆଜ ଆଦି ଖାଦ୍ୟ ଖାଇବାକୁ ହୋଇଥାଏ । ନିରାମିଷ ଓ ଆମିଶ ଆହାର ସାଧାରଣ ଭାବେ ନିଷେଧ । ମା ଓ ପରିବାରର ଅନ୍ୟ ସଦସ୍ୟ ମାନେ ମିଳିମିଶି ଜନ୍ମିତ ଶିଶୁର ସମସ୍ତ ଯତ୍ନ ନିଅନ୍ତି । ଶିଶୁର ସ୍ୱାସ୍ଥ୍ୟରେ କିଛି ଅସୁବିଧା ଦେଖାଦେଲେ ପିତାମାତାମାନେ ଶିଶୁଟିକୁ ସେମାନଙ୍କ ପଡ଼ିଶାର କେହି ନିକଟ ସମ୍ପର୍କୀୟଙ୍କ ହାତରେ ଟେକି ଦିଅନ୍ତି । ଅବଶ୍ୟ ପିଲାଟି ପ୍ରକୃତ ବାପ ମାଙ୍କ ପାଖରେ ରହେ । ଆଉ କେତେକ ଭିନ୍ନ ଘଟଣାରେ ପିଲାର ସୁରକ୍ଷା ନିମନ୍ତେ ପିତା ମାତା ବିଭିନ୍ନ ଦେବଦେବୀଙ୍କୁ ମାନସିକ କରିଥାନ୍ତି । ମାନସିକ ପୂରଣରେ ଠାକୁରାଣୀ ଗାଇଁଶିରୀ, ବଡ଼ାମ୍, ପାଟଦେବୀ ଆଦିଙ୍କ ପାଖରେ ବଳିଦେବାକୁ ହୁଏ । ପିଲାଟି ଚାଲି ଶିଖିବା ଆରମ୍ଭ କଲେ ଗାଁ ଦୁଆରୀ ପର୍ବ ପାଳିତ ହୁଏ ଓ ମାମୁଁ ପିଲାର ମୁଣ୍ଡରେ ଥିବା ଜନ୍ମବାଳ କାଟନ୍ତି । ପାଉଡ଼ି ଭୂୟାଁ ସମାଜରେ ପୁଅ ଝିଅମାନେ ଗୋଷ୍ଠୀ ଭିତରେ ନିଜର ଜୀବନ ଜୀବିକା ନିମନ୍ତେ ଆବଶ୍ୟକ ଜ୍ଞାନ ହାସଲ କରି ବା ଆତ୍ମ ନିର୍ଭରଶୀଳ ହେବାକୁ ଚେଷ୍ଟିତ ହୁଅନ୍ତି । ୧୨ ବା ୧୪ ବର୍ଷ ବୟସରେ ପିଲାମାନେ ଦରବାର ଘର ସଂସ୍କୃତି ସହିତ ନିଜକୁ ସାମିଲ୍ କରିଦିଅନ୍ତି । ପାଉଡ଼ି ଭୂୟାଁ ସମାଜରେ ଭିନ୍ନ ଗୋତ୍ରରେ ବିବାହ ପରମ୍ପରା ରହିଛି । ସ୍ୱଗୋତ୍ରରେ ବିବାହ ନିଷେଧ ଓ ଅପରାଧ ବୋଲି ଗଣ୍ୟ ହୁଏ । ନିଜ କୁଟୁମ୍ବ ବିଷୟରେ ସେମାନଙ୍କର ସ୍ପଷ୍ଟ ଧାରଣା ରହିଥାଏ । ବନ୍ଧୁ ଗୋଷ୍ଠୀ ସହିତ ବୈବାହିକ ସମ୍ବନ୍ଧ ସ୍ଥାପିତ ହୁଏ । ପାଉଡ଼ି ଭୂୟାଁମାନେ ଜଣକୁ ବିବାହ କରନ୍ତି । ବିବାହ କରିଥିବା ସ୍ତ୍ରୀ ଯଦି ସନ୍ତାନ ସମ୍ଭବା ନ ହୁଏ, ସେ କ୍ଷେତ୍ରରେ ପୁରୁଷମାନେ ସାମାଜିକ ସ୍ୱୀକୃତି ନେଇ ଆଉ ଜଣକୁ ବିବାହ କରିଥାନ୍ତି । ପ୍ରଥମ ବିବାହକୁ ମାଙ୍ଗି ବିଭା କୁହାଯାଏ । ଏହା ସମୟ ସାପେକ୍ଷ ଓ ଏଥିରେ ଉଭୟ ପକ୍ଷଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଯିଏ ଯାହାକୁ ଭଲ ପାଏ ତା ସହିତ ସିଏ ଚାଲିଯାଏ । ଏ ପ୍ରକାର ବିବାହକୁ 'ଧରିପଳା' ବିବାହ କୁହାଯାଏ ସେହିପରି ଜଣେ ଅନ୍ୟ ଜଣକୁ ପସନ୍ଦ କଲେ ତାକୁ ଜୀବନ ସାଥୀ କରିବା ଉଦ୍ଦେଶ୍ୟରେ ଝିଙ୍କିନିଏ । ଏହାକୁ 'ଘିଚା ବିବାହ' କୁହନ୍ତି। ଧରିପଳା ଓ ଘିଚା ବିବାହ ତତ୍‌କାଳ ହୋଇଯାଏ ।



ମନୋନୀତା ଯୁବତୀର ଜୁଡ଼ାରେ ଯୁବକଟିଏ ଫୁଲ ଖୋସିଦେଇ ଯେଉଁ ବିବାହ ହୁଏ ତାହାକୁ "ଫୁଲ ଖୁସି " ବିବାହ କହନ୍ତି । ସେହିପରି ଯୁବକଟିଏ ତା'ର ପ୍ରେୟସୀ ଉପରକୁ ଆମ୍ବ



ପକାଇଲେ ଯେଉଁ ବିବାହ ହୁଏ ତାହା " ଆମ୍ ଲେସରା " ନାମରେ ପରିଚିତ । ମନୋନୀତ ଯୁବତୀ ଦେହରେ ଯୁବକଟିଏ କାଦୁଅ ଲେସିଦେଲେ ସେହି ବିବାହକୁ 'କାଦଲେସା' ବିବାହ କୁହାଯାଏ ।

ପ୍ରଚଳିତ ସାମାଜିକ ନିୟମ ଓ ମୂଲ୍ୟବୋଧକୁ ମାନି ଜଣେ ବିଧବାକୁ ମଧ୍ୟ ପତ୍ନୀ ଭାବରେ ଗ୍ରହଣ କରାଯାଇପାରେ । କନ୍ୟାପୁନା ଏକ ସାମାଜିକ ପ୍ରଥା । ବ୍ୟକ୍ତି ଓ ବିବାହର ପ୍ରକାର ଭେଦକୁ ନେଇ ଖର୍ଚ୍ଚ କମ୍ ବେଶୀ ହୋଇଥାଏ । ଯେଉଁମାନଙ୍କର ଆର୍ଥିକ ସମ୍ବଳ ଭଲ ସେମାନେ ବିବାହ ଉପଲକ୍ଷରେ ବହୁତ ଟଙ୍କା ଖର୍ଚ୍ଚ କରିଥାନ୍ତି ।



ବିବାହପରେ ନବବିବାହିତ ଦମ୍ପତି (ସ୍ୱାମୀ ଓ ସ୍ତ୍ରୀ) ଦରବାର ଘରର ବନ୍ଧୁ ଓ ବାନ୍ଧବୀ ମାନଙ୍କୁ କିଛି ଉପହାର ଦେଇଥାନ୍ତି । ସେହିପରି ବନ୍ଧୁ ଓ ବାନ୍ଧବୀମାନେ ମଧ୍ୟ ଦମ୍ପତିଙ୍କୁ ଆନୁଷ୍ଠାନିକ ଭାବରେ ସାଧାରଣ ବିଦାୟ ସମ୍ବର୍ଦ୍ଧନା ଦେଇଥାନ୍ତି । ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସାଧାରଣତଃ ଉତ୍ତମ ସମ୍ପର୍କ ଓ ବୁଝାମଣା ରହିଥାଏ । ଅପରାଧ ଗର୍ହିତ ହେଲେ ଛାଡ଼ପତ୍ର ଦେବାକୁ ହୁଏ । ଉଭୟେ ଉଭୟଙ୍କୁ ଛାଡ଼ପତ୍ର ଦେବାର ପରଂପରା ରହିଛି ।

ପାଉଡ଼ିଭୂୟାଁମାନେ ଭାରି ସହଯୋଗୀ । ପିଲାମାନଙ୍କୁ ନେଇ ହସଖୁସିରେ ସେମାନଙ୍କର ସଂସାର ଚଳିଯାଏ । ବାର୍ଦ୍ଧକ୍ୟରେ ପୁଅମାନେ ସେମାନଙ୍କର ବୁଢ଼ା ବାପାମାଆଙ୍କର ଉପଯୁକ୍ତ ଯତ୍ନ ନେବାକୁ ନିଜର କର୍ତ୍ତବ୍ୟ ବୋଲି ମନେକରନ୍ତି । ପିତାମାତାମାନେ ମଧ୍ୟ ସେମାନଙ୍କର ଶେଷ ଜୀବନକୁ ପୁଅ-ଝିଅ-ନାତି ଓ ନାତୁଣୀ ମାନଙ୍କ ଗହଣରେ ବିତାଇଥାନ୍ତି ।

ଦେବଦେବୀମାନେ ଅସନ୍ତୁଷ୍ଟ ହେଲେ ମୃତ୍ୟୁ ଆସେ । ମୃତ୍ୟୁ ବି ଆସେ ଭୂତ-ପ୍ରେତ ଓ ଗୁଣୀ ଗାରେଡ଼ି ଆଦି କାରଣରୁ । ମୃତ୍ୟୁପ୍ରତି ଏହି ବିଶ୍ୱାସବୋଧ ଭିତରେ ଜୀବନପ୍ରତି ଯେଉଁ ମମତ୍ୱବୋଧ ଥାଏ, ତାହା ଉଲ୍ଲେଖନୀୟ । କୁଟୁମ୍ବ ଓ ବନ୍ଧୁ ସମ୍ପର୍କୀୟ ସମସ୍ତେ ଶୋକ କ୍ରିୟାରେ ଯୋଗଦାନ କରି ମଶାଣୀକୁ ଶବ ବୋହି ନେଇଥାନ୍ତି ।



ବଡପୁଅ ପ୍ରଥମେ ମୁଠାଏ ମାଟି ନିଏ । ତା'ପରେ ଅନ୍ୟାନ୍ୟ ସାହି ଭାଇ, ପଡ଼ୋଶୀ ଓ ଜ୍ଞାତିମାନେ ମୁଠାଏ ମୁଠାଏ ମାଟି ଦିଅନ୍ତି । ଜଣେ ଗର୍ଭବତୀ ମହିଳାର ମୃତ୍ୟୁ ହେଲେ, ଏପରି ସ୍ଥଳେ ଅଶୌଚ ଅବଧିର ସମୟ ମାତ୍ର ଦୁଇ ବା ତିନି ଦିନ ହୋଇଥାଏ । ସେମାନେ ମୃତକର ଆତ୍ମାକୁ ଘରକୁ ଡ଼ାକିଆଣି ମୁଖ୍ୟ ଘର ଭିତରେ ପୂର୍ବପୁରୁଷଙ୍କ ଆତ୍ମାକୁ ସ୍ଥାପିତ କରନ୍ତି ।



ପରିବର୍ତ୍ତନ ଓ ଉନ୍ନୟନ

ଅତୀତରେ ପାଉଡ଼ିଭୂୟାଁମାନେ ନିଃସଙ୍ଗ ଜୀବନଯାପନ କରୁଥିଲେ । ଆଧୁନିକୀ କରଣର ପ୍ରଭାବ ତଥା ଯୋଜନାବଦ୍ଧ ଉନ୍ନୟନର ପ୍ରଚେଷ୍ଟା ଓ ବିକାଶମୁଖୀ କାର୍ଯ୍ୟଧାରାର ପ୍ରସାର ଦ୍ୱାରା ପାଉଡ଼ି ଭୂୟାଁମାନେ ଆକର୍ଷିତ ହୋଇ ନିଜର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିଛନ୍ତି । ସାମାଜିକ ଓ ଅର୍ଥନୈତିକ ଉନ୍ନୟନ କାର୍ଯ୍ୟଧାରା ସେମାନଙ୍କ ସାଂସ୍କୃତିକ ଜୀବନ ଶୈଳୀରେ ବିପୁଳ ପରିବର୍ତ୍ତନ ଆଣିଛି ।

ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର କାର୍ଯ୍ୟକାରିତା ସରକାରୀ ସଂସ୍ଥା ସମୂହ ଓ କେତେକ ବିଦେଶୀ ପୁଞ୍ଜିନିବେଶ ଅନୁଷ୍ଠାନ ମାନଙ୍କର ସାହାଯ୍ୟ ଓ ସହଯୋଗ ବିଶେଷ ଭାବରେ ପାଉଡ଼ି ଭୂୟାଁମାନଙ୍କର ଅର୍ଥନୈତିକ ଅବସ୍ଥାକୁ ବଦଳାଇବାରେ ପ୍ରମୁଖ ଭୂମିକା ନେଇଛି । ବିଗତ ୬୦ ବର୍ଷ ମଧ୍ୟରେ ସରକାର ପାଉଡ଼ି ଭୂୟାଁମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବହୁବିଧ ବ୍ୟବସ୍ଥା କରିଛନ୍ତି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ମୁଖ୍ୟତଃ ଅଣୁପ୍ରକଳ୍ପ ଦ୍ୱାରା ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ଜନ୍ମେ ସୁନ୍ଦରଗଡ଼ ଜିଲ୍ଲାର ଖୁଣ୍ଟଗାଁ, ଅନୁଗୁଳ ଜିଲ୍ଲା ପାଲଲହଡ଼ା ବ୍ଲକ୍‌ର ଜାମରଡ଼ିହି ଓ ଦେଓଗଡ଼ ଜିଲ୍ଲାର ବୁଗୁଡ଼ା କୁଦରଠାରେ ତିନିଗୋଟି ଅଣୁପ୍ରକଳ୍ପ କାର୍ଯ୍ୟକରୁଛି । ନିଜ ନିଜ ପରିଧିରେ ଅଣୁପ୍ରକଳ୍ପ ଗୁଡ଼ିକ ପାଉଡ଼ିଭୂୟାଁ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ କାର୍ଯ୍ୟ କରିଚାଲିଛନ୍ତି । ଧୀରେ ଧୀରେ ବିକାଶଧାରା ତ୍ୱରାନ୍ୱିତ ହେବାରେ ଲାଗିଛି । କୃଷି ବିଜ୍ଞାନ ପ୍ରଣାଳୀର ପ୍ରୟୋଗ, ଅଧିକ ଅମଳକ୍ଷମ ବିହନ ବ୍ୟବହାର, ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଆଦି ଦ୍ୱାରା ପାଉଡ଼ି ଭୂୟାଁମାନେ ବହୁ ଭାବରେ ଉପକୃତ ହେଉଛନ୍ତି ।

ଜୀବନର ଗୁଣାତ୍ମକ ମାନ ଓ ଅବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ସରକାର ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସଂରକ୍ଷଣ, ମୌଳିକ ଭିତ୍ତିଭୂମିର ବିକାଶ, ବ୍ୟକ୍ତିଗତ ହୀତକାରୀ ଯୋଜନା ଆଦି ବହୁମୁଖୀ ସରକାରୀ ଯୋଜନା କାର୍ଯ୍ୟକାରୀ ହେବାଦ୍ୱାରା ସେମାନଙ୍କର ଜୀବନର ମାନରେ ପରିବର୍ତ୍ତନ ଆସିଛି । ଆଧୁନିକ ପ୍ରଣାଳୀରେ କୃଷିଜରି ଏକାଧିକ ଫସଲ ଉତ୍ପାଦନ କରିବା; କୃଷି କ୍ଷେତ୍ରକୁ ଜଳସେଚନର ବିହିତ ବ୍ୟବସ୍ଥା ସହିତ ଆବଶ୍ୟକୀୟ ଆର୍ଥିକ ସହାୟତା ଓ ଉତ୍ପାଦିତ ଦ୍ରବ୍ୟର ବିପଣନ ହେବା ଦ୍ୱାରା ଏ ପରିବର୍ତ୍ତନ ସମ୍ଭବ ହୋଇଛି । ପୋକୁ ଚାଷ ବଦଳରେ ଆଧୁନିକ କୃଷି ପ୍ରଣାଳୀରେ ଅଧିକ ଅମଳକ୍ଷମ ବିହନର ବ୍ୟବହାର, ରାସାୟନିକ ସାର ଓ କୀଟନାଶକର ପ୍ରୟୋଗ ଆଦି ପାଉଡ଼ି ଭୂୟାଁ ମାନଙ୍କର ଜୀବନ ଓ ଜୀବିକାକୁ ନୂଆ ବାଟ ଦେଖାଇଛି ।









ପାଉଡ଼ିଭୂୟାଁ ଅଞ୍ଚଳରେ ଥିବା ଆବାସିକ ବିଦ୍ୟାଳୟ ପ୍ରତି ପିଲାମାନେ ଅଧିକ ସଂଖ୍ୟାରେ ଆକୃଷ୍ଟ ହେଉଛନ୍ତି । ଶୈକ୍ଷିକ ବିକାଶ ଦିଗରେ ଅଣ-ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର ଗୁଡ଼ିକର ମଧ୍ୟ ଉଲ୍ଲେଖନୀୟ ଅବଦାନ ରହିଛି । ସର୍ବତୋ ଭାବେ ପାଉଡ଼ିଭୂୟାଁ ଜନଜାତିମାନେ ଏବେ ବିକାଶ ପଥରେ ଆଗେଇ ଗ୍ଭଲିଛନ୍ତି ।

ପାଉଡ଼ି ଭୂୟାଁ ଯୁବକମାନେ ଏବେ ଛୋଟ ଛୋଟ ବ୍ୟବସାୟ କରୁଛନ୍ତି । ପାଖ ସହରରେ ଜାଳେଣୀ କାଠ ବିକ୍ରି କରୁଛନ୍ତି । ଅଣ ଆଦିବାସୀ ମାନଙ୍କ ଘରେ ଦିନ ମଜୁରିଆ ଭାବରେ କାମ କରୁଛନ୍ତି । ସମତଳ ଅଞ୍ଚଳର ନେତାଗିରୀ ପରି ମଧ୍ୟ ଏ ଅଞ୍ଚଳରେ କ୍ରମଶଃ ନୂତନ ପିଢ଼ିରେ ଏହାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।



ପାଉଡ଼ିଭୂୟାଁ ମାନଙ୍କର ପ୍ରାଚୀନ ଜ୍ଞାନ କୌଶଳ ଏବେ ଆଉ ସେତେଟା ଗ୍ରହଣ ଯୋଗ୍ୟ ହୋଇପାରୁନାହିଁ । ଆଧୁନିକ ଯୁବପିଢ଼ୀଙ୍କ ମାନସିକତା ବେଶୀ ମାତ୍ରାରେ ଆତ୍ମନିର୍ଭରଶୀଳ ନ ହୋଇ ପର ମୁଖାପେକ୍ଷୀ ହେବାରେ ଲାଗିଛି । ବର୍ତ୍ତମାନ ସମୟରେ ମହିଳାମାନେ ମଧ୍ୟ ଠିକାଦାର ଅଧୀନରେ ହେଉଥିବା ରାସ୍ତାକାମରେ ଦିନ ମଜୁରିଆ ଭାବରେ କାମ କରିବାର ଦେଖାଯାଉଛି । କେତେକ ମହିଳା ଛୋଟ କାଟର ବ୍ୟବସାୟ ବାଣିଜ୍ୟ ଆରମ୍ଭ କଲେଣି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆରକ୍ଷୀ କାର୍ଯ୍ୟାଳୟ, କୃଷି ସଂପ୍ରସାରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଡ଼ାକ୍ତରଖାନା, ଡ଼ାକଘର, ସାପ୍ତାହିକ ହାଟ ବଜାର, ବଡ଼ ବଡ଼ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ୍ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକ ଦ୍ୱାରା ଉନ୍ନୟନର ମାର୍ଗ ଫିଟୁଛି ଓ ଜୀବନ ଧାରଣର ଶୈଳୀ ବଦଳୁଛି ।

“ଦରବାର ଘର”, ଯାହାଦିନେ ପାଉଡ଼ିଭୂୟାଁ ମାନଙ୍କର ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର ଥିଲା, ତାହା ଆଉ ନାହିଁ । ସେ ମର୍ଯ୍ୟାଦା ହଜିଗଲାଣି । ତାହା ତା’ର ମହତ୍ତ୍ୱ ଓ ପରିଚିତି ହରାଇ ସାରିଲାଣି । ମୁଖ୍ୟସ୍ରୋତର ପ୍ରଭାବରେ ନିଜ ଧର୍ମର ଦେବଦେବୀ ମାନଙ୍କର ଗୁରୁତ୍ୱ ଦିନକୁ ଦିନ କମିଯାଉଛି । ଗ୍ରାମ ଓ ଆନ୍ତଃଗ୍ରାମ ସମ୍ପର୍କରେ ଯେଉଁ ସୁମଧୁର ସହଭାଗିତା ଥିଲା ତାହା ଆଉ ନାହିଁ । ଏପରିକି ପାରିବାରିକ ସ୍ତରରେ ଯେଉଁ ସାହାଯ୍ୟ, ସହଯୋଗ ଓ ସହାନୁଭୂତିର ମାନସିକତା ଥିଲା ସେପରି ଉଦାର ମନୋବୃତ୍ତି ଆଉ ଦେଖାଯାଉନାହିଁ । ପ୍ରାଚୀନ ଜୀବନବୋଧର ମଧୁର - ମହକ କ୍ରମଶଃ ଆଧୁନିକ ସମାଜରୁ ଧୀରେ ଧୀରେ ଅପସରି ଯାଉଛି । ସମାଜ ଦ୍ରୁତ ଗତିରେ ବଦଳିବାରେ ଲାଗିଛି ।







ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ। ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା


ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ଓଡ଼ିଶାର
ପ୍ରାଚୀନତମ ଜନଜାତି



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨



ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)
କମିଶନର ତଥା ଶାସନ ସଚିବ




ଓଡ଼ିଶାର ପ୍ରାଚୀନତମ ଜନଜାତି

ମୂଳ ଇଂରାଜୀ
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି
ବିଜ୍ଞାନାନନ୍ଦ ମହାନ୍ତି
ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର - ୭୫୧୦୦୯



ଉପକ୍ରମ

ଆମ ଦେଶ ଭାରତ ବର୍ଷରେ ଶତାଧିକ ଅନୁସୂଚିତ ଜନଜାତି ଗୋଷ୍ଠୀ ବାସ କରୁଛନ୍ତି । ସାଧାରଣତଃ ଦୁର୍ଗମ ପାହାଡ଼ ଓ ପାର୍ବତ୍ୟାଞ୍ଚଳରେ ସେମାନଙ୍କର ବସତି ରହିଆସିଛି । ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ଅନଗ୍ରସର । ଯେଉଁ ଅନୁସୂଚିତ ଜନଜାତି ଗୋଷ୍ଠୀ ଅତି ଦୁର୍ଗମ ଅଞ୍ଚଳରେ ବାସ କରିବା ସହିତ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ନିହାତି ପଛୁଆ ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ ତାଙ୍କ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ "ପ୍ରାଚୀନତମ ଗୋଷ୍ଠୀ" ଅନ୍ତର୍ଭୁକ୍ତ କରାଯାଇଛି ।

ପ୍ରାଚୀନତମ ଆଦିବାସୀ ଗୋଷ୍ଠୀ ଚିହ୍ନଟ ମାନଦଣ୍ଡ :

ଭାରତ ସରକାର ପ୍ରାଚୀନତମ ଆଦିବାସୀ ଗୋଷ୍ଠୀକୁ ଠାବକରି ଚିହ୍ନଟ କରିବା ଓ ଶ୍ରେଣୀ ବିଭାଜନ କରିବା ଲକ୍ଷ୍ୟରେ ନିମ୍ନୋକ୍ତ କେତେକ ମୁଖ୍ୟ ମାନଦଣ୍ଡକୁ ଆଧାର ଭାବରେ ଗ୍ରହଣ କରିଛନ୍ତି ।

- ବିଚ୍ଛିନ୍ନ ବସତି ଅଞ୍ଚଳରେ ପ୍ରାଚୀନତମ ଜନଜାତି ଗୋଷ୍ଠୀ ବସବାସ କରନ୍ତି ।
- ପ୍ରାଚୀନତମ ଜନଜାତି ଗୋଷ୍ଠୀର ଜନସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ଅଥବା ସ୍ଥିର ରହୁଥିବାର ଲକ୍ଷ୍ୟ କରାଯାଉଛି ।
- ସାକ୍ଷରତା ହାର ସ୍ୱଳ୍ପ ।
- ଶିକାର, ଖାଦ୍ୟସଂଗ୍ରହ ଓ ପୋଡୁଚାଷ କରି ଜୀବନ ଜୀବିକା ନିର୍ବାହ କରନ୍ତି । ସେମାନଙ୍କର ବୈଷୟିକ ଜ୍ଞାନ ଅତ୍ୟନ୍ତ ନିମ୍ନସ୍ତରର ହୋଇଥାଏ ।


ଜୀବନ ସଂଗ୍ରାମ :

- ପ୍ରାଚୀନତମ ଜନଜାତି ଗୋଷ୍ଠୀର ଚରିତ୍ର, ଆଚରଣ ଓ ବ୍ୟବହାରରେ ବହୁବିଧ ବିଚିତ୍ରତା ପରିଲକ୍ଷିତ ହୁଏ ।
- ଦୁର୍ଗମ ପାହାଡ଼ ଓ ପାର୍ବତ୍ୟାଞ୍ଚଳର ପୃଥକ ଭୌଗୋଳିକ ପରିବେଶ ଓ ପରିବେଷ୍ଟନୀରେ ଜୀବନ ଜୀବିକା ନିର୍ବାହ କରିବାରେ ସେମାନେ ଅଭ୍ୟସ୍ତ ।
- ସେମାନଙ୍କର ବସତି ଦୁର୍ଗମ ଅଞ୍ଚଳରେ ଅବସ୍ଥିତ କାରଣରୁ ପ୍ରଶାସନିକ ବ୍ୟବସ୍ଥା ଓ ମୌଳିକ ଭିତ୍ତି ଭୂମିର ଅଭାବ ରହିଛି ।
- ସେମାନେ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ଅତ୍ୟନ୍ତ ଜଟିଳ ଓ ଭଙ୍ଗୁର ପରିବେଶରେ ଉଦାସୀନ ଜୀବନ ଅତିବାହିତ କରୁଛନ୍ତି ।

- ସେମାନଙ୍କର ପାରମ୍ପରିକ ଜୀବନ ଓ ଜୀବିକା ନିର୍ବାହ ପ୍ରଣାଳୀ ଦିନକୁ ଦିନ ବଦଳିବାରେ ଲାଗିଛି । ପୁରୁଣା ମୂଲ୍ୟବୋଧ କ୍ରମଶଃ ହ୍ରାସ ପାଉଛି ।
- ପ୍ରାଚୀନତମ ଜନଜାତି ଗୋଷ୍ଠୀ ସାମାଜିକ-ଅର୍ଥନୈତିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ଅନ୍ୟାନ୍ୟ ଅନୁସୂଚିତ ଜନଜାତିଙ୍କ ତୁଳନାରେ ବହୁତ ପଛରେ ଅଛନ୍ତି ।
- ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ଅନ୍ୟ ଜନଜାତିଙ୍କ ଠାରୁ ଅଲଗା । ପ୍ରାଚୀନତମ ଜନଜାତି ଗୋଷ୍ଠୀର ସର୍ବାଙ୍ଗୀନ ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଜନଜାତି ମାନଙ୍କ ସ୍ୱତନ୍ତ୍ର ଉନ୍ନୟନ ନିମନ୍ତେ ଆଦିବାସୀ ଉପଯୋଜନା (Tribal sub-plan) ଆରମ୍ଭ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ପ୍ରାଚୀନତମ ଜନଜାତି ଗୋଷ୍ଠୀକୁ ଚିହ୍ନଟ କରି ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ସ୍ୱତନ୍ତ୍ର ଉନ୍ନୟନମୂଳକ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି ।





ଭାରତର ପ୍ରାଚୀନତମ ଜନଜାତି ଗୋଷ୍ଠୀ

ଭାରତ ବର୍ଷର ଅବିଭକ୍ତ ୧୪ ଗୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ (ଆଣ୍ଡାମାନ ଓ ନିକୋବର) ଦ୍ୱୀପପୁଞ୍ଜରେ ମୋଟ ୭୫ ଗୋଟି ପ୍ରାଚୀନତମ ଜନଜାତି ଗୋଷ୍ଠୀ ବସବାସ କରୁଛନ୍ତି । ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ଆକଳନ ଅନୁଯାୟୀ ଏମାନଙ୍କର ସଂଖ୍ୟା ହାରାହାରି ୧.୩୬ ନିୟୁତ । ୨୦୦୧ ମସିହାର ଜନଗଣନା ହିସାବରେ ସମୁଦାୟ ଅନୁସୂଚିତ ଜନଜାତି ସଂଖ୍ୟାର ଏହା ଶତକଡ଼ା ୨ ଭାଗ ।

ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ	ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ସଂଖ୍ୟା	ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ	ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ସଂଖ୍ୟା
ଆନ୍ଧ୍ରପ୍ରଦେଶ	୧୨	ଓଡ଼ିଶା	୧୩
ବିହାର	୦୯	ରାଜସ୍ଥାନ	୦୧
ଗୁଜୁରାଟ	୦୫	ତାମିଲନାଡୁ	୦୬
କର୍ଣ୍ଣାଟକ	୦୨	ତ୍ରିପୁରା	୦୧
ମଧ୍ୟପ୍ରଦେଶ	୦୭	ଉତ୍ତର ପ୍ରଦେଶ	୦୨
ମହାରାଷ୍ଟ୍ର	୦୩	ପଶ୍ଚିମବଙ୍ଗ	୦୩
ମଣିପୁର	୦୧	ଆଣ୍ଡାମାନ ଓ ନିକୋବର (କେନ୍ଦ୍ରଶାସିତ ଅଞ୍ଚଳ)	୦୫
କେରଳ	୦୫	ମୋଟ	୭୫


ଓଡ଼ିଶାର ପ୍ରାଚୀନତମ ଜନଜାତି ଗୋଷ୍ଠୀ :

ଭାରତ ବର୍ଷର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତୁଳନାରେ ଓଡ଼ିଶାରେ ସର୍ବାଧିକ ୧୩ଟି ଗୋଷ୍ଠୀର ପ୍ରାଚୀନତମ ଜନଜାତି ବାସ କରୁଛନ୍ତି । ସେମାନେ ହେଲେ- ବଣ୍ଡା, ବିରହୋର, ଡିଡ଼ାୟୀ, ପାଉଡ଼ିଭୂୟାଁ, ଲାଞ୍ଜିଆ ସଉରା, ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, କୁଆଙ୍ଗ, ଚୁକଟିଆ ଭୁଞ୍ଜିଆ, ଲୋଧା ଓ ସଉରା ।

ବିଭିନ୍ନ ଯୋଜନା କାଳରେ ଓଡ଼ିଶାରେ ଚିହ୍ନିତ ପ୍ରାଚୀନତମ ଜନଜାତି ଗୋଷ୍ଠୀ :

କ୍ର. ସଂ.	ଯୋଜନା କାଳ	ବର୍ଷ	ପ୍ରାଚୀନତମ ଜନଜାତି ଗୋଷ୍ଠୀ
୧	ପଞ୍ଚମ ପଞ୍ଚବାର୍ଷିକ ଯୋଜନା	୧୯୭୪-୭୯	ବଣ୍ଡା
୨	ଯୋଜନା ବିରତି	୧୯୭୯-୮୦	କୁଆଙ୍ଗ, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ସଉରା, ପାଉଡ଼ି ଭୂୟାଁ, ବିରହୋର
୩	ସପ୍ତମ ପଞ୍ଚବାର୍ଷିକ ଯୋଜନା	୧୯୮୫-୯୦	ଡିଡ଼ାୟୀ, ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ, ଲୋଧା
୪	ଅଷ୍ଟମ ପଞ୍ଚବାର୍ଷିକ ଯୋଜନା	୧୯୯୨-୯୭	ଚୁକଟିଆ ଭୁଞ୍ଜିଆ





ପ୍ରାଚୀନତମ ଜନଜାତି ଗୋଷ୍ଠୀର ଶ୍ରେଣୀ ବିଭାଗ


ବିବିଧ ଭୌଗୋଳିକ ଅଞ୍ଚଳ :

ଭୌଗୋଳିକ ଅଞ୍ଚଳ	ପ୍ରାଚୀନତମ ଜନଜାତି ଗୋଷ୍ଠୀ
• ଉତ୍ତରାଞ୍ଚଳ ଉପତ୍ୟକା	କୁଆଙ୍ଗ, ପାଉଡ଼ି ଭୂୟାଁ, ଲୋଧା, ମାଙ୍କିଡ଼ିଆ, ବିରହୋର, ପାହାଡ଼ି ଖଡ଼ିଆ
• ପୂର୍ବ ଘାଟ ପାର୍ବତ୍ୟାଞ୍ଚଳ	ସଉରା, କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ବଣ୍ଡା, ଡିଡ଼ାୟୀ, ଚୁକଟିଆ ଭୁଞ୍ଜିଆ
ଭାଷାଗୋଷ୍ଠୀ	
• ଭାରତୀୟ-ଆର୍ଯ୍ୟ	ପାହାଡ଼ି ଖଡ଼ିଆ, ପାଉଡ଼ି ଭୂୟାଁ, ଲୋଧା, ଚୁକଟିଆ ଭୁଞ୍ଜିଆ,
• ଦ୍ରାବିଡ଼	ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ
• ଅଷ୍ଟ୍ରୋ-ଏସିଆଟିକ୍/ମୁଣ୍ଡା	ବିରହୋର, ବଣ୍ଡା, କୁଆଙ୍ଗ, ସଉରା, ଲାଞ୍ଜିଆ ସଉରା, ମାଙ୍କିଡ଼ିଆ, ଡିଡ଼ାୟୀ
ଅର୍ଥନୈତିକ ଓ ବୈଷୟିକ ସ୍ତର :	
ବୈଷୟିକ ଅର୍ଥନୀତି	
• ଶିକାରୀ, ଖାଦ୍ୟ ସଂଗ୍ରହକାରୀ	ବିରହୋର, ମାଙ୍କିଡ଼ିଆ, ପାହାଡ଼ି ଖଡ଼ିଆ
• ପୋହୁଚାଷ	ବଣ୍ଡା, ଡିଡ଼ାୟୀ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, କୁଆଙ୍ଗ, ଲାଞ୍ଜିଆ ସଉରା, ପାଉଡ଼ି ଭୂୟାଁ, ସଉରା
• ସୋପାନ କୃଷି	ସଉରା, ଲାଞ୍ଜିଆ ସଉରା
• ସାଧାରଣ କୃଷି	ଲୋଧା, ଚୁକଟିଆ ଭୁଞ୍ଜିଆ
ଅଞ୍ଚଳ ସମୂହ	
• ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ	ବଣ୍ଡା, ବିରହୋର, ଡିଡ଼ାୟୀ, ଡଙ୍ଗରିଆ କନ୍ଧ, ପାହାଡ଼ି ଖଡ଼ିଆ, କୁଆଙ୍ଗ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା ଓ ମାଙ୍କିଡ଼ିଆ
• ଜନଜାତି ଉପଯୋଜନା ବହିର୍ଭୂତ	ଚୁକଟିଆ ଭୁଞ୍ଜିଆ

ପ୍ରଶାସନିକ ଅଞ୍ଚଳ :


ଅଞ୍ଚଳ	
• ପଶ୍ଚିମାଞ୍ଚଳ	କଳାହାଣ୍ଡି, ନୂଆପଡ଼ା, ସୁନ୍ଦରଗଡ଼, ଦେଓଗଡ଼, ଅନୁଗୁଳ
• ଉତ୍ତରାଞ୍ଚଳ	ମୟୂରଭଞ୍ଜ, କେଉଁଝର
• ଦକ୍ଷିଣାଞ୍ଚଳ	ମାଲକାନାଗିରି, ରାୟଗଡ଼ା, ଫୁଲବାଣୀ, ଗଜପତି, ଗଞ୍ଜାମ






ଅଣୁ ପ୍ରକଳ୍ପ ସ୍ଥାପନା

ପ୍ରାଚୀନତମ ଜନଜାତି ଗୋଷ୍ଠୀଙ୍କ ନାମ	ଯୋଜନା କାଳ	ଅଣୁ-ପ୍ରକଳ୍ପର ନାମ ଓ ଠିକଣା	ଅନ୍ତର୍ଭୁକ୍ତ ବ୍ଲକ	ଜିଲ୍ଲା	ସ୍ଥାପନା ବର୍ଷ
ଲୋଧା	ସପ୍ତମ ପଞ୍ଚବାର୍ଷିକ ଯୋଜନା- ୧୯୮୫-୯୦	ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା	ଶୁଳିଆପଦା ମୋରଡ଼ା	ମୟୂରଭଞ୍ଜ	୧୯୮୫-୮୬
ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ ବିରହୋର	ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦	ପାହାଡ଼ି ଖଡ଼ିଆ ଓ ମାଙ୍କଡ଼ିଆ ଉନ୍ନୟନ ସଂସ୍ଥା ଯଶୀପୁର	କରଞ୍ଜିଆ ଓ ଯଶୀପୁର	ମୟୂରଭଞ୍ଜ	୧୯୮୬-୮୭
ପାଉଁଡ଼ି ଭୂୟାଁ	ବାର୍ଷିକ ଯୋଜନା ୧୯୭୯-୮୦	ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟ ଗାଁ	ଲହୁଣୀ ପଡ଼ା	ସୁନ୍ଦରଗଡ଼	୧୯୭୮-୭୯
		ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ଜମର ଡିହି*	ପାଲଲହଡ଼ା	ଅନୁଗୁଳ	୧୯୭୮-୭୯
	ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ୧୯୯୨-୯୭	ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା, ବୁଗୁଡ଼ା କୁଦର*	ବାରକୋଟ	ଦେଓଗଡ଼	୧୯୯୩-୯୪
କୁଆଙ୍ଗ	ବାର୍ଷିକ ଯୋଜନା ୧୯୭୯-୮୦	କୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନାସିକା	ବାଂଶପାଳ	କେଉଁଝର	୧୯୭୮-୭୯
ଡଙ୍ଗରିଆ କନ୍ଧ	ବାର୍ଷିକ ଯୋଜନା ୧୯୭୯-୮୦	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି, ଚାଟିକୋଣା	ବିଷମ କଟକ ମୁନିଗୁଡ଼ା	ରାୟଗଡ଼ା	୧୯୭୮-୭୯
	ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପାରସାଲି	କଲ୍ୟାଣସିଂ ପୁର	ରାୟଗଡ଼ା	୧୯୮୭-୮୮



ସଉରା	ବାର୍ଷିକ ଯୋଜନା ୧୯୭୯-୮୦	ସଉରା ଉନ୍ନୟନ ସଂସ୍ଥା ଚନ୍ଦ୍ରଗିରି	ମୋହନା	ଗଜପତି	୧୯୭୮-୭୯
	ବାର୍ଷିକ ଯୋଜନା ୧୯୭୯-୮୦	ତୁୟା ଉନ୍ନୟନ ସଂସ୍ଥା, ତୁୟା*	ପାତ୍ରପୁର	ଗଞ୍ଜାମ	୧୯୭୮-୭୯
ଲାଞ୍ଜିଆ ସଉରା	ବାର୍ଷିକ ଯୋଜନା ୧୯୭୯-୮୦	ଲାଞ୍ଜିଆ ସାଉରା ଉନ୍ନୟନ ସଂସ୍ଥା ସେରଙ୍ଗ	ଗୁମା	ଗଜପତି	୧୯୭୮-୭୯
	ଷଷ୍ଠ ପଞ୍ଚବାର୍ଷିକ ଯୋଜନା ୧୯୮୦-୮୫	ଲାଞ୍ଜିଆ ସାଉରା ଉନ୍ନୟନ ସଂସ୍ଥା ପୁଟାଙ୍ଗି	ଗୁଣୁପୁର	ରାୟଗଡ଼ା	୧୯୮୪-୮୫
ବଣ୍ଡା	ପଞ୍ଚମ ପଞ୍ଚବାର୍ଷିକ ଯୋଜନା ୧୯୭୪-୭୯	ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲି ପଡ଼ା	ଖଇରପୁଟ	ମାଲକାନାଗିରି	୧୯୭୬-୭୭
ଡିଡ଼ାୟୀ	ସପ୍ତମ ପଞ୍ଚବାର୍ଷିକ ଯୋଜନା ୧୯୮୫-୯୦	ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଦୁମୁଲୁଗୁମା	କୁଦୁମୁଲୁଗୁମା	ମାଲକାନାଗିରି	୧୯୮୬-୮୭
ଚୁକଟିଆ ଭୁଞ୍ଜିଆ	ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ୧୯୯୨-୯୭	ଚୁକଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡ଼ା*	କୋମନା	ନୂଆପଡ଼ା	୧୯୯୪-୯୫

* ଜନଜାତି ଉପଯୋଜନା ବହିର୍ଭୂତ ଅଞ୍ଚଳରେ ଅବସ୍ଥିତ । ଅବଶିଷ୍ଟ ୧୩ ଗୋଟି ଅଣୁ-ପ୍ରକଳ୍ପ ଜନଜାତି ଉପଯୋଜନା ଅଞ୍ଚଳରେ ଥିବା ୧୦ ଗୋଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅନ୍ତର୍ଭୁକ୍ତ ।




ଉପକ୍ରମ

ପ୍ରାଚୀନତମ ଜନଜାତି ପରିସଂଖ୍ୟାନ - ୨୦୦୭


କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ଅନୁ-ପ୍ରକଳ୍ପର ନାମ ଓ ଠିକଣା	ଗ୍ରାମ ପଞ୍ଚାୟତ ସଂଖ୍ୟା	ଗ୍ରାମ / ପଡ଼ା ସଂଖ୍ୟା	ଭୌଗୋଳିକ ପରିସୀମା ବର୍ଗ କି.ମି.	ପ୍ରତି ବର୍ଗ ଜନସଂଖ୍ୟା	ଗୃହର କି.ମି.ରେ ଜନସଂଖ୍ୟା	ଗୃହର ଜନସଂଖ୍ୟା ହାର
୧	ବଣ୍ଡା	ବଣ୍ଡା ଉନ୍ନୟନ ସଂସ୍ଥା ମୁତୁଲିପଡ଼ା	୩	୨୯	୧୩୦	୬୦୦୮	୪୬	୩.୮
୨	ଚୁକଟିଆ ଭୁଞ୍ଜିଆ	ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା	୨	୧୪	୧୫୦	୨୨୬୯	୧୫	୪.୪
୩	ଚିଡ଼ାୟା	ଚିଡ଼ାୟା ଉନ୍ନୟନ ସଂସ୍ଥା କୁଚୁମୁଇସୁମା	୪	୩୭	୨୫୦	୬୫୪୫	୨୬	୪.୦
୪	ଡଙ୍ଗରିଆ କନ୍ଧ	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି	୫	୬୨	୧୧୫	୬୦୩୬	୫୨	୪.୨
୫	କୁଆଙ୍ଗ	କୁଆଙ୍ଗ ଉନ୍ନୟନ ସଂସ୍ଥା ଘୋନାସିକା	୬	୩୫	୬୪୧.୪୪	୮୨୮୧	୧୩	୪.୮
୬	ପାହାଡ଼ି ଖଡ଼ିଆ	ପାହାଡ଼ି ଖଡ଼ିଆ , ମାଲିଡ଼ିଆ,						
୭	ମାଲିଡ଼ିଆ	ଉନ୍ନୟନ ସଂସ୍ଥା, ଯଶୀପୁର	୧୧	୧୮	୧୨୯.୭୮	୨୦୮୨	୧୬	୩.୨
୮	ବିରହୋର							
୯	କୁଟିଆ କନ୍ଧ	କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଇଘର	୨	୬୮	୩୦୦	୫୫୨୪	୧୮	୪.୨
		କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼	୩	୧୬	୧୭.୫	୨୫୪୯	୧୪୬	୪.୯
		ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା , ସେରଙ୍ଗ	୩	୨୧	୩୦	୫୪୪୧	୧୮୧	୪.୨
୧୦	ଲାଞ୍ଜିଆ ସଉରା	ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାଙ୍ଗି	୧	୨୦	୩୫	୫୭୭୪	୧୬୫	୬.୩
୧୧	ଲୋଧା	ଲୋଧା ଉନ୍ନୟନ ସଂସ୍ଥା,ମୋରଡ଼ା	୬	୧୨	୨୫.୨୩	୨୮୪୦	୧୧୩	୩.୨
		ପାଇଡ଼ିଭୂୟାଁଉନ୍ନୟନ ସଂସ୍ଥା,	୪	୨୫	୧୮୮	୫୬୩୩	୩୦	୪.୫
		ଜମାରଡ଼ିହି						
୧୨	ପାଇଡ଼ିଭୂୟାଁ	ପାଇଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟ ଗାଁ	୫	୨୨	୧୭୪.୭୨	୩୯୧୪	୨୨	୩.୯
		ପାଇଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ବୁସୁଡ଼ା କୁଦର	୮	୩୨	୧୦୮.୬୯	୩୬୫୫	୩୪	୩.୮
୧୩	ସଉରା	ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି	୧୦	୩୨	୧୧.୫୯	୫୩୬୧	୪୬୩	୪.୮
		ଚୂୟା ଉନ୍ନୟନ ସଂସ୍ଥା, ଚୂୟା	୩	୫୮	୨୮.୪୯	୪୦୪୦	୧୪୨	୪.୧

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ (୨୦୦୧-୨୦୦୨ ଏବଂ ୨୦୦୭)



ଜନସଂଖ୍ୟା, ଲିଙ୍ଗ ଅନୁପାତ ଓ ଗୃହ

କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ଅଣୁ ପ୍ରକଳ୍ପର ନାମ ଓ ଠିକଣା	ମୋଟ	ଜନସଂଖ୍ୟା ପୁରୁଷ	ମହିଳା	ଲିଙ୍ଗ ଅନୁପାତ	ପ୍ରାଚୀନତମ ଜନଜାତି ଗୃହ ସଂଖ୍ୟା	ଗୃହ ସଂଖ୍ୟା ବିପିଏଲ୍	ଭୂମିହୀନ
୧	ବଣ୍ଡା	ବଣ୍ଡା ଉନ୍ନୟନ ସଂସ୍ଥା ମୁତୁଲିପଡ଼ା	୬୦୦୮	୨୭୧୭	୩୨୯୧	୧୨୧୧	୧୫୮୫	୧୪୫୫	୫୦୮
୨	ଚୁକଟିଆ ଭୁଞ୍ଜିଆ	ଚୁକୁଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ପୁନାବେଡ଼ା	୨୨୬୯	୧୧୨୪	୧୧୪୫	୧୦୧୯	୫୧୯	୫୧୯	୧୯୭
୩	ଡିଡ଼ାୟୀ	ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଡୁମୁଲୁଗୁମା	୬୫୪୫	୩୦୬୪	୩୪୮୧	୧୧୩୬	୧୬୩୩	୧୬୩୩	୯୬୦
୪	ଡଙ୍ଗରିଆ କନ୍ଧ	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କୁର୍ଲି	୬୦୩୬	୨୫୫୩	୩୪୮୩	୧୩୬୪	୧୪୩୦	୧୨୫୮	୧୨୬୦
		ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପାର୍ସାଲି	୨୫୬୭	୧୦୬୯	୧୪୯୮	୧୪୦୧	୬୧୫	୫୪୦	୪୧୬
୫	କୁଆଙ୍ଗ	କୁଆଙ୍ଗ ଉନ୍ନୟନ ସଂସ୍ଥା ଗୋନାସିକା	୮୨୮୧	୪୦୭୭	୪୨୦୪	୧୦୩୧	୧୭୨୮	୧୫୩୫	୩୧୬
୬	ପାହାଡ଼ି ଖଡ଼ିଆ	ପାହାଡ଼ି ଖଡ଼ିଆ ମାଙ୍ଗଡ଼ିଆ, ଉନ୍ନୟନ ସଂସ୍ଥା, ଯଶୀପୁର							
୭	ମାଙ୍ଗଡ଼ିଆ		୨୦୮୨	୧୦୩୩	୧୦୪୯	୧୦୧୫	୬୫୯	୬୫୯	୪୭୪
୮	ବିରହୋର								
୯	କୁଟିଆ କନ୍ଧ	କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ବେଲଘର	୫୫୨୪	୨୬୫୮	୨୮୬୬	୧୦୭୮	୧୩୨୫	୭୯୭	୨୯୯
		କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଲାଞ୍ଜିଗଡ଼	୨୫୪୯	୧୨୮୮	୧୨୬୧	୯୭୯	୫୯୧	୨୮୮	୯୫
୧୦	ଲାଞ୍ଜିଆ ସଉରା	ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ସେରଙ୍ଗ	୫୪୪୧	୨୭୭୨	୨୬୬୯	୯୬୩	୧୨୯୩	୬୩୩	୮୫
		ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ପୁଟାଙ୍ଗି	୫୭୭୪	୨୮୨୫	୨୯୪୯	୧୦୪୪	୯୧୯	୫୭୯	୯୭



୧୧	ଲୋଧା	ଲୋଧା ଉନ୍ନୟନ ସଂସ୍ଥା,ମୋରଡ଼ା	୨୮୪୦	୧୪୨୦	୧୩୭୦	୯୩୨	୮୨୪	୪୩୩	୨୧୧
୧୨	ପାଉଡ଼ିଭୂୟାଁ	ପାଉଡ଼ିଭୂୟାଁଉନ୍ନୟନ ସଂସ୍ଥା, ଜମାରଡ଼ିହି	୫୬୩୩	୨୮୧୨	୨୮୧୬	୧୦୦୦	୧୨୪୨	୧୨୩୬	୧୧୧
		ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟ ପାଁ	୩୮୧୪	୧୯୫୯	୧୯୫୫	୯୯୮	୯୯୯	୯୪୯	୯୨୫
		ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା ବୁଗୁଡ଼ା ବୁଦର	୩୬୫୫	୧୮୨୬	୧୮୨୯	୧୦୦୨	୯୭୨	୯୬୨	୩୫୧
୧୩	ସଉରା	ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି	୫୩୬୧	୨୬୭୯	୨୬୮୨	୧୦୦୧	୧୧୨୮	୬୨୭	୨୯୫
		ଚୂୟା ଉନ୍ନୟନ ସଂସ୍ଥା, ଚୂୟା	୪୦୪୦	୨୦୦୩	୨୦୩୭	୧୦୧୭	୯୮୧	୫୬୨	୨୪୮

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା ଜରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ(୨୦୦୧-୦୨ଏବଂ୨୦୦୬)

ଶିଶୁ ସଂଖ୍ୟା ଓ ସାକ୍ଷରତା ହାର :

କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ଅଣୁ- ପ୍ରକଳ୍ପର ନାମ ଓ ଠିକଣା	ଶିଶୁ ଜନସଂଖ୍ୟା		ସାକ୍ଷରତା ହାର	
			(୦-୬ ବର୍ଷ)	ମୋଟ	ପୁରୁଷ	ମହିଳା
୧	ବଣ୍ଡା	ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା	୧୨୪୬	୧୦.୩୩	୧୬.୧୫	୪.୬୦
୨	ଚୁକଟିଆ ଭୁଞ୍ଜିଆ	ଚୁକ୍‌ଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା	୬୫୭	୧୮.୬୭	୨୮.୫୫	୯.୧୭
୩	ଡିଡ଼ାୟୀ	ଡିଡ଼ାୟୀ ଉନ୍ନୟନ ସଂସ୍ଥା, କୁତୁମୁଲଗୁମା	୧୪୩୦	୬.୩୬	୧୨.୩୪	୨.୯୯
୪	ଡଙ୍ଗରିଆ କନ୍ଧ	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି	୧୬୮୮	୧୬.୨୩	୩୦.୨୭	୬.୦୨
		ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ସାଲି	୪୮୨	୧୪.୪୦	୨୨.୬୨	୬.୦୮
୫	ଜୁଆଙ୍ଗ	ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା	୨୪୫୭	୨୪.୧୨	୩୬.୬୬	୧୧.୯୬
୬	ପାହାଡ଼ି ଖଡ଼ିଆ	ପାହାଡ଼ି ଖଡ଼ିଆ ମାଳଡ଼ିଆ,				
୭	ମାଳଡ଼ିଆ	ଉନ୍ନୟନ ସଂସ୍ଥା, ଯଶୀପୁର	୩୦୮	୩୦.୪୫	୪୧.୬୩	୧୯.୪୫
୮	ବିରହୋର					
୯	କୁଟିଆ କନ୍ଧ	କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର	୨୮୬୩	୨୫.୮୩	୩୭୯୬	୧୪.୫୮
		କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼	୨୦୦	୩୨.୫୬	୪୪.୬୪	୨୦.୨୨



୧୦	ଲାଞ୍ଜିଆ ସଉରା	ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ସେରାଙ୍ଗ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ	୨୧୧୬ ୧୦୮୯	୨୯.୫୪ ୩୨.୯୯	୩୫.୨୩ ୪୧.୦୦	୧୯.୧୫ ୨୫୩୩
୧୧	ଲୋଧା	ଲୋଧା ଉନ୍ନୟନ ସଂସ୍ଥା, ମୋରଡ଼ା ପାଉଡ଼ିଭୂୟାଁଉନ୍ନୟନ ସଂସ୍ଥା, ଜମଗଡ଼ିହି	୫୩୧ ୧୨୧୬	୨୩.୪୧ ୩୪.୬୮	୨୯.୩୨ ୪୬.୨୫	୧୭.୦୮ ୨୩.୧୧
୧୨	ପାଉଡ଼ିଭୂୟାଁ	ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ଖୁଣ୍ଟ ଗାଁ ପାଉଡ଼ିଭୂୟାଁ ଉନ୍ନୟନ ସଂସ୍ଥା, ରୁଗୁଡ଼ା କୁଦର	୩୬୫ ୭୮୫	୧୯.୨୩ ୨୦.୪୧	୨୫.୮୮ ୨୨.୫୧	୧୨.୫୮ ୧୮.୩୨
୧୩	ସଉରା	ସଉରା ଉନ୍ନୟନ ସଂସ୍ଥା,ଚନ୍ଦ୍ରଗିରି ତୁମ୍ବା ଉନ୍ନୟନ ସଂସ୍ଥା, ତୁମ୍ବା	୧୧୪୧ ୭୭୫	୪୪.୦୦ ୨୬.୩୨	୬୦.୯୬ ୪୦.୬୫	୨୬.୮୮ ୧୫.୯୨

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ-(୨୦୦୧-୨୦୦୨ ଏବଂ ୨୦୦୭)

ପ୍ରାଚୀନତମ ଜନଜାତି ଗୋଷ୍ଠୀର ସାମାଜିକ ଓ ଅର୍ଥନୈତିକ ରୂପରେଖ

କ୍ରମିକ ସଂଖ୍ୟା	ପ୍ରାଚୀନତମ ଆଦିବାସୀ ଗୋଷ୍ଠୀର ନାମ	ଅଞ୍ଚଳ - ପ୍ରକଳ୍ପର ନାମ ଓ ଠିକଣା	ବ୍ଲକ୍	ଆୟରପତ୍ତା	ଚାଷ ଜମି (ଏକର ହିସାବରେ)	ଘର ପିଛା ହାରାହାରି ଜମିର ଜମିର ପରିମାଣ (ଏକର ଅନୁଯାୟୀ)
୧	ବଣ୍ଡା	ବଣ୍ଡା ଉନ୍ନୟନ ସଂସ୍ଥା, ମୁଦୁଲିପଡ଼ା	୧,୨,୪	୧,୨,୪,୫	୧୫୦୪.୪୪	୧.୦୯
୨	ଚୁକଟିଆ ଭୁଞ୍ଜିଆ	ଚୁକ୍‌ଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା, ସୁନାବେଡ଼ା	୧,୩	୧,୩,୫,୯	୭୮୯.୭୫	୧.୫୨
୩	ଡିଡ଼ାୟୀ	ଡିଡ଼ାୟୀ ଉନ୍ନୟନ ସଂସ୍ଥା, କୁଡୁମୁଲଗୁମା	୧,୪,୬,୭,୮	୧,୨,୫,୯	୧୬୫୩.୩୩	୨.୬୦
୪	ଡଙ୍ଗରିଆ କନ୍ଧ	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି	୨,୬	୧,୨,୫	୩୬୨.୩୫	୦.୨୯
		ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ସାଲି	୨,୪	୧,୨,୫	୩୩୨.୪୬	୨.୫୦
୫	କୁଆଙ୍ଗ	କୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା	୨,୪	୧,୨,୫,୯	୧୬୨୪.୭୩	୧.୩୬
୬	ପାହାଡ଼ି ଖଡ଼ିଆ	ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ, ଉନ୍ନୟନ ସଂସ୍ଥା, ଯଶୀପୁର	୫,୯	୧,୨,୫,୯	୧୪୧.୨୨	୦.୪୩
୭	ମାଙ୍କଡ଼ିଆ					
୮	ବିରହୋର					



୯	କୁଟିଆ କନ୍ଧ	କୁଟିଆ କନ୍ଧ ଉନ୍ନୟନ ଙ୍ଗସ୍ଥା, ବେଲଘର	୧,୪	୧,୨,୫	୪୭୬୦.୦୦	୧.୩୦
		କୁଟିଆ କନ୍ଧ ଉନ୍ନୟନ ଙ୍ଗସ୍ଥା, ଲାଞ୍ଜିଗଡ଼	୧,୩,୫	୧,୨,୫,୯	୧୫୨୬.୪୧	୨.୨୪
୧୦	ଲାଞ୍ଜିଆ ସଉରା	ଲାଞ୍ଜିଆ ସଉରା ଉନ୍ନୟନ ଙ୍ଗସ୍ଥା, ସେରଙ୍ଗ	୧,୨,୩,୫	୧,୨,୫,୯	୧୮୫୩.୧୬	୧.୫୭
		ଲାଞ୍ଜିଆ ସଉରା ଉନ୍ନୟନ ଙ୍ଗସ୍ଥା, ପୁଟାଙ୍ଗି	୧,୨,୩,୫	୧,୨,୩,୫	୧୧୭୬.୯୦	୧.୭୪
୧୧	ଲୋଧା	ଲୋଧା ଉନ୍ନୟନ ଙ୍ଗସ୍ଥା, ମୋରଡ଼ା	୧,୫,୯	୧,୨,୫,୯	୬୯୪.୭୭	୧.୩୪
୧୨	ପାଉଡ଼ିଭୂୟାଁ	ପାଉଡ଼ିଭୂୟାଁଉନ୍ନୟନ ଙ୍ଗସ୍ଥା, ଜମରଡ଼ିହି	୧,୨,୩,୪	୧,୨,୩,୪,୨	୦୪୧.୬୦	୧.୯୫
		ପାଉଡ଼ିଭୂୟାଁ ଉନ୍ନୟନ ଙ୍ଗସ୍ଥା, ଖୁଣ୍ଟ ଗାଁ	୧,୪,୫	୧,୨,୪,୫	୧୧୧୫.୩୨	୧.୨୨
		ପାଉଡ଼ିଭୂୟାଁ ଉନ୍ନୟନ ଙ୍ଗସ୍ଥା, ବୁଗୁଡ଼ା କୁଦର	୧,୪,୫	୧,୨,୪,୫	୪୭୫.୦୬	୧.୧୧
୧୩	ସଉରା	ସଉରା ଉନ୍ନୟନ ଙ୍ଗସ୍ଥା,ଚନ୍ଦ୍ରଗିରି	୧,୨,୩,୫	୧,୨,୩,୫	୧୨୪୨.୧୮	୧.୬୫
		ତୁୟା ଉନ୍ନୟନ ଙ୍ଗସ୍ଥା, ତୁୟା	୧,୩,୪,୫	୧,୨,୩,୪,୫	୧୧୩୮.୮୬	୧.୮୯

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ସାମାଜିକ ଓ ଅର୍ଥନୈତିକ ସର୍ବେକ୍ଷଣ-(୨୦୦୧-୨୦୦୨ଏବଂ୨୦୦୭)

ଜୀବନ ଶୈଳୀ ଓ ଭାଷା


କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ଜୀବନ ଶୈଳୀ	ଭାଷା
୧	ବଣ୍ଡା	• ମାଲକାନଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ ବସବାସ କରନ୍ତି । • ମହିଳାମାନେ ମୁଣ୍ଡ ଲମ୍ବା କରନ୍ତି, ରିଙ୍ଗା ପିନ୍ଧନ୍ତି ଓ ରଙ୍ଗବେରଙ୍ଗର କାଚମାଳି ବ୍ୟବହାର କରନ୍ତି । • ପୁରୁଷମାନେ ମୁଣ୍ଡରେ ଲମ୍ବାବାଳ ରଖନ୍ତି, ଧନୁ, ତୀର ଓ ଟାଙ୍ଗିଆ ଆଦି ଅସ୍ତ୍ରରେ ସଜ୍ଜିତ ହୋଇଥାନ୍ତି । • ସେମାନେ କ୍ରୋଧୀ ଓ ଉଗ୍ର ସ୍ୱଭାବର	ରେମ-ବଣ୍ଡା ମୁଣ୍ଡା ଭାଷା ଗୋଷ୍ଠୀ



		• ସେମାନେ ଧୁରନ୍ଧର ଶିକାରୀ, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରନ୍ତି । ପୋଡୁଚାଷ ଓ ଧାନଚାଷ ମଧ୍ୟ କରନ୍ତି । • ସେମାନଙ୍କର ଦୁଇ ପ୍ରକାର ସାମାଜିକ ସଙ୍ଗଠନ ରହିଛି । • 'ସିନ୍ଦିବର' ନାମରେ ପ୍ରତି ଗାଁରେ ଗୋଟିଏ ଗୋଷ୍ଠୀକେନ୍ଦ୍ର ରହିଛି । • ପ୍ରତିବର୍ଷ ପାଟଖଣ୍ଡା ଯାତ୍ରା ପାଳନ କରନ୍ତି ।	
୨	ବୁଜଟିଆ ଭୁଞ୍ଜିଆ	• ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ପାହାଡ଼ ଉପତ୍ୟକାରେ ବସବାସ କରନ୍ତି । • ସୁନାଦେଇ ସେମାନଙ୍କର ମୁଖ୍ୟ ଦେବୀ • ମୁଖ୍ୟ ଘର ଠାରୁ ଅଳ୍ପ ଦୂରରେ ଅଲଗା ରୋଷେଇ ଘର କରିଥାନ୍ତି । ରୋଷେଇ ଘର ପୂର୍ବପୁରୁଷମାନଙ୍କର ପବିତ୍ର ବାସସ୍ଥଳୀ ବୋଲି ସେମାନେ ବିଚାର କରନ୍ତି । • ସାଧାରଣ କୃଷି ସହିତ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି । • ପାରମ୍ପରିକ ଗ୍ରାମପରିଷଦ ଓ ଆନ୍ତଃଗ୍ରାମ ପରିଷଦ କାର୍ଯ୍ୟକାରୀ ହୁଏ । • "ଚଇତ୍ର ଯାତ୍ରା" ସେମାନଙ୍କର ମୁଖ୍ୟ ପର୍ବ ।	ଭୁଞ୍ଜିଆ (ଓଡ଼ିଆ-ହିନ୍ଦୀ) ଭାରତୀୟ ଆର୍ଯ୍ୟ ଭାଷା ପରିବାର
୩	ଡିଡ଼ାୟୀ	• ମାଲକାନଗିରି ଜିଲ୍ଲାର କ୍ଷୁଦ୍ର ପାହାଡ଼ି ଆଦିମ ଜନଜାତି ଗୋଷ୍ଠୀ । • ମୁଖ୍ୟତଃ ପୋଡୁଚାଷ ଜଲେ ମଧ୍ୟ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳ • ଗୋଷ୍ଠୀଗତ କାର୍ଯ୍ୟ ସାଧନ ନିମନ୍ତେ ଗାଁର କେନ୍ଦ୍ର ସ୍ଥଳରେ ଗୁଲିସୁଙ୍ଗ ରହିଛି । • ପାରମ୍ପରିକ ଗ୍ରାମପରିଷଦ 'ଲେପାର'ର କାର୍ଯ୍ୟକାରିତା । • ଲେଣ୍ଡି ପାଣ୍ଡେ ଓ ଭୈରୋ ପୂଜା ସେମାନଙ୍କର ଦୁଇଟି ମୁଖ୍ୟ ପର୍ବ ।	ଗ୍ତା-ମୁଣ୍ଡା ଭାଷା
୪	ଡଙ୍ଗରିଆ କନ୍ଧ	• ରାୟଗଡ଼ା ଜିଲ୍ଲାର ନିୟମଗିରି ପାର୍ବତ୍ୟାଞ୍ଚଳରେ ବାସ କରନ୍ତି । • ଦକ୍ଷ ଉଦ୍ୟାନ କୃଷିବିତ୍ ଓ ପୋଡୁଚାଷୀ ।	'କୁଭି' - ଦ୍ରାବିଡ଼ ଭାଷା ଗୋଷ୍ଠୀ




		• ଡଙ୍ଗରରେ ସପୁରୀ, କଦଳୀ କମଳା, ହଳଦୀ, ଧାନ ଜାତୀୟ ଖାଦ୍ୟଶସ୍ୟ ଓ ଡାଲିଜାତୀୟ ଫସଲ କରନ୍ତି । • ପାରମ୍ପରିକ ଶ୍ରମ ସମବାୟ ଏବେ ମଧ୍ୟ କାର୍ଯ୍ୟଶୀଳ । • ଗୋତ୍ର ବହିର୍ଭୂତ ବିବାହ • ବହୁବିବାହ ପ୍ରଥାର ପ୍ରଚଳନ ରହିଛି । • ମାଟି ଦେବତା ଧରଣୀପେନୁ ଓ କୋଟେଶ୍ୱାଲୀଙ୍କୁ ପୂଜା କରନ୍ତି । ମେରିଆ ଅଥବା କେଡୁ ପର୍ବରେ ମଇଁଷି ବଳିଦେଇ ଦେବତାଙ୍କୁ ସନ୍ତୁଷ୍ଟ କରନ୍ତି ।	
୫	କୁଆଙ୍ଗ	• କେଉଁଝର ଜିଲ୍ଲାର ପ୍ରସିଦ୍ଧ ପବିତ୍ର ଗୋନାସିକା ପାହାଡ଼ ଏମାନଙ୍କର ବାସସ୍ଥଳୀ । • ମୁଖ୍ୟତଃ ପୋଡୁଚାଷ କଲେ ମଧ୍ୟ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଉପରେ ନିର୍ଭର କରନ୍ତି । • ଯୁବ ଆବାସସ୍ଥଳୀ / ଗୋଷ୍ଠୀକେନ୍ଦ୍ରକୁ ସେମାନେ ମଣ୍ଡଘର ବା ମଜାଙ୍ଗ କୁହନ୍ତି । • "ପୁଷ-ପୁନି" ସେମାନଙ୍କର ଅନ୍ୟତମ ଶ୍ରେଷ୍ଠ ପର୍ବ ।	କୁଆଙ୍ଗ-ମୁଣ୍ଡା ଭାଷାଗୋଷ୍ଠୀ
୬	ପାହାଡ଼ି ଖଡ଼ିଆ	• ପାହାଡ଼ି ଖଡ଼ିଆମାନେ ଆଦିମ ଅଧିବାସୀ ଗୋଷ୍ଠୀ ଅନ୍ତର୍ଭୁକ୍ତ । ମୁଖ୍ୟତଃ ଶିମିଳିପାଳ ପାର୍ବତ୍ୟାଞ୍ଚଳ ଏମାନଙ୍କର ବାସସ୍ଥଳୀ । • ଛୋଟ ଛୋଟ ଜଙ୍ଗଲ ବସତିରେ ଏମାନେ ବସବାସ କରନ୍ତି । • ଶିକାର ଓ ଜଙ୍ଗଲଜାତ ଦବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ • ଜଙ୍ଗଲରୁ ମହୁ, ଝୁଣା ଓ ପାଳୁଅ ସଂଗ୍ରହରେ ଦକ୍ଷତା ।	ଖଡ଼ିଆ - ମୁଣ୍ଡା ଭାଷାଗୋଷ୍ଠୀ (ପାହାଡ଼ି ଖଡିଆ ସ୍ଥାନୀୟ ଓଡ଼ିଆ କହିଥାନ୍ତି)
୭ ୮	ମାଙ୍କଡ଼ିଆ ବିର୍‌ହୋର	• ଅର୍ଦ୍ଧ ଭ୍ରମଣଶୀଳ, ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ପ୍ରାଚୀନତମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ । • ଶିଆଳୀ ଲତା ଓ ଝୋଟ ସାହାଯ୍ୟରେ ଦଉଡ଼ି ବଳିବା ଓ ମାଙ୍କଡ଼ ଶିକାର କରିବାରେ ଏମାନ ବେଶ୍ ଦକ୍ଷ ।	ବିରହୋର - ମୁଣ୍ଡା ଭାଷାଗୋଷ୍ଠୀ



		• ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଜଙ୍ଗଲସାରା ପରିଭ୍ରମଣ କରନ୍ତି । • ଯୁବତୀମାନଙ୍କ ନିମନ୍ତେ 'କୁଡ଼ି ଅଡ଼ା' ନାମରେ ସ୍ୱତନ୍ତ୍ର 'ଯୁବାଘର ଗୃହ' ଥାଏ । • ହେରା ଅଥବା "ଚଇତ ପର୍ବ" ଏମାନଙ୍କର ମୁଖ୍ୟ ପର୍ବ ।	
୯	କୁଟିଆ କନ୍ଧ	• କନ୍ଧମାଳ ଜିଲ୍ଲାର ବେଲଘର ଓ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଅଞ୍ଚଳର ଉଚ୍ଚପାହାଡ଼ି ଭୂମି ଏମାନଙ୍କ ବସତିସ୍ଥଳ । • ଦାଣ୍ଡିକିଆ (ଦ୍ରାବିଡ଼ ଶୈଳୀ)ଗୃହନିର୍ମାଣ ଶୈଳୀ • ଯୁବକ ଓ ଯୁବତୀମାନଙ୍କ ଯୁବାଘର ରହିଛି । • ପୋଡୁଚାଷ ଜୀବିକା ନିର୍ବାହର ମୁଖ୍ୟ ମାଧ୍ୟମ ହେଲେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ ମଧ୍ୟ ନିର୍ଭର କରନ୍ତି । • ଡଙ୍ଗରରେ ହଳଦୀ ଚାଷ କରିବା ସହିତ ସେମାନେ ଖାଦ୍ୟଶସ୍ୟ ଓ ଡାଲି ଜାତୀୟ ଫସଲ ମଧ୍ୟ କରନ୍ତି । • ନିଜ ନିଜ ଭିତରେ ସେମାନେ କେତେଗୁଡ଼ିଏ ବଂଶରେ ବିଭକ୍ତ ହୋଇଥାନ୍ତି । • 'ସାପାଙ୍ଗଗାଡ଼ା' ସେମାନଙ୍କର ପ୍ରମୁଖ ପବିତ୍ର ସୃଷ୍ଟିସ୍ଥଳ ହିସାବରେ ବିବେଚିତ । • ମଇଁଷି ବଳିଦେଇ ସେମାନେ କେନ୍ଦୁ ପର୍ବ ପାଳନ କରନ୍ତି ।	'କୁଇ' -ଦ୍ରାବିଡ଼ ଭାଷାଗୋଷ୍ଠୀ
୧୦ ୧୧	ଲାଞ୍ଜିଆ ସଉରା ଓ ସଉରା	• ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାର ଉଚ୍ଚ ପାର୍ବତ୍ୟାଞ୍ଚଳରେ ବାସ କରନ୍ତି । • ସଉରା ବସତିର ଘରଗୁଡ଼ିକ ଏଠି ସେଠି ହୋଇ ତିଆରି ହୋଇଥାଏ । • ଗାଁର ପ୍ରବେଶ ପଥରେ ଥିବା କାଷ୍ଠ ଖୁମ୍ଭ ଗ୍ରାମଦେବତାଙ୍କ ପ୍ରତୀକ । ସେ ଗାଁକୁ ସୁରକ୍ଷା ଦିଅନ୍ତି । • ପୋଡୁଚାଷ କରିବା ସହିତ କ୍ରମାବନତ ପାହାଡ଼ି ଭୂମିରେ ଧାନଚାଷ ମଧ୍ୟ କରନ୍ତି ।	ସଉରା -ମୁଣ୍ଡା ଭାଷା ଗୋଷ୍ଠୀ




		• ସେମାନଙ୍କର ପାରମ୍ପରିକ ଶ୍ରମ ସମବାୟ ରହିଛି । ଏହାକୁ ଅନ୍‌ସୀର କୁହନ୍ତି । • ବଂଶ ଅପେକ୍ଷା କୁଟୁମ୍ବ ଉପରେ ପ୍ରାଧାନ୍ୟ ଦିଆଯାଏ । କୁଟୁମ୍ବ ସଙ୍ଗଠନକୁ ସେମାନେ ବିରିନ୍ଦା କୁହନ୍ତି । • କାନ୍ଥ ଚିତ୍ରକଳା 'ଇଡ଼ିତାଲ' ପାଇଁ ସେମାନେ ପ୍ରସିଦ୍ଧ । • ମୃତ ବ୍ୟକ୍ତିକୁ ସ୍ମରଣ କରିବା ପାଇଁ ଦୁଇ ବା ତିନି ବର୍ଷରେ ଗୋଷ ୍ଠୀଗତ ଭାବରେ ଦ୍ୱିତୀୟ ମୃତ୍ୟୁଉତ୍ସବ 'ଗୁଆର' ପର୍ବ ପାଳନ କରନ୍ତି । ଏହି ପର୍ବରେ ମଇଁଷି ବଳି ଦିଆଯାଏ ।	
୧୨	ଲୋଧା	• ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ଓ ଶୁଳିଆପଦା ବ୍ଲକ ଅଞ୍ଚଳରେ ବସବାସ କରନ୍ତି । • ଧାନ ଚାଷ କରି ଜୀବିକା ନିର୍ବାହ କରନ୍ତି । ଜଙ୍ଗଲରୁ ଜାଳେଣୀ କାଠ ସଂଗ୍ରହ କରିବା, ସବାଇ ଘାସର ଦଉଡ଼ି କରିବା, ଗୁଟିପୋକ ବା ରେଶମ ପୋକ ଚାଷ କରିବା	ଲୋଧା ଭାରତୀୟ-ଆର୍ଯ୍ୟ ଭାଷା ଗୋଷ ୍ଠୀ
୧୩	ପାଉଡ଼ିଭୂୟାଁ	• ଭୂୟାଁ ଜନଜାତି ଅନ୍ତର୍ଭୁକ୍ତ ଅନ୍ୟତମ ଆଦିମ ଜନଜାତି • ଏମାନେ ପାହାଡ଼ ଅଞ୍ଚଳରେ ବସବାସ କରନ୍ତି । • ପୋଡୁଚାଷ କଲେ ମଧ୍ୟ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରନ୍ତି । • ପ୍ରତି ଗାଁରେ ଯୁବାଆବାସସ୍ଥଳୀ ଅଥବା ଗୋଷ ୍ଠୀକେନ୍ଦ୍ର ଥାଏ । ଏହାକୁ 'ଦରବାର' ଘର କୁହନ୍ତି । • ପାରମ୍ପରିକ ଗ୍ରାମ ପରିବେଶ ଏବେ ମଧ୍ୟ କାର୍ଯ୍ୟ କରୁଛି । • ପ୍ରସିଦ୍ଧ ଚାଙ୍ଗୁ ନୃତ୍ୟ ପାଇଁ ସେମାନେ ବେଶ୍ ପରିଚିତ ।	ଓଡ଼ିଆ ଭାରତୀୟ-ଆର୍ଯ୍ୟ ଭାଷାଗୋଷ ୍ଠୀ ଅନ୍ତର୍ଭୁକ୍ତ ।



ବସତି ଓ ଗୃହ ନିର୍ମାଣ ଶୈଳୀ

କ୍ରମିକ ସଂଖ୍ୟା	ଭାରତୀୟ ଜନଜାତି ଗୋଷ୍ଠୀର ନାମ	ଗୃହ ନିର୍ମାଣ ଶୈଳୀ
୧	ବଣ୍ଡା	ଏଠି ସେଠି ପୂଜା ପୂଜା ଘର କରି ବଣ୍ଡାମାନେ ରୁହନ୍ତି ।
୨	ବୁଡକଟିଆ ଭୁଞ୍ଜିଆ	ଦ୍ରାବିଡ଼ୀୟ ଶୈଳୀରେ ବୁଡକଟିଆ ଭୁଞ୍ଜିଆମାନେ ଧାଡ଼ିବିଆ ବା ଦାଣ୍ଡବିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ରାସ୍ତା ଥାଏ ।
୩	ଡିଡ଼ାୟୀ	ଏଠି ସେଠି ପୂଜା ପୂଜା ଘର କରି ଡିଡ଼ାୟୀମାନେ ରୁହନ୍ତି ।
୪	ଡଙ୍ଗରିଆ	ଡଙ୍ଗରିଆମାନେ ଧାଡ଼ିବିଆ ବା ଦାଣ୍ଡିବିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ରାସ୍ତା ଥାଏ ।
୫	କୁଆଙ୍ଗ	ଏଠି ସେଠି ପୂଜା ପୂଜା ଘର କରି କୁଆଙ୍ଗମାନେ ରୁହନ୍ତି ।
୬	ପାହାଡ଼ି ଖଡ଼ିଆ	ଏଠି ସେଠି ପୂଜା ପୂଜା ଘର କରି ପାହାଡ଼ି ଖଡ଼ିଆମାନେ ରୁହନ୍ତି ।
୭	ମାଙ୍ଗଡ଼ିଆ	ବୃତାକାର ପରିଧି ଓ ଗମ୍ବୁଜାକୃତି ପର୍ଣ୍ଣକୁଟୀରରେ ମାଙ୍ଗଡ଼ିଆ ଓ ବିର୍‌ହୋରମାନେ ରୁହନ୍ତି ।
୮	ବିର୍‌ହୋର୍	ସେମାନଙ୍କ ପତ୍ରକୁଡ଼ିଆ କୁମ୍ବା ନାମରେ ପରିଚିତ ।
୯	କୁଟିଆ କନ୍ଧ	କୁଟିଆ କନ୍ଧମାନେ ଧାଡ଼ିବିଆ ବା ଦାଣ୍ଡିବିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ଗମନା ଗମନ ପାଇଁ ରାସ୍ତା ଥାଏ ।
୧୦	ଲଞ୍ଜିଆ ସଉରା	ଏଠି ସେଠି ପୂଜା ପୂଜା ଘର କରି ଲାଞ୍ଜିଆ ସଉରା ଓ ସଉରାମାନେ ବସବାସ କରନ୍ତି ।
୧୧	ସଉରା	
୧୨	ଲୋଧା	ଲୋଧାମାନେ ସାଧାରଣତଃ ଧାଡ଼ିବିଆ ବା ଦାଣ୍ଡିବିଆ ଘର କରନ୍ତି । ଦୁଇଧାଡ଼ି ଘର ମଝିରେ ଗମନା ଗମନ ପାଇଁ ରାସ୍ତା ଥାଏ ।
୧୩	ପାଉଡ଼ି ଭୂୟାଁ	ଏଠି ସେଠି ପୂଜା ପୂଜା ଘର କରି ପାଉଡ଼ି ଭୂୟାଁମାନେ ରୁହନ୍ତି ।



ଆଦିମ ଜନଜାତି ଗୋଷ୍ଠୀର ପାରମ୍ପରିକ କଳା କୌଶଳ

କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ପାରମ୍ପରିକ କଳା କୌଶଳ
୧	ପାହାଡ଼ି ଖଡ଼ିଆ	• ମହୁ, ଝୁଣା ଓ ପାଳୁଅ ଆଦି ସଂଗ୍ରହ ଓ ଅର୍ଦ୍ଧ ପ୍ରକ୍ରିୟାକରଣ • ଝାଡୁ ତିଆରି • ମସିଣା ତିଆରି • ସିଲେଇ କରି ଅଥବା ଚାପ ଯନ୍ତ୍ର ମାଧ୍ୟମରେ ଖଲି, ଦନା ପ୍ରସ୍ତୁତି କରିବା ।
୨	ମାଙ୍କଡ଼ିଆ	• ଶିଆଳୀ ତନ୍ତୁ ବ୍ୟବହାର କରି ଦଉଡ଼ି ଓ ଟୋକେଇ • ସବାଇ ଘାସ ଓ ଝୋଟ୍ଟୁ ଦଉଡ଼ି ତିଆରି,
୩	ବିର୍‌ହୋର୍	• ପତ୍ର ସିଲେଇ କରି ଅଥବା ଚାପ ଯନ୍ତ୍ର ବଳରେ ଖଲି ଦନା ପ୍ରସ୍ତୁତି • ମାଙ୍କଡ଼ ଧରିବା ।
୪	ପାଉଡ଼ି ଭୂୟାଁ	• ଝାଡୁ ତିଆରି • ମସିଣା ତିଆରି • ଟୋକେଇ ତିଆରି • ଲିଚୁ ଚାଷ • ରେଶମ ଚାଷ • ଚାଙ୍ଗୁନୃତ୍ୟ
୫	ଜୁଆଙ୍ଗ	• କାଷ୍ଠ ଖୋଦନ କର୍ମ • ପାନିଆଁ ପ୍ରସ୍ତୁତି • ପୋଡୁଚାଷ • ଚାଙ୍ଗୁ ନୃତ୍ୟ
୬	ବଣ୍ଡା	• ପରିଧେୟ ବସ୍ତ୍ର ଓ ଗାଲିଚା ବୁଣିବାରେ ଦକ୍ଷତା • କାଚମାଳି ବ୍ୟବହାର କରି ହାର ପ୍ରସ୍ତୁତି • ଝାଡୁ ତିଆରି • ପନିପରିବା ଚାଷ • ଧନୁର୍ବିଦ୍ୟା ।
୭	ଡିଡ଼ାୟୀ	• ବାଉଁଶ ପାତିଆ ବ୍ୟବହାର କରି ଟୋକେଇ ବୁଣିବା • ବୁଣା ବୁଣି କାମ କରିବା • ଝାଡୁ ତିଆରି କରିବା • ଧନୁର୍ବିଦ୍ୟା ।
୮ ୯	ଲଞ୍ଜିଆ ସଉରା ସଉରା	• କାନ୍ଥ ଚିତ୍ର • କାଷ୍ଠ ଖୋଦନ କର୍ମ • ଚାଷୋପଯୋଗୀ ଜମିକୁ ଜଳ ପରିଚାଳନାରେ ଦକ୍ଷତା • କ୍ରମାବନତ ପାହାଡ଼ ଗଡ଼ାଣିରେ ପ୍ରସ୍ତୁତ କରିଥିବା ଜମିରେ ପଥର ହିଡ଼ ଦେବାର କୌଶଳ • କାଜୁଚାଷ ଓ ପ୍ରକ୍ରିୟାକରଣ
୧୦	କୁଟିଆ କନ୍ଧ	• ଝାଡୁ ତିଆରି • ପତ୍ର ସିଲେଇ କରି ଅଥବା ଚାପ ଯନ୍ତ୍ର ବଳରେ ଖଲି ଦନା ପ୍ରସ୍ତୁତି • ପୋଡୁଚାଷ • ହଳଦୀ ଓ ସୋରିଷ ଚାଷ ।
୧୧	ଲୋଧା	• ସବାଇ ଘାସରୁ ଦଉଡ଼ି ପ୍ରସ୍ତୁତ କରିବା
୧୨	ଚୁକଟିଆ ଭୁଞ୍ଜିଆ	• ବାଉଁଶ ପାତିଆରୁ ଟୋକେଇ ଆଦି ଘରୋଇ ବ୍ୟବହୃତ ସାମଗ୍ରୀ ପ୍ରସ୍ତୁତ କରିବା । • ସାଧାରଣ କୃଷି କର୍ମରେ ନିୟୋଜିତ ହୋଇ ଜୀବିକା ନିର୍ବାହ କରିବା ।
୧୩	ଡଙ୍ଗରିଆ କନ୍ଧ	• ଏମ୍ବ୍ରୋଡ଼ରୀ କାମ କରିବା • କାଷ୍ଠ ଖୋଦେଇ କର୍ମରେ ନିୟୋଜିତ ହୋଇ ସୂକ୍ଷ୍ମକଳାବସ୍ତୁ ତିଆରି କରିବା • କାନ୍ଥ କଳା • ପାନିଆଁ ତିଆରି • ସପୁରୀ ଓ ଅନ୍ୟାନ୍ୟ ଫଳଚାଷ କରିବା ।



ପ୍ରମୁଖ ସମସ୍ୟା


କ୍ରମିକ ସଂଖ୍ୟା	ପ୍ରାଚୀନତମ ଜନଜାତି ଗୋଷ୍ଠୀର ନାମ	ଅଣୁ-ପ୍ରକଳ୍ପର ନାମ ଓ ଠିକଣା	ନିର୍ଦ୍ଦିଷ୍ଟ ସମସ୍ୟା	ସାଧାରଣ ସମସ୍ୟା
୧	ବଣ୍ଡା	ବଣ୍ଡା ଉନ୍ନୟନ ସଂସ୍ଥା ମୁଦୁଲି ପଡ଼ା	• ମ୍ୟାଲେରିଆ ପ୍ରବଣ ଅଞ୍ଚଳ • ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ • ବଣ୍ଡା କ୍ରୋଧୀ ଓ କଳହ ସ୍ୱଭାବ ବିଶିଷ୍ଟ	• ସ୍ୱାସ୍ଥ୍ୟ ସଚେତନଶୀଳତାର ଅଭାବ । • ଅସ୍ୱାସ୍ଥ୍ୟକର ପରିବେଶରେ ଜୀବନ ନିର୍ବାହ । • ସ୍ୱଳ୍ପ ସାକ୍ଷରତା ହାର • ଉନ୍ନୟନମୁଖୀ ବିକାଶ ବିକାଶ ପ୍ରକ୍ରିୟାରେ ସାମିଲ ସଚେତନତାର ଅଭାବ । ହେବାପାଇଁ • ଜଳସେଚନର ଉପଯୁକ୍ତ ସୁବିଧା ନାହିଁ । • ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ • ମୃତ୍ତିକା କ୍ଷୟ
୨	ଡିଡ଼ାୟୀ	ଡିଡ଼ାୟୀ ଉନ୍ନୟନ ସଂସ୍ଥା କୁଡୁମୁଲୁଗୁମା	• ମ୍ୟାଲେରିଆ ପ୍ରବଣ ଅଞ୍ଚଳ • ଯକ୍ଷ୍ମା, ସ୍ୱର୍ଗ କାରକ ଚର୍ମ ରୋଗ,	
୩	କୁଟିଆ କନ୍ଧ	କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ବେଲଘର	ଜଳଦ୍ୱାରା ସଂକ୍ରମିତ ରୋଗ • ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ	
		କୁଟିଆ କନ୍ଧ ଉନ୍ନୟନ ସଂସ୍ଥା, ଲାଞ୍ଜିଗଡ଼	• ସାଧାରଣ କୃଷିପାଇଁ ଚାଷ ଜମିର ଅଭାବ • ବୃତ୍ତିଗତ, ଧନ୍ଦାମୂଳକ ଶିକ୍ଷାର ଅଭାବ	
୪	ଡଙ୍ଗରିଆ କନ୍ଧ	ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, କୁର୍ଲି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ପାର୍ସାଲୀ	• ମ୍ୟାଲେରିଆ ପ୍ରବଣ ଅଞ୍ଚଳ • ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ • ସାଧାରଣ କୃଷିପାଇଁ ଚାଷ ଜମିର ଅଭାବ • ବୃତ୍ତିଗତ, ଧନ୍ଦାମୂଳକ ଶିକ୍ଷାର ଅଭାବ	
୫	ଲାଞ୍ଜିଆ ସଉରା	ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା,ସେରଙ୍ଗ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ପୁଟାସିଂ	• ସ୍ଥାନୀୟ ଅଞ୍ଚଳ ମ୍ୟାଲେରିଆ ପ୍ରବଣ • ଯକ୍ଷ୍ମା, ସ୍ୱର୍ଗକାରକ ଚର୍ମରୋଗ • ଚର୍ମରୋଗ, ଜଳବାହିତ ଅଥବା ଜଳଦ୍ୱାରା ସଂକ୍ରମିତ ରୋଗ ଆଦିର ବ୍ୟାପକତା	



୬	ସଉରା	ସଉରା ଉନ୍ନୟନ ସଂସ୍ଥା, ଚନ୍ଦ୍ରଗିରି ତୁମ୍ବା ଉନ୍ନୟନ ସଂସ୍ଥା ତୁମ୍ବା	• ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା ଅଭାବରୁ ଅନ୍ୟ ଅଞ୍ଚଳକୁ ସ୍ଥାନନ୍ତରୀକରଣ • ସାଂସ୍କୃତିକ ପରମ୍ପରାରେ ପରିବର୍ତ୍ତନ • ହାତୀମାନଙ୍କ ପ୍ରତି ଭୟ	• ସାଧାରଣ କୃଷିକର୍ମ ନିମନ୍ତେ ଚାଷୋପଯୋଗୀ • ଉଚ୍ଚଦରର କନ୍ୟାମୂଲ ସଉରା ଉନ୍ନୟନ ସଂସ୍ଥା • ବେକାର ସମସ୍ୟା • ପ୍ରଚୁର ମଦ୍ୟପାନର ଅଭ୍ୟାସ • ଅସାଧୁ ବ୍ୟବସାୟୀ ଖଳ ସ୍ୱଭାବର ମଧସ୍ଥି ଓ କରଜଦାତା ମାନଙ୍କ ଶୋଷଣ ଓ ଦୌରାତ୍ମ୍ୟ । • ଦୁର୍ଗମ ବସତି ଅଞ୍ଚଳ
୭	ଜୁଆଙ୍ଗ	ଜୁଆଙ୍ଗ ସଉରା ଉନ୍ନୟନ ସଂସ୍ଥା, ଗୋନାସିକା	• ମ୍ୟାଲେରିଆ ପ୍ରବଣ ଅଞ୍ଚଳ • ଚର୍ମରୋଗ ଓ ଜଳଦ୍ୱାରା ସଂକ୍ରମିତ ରୋଗ • ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ	
୮	ପାଉଡ଼ି ଭୂୟାଁ	ପାଉଡ଼ି ଉନ୍ନୟନ ସଂସ୍ଥା ଜମାରଡିହି ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥା ଖୁଣ୍ଟଗାଁ ପାଉଡ଼ି ସଂସ୍ଥା ଉନ୍ନୟନ ସଂସ୍ଥା ଗୁଗୁଡ଼ା କୁଦର	• ହାତୀ ଭୟ ସହିତ ଧନ ଓ ଜୀବନ ପ୍ରତି ଭୟର ଆଶଙ୍କା	

୯ ୧୦ ୧୧	ପାହାଡ଼ି ଖଡ଼ିଆ ମାଙ୍କଡ଼ିଆ ବିରହୋର	ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା, ଯଶୀପୁର	• ଶିକାର ଓ ଖାଦ୍ୟ ସଂଗ୍ରହ କରି ଜୀବିକା ଜୀବିକା ନିର୍ବାହ କରନ୍ତି । • ଅର୍ଦ୍ଧ-ଭ୍ରମଣଶୀଳ ଜୀବନଶୈଳୀ • ଚାଷୋପଯୋଗୀ ଜମି ଉପରେ ଅଣ ଅଧିକାର ।	ଘର ମଧ୍ୟକୁ ବାୟୁ ଚଳାଚଳର ଅଭାବ
୧୨	ଚୁକ୍‌ଟିଆ ଭୁଞ୍ଜିଆ	ଚୁକଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସୁନାବେଡ଼ା	• ମ୍ୟାଲେରିଆ ପ୍ରବଣ ଅଞ୍ଚଳ • ଯକ୍ଷ୍ମା, ସାଧାରଣ ଚର୍ମରୋଗ ଓ ଜଳଦ୍ୱାରା ସଂକ୍ରମିତ ରୋଗ । • ଉପଯୁକ୍ତ ପୁଷ୍ଟିକର ଖାଦ୍ୟର ଅଭାବ ।	ଦୁର୍ଗମ ବସତି ଅଂଚଳ
୧୩	ଲୋଧା	ଲୋଧା ଉନ୍ନୟନ ସଂସ୍ଥା ମୋରଡ଼ା		





ଏକାଦଶ ଯୋଜନା କାଳରେ ପ୍ରାଚୀନତମ ଜନଜାତିଙ୍କ ବିକାଶ ଉପରେ ଗୁରୁତ୍ୱ

- ପାରମ୍ପରିକ ସଂସ୍କୃତି ଭିତରେ ଥିବା ସର୍ବୋତ୍ତମ ଅଂଶ ସମୂହର ସଂରକ୍ଷଣ ସହିତ ଯୋଜନା ଅନୁକୂଳ ଫଳପ୍ରଦ ପରିବର୍ତ୍ତନ ।
- ଗମନାଗମନ ଓ ଯୋଗାଯୋଗର ସୁବିଧା ନିମନ୍ତେ ରାସ୍ତାଘାଟ ଓ ପୋଲ ନିର୍ମାଣ ଉପରେ ଗୁରୁତ୍ୱ ।
- ଅଗ୍ନି ନିରୋଧକ ଛାତ ନିର୍ମାଣ ନିମନ୍ତେ ଆବଶ୍ୟକ ଉପକରଣ ଯୋଗାଣ ।
- ନିରାପଦ ପାନୀୟ ଜଳଯୋଗାଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ସ୍ୱରୂପ ପାହାଡ଼ି ଝରଣାର ଜଳକୁ ପରିଷ୍କାର କରି ପାଇପ ସାହାଯ୍ୟରେ ଯୋଗାଇଦେବା ଓ ନଳକୂପ ଖନନ କରିବା ଆଦିର ବିହିତ ବ୍ୟବସ୍ଥା କରିବା ।
- କୃଷିକ୍ଷେତ୍ରକୁ ଜଳସେଚନର ସୁବିଧା ନିମନ୍ତେ କ୍ଷେତ୍ରୀୟ କେନାଲ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ପୁଷ୍କରିଣୀ ଖନନ ଓ ବନ୍ଧ ନିର୍ମାଣ (check dam) ଉପରେ ଗୁରୁତ୍ୱ ଦେବା ।
- ଉଦ୍ୟାନ କୃଷି, ସେପାନ କୃଷି ଓ ଜୈବକୃଷି ଉପରେ ପ୍ରାଧାନ୍ୟ ଦେବା ସହିତ ସମୟ ସ୍ରୋତରେ ପରୀକ୍ଷିତ ଫଳପ୍ରଦ ସଫଳ କୃଷି ପଦ୍ଧତିର ସଂରକ୍ଷଣ କରିବା । ଶ୍ରମ ସମବାୟ, କଳା କୌଶଳ, ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ବାଦ୍ୟର ସଂରକ୍ଷଣ କରିବା ।
- ଅଣ-ଆନୁଷ୍ଠାନିକ ଶିକ୍ଷା ସହ ଆନୁଷ୍ଠାନିକ ଶିକ୍ଷାର ବିକାଶ ସାଧନ କରିବା, ଅଧିକରୁ ଅଧିକ ଶିକ୍ଷାୟତନ ଗଢ଼ିବା ଓ ପିଲାମାନଙ୍କୁ ଲିଖନ ପଠନ ସାମଗ୍ରୀ ଯୋଗାଇଦେବା ।
- ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଉନ୍ନତି ଆଣିବା ସହିତ ସ୍ୱାସ୍ଥ୍ୟ ସୁବିଧାର ବନ୍ଦୋବସ୍ତ କରିବା । ଏଥିସହିତ ଭ୍ରାମ୍ୟମାଣ ଡାକ୍ତରୀ ସେବା ଯୋଗାଇବା ଓ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ।



ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷ୍ଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଗ୍ରଳନା କରାଯାଉଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବନ୍ଧରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଙ୍ଗରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରୁଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ଏହି ପରିଚୟାତ୍ମକ ପୁସ୍ତିକାରେ ପ୍ରାଚୀନତମ ଜନଜାତିଙ୍କ ପରିସଂଖ୍ୟାନ ବିବରଣୀ ଦିଆଯାଇ ପାଠକଙ୍କ ଆବଶ୍ୟକତାକୁ ଉପଲବ୍ଧ କରାଯାଇଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ

ସଦସ୍ୟ ସଚିବ




ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି

ସଉରା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

ଅଗ୍ରଲେଖ


ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha" ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ କୁମାର ଷଡ଼ଙ୍ଗୀ

(ସନ୍ତୋଷ କୁମାର ଷଡ଼ଙ୍ଗୀ)

କମିଶନର ତଥା ଶାସନ ସଚିବ


ସଉରା





ମୂଳ ଇଂରାଜୀ :
ଅଖିଳ ବିହାରୀ ଓତା
ଶରତ ଚନ୍ଦ୍ର ମହାନ୍ତି

ଓଡ଼ିଆ ଅନୁସୃଜନ :
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍




ସଉରା ପରିଚିତି

ସଉରା ବା ଶବରମାନେ ପୁରାଣ ପ୍ରସିଦ୍ଧ ପ୍ରାଚୀନ ଜନଜାତି । ଏମାନଙ୍କର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ରହିଛି । କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଐତିହାସିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ମଧ୍ୟ ସଉରାମାନଙ୍କ ମହାନତା ଓ ଗୁରୁତ୍ୱ ସାରା ଭାରତରେ ପ୍ରସାରିତ ହୋଇଛି । ହିନ୍ଦୁଶାସ୍ତ୍ର, ପୁରାଣ, ମହାପୁରାଣ, କାବ୍ୟ ତଥା ରଚନା ଆଦିରେ ସେମାନଙ୍କ ବିଷୟରେ ବହୁଳ ବର୍ଣ୍ଣନା ରହିଛି । ଜଗନ୍ନାଥ ସଂସ୍କୃତି ସହିତ ସେମାନେ ଓତଃପ୍ରୋତଃ ଭାବରେ ଜଡ଼ିତ । ପରଂପରା ଓ କିମ୍ବଦନ୍ତୀ ଅନୁସାରେ ଜଗନ୍ନାଥ ଶବରମାନଙ୍କର ମୂଳ ଦେବତା । ପରବର୍ତ୍ତୀ ପର୍ଯ୍ୟାୟରେ ରାଜାନୁଗ୍ରହ ଲାଭ କରି ଆଦିବାସୀ ଶବର ଦ୍ୱାରା ପୂଜିତ ଶବରୀ ନାରାୟଣ ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ହିସାବରେ ରୂପାନ୍ତରିତ ହୋଇଯାଇଛନ୍ତି ।



ସଉରା, ଶବର, ସହର, ସଉର, ସରା ଆଦି ନାମରେ ଏହି ଜନଜାତି ଗୋଷ୍ଠୀ ପରିଚିତ । ଏମାନେ ପ୍ରୋଟୋ-ଅଷ୍ଟ୍ରୋଲଏଡ୍ ଗୋଷ୍ଠୀଭୁକ୍ତ ଜେନ୍ଦ୍ର ଓ ଦକ୍ଷିଣ ଭାରତର ଏକ ପ୍ରମୁଖ ଜନଜାତି ଗୋଷ୍ଠୀ । ଭାରତବର୍ଷର ଝାଡ଼ଖଣ୍ଡ, ଓଡ଼ିଶା, ଆନ୍ଧ୍ର, ଛତିଶଗଡ଼, ମହରାଷ୍ଟ୍ର, ପଶ୍ଚିମବଙ୍ଗ ତଥା ଆସାମର ବିସ୍ତୃତ ଅଂଚଳରେ ଏମାନେ ବାସ କରନ୍ତି ।





ମୂଳ ସଂସ୍କୃତ ଶବ୍ଦ ଶବରୋଇରୁ ଶବର ଶବ୍ଦର ଉତ୍ପତ୍ତି । ଶବରୋର ଅର୍ଥ ଶବ ବହନ କରିବା ବା ଶବକୁ କାନ୍ଧରେ ବୋହିବା । ଅନ୍ୟ ପକ୍ଷରେ ସାଗୋରିକ୍ ଅର୍ଥ ଟାଙ୍ଗିଆ । ଶବରମାନଙ୍କ ଜୀବନ ଜୀବିକାର 'ଟାଙ୍ଗିଆ' ଓ 'ଶବ' ସହିତ ନିବିଡ଼ ସଂପର୍କ ରହିଛି । ଶିକାର କରିବା ଏମାନଙ୍କର ଆଦିମ ବୃତ୍ତି । ବଣ ଜଙ୍ଗଲରେ ପଶୁ ଶିକାର କରି କାନ୍ଧରେ ଟାଙ୍ଗିଆ ଓ ମୃତ ପଶୁକୁ ବହନ କରି ନିଜର ବାସସ୍ଥଳୀକୁ ଫେରୁଥିବା ଲକ୍ଷଣରୁ ଏହି ଶବ୍ଦର ପ୍ରଚଳନ ହୋଇଥିବା ମନେହୁଏ ।



ଏମାନେ 'ସରା' ଭାଷା କୁହନ୍ତି । ସରା ଭାଷା ଏକ ପୂର୍ଣ୍ଣାଙ୍ଗ ମାନ୍ୟତା ପ୍ରାପ୍ତ ଭାଷା ନୁହେଁ । ଏହି ଭାଷା ବ୍ୟବହାରରେ ଗ୍ରାମ ଓ ବ୍ୟକ୍ତି ଭେଦରେ ପ୍ରଭେଦ ପରିଲକ୍ଷିତ ହୁଏ । ଏହି ଭାଷାଟି ଅଷ୍ଟ୍ରିକ ଭାଷା ପରିବାର ଅନ୍ତର୍ଭୁକ୍ତ ମୁଣ୍ଡା ଗୋଷ୍ଠୀର । ଏହି ଭାଷା ବଡ଼ ସରସ ସୁନ୍ଦର ଓ କାବ୍ୟିକ । ଇଂରେଜ ଗବେଷକ ଭେରିଅର ଏଲ୍ୱିନ୍ କୁହନ୍ତି - ସଉରାର ଭାଷା ଓ ଚା'ର ଅଭିବ୍ୟକ୍ତି ଗଦ୍ୟାତ୍ମକ ନ ହୋଇ କାବ୍ୟିକ, ଛବିଳ ଓ ଉପମା, ଅଳଂକାର ଯୁକ୍ତ ହୋଇଥାଏ । ନିକଟ ଅତୀତରେ ଏହି ଭାଷାର ଲିପି ମଙ୍ଗେର ଗମାଙ୍ଗ କର୍ତ୍ତୃକ ବିକଶିତ ହୋଇଛି ।






୨୦୦୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ଚାରିଲକ୍ଷ ତେସ୍ତରୀ ହଜାର ଦୁଇଶହ ତେତିଶ (୪,୭.୨୩୩) । ରାଜ୍ୟର ସମୁଦାୟ ଜନଜାତି ଜନସଂଖ୍ୟାର ଏହା ୫.୮୧ ଭାଗ । ସେମାନଙ୍କ ଜନସଂଖ୍ୟାର ଦଶବର୍ଷୀୟ ଅଭିବୃଦ୍ଧି ହାର (୧୯୯୧-୨୦୦୧) ୧୭.୨୮, ଲିଙ୍ଗ ଅନୁପାତ ପ୍ରତି ହଜାର ପୁରୁଷରେ ୧୦୦୭ ମହିଳା । ସଉରା ମାନଙ୍କ ମଧ୍ୟରେ ଶିକ୍ଷା ବିକାଶ ଉଲ୍ଲେଖନୀୟ ଭାବରେ ହୋଇପାରିନାହିଁ । ୨୦୦୧ ଜନଗଣନା ଅନୁସାରେ ସେମାନଙ୍କ ସାକ୍ଷରତା ହାର ମାତ୍ର ୪୧.୧୩ ଭାଗ ।








ପ୍ରାକ୍ ଦ୍ରାବିଡ଼ୀୟ ଜନଜାତିର ଚେହେରା ସହିତ ସଉରା ମାନଙ୍କ ଶାରୀରିକ ସାମଞ୍ଜସ୍ୟ ରହିଛି । ସେମାନଙ୍କର ଲମ୍ବାଳିଆ ମୁଣ୍ଡ ଓ ଚେପ୍‌ଟା ନାକ । ଆଖିପତା ଚଉଡା ହେଲେ ବି କନ୍ଧମାନଙ୍କ ପରି ନୁହେଁ । ସେମାନଙ୍କ ନାକ ମୂଳ ଖାଲୁଆ । ମୁଖମଣ୍ଡଳ ସୁଗଠିତ । ମୁଣ୍ଡର ବାଳ ସାଧାରଣତଃ କୁଞ୍ଚୁକୁଞ୍ଚିଆ । କେତେକଙ୍କ ଆଖିରେ ଭାଙ୍ଗ ପଡ଼ିବା ଭଳି ଚିହ୍ନ ଦେଖାଯାଏ । ଚର୍ମର ରଙ୍ଗ ଧୂସର ଓ କୃଷ୍ଣଧୂସର । କେତେକଙ୍କ ବର୍ଣ୍ଣ ସଫା ଓ ଈଷତ୍ ହଳଦିଆ । ସଉରାମାନଙ୍କର ଶାରୀରିକ ଗଠନ କନ୍ଧମାନଙ୍କ ପରି ସୁଦୃଢ଼ ନ ହେଲେ



ମଧ୍ୟ ଉତ୍ତର ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ତୁଳନାରେ ଏମାନଙ୍କର ଶରୀର ପୁଷ୍ଟ । ପାହାଡ଼ ପଥରେ ଚାଲିବା ଓ ଗଛ ଚଢ଼ିବାରେ ଏମାନଙ୍କର ସ୍ୱତନ୍ତ୍ର ଦକ୍ଷତା ରହିଛି ।

ସଉରା ମାନଙ୍କର ପୋଷାକ ପରିଚ୍ଛଦ ଓ ପରିଧାନ ଶୈଳୀ ସ୍ୱତନ୍ତ୍ର । ପ୍ରାୟ ଛଅଫୁଟ ଲମ୍ବ ଓ ଦଶ ଇଞ୍ଚ ଚଉଡା ବିଶିଷ୍ଟ କପଡ଼ା, ଲୁଗା ବା ଧୋତିକୁ ଅଣ୍ଟା ଚାରି କଡ଼ରେ ଗୁଡ଼ାଇ ବାଗରେ ପିନ୍ଧନ୍ତି । ପିନ୍ଧାବସ୍ତ୍ରର ଗୋଟିଏ ଶେଷମୁଣ୍ଡ ସୁନ୍ଦର ଭାବରେ ଭାଙ୍ଗ ପଡ଼ି ଆଗକୁ ଯେତିକି ଓହଳି ଥାଏ ପଛପଟକୁ ତା'ଠାରୁ ଅଧିକ ଲମ୍ବର ଓହଳି ଥାଏ । ବସ୍ତ୍ରର ଶେଷ ଦୁଇମୁଣ୍ଡରେ ନାଲି ରଙ୍ଗର ସୂକ୍ଷ୍ମ କମକୁଟ ହୋଇଥାଏ ଅଥବା ସାଦାଥାଏ । କେବେକେବେ ପୁରୁଷମାନେ ବେକରେ କାଚମାଳି ପିନ୍ଧୁଥିବାର ଦେଖାଯାଏ ।



ସଉରା ମହିଳାମାନଙ୍କର ପାରଂପରିକ ପୋଷାକ ବା ଶାଢ଼ୀରେ ଧୂସର ରଙ୍ଗର ଧଡ଼ିଥାଏ । ଏହା ପ୍ରାୟ ଆଣ୍ଠୁ ଯାଏ ପଡ଼େ । ସେମାନଙ୍କ ପରିଧେୟ ଘାଗରାର ଲମ୍ବ ତିନିଫୁଟ ଓ ଓସାର ଦୁଇଫୁଟ । ଶୀତୁଆ ବା କୋହଲିଆ ଥଣ୍ଡା ପାଗରେ ସଉରା ମହିଳାମାନେ ଶରୀରର ଉପର ଅଂଶକୁ ଆଉ ଖଣ୍ଡେ ଘୋଡ଼ିହେବା ବସ୍ତ୍ରରେ ଆବୃତ କରିଥାନ୍ତି । ସଉରାମାନଙ୍କ ହାତକଟା ସୂତାରେ ଡ଼ମ୍ବମାନେ ଲୁଗା ବୁଣିଥାନ୍ତି । ସେମାନେ କାଚମାଳି, ପତଳା ଗୋଲାକାର କାଷ୍ଠ ନିର୍ମିତ କର୍ଣ୍ଣ ଅଳଂକାର, ପିତ୍ତଳର କର୍ଣ୍ଣ କୁଣ୍ଡଳୀ, ହାତ, ଗୋଡ଼ ଓ ନାକରେ ଆଲୁମିନିୟମ୍ ରିଙ୍ଗ୍ ଆଦି ଅଳଙ୍କାର ପିନ୍ଧନ୍ତି । ଆଜିକାଲି ସଉରା ପୁରୁଷମାନେ ଧୋତୀ, ସାର୍ଟ, ଗଞ୍ଜି, ପ୍ୟାଣ୍ଟ ତଥା ମହିଳାମାନେ ଶାଢ଼ୀ, ବ୍ଲାଉଜ, ଶାୟା ଆଦି ପିନ୍ଧୁଛନ୍ତି ।









ବସତି ଓ ଗୃହନିର୍ମାଣ



ସଉରାମାନଙ୍କର ଗାଁଗୁଡ଼ିକ ପାହାଡ଼, ପର୍ବତ ଓ ଜଙ୍ଗଲ ଅଭ୍ୟନ୍ତରସ୍ଥ ଅପହଞ୍ଚ ଇଲାକାରେ ରହିଥାଏ । ସରୁ ଓ ସର୍ପିଳ ପାଦଚଲା ପାହାଡି ପଥ ଅତିକ୍ରମ କରି କଷ୍ଟରେ ସେଠାରେ ପହଞ୍ଚିବାକୁ ହୁଏ । ଗାଁ ଗୁଡ଼ିକ ଛୋଟ ଛୋଟ । ଗୋଟିଏ ଗାଁରେ ହାରାହାରି ୨୦୦ରୁ ୮୦୦ ପର୍ଯ୍ୟନ୍ତ ଲୋକ ବାସ କରନ୍ତି । ପାହାଡ଼ ଗଡ଼ାଣିରେ ଏଠି ସେଠି ହୋଇ ସଉରା ବସତି ଦେଖାଯାଏ । ଗୋଟିଏ ନୂତନ ବସତି ବସାଇବା ସମୟରେ ସେମାନେ ସାଧାରଣତଃ ଉଚ୍ଚଭୂମି ଓ ପାହାଡ଼ ଗଡାଣି ଥିବା ଶୁଷ୍କ ଅଂଚଳକୁ ବାସୋପଯୋଗୀ ସ୍ଥଳ ଭାବରେ ବାଛନ୍ତି । ଏପରି ସ୍ଥାନରେ ପାଣି ଜମିବାର ସମ୍ଭାବନା ନ ଥାଏ । ଦୈନନ୍ଦିନ ଚଳଣି ପାଇଁ ବସତି ଅଞ୍ଚଳର ଅନତିଦୂରରେ ପାଣିର ସୁବିଧା ଥାଏ ।

ସଉରା ବସତିର ଅଳ୍ପ ଦୂରରେ ମୃତ ଜ୍ଞାତି ପରିଜନଙ୍କୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରସ୍ତର ଖୋଦିତ ସମାଧିସ୍ଥଳ ଥାଏ । ଗାଁର ପ୍ରବେଶ ପଥରେ ଗସଡ଼ାସୁମ୍, କିଟୁଂସୁମ୍ ନାମରେ ଦୁଇଟି କାଷ୍ଠସ୍ତମ୍ଭ ରହିଥାଏ । ଏହି ଦୁଇ ଦେବତାଙ୍କୁ ଗାଁର ଅଭିଭାବକ ଭାବରେ ପୂଜା କରାଯାଏ । ସେମାନେ ଗାଁକୁ ସୁରକ୍ଷିତ ରଖନ୍ତି । ସଉରାମାନେ କ୍ରମାବନତ ପାହାଡ଼ ଶ୍ରେଣୀରେ ଚାଷୋପଯୋଗୀ ସ୍ୱତନ୍ତ୍ର କ୍ଷେତ୍ର ପ୍ରସ୍ତୁତ କରି ସେମାନଙ୍କ ପାରଂପରିକ ଜ୍ଞାନ କୌଶଳର ପରିଚୟ ଦିଅନ୍ତି । କ୍ଷେତକୁ ଉତ୍ତମ ଭାବରେ ଜଳ ପରିଚାଳନା










କରିବାରେ ସଉରାମାନେ ବେଶ୍ ନିପୁଣ । ସବୁଜ ପାର୍ବତ୍ୟାଞ୍ଚଳର କ୍ରମାବନତ ପାହାଡ଼ି କ୍ଷେତରେ ଫସଲର ଅପୂର୍ବ ଶୋଭା ସଂପଦ ଦର୍ଶକକୁ ବିମୋହିତ କରେ ।

ସଉରା ଗାଁ, ସେମାନଙ୍କର ବାସସ୍ଥଳୀ ଓ ବାସଗୃହର ନିର୍ମାଣ ଶୈଳୀରେ କୌଣସି ନିର୍ଦ୍ଦିଷ୍ଟ ଢ଼ାଞ୍ଚା ବା ରୂପରେଖ ନଥାଏ । କେଉଁଠି କେଉଁଠି ଘରଗୁଡ଼ିକ ଦୁଇ ଧାଡ଼ିଆ ହୋଇଥାଏ । ଦୁଇ ଧାଡ଼ିଆ ଘର ମଝିରେ ଥାଏ ରାସ୍ତା । ଏହି ରାସ୍ତାକୁ ଦାଣ୍ଡ କୁହନ୍ତି । କେତେକ ଗାଁରେ ଧାଡ଼ି ଧାଡ଼ି ନ ହୋଇ ବିକ୍ଷିପ୍ତ ଘର ଥାଏ । ପ୍ରତି ଧାଡ଼ିରୁ ଆରଧାଡ଼ିକୁ ଯିବା ଆସିବା କରିବା ପାଇଁ ଡାହାଣ ପଟିଆ ରାସ୍ତାଥାଏ । ବେଳେବେଳେ କ୍ରମାବନତ ପାହାଡ଼ି ଫସଲ କ୍ଷେତପରି ନିର୍ମିତ ଗୃହ ଶ୍ରେଣୀ ସମୂହର ସମ୍ମୁଖଭାଗ ଗୋଟିଏ ଦିଗକୁ ରହିଥାଏ । ଗୃହଶ୍ରେଣୀ ଗୁଡ଼ିକ ଆଗପଛ ହୋଇ ତିଆରି ହୋଇଥିବାର ଦେଖାଯାଏ ।


















ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଅଣଓସାରିଆ ପାଦଚଲା ରାସ୍ତାଥାଏ । ଘରର ପ୍ରବେଶ ଦ୍ୱାର ନିହାତି ସଂକୀର୍ଣ୍ଣ ମନେହୁଏ ।




ଏବେ ଆଧୁନିକତାର ପ୍ରଭାବରେ ସଉରାମାନଙ୍କ ଗୃହ ନିର୍ମାଣଶୈଳୀ ବଦଳିଲାଣି । ସେମାନେ ଏବେ ପକ୍କା ଘର ତିଆରି କଲେଣି । ପୁରୁଣା କାଳିଆ ଛୋଟ କୁଡ଼ିଆ ଘରକୁ ସେମାନେ ଆଉ ପସନ୍ଦ କରୁନାହାନ୍ତି । ଗାଁର ମୁଖ୍ୟ ରାସ୍ତାଗୁଡ଼ିକ କ୍ରମଶଃ କଂକ୍ରିଟ୍ ହେଉଛି ।

























ଗୋଟିଏ ଆୟତାକାର କ୍ଷେତ୍ରରେ ଛୋଟ ଏକ ବଖରା ବିଶିଷ୍ଟ ଚାଳ ଛପର ଘର ସଉରାମାନଙ୍କ ପୁରୁଣା କାଳିଆ ଘରର ନମୁନା । ଘରର କାନ୍ଥ ମାଟି ଓ ପଥରରେ ତିଆରି । ସେମାନେ ସାଧାରଣତଃ ଉଚ୍ଚ ଜାଗାରେ ଘର ତିଆରି କରନ୍ତି । ଘରର ସମ୍ମୁଖ ଭାଗରେ ବାରଣ୍ଡା ଥାଏ । ଘରର କାନ୍ଥଗୁଡ଼ିକ ଗେରୁ ଲିପା ମାଟିରେ ସୁନ୍ଦର ଭାବରେ ଲିପାପୋଛା ହୋଇଥାଏ ।

ଘର ଭିତରେ ପ୍ରାୟ ଅଧାଅଧି ଜାଗାରେ କାଠର ଖୁଣ୍ଟମାନ ପୋତାଯାଇ ଗୋଟିଏ ଭାଡ଼ି ତିଆରି ହୋଇଥାଏ । ସେହି ଭାଡ଼ି ଉପରେ ଘରୋଇ ଆସବାବପତ୍ର, ଖାଦ୍ୟଶସ୍ୟ, ଲୁଗାପଟା ଓ ଛୋଟମୋଟ ଅନ୍ୟାନ୍ୟ ଜିନିଷମାନ ରଖାଯିବାର ବିହିତ ବ୍ୟବସ୍ଥା ଥାଏ । ଏହି ଭାଡ଼ି ତଳେ କାନ୍ଥକୁ ଲାଗି ଗୋଟିଏ କୋଣରେ ରୋଷେଇ କାମ କରାଯାଏ । ସେଠାରେ ଖାଇବା ପାଇଁ ବ୍ୟବହାର କରାଯାଉଥିବା ବାସନକୁସନ ମଧ୍ୟ ରଖାଯାଏ । ବଳକା ଥିବା ଖୋଲା ସ୍ଥାନରେ ଧାନ କୁଟା ଯାଏ ଓ ଖିଆପିଆ ହୁଏ ।


ଘର ଛାତର ଛପର ତଳେ ଲୁଗାପଟା, ଟୋକେଇ, ଛଣ, କୋଦାଳ, ଧନୁ, ତୀର, ମାଟି ପାତ୍ର ଆଦି ଟଙ୍ଗା ହୋଇଥିବାର ଦେଖାଯାଏ । ଘରର ଗୋଟିଏ କୋଣରେ କୃଷିକାର୍ଯ୍ୟରେ ବ୍ୟବହୃତ ଉପକରଣମାନ ରଖାଯାଇଥାଏ । କାନ୍ଥରେ ପୂର୍ବପୁରୁଷମାନଙ୍କ ଲୁଗାପଟା ବ୍ୟବହୃତ ସାମଗ୍ରୀ ହାଣ୍ଡି, ମାଠିଆ ଓ ଝୁଡ଼ିରେ ଟଙ୍ଗାଯାଇଥାଏ । କାନ୍ଥରେ ଅଙ୍କିତ ସୁନ୍ଦର ଚିତ୍ରକଳା ପାଇଁ ସଉରାମାନେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସଉରା ଲୋକକଳା ଅନନ୍ୟ ଓ ଅସାଧାରଣ । ଏହା ଇଡ଼ିତାଲ ନାମରେ ପରିଚିତ ।

ବାରଣ୍ଡାରେ ସେମାନେ କୁକୁଡ଼ା ଓ ଘୁଷୁରିମାନଙ୍କ ରହିବା ପାଇଁ ସ୍ୱତନ୍ତ୍ର ଜାଗା କରିଥାନ୍ତି । ଘରର ଗୋଟିଏ କଡ଼ରେ ଗାଈଗୁହାଳ ଥାଏ ।



ଜୀବନ ଓ ଜୀବିକା

ଜମି ଓ ଜଙ୍ଗଲ ଉପରେ ନିର୍ଭର କରି ସଉରାମାନେ ଜୀବିକା ନିର୍ବାହ କରନ୍ତି । ପୋଡୁଚାଷ ଓ କ୍ରମାବନତ ପାହାଡ଼ି ଭୂମିରେ ସୋପାନ କୃଷି ସେମାନଙ୍କ ମୁଖ୍ୟ ଅବଲମ୍ବନ । ପାରଂପରିକ ଭାବରେ ସେମାନେ ପୋଡୁଚାଷୀ । ସେମାନେ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ବୈଷୟିକ ଦକ୍ଷତାର ଅଧିକାରୀ । ସୋପାନ ପ୍ରଣାଳୀରେ ସେମାନେ ମୁଖ୍ୟତଃ ଧାନଚାଷ କରନ୍ତି । ଏହାବ୍ୟତୀତ ବଗଡ଼ ଚାଷ ଭାବରେ ବାଜରା, ବିଭିନ୍ନ ଶସ୍ୟ ଓ ଡାଲିଜାତୀୟ ଫସଲ ମଧ୍ୟ କରନ୍ତି ।






ପ୍ରତି ସଉରା ଗାଁର ସ୍ୱତନ୍ତ୍ର ଓ ଚିହ୍ନିତ ଭୌଗୋଳିକ ସୀମା ସରହଦ ରହିଥାଏ । ପରିବର୍ଦ୍ଧିତ ପରିବାର ଅଥବା ବିରିଣ୍ଡାକୁ କେନ୍ଦ୍ର କରି ପାରଂପରିକ ଭାବରେ ପାହାଡ଼ ଗୁଡ଼ିକ ସେମାନଙ୍କ ମଧ୍ୟରେ ବୁଝାମଣା ଭିତ୍ତିରେ ବଣ୍ଟା ହୋଇଥାଏ । ଗୋଟିଏ ନିର୍ଦ୍ଦିଷ୍ଟ ବିରିଣ୍ଡା ଅନ୍ତର୍ଭୁକ୍ତ ସଦସ୍ୟମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପାହାଡ଼ରେ ପୋଡୁ ଚାଷ କରନ୍ତି । ଏହା ବ୍ୟତୀତ ସେଠାକୁ ନୂଆ କରି ଆସିଥିବା ବାହାର ଲୋକ ସେଠାରେ ପୋଡୁଚାଷ କରିପାରିବେ ନାହିଁ ।



ପୋଡୁ ଜମିକୁ ସେମାନେ ବଗଡ଼ କୁହନ୍ତି । ବଗଡ଼ରେ କରାଯାଉଥିବା ଚାଷକୁ ବଗଡ଼ଚାଷ କୁହାଯାଏ । ପ୍ରତିଟି ପରିବାରର କେତେ ଖଣ୍ଡ ଡ଼ଙ୍ଗର ଜମି ଥାଏ । କାହାର ଜମି ପାହାଡ଼ ତଳି ଅଂଚଳରେ ତ ଆଉ କାହାର ପାହାଡ଼ର ମଥାନ ଉପରେ ଥାଏ । ଜଙ୍ଗଲ ଜମିରେ ଥିବା ଫଳଗଛ, କାଠଗଛ ଓ ଜଙ୍ଗଲରେ ଥିବା ଶିକାର ଉପଯୋଗୀ ପଶୁମାନଙ୍କୁ ସେମାନେ ଭାରି ଭଲ ପାଆନ୍ତି । ଜମି, ଜଙ୍ଗଲ, ଗଛ ଓ ପଶୁ ଜୀବନ ପରି ପ୍ରିୟ ମନେହୁଏ ।



ପୋଡୁଚାଷ ପାଇଁ ଗୋଟିଏ ପାହାଡ଼ ଗଡ଼ାଣିକୁ ଭାଗ ଭାଗ କରି କେତେଗୁଡ଼ିଏ ଜମିରେ ବିଭକ୍ତ କରାଯାଇଥାଏ । ଚିହ୍ନିତ ଜମିଖଣ୍ଡ ଗୁଡ଼ିକୁ ନିଜ ନିଜ ଭିତରେ ଚାଷ କରିବା ପାଇଁ ବଣ୍ଟା ଯାଇଥାଏ । ଜଣେ ଚାଷ କରିବା ସାମର୍ଥ୍ୟ ଥିବା ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଜମିରେ ଚାଷ କରି ଚାଲେ । ସେ ଚାଷ କରିବାକୁ ଅସମର୍ଥ ହେଲେ ସେହି ଜମିର ଆବଶ୍ୟକତାକୁ ବିଚାର କରି ଗୋଷ୍ଠୀସଦସ୍ୟଙ୍କ ସହମତିରେ ଅନ୍ୟକୁ ଦିଆଯାଏ । ଅନ୍ୟ ପକ୍ଷରେ ଜଣକର ଚାଷ କରିବା ସାମର୍ଥ୍ୟ ଥିବା ତା'ର ଜମିକୁ ଆଉ କାହାକୁ ହସ୍ତାନ୍ତର କରାଯାଏ ନାହିଁ । ବଂଶାନୁକ୍ରମିକ ଭାବରେ ସେମାନେ ତାଙ୍କ ପାଇଁ ଉଦ୍ଦିଷ୍ଟ ଡଙ୍ଗର ଜମିକୁ ଭୋଗ ଦଖଲ କରନ୍ତି ।





ଜମିରେ ଦୁଇ ତିନି ବର୍ଷ ଧରି ଗୋଟିକ ପରେ ଆଉ ଗୋଟିଏ ଫସଲ ଚାଷ କରାଯାଏ । ଏହାପରେ ଜମିକୁ ଉର୍ବର କରିବା ନିମନ୍ତେ ଫସଲ ନ କରି ଖାଲି ଛାଡ଼ି ଦିଆଯାଏ । ସଉରାମାନେ ସେମାନଙ୍କ ଜମିରେ ମିଶ୍ରିତ ଚାଷ କରୁଥିବାର ଦେଖାଯାଏ । ସେମାନଙ୍କର ଖାଦ୍ୟାଭ୍ୟାସ ଓ ପାରିପାର୍ଶ୍ୱିକ ଅବସ୍ଥାକୁନେଇ କୃଷିକର୍ମ ପରିଚାଳିତ ହୁଏ । ଏବେ ଚାଷଜମିର ପୁନଃଉର୍ବରତା ଲାଭ ପ୍ରକ୍ରିୟା କ୍ରମଶଃ ବିଳମ୍ବିତ ହେବାରେ ଲାଗିଛି । ବର୍ତ୍ତମାନ ପରିସ୍ଥିତିରେ ପୋଡୁଚାଷ ଆଉ ପୂର୍ବପରି ଲାଭଦାୟକ ନୁହେଁ। ପାରଂପରିକ କୃଷିପଦ୍ଧତିରେ ଉଲ୍ଲେଖନୀୟ ପରିବର୍ତ୍ତନ ହେଲାଣି । ଦିନକୁ


ଦିନ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି । ପାରିପାର୍ଶ୍ୱିକ ଅବସ୍ଥାରେ ସନ୍ତୁଳନ ରହୁନାହିଁ । ଜନସଂଖ୍ୟା ବୃଦ୍ଧି ଫଳରେ ଚାଷୋପଯୋଗୀ ସମତଳ ଜମିର ଅଭାବ ଥିବାରୁ ସେମାନେ ନୀଚା ପାହାଡ଼ ଗଡାଣିରେ ଅଥବା ପାହାଡ଼ ତଳେ ପାରଂପରିକ ଜ୍ଞାନକୌଶଳ ବିନିଯୋଗ କରି ସୋପାନ ପ୍ରଣାଳୀରେ ଧାନ ଚାଷ କରିବାକୁ ଚେଷ୍ଟା ଚଳାଇଛନ୍ତି । ଏହି ପ୍ରକାର ଚାଷପଦ୍ଧତିକୁ ସେମାନେ ସାରୋବା କୁହନ୍ତି ।



ଏହି ପ୍ରଣାଳୀରେ ସଉରାମାନେ ସଧାରଣ କୃଷି କରି ବେଶ୍ ଲାଭବାନ ହେଉଛନ୍ତି । ସୋପାନ ପ୍ରଣାଳୀରେ







ପ୍ରସ୍ତୁତ ପାହାଡ଼ ଗଡ଼ାଣି କ୍ଷେତ ସମୂହକୁ ବର୍ଷସାରା ସେମାନେ ଯେପରି ପାରଂପରିକ ଜ୍ଞାନ କୌଶଳ ବ୍ୟବହାର କରି ଜଳ ଯୋଗାଣର ବିହିତ ବ୍ୟବସ୍ଥା କରନ୍ତି ତାହା ସେମାନଙ୍କ କୃଷି ନୈପୁଣ୍ୟର ପରିଚୟ ପ୍ରଦାନ କରେ । ଉଚ୍ଚ କ୍ରମାବନତ ପାହାଡ଼ ଗଡ଼ାଣିର ଶୁଷ୍କ ସୋପାନ କ୍ଷେତରେ ବିରି, କୋଳଥ ଆଦି ଡାଲିଜାତୀୟ ଫସଲ କରନ୍ତି । ଏହାକୁ ସେମାନେ ଜିଆନୁମ୍ କହିଥାନ୍ତି ।


ଗଡ଼ାଣିଆ ପାହାଡ଼ି ସୋପାନ କ୍ଷେତ ଗୁଡ଼ିକ ପାହାଡ଼ି ଝରଣାର ଡାହାଣ ପଟକୁ ଶହ ଶହ ଫୁଟ ଲମ୍ବିଥାଏ । କେତେକ କ୍ଷେତ୍ରରେ ଏହା ପାହାଡ଼ର ମଥାନକୁ ଛୁଉଁଥାଏ । ପ୍ରତି ସୋପାନ କ୍ଷେତର ଚଟାଣ ସମତଳ ହୋଇଥିବା ସ୍ଥଳେ କ୍ଷେତର ଧାର ବା ହିଡ଼କୁ ପଥର ବନ୍ଧ ଦେଇ ନିବୁଜ କରାଯାଇଥାଏ । ଏପରି କୌଶଳର ସହିତ କ୍ରମାବନତ ପାହାଡି ସୋପାନ କ୍ଷେତ ଗୁଡ଼ିକୁ ପ୍ରସ୍ତୁତ କରାଯାଇଥାଏ ଯେ ଉପରୁ ତଳକୁ ଜଳ ପ୍ରବାହିତ ହେଲେ ମଧ୍ୟ ଆଦୌ ମୃତ୍ତିକା କ୍ଷୟ ହୁଏ ନାହିଁ । ସୋପାନ କ୍ଷେତ ଗୁଡ଼ିକ ଘରୋଇ ଭାବରେ ଅଧିକୃତ । ପିତା ଅନ୍ତେ ପୁତ୍ର କ୍ଷେତର ମାଲିକ ହୋଇଥାଏ ।

ଗୋଟିଏ ଟାଙ୍ଗିଆ ଓ କୋଦାଳ ବ୍ୟବହାର କରି ସେମାନେ ବଗଡ଼ ଓ ସାରୋବା ଚାଷ କରିବାକୁ ସମର୍ଥ ହୋଇଥାନ୍ତି । ଏହାଦ୍ୱାରା ସେମାନେ ନିଜର କୁଟୁମ୍ବ ପାଳନ କରନ୍ତି । ସଉରା ମାନଙ୍କ ଅଂଚଳର ଭୌଗୋଳିକ ଅବସ୍ଥିତି, ସେମାନଙ୍କର କଠିନ ପରିଶ୍ରମ ଓ ଦଳଗତ ପ୍ରଚେଷ୍ଟା ବଳରେ ସେମାନେ ପାହାଡ଼ ଗଡ଼ାଣି କୃଷିରେ ସଫଳତା ହାସଲ କରନ୍ତି ।



ସଉରା ମାନେ ବୃକ୍ଷପ୍ରିୟ । ସେମାନେ ଖଜୁରୀ, ଆମ୍ବ, ପଣସ, ତେନ୍ତୁଳି, ମହୁଲ, ସଲପ, ରାମଫଳ, ସୀତାଫଳ ଆଦି ବୃକ୍ଷର ସଂରକ୍ଷଣ ଦିଗରେ ତତ୍ପରତା ପ୍ରକାଶ କରନ୍ତି । ଡଙ୍ଗର, ପାହାଡ଼ ଓ ଗାଁ ଗୁଡ଼ିକରେ ଏସବୁର ଗଛର ବହୁଳତା ଦେଖାଯାଏ । ଏହା ବ୍ୟତୀତ ସେମାନେ ନିଜ ଘରପଛପଟେ ବାଡ଼ିବଗିଚା ଓ ଫଳବଗିଚା ମଧ୍ୟ କରନ୍ତି ।

ବର୍ତ୍ତମାନ ପୋଡୁଚାଷ, ସାଧାରଣ ଚାଷ ଓ ଜଙ୍ଗଲ ସଂପଦ ଉପରେ ନିର୍ଭର କରି ଚଳିବା ଏକ କଠିନ ବ୍ୟାପାର ହୋଇଥିବାରୁ ସେମାନେ ସଂପ୍ରତି ଉଦ୍ୟାନ କୃଷି ଉପରେ ଧ୍ୟାନ ଦେଉଛନ୍ତି । ଉନ୍ନୟନ ସଂସ୍ଥା













ସମୂହ ଦ୍ୱାରା ପ୍ରଶିକ୍ଷିତ ହୋଇ ସେମାନେ ଅଭିନବ ଉଦ୍ୟାନ କୃଷି ପଦ୍ଧତି ସହିତ ନିଜକୁ ସାମିଲ୍ କଲେଣି ।

ଘର ପଛ ପଟ ବାଡ଼ିବଗିଚାରେ ଫଳଗଛ ଓ ପନିପରିବା ଚାଷ କରିବା ବ୍ୟତୀତ ଅର୍ଥନୈତିକ ଦୃଷ୍ଟିକୋଣରୁ ସେମାନେ ବର୍ତ୍ତମାନ ଅନୁର୍ବର ଡଙ୍ଗର, ପାହାଡ଼ ଗଡାଣି ଓ ପରିତ୍ୟକ୍ତ ପଡ଼ିଆ ଜମିରେ କାଜୁ ଗଛ ଲଗାଉଛନ୍ତି । କାଜୁ ଏକ ଲାଭଜନକ ଅର୍ଥକରୀ ଫସଲ । ଏଥିପାଇଁ କମ୍ ପରିଶ୍ରମ କରିବାକୁ ହୁଏ । ନିଜ ଉଦ୍ୟମରେ ବର୍ତ୍ତମାନ ସେମାନେ କାଜୁବଗିଚା କରୁଛନ୍ତି । ଏହି ଲାଭଦାୟକ କାଜୁଚାଷ ପାରଂପରିକ ପୋଡୁଚାଷକୁ ପଛକୁ ଠେଲି ଦେଇଛି ।



ବର୍ଷସାରା ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା, ମୂଲ ଲାଗିବା, ମାଛ ଧରିବା ଓ ଶିକାର କରିବା ଆଦି କାମ କରିବା ଫଳରେ ଜୀବନ ନିର୍ବାହରେ ଆବଶ୍ୟକ ହେଉଥିବା ଅର୍ଥନୈତିକ ଅଭାବର ପରିପୂର୍ତ୍ତି ହେଉଛି । ସେମାନେ ମଧ୍ୟ ଗାଈ, ବଳଦ, ମଇଁଷି, ଛେଳି ଘୁଷୁରି ଓ କୁକୁଡ଼ା ଆଦି ଗୃହପାଳିତ ପଶୁପାଳନ କରୁଛନ୍ତି । ବଦଳ, ମଇଁଷି ଆଦିକୁ କୃଷି କାର୍ଯ୍ୟରେ ଲଗାଉଛନ୍ତି । ଛେଳି ଓ କୁକୁଡ଼ା ଆଦିକୁ ଧାର୍ମିକ ପର୍ବପର୍ବାଣିରେ ଦେବତାଙ୍କ ସନ୍ତୁଷ୍ଟି ଲାଗି ବଳିଦେବା ସହିତ ମାଂସ ମଧ୍ୟ ଖାଉଛନ୍ତି ।



ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନର ଏକ ପ୍ରମୁଖ ଦିଗ ହେଉଛି ପାରଂପରିକ ପଦ୍ଧତିରେ ଚଳି ଆସୁଥିବା ''ଶ୍ରମ ସମବାୟ'' ବ୍ୟବସ୍ଥା । ଏହି ବ୍ୟବସ୍ଥାକୁ ଆନ୍‌ସିର୍ କୁହନ୍ତି । ଡଙ୍ଗର ଚାଷ, ଗୃହ ନିର୍ମାଣ ଓ କ୍ରମାବନତ ପାହାଡ଼ ଗଡ଼ାଣିରେ କୃଷି କରିବା ଆଦି କର୍ମରେ ସେମାନେ ନିଜ ଗୋଷ୍ଠୀ ଭିତରେ ଶ୍ରମ ବିନିମୟ କରନ୍ତି ।



ସାମାଜିକ ଜୀବନ

ସଉରା ସମାଜ କାପୁ, ଯତି, ଶୁଦ୍ଧ, ଯଦୁ, ଜାତା, ଆଉସି, ଦୁଆରା, ମୂଲି, କିନ୍ଦଲ, କୁମ୍ଭୀ, ବାସୁ, ଲାଞ୍ଜିଆ ଏହିପରି ୨୫ ଭାଗରେ ବିଭକ୍ତ । ଏହା ସାମାଜିକ ଚଳଣି, ପ୍ରଥା, ପରଂପରା, ଖାଦ୍ୟାଭ୍ୟାସ ଓ ବୃତ୍ତି ଉପରେ ଆଧାରିତ । କେତେକ ଗବେଷକ ସଉରା ମାନଙ୍କ ସାମାଜିକ ଜୀବନକୁ ଅଧ୍ୟୟନ ଓ ଗବେଷଣା କରି ସେମାନଙ୍କୁ ପାହାଡ଼ି ସଉରା ଓ ଦେଶୀଆ ସଉରା ଭେଦରେ ବିଭକ୍ତ କରିଛନ୍ତି ।



ଦେଶରେ ଅଧିକାଂଶ ଜନଜାତି ସମାଜ ତୁଳନାରେ ସଉରା ମାନଙ୍କ ଜୀବନଧାରଣ ପ୍ରଣାଳୀ ଓ ଚଳଣି ସ୍ୱତନ୍ତ୍ର । ସେମାନେ ଦଳ ଭିତରେ ବିବାହ କରନ୍ତି ନାହିଁ । ବୈବାହିକ ସଂପର୍କ ସ୍ଥାପନ ସମୟରେ ଗୋତ୍ର ଉପରେ ଗୁରୁତ୍ୱ ଦିଆଯାଏ । ଗୋଟିଏ ବଂଶକୁ ବିରିନ୍ଦା କୁହନ୍ତି । ଜଣେ ମୂଳ ପୁରୁଷଠାରୁ କ୍ରମଶଃ ଜନସଂଖ୍ୟା ପ୍ରସାରିତ ହୋଇ ଗୋଟିଏ ବିରିନ୍ଦା ହୋଇଥାଏ । ବିରିନ୍ଦାଟି ପିତୃକୈନ୍ଦ୍ରିକ ହୋଇଥାଏ ।



ଗୋଟିଏ ବିରିନ୍ଦାର ପୁଅ ଓ ଝିଅମାନେ ରକ୍ତ ସଂପର୍କୀୟ ଭାଇ, ଭଉଣୀ ପରି । ସେମାନଙ୍କ ମଧ୍ୟରେ ବିବାହ ସଂପର୍କ ଚଳେ ନାହିଁ । ଜଣେ ଗୋଷ୍ଠୀ ସଦସ୍ୟ ମରିଗଲେ ସମଗ୍ର ବିରିନ୍ଦାରେ ଅନ୍ତ୍ୟେଷ୍ଟିକ୍ରିୟା ପାଳିତ ହୁଏ । ଏହାକୁ ଗୁଆର ଓ କାର୍ଜା କୁହନ୍ତି । ଗୁଆର ଓ କାର୍ଜା ପରେ ମୃତଲୋକଟି ଅଶରୀରି ଦୁନିଆଁର ସଦସ୍ୟ ପାଲଟିଯାଏ । ବିରିନ୍ଦାର ଜଣେ ସଦସ୍ୟ ସମୟ ସ୍ରୋତରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ ସେ ପୁନଶ୍ଚ ମୂଳ ବିରିନ୍ଦାକୁ ପ୍ରତ୍ୟାବର୍ତ୍ତନ କରିପାରେ । ସେ ମୃତ୍ୟୁ ବରଣ କଲାପରେ ଚିତାଭସ୍ମରୁ ତା'ର ହାଡ଼ ସଂଗ୍ରହ କରି ନିଜ







ଗୋଷ୍ଠୀରେ ଅନ୍ତିମ ସଂସ୍କାର କର୍ମ କରାଯାଏ । ଯାହାର ବଂଶରେ ବା କୁଳରେ କେହି ନଥାନ୍ତି ସେପରି ସ୍ଥଳେ ବିରିନ୍ଦା ସମସ୍ତ ସଂପତ୍ତିର ଉତ୍ତରାଧିକାରୀ ହୁଏ ।

ସବୁଠୁ ବଡ଼ ଉଲ୍ଲେଖନୀୟ କଥା ହେଲା ଜଣେ ମହିଳା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ତା ବାପାଙ୍କ ବିରିନ୍ଦା ଅନ୍ତର୍ଭୁକ୍ତ ହୋଇ ରହିଥାଏ । ବୈବାହିକ ସଂପର୍କରେ ଆବଦ୍ଧ ହେଲା ପରେ ମଧ୍ୟ ଜଣେ ମହିଳାର ବିରିନ୍ଦା ସଦସ୍ୟତାରେ ପରିବର୍ତ୍ତନ ହୁଏ ନାହିଁ । ମୃତ୍ୟୁ ପରେ ନିଜ ବିରିନ୍ଦାର ଲୋକମାନେ ଅନ୍ତ୍ୟେଷ୍ଟିକ୍ରିୟା ପାଳନ କରିବା ସହିତ ଗୁଆର ପର୍ବ କରିଥାନ୍ତି । ବିନା ଦ୍ୱିଧାରେ ସ୍ୱାମୀ ପରିବାର ତରଫରୁ ଏଥିନିମନ୍ତେ ସହମତି ମିଳିଥାଏ ।













ସଉରା ମାନଙ୍କ ପରିବାର ଛୋଟ । ବାପା, ମାଆ ଓ ଅବିବାହିତ ପୁତ୍ର କନ୍ୟାମାନଙ୍କୁ ନେଇ ପରିବାର ଗଠିତ । ସଉରା ସମାଜରେ ବହୁପତ୍ନୀକ ପ୍ରଥାର ପ୍ରଚଳନ ରହିଛି । ଏହି କାରଣରୁ ଜଣେ ଜଣେ ପୁରୁଷର ଏକାଧିକ ପତ୍ନୀ ଥିବାର ଦେଖାଯାଏ ।

ସଉରାମାନେ ସେମାନଙ୍କ ପିଲାମାନଙ୍କୁ ଭାରି ଭଲ ପାଆନ୍ତି । ଯଦି ସ୍ତ୍ରୀ ବନ୍ଧ୍ୟା ହୁଏ ତା'ହେଲେ ସ୍ୱାମୀ ଆଉ ଜଣେ ମହିଳାଙ୍କୁ ବିବାହ କରିପାରେ ଅଥବା ଜଣେ ଶିଶୁକୁ ପୋଷ୍ୟ ସନ୍ତାନ ଭାବରେ ଗ୍ରହଣ କରେ । ଗର୍ଭବତୀ ମହିଳାଟିଏ ସନ୍ତାନ ପ୍ରସବ ଦେବା ପର୍ଯ୍ୟନ୍ତ ତା'ର ନିତ୍ୟ ନୈମିତ୍ତିକ ଦୈନନ୍ଦିନ କାର୍ଯ୍ୟ ଯଥାରୀତି କରିଚାଲେ । ପ୍ରସବ ବେଦନା ଆରମ୍ଭ ହେଲେ ଗର୍ଭବତୀ ମହିଳାଟି ଗୋଟିଏ ଘର ଭିତରେ ଆବଦ୍ଧ ହୋଇ ରୁହେ । ଜଣେ ବୟୋଜ୍ୟେଷ୍ଠା ଅଭିଜ୍ଞା ମହିଳା ପ୍ରସବ କରାଇବାରେ ଆବଶ୍ୟକ ସହାୟତା ପ୍ରଦାନ କରେ । ସନ୍ତାନ ଜନ୍ମ ପରେ ମା ଓ ଶିଶୁ ଅଳ୍ପ ଉଷୁମ ପାଣିରେ ସ୍ନାନ କରନ୍ତି । ସାତ ଦିନ ଧରି ଜନ୍ମ ଅଶୌଚ ଅଥବା ସୂତିକିଆ ପାଳନ କରାଯାଏ । ସପ୍ତମ ଦିବସରେ ମା ଶୁଦ୍ଧସ୍ନାନ କରି ରୋଷେଇ କରେ । ପରିବାରର ଅନ୍ୟ ମହିଳା ସଦସ୍ୟମାନେ ଏଥିରେ ଅଂଶ ଗ୍ରହଣ କରନ୍ତି । ସେମାନେ ସାଧାରଣତଃ ପୂର୍ବପୁରୁଷଙ୍କ ନାଁ ଅନୁଯାୟୀ ନିଜ ସନ୍ତାନର ନାଁ ରଖିବାକୁ ଅଧିକ ପସନ୍ଦ କରିଥାନ୍ତି ।

ସଉରା ମାନଙ୍କ ବାହାଘର ଏକ ସାଧାରଣ ଘଟଣା । ସଉରା ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ବିବାହ ଧାରା ମଧ୍ୟରେ ପ୍ରସ୍ତାବ ବିବାହ, ଜୋର ଜବରଦସ୍ତି ଧରିପଳାଇବା ବିବାହ ଓ ଝିକା ବିବାହ ଅନ୍ୟତମ । ସଉରାମାନେ ପ୍ରସ୍ତାବ ବିବାହକୁ ପସନ୍ଦ କରନ୍ତି । ଧରିପଳାଇବା ଅଥବା ଝିକା ବିବାହ ଏକ ବ୍ୟତିକ୍ରମ । ବହୁପତ୍ନୀ ଗ୍ରହଣ ସେମାନଙ୍କ ପାଇଁ ଏକ ପ୍ରଚଳିତ ଧାରା । ଅଧିକ ଜମି ଥିବା











ସଜଉାର ଏକାଧିକ ପତ୍ନୀ ଥାନ୍ତି । ଅଧିକ ଜମିର ରକ୍ଷଣାବେକ୍ଷଣ ପାଇଁ ଅଧିକ ପତ୍ନୀ କାମ କରିବା ଦ୍ୱାରା ପାରିବାରିକ ଆୟ ବଢ଼ିଥାଏ ବୋଲି ସେମାନଙ୍କ ବିଶ୍ୱାସ ।


ପିତାମାତା ଓ ସଂପର୍କୀୟମାନେ ପୁଅର ବାହାଘର ପାଇଁ ପ୍ରସ୍ତାବ ଆଣନ୍ତି । ବର ଓ କନ୍ୟା ପକ୍ଷର ସାମାଜିକ ଅବସ୍ଥାକୁ ଆଖି ଆଗରେ ରଖି ବିବାହ ପ୍ରସ୍ତାବକୁ ପକ୍କା କରାଯାଏ । କେତେକ ଘଟଣାରେ ନୀତ ବିରିନ୍ଦାର ପୁଅ ଜଙ୍ଗ ବିରିନ୍ଦାର ଝିଅକୁ ବିବାହ କରିବା ପାଇଁ ପ୍ରସ୍ତାବ ଆସିଲେ ବର ପକ୍ଷରୁ କନ୍ୟାପିତାଙ୍କୁ ଅଧିକ କେତେ ମାଠିଆ ମଦ ଦେବାକୁ ହୁଏ ।




ବରପିତା କେତେଜଣ ଜ୍ଞାତି କୁଟୁମ୍ବଙ୍କୁ ସାଙ୍ଗରେ ଧରି ମାଠିଆଏ ମଦ ନେଇ କନ୍ୟାଘରକୁ ବୁଲିବାକୁ ଯାଏ । ପ୍ରସ୍ତାବରେ କନ୍ୟାପିତା ସହମତ ହେଲେ ମଦ ଗ୍ରହଣ କରାଯାଏ । ଗାଁର ମାନ୍ୟଗଣ୍ୟ ପୁରୁଖା ସଦସ୍ୟଙ୍କ ଉପସ୍ଥିତିରେ ମଦ ଦିଆଯାଏ । ଏହିପରି ପ୍ରସ୍ତାବ ବିବାହରେ କନ୍ୟାର ମତାମତକୁ ଅଗ୍ରାଧିକାର ଦିଆଯାଏ । ଏହାପରେ ବରପକ୍ଷ କନ୍ୟାଘରକୁ ଅନେକ ଥର ମଦ ନେଇ ବୁଲିବାକୁ ଯାଆନ୍ତି । ଏହିପରି ଗୋଟିଏ ଘଟଣାରେ ତୀରଟିଏ ନେବା ସହିତ ବିବାହ ପ୍ରସ୍ତାବ ତୁଟାନ୍ତ ହୁଏ । ଅନ୍ୟ ଗୋଟିଏ ଥର ଉଭୟ ପକ୍ଷ ମଧ୍ୟରେ ଆଲୋଚନା କରାଯାଇ ସର୍ବ ସମ୍ମତି କ୍ରମେ ଉଭୟ ବୁଝାମଣା ଭିତ୍ତିରେ କନ୍ୟାମୂଲ ସ୍ଥିର ହୁଏ ।



କନ୍ୟାମୂଲ ସାଧାରଣତଃ ଅର୍ଥ ଓ ପଦାର୍ଥ ଆକାରରେ ଦିଆଯାଏ । ଅର୍ଥର ପରିମାଣ ସମୟ କ୍ରମେ ବଦଳୁ ଥାଏ । ଅର୍ଥ ବାହାରେ ଆହୁରି ଆଠ ମାଠିଆ ମଦ ଦେବାକୁ ପଡେ । ବିବାହ ସମ୍ଭଣ ସ୍ଥିର ଜରିବା ଦିନ ଅର୍ଥାତ୍ ନିର୍ଦ୍ଧାରିତ ଦିନ ବରପକ୍ଷ ନଅ ମାଠିଆ ମଦ ନେଇ କନ୍ୟାଘରକୁ ଯାଆନ୍ତି । କନ୍ୟାଘର ତରଫରୁ ବରପକ୍ଷ ଲୋକମାନଙ୍କୁ ଭାତ ଓ ମଇଁଷି ମାଂସ ଭୋଜି କରି ଖାଇବାକୁ ଦିଆଯାଏ । ବର୍ଷେ ପରେ ବରକନ୍ୟାଙ୍କର ବିବାହ ଅନୁଷ୍ଠିତ ହୁଏ । କନ୍ୟାକୁ ବର ଘରକୁ ଅଣାଯାଏ । ସେଦିନ ନୃତ୍ୟ, ସଙ୍ଗୀତ ଓ ମଦପାନରେ ସମସ୍ତେ ମଜ୍ଜିରହନ୍ତି । ବିବାହ ପରେ ବର ଓ କନ୍ୟା ସ୍ୱାମୀ - ସ୍ତ୍ରୀ ଭାବରେ ଏକ ନୂଆ ପରିଚୟ ପାଆନ୍ତି ।






ଅତୀତରେ ସଉରା ସମାଜରେ ଜୋର ଜବରଦସ୍ତି ଝିଅକୁ ଧରି ପଳାଇବା ସାଧାରଣତଃ ମାମୁଲି ଘଟଣା ଥିଲା । ବର୍ତ୍ତମାନ ସମାଜରେ ଏପରି ଘଟଣା ବହୁତ କମ୍ ଘଟୁଛି । ଝିଅକୁ ଧରି ପଳାଇବା ପ୍ରଥା ସମ୍ମାନଜନକ ଓ ସ୍ପୃହଣୀୟ ନୁହେଁ । ପୂର୍ବପୁରୁଷ ମାନେ ଏପରି ବିବାହ ଧାରାକୁ ପସନ୍ଦ କରନ୍ତି ନାହିଁ ବୋଲି ସଉରା ମାନେ ବିଶ୍ୱାସ କରନ୍ତି ।

ସେମାନଙ୍କ ସମାଜରେ ବିଧବା ବିବାହ, ବିପତ୍ନୀକ ବିବାହ ଓ ଛାଡପତ୍ରର ପ୍ରଚଳନ ରହିଛି । ଶାଳୀ ବିବାହ ଓ ବିଧବା ବିବାହ ଚଳେ । ଏହି ପ୍ରଥା ଅନୁଯାୟୀ ଜଣେ ବ୍ୟକ୍ତି ତା ମୃତ ପତ୍ନୀର ସାନ ଭଉଣୀକୁ ବିବାହ କରେ । ସେହିପରି ଜଣେ ସ୍ତ୍ରୀ ତା' ମୃତ ସ୍ୱାମୀର ସାନ ଭାଇକୁ ମଧ୍ୟ ବିବାହ କରିପାରେ ।

ସଉରାମାନେ ଶବକୁ ପୋତିଦିଅନ୍ତି । ମାତ୍ର ହଇଜା ଓ ବସନ୍ତରେ ମରିଥିବା ଲୋକର ଶବକୁ ପୋତି ଦିଆଯାଏ । ସେମାନେ ଶବକୁ ବାଜା ବଜେଇ ସଙ୍ଗରେ ନେଇ ଶ୍ମଶାନ ଭୂମିକୁ ଯାଇ ପାଉଁଶକୁ ପରୀକ୍ଷା କରିବା ସହିତ ମରିବାର କାରଣ ଖୋଜନ୍ତି । ସେଦିନ ସନ୍ଧ୍ୟାରେ ଶ୍ମଶାନ ଭୂମିରେ ଗୋଟିଏ କୁକୁଡା ବଳି ଦିଆଯାଏ । କୁକୁଡା ମାଂସ ସହିତ ପିଠା ପତ୍ର ମିଶାଇ ଭାତ ରନ୍ଧାଯାଏ । ସେହି ପିଠା ଭାତ ଓ ମାଂସକୁ ଗାଁର ଶୋକକାରୀମାନେ ଖାଆନ୍ତି ।






ଜଣେ ମୃତ୍ୟୁ ବରଣ କରିବାର ବର୍ଷେ ବା ଦୁଇବର୍ଷ ପରେ ଖର୍ଚ୍ଚ ବହୁଳ ଗୁଆର ଉତ୍ସବ ଅନୁଷ୍ଠିତ ହୁଏ । ଏଥିପାଇଁ ଗୋଟିଏ କାଷ୍ଠସ୍ତମ୍ଭ ପୋତାଯାଏ । ସେଠାରେ କେତେ ଗୁଡିଏ ମଇଁଷି ବଳି ଦିଆଯାଏ । ସାଧାରଣତଃ ତିନୋଟି କାର୍ଜ୍ଜା ଉତ୍ସବ ପାଳିତ ହେବା ପରେ ପ୍ରତି ଦ୍ୱିତୀୟ ଅଥବା ତୃତୀୟ ବର୍ଷକୁ ସ୍ମରଣୀୟ ରଖିବା ଲକ୍ଷ୍ୟରେ ପରଲୋକଗତଙ୍କ ସମ୍ମାନାର୍ଥେ ଏହି ଉତ୍ସବର ଆୟୋଜନ କରାଯାଇଥାଏ । ଏହି ଉତ୍ସବ ସାଧାରଣତଃ ମାର୍ଚ୍ଚ ଓ ଏପ୍ରିଲ ମାସ ବେଳକୁ ପାଳନ କରାଯାଏ ।



ଗୁଣିଗାରେଡି ଓ ଧର୍ମୀୟ ଜୀବନ



ସଉରାମାନଙ୍କ ପରି ଅନ୍ୟ ଜନଜାତିର ଧାର୍ମିକ ଜୀବନ ଏତେ ବିସ୍ତୃତ ଓ ଜଟିଳ ନୁହେଁ । ସେମାନଙ୍କର ସାମାଜିକ ପ୍ରଥା ପରଂପରା ଓ ଧର୍ମ ବିଶ୍ୱାସକୁ ନ ବୁଝିଲେ ଜୀବନର ଅନ୍ୟକୌଣସି ଦିଗ ଓ ଦୃଷ୍ଟିକୋଣକୁ ବୁଝିହେବ ନାହିଁ । ସେମାନଙ୍କର ଦେବଦେବୀଙ୍କର କୌଣସି ନିର୍ଦ୍ଦିଷ୍ଟ ପଞ୍ଜୀକୃତ ନାମ ନାହିଁ । ସମୟ କ୍ରମେ ନାମ ତାଲିକାରେ ନୂଆ ନାଁ ମିଶେ ଓ ପୁରୁଣା ନାଁ ଭୁଲି ହୋଇଯାଏ । ସଉରାମାନଙ୍କର ବହୁ ଦେବଦେବୀ; ଦୁଷ୍ଟ ଓ ଶିଷ୍ଟ ପ୍ରେତାତ୍ମା ରହିଥିବାର ଜଣାଯାଏ ।




ସଉରା ଦେବଦେବୀମାନଙ୍କୁ ସାଧାରଣତଃ ସନୁମ୍ କୁହାଯାଏ । ଲବସୁମ୍, ବୁଡେ ସୁମ୍ ଓ କାରୁଣୀ ସୁମ୍ ପରି ଅନେକ ଦେବଦେବୀ ଦେଖାଯାଆନ୍ତି । ଏହି ସବୁ ଦେବତା ଓ ପ୍ରେତାତ୍ମା ଙ୍କ ଜନ ସମାଜ ଉପରେ ଅଖଣ୍ଡ ପ୍ରଭାବ ଥାଏ । ସେମାନଙ୍କ ସନ୍ତୁଷ୍ଟି ବିଧାନ ନ ହେଲେ ସେମାନେ ବିଭିନ୍ନ ପ୍ରକାର କ୍ଷତିସାଧନ କରନ୍ତି ।




ଶିଷ୍ଟ ଶକ୍ତି ତୁଳନାରେ ଅପଶକ୍ତି ପ୍ରତି ଅଧିକ ଭୟଥାଏ । ଭୟ ଓ ଆଶଙ୍କାରେ ସେମାନଙ୍କ ପୂଜା କରାଯାଏ । ପରିବାର ସଦସ୍ୟଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ପଶୁ - ପକ୍ଷୀ ବଳି ଦିଆଯାଏ ।

ଧର୍ମ ବିଶ୍ୱାସ, ଧାର୍ମିକ ଆବଶ୍ୟକତା ଓ ଧର୍ମୋତ୍ସବ ଗୁଡିକର କାର୍ଯ୍ୟନିର୍ବାହୀ 'ବୁୟା' ନାମରେ ପରିଚିତ । କୁଡାନ ଓ କୁଡାନବଇ ପୁରୁଷ ଓ ମହିଳା ସମନ ଅନ୍ୟାନ୍ୟ ଧର୍ମୀୟ କାର୍ଯ୍ୟର ପରିଚାଳନା କରିବା ସହିତ ଟୁଟୁକା ଚିକିତ୍ସା ମଧ୍ୟ କରନ୍ତି । ବୁୟା ଏକ ଆରୋପିତ ପଦବୀ ହୋଇଥିବା ସ୍ଥଳେ କୁଡାନ ଓ କୁଡାନ ବଇ ପଦବୀ ପାଇଁ ବ୍ୟକ୍ତିର ନିଜସ୍ୱ ଜ୍ଞାନ କୌଶଳ ରହିଥାଏ ।









ସଉରା ସମାଜରେ କୁଡାନ ଓ କୁଡାନ ବଇଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ନିଜର ପାରଂପରିକ ଜ୍ଞାନ କୌଶଳରେ ରୋଗର ନିଦାନ ନିରୂପଣ କରି ଫଳପ୍ରଦ ଚିକିତ୍ସା ମାଧ୍ୟମରେ ବହୁ ଅସୁବିଧା ଓ ପୀଡା ଦୂର କରିଥାଆନ୍ତି । ସମନ ଜଣେ ଦୈବୀ କୃପାପ୍ରାପ୍ତ ଚିକିତ୍ସାବିତ୍ । ଆଦେଶ ବଳରେ ସେ ଦୃଶ୍ୟ ଓ ଅଦୃଶ୍ୟ ପୃଥିବୀ ମଧ୍ୟରେ ସିଧାସଳଖ ଯୋଗାଯୋଗ ସ୍ଥାପନ କରି ଅପଶକ୍ତି ଦ୍ୱାରା ସୃଷ୍ଟି ହେଉଥିବା ସବୁ ପ୍ରକାର ରୋଗର ନିରାକରଣ କରନ୍ତି ।

ସମନ ମାନେ ଏକ ପ୍ରକାର ସାଧକ ଗୋଷ୍ଠୀର । ପ୍ରତି ପୁରୁଷ ସମନର ଜଣେ ଅଦୃଶ୍ୟ ମହିଳା ସହାୟିକା ଥାଏ । ସେହିପରି ଜଣେ ମହିଳା ସମନର ଅଦୃଶ୍ୟ ପୁରୁଷ ସହାୟକ ଥାଏ । ସମନ ଓ ସମନାଣି ଯେତେବେଳେ ଦେବତା ପୂଜା ଓ ଭକ୍ତି ଭାବରେ ଜଡିତ ହୋଇ ଅତ୍ୟନ୍ତ ଭାବାବେଗରେ ଆବେଶ ହୋଇ ପଡନ୍ତି ସେତେବେଳେ ନିଜକୁ ଭୁଲି ଯାଆନ୍ତି । ଆବେଶ ଅବସ୍ଥାରେ ସେମାନେ ଭବିଷ୍ୟ କଥା କହିପାରନ୍ତି । ସମନ ଓ ଅଦୃଶ୍ୟ ଶକ୍ତିର ସଂପର୍କ ସ୍ୱାମୀ - ସ୍ତ୍ରୀ ପରି ହୋଇଥାଏ ।


କୃଷି ଚକ୍ର ଓ ଜୀବନଚକ୍ରକୁ କେନ୍ଦ୍ର କରି ନାନା ପ୍ରକାର ପର୍ବପର୍ବାଣି ଓ ଧାର୍ମିକ କ୍ରିୟାକର୍ମ ଅନୁଷ୍ଠିତ ହୁଏ । ସେଗୁଡ଼ିକ ମଧ୍ୟରୁ କେତେକ ପାରିବାରିକ ହୋଇଥିବା ବେଳେ ଆଉ କେତେକ ଗୋଷ୍ଠୀପର୍ବ ହୋଇଥାଏ । ଶିଶୁଜନ୍ମ, ବିବାହ ଓ ମୃତ୍ୟୁ ଆଦି ଧର୍ମବିଧି ପାଳନ ପାରିବାରିକ ହୋଇଥିବା ସ୍ଥଳେ କୃଷିକୈନ୍ଦ୍ରିକ ପର୍ବ ଗୁଡ଼ିକ ଗୋଷ୍ଠୀପର୍ବ ହୋଇଥାଏ ।

ସଉରାମାନେ ନିଷ୍ଠାପର ଭାବରେ ଧର୍ମବିଧି ପାଳନ କରନ୍ତି । ଧର୍ମ ସେମାନଙ୍କ ଜୀବନର ଅପରିହାର୍ଯ୍ୟ ଓ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ପ୍ରଚଳିତ ପ୍ରଥାକୁ ଉଲ୍ଲଙ୍ଘନ ଅଥବା ପ୍ରତିରୋଧ କରନ୍ତି ନାହିଁ ।











ସାମାଜିକ ନିୟନ୍ତ୍ରଣ


ଗୋଟିଏ ସଉରା ଗାଁରେ ସମଜାତୀୟ ଲୋକମାନେ ବସବାସ କରନ୍ତି । ଗାଁରେ ସାମାଜିକ ରାଜନୈତିକ କାର୍ଯ୍ୟାବଳୀରେ ଏକତା ସଂହତି, ସଂଯୋଗ ଓ ନିରବଚ୍ଛିନ୍ନତା ଥାଏ । ମୋଟ ଉପରେ ଗାଁଟି ସବୁଦୃଷ୍ଟିରୁ ସ୍ୱାଧୀନ, ସ୍ୱୟଂଶାସିତ ଓ ସ୍ୱୟଂ ସଂପୂର୍ଣ୍ଣ ହୋଇଥାଏ । ସଉରା ଗାଁରେ ବାସ କରୁଥିବା ପରିବାରର ମୁଖ୍ୟ ସଦସ୍ୟ ମାନଙ୍କୁ ନେଇ ପାରଂପରିକ ଗ୍ରାମ ପରିଷଦ ଗଢ଼ା ହୋଇଥାଏ । ଏହାକୁ 'ବିରିନ୍ଦା - ନେତି' କୁହନ୍ତି । ଗ୍ରାମ ପରିଷଦର ନିର୍ଦ୍ଦିଷ୍ଟ ଭୂଖଣ୍ଡ ଓ ଦାୟିତ୍ୱ ରହିଥାଏ ।







ସଉରା ସମାଜର ମୁଖ୍ୟଙ୍କୁ ଗମାଙ୍ଗ ବା ନାଇକେ କୁହନ୍ତି । ପୂଜା ଆଦି କର୍ମ ସଂପାଦନ କରୁଥିବା ଧାର୍ମିକ ମୁଖ୍ୟଙ୍କୁ ବୁୟା, ଜାନି ବା କାର୍ଜୀ କୁହାଯାଏ । ଗାଁ ମୁଖିଆଙ୍କୁ କାମରେ ସାହଯ୍ୟ କରିବା ପାଇଁ ତାଙ୍କର ସହକାରୀ ଥାଆନ୍ତି । ତାଙ୍କୁ ମଣ୍ଡଳ ବା ଦଳବେହେରା କୁହନ୍ତି । ଖବର ସରବରାହ କାରୀ ବା ଡକାହକା କରି ଗ୍ରାମ ସଭାରେ ଲୋକଙ୍କୁ ଏକତ୍ରିତ କରୁଥିବା ଲୋକକୁ "ବାରିକ" କୁହାଯାଏ । ଦିଶାରୀ, ସମନ, କୁଡାନ ଓ ବେଜୁ ଆଦି ପଦପ୍ରାପ୍ତ ବ୍ୟକ୍ତି ମାନଙ୍କର ଜ୍ୟୋତିର୍ବିଦ୍ୟାରେ ପାଣ୍ଡିତ୍ୟ











ଥାଏ । ସେମାନେ ସାଧନା ବଳରେ ଭବିଷ୍ୟତରେ ଘଟିବାକୁ ଥିବା ଘଟଣା ସଂପର୍କରେ ଆଗରୁ ଜାଣିପାରନ୍ତି । ସେମାନଙ୍କର ଜ୍ଞାନ, ଅଭିଜ୍ଞତା ଓ ସେବା ମନୋଭାବ ଯୋଗୁଁ ସମାଜରେ ସେମାନଙ୍କ ପ୍ରାଧାନ୍ୟ ଥାଏ । ସେମାନଙ୍କୁ ସମସ୍ତେ ସମ୍ମାନ ଦିଅନ୍ତି । ଗମାଙ୍ଗ ଓ ବୁୟା ପଦବୀ ବଂଶାନୁକ୍ରମିକ ହୋଇଥାଏ ।


ଗ୍ରାମବିବାଦ ଓ ବିଚାରଯୋଗ୍ୟ ଘଟଣା ଗୁଡିକୁ ଗ୍ରାମ ପରିଷଦରେ ପରିବାର ସଦସ୍ୟ ଓ ଗ୍ରାମ ନେତୃବୃନ୍ଦଙ୍କ ଉପସ୍ଥିତିରେ ଗମାଙ୍ଗଙ୍କ ସଭାପତିତ୍ୱରେ ବିଚାର କରାଯାଏ । ଗ୍ରାମ ପରିଷଦରେ ବାର୍ଷିକ ପର୍ବପର୍ବାଣି ପାଳନର ଦିନ ଓ ସମୟ ଧାର୍ଯ୍ୟ କରାଯାଏ । ସମ୍ପତ୍ତି ଭାଗବଣ୍ଟା, ବିକ୍ରି ଓ ବନ୍ଧକ ଆଦିର ବିଚାର ହୁଏ । ବିବାହ, ଛାଡପତ୍ର, ଅବୈଧ ସଂପର୍କ ସ୍ଥାପନ ଓ ଅନ୍ୟାନ୍ୟ ସାମାଜିକ ପ୍ରଥା ପରଂପରାଗତ ଆନୁଷଙ୍ଗିକ ଘଟଣାବଳୀର ବିଚାର କରାଯାଏ । ସଭାରେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅଧିକାଂଶଙ୍କ ମତ ଉପରେ ନୁହେଁ, ବରଂ ସମସ୍ତଙ୍କ ସହମତିକୁ ଆଧାର କରି ସିଦ୍ଧାନ୍ତ ନିଆଯାଏ । ଦୋଷୀକୁ ଦଣ୍ଡ ଦିଆଯାଏ । ଜୋରିମାନା ଆକାରରେ ନଗଦ ଟଙ୍କା ଓ ମଦ, ଛେଳି, କୁକୁଡା ଆଦି ଦେବାକୁ ହୁଏ । ଦେବତା ଓ ଭୂତାଦି ଅପଶକ୍ତି ଉଦ୍ଦେଶ୍ୟରେ ବଳି ଦିଆଯାଏ । ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଗୋଷ୍ଠୀସଦସ୍ୟଙ୍କୁ ଗୋଷ୍ଠୀଭୋଜିରେ ଆପ୍ୟାୟିତ କରେ ।



ନିକଟ ଅତୀତରେ ଗାଁ ମୁଖିଆମାନେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ । ଗାଁର ଆଇନ ଶୃଙ୍ଖଳା, ଶାନ୍ତିରକ୍ଷା ଓ ସ୍ୱଚ୍ଛ ଶାସନଗତ ପରିଚାଳନାର ମୁଖ୍ୟ ହିସାବରେ ଗାଁ ମୁଖିଆଙ୍କ ଖାତିର ଓ ଆଧିପତ୍ୟ ଥିଲା । ଅନ୍ୟ ମୁଖିଆମାନେ ମଧ୍ୟ ଗାଁର ସାଂସ୍କୃତିକ, ଧାର୍ମିକ ଓ ଅର୍ଥନୈତିକ ଆଦି କାର୍ଯ୍ୟକ୍ରମରେ ନିଜର ଆଧିପତ୍ୟ ବିସ୍ତାର କରୁଥିଲେ । ଗଣତାନ୍ତ୍ରିକ ପଞ୍ଚାୟତରାଜ ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନ ଓ ପ୍ରଚଳନ ପରେ ଆଉ ସେ ଅବସ୍ଥା ନାହିଁ । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେଉଛି । ପଞ୍ଚାୟତରାଜ ଶାସନ ବ୍ୟବସ୍ଥା ପୁରୁଣା ଶାସନକୁ ବଦଳେଇ ଦେଇଛି ।









ନାନ୍ଦନିକତା


ବହୁବର୍ଣ୍ଣା ନୃତ୍ୟ, ସ୍ୱତନ୍ତ୍ର ବାଦ୍ୟ ଓ କାନ୍ଥ ଚିତ୍ର ସଉରାମାନଙ୍କ ରୁଚିପୂର୍ଣ୍ଣ ଜୀବନବୋଧର ଚିତ୍ର ପ୍ରଦର୍ଶିତ କରେ । ଚିତ୍ରକଳାରେ ପ୍ରତିଫଳିତ ହେଉଥିବା କଳା ଓ କଳ୍ପନାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁଁ ସେମାନଙ୍କ ଚିତ୍ରକଳା ଦେଶ ବିଦେଶର ଚିତ୍ରଶିଳ୍ପୀ ମାନଙ୍କଦ୍ୱାରା ବେଶ୍ ଆଦୃତ ହୋଇପାରିଛି ।








ସଉରାମାନେ କଳାପ୍ରିୟ । ସେମାନଙ୍କର କଳା କୌଶଳ କେବଳ କାନ୍ଥଚିତ୍ରରେ ପ୍ରଦର୍ଶିତ ହୁଏନାହିଁ ବରଂ ବାଦ୍ୟ ଓ ନୃତ୍ୟରେ ମଧ୍ୟ ତା'ର ପ୍ରତିଫଳନ ଦେଖାଯାଏ । ପ୍ରତିଟି ସଉରା ଜଣେ ଜଣେ ସଫଳ ବାଦ୍ୟଶିଳ୍ପୀ । ତତ୍‌କାଳ ସଙ୍ଗୀତ ସଂଯୋଜନା କରି ତାକୁ ସ୍ୱରଦେବାରେ ସେମାନେ ବେଶ୍ ଅଭିଜ୍ଞ । ପୁରୁଷ ଓ ମହିଳା ଉଭୟେ ସଙ୍ଗୀତ ଓ ନୃତ୍ୟକଳାରେ ପାରଙ୍ଗମ । ସଙ୍ଗୀତ ଓ ନୃତ୍ୟ ସେମାନଙ୍କର ସହଜାତ ଗୁଣ ଓ ପ୍ରାକୃତିକ ଅଭ୍ୟାସ । ସେମାନଙ୍କ ସଙ୍ଗୀତରେ ପ୍ରେମପ୍ରବଣତା ଓ ଆନନ୍ଦ ଭାବ ରହିଥାଏ । ସଙ୍ଗୀତର ଭାବକୁ ଅନୁଭବ କଲେ ପ୍ରାଣ ଉଲ୍ଲସିତ ହୋଇଉଠେ ।











ସଉରାମାନେ ସମବେତ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟ ପରିବେଷଣ କଳାରେ ବାଦ୍ୟର ତାଳ ସହିତ ତାଳଦେଇ ନର୍ତ୍ତକୀମାନେ ପରସ୍ପର ଆଡକୁ ଆସନ୍ତି ଓ ଯାଆନ୍ତି । ନାଚିବା ସମୟରେ ସେମାନେ ସୁନ୍ଦର ଓ ରଙ୍ଗୀନ ପୋଷାକ ପରିଚ୍ଛଦ ପିନ୍ଧିଥାନ୍ତି । ମୁଣ୍ଡରେ କୁକୁଡା ପର ଖୋଷିଥାନ୍ତି । ହାତରେ ମୟୂର ଶିଖ ଧରିଥାନ୍ତି । ସେମାନଙ୍କର ସୁସଜ୍ଜିତ ବେଶଭୂଷା ଅତି ରୁଚିକର ହୋଇଥାଏ । ପୁରୁଷମାନେ ମୁଣ୍ଡରେ ସୂତା ବା ସିଲ୍‌କ ନିର୍ମିତ ରଙ୍ଗୀନ ଟୋପି ପିନ୍ଧି ଛାତି ଚାରିପଟେ ଲମ୍ବ ନାଲିକପଡା ଗୁଡେଇଥାନ୍ତି । ନୃତ୍ୟରତ ସମୟରେ ହାତରେ ବାଡି, ଛତା, ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ ଧରିଥାନ୍ତି । ଏହି ସମୟରେ ସେମାନେ ହୁଇସିଲ ବଜାଇବା ସହିତ କଉଡୁକିଆ ଶବ୍‌ଦ କରି ଆନନ୍ଦରେ ଚିଲେଇ ଉଠନ୍ତି ।

ସଉରାମାନେ ବିଭିନ୍ନ ବାଦ୍ୟଯନ୍ତ୍ର ବଜାନ୍ତି । ସେସବୁ ହେଲା - ସାନ ଓ ବଡ ବିଭିନ୍ନ ଆକୃତିର ଡ୍ରମ୍, ବଂଶୀ, ନଳୀବାଦ୍ୟ, କରତାଳ ବା ଗିନି, ମିଶ୍ରଧାତୁ ନିର୍ମିତ ଘଣ୍ଟି, ତୂରୀ ଇତ୍ୟାଦି । ଏହା ବ୍ୟତୀତ ପିତ୍ତଳ ଗିନି, ନଳୀବାଦ୍ୟ, ପିତ୍ତଳ ତୂରୀ, ପିତ୍ତଳ ଘଣ୍ଟ ମଧ୍ୟ ବଜାଯାଏ । କେତେକ କୃଷିଭିତ୍ତିକ ପର୍ବପର୍ବାଣିରେ ସେମାନେ ସାଧାରଣତଃ ଉଚ୍ଚ ଶବ୍‌ଦ ସୃଷ୍ଟି କରି କୋଳାହଳମୟ ଧ୍ୱନି ଅଥବା ଘାତ ପ୍ରତିଘାତ ସୃଷ୍ଟି କରି ପାରୁଥିବା ବାଦ୍ୟଯନ୍ତ୍ର ବଜାନ୍ତି ।

ବିବାହ ଉତ୍ସବରେ ସାରଙ୍ଗି ଓ ବେହେଲା ଏକ ଲୋକପ୍ରିୟ ବାଦ୍ୟ । ଗୋଟିଏ ମୋଟା ବାଉଁଶ କାଣ୍ଡରେ ଦୁଇଟି ତା'ର ସଂଯୁକ୍ତ



























ଜରାଯାଇ ସାରଙ୍ଗି ବାଦ୍ୟ ତିଆରି ଜରାଯାଇଥାଏ । ଏଥିରେ ପ୍ରତିଧ୍ୱନିକାରକ ନଡିଆର ଅଧା ପଜେଇଟିଏ ଘୋଡା ହୋଇଥାଏ । ସାରଙ୍ଗିରେ ଯୋଡାଯାଇଥିବା ଦୁଇଟି ତାର ଧନୁଆକୃତିର ଅନ୍ୟଏକ ତାର ଙ୍ଗଯୁକ୍ତ ବାଙ୍କୁଲାରେ ଏପଟରୁ ସେପଟକୁ ଘର୍ଷଣ ଦ୍ୱାରା କର୍ଣ୍ଣରୋଚକ ଓ ଆନନ୍ଦଦାୟୀ ଶବ୍ଦ ପ୍ରତିଧ୍ୱନିତ ହୁଏ । ଗିତାଉପରି ଆଉ ଏକ ପ୍ରକାର ଦୁଇତାର ଙ୍ଗଯୁକ୍ତ ବାଉଁଶ ଜାଷ୍ଟର ବାଦ୍ୟ ଥାଏ । ଏଥିରେ ପ୍ରତିଧ୍ୱନି ସୃଷ୍ଟିକାରୀ ଦୁଇଟି ଲାଉଚୁମ୍ବା ଲାଗିଥାଏ ।

ବିବାହ ଉତ୍ସବରେ ବୃଟୀୟ ଲୋକ ପ୍ରିୟ ବାଦ୍ୟ ହେଉଛି ଚେର୍‌ଚେରା ଏହା ଖଣ୍ଡେ ବାଉଁଶର ଗୋଟିଏ ପବରେ ତିଆରି ହୋଇଥାଏ । ଗୋଲାକାର ବାଉଁଶ ଖଣ୍ଡଟିର କିଛି ଅଂଶ ଲମ୍ବ ଭାବରେ ଚିରାଯାଇଥାଏ । ମଝି ଅଂଶକୁ ଖଣ୍ଡେ ବାଡିରେ ଆଘାତ କଲେ ତାହା ତରଙ୍ଗାୟିତ ହୁଏ । ତାହାକୁ ଘଷିବା ଫଳରେ ସେଥିରୁ ଏକ ପ୍ରକାର ଜର୍ଜଣ ଶବ୍ଦ ନିଃସୃତ ହୁଏ ।





ପରିବର୍ତ୍ତନ




କେଉଁ ଅତୀତରୁ ଆଜିଯାଏ ସଉରାମାନେ ସେମାନଙ୍କ ପାହାଡିଆ ବସତି ଅଂଚଳରେ ଶାନ୍ତିଶୃଙ୍ଖଳାର ସହ ବସବାସ କରିଆସୁଛନ୍ତି । ଆଧୁନିକ କାଳରେ ପ୍ରାଶାସନିକ ଢାଞ୍ଚାରେ ବହୁଳ ପରିବର୍ତ୍ତନ ହୋଇଛି । ରାଜନୈତିକ ବାତାବରଣ ବଦଳିଛି । ବାହ୍ୟ ଦୁନିଆର ଚଳଣି ସହିତ ସେମାନେ ନିଜକୁ ସାମିଲ୍ କରିଛନ୍ତି । ଏହା ଦ୍ୱାରା ସେମାନଙ୍କର ଜୀବନଶୈଳୀ ବଦଳି ଯାଇଛି । ଜମିଦାରୀ ଶାସନ ଅମଳରେ ସେମାନେ ଶୋଷଣର ଶିକାର ହେଉଥିଲେ । ଏବେ ମୁକ୍ତ ଓ ସ୍ୱାଧୀନ ଜୀବନ ବିତାଉଛନ୍ତି ।











ସ୍ୱାଧୀନତା ପରବର୍ତ୍ତୀ କାଳରେ ଜନମଙ୍ଗଳ ରାଷ୍ଟ୍ରର ସରକାର ଅବହେଳିତ ଜନଜାତି ମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ବହୁ ପଦକ୍ଷେପ ନେଇଛନ୍ତି । ସଉରାମାନଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରତିକାରାତ୍ମକ ଓ ଉନ୍ନୟନ ମୂଳକ ସରକାରୀ ଯୋଜନା ପ୍ରଣୟନ ଦ୍ୱାରା ସେମାନେ ବହୁଳ ଭାବରେ ଉପକୃତ ହେଉଛନ୍ତି । ବାହାର ଦୁନିଆର ସଂସ୍ପର୍ଶରେ ଆସି







ପରିବର୍ତ୍ତିତ ସାମାଜିକ ଜୀବନଧାରା ସହିତ ଓତଃପ୍ରୋତଃ ଭାବରେ ଜଡିତ ହୋଇ ଧୀରେ ଧୀରେ ବଦଳିବାରେ ଲାଗିଛନ୍ତି । ସଂପ୍ରତି ପ୍ରଗତିଶୀଳ ସଶକ୍ତ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଶକ୍ତିର ସମାହାର ଏ ଦିଗରେ ଯଥେଷ୍ଟ ସହାୟତା ପ୍ରଦାନ କରୁଛି ।



ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଦିବାସୀ ଉପଯୋଜନା କାର୍ଯ୍ୟକାରୀ ହେଲା । ଓଡ଼ିଶାରେ ବସବାସ କରୁଥିବା ୧୩ ପ୍ରକାରର ଆଦିମ ଜନଜାତିଙ୍କ ମଧ୍ୟରେ ସଉରା ଅନ୍ୟତମ ବୋଲି ଚିହ୍ନିତ ହେଲା । ସେମାନଙ୍କର ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାର ତୁୟା ଓ ଗଜପତି ଜିଲ୍ଲାର ଚନ୍ଦ୍ରଗିରି ଠାରେ ଦୁଇଟି ଅଣୁ ପ୍ରକଳ୍ପ କାର୍ଯ୍ୟ କରୁଛି । ସଉରା ମାନେ ବାସ କରୁଥିବା ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ଭିତରେ ଥିବା ଅଂଚଳ ଏହି ଯୋଜନାର ଅନ୍ତର୍ଭୁକ୍ତ । ସଉରା ମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଏହି ଯୋଜନାର ମୂଳ ଲକ୍ଷ୍ୟ । ଆଦିମ ସ୍ତରରୁ କ୍ରମଶଃ ଉନ୍ନୀତ ହୋଇ ପୋଡୁଚାଷ ଅଥବା ପାରଂପରିକ ପଦ୍ଧତିରେ ଚାଷ ନକରି ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରିବା ପାଇଁ ସରକାରୀ ଉଦ୍ୟମ ଓ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରକ୍ରିୟା ଜାରି ରହିଛି ।


ଅଣୁ -ପ୍ରକଳ୍ପ, ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସଉରା ମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ବହୁ ଆୟ ବୃଦ୍ଧିକାରୀ ଯୋଜନା ପ୍ରଣୟନ କରୁଛନ୍ତି । ଏଥିପାଇଁ ଅତ୍ୟାବଶ୍ୟକ ମୌଳିକ ଭିତ୍ତିଭୂମିର ବିକାଶ କରାଯାଉଛି । ସେ ସବୁ ଅଂଚଳରେ ରାସ୍ତାଘାଟ ନିର୍ମାଣ, ଗମନାଗମନର ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଓ ପାନୀୟ ଜଳର ବନ୍ଦୋବସ୍ତ ପାଇଁ ଧ୍ୟାନ ଦିଆଯାଉଛି । ସାମାଜିକ ମୁଖ୍ୟ ଜୀବନସ୍ରୋତ ସହ ଏମାନଙ୍କୁ ସାମିଲ କରିବାର ସ୍ୱପ୍ନ












ରହିଛି । କୃଷି, ମୃତ୍ତିକା ସଂରକ୍ଷଣ, ଜଳ ସେଚନ, ଉଦ୍ୟାନ କୃଷି, ପାନୀୟ ଜଳ ଯୋଗାଣ, ଓ ଗୃହ ନିର୍ମାଣ ଆଦି ସୁଦୂର ପ୍ରସାରୀ ଯୋଜନା ଗୁଡିକୁ ଲୋକମାନେ ବିନା ପ୍ରତିବାଦରେ ଗ୍ରହଣ କରୁଛନ୍ତି । ଏସବୁ ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି ।

ସେମାନେ ପାରଂପରିକ କୃଷି ପଦ୍ଧତି ଓ ପୋଡୁଚାଷ ଉପରେ ଆଉ ନିର୍ଭର ନକରି ଆଧୁନିକ ବିଜ୍ଞାନ ସମ୍ମତ କୃଷି ପଦ୍ଧତିକୁ ଗ୍ରହଣ କଲେଣି । କେବଳ ଜୀବନ ଧାରଣ ପାଇଁ ନୁହେଁ ବରଂ ଏହା ଏକ ଲାଭଦାୟକ ବିକଳ୍ପ ହୋଇଛି । ସଉରାମାନେ ଆଧୁନିକ ପ୍ରଣାଳୀରେ କୃଷି କରିବା ସହିତ, ଉଦ୍ୟାନ କୃଷି ଓ କାକୁ ଚାଷ କରି ବହୁ ଲାଭବାନ୍ ହେଉଛନ୍ତି । ପାହାଡ ଗଡାଣିରେ ଓ ପରିତ୍ୟକ୍ତ ଶୁଷ୍କ ଅଣଉତ୍ପାଦିତ ଜମିରେ କାକୁଚାଷ କରିବା ପାଇଁ ଅଣୁ ପ୍ରକଳ୍ପ କାର୍ଯ୍ୟାଳୟ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛି । ପାରଂପରିକ ଅଜ୍ଞତା ଓ ବିଶ୍ୱାସର ଖୋଳପା ଭିତରୁ ପଦାକୁ ବାହାରି ଆସି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମୂହ ଦ୍ୱାରା ବିଶେଷ ଲାଭବାନ୍ ହେଉଛନ୍ତି । ରାଜନୈତିକ ପରିବର୍ତ୍ତନର ପ୍ରଭାବ, ନିର୍ବାଚନ ମଇଦାନ୍‌ରେ ଯୁବନେତୃତ୍ୱକୁ ଅଗ୍ରାଧିକାର ଦିଆଯାଉଛି । ରାଜ୍ୟର ରାଜନୈତିକ ପାଣିପାଗ ଓ ଧାରା ବଦଳିଛି । ଅନୁସୂଚିତ ଜନଜାତି ମାନଙ୍କଠାରେ ନେତୃତ୍ୱ ନେବାର ମାନସିକତା ଚେଇଁ ଉଠିଲାଣି ।





ପୃଷ୍ଠଭୂମି

ଜନପଦଠାକୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସନ୍ନିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚ୍ଛଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

ବିଶ୍ୱର କୁମାର ନାୟକ
ସଦସ୍ୟ ସଚିବ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍‌ସଲ୍‌ଟାନ୍ସି